ବିବାହିତର ବ୍ରହ୍ମଚର୍ଯ୍ୟ

ଅଖଣ୍ଡମଣ୍ଡଳେଶ୍ୱର

ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ

ଉପଦେଶ ବାଣୀ

ওঁ

ବିବାହିତର ବ୍ରହ୍ମଚର୍ଯ୍ୟ

ଅଖଣ୍ଡମଣ୍ଡଳେଶ୍ୱର

ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଦେବ

ଭାରତବର୍ଷ ଫେର୍ ଉଠିବ,
ଜାଗିବ ପୁଣି ସେ ନିଶ୍ଚିତ,
କ୍ଷଣକର ଏହି ପତନ-ଦୃଶ୍ୟେ
ଚିତ ମୋର ନୁହେଁ ଭୀତ ।
ଜାଣେ ମୁହିଁ ପୁନଃ ବ୍ରହ୍ମଚର୍ଯ୍ୟେ
ଲଭିବ ଭାରତ ଲୁପ୍ତ ମାନ,
ଲଭିବ ବ୍ରଜ-ବୀର୍ଯ୍ୟ, ଶୌର୍ଯ୍ୟ,
କର୍ମ-କୀର୍ତ୍ତି-ଦୀପ୍ତ ପ୍ରାଣ ।
ବର୍ତ୍ତମାନର ଦଗ୍‌ଧ ଜଠରେ ଜନ୍ମ
ଲଭିବ ଭବିଷ୍ୟତ,
ମୁକ୍ତି ଯାହାର ବିଶ୍ୱତୋମୁଖ, ଶୁଦ୍ଧ,
ମହତ୍, ସୁବୃହତ୍ ।

-ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ-

All rights reserved by :

AYACHAK ASHRAM

Swarupananda Street
Varanasi - 1

ପ୍ରକାଶକ :
ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ
ପ୍ଲଟ୍ ନଂ-୧୭୮,ରୋଡ୍ ନଂ - ୮
ଇଉନିଟ୍ - ୯,ଭୁବନେଶ୍ୱର

ପ୍ରାପ୍ତିସ୍ଥାନ :
ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ
ପ୍ଲଟ୍ ନଂ-୧୭୮, ରୋଡ୍ ନଂ - ୮
ଇଉନିଟ୍ - ୯,ଭୁବନେଶ୍ୱର

ପ୍ରକାଶନ :
ଶ୍ରୀଗୁଣ୍ଡିଚା ୨୦୧୦

୩ୟ ମୁଦ୍ରଣ(୫୦୦ଖଣ୍ଡ)

ମୁଦ୍ରଣ :
ପ୍ରିଣ୍ଟର୍ସ କ୍ରାଫଟ୍
ବି - ୪୧,ସହିଦ ନଗର,ଭୁବନେଶ୍ୱର
ମୋ : ୯୩୩୮୨୦୯୦୭୧

ମୂଲ୍ୟ : ଟ.୮୦/- (ଅଶୀ ଟଙ୍କା ମାତ୍ର)

ଉତ୍ସର୍ଗ

ଯାହାଙ୍କ ଭଳି ତପସ୍ୱୀ, ପୂତଚରିତ, ପରିହିତବ୍ରତ ମହାପୁରୁଷଙ୍କର ପୁରୁଷାନୁକ୍ରମିକ ସାଧନରେ ପୁଷ୍ଟ ଗୌରବମୟ ସୁପବିତ୍ର ବଂଶରେ ଜନ୍ମଗ୍ରହଣ କରି ନଥିଲେ ମୁଁ ବର୍ତ୍ତମାନର ସୌଭାଗ୍ୟାନ୍ୱିତ ଆନନ୍ଦମୟ ଜୀବନ ଲାଭ କରିବାକୁ ଅସମର୍ଥ ହୋଇଥାନ୍ତି, ଯାହାଙ୍କ ଜୀବନର ଅତୁଳନୀୟ ପରାର୍ଥପରତା, ଭଗବଦ୍‌ଭକ୍ତି ଓ ଅସାମ୍ପ୍ରଦାୟିକତା ମୋର ସମଗ୍ର ଜୀବନର ମୂଳଭିତ୍ତିକୁ ସୁଦୃଢ଼ କରିଅଛି ।

ପରମହଂସ ଶ୍ରୀ ଶ୍ରୀ ଭୋଲାନନ୍ଦ ଗିରି ମହାରାଜ ଯାହାଙ୍କୁ "କଳିଯୁଗର ବଶିଷ୍ଠ" ଆଖ୍ୟା ପ୍ରଦାନ କରିଥିଲେ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାଶ ଯାହାଙ୍କୁ ପିତୃତୁଲ୍ୟ ଜ୍ଞାନ କରୁଥିଲେ

ରାଜର୍ଷି ଜନକ ତୁଲ୍ୟ ବ୍ରହ୍ମଜ୍ଞ ଓ
ଭକ୍ତରାଜ ପ୍ରହ୍ଲାଦ ତୁଲ୍ୟ ପ୍ରେମିକ,
ସେହି ପ୍ରାତଃସ୍ମରଣୀୟ ପୁଣ୍ୟଶ୍ଳୋକ ମହାତ୍ମା
ପରମ ପୂଜନୀୟ ପିତାମହ ଦେବ
ଶ୍ରୀଯୁକ୍ତ ହରିହର ଗଙ୍ଗୋପାଧ୍ୟାୟ
ମହାଶୟଙ୍କ ଶ୍ରୀ ଚରଣାରବିନ୍ଦରେ
ଭକ୍ତି ସହକାରେ ଉତ୍ସର୍ଗୀକୃତ ହେଲା ।

ଦୋଳପୂର୍ଣ୍ଣିମା
୧୯୨୬ ମସିହା

—ଇତି—
ପ୍ରଣତ
ଗ୍ରନ୍ଥକାର

ଉପହାର

ପ୍ରେମ ବିନା ଜୀବନର
ସବୁ ଅନ୍ଧକାର
ଚିତ୍ତ ଶୁଦ୍ଧି ବିନା ପ୍ରେମ
ହୁଏ ମିଥ୍ୟାଚର
ସାଧନ ବିହୀନ ଶୁଦ୍ଧି
ବୃଥା ପଣ୍ଡଶ୍ରମ
ନ ହୁଏ ସାଧନ
ବିନା ଇନ୍ଦ୍ରିୟ-ସଂଯମ

-ଶ୍ରୀ ଶ୍ରୀ ସ୍ୱରୂପାନନ୍ଦ-

ଶ୍ରୀମତୀ/ଶ୍ରୀ ______________________________

____

ବିନମ୍ର ନିବେଦନ

କେହି କେହି ମନେ କରି ପାରନ୍ତି ଯେ "ବିବାହିତର ବ୍ରହ୍ମଚର୍ଯ୍ୟ" ପ୍ରସଙ୍ଗ ଆକାଶକୁସୁମ ବା ଘୋଡ଼ାଡ଼ିମ୍ବ ପରି ଏକ ଉଦ୍ଭଟ କଳ୍ପନା ବା ଅବାସ୍ତବ କଥା ଏବଂ ବର୍ତ୍ତମାନ ଆମ ସମାଜରେ ଏଭଳି ମନୋଭାବାପନ୍ନ ବ୍ୟକ୍ତିଙ୍କ ସଂଖ୍ୟା ଯେ ଖୁବ୍ କମ୍ ନୁହେଁ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ କଥା କଥାକେ ବିବାହିତ ଜୀବନକୁ ଗାର୍ହସ୍ଥ୍ୟାଶ୍ରମ ବୋଲି କୁହାଯାଉଥିଲେ ମଧ୍ୟ ଆମ ସମାଜରେ ଅଧିକାଂଶଙ୍କ ମନରେ ଏକ ବଦ୍ଧମୂଳ ଧାରଣା ବହୁକାଳରୁ ରହି ଆସିଛି ଯେ ବିବାହିତଜୀବନ ଗ୍ରହଣ ଇନ୍ଦ୍ରିୟ ପରିତୃପ୍ତିର ଏକ ସହଜ ଉପାୟ ମାତ୍ର, ତା' ଛଡ଼ା ଏହାର ଆଉ କୌଣସି ମହତ୍ତର ଉଦ୍ଦେଶ୍ୟ ନାହିଁ ବା ଥାଇ ନପାରେ । ତେଣୁ "ବିବାହିତର ବ୍ରହ୍ମଚର୍ଯ୍ୟ" କହିଲେ ତାହା ଲଙ୍କାରେ ରାମ ନାମ ପରି କାହାରି କାହାରି କର୍ଣ୍ଣରସାୟନ ନ ହେବା ବା ନାସିକାକୁଞ୍ଚନର ହେତୁ ହେବା ଆଦୌ ବିଚିତ୍ର ନୁହେଁ । ତଥାପି ରାମ ନାମ ଯେପରି ସ୍ୱକୀୟ ମହିମାରେ ମହିମାନ୍ୱିତ, ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ପ୍ରଣୀତ "ବିବାହିତର ବ୍ରହ୍ମଚର୍ଯ୍ୟ" ଗ୍ରନ୍ଥ ସେହିପରି ସ୍ୱକୀୟ କୌଳିନ୍ୟରେ ଗୌରବୋଜ୍ଜ୍ୱଳ, ଏହା ଦିବାଲୋକ ପରି ସତ୍ୟ । କାରଣ ଦାମ୍ପତ୍ୟ ଜୀବନରେ ଅମୃତସଂଜନନର କୌଶଳ ତଥା ଭାବୀବଂଶଧରମାନଙ୍କ ଜୀବନରେ ଦେବତ୍ୱସଂଚରଣର ଉପାୟ ଏ ଗ୍ରନ୍ଥରେ ଅତି ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯାଇଛି । କେବଳ ସେତିକି ନୁହେଁ, ଗ୍ରନ୍ଥକାର ଧ୍ୟାନଯୋଗ ବଳରେ ସନ୍ନ୍ୟାସୀର ଅନଧିଗମ୍ୟ ଦାମ୍ପତ୍ୟ ଜୀବନରେ ପ୍ରବେଶ କରି ସ୍ୱାର୍ଥ-ସଂଶ୍ରବହୀନ ଚିତ୍ତାଭିନିବେଶ ଫଳରେ ସେହି ରହସ୍ୟମୟ ଜଗତର ବିଭିନ୍ନସ୍ଥାନ ସମ୍ପର୍କରେ ଯେଉଁ ଦିବ୍ୟ ଅନୁଭୂତି ଲାଭ କରିଛନ୍ତି, ଜଗନ୍ମଙ୍ଗଳ-ସଂକଳ୍ପରଢ଼ ହୋଇ ତାହା ସେ ଏହି ଗ୍ରନ୍ଥ ମାଧ୍ୟମରେ ଜନସାଧାରଣଙ୍କୁ ଅକାତରେ ବିତରଣ କରି ଦେଇ ଯାଇଛନ୍ତି । ତେଣୁ ଏ କଥା ଦୃଢ଼ ଭାବରେ କୁହାଯାଇପାରେ ଯେ

ଉପାଦେୟତା ଦୃଷ୍ଟିରୁ ଏଗ୍ରନ୍ଥ ଅନନ୍ୟସାଧାରଣ ।

୧୯୬୮ ମସିହାରେ ଏ ଗ୍ରନ୍ଥର ସପ୍ତମ ସଂସ୍କରଣ ବଙ୍ଗ ଭାଷାରେ ପ୍ରକାଶିତ ହୋଇଥିଲା ଯାହାକି ବହୁ ଉପନ୍ୟାସ ଭାଗ୍ୟରେ କ୍ୱଚିତ ଜୁଟେ କି ନାହିଁ ସନ୍ଦେହ । କେବଳ ସେତିକି ନୁହେଁ, ଭାରତରେ ବହୁଳ ପ୍ରଚାରିତ **"ଆନନ୍ଦବଜାର ପତ୍ରିକା"** ଏହି ଗ୍ରନ୍ଥ ସମ୍ବନ୍ଧରେ ମତାମତ ବ୍ୟକ୍ତ କରି ଲେଖିଛନ୍ତି -

"ଆଜିକାଲି ଯୌନ ସାହିତ୍ୟରେ ନାନା ଗ୍ରନ୍ଥ ଲିଖିତ ହୋଇଥିଲେ ମଧ୍ୟ ସେଗୁଡ଼ିକ ପ୍ରାୟ ସତ୍ ସାହିତ୍ୟ ପର୍ଯ୍ୟାୟରେ ପଡନ୍ତି ନାହିଁ । ଆଲୋଚ୍ୟ ଗ୍ରନ୍ଥଟି ସଂପୂର୍ଣ୍ଣ ସ୍ୱତନ୍ତ୍ର ଧରଣର। ଏଥିରେ ସଂଯମର ଉଚ୍ଛୃଙ୍ଖଳତାକୁ ଆଦୌ ପ୍ରଶ୍ରୟ ଦିଆଯାଇନାହିଁ, ଦାମ୍ପତ୍ୟ ଜୀବନକୁ ଉନ୍ନତ କରି ନରନାରୀଙ୍କୁ ସାଧନ ପଥରେ ଅଗ୍ରସର କରାଇବା ଉଦ୍ଦେଶ୍ୟରେ ଏହା ଲିଖିତ । ଗ୍ରନ୍ଥଟି ଆଦ୍ୟୋପ୍ରାନ୍ତ ପ୍ରାଞ୍ଜଳ ଓ ଚିତ୍ତାକର୍ଷକ । ଯୌନରହସ୍ୟକୁ ଅବଲମ୍ବନ କରି ଲେଖକ ମାନବ ଜୀବନ ସମ୍ବନ୍ଧରେ ବହୁ ପ୍ରୟୋଜନୀୟ ଉପଦେଶ ଲିପିବଦ୍ଧ କରିଛନ୍ତି । ଲେଖକ ନିଜେ ବ୍ରହ୍ମଚାରୀ ଓ ସାଧନମାର୍ଗର ପଥିକ । ଆଧୁନିକ ଚିନ୍ତାଧାରା ସହିତ ସେ ପରିଚିତ । ତାଙ୍କର ମତାମତଗୁଡ଼ିକ ସଂକୀର୍ଣ୍ଣତା-ପ୍ରମୁକ୍ତ । ବିବାହିତ ଜୀବନ ଯଥାର୍ଥ ପ୍ରତିପାଳିତ ହେଲେ ବଂଶର ଉନ୍ନତି ଓ ଜାତିର କଲ୍ୟାଣ ଯେ ସାଧିତ ହେବ - ଏହି ବାଣୀ ସେ ଏ ଗ୍ରନ୍ଥରେ ପ୍ରଚାର କରିବାକୁ ପ୍ରୟାସୀ ହୋଇଛନ୍ତି ।"

ଶାସ୍ତ୍ରବିଶ୍ୱାସୀ ବଙ୍ଗାଳୀ ହିନ୍ଦୁଙ୍କ ମଧ୍ୟରେ ସର୍ବାପେକ୍ଷା ଅଧିକ ସମାଦୃତ ପତ୍ରିକା ଦୈନିକ ବସୁମତୀ ଲେଖିଛନ୍ତି -

"ଭାବର ସ୍ୱଚ୍ଛତାରେ, ଆଲୋଚନାର ସରଳତାରେ, ଭାଷାର ପ୍ରାଞ୍ଜଳତାରେ ତଥା କଲ୍ୟାଣବୃଦ୍ଧିର ପ୍ରାଚୁର୍ଯ୍ୟରେ ଏହି ଗ୍ରନ୍ଥଟି ଅପୂର୍ବ ଓ ଅତୁଳନୀୟ କୃତିତ୍ୱ

ସହକାରେ ଗ୍ରନ୍ଥକାର ସମଗ୍ର ଜାତିକୁ ଶାସ୍ତ୍ରସମ୍ମତ ସଂଯମମାର୍ଗରେ ପରିଚାଳିତ କରିବାକୁ ପ୍ରୟାସ କରିଛନ୍ତି । ବିବାହିତ ତଥା ବିବାହାର୍ଥୀ ନାରୀପୁରୁଷ ଏହି ଗ୍ରନ୍ଥରୁ ପ୍ରଭୂତ ମନୋବଳ ଓ ଉତ୍ସାହ ଲାଭ କରିପାରିବେ । ଭୋଗସର୍ବସ୍ୱ ସମାଜରେ ସଂଯମପ୍ରତିଷ୍ଠା ସାଧନ ଦିଗରେ ଏହି ଗ୍ରନ୍ଥ ଯଥେଷ୍ଟ ସହାୟତା ଦେବ"

ଭୋଗସର୍ବସ୍ୱ ସମାଜର ପ୍ରତପ୍ତ ଗାତ୍ରରେ ସଂଯମର ଚନ୍ଦନ ପ୍ରଲେପ ଲେପିବା ଦିଗରେ ଯେଉଁ ଏକ ସଫଳ ପ୍ରଚେଷ୍ଟା ବୋଲି ଉଚ୍ଛ୍ୱସିତ ଅଭିନନ୍ଦିତ ହୋଇ ଭାରତୀୟ ଗାର୍ହସ୍ଥ୍ୟ ସାହିତ୍ୟର ମୁକୁଟମଣି ଆଖ୍ୟା ଲାଭ କରିପାରିଛି ଯୁଗୋପଯୋଗିତା ଦୃଷ୍ଟିରୁ ତାହା ଯେ ଅପୂର୍ବ ଓ ଅତୁଳନୀୟ ଏଥିରେ ସନ୍ଦେହର ଲେଶମାତ୍ର ଅବକାଶ ରହି ନପାରେ ।

ଗ୍ରନ୍ଥାକାରଙ୍କର ଅନ୍ୟାନ୍ୟ ଗ୍ରନ୍ଥର ବର୍ଣ୍ଣନା ଶୈଳୀ ସହିତ ଏ ଗ୍ରନ୍ଥର ବର୍ଣ୍ଣନା ଶୈଳୀ ତୁଳନା କଲେ ଯେ କେହି ସ୍ପଷ୍ଟ ହୃଦୟଙ୍ଗମ କରିପାରିବେ ଯେ ଅନ୍ୟାନ୍ୟ ଗ୍ରନ୍ଥୋକ୍ତ ଉପଦେଶଗୁଡ଼ିକୁ ଗ୍ରନ୍ଥାକାର ସନ୍ଦେଶ ବା ମିଠେଇ ଆକାରରେ ପ୍ରସ୍ତୁତ କରି ସତେ ଯେପରି ପାଠକଙ୍କ ରସନା ଉପରେ ଥୋଇ ଦେଉଛନ୍ତି ଯାହାଫଳରେ ଗଳାଧଃକରଣ ସଙ୍ଗେ ସଙ୍ଗେ ରସ ଆସ୍ୱାଦନ ମଧ୍ୟ ସହଜରେ ହୋଇପାରୁଛି । କିନ୍ତୁ ଆଲୋଚ୍ୟ ଗ୍ରନ୍ଥରେ ଗ୍ରନ୍ଥକାର ଦାମ୍ପତ୍ୟ ଜୀବନର ସଂଗୁପ୍ତ ବିଷୟଗୁଡ଼ିକୁ ପରମାର୍ଥ ରସରେ ରସାଣିତ କରି ଶାଳିନତା ଆବରଣ ମଧ୍ୟରେ ତାକୁ ଏପରି ନିପୁଣ ଭାବରେ ସଜେଇ ଦେଇଛନ୍ତି ଯେ ଆପାତ ଦୃଷ୍ଟିରେ ତାହା ନାରିକେଳବତ୍ କଠିନ ବୋଧ ହେଲେ ହେଁ ଯେଉଁମାନେ ସତ୍‌ସଂକଳ୍ପାରୂଢ଼ ସେମାନେ ଏଥିରୁ ଏକାଧାରରେ ସୁମଧୁର ରସ ଓ ସୁସ୍ୱାଦୁ ପାନୀୟ ପାଇପାରିବେ, ଯାହା କେବଳ ସର୍ବବିଧ ସଂକ୍ରମଣ ବିମୁକ୍ତ ନୁହେଁ , ଯାହା ଏକାଧାରରେ ରୂପପିପାସା ଓ କାମକ୍ଷୁଧା ନିବାରକ ଏବଂ ବିଶ୍ୱଦେବତାର ପୂଜାର୍ଚ୍ଚନା ଲାଗି ଅପରିହାର୍ଯ୍ୟ ଉପଚାରବିଶେଷ । ଐହୀକ ଓ ପ୍ରାରତ୍ରିକ ମଧ୍ୟରେ ଏକ ସେତୁ ରଚନା କରିବାର

କୌଶଳ ଏ ଗ୍ରନ୍ଥର ମୌଳିକ ବିଷୟ ବସ୍ତୁ ହୋଇ ଥିବାରୁ ପ୍ରୟୋଜନୀୟତା ଦୃଷ୍ଟିରୁ ଏହା ଯେ ଏକାନ୍ତ ଅପରିହାର୍ଯ୍ୟ ଏଥିରେ ଦ୍ୱିମତ ରହି ନପାରେ ।

ଅନ୍ୟାନ୍ୟ ଗ୍ରନ୍ଥର ସୃଜନପ୍ରକ୍ରିୟା ଓ ଆଲୋଚ୍ୟ ଗ୍ରନ୍ଥର ସୃଜନପ୍ରକ୍ରିୟା ମଧ୍ୟରେ ଏକ ମୌଳିକ ପାର୍ଥକ୍ୟ ବିଦ୍ୟମାନ । ଗ୍ରନ୍ଥକାରଙ୍କ ଅନ୍ୟାନ୍ୟ ଗ୍ରନ୍ଥ ଏପରିକି "ସଂଯମ-ସାଧନା" ଭଳି ପ୍ରଭାବଶାଳୀ ଗ୍ରନ୍ଥର ବିଷୟବସ୍ତୁ ଏକଦା ବଡ଼ ବଡ଼ ଚିଠି ଆକାରରେ କେତେକ ସାଧନେଚ୍ଛୁ ଯୁବକଙ୍କୁ ଲେଖାଯାଇଥିଲା ଓ ପରବର୍ତ୍ତୀ କାଳରେ ତାହା ପରିମାର୍ଜିତ ହୋଇ ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା । କିନ୍ତୁ ଯେଭଳି ଅଭାବନୀୟ ପରିସ୍ଥିତିରେ ଏ ଗ୍ରନ୍ଥ ଲେଖାଯାଇଥିଲା, ଏହାକୁ ଗ୍ରନ୍ଥ ନ କହି ପୂଜ୍ୟପାଦ ଗ୍ରନ୍ଥକାରଙ୍କ ବକ୍ଷରକ୍ତଲିଖିତ ଏକ ମହାର୍ଘ ଦଲିଲ ବୋଲି କହିବା ବରଂ ଅଧିକ ସମୀଚୀନ ହେବ ।

ସମ୍ଭବତଃ ୧୯୨୫ ମସିହା ଅପ୍ରେଲ ମାସରେ ପୂଜ୍ୟପାଦ ଗ୍ରନ୍ଥକାର ମୟମନସିଂହଠାରେ ଏଭଳି ଗୁରୁତର ପୀଡ଼ାରେ ଆକ୍ରାନ୍ତ ହୋଇଥିଲେ ଯେ ସମସ୍ତେ ତାଙ୍କ ଜୀବନର ଆଶା ଛାଡ଼ି ଦେଇଥିଲେ ! ପୀଡ଼ା ଯେତେବେଳେ ଅତି ସାଂଘାତିକ ଅବସ୍ଥାରେ ଉପନୀତ ହେଲା ସେତେବେଳେ ତାଙ୍କର କେତେଜଣ ପ୍ରିୟ ଶିଷ୍ୟ ତାଙ୍କର ଚରଣ ଦର୍ଶନ ମାନସରେ ତ୍ରିପୁରା ଜିଲ୍ଲାରୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ସ୍କୁଲ କଲେଜର ଛାତ୍ର ଥିଲେ । ସେ ସମୟରେ ଗ୍ରନ୍ଥକାର ଯେଭଳି କଠୋର ସନ୍ନ୍ୟାସ ଜୀବନ ଯାପନ କରୁଥିଲେ ସେଥିରେ ତାଙ୍କର ବହୁ ଶିଷ୍ୟଙ୍କ ମନ ଉପରେ କଠୋର ସନ୍ନ୍ୟାସର ଛାପ ପଡ଼ିଯାଇଥିଲା । ରୋଗ ଶଯ୍ୟାରେ ପଡ଼ି ଗ୍ରନ୍ଥକାର ଅନୁଭବ କଲେ ଯେ ସେ ଅବସ୍ଥାରେ ଯଦି ତାଙ୍କର ଦେହାବସାନ ଘଟେ ତାହାହେଲେ ତାଙ୍କର ପଦାଙ୍କ -ଅନୁସରଣକାରୀ ଶିଷ୍ୟବୃନ୍ଦ ବିବାହିତ ଜୀବନଯାପନକାରୀ ଜନସାଧାରଣଙ୍କ ପ୍ରତି ଘୃଣାଭାବ ପୋଷଣ କରିବା ଆଦୌ ବିଚିତ୍ର ନୁହେଁ । ଯାହାଙ୍କର ଶିଷ୍ୟମାନେ ଗୁରୁଦେବଙ୍କୁ ବାର ବର୍ଷକାଳ ସ୍ତ୍ରୀମୁଖ-

ଦର୍ଶନ-ବିରତ ଦେଖି ଆସିଛନ୍ତି, ଯେ ପୁଷ୍କରିଣୀକୁ ସ୍ନାନ କରିବାକୁ ଗଲେ କୁଳବଧୂମାନେ ତପୋ-ଭୟରେ ଶୂନ୍ୟ କଳସୀ ଘାଟରେ ଛାଡ଼ି ଦେଇ ପଳାୟନ କରନ୍ତି, ଯେ ପଲ୍ଲୀପଥରେ ଭ୍ରମଣ କରିବାକୁ ବାହାରିଲେ ପଥଚାରିଣୀ ମହିଳାମାନେ ଶ୍ରଦ୍ଧା, ସଂଭ୍ରମ ଓ ଆଶଙ୍କାବଶତଃ ପଥକୁ ସଂପୂର୍ଣ୍ଣ ସ୍ତ୍ରୀ-ବିର୍ଜିତ କରିବା ଉଦ୍ଦେଶ୍ୟରେ ଦୂରକୁ ଅପସରି ଯାଇ ଆତ୍ମଗୋପନ କରନ୍ତି, ସେଭଳି ତେଜସ୍ୱୀ ଗୁରୁଙ୍କର ତିରୋଧାନ ପରେ ତାଙ୍କର ଶିଷ୍ୟବୃନ୍ଦ ନାରୀଜାତି ପ୍ରତି ବିଦ୍ୱେଷମୂଳକ ଏକ ଧର୍ମମତ ପ୍ରଚାର କରିବା ଆଦୌ ଅସ୍ୱାଭାବିକ ନୁହେଁ । ଆବାଲ୍ୟ-ବ୍ରହ୍ମନିଷ୍ଠ କରୁଣ ତାପସ ସ୍ୱରୂପାନନ୍ଦ ଏ ଦିଗରୁ ବିଷୟଟିକୁ ଆଗରୁ କେବେ ଚିନ୍ତା କରି ନଥିବାରୁ ରୋଗ ଶଯ୍ୟାରେ ପଡ଼ି ଅତ୍ୟନ୍ତ ବ୍ୟଥିତ ଓ ଉଦ୍‌ବିଗ୍ନ ହୋଇ ପଡ଼ିଲେ ଏବଂ ତାର ପ୍ରତିକାରକଳ୍ପେ ଏହି ସଂକଳ୍ପ କଲେ ଯେ ବିବାହିତ ଜୀବନକୁ ସେ ଯେ କେବେହେଲେ ଘୃଣିତ ଦୃଷ୍ଟିରେ ଦେଖି ନାହାନ୍ତି, ଏ ବିଷୟରେ ସେ ସ୍ୱହସ୍ତ ଲିଖିତ ଏକ ସ୍ୱୟଂ ସଂପୂର୍ଣ୍ଣ ଦଲିଲ ରଖି ନ ଯିବା ପର୍ଯ୍ୟନ୍ତ କଦାପି ମରିପାରିବେ ନାହିଁ । ଦୀର୍ଘକାଳ ରୋଗ ଭୋଗ କରି ଗ୍ରନ୍ଥକାରଙ୍କ ଶରୀର ସେତେବେଳକୁ ଅସ୍ଥିକଙ୍କାଳ ସାର । ପ୍ରତ୍ୟହ ସେରେ ଦେଢ଼ସେର ରକ୍ତ ବମନ କରି କରି ସେ ଅତ୍ୟନ୍ତ ଜୀର୍ଣ୍ଣ, ଶୀର୍ଣ୍ଣ ଓ ଦୁର୍ବଳ ହୋଇ ଯାଇଥାନ୍ତି ଏପରିକି ଶଯ୍ୟାରୁ ଉଠି ବସିବା ସାମର୍ଥ୍ୟ ସୁଦ୍ଧା ତାଙ୍କର ନଥାଏ । ଏଭଳି ଦୟନୀୟ ରୁଗ୍ଣ ଅବସ୍ଥାରେ ସଂକଳ୍ପ ପାଳନ ଲାଗି ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ "ବିବାହିତର ବ୍ରହ୍ମଚର୍ଯ୍ୟ"ଗ୍ରନ୍ଥର ପାଣ୍ଡୁଲିପି ଲେଖିବାକୁ ମନସ୍ଥ କଲେ । ଖଣ୍ଡେ ଥ୍ରି-ପିସ୍ କାଠ ଉପରେ କ୍ଲିପ୍ ମରାଯାଇ କାଗଜ ରଖାହୁଏ ଓ କେବେ କେବେ ଦୁଇ ଚାରିଧାଡ଼ି, କେବେ କେବେ ଦଶ ପନ୍ଦର ଧାଡ଼ି ପେନ୍‌ସିଲରେ ଲେଖି ସେ ଦୁର୍ବଳତା ବଶତଃ ଲେଖନୀ ତ୍ୟାଗ କରି ବିଶ୍ରାମ କରନ୍ତି । ଦୀର୍ଘ ଛଅ ମାସ କାଳ ଏହିପରି ଅଳ୍ପ ଅଳ୍ପ ଲେଖିବା ପରେ ଗ୍ରନ୍ଥ ସମାପ୍ତ ହେଲା ଏବଂ ଅତି ଆଶ୍ଚର୍ଯ୍ୟ କଥା, ଯେଉଁ ଦିନ ଗ୍ରନ୍ଥକାର ଗ୍ରନ୍ଥର ଶେଷ ପୃଷ୍ଠାରେ ଲେଖିଲେ "ସମାପ୍ତ" ସେହି

ଦିନଠାରୁ ତାଙ୍କର ଦୁଇବର୍ଷ ବ୍ୟାପୀ ରକ୍ତବମନ ରୋଗ ପ୍ରଶମିତ ହେବାକୁ ଲାଗିଲା । ଯେଉଁ ଗ୍ରନ୍ଥୋକ୍ତ ପ୍ରତ୍ୟେକଟି ଉପଦେଶ ଆଚାର୍ଯ୍ୟବରିଷ୍ଠ ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଦେବଙ୍କ ବକ୍ଷ ରକ୍ତରେ ଲିଖିତ ହୋଇଥିବାରୁ ପ୍ରତ୍ୟେକଟି ଉପଦେଶ ବ୍ରହ୍ମବୀର୍ଯ୍ୟ ସଦୃଶ ଅବ୍ୟର୍ଥ ଓ ମର୍ମଭେଦୀ, ଯେଉଁ "ବିବାହିତର ବ୍ରହ୍ମଚର୍ଯ୍ୟ" ଗ୍ରନ୍ଥ ପ୍ରକାଶ ପାଇବା ପରେ ବଙ୍ଗଳା, ବିହାର, ଆସାମ, ତ୍ରିପୁରାର ବହୁ ବିବାହିତ ଦମ୍ପତି ଉକ୍ତ ଗ୍ରନ୍ଥୋକ୍ତ ଉପଦେଶ ସମୂହ ପାଳନ କରି ବର୍ଷ ବର୍ଷ ଅବଧି ସସ୍ତ୍ରୀକ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନପୂର୍ବକ ଦାମ୍ପତ୍ୟ ସମ୍ଭୋଗଲିପ୍ସା-ବିହୀନ ମଧୁମୟ ଦାମ୍ପତ୍ୟ ଜୀବନ ଯାପନ କରିବାକୁ ସକ୍ଷମ ହୋଇଅଛନ୍ତି, ଯାହାର ପ୍ରକୃଷ୍ଟ ପ୍ରମାଣ ମୂଳଗ୍ରନ୍ଥ ସନ୍ନିହିତ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ପତ୍ରାବଳୀରୁ ଯେ କେହି ପାଇ ପାରିବେ, କାର୍ଯ୍ୟକାରୀତା ଦୃଷ୍ଟିରୁ ବିବେଚନା କଲେ ସେହି ଗ୍ରନ୍ଥ ଯେ ଅଦ୍ୱିତୀୟ ଏହା ନିଃସନ୍ଦେହରେ କୁହାଯାଇପାରେ ।

ପୂଜ୍ୟପାଦ ଗ୍ରନ୍ଥକାର ଆବାଲ୍ୟ ବ୍ରହ୍ମଚାରୀ ଓ ବ୍ରହ୍ମଚର୍ଯ୍ୟ-ପ୍ରଚାରକ ସନ୍ନ୍ୟାସୀ । ଅସତ୍ ସଂସର୍ଗର ଅବଶ୍ୟମ୍ଭାବୀ ଫଳ ସ୍ୱରୂପ ଅକାଳ ବୀର୍ଯ୍ୟକ୍ଷୟରୂପୀ ଯେଉଁ ବଂଶନାଶକ ମହାପାପ ଆମ ଦେଶର କିଶୋର ଓ ଯୁବକ ମାନଙ୍କ ମଧ୍ୟରେ ସଂକ୍ରମିତ ହୋଇ ଅତି ଗୋପନରେ ଜାତିକୁ ଧ୍ୱଂସ ପଥରେ ଟାଣି ନେଉଅଛି ତାର ମୂଳୋତ୍ପାଟନ ଲାଗି ଅବ୍ୟର୍ଥ ପ୍ରତିକାର କରିବା ଗ୍ରନ୍ଥକାରଙ୍କର ଜୀବନର ବ୍ରତ । ଦୀର୍ଘକାଳ ଯାବତ୍ ସେ ଅକୃତଦାର ଯୁବକମାନଙ୍କ ମଧ୍ୟରେ ସଂଯମ, ସଦାଚାର ଓ ସତ୍‌ସଂକଳ୍ପ ପ୍ରତିଷ୍ଠା ଲାଗି ପ୍ରାଣପଣେ ଯତ୍ନ କରି ଆସିଛନ୍ତି, ଯାହା ଫଳରେ ଦେଶବ୍ୟାପୀ ଏକ ବିରାଟ ବ୍ରହ୍ମଚର୍ଯ୍ୟ ଆନ୍ଦୋଳନ ଦିନକୁ ଦିନ ପ୍ରବର୍ଦ୍ଧିତ ହୋଇ ଜାତୀୟ ଜୀବନକୁ ଶୋଭାଦୀପ୍ତ କରିଅଛି । ଆମ ଦେଶର ଯୁବସମ୍ପ୍ରଦାୟ ଲାଗି ଉତ୍ସର୍ଗୀକୃତ ଜୀବନ ଏହି ପରମ ବାନ୍ଧବ ସନ୍ନ୍ୟାସୀ-ମହାତ୍ମାଙ୍କର ବହୁବର୍ଷ ବ୍ୟାପୀ ସୁକଠୋର ଶ୍ରମ ଫଳରେ ଆମ ଦେଶର ଯୁବସମାଜ ହୃଦୟଙ୍ଗମ କରି ପାରିଛନ୍ତି

ଯେ ଅସଂଯମ-ଦାବାନ"ଳ- ଦଗ୍ଧ ଜୀବନକୁ ଉନ୍ନତି ପଥରେ ପରିଚାଳନା କରିବା ଆକାଶ କୁସୁମ ବା ଅଳୀକ କଳ୍ପନା ନୁହେଁ । ସେମାନେ ଏ କଥା ମଧ୍ୟ ବୁଝି ପାରିଛନ୍ତି ଯେ ଯେଉଁମାନେ କାମ ତାଡ଼ନାରେ ଅଧୀର ହୋଇ ଓ ଇନ୍ଦ୍ରିୟ ସଂଯମରେ ଅକ୍ଷମ ହୋଇ ଜୀବନକୁ ଦୁର୍ବହ ଓ ମୃତ୍ୟୁକୁ ଶ୍ରେୟସ୍କର ମନେ କରୁଛନ୍ତି, ଭଗବାନଙ୍କ ଅପାର କରୁଣା ସେମାନଙ୍କ ଉପରେ ମଧ୍ୟ ବର୍ଷିତ ହୋଇଥାଏ । ଯେଉଁ ଯୁବକମାନେ କୁମାର ଅବସ୍ଥାରେ ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଅମୃତମୟୀ ଉପଦେଶ - ବାଣୀରେ ସଂଜୀବିତ ହୋଇ ଜୀବନ ଗଠନ ଲାଗି ଯତ୍ନବାନ୍ ହୋଇଥିଲେ ସେମାନଙ୍କ ମଧ୍ୟରୁ ଅନେକେ କାଳକ୍ରମେ ଗାର୍ହସ୍ଥ୍ୟାଶ୍ରମରେ ପ୍ରବେଶ କରିଥିଲେ ଏବଂ ବିବାହିତ ଜୀବନକୁ ସଂଯତ ଓ ପବିତ୍ର ରଖିବାକୁ ଚେଷ୍ଟିତ ହୋଇଥିଲେ । ସେହିମାନଙ୍କର ହିତ ସାଧନ ଲାଗି ଗ୍ରନ୍ଥାକାର ଏହି ଗ୍ରନ୍ଥ ରଚନାରେ ବ୍ରତୀ ହୋଇଥିଲେ ହେଁ ଯେଉଁମାନେ ପ୍ରାଗ୍‌ବିବାହିତ ଜୀବନରେ ଉପଯୁକ୍ତ ଉପଦେଷ୍ଟା ଅଭାବରୁ ଜୀବନ୍ ଗଠନର ପ୍ରକୃଷ୍ଟ ସୁଯୋଗରୁ ବଞ୍ଚିତ ହୋଇଛନ୍ତି ସେଭଳି ବହୁ ବ୍ୟକ୍ତି ଏହି ଗ୍ରନ୍ଥ ପାଠକରି ଯେ ବିଶେଷ ଉପକୃତ ହୋଇଛନ୍ତି ଏହାର ଭୂରିଭୂରି ପ୍ରମାଣ ରହିଅଛି । ଯାହା ଆମର ପଡ଼ୋଶୀ ଭାଇ ଭଉଣୀଙ୍କ ପକ୍ଷରେ ବହୁକାଳରୁ ସମ୍ଭବ ହୋଇ ପାରିଛି ତାକୁ "ଆକାଶ କୁସୁମ" ବୋଲି କହିବା ଯେ ହୀନମନ୍ୟତାର ପରିଚାୟକ ଏହା ନିଃସନ୍ଦେହରେ କୁହାଯାଇପାରେ ।

ଚିନ୍ତା ଏକ ମହତୀ ଶକ୍ତି । ସତ୍‌ଚିନ୍ତା ଦେଶର ସତ୍‌ଶକ୍ତି ଓ ଅସତ୍ ଚିନ୍ତା ଦେଶର ଅସତ୍‌ଶକ୍ତି । ସଚ୍ଚିନ୍ତାକୁ ଦେଶ ମଧ୍ୟରେ ବ୍ୟାପକଭାବରେ ପ୍ରଚାର କରିପାରିଲେ ତାର ସୁପ୍ରଭାବ ଦେଶ ଓ ଜାତିକୁ ବିଷମ ବିପାକରୁ ରକ୍ଷା କରିବାକୁ ସମର୍ଥ ହୁଏ । ଅସଚ୍ଚିନ୍ତା ବ୍ୟାପକ ଭାବରେ ପ୍ରଚାରିତ ହେବାକୁ ପ୍ରଶ୍ରୟ ଦେଲେ ତାର କୁପ୍ରଭାବ ତାଡ଼ନାରେ ଦେଶ ଓ ଜାତିର ଅପୂରଣୀୟ କ୍ଷତି ହୋଇଥାଏ । ଏହି ଦୃଷ୍ଟିରୁ ଦେଶବାସୀଙ୍କ ମଧ୍ୟରେ ସନ୍ନୀତି, ସଦାଚାର ଓ ବ୍ରହ୍ମଚର୍ଯ୍ୟକୁ ପ୍ରତିଷ୍ଠିତ କରିବା

ଲାଗି ଆମ୍ଭେମାନେ ଏ ପର୍ଯ୍ୟନ୍ତ ଗ୍ରନ୍ଥକାରଙ୍କର ଅନେକ ଗୁଡ଼ିଏ ଗ୍ରନ୍ଥ ଓଡ଼ିଆ ଭାଷାରେ ପ୍ରକାଶ କରୁଅଛୁ ଏବଂ ସେହି ଉଦ୍ଦେଶ୍ୟରେ ହିଁ ଏ ମହାନ୍ ଗ୍ରନ୍ଥ ଓଡ଼ିଆ ଭାଷାରେ ପ୍ରକାଶ କରିବାକୁ ଅଭିଳାଷୀ ହୋଇଅଛୁ । ତିନିଶହ ବର୍ଷ ବା ନଅ ପୁରୁଷ ପରେ ଯେଉଁ ଜ୍ଞାନ-ପ୍ରବୁଦ୍ଧ ମହାଦୁର୍ଦ୍ଧର୍ଷ ବୀରବୃନ୍ଦ ଭାରତ ମାତାର ଅଙ୍କ ମଣ୍ଡନ କରିବେ ଏହି ମହାନ ଗ୍ରନ୍ଥ ସେମାନଙ୍କ ଆଗମନ ପଥକୁ ସୁଗମ କରିବ ବୋଲି ଆମର ଦୃଢ଼ ବିଶ୍ୱାସ ରହିଛି ଏବଂ ସେହି ଦୃଷ୍ଟିରୁ ଏହା ସୁଧୀ ପାଠକବୃନ୍ଦଙ୍କର ସମାଦର ଲାଭ କରିବ ବୋଲି ଆମେ ଆଶା ପୋଷଣ କରୁଛୁ । ଏହି ଅମୂଲ୍ୟ ଗ୍ରନ୍ଥର ଓଡ଼ିଆ ଅନୁବାଦ ୧୯୭୪ ରେ ପ୍ରଥମ ମୁଦ୍ରଣ ଓ ୧୯୮୪ରେ ୨ୟ ମୁଦ୍ରଣ ଭାବେ ପ୍ରକାଶ ପାଇବା ପରେ ତୃତୀୟ ମୁଦ୍ରଣର ଆବଶ୍ୟକତା ବହୁ ପୂର୍ବରୁ ଅନୁଭୂତ ହୋଇଥିଲେ ମଧ୍ୟ ଆମର ସୀମିତ ଆର୍ଥିକ ଅବସ୍ଥାକୁ ଆଖିଆଗରେ ରଖି ଆମକୁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼ିଲା ଶେଷରେ ସମସ୍ତଙ୍କର ସମୂହ ପ୍ରୟାସରେ ଆମେ ଏହି ମହାଗ୍ରନ୍ଥର ତୃତୀୟ ସଂସ୍କରଣ ସୁଧୀପାଠକ ମାନଙ୍କର ସମ୍ମୁଖରେ ଏକ ନବ କଳେବର ସହ ଉପସ୍ଥାପନ କରୁଅଛୁ ।

କିମଧିକଂ ବିସ୍ତରେଣ

ନିବେଦକ

ଭୁବନେଶ୍ୱର ଅଖଣ୍ଡମଣ୍ଡଳୀ



ଅଖଣ୍ଡମଣ୍ଡଳେଶ୍ୱର

ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଦେବ

କୃତଜ୍ଞତା

ଏହି ଅମୂଲ୍ୟ ଗ୍ରନ୍ଥର ତୃତୀୟ ସଂସ୍କରଣ ପ୍ରକାଶ ଅବସରରେ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ ଆମର ଗୁରୁଭ୍ରାତା ସ୍ୱର୍ଗତ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି, ଯାହାଙ୍କର ପ୍ରୟାସ ବଳରେ "ବାବାମଣୀ"ଙ୍କର ଅମୂଲ୍ୟ ଗ୍ରନ୍ଥାବଳୀ ଓ ଉପଦେଶାବଳୀ ମଧ୍ୟରୁ କିଛିକିଛି ଓଡ଼ିଆ ପାଠକଙ୍କ ସମ୍ମୁଖରେ ଅନୁବାଦ ମାଧ୍ୟମରେ ଉପସ୍ଥାପନାର ସୁଯୋଗ ପାଇଅଛୁ।

ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ

ଦାମ୍ପତ୍ୟ ସଂଯମ ଲାଗି ଯୋନିମୁଦ୍ରାଦିର ଉପଯୋଗିତା

ଉପାସନା ସମୟରେ ଦିନକ ପାଇଁ ବି ଯୋନିମୁଦ୍ରାକୁ ବାଦ ଦେବ ନାହିଁ । ଆମ ଯୋନିମୁଦ୍ରା* ତାନ୍ତ୍ରିକ ବାମାଚାରୀଙ୍କ ଜଘନ୍ୟତା ପରିପୂର୍ଣ୍ଣ ଯୋନିମୁଦ୍ରା ନୁହେଁ ଯେ ସେଥିରେ କାହାର କିଛି କ୍ଷତି ହେବ । ଆମର ଏଇ ଯୋନିମୁଦ୍ରା ଯେ କୌଣସି ସାଧକ ସାଧିକାଙ୍କର ଯେ କୌଣସି ଅବସ୍ଥାରେ ଉପକାର ହିଁ ସାଧନ କରେ । ଏଥିରେ ଗୁହ୍ୟରୋଗ ନାଶ ହୁଏ, ଇନ୍ଦ୍ରିୟ ଚାଞ୍ଚଲ୍ୟ ହ୍ରାସ ପାଏ, ପ୍ରବୃତ୍ତିର ବେଗ ମନ୍ଦୀଭୂତ ହୁଏ ଓ ଆତ୍ମଦମନ କ୍ଷମତା ବଢ଼ିଯାଏ । ଉପାସନା ସମୟ ଛଡ଼ାଅନ୍ୟ ସମୟରେ ବି ଦରକାର ହେଲେ ଯୋନିମୁଦ୍ରା କରିବ। ତୁମର ଅଧୋଗତ କାମନାରାଶିକୁ, ଅଧୋଗତ ମନୋବୃତ୍ତିକୁ, ଅଧୋଗତ ଶକ୍ତିନିଚୟକୁ ଠେଲି ପେଲି ଉପର ଆଡ଼କୁ ନେଇଯିବା, ଯାହାକୁ ଯୌଗିକ ପରିଭାଷାରେ କୁଳକୁଣ୍ଡଳିନୀ ଜାଗରଣ କହନ୍ତି, ତାହାହିଁ ହେଉଛି ଆମର ଏହି ଯୋନିମୁଦ୍ରା । ଦାମ୍ପତ୍ୟ-ସଂଯମ ଲାଗି ଯୋନିମୁଦ୍ରା, ସନ୍ଧିନୀମୁଦ୍ରା ପ୍ରଭୃତିର ପ୍ରୟୋଜନ ଅପରିସୀମ । ଏ ଗୁଡ଼ିକୁ ଅବହେଳା କରିବା ଭୁଲ । ଶରୀର ଗଠନରେ ଯେ ଯୋନିମୁଦ୍ରାର ଶକ୍ତି ଏତେ ବେଶି ଯେ ଯଦି କୌଣସି ଏକ ବଂଶର ଦମ୍ପତିମାନେ ତିନିପୁରୁଷ ବ୍ୟାପୀ ଧାରାବାହିକ ଭାବରେ ଯୋନିମୁଦ୍ରା ଅଭ୍ୟାସ କରିଯାଆନ୍ତି ତାହାହେଲେ ସେ ବଂଶରେ ଯେ କେହି ଜନ୍ମଗ୍ରହଣ କରିବେ ସେ ସମସ୍ତ ପ୍ରକାର ଇନ୍ଦ୍ରିୟ-ଚାଞ୍ଚଲ୍ୟର ପ୍ରାୟ ଉର୍ଦ୍ଧ୍ୱ ଦେଶରେ ସ୍ୱଭାବତଃ ବିଚରଣ କରିବାକୁ ସମର୍ଥ ହେବେ । ଯୋନି, ସନ୍ଧିନୀ, ସଞ୍ଜିବନୀ, କୁଳାଞ୍ଜନୀ ପ୍ରଭୃତି ମୁଦ୍ରା ଯଦି କୌଣସି ଏକ ସମାଜରେ ବ୍ୟାପକ ଭାବରେ ପୁରୁଷାନୁକ୍ରମେ ଅଭ୍ୟାସ କରାଯାଏ ତାହାହେଲେ କାଳକ୍ରମେ ସେହି ସମାଜର ମନୁଷ୍ୟମାନଙ୍କର ମେରୁଦଣ୍ଡର ଦୈର୍ଘ୍ୟ ଓ ଦୃଢ଼ତା, ଜରାୟୁ ଓ ଜନନେନ୍ଦ୍ରିୟର ଗଠନ ଓ ଶକ୍ତି,

---

* ସଂଯମ-ସାଧନା ଗ୍ରନ୍ଥ ଦ୍ରଷ୍ଟବ୍ୟ

ସ୍ୱାଭାବିକ କର୍ମକ୍ଷମତା ଓ କଷ୍ଟ ସହିଷ୍ଣୁତା, କାମବେଗ ଧାରଣର ସାମର୍ଥ୍ୟ ଓ ଜିତେନ୍ଦ୍ରିୟତ୍ୱ ଆଶ୍ଚର୍ଯ୍ୟଜନକ ଭାବରେ ବଢ଼ିଯିବ । ଜଗତକୁ ଚମକିତ କରି ନେବାଭଳି ଏକ ବଳଦୁର୍ଦ୍ଧର୍ଷ ମହାଜାତି ସୃଷ୍ଟିର ଯୋନି ବା ଜନ୍ମସ୍ଥାନ ହେଉଛି ଏହି ଯୋନିମୁଦ୍ରା ।

- ଶ୍ରୀ ଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ -

ଓଁ

ବିବାହିତର ବ୍ରହ୍ମଚର୍ଯ୍ୟ

ଉପକ୍ରମଣିକା

ସର୍ବଥା ମୈଥୁନତ୍ୟାଗ ହିଁ ସନ୍ନ୍ୟାସୀ ସନ୍ନ୍ୟାସିନୀଙ୍କ ପକ୍ଷରେ ବ୍ରହ୍ମଚର୍ଯ୍ୟ । କିନ୍ତୁ ସର୍ବବିଧ ଅଯଥା ମୈଥୁନତ୍ୟାଗ ହିଁ ବିବାହିତର ବ୍ରହ୍ମଚର୍ଯ୍ୟ । ଚିରକୌମାର୍ଯ୍ୟବ୍ରତାବଲମ୍ବୀମାନେ ନିବୃତ୍ତିପନ୍ଥୀ ସାଧକ, ବିବାହିତ ବ୍ୟକ୍ତିମାନେ ପ୍ରବୃତ୍ତିପନ୍ଥୀ ସାଧକ । ଉଭୟଙ୍କ ପକ୍ଷରେ ବ୍ରହ୍ମଚର୍ଯ୍ୟ ଏକାନ୍ତ ଆବଶ୍ୟକ । କିନ୍ତୁ ଉଭୟଙ୍କ ବ୍ରହ୍ମଚର୍ଯ୍ୟ ମଧ୍ୟରେ ପାର୍ଥକ୍ୟ ଅଛି । ଗୃହତ୍ୟାଗୀର ବ୍ରହ୍ମଚର୍ଯ୍ୟରେ ସର୍ବବିଧ ମୈଥୁନ ସର୍ବାବସ୍ଥାରେ ନିଷିଦ୍ଧ । ଗୃହୀର ବ୍ରହ୍ମଚର୍ଯ୍ୟରେ ମୈଥୁନ ସମ୍ପୂର୍ଣ୍ଣ ନିଷିଦ୍ଧ ନୁହେଁ, ତାହା ଅନୁମତିସାପେକ୍ଷ । କିନ୍ତୁ ସେହି ଅନୁମତିସାପେକ୍ଷ ମୈଥୁନର ଚାରିପଟେ ଅନେକଗୁଡ଼ିଏ ନିଷେଧ କଣ୍ଟାବାଡ଼ ଭଳି ଘେରି ରହିଅଛି । ଗୃହୀକୁ ସେହି ନିଷେଧଗୁଡ଼ିକୁ ମାନି ଚଳିବାକୁ ହେବ, ତାହା ନହେଲେ ବିବାହିତ ବ୍ୟକ୍ତିର ବ୍ରହ୍ମଚର୍ଯ୍ୟ ରକ୍ଷା ହୋଇପାରିବ ନାହିଁ । ପ୍ରସଙ୍ଗକ୍ରମେ ଏଠାରେ କହି ରଖିବା ଆବଶ୍ୟକ ଯେ ଦାରାନ୍ତର ଗ୍ରହଣ ଅନିଚ୍ଛୁକ ଚରିତ୍ରବାନ ବିପତ୍ନୀକ ଓ ପୁନର୍ବିବାହରେ ଅନିଚ୍ଛୁକା ସୁଚରିତ୍ରା ବିଧବାଙ୍କୁ ଏ ସ୍ଥଳେ ଗୃହତ୍ୟାଗୀ ପର୍ଯ୍ୟାୟଭୁକ୍ତ କରାଯାଇଅଛି ।

ସନ୍ନ୍ୟାସୀର ବ୍ରହ୍ମଚର୍ଯ୍ୟ ଏକକ-ସାଧ୍ୟ । କିନ୍ତୁ ଗୃହୀର ବ୍ରହ୍ମଚର୍ଯ୍ୟ ଯୁଗଳ-ସାଧ୍ୟ । ବ୍ରହ୍ମଚର୍ଯ୍ୟ ରକ୍ଷା ଲାଗି ଯେତେବେଳେ ଯେଉଁଭଳି ଆଚାର, ନିୟମ ଓ ନିଷ୍ଠା ପ୍ରତିପାଳନ ଆବଶ୍ୟକ; ସଂସାରର ସବୁ ସମ୍ବନ୍ଧ ଛିନ୍ନକରି ସନ୍ନ୍ୟାସୀ ନିଜର ବ୍ରହ୍ମଚର୍ଯ୍ୟ ରକ୍ଷାର୍ଥେ ସେହିଭଳି ଆଚାର, ନିୟମ ଓ ନିଷ୍ଠାର ଅନୁଶୀଳନ କରିବାକୁ ବାଧ୍ୟ । କିନ୍ତୁ ଗୃହୀ ସଂସାର ପରିତ୍ୟାଗ କଲେ ଚଳିବ ନାହିଁ। ସ୍ୱାମୀ ପକ୍ଷରେ ପତ୍ନୀ ପରିତ୍ୟାଗ ବା ପତ୍ନୀ ପକ୍ଷରେ ସ୍ୱାମୀ ପରିତ୍ୟାଗ କରି ଏକାକୀ ବ୍ରହ୍ମଚର୍ଯ୍ୟ-ରକ୍ଷଣ ଚେଷ୍ଟା ଧର୍ମସମ୍ମତ ହେବନାହିଁ । ବିଶେଷତଃ ସନ୍ନ୍ୟାସୀ ଓ ଗୃହୀ ଉଭୟଙ୍କର କଲ୍ୟାଣ ଲାଭ ଓ କଲ୍ୟାଣ ବିତରଣ ମଧ୍ୟରେ ପ୍ରଣାଳୀଗତ ପାର୍ଥକ୍ୟ ରହି ଥିବାରୁ ଗୃହତ୍ୟାଗୀର

ବ୍ରହ୍ମଚର୍ଯ୍ୟର କଠୋର ଆଦର୍ଶ ଅନୁସରଣ କରିବା ଗୃହୀପକ୍ଷରେ ଯେପରି ନିରର୍ଥକ ସେହିପରି ସଂସାରୀର ବ୍ରହ୍ମଚର୍ଯ୍ୟର ସୀମିତ ଆଦର୍ଶ ଅନୁସରଣ କରିବା ପ୍ରୟାସ ମଧ୍ୟ ସନ୍ନ୍ୟାସୀ ପକ୍ଷରେ ବ୍ରତନାଶକ । ଯଦି ସନ୍ନ୍ୟାସୀ ଓ ଗାର୍ହସ୍ଥ୍ୟକୁ କେବଳ ବାହାର ଆଡୁ ଆମେ ଦେଖୁ ତାହା ହେଲେ ବି ଏକ ବିରାଟ ପ୍ରଭେଦ ଦୃଷ୍ଟି ଗୋଚର ହେବ ଯେ ନିଜର ବ୍ରହ୍ମଚର୍ଯ୍ୟପୁଷ୍ଟ ତପଃଶକ୍ତି ଦ୍ୱାରା ସନ୍ନ୍ୟାସୀ ପ୍ରତ୍ୟକ୍ଷ ଭାବରେ ସମଗ୍ର ଦେଶ, ଜାତି ବା ସମାଜ ଉପରେ ଏପରି ଏକ ସମଗ୍ର ଭୂମଣ୍ଡଳ ଉପରେ କଲ୍ୟାଣ-ପ୍ରଭାବ ବିସ୍ତାର କରୁଥିବା ବେଳେ ଗୃହୀ ନିଜର ବ୍ରହ୍ମଚର୍ଯ୍ୟପୁଷ୍ଟ ଦେହକ୍ଷୟ ଦ୍ୱାରା ସିଂହସମ ସନ୍ତାନ ଉତ୍ପାଦନ କରି ପ୍ରତ୍ୟକ୍ଷଭାବରେ କେବଳ ଗୋଟିଏ ପରିବାରର କଲ୍ୟାଣ ବର୍ଦ୍ଧନ କରୁଛନ୍ତି ଓ ଅପେକ୍ଷାକୃତ ପରୋକ୍ଷ ଭାବରେ ହିଁ ଦେଶ, ଜାତି ବା ସମାଜ ଓ ଜଗତର କଲ୍ୟାଣ ସାଧନ କରୁଛନ୍ତି । ସନ୍ନ୍ୟାସୀର ଜୀବନ ସାଧନାରେ ବିଶ୍ୱ ହେଉଛି ମୁଖ୍ୟ, ସାମାଜିକ ବା ସାମ୍ପ୍ରଦାୟିକ ଆବେଷ୍ଟନୀ ଗୌଣ; ଗୃହୀର ଜୀବନ ସାଧନାରେ ନିଜର ପରିବାର ମୁଖ୍ୟ, ସଂସାର-ସମାଜ କଥଞ୍ଚିତ ଗୌଣ । ସେହି କାରଣରୁ ସନ୍ନ୍ୟାସୀର ବ୍ରହ୍ମଚର୍ଯ୍ୟର ପ୍ରଭାବ ବିଶ୍ୱବ୍ରହ୍ମାଣ୍ଡକୁ ଲାଭବାନ କରି ଗୃହେ ଗୃହେ ସମ୍ପଦ ବୃଦ୍ଧି କରେ ଏବଂ ଗୃହୀର ବ୍ରହ୍ମଚର୍ଯ୍ୟର ପ୍ରଭାବ ନିଜ ଗୃହକୁ ସମୃଦ୍ଧ କରି ସାରି ଧୀରେ ଧୀରେ ତାର ବ୍ୟାସ ଓ ପରିଧିକୁ ବିସ୍ତାରିତ କରେ ଏବଂ ଏହିପରି ଭାବରେ ବିଶ୍ୱକୁ ଉପକୃତ କରେ । ସନ୍ନ୍ୟାସୀର ମନ ଶିଷ୍ୟପ୍ରଶିଷ୍ୟାନୁକ୍ରମେ ବିସ୍ତୃତ ହୁଏ ଓ ଶତ ଶତ ଦେହ ମଧ୍ୟରେ ଆପଣାକୁ ସୁପ୍ରତିଷ୍ଠିତ କରେ କିନ୍ତୁ ଗୃହୀର ଦେହ ପୁତ୍ର-ପୌତ୍ରାଦିକ୍ରମେ ପ୍ରସାରିତ ହୁଏ ଏବଂ ପ୍ରବଳ ପରାକ୍ରାନ୍ତ ମନଗୁଡ଼ିକୁ ଧାରଣ କରିବା ଭଳି ଆଧାର ନିର୍ମାଣ କରେ । ଜଣକର ଜୀବନଭଙ୍ଗୀ ଠାରୁ ଅନ୍ୟଜଣକ ତା' ଜୀବନ-ଭଙ୍ଗୀର ପାର୍ଥକ୍ୟକୁ ପୂରାପୂରି ବଜାୟ ରଖି ମଧ୍ୟ ଉଭୟେ ପରସ୍ପରର ସହଯୋଗିତାରେ ବିଶ୍ୱର କଲ୍ୟାଣ ଆବାହନ କରନ୍ତି । ବିଶ୍ୱକୁ କଲ୍ୟାଣ-ପ୍ରେରଣାରେ ଉଦ୍‌ବୃଦ୍ଧ କରି, ନିଷ୍କାମ କର୍ମର ଆଦର୍ଶ ଦେଖାଇ ଓ ସବୁ ଆକାଂକ୍ଷାର ପରମ ପରିତୃପ୍ତି ପନ୍ଥା ନିର୍ଦ୍ଦେଶକରି ଦେଇ ସନ୍ନ୍ୟାସୀ ନିଶ୍ଚିନ୍ତ । କିନ୍ତୁ ଯେ ପ୍ରକାରର ବଂଶଧର ବା ବଂଶଧାରିଣୀ କଲ୍ୟାଣ ପ୍ରେରଣାରେ ସହଜରେ ଉଦ୍‌ବୁଦ୍ଧ ହେବେ, ଆଦର୍ଶ ଧାରଣରେ ସମର୍ଥ ହେବେ ଓ ପରମ ପରିତୃପ୍ତି ପଥରେ ନିର୍ଭୁଲ ପଦଚାଳନା କରିବାକୁ ସଚେଷ୍ଟ ହେବେ ସେ ଧରଣର ସନ୍ତାନ - ସନ୍ତତିଙ୍କ ଆଗମନ ପରେ

ଗୃହୀ ନିଶ୍ଚିନ୍ତ । ବିଶ୍ୱକୁ ଶିକ୍ଷା ଦେବାର ଯୋଗ୍ୟତା ସଂଚୟ ଲାଗି ସନ୍ନ୍ୟାସୀର ବ୍ରହ୍ମଚର୍ଯ୍ୟ ଅଭିପ୍ରେତ ଓ ଶିକ୍ଷା ଗ୍ରହଣ ଲାଗି ବିଶ୍ୱକୁ ଯୋଗ୍ୟ କରି ଗଢ଼ିବା ଲାଗି ଗୃହୀର ବ୍ରହ୍ମଚର୍ଯ୍ୟ ଉଦ୍ଦିଷ୍ଟ । ଶିକ୍ଷାଦାନର ଯୋଗ୍ୟତା ସଞ୍ଚୟନ ସନ୍ନ୍ୟାସୀର ଏକକ ଚେଷ୍ଟାକୁ ଅପେକ୍ଷା କରେ କିନ୍ତୁ ଶିକ୍ଷା ଗ୍ରହଣକ୍ଷମ ସନ୍ତାନ-ଜନନ କାର୍ଯ୍ୟ କେବଳ ପିତା ବା କେବଳ ମାତା ଦ୍ୱାରା ହେବା ସମ୍ଭବପର ନୁହେଁ । ଏଥିପାଇଁ ଦମ୍ପତିର ପରସ୍ପର ଶୁଭେଚ୍ଛା-ପ୍ରଣୋଦିତ ପରିପୂର୍ଣ୍ଣ ଦୈହିକ ଓ ମାନସିକ ସାହଚର୍ଯ୍ୟ ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ବ୍ରତ ପାଳନାର୍ଥେ ସ୍ୱାମୀ ଓ ସ୍ତ୍ରୀ ଯଦି ପରସ୍ପର ମଧ୍ୟରେ ଶତ ଯୋଜନ ଦୂରତ୍ୱ ରକ୍ଷାକରି ଚଳନ୍ତି ଓ ମାନସିକ ଅନୁଶୀଳନ ଦିଗରୁ ଏକ ଅପରର ସଂପୂର୍ଣ୍ଣ ଅପରିଚିତ ଭଳି ରହନ୍ତି ତେବେ ସେ ଧରଣର ବ୍ରହ୍ମଚର୍ଯ୍ୟ ବିବାହିତ ଜୀବନର ମୂଳ ଉଦ୍ଦେଶ୍ୟକୁ ଖଣ୍ଡିତ କରେ । ଏହି କାରଣରୁ ଗୃହୀର ବ୍ରହ୍ମଚର୍ଯ୍ୟ କେତେବେଳେ ହେଲେ ଏକକ-ସାଧ୍ୟ ନୁହେଁ । ଏହା ଯୁଗଳ-ସାଧ୍ୟ ।

ଯେ ପ୍ରକାରର ଶିକ୍ଷା, ସଂସ୍କାର, ରୁଚି, ପ୍ରକୃତି ଓ ସାମର୍ଥ୍ୟ-ସମ୍ପନ୍ନ ଯୁବକଯୁବତୀଙ୍କର ବୈବାହିକ ମିଳନ ହେଲେ ସେମାନଙ୍କର ଦାମ୍ପତ୍ୟ ଜୀବନରେ ବ୍ରହ୍ମଚର୍ଯ୍ୟ ପାଳନ ସହଜରେ ସମ୍ଭବପର ହୁଅନ୍ତା, ଏ ଯୁଗରେ ହଜାର ହଜାର ବିବାହ ମଧ୍ୟରୁ ଗୋଟିଏ ଦୁଇଟି କ୍ଷେତ୍ରରେ ମଧ୍ୟ ସେ ପ୍ରକାରର ଯୁବକଯୁବତୀଙ୍କର ମିଳନ ହେଉଛି କି ନାହିଁ ସନ୍ଦେହ। ଯୋଗ୍ୟ ଓ ଯୋଗ୍ୟାର ମିଳନ ନ ହୋଇ ପାରିବା ହିଁ ଏ ଯୁଗର ପାରିବାରିକ ଜୀବନର ପ୍ରାୟ ସବୁ ଦୁଃଖ, ଦୁର୍ଗତି ଓ ଦୁର୍ଦ୍ଦଶାର ମୂଳ କାରଣ କହିଲେ ଚଳେ । ଯେ ପର୍ଯ୍ୟନ୍ତ ଦେଶର ଚାରିଆଡ଼େ କିଶୋର-କିଶୋରୀମାନଙ୍କ ପାଇଁ ଗୋଟିଏ ମାତ୍ର ଆଦର୍ଶରେ ପରିଚାଳିତ ବ୍ରହ୍ମଚର୍ଯ୍ୟାଶ୍ରମ ସମୂହ ପ୍ରତିଷ୍ଠିତ ନ ହୋଇଛି ଓ ସେ ସବୁ ଆଶ୍ରମରୁ କିଶୋରକିଶୋରୀମାନେ ଦେହ, ମନ ଓ ଆତ୍ମାର ବିଶେଷ ଉତ୍କର୍ଷ ସାଧନ କରି ତା ପରେ ବରକନ୍ୟା ରୂପରେ ସଂସାର ଆଶ୍ରମରେ ପ୍ରବେଶ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଏ ସବୁ ଦୁର୍ଦ୍ଦଶା ଓ ଦୁର୍ଗତିର ସମୂହ ପ୍ରତିକାର ଅସମ୍ଭବ । ଆମେ ଦେଶର ଚାରିଆଡ଼େ ସ୍କୁଲ କଲେଜ ଖୋଲି ବି.ଏ.,ଏମ୍.ଏ.ର ହାଟ ମେଲାଇ ଦେଇପାରୁ, ସ୍ତ୍ରୀ-ସ୍ୱାଧୀନତା ଆନ୍ଦୋଳନ ପ୍ରବଳ ଭାବରେ ଚଳାଇ ଅନ୍ତଃପୁରବାସିନୀ ନାରୀମାନଙ୍କୁ ନେଇ ଉନ୍ମୁକ୍ତ ରାଜପଥରେ

ନିଃସଙ୍କୋଚରେ ପଦଚାରଣ କରିବାର ଅଧିକାର ଦେଇପାରୁ, କିନ୍ତୁ ଯେ ପର୍ଯ୍ୟନ୍ତ ବାଳକ ତଥା ବାଳିକାମାନଙ୍କୁ ବ୍ରହ୍ମଚର୍ଯ୍ୟ ସାଧନା ମାଧ୍ୟମରେ ଏକ ସର୍ବଜୟୀ ଆଦର୍ଶରେ ଅନୁପ୍ରାଣିତ କରି ଉଭୟଙ୍କର ରୁଚି, ପ୍ରକୃତି ଓ ସାମର୍ଥ୍ୟକୁ ସେହି ଆଦର୍ଶର ଅନୁଗାମୀ ହେବାଭଳି ଗଢ଼ା ନ ଯିବ, ସେ ପର୍ଯ୍ୟନ୍ତ ବିବାହିତ ଜୀବନରେ କୌଣସିମତେ ଶାନ୍ତି ଆସିବ ନାହିଁ । କିନ୍ତୁ ଏ ପର୍ଯ୍ୟନ୍ତ ଦେଶରେ ବ୍ରହ୍ମଚର୍ଯ୍ୟାଶ୍ରମ ପ୍ରତିଷ୍ଠା ଲାଗି ଅନୁକୂଳ ବାତାବରଣ ସୃଷ୍ଟି ହୋଇ ପାରିନାହିଁ । ବିଦେଶୀ ଶିକ୍ଷା ପଦ୍ଧତି ଅନୁକରଣରେ ଯେଉଁ ସବୁ ବିଦ୍ୟାଳୟ ସ୍ଥାପିତ ହୋଇଅଛି ସେ ଗୁଡ଼ିକର ପରିଚାଳକମାନଙ୍କର ତଥା ଆମ ଦେଶର ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ବ୍ରହ୍ମଚର୍ଯ୍ୟ ଆନ୍ଦୋଳନ ସମ୍ବନ୍ଧେ ଅନ୍ଧବତ୍ତୁଲ୍ୟ ଉପେକ୍ଷା ବ୍ରହ୍ମଚର୍ଯ୍ୟାଶ୍ରମ ପ୍ରତିଷ୍ଠା ଦିଗରେ ପ୍ରବଳ ଅନ୍ତରାୟ ହୋଇ ରହିଛି । ତଥାପି ଯେଉଁମାନେ ଏ କାର୍ଯ୍ୟରେ ଜୀବନ ଉତ୍ସର୍ଗ କରିଛନ୍ତି ଓ ଏଥିପାଇଁ ନିଜ ଶରୀରର ଅସ୍ଥି ସୁଦ୍ଧା ବିକ୍ରୟ କରିବାକୁ ପ୍ରସ୍ତୁତ, ସେମାନେ କାଳକ୍ରମେ ଏ କାର୍ଯ୍ୟ ନ କରି ଛାଡ଼ିବେ ନାହିଁ । ତେଣୁ ଯେତେ ଦିନ ପର୍ଯ୍ୟନ୍ତ ଭାରତ ଗଗନରେ ସାର୍ବଜନୀନ ଭାବରେ ବ୍ରହ୍ମଚର୍ଯ୍ୟରୂପୀ ପ୍ରଦୀପ୍ତ ଭାସ୍କର ଉଦିତ ନ ହୋଇଛନ୍ତି ସେତେଦିନ ପର୍ଯ୍ୟନ୍ତ ଅସମରୁଚି, ଅସମ-ପ୍ରକୃତି ଓ ଅସମ-ସାମର୍ଥ୍ୟ ଦମ୍ପତିମାନଙ୍କୁ ମଧ୍ୟ ସଂଯମ-ସାଧନା ଓ ପାରସ୍ପରିକ ସହାୟତା ମାଧ୍ୟମରେ ଜୀବନ ପରିଚାଳନା କରିବା ଲାଗି ଯତ୍ନଶୀଳ ହେବାକୁ ପଡ଼ିବ । ସମସ୍ତେ ସର୍ବାଙ୍ଗସୁନ୍ଦର ଭାବରେ ଆଦର୍ଶକୁ ଅନୁସରଣ କରି ଚଳିବାକୁ ହୁଏତ ସମର୍ଥ ହୋଇ ନପାରନ୍ତି । କିନ୍ତୁ ବ୍ରହ୍ମଚର୍ଯ୍ୟ ପାଳନ ଲାଗି ଏହି ଯେଉଁ ଉଦ୍ୟମ ତାହା ଅକପଟ ଭାବରେ ଅନୁଷ୍ଠିତ ହେଲେ ସନ୍ତାନ-ସନ୍ତତିଙ୍କର କୌମାର୍ଯ୍ୟ ଜୀବନରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରକ୍ଷା କରିବାରେ ଓ ବିବାହିତ ଜୀବନରେ ବିଧାନାନୁଯାୟୀ ଶିଷ୍ଟାଚାର-ସମ୍ମତ ସଂଯମ ରକ୍ଷାରେ ସହାୟକ ହେବ । ବର୍ତ୍ତମାନ ବିବାହିତ ସ୍ତ୍ରୀପୁରୁଷମାନେ ଯେପରି ସାଂସାରିକ ସୁଖରୁ ବିଷତକ ବିନଷ୍ଟ କରି ଅମୃତ-ତକ ସଂଗ୍ରହ କରି ପାରିବେ ଓ ସନ୍ତାନ-ସନ୍ତତିଙ୍କ ଜୀବନରୁ ବିଷ-ସଂଜନନର ସମ୍ଭାବନା ହ୍ରାସ କରି ଅମୃତ-ସଂଜନନ ସମ୍ଭାବନା ବୃଦ୍ଧି କରି ଦେଇ ପାରିବେ, ସେଥିପାଇଁ ବିବାହିତ ଦମ୍ପତିଙ୍କ କଲ୍ୟାଣ କଳ୍ପେ କେତେକ ବିଷୟ ଏହି ଗ୍ରନ୍ଥରେ ସଂକ୍ଷେପରେ ଆଲୋଚନା

କରାଯାଉଅଛି । ବିବାହିତର ବ୍ରହ୍ମଚର୍ଯ୍ୟ ସମ୍ବନ୍ଧେ ଅନେକ କଥା ଭାବିବାର ଅଛି, ବୁଝିବାର ଅଛି, ଓ କହିବାର ଅଛି । ହେ ଚିନ୍ତାଶୀଳ ସାଧନ ପରାୟଣ ଭାଗ୍ୟବାନ ନରନାରୀଗଣ ! ଆଜି ତୁମ୍ଭେମାନେ ଧ୍ୟାନଲବ୍ଧ ପ୍ରଶାନ୍ତ ପ୍ରଜ୍ଞା ବଳରେ ସେ ସମସ୍ତ ଅକଥିତ ବିଷୟର ଅନୁଧାବନ କରି ଜୀବନକୁ କଲ୍ୟାଣବନ୍ତ କର । ତୁମର ସମସ୍ତ ପ୍ରୟୋଜନୀୟ କଥା ବା ସବୁ ସମସ୍ୟାର ସମାଧାନ ଗୋଟିଏ ମାତ୍ର ଗ୍ରନ୍ଥ ମାଧ୍ୟମରେ ବିତରଣ କରିବାକୁ କୌଣସି ଗ୍ରନ୍ଥକାର ସମର୍ଥ ନୁହନ୍ତି । ବିଶେଷତଃ ଗ୍ରନ୍ଥକାର ଗୃହୀ ନ ହୋଇଥିଲେ ଏହି ଅସମ୍ପୂର୍ଣ୍ଣତା ଅବଶ୍ୟମ୍ଭାବୀ । ତଥାପି ଭବିଷ୍ୟତ ଭାରତର କଲ୍ୟାଣମୟ ନବଆବିର୍ଭାବ ସଙ୍ଗେ ନିଖିଳ ବିଶ୍ୱର ଓ ସମଗ୍ର ମାନବ ଜାତିର କୁଶଳ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇଥିବାରୁ ତୁମ୍ଭମାନଙ୍କର ମଙ୍ଗଳ ଲାଗି ସଂସାର ଆଶ୍ରମରେ ଅଲବ୍ଧ ପ୍ରବେଶ ଅକୃତଦାର ସନ୍ନ୍ୟାସୀ ନିଜର ଅନଧିଗମ୍ୟ ଜଗତରେ ଧ୍ୟାନଯୋଗରେ ପ୍ରବେଶ କରିବାର ପ୍ରୟାସ କରିଅଛି ଓ ସ୍ୱାର୍ଥ-ସଂସ୍ରବହୀନ ଚିତ୍ତାଭିନିବେଶ ଫଳରେ ସେହି ରହସ୍ୟମୟ ଜଗତର ଯେଉଁ ଯେଉଁ ସ୍ଥାନ ସଂପର୍କରେ ଯାହା ଯାହା ଅନୁଭୂତି ଲାଭ କରିଅଛି ତାହା ଅକାତରେ ତୁମ୍ଭମାନଙ୍କୁ ବିତରଣ କରୁଅଛି । ତୁମ୍ଭେମାନେ ଦୈନନ୍ଦିନ ଅନୁଶୀଳନ କରି ଯେଉଁଠି କେବଳ କ୍ଳେଦ-ପଙ୍କ-ଦୁର୍ଗନ୍ଧ ହିଁ ପାଇଅଛ, ଏକ ସୁନିର୍ଦ୍ଦିଷ୍ଟ ବିମଳ ମନୋଭଙ୍ଗୀର ପ୍ରଭାବାଧୀନ ହୋଇ ତହିଁରେ ମନୋନିବେଶ କଲେ ବିଷରୁ ମଧ୍ୟ ଅମୃତ ବାହାରି ପାରେ, ଏହି ଭରସାରେ ସନ୍ନ୍ୟାସୀର ଲେଖନୀ ସେହି ଜୀବନ ସଂପର୍କରେ ଶ୍ରମସ୍ୱୀକାର କରିବା ଲାଗି ପ୍ରଲୁବ୍ଧ ହୋଇଅଛି । କାରଣ ସଂଯମର ଅନୁକୂଳ ଗ୍ରନ୍ଥ ପାଠ ତୁମ୍ଭମାନଙ୍କର ରୁଚିକୁ ସଂଯମାଭିମୁଖିନୀ କରିପାରେ । କିନ୍ତୁ ଏ କଥା ମଧ୍ୟ ମନେ ରଖିବାକୁ ହେବ ଯେ ତୁମ୍ଭମାନଙ୍କର ରୁଚିକୁ ସଂଯମ ପ୍ରତିଷ୍ଠିତ କରିବା ଓ ଅନ୍ତଃକରଣରୁ ଭୋଗ ଲାଳସାର ପ୍ରସୁପ୍ତ ଲେଶଟିକକୁ ମଧ୍ୟ ନିର୍ବାସିତ ଓ ନିଶ୍ଚିହ୍ନ କରିବାର କ୍ଷମତା ତୁମ୍ଭମାନଙ୍କର ହାତରେ ହିଁ ରହିଅଛି । ଯେଉଁ କାମୁକତା ଓ ଜନ୍ମାନ୍ଧ-ଭୋଗ-ଉନ୍ମତ୍ତତା ତୁମ ଜୀବନକୁ ନେଇ ଦୋଳି ଖେଳୁଅଛି, ତୁମକୁ ଚଞ୍ଚଳରୁ ଚଞ୍ଚଳତର, ନଶ୍ୱରରୁ ନଶ୍ୱରତର ଓ ଭଙ୍ଗୁରରୁ ଭଙ୍ଗୁରତର କରିଅଛି ଓ କରୁଅଛି ତାକୁ ବଜ୍ରମୁଷ୍ଟିରେ ଧାରଣ ପୂର୍ବକ ନିଜର ଇଚ୍ଛାନୁଯାୟୀ ପରିଚାଳିତ କରିବାର ସାମର୍ଥ୍ୟ ଲାଭ କରି

ତୁମ୍ଭେମାନେ ଯେପରି ମିଥ୍ୟା ଜଗତର ମିଥ୍ୟା ଆଚରଣକୁ ସତ୍ୟ ଜଗତର ପୂର୍ଣ୍ଣ ସତ୍ୟରୂପେ ନିଜ ନିଜ ଜୀବନରେ ପ୍ରକଟିତ କରି ପାରିବ, ଏଭଳି ମହାଶକ୍ତି ଘେନି ତୁମେ ମାନବରୂପରେ ଜନ୍ମଗ୍ରହଣ କରିଅଛ । ତୁମ୍ଭମାନଙ୍କ ପକ୍ଷରେ ମାନବ ତନୁ ଧାରଣ ପ୍ରକୃତିର ଏକ ଅନ୍ଧ ଖିଆଲ ମାତ୍ର ନୁହେଁ ।

ତୁମରି ଚରଣେ ମଥା ଯେ ଲୋଟାଏ
ସବୁରି ମଥାରେ ଆସନ ସେ ପାଏ

-ଶ୍ରୀ ଶ୍ରୀ ସ୍ୱରୂପାନନ୍ଦ-

ବିବାହର ଅଭିବ୍ୟକ୍ତି

ଅଭିଧାନରେ ସ୍ଥାନ ପାଇଥିବା ପ୍ରତ୍ୟେକ ଶବ୍ଦ ଭାଗ୍ୟରେ ଏପରି ଏକ ସମୟ ଅତିବାହିତ ହୋଇଯାଇଛି, ଯେଉଁ ସମୟରେ ସେ ଶବ୍ଦର ଅସ୍ତିତ୍ୱ ସୁଦ୍ଧା ନ ଥିଲା । ଆଉ ମଧ୍ୟ ବିଭିନ୍ନ କାଳରେ ପ୍ରତ୍ୟେକ ଶବ୍ଦର ଅର୍ଥର ରୂପାନ୍ତର ମଧ୍ୟ ହୋଇଆସିଛି । 'ବିବାହର' ଶବ୍ଦ ଭାଗ୍ୟରେ ମଧ୍ୟ ତାହାହିଁ ଘଟିଅଛି, ଅର୍ଥାତ୍ ଏପରି ଏକ ସମୟ ଥିଲା ଯେତେବେଳେ 'ବିବାହ' ବୋଲି କୌଣସି ଶବ୍ଦ ଆଦୌ ପ୍ରଚଳିତ ନ ଥିଲା । 'ବିବାହ' ଶବ୍ଦର ପ୍ରଚଳନ ପରେ ମଧ୍ୟ ବିଭିନ୍ନ କାଳରେ ଏହାର ରୂପାନ୍ତର ମଧ୍ୟ ଘଟି ଆସିଛି । ଆଗାମୀ ଯୁଗରେ ବିଭିନ୍ନ ସମୟରେ ମଧ୍ୟ 'ବିବାହ' ଅର୍ଥର ପରିବର୍ତ୍ତନ ହେବା ଅବଶ୍ୟମ୍ଭାବୀ ।

ବିବାହର ଆଦିମ ରୂପ

ଯେଉଁ ସମୟରେ ବିବାହ ବା ତଦ୍‌ବୋଧକ କୌଣସି ଶବ୍ଦର ପ୍ରଚଳନ ନଥିଲା, ସେ ଯୁଗରେ ନାରୀ-ପୁରୁଷର ଯୌନମିଳନ ବ୍ୟାପାର ପଶୁପକ୍ଷୀଙ୍କ ଯୌନମିଳନ ପରି ନିତାନ୍ତ ସାଧାରଣ ଓ ସମସ୍ତ ପ୍ରକାର ବିଧିନିଷେଧ-ବର୍ଜିତ ଥିଲା । ସାଧାରଣ ମାନବ ଶ୍ୱାସ-ପ୍ରଶ୍ୱାସ ଗ୍ରହଣ ଓ ତ୍ୟାଗ କରି ମଧ୍ୟ ଯେପରି ଜାଣିପାରେ ନାହିଁ ଯେ ସେ ପ୍ରାଣାୟାମହିଁ କରୁଅଛି, ଠିକ୍ ସେହିପରି ସେ କାଳରୁ ନାରୀ ପୁରୁଷମାନେ ମିଥୁନୀଭୂତ ଭାବରେ ସମ୍ମିଳିତ ହୋଇ ମଧ୍ୟ ଜାଣିପାରୁ ନଥିଲେ ଯେ ସେମାନେ ସନ୍ତାନଜନନ ହିଁ କରୁଛନ୍ତି । ସନ୍ତାନ ଜନ୍ମର ପ୍ରକୃତ କାରଣ ସମ୍ବନ୍ଧରେ ନରନାରୀଙ୍କର ଏହି ଅଜ୍ଞତା ସମ୍ଭବତଃ ହଜାର ହଜାର ବର୍ଷ ବ୍ୟାପୀ ରହିଥିଲା । ସେ ଯୁଗରେ ଯୌନମିଳନ କେବଳ ସୁଖଲିପ୍ସା-ତୃପ୍ତି ବ୍ୟତୀତ ଆଉ କିଛି ନଥିଲା ଏବଂ ସେହି ତୃପ୍ତି ଅନ୍ୱେଷଣ କରିବାକୁ ଯାଇ ସେ କାଳର ନରନାରୀମାନେ କୌଣସି ପ୍ରକାର ରକ୍ତ-ସମ୍ପର୍କର ନୈକଟ୍ୟକୁ ଅଲଙ୍ଘନୀୟ ମନେ କରୁ ନଥିଲେ କିମ୍ବା ଜନ୍ମଗତ କୌଣସି ସମ୍ପର୍କ କଥା ମଧ୍ୟ ବିଚାର ବିବେଚନା କରୁ ନଥିଲେ । ସୁଖତୃଷ୍ଣାରେ ଯେ ଯାହାର ସମୀପସ୍ଥ ହେଉଥିଲା ସେ ତା ସହିତ ସଙ୍ଗମ କରୁଥିଲା । ରତିସୁଖ-ପ୍ରଣୋଦିତ ଏକ ନାରୀ ବା ପୁରୁଷ ଯେ କୌଣସି ନାରୀ ବା

ପୁରୁଷର ସଂସର୍ଗ ଅଥବା ବହୁନାରୀ ବା ବହୁପୁରୁଷର ସଂସର୍ଗ ଅବାଧରେ ଓ ଅକୁଣ୍ଠିତ ଚିତ୍ତରେ କରୁଥିଲା । ସେ ପର୍ଯ୍ୟନ୍ତ ସମାଜ ଗଢ଼ିଉଠି ନଥିବାରୁ ନାରୀ ପୁରୁଷ କାହା ପକ୍ଷରେ ହେଲେ ଦୈହିକ ଏକପରାୟଣତାର ଆବଶ୍ୟକତା ଅନୁଭୂତ ହେଉ ନଥିଲା । ଏହାପରେ "ବିବାହ" ନାମ କୌଣସି ପ୍ରଥା ପ୍ରବର୍ତ୍ତିତ ନ ହୋଇଥିଲେ ମଧ୍ୟ ଗୋଟିଏ ପୁରୁଷର ଗୋଟିଏ ନାରୀ ସହିତ ଦୀର୍ଘତମ ଘନିଷ୍ଠତା ଓ ସହାବସ୍ଥାନ ଧୀରେ ଧୀରେ ସମାଜସିଦ୍ଧରୂପେ ସ୍ୱୀକୃତ ହେଲା । ତତ୍‌ପରବର୍ତ୍ତୀ କାଳରେ ବିବାହ "ବିଧି" ରୂପରେ ଏକ ଅନୁଷ୍ଠାନରେ ପରିଣତ ହେଲା । ପ୍ରତ୍ୟେକ ନାରୀ ବିବାହିତା ହୋଇ ଜଣେ ପୁରୁଷଙ୍କୁ ପତିରୂପେ ସ୍ୱୀକାର କଲେ କିନ୍ତୁ ଏଥିଯୋଗୁଁ ସେମାନଙ୍କର ଯୌନ ସ୍ୱାଧୀନତା ଲୁପ୍ତ ହୋଇ ନଥିଲା । ମହାଭାରତ ଆଦି ପର୍ବର ୧୨୨ ଅଧ୍ୟାୟରେ ମହାରାଜ ପାଣ୍ଡୁ କୁନ୍ତୀଙ୍କୁ ସମ୍ବୋଧନ କରି ଯାହା କହିଥିଲେ ବୋଲି ବୈଶମ୍ପାୟନଙ୍କ ମୁଖରେ ମହର୍ଷି କୃଷ୍ଣଦ୍ୱୈପାୟନ ବେଦବ୍ୟାସ ବର୍ଣ୍ଣନା କରି ଯାଇଛନ୍ତି ତାହା ଏହି ଯୁଗର କଥା । ତାର ସାରମର୍ମ ହେଉଛି – 'ପୂର୍ବକାଳରେ ନାରୀମାନେ ସ୍ୱାଧୀନା ଥିଲେ । ଯାହା ସହିତ ଇଚ୍ଛା ହେଉଥିଲା ତା ସହିତ ସମ୍ମିଳିତ ହୋଇ ପାରୁଥିଲେ । ସେଥିପାଇଁ ସ୍ୱାମୀ ବା ଆଉ କାହାର ଆଜ୍ଞାକୁ ଅପେକ୍ଷା କରୁ ନଥିଲେ । ଅବିବାହିତା ଅବସ୍ଥାରେ ସେମାନେ ପୁରୁଷ ସଂସର୍ଗ କରୁଥିଲେ । ତାହା ଦୋଷ ବୋଲି ଧରାଯାଉ ନଥିଲା । କାରଣ ସେ ସମୟରେ ଧର୍ମ ସେହିପରି ଥିଲା । ବର୍ତ୍ତମାନ ପଶୁପକ୍ଷୀମାନେ ସେହି ପ୍ରାଚୀନ ଧର୍ମର ଅନୁଶୀଳନ କରୁଛନ୍ତି, ତେଣୁ କେହି କାହା ପ୍ରତି କ୍ରୁଦ୍ଧ ହୁଅନ୍ତି ନାହିଁ । ଉତ୍ତର କୁରୁମାନଙ୍କ ମଧ୍ୟରେ ଅଦ୍ୟାପି ଏହି ଧର୍ମ ପ୍ରଚଳିତ ଅଛି ।' କିନ୍ତୁ ଏହି ଲୋକଧର୍ମ ଯାହା ପ୍ରାଚୀନ କାଳରେ ପ୍ରଚଳିତ ଥିଲା, ତାହା ଚିରକାଳ ଅନୁସୃତ ନ ହେବାର କାରଣଟି ମନୁଷ୍ୟ ମନର ବିକାଶର ଗତି ଓ ପ୍ରକୃତି ମଧ୍ୟରେ ହିଁ ନିହିତ ରହିଥିଲା ଓ ସେହି କାରଣରୁ ମହାତପା ଶ୍ୱେତକେତୁଙ୍କ କଣ୍ଠରେ ଏହାର ତୀବ୍ର ପ୍ରତିବାଦ ଧ୍ୱନିତ ହୋଇଥିଲା ।

ସମାଜ ବନ୍ଧନର ପ୍ରଥମ ରଜ୍ଜୁ

ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ନିଜ ଜନ୍ମର କାରଣ ଅନୁସନ୍ଧାନ କରି ବାହାର କରିପାରି ନ ଥିଲା ସେହି ସମୟ ମଧ୍ୟରେ ଯଦି କୌଣସି ସାମାଜିକ

ଭାବର ଉନ୍ମେଷ ଘଟିଥାଏ ତେବେ ତାହା ପଶୁପକ୍ଷୀ ସମାଜ ଅପେକ୍ଷା ବିଶେଷ ଉନ୍ନତତର ନଥିଲା । କିନ୍ତୁ ଯେତେବେଳେ ମନୁଷ୍ୟର ଜ୍ଞାନ ପ୍ରସାରିତ ହେଲା, ନାରୀ ଯେତେବେଳେ ପ୍ରସୂତ ସନ୍ତାନର ଜନକକୁ ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବକ ଚିହ୍ନାଇ ଦେବାକୁ ସମର୍ଥ ହେଲା ଓ ବୀର୍ଯ୍ୟାଧାନକାରକ ମାନବ ଯେତେବେଳେ ନିଜେ ସନ୍ତାନ-ଜନନର କାରଣ ବୋଲି ଭାବିବାକୁ ଶିଖିଲା ସେହିଦିନଠାରୁ ପ୍ରକୃତି-ଜନନୀର ଅଦୃଶ୍ୟ ହାତରେ ସମାଜ-ବନ୍ଧନ ରଜ୍ଜୁ ପାକଳ ହେବାକୁ ଲାଗିଲା । ପ୍ରଥମତଃ ଜନନୀ ସମସ୍ତଙ୍କର ଜନ୍ମର କେନ୍ଦ୍ର ବୋଲି ଜାଣି ବହୁ ପିତୃଜାତ ସନ୍ତାନମାନେ ଗୋଟିଏ ପ୍ରକାର ମାତୃ-ସମାଜ ଗଠନ କଲେ । ପରବର୍ତ୍ତୀ କାଳରେ ଜନକ ସମସ୍ତଙ୍କର ଜନ୍ମର କେନ୍ଦ୍ର ବୋଲି ବୁଝି ପାରି ବହୁ ମାତୃଜାତ ସନ୍ତାନମାନଙ୍କ ଦ୍ୱାରା ଆଉ ଗୋଟିଏ ପ୍ରକାର ପିତୃଗତ ସମାଜ ଗଢ଼ି ଉଠିଲା । ନାରୀ ଉପରେ ପୁରୁଷର ଅଧିକାର ବିସ୍ତାର ସଙ୍ଗେ ସଙ୍ଗେ ମାତୃଗତ ସମାଜ-ପ୍ରସାର-ପଦ୍ଧତି ଧୀରେ ଧୀରେ ପିତୃଗତ ସମାଜ-ପ୍ରସାର-ପଦ୍ଧତି ପାଖରେ ପରାଭବ ସ୍ୱୀକାର କରିବାକୁ ଲାଗିଲା ଓ ଜଣେ ଜଣେ ପୁରୁଷଙ୍କୁ କେନ୍ଦ୍ର କରି ବହୁ ନାରୀଙ୍କର ସନ୍ତାନ ସନ୍ତତିମାନେ ପରସ୍ପର ସହଯୋଗରେ ସମାଜକୁ ଗଠିତ, ଶାସିତ ଓ ସଂପ୍ରସାରିତ କରିବାକୁ ଲାଗିଲେ ।

ଶ୍ୱେତକେତୁଙ୍କର ଅପକ୍ଷପାତ ସୀମା ନିର୍ଦ୍ଦେଶ

ମହାମନା ଶ୍ୱେତକେତୁ ସମଦର୍ଶିତା ପ୍ରେରିତ ହୋଇ ଭାରତୀୟ ସମାଜରେ ସ୍ତ୍ରୀପୁରୁଷ ଉଭୟଙ୍କ ପାଇଁ ସୀମା ନିର୍ଦ୍ଦେଶ କରିଦେଲେ । 'ଶ୍ୱେତକେତୁ ନିୟମ କରିଦେଲେ ଯେ ଆଜିଠାରୁ ଯେଉଁ ନାରୀ ଭର୍ତ୍ତାକୁ ଅତିକ୍ରମ କରି ବ୍ୟଭିଚାରିଣୀ ହେବ, ତାକୁ ଘୋର ଦୁଃଖଦାୟକ ଭ୍ରୂଣହତ୍ୟା ପାତକ ଲାଗିବ । ଅପିଚ ଏହି ଭୂମଣ୍ଡଳର ଯେଉଁ ପୁରୁଷ କୌମାର ବ୍ରହ୍ମଚାରୀଣୀ ପତିବ୍ରତା ପ୍ରଣୟିନୀ ଭାର୍ଯ୍ୟାକୁ ଅତିକ୍ରମ କରି ପରନାରୀ ସମ୍ଭୋଗ କରିବ ତାକୁ ମଧ୍ୟ ସେହିଭଳି ପାତକ ଲାଗିବ' । (ମହାଭାରତ, ଆଦିପର୍ବ ୧୨୨ ଅଃ) ଶ୍ୱେତକେତୁଙ୍କର ଅନୁଶାସନର ମର୍ମ ପ୍ରତିପାଳିତ ହୋଇଥିଲେ ମାତୃଗତ ଓ ପିତୃଗତ ଉଭୟବିଧ ସମାଜ-ଧାରା ଧୀରେ ଧୀରେ ଶ୍ଲିଷ୍ଟ ହୋଇ ଏକମାତା ଓ ଏକପିତାର ସାମ୍ୟମୂଳକ ସମ୍ମିଳନରୁ ଉଦ୍ଭୂତ ପୃଥକ୍ ପୃଥକ୍

ସମାଜ-ଧାରା ପ୍ରବାହିତ ହୋଇଥାନ୍ତା । କିନ୍ତୁ ଶ୍ୱେତକେତୁ ଯେଉଁ ସୀମା ନିର୍ଦ୍ଦେଶ କରିଦେଲେ ତାହା ଫଳରେ ନାରୀର ଏକପରାୟଣତା ପ୍ରତିଷ୍ଠିତ ହେଲେ ମଧ୍ୟ ପୁରୁଷର ବହୁପରାୟଣତା ନିବାରିତ ହେଲାନାହିଁ । କାରଣ ପୁରୁଷମାନେ ଶ୍ୱେତକେତୁଙ୍କ ନିର୍ଦ୍ଦେଶ ମାନିଲେ ନାହିଁ । ଦୀର୍ଘତମା ପ୍ରଭୃତି ଏକଦେଶଦର୍ଶୀ ପକ୍ଷପାତୀ ଋଷିମାନେ ପୁରୁଷମାନଙ୍କର ଆଚରଣକୁ ନିୟନ୍ତ୍ରିତ କରିବା ପାଇଁ ତିଳେ ହେଲେ ଚେଷ୍ଟା ନକରି କେବଳ ନାରୀ ମାନଙ୍କର ବହୁପରାୟଣତା ରୋଧ କରିବାକୁ ଲାଗିଲେ । 'ଏକଦା ଦୀର୍ଘତମା ଭାର୍ଯ୍ୟାକୁ ଅସନ୍ତୁଷ୍ଟା ଦେଖି କହିଲେ, ତୁ କି ହେତୁ ମୋ ପ୍ରତି ବିଦ୍ୱେଷାଚରଣ କରୁ ?" ଭାର୍ଯ୍ୟା ପ୍ରାଦ୍ୱେଷୀ କହିଲେ "ସ୍ୱାମୀ ଭାର୍ଯ୍ୟାର ଭରଣ ପୋଷଣ କରନ୍ତି ବୋଲି ତାଙ୍କୁ ଭର୍ତ୍ତା କୁହାଯାଏ ଓ ପାଳନ କରନ୍ତି ବୋଲି ତାଙ୍କୁ ପତି କୁହାଯାଏ । ହେ ମହାତପ ! ତୁମେ ଜନ୍ମାନ୍ଧ ହୋଇ ଥିବାରୁ ମୁଁ ଚିରକାଳ ତୁମର ଓ ତୁମ ପୁତ୍ରମାନଙ୍କର ଭରଣ-ପୋଷଣ କରି ଶ୍ରମାତୁରା ହୋଇଅଛି । ଏଣିକି ମୁଁ ଆଉ ତୁମ୍ଭମାନଙ୍କର ଭରଣପୋଷଣ କରି ପାରିବିନାହିଁ । ତୁମେ ଯାହା ଇଚ୍ଛା ତାହାକର, ମୁଁ ଆଉ ପୂର୍ବପରି ତୁମ୍ଭମାନଙ୍କର ଭରଣପୋଷଣ କରିବାକୁ ଅସମର୍ଥ' । ଦୀର୍ଘତମା କହିଲେ, 'ଆଜିଠାରୁ ମୁଁ ଏହି ପ୍ରକାର ଲୋକମର୍ଯ୍ୟାଦା ସ୍ଥାପନ କରୁଅଛି ଯେ ନାରୀ ଯାବଜ୍ଜୀବନ ଏକମାତ୍ର ପତିପରାୟଣା ହେବ । ସେହି ଏକମାତ୍ର ସ୍ୱାମୀ ଜୀବିତ ଥାଉ ବା ମୃତ ହେଉ, ନାରୀ ଅନ୍ୟ ପତିକୁ ଆଶ୍ରୟ କରିପାରିବ ନାହିଁ । ଯଦ୍ୟପି କୌଣସି ନାରୀ ଅନ୍ୟ ପତିକୁ ପ୍ରାପ୍ତ ହୁଏ ତାହାହେଲେ ସେହି ନାରୀ ପତିତା ହୋଇବ । ଏଥିରେ ସନ୍ଦେହ ନାହିଁ' । (ମହାଭାରତ ଆଦିପର୍ବ, ୧୦୪ ଅଧ୍ୟାୟ)

ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ସୁବିଚାର ଚେଷ୍ଟା

ଏଥିରେ ଅବଶ୍ୟ କିଛି ସୁଫଳ ଫଳିଲା ସନ୍ଦେହ ନାହିଁ । କିନ୍ତୁ ନରନାରୀ ଉଭୟଙ୍କର ଦାୟିତ୍ୱ ଓ ଅଧିକାରର ସମତା ନ ରହିଲେ ଯେଉଁ ବିଶୃଙ୍ଖଳା ଜନ୍ମେ, ତୋଷରଖାନାର ସଦର ଦରଜାରେ ତାଲା ପକାଇ ବାଡ଼ିଦ୍ୱାର ଖୋଲା ରଖିଲେ ରାଜକୋଷର ଯେପରି ଅନର୍ଥକ ଅପଚୟ ଘଟେ, ଜଣକୁ ନିରଙ୍କୁଶ ସ୍ୱାଧୀନତା

ଦେଇ ଅନ୍ୟ ଜଣକୁ କାରାରୁଦ୍ଧ କଲେ ଯେଉଁ ବିଷମ ଦୈହିକ, ମାନସିକ ଓ ଆତ୍ମିକ ଅଧୋଗତି ଘଟେ ସେହି ଦୁଃଖଦ ପରାଭବ ଏ ଯୁଗର ପ୍ରାତଃସ୍ମରଣୀୟ ମହାତ୍ମା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ବହୁବିବାହ ବିରୁଦ୍ଧରେ ପ୍ରକାଶ୍ୟ ଯୁଦ୍ଧ ଘୋଷଣା କରିବାକୁ ବାଧ୍ୟ କଲା । ଏହା ଫଳରେ ଅନ୍ୟାନ୍ୟ କେତେକ କାରଣରୁ ପୁରୁଷର ବହୁ ବିବାହ କିଞ୍ଚିତ ପ୍ରଶମିତ ହେଲା ସତ୍ୟ କିନ୍ତୁ ଆଦର୍ଶ ଦୃଷ୍ଟିରୁ ପୁରୁଷର ଏକ ପରାୟଣତା ଏବେ ମଧ୍ୟ ବହୁଳାଂଶରେ ଏକ କଳ୍ପନାର ବସ୍ତୁ ହୋଇ ରହିଅଛି । ଆର୍ଥିକ ଅଭାବ ବା ପାରିବାରିକ ଅଶାନ୍ତିର ଆଶଙ୍କା ନ ଥିଲେ ଆଜି ମଧ୍ୟ ଅନେକ ପୁରୁଷ ଏକାଧିକ ବିବାହ କରିବାକୁ ଲଜ୍ଜାବୋଧ କରନ୍ତି ନାହିଁ ବା ବହୁବିବାହ ଯୋଗୁଁ ନିଜେ ଆତ୍ମଧିକ୍କାରଯୋଗ୍ୟ ବୋଲି ଭାବନ୍ତି ନାହିଁ । * ଆଚରଣ ଦିଗରୁ ଦେଖିଲେ ବହୁ ବିବାହ କମିଯାଇଛି ସତ କିନ୍ତୁ ଅଭିଳାଷ ବା ଆକାଂକ୍ଷା ଦିଗରୁ ଦେଖିଲେ ଏହା ଅପାଂକ୍ତେୟ ହୋଇନାହିଁ ।

ଭାବିଯୁଗର ବିବାହିତ ଜୀବନ

ସାମାଜିକ ଜୀବନର ପୂର୍ବୋକ୍ତ ସଂକ୍ଷିପ୍ତ ଇତିହାସ ମନନ କଲେ, ବିଭିନ୍ନ ସାମାଜିକ ଅବସ୍ଥାରେ 'ବିବାହ' କଥାଟାର କି କି ପ୍ରକାର ବ୍ୟାଖ୍ୟା ହୋଇ ଆସିଛି ତାହା ଯେ କେହି ସହଜରେ ବୁଝିପାରିବେ । ଯେତେଦିନ ପର୍ଯ୍ୟନ୍ତ ନାରୀ ପ୍ରତି ପୁରୁଷର ଓ ପୁରୁଷ ପ୍ରତି ନାରୀର କର୍ତ୍ତବ୍ୟ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ଉତ୍‌ଥାପିତ ହୋଇ ନଥିଲା ସେତେଦିନ ପର୍ଯ୍ୟନ୍ତ ବିବାହ 'ବନ୍ଧନ'ମଧ୍ୟ ସୃଷ୍ଟି ହୋଇ ନଥିଲା । କାରଣ ସନ୍ତାନଜନନ ପାଇଁ ବିବାହ ଅପରିହାର୍ଯ୍ୟ ନୁହେଁ, ବିବାହ ବ୍ୟତୀତ ମଧ୍ୟ ମାନବର ଜନ୍ମଧାରା ଆଦିମ କାଳରୁ ଅପ୍ରତିହତ ଭାବରେ ପ୍ରବାହିତ ହୋଇ ଆସିଥିଲା । କିନ୍ତୁ ଯେଉଁଦିନ ଠାରୁ ପ୍ରସ୍ତୁତ ସନ୍ତାନ ଜନନ-ଜନନୀଙ୍କୁ ପରସ୍ପର ପ୍ରତି ପରସ୍ପରର ଦାୟିତ୍ୱ ଗୁଡ଼ିକ ସ୍ମରଣ କରାଇ ଦେବାକୁ ଆରମ୍ଭ କଲା, ସେହିଦିନ ଠାରୁ ବିବାହ

*** ଏହି ଗ୍ରନ୍ଥ ପ୍ରାୟ ୫୦ ବର୍ଷ ପୂର୍ବେ ଲିଖିତ ହୋଇଥିଲା । ଇତ୍ୟବସରେ ବହୁ ବିବାହ ହିନ୍ଦୁ ସମାଜରୁ ପ୍ରାୟ ଲୋପ ପାଇଛି କହିଲେ ଚଳେ । ତଦୁପରି ସମ୍ପ୍ରତି ହିନ୍ଦୁର ବହୁବିବାହ ନିରୋଧ ଆଇନ ମଧ୍ୟ ପ୍ରଣୀତ ହୋଇଛି । - ଗ୍ରନ୍ଥକାର-**

ଏକ ବନ୍ଧନ ରୂପ ପରିଗ୍ରହଣ କଲା। ବନ୍ଧନ ସିନା ସୃଷ୍ଟି ହେଲା, କିନ୍ତୁ ପ୍ରାରମ୍ଭିକ ଅବସ୍ଥାରେ ସେ ବନ୍ଧନ ସେଭଳି ସୁଦୃଢ଼ ନଥିଲା । ମନୁଷ୍ୟ ମନର ଭାବର ଉନ୍ମେଷ ସଙ୍ଗେ ସଙ୍ଗେ ଧୀରେ ଧୀରେ କର୍ତ୍ତବ୍ୟଜ୍ଞାନ କ୍ରମଶଃ ପ୍ରବଳତର ଓ ବିବାହବନ୍ଧନ ଦୃଢ଼ତର ହେବାକୁ ଲାଗିଲା । ଭବିଷ୍ୟତ କାଳରେ ମଧ୍ୟ ଆଦର୍ଶ ନରନାରୀଙ୍କ ମଧ୍ୟରେ ଦିନକୁଦିନ କର୍ତ୍ତବ୍ୟ ଜ୍ଞାନ ଆହୁରି ସୂକ୍ଷ୍ମ ଓ ବିବାହ ବନ୍ଧନ ଆହୁରି ସୁଦୃଢ଼ ହେବାକୁ ଲାଗିବ । ସେ କାଳରେ ବିବାହିତ ଜୀବନ ଭଗବତ-ସାଧନମୟ ଜୀବନରେ ପରିଣତ ହେବ, ନାରୀ ପୁରୁଷର ଦୈହିକ ମିଳନ ଅଙ୍ଗଲିପ୍‌ସାର ମୁଖାପେକ୍ଷୀ ନ ହୋଇ ଆତ୍ମିକ-କଲ୍ୟାଣ-ମୁଖାପେକ୍ଷୀ ହୋଇ ପରିଚାଳିତ ହେବ ଓ ସନ୍ତାନଜନନ ମାଧ୍ୟମରେ ସେ ମିଳନ ବ୍ରହ୍ମଚର୍ଯ୍ୟକୁ ସୁପ୍ରତିଷ୍ଠିତ କରିବ ।

ଦାମ୍ପତ୍ୟ ଏକନିଷ୍ଠାର ବିଦେହୀ ତାତ୍ପର୍ଯ୍ୟ

କୌଣସି ରମଣୀ ଏକମାତ୍ର ନିଜ ପତି ଛଡ଼ା ଅନ୍ୟ କୌଣସି ପୁରୁଷ ସହିତ ଯୌନ-ବ୍ୟବହାର କରିବ ନାହିଁ ବୋଲି ଯେଉଁଦିନଠାରୁ ସ୍ୱୀକୃତ ହେଲା, ସେହିଦିନଠାରୁ ନାରୀର ପରାଧୀନତା ଯୁଗ ଆରମ୍ଭ ହେଲା ବୋଲି କେହି କେହି ବର୍ଣ୍ଣନା କରିଛନ୍ତି । କିନ୍ତୁ ପରିଣାମରେ ଯୌନ ଏକନିଷ୍ଠା ନାରୀର କିଭଳି ହିତସାଧନ କରିପାରିଛି ସେକଥା ସେମାନେ ଆଦୌ ଚିନ୍ତାକରି ନାହାନ୍ତି । କୌଣସି ପୁରୁଷ କେବଳ ଗୋଟିଏ ପତ୍ନୀ ବ୍ୟତୀତ ଆଉ କାହାକୁ ଶଯ୍ୟାସଙ୍ଗିନୀ କରିପାରିବ ନାହିଁ ବୋଲି ପୁରୁଷମାନଙ୍କ ପାଇଁ ଯେଉଁ ନୀତି ନିର୍ଦ୍ଧାରଣର ଚେଷ୍ଟା ହୋଇଥିଲା ଓ ହୋଇଅଛି, ତାକୁ ନାରୀ-ପୁରୁଷର ସମତ୍ୱ ବିଧାୟକ ପ୍ରଚେଷ୍ଟା ବୋଲି ଅଭିନନ୍ଦିତ କରାଯାଇଛି କିନ୍ତୁ ତାର ତାତ୍ପର୍ଯ୍ୟ କେବଳ ନାରୀ ପ୍ରତି ହେଉଥିବା ଅବିଚାରର ପ୍ରତିକାର ନୁହେଁ ବା କେବଳ ନାରୀ ପୁରୁଷ ମଧ୍ୟରେ ସାମ୍ୟ ପ୍ରତିଷ୍ଠା ନୁହେଁ, ତାର ତାତ୍ପର୍ଯ୍ୟ ଏହା ଅପେକ୍ଷା ଯେ ଆହୁରି ବେଶି ଗଭୀରତର ସେ କଥାଟି କେହି ଆଜି ପର୍ଯ୍ୟନ୍ତ ଚିନ୍ତା ମଧ୍ୟ କରିପାରିନାହାନ୍ତି । କେତେଗୁଡ଼ିଏ ବିଶେଷ ବିଶେଷ ଭଙ୍ଗିମା ଗ୍ରହଣ କରିବାର ଯୋଗ୍ୟତା ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ରହିଛି । ଏହି ଭଙ୍ଗିମାଗୁଡ଼ିକ ଯୋଗର ଗୋଟିଏ ଗୋଟିଏ ମୁଦ୍ରା । ମୁଦ୍ରାଗୁଡ଼ିକ ଯେ ଶରୀରର ଅଙ୍ଗବିଶେଷର କେବଳ ଗୋଟିଏ ଗୋଟିଏ ଭଙ୍ଗିମା ତାହା ନୁହେଁ; ଏଗୁଡ଼ିକ ତାଠାରୁ

ଆଉ କିଛି ଅଧିକ । ଗୋଟିଏ ଗୋଟିଏ ମୁଦ୍ରା ଗୋଟିଏ ଭାବର ଦ୍ୟୋତକ ଓ ସାଧକ । ଆଉ ମଧ୍ୟ ଗୋଟିଏ ଗୋଟିଏ ଭାବ ପ୍ରଥମ ଦୃଷ୍ଟିରେ ଯେପରି ବୋଧହୁଏ, ଗଭୀରତର ଅନୁଶୀଳନ କଲେ ତଦପେକ୍ଷା ବହୁତ ବେଶି ଆଶ୍ଚର୍ଯ୍ୟକର ଓ ଗଭୀରତର ଅନୁଭୂତିଦ୍ୱାରା ତାର ବିସ୍ମୟକର ଅଭିନବ ରୂପ ପ୍ରକଟିତ ହୁଏ । ଗୋଟିଏ ଗୋଟିଏ ମୁଦ୍ରାର ଅନୁଶୀଳନ ଦ୍ୱାରା କେବଳ ଶାରୀରିକ ଭଙ୍ଗିମାବିଶେଷର ସହାୟତାରେ ହିଁ ମନ ଭିତରେ ଗୋଟିଏ ଗୋଟିଏ ବିଶେଷ ବିଶେଷ ଭାବର ଉଦ୍ରେକ ହୁଏ ଓ ଚିତ୍ତ ମଧ୍ୟରେ ଗୋଟିଏ ଗୋଟିଏ ନୂଆ ନୂଆ ରସର ଆସ୍ୱାଦନ ମିଳେ । କରାଙ୍ଗୁଳି ପଦାଙ୍ଗୁଳି, ବକ୍ଷ, ଉଦର, ନାସିକା, ନୟନ, ଲଲାଟ, ଚର୍ମ, କର୍ଣ୍ଣ, ଗ୍ରୀବା, ଓଷ୍ଠ, କପାଳ, ଦନ୍ତ, ରସନା, ଭ୍ରୂ-ଯୁଗଳ ଓ କଣ୍ଠ ପ୍ରଭୃତି ଶରୀରର ପ୍ରତ୍ୟେକଟି ପ୍ରତ୍ୟଙ୍ଗଦ୍ୱାରା ନାନାବିଧ ମୁଦ୍ରାନୁଶୀଳନ ସମ୍ଭବପର । ଏହି ସବୁ ମୁଦ୍ରାର ସହାୟତାରେ ନାନାବିଧ ମନୋଭାବର ଜାଗୃତି ଘଟେ ଓ ଭାବର ପ୍ରଗାଢ଼ତା ଅନୁସାରେ ନାନାବିଧ ଚିତ୍ତସୁଖ ଅନୁଭୂତ ହୁଏ । ଯେଉଁଠି ଦୁଇଟି ବ୍ୟକ୍ତି ମିଳିତ ହେଲେ ଯାଇ ଗୋଟିଏ ମୁଦ୍ରାର ଅନୁଶୀଳନ ସମ୍ଭବପର ହୁଏ, ଯଥା ସହବାସ, ସେ କ୍ଷେତ୍ରରେ ଏବଂ ବିଧ ଅନୁଶୀଳନ ମଧ୍ୟରେ ଏକନିଷ୍ଠତାର ଆବଶ୍ୟକତା ଅତ୍ୟଧିକ । କାରଣ ତାହା ନହେଲେ ଉକ୍ତ ମୁଦ୍ରା କେବଳ ଏକ ଶାରୀରିକ କ୍ରିୟା ସ୍ତରରେ ରହିଯାଏ ଓ ତାର କୌଣସି ଆଧ୍ୟାତ୍ମିକ ସାର୍ଥକତା ଆସେନାହିଁ । ନରନାରୀଙ୍କର ଦୈହିକ ମିଳନ ଏକ ମୁଦ୍ରାବିଶେଷ । ଏହି ମୁଦ୍ରାରେ ଯେପରି ଏକ ନିର୍ଦ୍ଦିଷ୍ଟ ଶାରୀରିକ ଭଙ୍ଗିମା ଅଛି ସେହିପରି ଏହା ଦୁଇଟି ଆତ୍ମା ମଧ୍ୟରେ ମିଳନର ଏକ ଇଙ୍ଗିତ ମଧ୍ୟ ଦିଏ । ଏହି ମୁଦ୍ରାନୁଶୀଳନରେ ବୈୟକ୍ତିକ ଏକ ନିଷ୍ଠା ନ ଥିଲେ ନିତ୍ୟନୂତନ ଦେହସୁଖ ହୁଏତ ଉପଲବ୍ଧ ହୋଇପାରେ କିନ୍ତୁ ଏହି ମୁଦ୍ରାର ଅନ୍ତର୍ନିହିତ ଯେଉଁ ଆତ୍ମିକ ମିଳନର ଇଙ୍ଗିତ, ତାହା ଉପଲବ୍ଧଗମ୍ୟ ହୁଏନାହିଁ କି ବୁଦ୍ଧିଗ୍ରାହ୍ୟ ମଧ୍ୟ ହୁଏନାହିଁ । ଦେହ ଯେ ଦେହ ପ୍ରତି ଆକୃଷ୍ଟ ହୁଏ ତାହା କଣ ଖାଲି ଟିକିଏ ଦେହ-ସୁଖର ଲାଳସା ? ତାହା କଣ ଆତ୍ମା ସହିତ ଆତ୍ମାକୁ ମିଳାଇବାର ଆମନ୍ତ୍ରଣ ନୁହେଁ ? ଆତ୍ମିକ-ମିଳନ ଭାବକୁ ଜାଗ୍ରତ, ପ୍ରଗାଢ଼ ଓ ଆସ୍ୱାଦିତ କରାଇବା ମଧ୍ୟରେ ଯେଉଁ ମୁଦ୍ରାର ସାର୍ଥକତା ନିହିତ, ନିତ୍ୟନୂତନ ଅନୁଶୀଳନସଙ୍ଗୀ ସହିତ ଯୌନ-ଘନିଷ୍ଠତା ସୃଷ୍ଟି ଫଳରେ ତାହା ଜାଗ୍ରତ ହୁଏ ନାହିଁ, ଘନୀଭୂତ ହୁଏନାହିଁ ବା ଆସ୍ୱାଦନଗ୍ରାହ୍ୟ ହୁଏନାହିଁ । କିନ୍ତୁ ଯେଉଁଠି ଗୋଟିଏ

ଦାମ୍ପତ୍ୟ-ମୁଦ୍ରା ନିର୍ଦ୍ଦିଷ୍ଟ ଏକ ସହଯୋଗୀ ବା ସହଯୋଗିନୀର ସାହଚର୍ଯ୍ୟରେ ବାରମ୍ବାର ଅନୁଶୀଳିତ ହୁଏ ସେଠାରେ ଦେହର ଅଶୋଭନ ବିହ୍ୱଳତା ଉଭୟଙ୍କର ଆତ୍ମିକ ନୈକଟ୍ୟ ସମୀପରେ ଧୀରେ ଧୀରେ ହୀନପ୍ରଭ ହୋଇ ଏକାନ୍ତ ଗୌଣ ବ୍ୟାପାରରେ ପରିଣତ ହୋଇଯାଏ । ଯେଉଁଠି ଦେହ ଦେଇ ଖାଲି ଦେହକୁ ସନ୍ନିହିତରୂପେ ଲାଭ କରାଯାଉ ଥିଲା, ସେଠାରେ ଦେହର ସାନ୍ନିଧ୍ୟ ଆତ୍ମାର ସାନ୍ନିଧ୍ୟ ମଧ୍ୟ ସୃଜନ କରେ । ଦେହର ନୈକଟ୍ୟ ଦେହର ସୀମାବଦ୍ଧତାକୁ ଅତିକ୍ରମ କରି ଆତ୍ମାର ସାମୀପ୍ୟ ବିଧାନ କରେ । ଏହିପରି ଭାବରେ ଯୌନସଂସର୍ଗର ଏକନିଷ୍ଠା ପରମ ଯୋଗର ସହାୟକ ହୋଇପାରେ । ଅତଏବ ଏହି କାରଣରୁ 'ନାରୀର ଏକ ପତି' ଓ 'ପୁରୁଷର ଏକପତ୍ନୀ' ବିଧାନ ହିସାବରେ ବିପୁଳ ଅଭିନନ୍ଦନ ପାଇବାକୁ ହକ୍‌ଦାର । ଏହା ଅବଶ୍ୟ ବିବାହର ଏକ ଅଭିନବ ବ୍ୟାଖ୍ୟା । କିନ୍ତୁ ବିବାହର କ୍ରମୋନ୍ନତି ପଥରେ ଏହାହିଁ ବିବାହର ପ୍ରତ୍ୟାସନ୍ନ ଭାବୀଯୁଗର ଆଲେଖ୍ୟ । ବିବାହିତ ଜୀବନର ଏହି ସଂଯମ-ସୁରଭିତ ଅକୈତବ-ପ୍ରେମ-ମଧୁମୟ-ସୁଖ ବିଳସିତ ମନୋରମ ଆଲେଖ୍ୟ ଆଜି ପାଶ୍ଚାତ୍ୟ-ମଦିରା-ମୁଗ୍ଧ ଇହସର୍ବସ୍ୱ କ୍ଷଣସ୍ଥାୟୀ ତଥାକଥିତ ଶିକ୍ଷିତ ଶିକ୍ଷିତାମାନଙ୍କର ସମାଜରେ ନିତାନ୍ତ କାଳ୍ପନିକ ବସ୍ତୁ ବା ଅସମ୍ଭବ ବ୍ୟାପାର ରୂପେ ପରିଗଣିତ ହେଲେ ମଧ୍ୟ ପଲ୍ଲୀ-ମାତୃକାର ଚରଣ ସେବାରେ ଜୀବନର ଶ୍ରେଷ୍ଠ ଅଂଶ ନୀରବରେ ଉତ୍ସର୍ଗ କରିଦେଇ ତାର ଫଳସ୍ୱରୂପ ଆମ୍ଭେମାନେ ପ୍ରତ୍ୟକ୍ଷ ଭାବରେ ଅବଗତ ହୋଇଅଛୁ ଯେ ସେହି ମଙ୍ଗଳମୟ ମହନୀୟ ଦିବସର ଶୁଭସୂଚନା ଅଗଣିତ ଯୁବକଯୁବତୀଙ୍କର ଜୀବନରେ ପ୍ରକଟ ବିଗ୍ରହ ଧାରଣ କରିବାକୁ ଆରମ୍ଭ କରିଅଛି, ଭାରତୀୟ ଦମ୍ପତିର ଭାବୀ ଦିବ୍ୟଜୀବନ ଆଜି ନିଜର ପରିଚୟ ନିଜେ ପାଇବାକୁ ପ୍ରୟାସୀ ହୋଇଅଛି ।

ଦମ୍ପତିର ଦିବ୍ୟଜୀବନ ଲାଭର ସମ୍ଭାବନା

ବିବାହିତ ଜୀବନକୁ ଦିବ୍ୟଭାବରେ ବିଭାବିତ କରି ଲୌକିକ ଜୀବନରେ ହିଁ ଆଲୌକିକ ଆଧ୍ୟାତ୍ମିକତାର ପରିବେଷ୍ଟନୀ ସୃଷ୍ଟି କରି ଚଳିବା ଅସମ୍ଭବ ବୋଲି ଭାବିବାର କୌଣସି ଆବଶ୍ୟକତା ଆଜି ନାହିଁ କି ମୁଷ୍ଟିମେୟ ଅଳ୍ପ କେତେଜଣ ନିଜ ନିଜ ବ୍ୟକ୍ତିଗତ ନିଗୂଢ଼ ଜୀବନରେ କେବଳ ଅସାଧାରଣ ହୋଇ ଚଳିବାକୁ

ସକ୍ଷମ, ସର୍ବସାଧାରଣଙ୍କର ତହିଁରେ ଅଧିକାର ନାହିଁ ବା ସେ ଯୋଗ୍ୟତା ନାହିଁ ବୋଲି ଆଜି ବିଶ୍ୱାସ କରିବାର କୌଣସି ସଙ୍ଗତ କାରଣ ମଧ୍ୟ ନାହିଁ । ପରମେଶ୍ୱର ସବୁ ପ୍ରାଣୀଙ୍କ ମଧ୍ୟରେ ଅକଳ୍ପନୀୟ ଶକ୍ତିର ସ୍ଫୁରଣ ଘଟାଇବାକୁ ସମର୍ଥ । ତେଣୁ ବିଶ୍ୱର ଯେ କୌଣସି ଦମ୍ପତିଙ୍କ ଜୀବନ ଅସାଧାରଣ ଜୀବନରେ ପରିଣତ ହୋଇପାରେ । ଲୋଡ଼ା କେବଳ ଏକାଗ୍ର ସାଧନ । ଯେତେବେଳେ ପତିପତ୍ନୀ ଏକତ୍ର ହୋଇ କୌଣସି ଅସାଧାରଣ ସଂକଳ୍ପ ଗ୍ରହଣ କରନ୍ତି ସେତେବେଳେ ପରମେଶ୍ୱର ତାଙ୍କର ଜୀବସୃଜନୀ ଶକ୍ତିକୁ ଏକମୁଖିନୀ କରି ଏକ ମହତୀତର ଶକ୍ତିର ଲୀଳା ପ୍ରକାଶ ଲାଗି ସେହି ଦୁର୍ଲ୍ଲଭ ମାନବ ତନୁ ଦୁଇଟିକୁ ଗ୍ରହଣ କରିନିଅନ୍ତି ।

ବିବାହର ଅର୍ଥ

"ବିବାହ" କଥାଟି ଯେଉଁ ଯୁଗରେ ପ୍ରଥମେ ପ୍ରଚଳିତ ହେଲା ସେ ଯୁଗରେ ସବୁ ଦେଶରେ ନରନାରୀମାନେ ସାମୟିକ ପ୍ରୟୋଜନୀୟତା ଦୃଷ୍ଟିରୁ ପତିପତ୍ନୀ ଭାବରେ ଏକତ୍ର ଅବସ୍ଥାନ କଲେ ତାହା "ବିବାହ" ରୂପେ ଗଣ୍ୟ ହେଉଥିଲା । ପରବର୍ତ୍ତୀ ଯୁଗରେ ନରନାରୀମାନଙ୍କର ପତିପତ୍ନୀ ଭାବରେ ଦୀର୍ଘକାଳ ବ୍ୟାପୀ ଅବସ୍ଥାନକୁ "ବିବାହ" କୁହାଯାଇଥିଲା । ଏ ଯୁଗରେ ଧର୍ମକୁ ସାକ୍ଷୀ ରଖି ନରନାରୀମାନେ ପତି-ପତ୍ନୀଭାବରେ ଏକତ୍ର ଅବସ୍ଥାନ କଲେ ତାହା ବିବାହ ବୋଲି ସ୍ୱୀକୃତ ହେଉଅଛି । କିନ୍ତୁ ଆଦର୍ଶ ଯୁଗରେ ଖାଲି ଧର୍ମକୁ ସାକ୍ଷୀ ରଖି ମିଳନ ହେଲେ ତାହା "ବିବାହ" ପଦବାଚ୍ୟ ହେବ ନାହିଁ, ଧର୍ମାର୍ଥେ ମିଳିତ ହେବାକୁ ହେବ ଓ ସେ ମିଳନଦ୍ୱାରା ପୁରୁଷର ପୁରୁଷତ୍ୱକୁ ସାର୍ଥକତା ମଣ୍ଡିତ ଓ ନାରୀର ନାରୀତ୍ୱକୁ ଗୌରାବାନ୍ୱିତ କରିବାକୁ ହେବ । ଖାଲି ଏକତ୍ର ଅବସ୍ଥାନ କଲେ ତାହା ଯଥେଷ୍ଟ ହେବ ନାହିଁ, ଜଣକର ସାହଚର୍ଯ୍ୟ ଦ୍ୱାରା ଅନ୍ୟ ଜଣକର ଜୀବନକୁ ଉନ୍ନତ ଓ ଜଣକର ଆତ୍ମା ଦ୍ୱାରା ଅନ୍ୟ ଜଣକର ଆତ୍ମାକୁ ଉଦ୍ଧାର କରିବାକୁ ହେବ । ବିବାହର ଏହି ଅପୂର୍ବ ସୁନ୍ଦର ଆଲେଖ୍ୟକୁ ଭାରତୀୟ ସିଦ୍ଧତାପସମାନଙ୍କ ମଧ୍ୟରୁ ଅନେକେ ଦର୍ଶନ କରିଛନ୍ତି ଓ ଭାବୀମାନବ-ସନ୍ତାନମାନଙ୍କୁ ସେ ଆଦର୍ଶରେ ଅନୁପ୍ରାଣିତ କରିବାକୁ ଚାହିଁଛନ୍ତି । ବୋଧହୁଏ ଭାରତବର୍ଷ ବ୍ୟତୀତ ପୃଥିବୀର ଆଉ କୌଣସି ଦେଶ ଏ ଆଦର୍ଶର ସନ୍ଧାନ ଏପରିଭାବରେ ପାଇନାହିଁ । ଅନ୍ୟାନ୍ୟ

ଜାତିମାନେ ଭାରତୀୟ ଆର୍ଯ୍ୟଜାତି ତୁଳନାରେ ବୟସରେ ସାନ ହୋଇଥିବାରୁ ଓ ଆଧ୍ୟାତ୍ମିକ ସାଧନାର ପୁରୁଷାନୁକ୍ରମିକତାରେ ପଶ୍ଚାଦ୍‌ବର୍ତ୍ତୀ ହୋଇଥିବାରୁ ସେମାନେ ନାନା ବିକୃତ ପ୍ରୟୋଜନରେ ବିବାହକୁ ବ୍ୟବହୃତ କରୁଛନ୍ତି । ଭାରତୀୟ ଗୃହୀମାନେ ଯେ ସାର୍ବଜନୀନ ଭାବରେ ଏହି ଆଦର୍ଶର ସନ୍ଧାନ ପାଇ ପାରିଛନ୍ତି, ତାହା ମୁଁ କହୁନାହିଁ । ମୋର କେବଳ ଏତିକି ବକ୍ତବ୍ୟ ଯେ ଏହି ଆଦର୍ଶକୁ ଅନୁସରଣ କରି ଚଳିବା ପାଇଁ ଯେଉଁ ଅନୁକୂଳ ଅବସ୍ଥା ଲୋଡ଼ା, ନାନା କାରଣରୁ ତାହା ଭାରତୀୟ ଗୃହୀମାନଙ୍କ ପକ୍ଷରେ ସୁଲଭ୍ୟ ହେବ । ଅତଏବ, ହେ ଭାରତୀୟ ଯୁବକଯୁବତୀଗଣ, ତୁମ୍ଭେମାନେ ଆଜି ବିବାହିତ ଜୀବନରେ ବ୍ରହ୍ମଚର୍ଯ୍ୟ ପାଳନ କରି ନିଜ ନିଜ ସନ୍ତାନ-ସନ୍ତତିମାନଙ୍କୁ ପୃଥିବୀକୁ ଆଦର୍ଶ ଦାନଲାଗି ଯୋଗ୍ୟ କରି ଗଢ଼ । ଭାରତ ତଥା ସାରା ସଂସାରର ଭାଗ୍ୟ-ଡ଼ୋରି ଆଜି ତୁମ୍ଭମାନଙ୍କ ହାତରେ ହିଁ ରହିଛି । ଅନାଗତ ମହାକର୍ମୀ, ମହାଜ୍ଞାନୀ, ମହାପ୍ରେମୀ ଅତିମାନବଗଣଙ୍କର ଆବିର୍ଭାବ ଆଜି ତୁମ୍ଭମାନଙ୍କ ବିବାହିତ ଜୀବନର ପବିତ୍ରତା ଉପରେ ନିର୍ଭର କରୁଛି । ଆଜି ତୁମ୍ଭେମାନେ ଆଉ ଆତ୍ମବିସ୍ମୃତି ହେଲେ ଚଳିବ ନାହିଁ । ଶରୀର ଓ ମନର କୌଣସି ଗୋଟିଏ ମାତ୍ର ସ୍ପନ୍ଦନକୁ ଓ ବିନ୍ଦୁମାତ୍ର ସାମର୍ଥ୍ୟକୁ ବ୍ୟର୍ଥ ହେବାକୁ ନ ଦେଇ ପରମ ପୁରୁଷକାର ପ୍ରଭାବରେ ଆତ୍ମ-କଲ୍ୟାଣ, ଦେଶ-କଲ୍ୟାଣ ଓ ବିଶ୍ୱ-କଲ୍ୟାଣ ଲାଗି ତୁମ୍ଭେମାନେ ତପଃପରାୟଣ ହୁଅ । ତୁମ୍ଭେମାନେ ସଂଯମନିଷ୍ଠ ହୁଅ । ଆଜି ଭାରତର ଅନ୍ତରାତ୍ମା ଅମାନିଶାଚ୍ଛନ୍ନ ଅମଙ୍ଗଳମୟ ନୀରନ୍ଧ୍ର-କାରାକକ୍ଷରେ ଅଭ୍ୟୁଦୟ ପାଇଁ ଆକୁଳ ଆବେଦନ ଜଣାଇବା ଲାଗି ଗଗନ-ପବନ ମଥିତ କରିବାକୁ ଉଦ୍ୟତ । କଠୋର ତପଶ୍ଚର୍ଯ୍ୟାରେ,କଠୋର ଆତ୍ମଦାନରେ ଓ ସୁକଠୋର ସ୍ୱାର୍ଥ-ଉତ୍ସର୍ଗରେ ତାର ଏହି ଅଧଃପତିତ ଦାରୁଣ ଦୈନ୍ୟ ଦଶାଗ୍ରସ୍ତ ଦୁର୍ଗତ ଜୀବନରେ ନବ ଅରୁଣ-ଉଦୟ ହେବ, ଚଲାକିରେ, ଚତୁରିରେ ବା ମିଥ୍ୟାଶ୍ରୟ ଦ୍ୱାରା ନୁହେଁ । ତୁମ୍ଭମାନଙ୍କର ବିବାହ, ତୁମ୍ଭମାନଙ୍କର ଦାମ୍ପତ୍ୟ ଜୀବନ, ତୁମ୍ଭମାନଙ୍କର ଗାର୍ହସ୍ଥ୍ୟ-ଲୀଳା, ତାର ସହାୟକ ହେଉ, ତାର ବାହକ ହେଉ ।

ବିବାହର ଉଦ୍ଦେଶ୍ୟ-ବିଚାର

ଯେତେଗୁଡ଼ିଏ ଉଦ୍ଦେଶ୍ୟରେ ମାନବ ସମାଜରେ ବିବାହ ପ୍ରଥା ପ୍ରଚଳିତ

ହେବା ସମ୍ଭବପର, ତନ୍ମଧ୍ୟରୁ ନିମ୍ନଲିଖିତ କେତୋଟିକୁ ନିର୍ଦ୍ଦେଶ କରାଯାଇଥାଏ । ଯଥା -

୧- ଇନ୍ଦ୍ରିୟ ପରିତୃପ୍ତି

୨- ଇନ୍ଦ୍ରିୟ - ଦମନ

୩- ସନ୍ତାନ - ଜନନ

୪- ଜୀବନ ସଂଗ୍ରାମରେ ଦୁଃଖ କଷ୍ଟର ଲଘୁତା ସାଧନ

୫- ଭଗବତ୍ - ସାଧନା

୬- ପରିପୂର୍ଣ୍ଣ ଆତ୍ମିକ ମିଳନ

ବିବାହର ଏହି ଛଅଗୋଟି ଉଦ୍ଦେଶ୍ୟ ସମ୍ବନ୍ଧରେ ସଂକ୍ଷେପରେ କେତେକ ବିଷୟ ଆଲୋଚନା କରାଯାଇପାରେ ।

(୧) ଇନ୍ଦ୍ରିୟ- ସୁଖ - ଯେଉଁଠି ବିବାହର ଉଦ୍ଦେଶ୍ୟ ସେଠାରେ ବିବାହକାରୀମାନେ ପଶୁପକ୍ଷୀଙ୍କ ସ୍ଥଳାଭିଷିକ୍ତ । କାରଣ ଦେହ-ସୁଖ-ଲିପ୍ସୁର ବିଚାର ବୁଦ୍ଧି କେବେହେଲେ ଅନୁଧାବନ କରି ଦେଖେ ନାହିଁ ଯେ, ଇନ୍ଦ୍ରିୟ-ସୁଖ ହିଁ ସୁଖର ଚରମ କି ନୁହେଁ ଓ ଏହି ଇନ୍ଦ୍ରିୟ ସୁଖରେ ପରିତୃପ୍ତି ଲାଭ କେବେ ସମ୍ଭବପର କି ନୁହେଁ ।

ଇନ୍ଦ୍ରିୟ ସୁଖ ଯେ ସୁଖର ଚରମ ନୁହେଁ, ତାର ପ୍ରମାଣ ହେଉଛି, ଏ ସଂସାରରେ ଶହ ଶହ ଲୋକ ଇନ୍ଦ୍ରିୟ ସୁଖକୁ ତୁଚ୍ଛ ମନେ କରି ଅଗ୍ରାହ୍ୟ କରିପାରିଛନ୍ତି । ସେମାନେ ଶ୍ରେଷ୍ଠ ସୁଖର ଆସ୍ୱାଦନ ନ ପାଇଥିଲେ ଦେହ ସୁଖର ଦୁର୍ନିବାର ଆକର୍ଷଣକୁ କିପରି ଦମନ କରିପାରିଥାନ୍ତେ ? ଗୋଟାଏ ସାମ୍ରାଜ୍ୟ ନ ପାଇଲେ କେହି କଣ କେବେ ଖଣ୍ଡେ ରାଜ୍ୟକୁ ଉପେକ୍ଷା କରିପାରେ ? ରସଗୋଲା ନ ପାଇଲେ କିଏ କଣ ଶାକରକୁ ଫୋପାଡ଼ି ଦିଏ ? ଏ ଜଗତରେ ଯେତେ ଲୋକ

ବିବାହିତ ଜୀବନକୁ ଅଗ୍ରାହ୍ୟ କରିଛନ୍ତି ଓ କ୍ଷୁଧାର୍ତ୍ତ ଭୋଗସୁଖ-ତୃଷ୍ଣାକୁ ଖାଦ୍ୟ ପାନୀୟ ନ ଯୋଗାଇ କ୍ରମାଗତ ତାକୁ ଉପବାସରେ ରଖି ହତ୍ୟା କରିଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଇଚ୍ଛା କରିଥିଲେ ଯେ କୌଣସି ମୁହୂର୍ତ୍ତରେ ବିବାହିତ ହୋଇପାରିଥାନ୍ତେ ବା ଅସଂଯମ ସ୍ରୋତରେ ଭାସି ଯାଇପାରିଥାନ୍ତେ । ଅସଂଯମୀ ସଂଯମ-ପଥ ଅବଲମ୍ବନ କରି ଚଳିବାରେ ବାଧାବିଘ୍ନର ଅନ୍ତ ନାହିଁ କିନ୍ତୁ ସଂଯମୀ ଯଦି ଅସଂଯତ ଜୀବନ ଯାପନ କରିବାକୁ ଋହେଁ ତେବେ ତାକୁ ବାଧା ଦେବାକୁ କିଏ ଅଛି ? ତଥାପି ବୁଦ୍ଧ, ଚୈତନ୍ୟ, ତୁଳସୀଦାସ, ରାମକୃଷ୍ଣ ପ୍ରଭୃତି ମହାତ୍ମାମାନେ ରମଣୀ-ସୁଖରୁ ନିଜକୁ ବଞ୍ଚିତ କଲେ କାହିଁକି ? ବୁଦ୍ଧଦେବ ନାରୀ-ପ୍ରେମର ମାଧୁର୍ଯ୍ୟ ବୁଝିଥିଲେ, ଗୋପାଙ୍କ ଗର୍ଭରେ ସନ୍ତାନ ଉତ୍ପାଦନ ମଧ୍ୟ କରିଥିଲେ, ଦେହ-ସୁଖ କଣ, ତାର ଆକର୍ଷଣ କିପରି, ସେ କଥା ମଧ୍ୟ ଜାଣିଥିଲେ; ତଥାପି ସେ ସନ୍ନ୍ୟାସୀ ହୋଇ ବାହାରିଗଲେ କାହିଁକି ଓ ଫେରିଆସି ଗୋପାଙ୍କୁ ଘେନି ଗୃହୀ ନ ହେଲେ ବା କାହିଁକି ? ଚୈତନ୍ୟଦେବ ବିବାହ କରିଥିଲେ, ଗୋଟିଏ ନୁହେଁ, ଦୁଇଟି ବିବାହ ସେ କରିଥିଲେ । ତାଙ୍କର ଦ୍ୱିତୀୟା ପତ୍ନୀ ଶ୍ରୀମତୀ ବିଷ୍ଣୁପ୍ରିୟାଙ୍କ ଠାରେ ନାରୀ-ପ୍ରେମର ପବିତ୍ରତମ ଉତ୍କର୍ଷ ସେ ଦେଖିଥିଲେ । ତଥାପି ସେ ଦେହ-ସୁଖରେ ନ ମଜ୍ଜିଲେ କାହିଁକି ଓ ପତ୍ନୀକୁ ଚିର-ପରିତ୍ୟାଗ କରି ଋଲିଗଲେ କାହିଁକି ? ବିଷ୍ଣୁପ୍ରିୟା ସାରାଜୀବନ ଅଶ୍ରୁ-ତର୍ପଣ କଲେ, ମାତ୍ର ଥରକରୁ ବେଶି ସ୍ୱାମୀ-ଦର୍ଶନ ତାଙ୍କ ଭାଗ୍ୟରେ ଜୁଟିଲା ନାହିଁ । କାହିଁକି ଏପରି ହେଲା ? ଚୈତନ୍ୟଦେବ ତ ସନ୍ନ୍ୟାସୀ ନିତ୍ୟାନନ୍ଦଙ୍କୁ ଗୃହୀ କରାଇ ଥିଲେ, ସେ ନିଜେ କଣ ଫେରିଆସି ବିଷ୍ଣୁପ୍ରିୟାଙ୍କ ସଙ୍ଗସୁଖରେ ଦିନ କଟାଇ ପାରି ନଥାନ୍ତେ ? ମହାତ୍ମା ତୁଳସୀ ପତ୍ନୀ - ପାଗଳ ଥିଲେ, କ୍ଷଣକ ପାଇଁ ମଧ୍ୟ ପତ୍ନୀ-ବିଚ୍ଛେଦ ସହ୍ୟ କରି ପାରୁ ନଥିଲେ । (ତାଙ୍କର ଗୋଟିଏ ସନ୍ତାନ ମଧ୍ୟ ଜନ୍ମ ହୋଇଥିଲା) । ଅଥଚ ସେହି ବ୍ୟକ୍ତି ପରବର୍ତ୍ତୀ ଜୀବନରେ ସହଧର୍ମିଣୀର ସକଳ କାତରତାକୁ ଭ୍ରୂକ୍ଷେପ ସୁଦ୍ଧା ନ କରି ତାକୁ ପରିତ୍ୟାଗ କରି ଯିବାକୁ ଦ୍ୱିଧା ବୋଧ କରି ନଥିଲେ । ରାମକୃଷ୍ଣ ପରମହଂସ ଦେବ ତ ବାଲ୍ୟ ବୟସରେ ନିଜ ଇଚ୍ଛା ବିରୁଦ୍ଧରେ ଅଭିଭାବକମାନଙ୍କ ସ୍ୱେଚ୍ଛାଚାରିତା ଯୋଗୁଁ ବିବାହ କରିବାକୁ ବାଧ୍ୟ ହୋଇ ନଥିଲେ, ଚବିଶ ବର୍ଷ ବୟସରେ

ସେ ନିଜ ଇଚ୍ଛା ଅନୁସାରେ ପାତ୍ରୀ ନିର୍ବାଚନ କରି ଶାରଦାମଣି ଦେବୀଙ୍କ ପାଣିଗ୍ରହଣ କରିଥିଲେ କିନ୍ତୁ ସମଗ୍ର ଜୀବନକାଳ ମଧ୍ୟରେ ଥରେ ହେଲେ ମଧ୍ୟ ନିଜ ପତ୍ନୀ ସହିତ କୌଣସି ପ୍ରକାର ଦୈହିକ ସମ୍ବନ୍ଧ ସ୍ଥାପନ କରି ନଥିଲେ । ବୁଦ୍ଧଦେବ ଯଦି ପୁନର୍ବାର ସଂସାରୀ ହୋଇଥାନ୍ତେ, ଚୈତନ୍ୟଦେବ ଯଦି ପୁନର୍ବାର ବିଷ୍ଣୁପ୍ରିୟାଙ୍କ ସାହଚର୍ଯ୍ୟରେ କାଳାତିପାତ କରିଥାନ୍ତେ, ତୁଳସୀ ଦାସ ଯଦି ତାଙ୍କ ଠାକୁରଙ୍କ ଆରତି କର୍ପୂର, ତିଳକ କୋଥଳୀ ଓ ମୁଖଶୁଦ୍ଧି ପାଇଁ ହରିତକୀ ଭଳି ନିଜ ସହଧର୍ମିଣୀକୁ ଝୁଲା ମୁଣିରେ ଘେନି ବୁଲିଥାନ୍ତେ ଓ ଶ୍ରୀ ରାମକୃଷ୍ଣ ପରମହଂସ ଯଦି ଶାରଦାମଣିଙ୍କ ସହ ଗାର୍ହସ୍ଥ୍ୟ-ଜୀବନ ଯାପନ କରିଥାନ୍ତେ, ତେବେ କିଏ ସେମାନଙ୍କୁ ବାଧା ଦେଇଥାନ୍ତା ? ସନକ, ସନନ୍ଦନ୍ ସନାତନ, ସନତ୍‌କୁମାର, ଶୁକଦେବ, ଶଙ୍କରାଚାର୍ଯ୍ୟ, ବିବେକାନନ୍ଦ ପ୍ରଭୃତି ଆକୁମାର ବ୍ରହ୍ମଚାରୀବୃନ୍ଦ ଯଦି ବିବାହାର୍ଥୀ ହୋଇଥାନ୍ତେ, ତେବେ ଆମର ଏହି ହତଭାଗ୍ୟ ଦେଶରେ ଯେଉଁଠି ଛୋଟା, କଣା, କେମ୍ପା, କୁଜା ସ୍ୱଚ୍ଛନ୍ଦରେ ବିବାହ କରିପାରୁଛନ୍ତି, ଯେଉଁଠି ଅନ୍ନହୀନ, ବସ୍ତ୍ରହୀନ, ଗୃହହୀନର ମଧ୍ୟ ଗୃହଲକ୍ଷ୍ମୀର ଅଭାବହେଉନାହିଁ, ଯେଉଁ ଦେଶରେ ଲୋକେ ପାଞ୍ଚବର୍ଷ ବୟସରେ ଅକାଳ ମୃତ୍ୟୁ ବରଣ କରି ମଧ୍ୟ ପ୍ରଜାପତିର ନିର୍ବନ୍ଧ ଏଡ଼ାଇ ପାରୁନାହାନ୍ତି, ସେ ଦେଶରେ କଣ ସେମାନଙ୍କୁ ପାତ୍ରୀ ଜୁଟି ନଥାନ୍ତେ ? ଜନକ ରାଜପୁରୀରେ ଇନ୍ଦ୍ରିୟ ସମ୍ଭୋଗ ଲାଗି ଅଜସ୍ର ଉପକରଣ ପାଇ ମଧ୍ୟ ଶୁକଦେବ ସଂଯମଭ୍ରଷ୍ଟ ହେଲେ ନାହିଁ । ଆମେରିକାରେ ସ୍ୱାମୀ ବିବେକାନନ୍ଦ ରୂପ-ଯୌବନ-ଅର୍ଥ- ସୁସମୃଦ୍ଧା ମାର୍କିନ-ଯୁବତୀମାନଙ୍କର ଏକାନ୍ତ ଘନିଷ୍ଠତାରେ ଆସି ମଧ୍ୟ ତିଳେମାତ୍ର ଟଳିଲେ ନାହିଁ । ଇନ୍ଦ୍ରିୟ-ଦମନରେ ଏହି ଯେଉଁ ଅଟଳ ପ୍ରତିଷ୍ଠା ଏମାନେ ଲାଭ କରିଥିଲେ, ତାହା କିପରି ସେମାନେ ଲାଭ କରି ପାରିଥିଲେ ? ଇନ୍ଦ୍ରିୟ ସୁଖ ଅପେକ୍ଷା ଯେଉଁ ଶ୍ରେଷ୍ଠତର ସୁଖ ଅଛି ସେଥିରେ ସେମାନେ ମଜ୍ଜି ଯାଇଥିଲେ ବୋଲି ମଦନ ଧନୁର ଘନ ଟଙ୍କାର ସେହି ସବୁ ପ୍ରାତଃସ୍ମରଣୀୟ ମହାମାନବଙ୍କ ପାଖରେ ବ୍ୟର୍ଥ ହୋଇଯାଇଥିଲା । ଇନ୍ଦ୍ରିୟ ସୁଖ ଚରମ ସୁଖ ନୁହେଁ ଏବଂ ଏହି ମହାତ୍ମାମାନେ ପ୍ରକୃତ ଚରମ ସୁଖର ସନ୍ଧାନ ପାଇଥିଲେ । ତେଣୁ ସେମାନେ ରକ୍ତମାଂସର ପ୍ରଲୋଭନ ଭୂଲି ନଥିଲେ ।

ଇନ୍ଦ୍ରିୟ ସୁଖରେ ପରିତୃପ୍ତି ଅସମ୍ଭବ

ଅଧିକନ୍ତୁ, ଇନ୍ଦ୍ରିୟ ସୁଖରେ କଦାପି ପରିତୃପ୍ତି ଆସେନାହିଁ । ଭୋଗ ସ୍ରୋତରେ ନିଜକୁ ଭସାଇ ଦେଲେ ଖାଲି ବୁଡ଼ି ମରିବା ସିନା ସାର ହୁଏ କିନ୍ତୁ ଆକାଂକ୍ଷାର ଶେଷ ଆଉ ହୁଏନାହିଁ । କାମାଗ୍ନିରେ ଯେତେ ଇନ୍ଧନ ଯୋଗାଇଲେ ବି ତଦ୍ଦ୍ୱାରା କାମର କଦାପି ଅକ୍ଷୁଧା ଆସିବ ନାହିଁ ବରଂ ସେ ତୁମକୁ ଆହୁରି, ବେଶି ଗ୍ରାସ କରିବା ପାଇଁ ତାର ଲେଲିହାନ ଜିହ୍ୱା ବିସ୍ତାର କରି ବସିବ । ଦଶ ହଜାର ବର୍ଷ ଯୌବନ ଉପଭୋଗ କରି ମଧ ରାଜା ଯଯାତିଙ୍କର ସୁଖତୃଷ୍ଣା ଉପଶାନ୍ତ ହେଲା ନାହିଁ । ତେଣୁ ସେ ଶେଷରେ କହିବାକୁ ବାଧ ହେଲେ **" ନ ଜାତୁ କାମଃ କାମାନଂ ଉପଭୋଗେନ ଶାମ୍ୟତି, ହବିଷା କୃଷ୍ଣବର୍ତ୍ମେ ବ ଭୂୟ ଏବାଭି ବର୍ଦ୍ଧତେ"** । ଯେଉଁମାନେ ଭୋଗ କରି ଭୋଗ ବାସନାକୁ କମାଇବାକୁ ଯାଇଛନ୍ତି, ଚିରକାଳ ସେମାନେ ଠକି ଯାଇଛନ୍ତି । ଦେହ-ସୁଖରେ ଆଜୀବନ ମଜ୍ଜି ରହିବା ଫଳରେ ଯେଉଁମାନଙ୍କର ସର୍ବାଙ୍ଗ ଶିଥିଳ ହୋଇଯାଇଛି, ଭୋଗ କରିବାର ସାମର୍ଥ୍ୟ ଚିରବିଦାୟ ନେଇଛି, କାହିଁ ସେମାନଙ୍କ ମୁହଁରୁ ତ କେହି କେବେ ଶୁଣିନାହିଁ - ବହୁତ ହେଲା, ଖୁବ୍ ପରିତୃପ୍ତି ମିଳିଗଲା, ଆଉ ଲୋଡ଼ାନାହିଁ ?

ଅଙ୍ଗ ଗଳିତଂ ପଳିତଂ ମୁଣ୍ଡଂ
ଦନ୍ତ ବିହୀନଂ ଜାତଂ ତୁଣ୍ଡଂ
କରଧୃତ - କମ୍ପିତ-ଶୋଭିତ-ଦଣ୍ଡଂ
ତଦପି ନ ମୁଞ୍ଚତ୍ୟାଶାଭାଣ୍ଡଂ ।"

ସେମାନଙ୍କ ମୁହଁରୁ ଶୁଣିବ ଖାଲି ହାହାକାର, କେବଳ ମନସ୍ତାପ । କେହି କେହି କହନ୍ତି "ଆହା, ରହୁଁ ରହୁଁ ଯୌବନ ଚାଲିଗଲା, ସୁଖଭୋଗ କରି ପାରିଲି ନାହିଁ ।" ଆଉ କେହି କେହି କହନ୍ତି - "ଆହା, ଆଗରୁ ଟିକିଏ ଜାଣିପାରିଲି ନାହିଁ, ବେଳହୁଁ ଟିକିଏ ସାବଧାନ ହେଲିନାହିଁ । ଶିକ୍ଷା ଦୀକ୍ଷା ଅଭାବରୁ ମାୟା-ମରୀଚିକା ପଛରେ ଭ୍ରମି ଭ୍ରମି ଇହକାଳ ନଷ୍ଟ କଲି, ପରକାଳ ବି ନଷ୍ଟ କଲି ।"

ଇନ୍ଦ୍ରିୟ-ପରିତୃପ୍ତି ବିବାହର ପ୍ରକୃତ ଉଦ୍ଦେଶ୍ୟ ନୁହେଁ

ମୋଟ ଉପରେ କହିବାକୁ ଗଲେ, ଶାନ୍ତିକାମୀ ନରନାରୀଙ୍କ ପକ୍ଷରେ ବିବାହର ଉଦ୍ଦେଶ୍ୟ କଦାପି ଇନ୍ଦ୍ରିୟ-ସୁଖ ହୋଇ ନପାରେ । ଏକମାତ୍ର ପରମ ସୁଖ ପ୍ରାପ୍ତି ହିଁ ସେମାନଙ୍କ ବିବାହର ପ୍ରକୃତ ଉଦ୍ଦେଶ୍ୟ । ଏହି ପରମ ସୁଖର ଉପାସନା କଲାବେଳେ ସେମାନେ ଆତ୍ମକଲ୍ୟାଣାର୍ଥେ ଓ ଲୋକ-କଲ୍ୟାଣାର୍ଥେ ନିଜ ନିଜ ଦାମ୍ପତ୍ୟ ଜୀବନରେ ପ୍ରୟୋଜନବଶତଃ ନିୟମିତ ସୁଶୃଙ୍ଖଳ ଭାବରେ ଦୈହିକ ସମ୍ବନ୍ଧ ସ୍ଥାପନ କରିପାରନ୍ତି, କିନ୍ତୁ ଖାଲି ଭୋଗ ପାଇଁ ଭୋଗ, ଖାଲି ସୁଖ ପାଇଁ ସୁଖ ଓ ଖାଲି ମୈଥୁନ ପାଇଁ ମୈଥୁନ ସେମାନଙ୍କ ପ୍ରାର୍ଥନୀୟ ହେବ ନାହିଁ ।

ଦମ୍ପତିର ଇନ୍ଦ୍ରିୟ ମିଳନ ଓ ଦୂରବର୍ତ୍ତୀ ବୃହତ୍ତର ଲକ୍ଷ୍ୟ

ଦେହ ପାଇଁ ଦେହ ବ୍ୟାକୁଳ ହେଲା, ବିହ୍ୱଳ ହେଲା, ଲାଳସାର ଦୁର୍ନିବାର ତାଡ଼ନାରେ ଏକ ଦେହ ଅପର ଦେହକୁ ପ୍ରଗାଢ଼ ପରିବନ୍ଧନରେ ଆଲିଙ୍ଗନ କଲା ଓ ଇନ୍ଦ୍ରିୟ-ମିଳନ-ଜନିତ ଯେତିକି ସୁଖ ଆସ୍ୱାଦନ ସମ୍ଭବ ସେତିକି ଆସ୍ୱାଦନ ପାଇବା ପାଇଁ ପ୍ରାଣାନ୍ତକ ଉଦ୍ୟମ କଲା, କିନ୍ତୁ ଠିକ୍ ଯେଉଁ ମୁହୂର୍ତ୍ତରେ ସୁଖ-ଲାଳସା ଚୂଡ଼ାନ୍ତ ସୀମାରେ ଉପନୀତ ହେବାକୁ ସମୁଦ୍ୟତ, ଠିକ ସେହି ମୁହୂର୍ତ୍ତରେ ହତାଶାର ସହିତ ସେ ଉପଲବ୍ଧି କଲା ଯେ, ଅନ୍ତରର ସମସ୍ତ ପିପାସାକୁ ପରିତୃପ୍ତ କରିବା କ୍ଷମତା କୌଣସି ଦୈହିକ ଅଧ୍ୟବସାୟର ଆୟତାଧୀନ ନୁହେଁ । ଓହୋ, କି ଦାରୁଣ ମନୋଭଙ୍ଗ ! ଏଭଳି ପ୍ରତ୍ୟକ୍ଷ ଅନୁଭୂତି ପରେ କେଉଁ ବିବେକବାନ ବ୍ୟକ୍ତି କହିବାକୁ ସାହସ କରିବ ଯେ ଇନ୍ଦ୍ରିୟ-ସୁଖ-ଚରିତାର୍ଥ ହିଁ ବିବାହର ଉଦ୍ଦେଶ୍ୟ ? ବିବାହିତ-ଜୀବନରେ ଇନ୍ଦ୍ରିୟ-ସୁଖକର କାର୍ଯ୍ୟର ସମ୍ମାନଜନକ ସ୍ଥାନ ଅବଶ୍ୟ ଅଛି କିନ୍ତୁ ଇନ୍ଦ୍ରିୟ-ସୁଖ-ଚରିତାର୍ଥ କଦାପି ବିବାହର ଉଦ୍ଦେଶ୍ୟ ହୋଇ ନପାରେ । ସୂତାକୁ ଧରି ଆସ୍ତେ ଆସ୍ତେ ଟାଣିଲେ ଯେପରି ସୂତା ସଙ୍ଗେ ବନ୍ଧା ହୋଇଥିବା ବାଣି ଦୌଡ଼ି ହାତକୁ ଚାଲିଆସେ ଓ ସେହି ଦୌଡ଼ି ଧରି ଆସ୍ତେ ଆସ୍ତେ ଟାଣିଲେ ସେହି ଦୌଡ଼ି ସଙ୍ଗେ ବନ୍ଧା ହୋଇଥିବା ମୋଟା କତା ଦୌଡ଼ି ଯେପରି ଧୀରେ ଧୀରେ ହାତକୁ ଚାଲିଆସେ ଓ ସେହି କତା ଦୌଡ଼ି ଧରି ଟାଣିଲେ କତା ଦୌଡ଼ି ଶେଷରେ ବନ୍ଧା

ହୋଇଥିବା ନାନା ପଣ୍ୟଦ୍ରବ୍ୟ ପରିପୂର୍ଣ୍ଣ ଜାହାଜ ଯେପରି କରାୟତ ହୁଏ ପ୍ରକୃତରେ ଦେଖିବାକୁ ଗଲେ ସ୍ୱାମୀ ଓ ସ୍ତ୍ରୀର ଦୈହିକ ମିଳନଜନିତ ଇନ୍ଦ୍ରିୟ ସୁଖ ଅବିକଳ ଠିକ୍ ସେହିପରି । ଟିକିଏ ସୁଖର ଆସ୍ୱାଦନ ପାଇଲେ ଆତ୍ମା ସେହି କ୍ଷଣିକ ସୁଖକୁ ଆସ୍ୱାଦନ କରି ବୃହତ୍ତର ସୁଖକୁ ପାଇବାର ବାଟ ଖୋଜିବ, ସେ ସୁଖ ଯେପରି ନିତ୍ୟକାଳସ୍ଥାୟୀ ହେବ ସେଥିପାଇଁ ଉପାୟ ଉଦ୍ଭାବନ କରିବ ଅର୍ଥାତ୍ ସେହି ଅନନ୍ତ ପିପାସାକୁ ଉତ୍ତେଜିତ କରିବା ପାଇଁ ଦେହସୁଖ ଯେପରି ଟିକିଏ ଚଖଣା ବା ନମୁନା ଛଡ଼ା ଆଉ କିଛି ନୁହେଁ । ଦେହସୁଖର ନିଜସ୍ୱ ସାର୍ଥକତା ଆଦୌ କିଛି ନାହିଁ, କେବଳ ତାକୁ ଉପଲକ୍ଷ୍ୟ କରି ପରମ ସାର୍ଥକତା ଲାଭ କରିବାକୁ ହେବ ଓ ସେହି ପରମ ସାର୍ଥକତା ଲାଗି ଯେତେ ଯାହା ଉଦ୍‌ଯୋଗ ବା ଆୟୋଜନ ଲୋଡ଼ା ତାହାହିଁ ଆଦର୍ଶ ନରନାରୀଙ୍କର ବିବାହିତ ଜୀବନ ।

(୨) ଇନ୍ଦ୍ରିୟ ଦମନକୁ ବିବାହର ଅନ୍ୟତମ ଉଦ୍ଦେଶ୍ୟ ବୋଲି ମନେ କରାଯାଇପାରେ । କିନ୍ତୁ ଇନ୍ଦ୍ରିୟ-ଦମନ ଲାଗି ସଂସାରର ପ୍ରତ୍ୟେକଙ୍କୁ ଯେ ବିବାହିତ-ଜୀବନ ଗ୍ରହଣ କରିବାକୁ ହେବ ଓ ବିବାହ ବିନା ଇନ୍ଦ୍ରିୟ ସଂଯମ ଯେ ସମ୍ଭବପର ନୁହେଁ, ଏପରି ଭାବିବାର କୌଣସି ସଙ୍ଗତ କାରଣ ନାହିଁ । ଅତୀତରେ ତଥା ବର୍ତ୍ତମାନ କାଳରେ ଅସଂଖ୍ୟ ନରନାରୀ ଯେ ବିବାହ ନକରି ମଧ୍ୟ ଇନ୍ଦ୍ରିୟ-ସଂଯମରେ ସମର୍ଥ ହୋଇଛନ୍ତି, ତାର ଦୃଷ୍ଟାନ୍ତ ପୃଥିବୀର କୌଣସି ଦେଶରେ ବିରଳ ନୁହେଁ । କିନ୍ତୁ ବିବାହିତ ଜୀବନକୁ ସ୍ୱୀକାର ନ କରିବା ଫଳରେ ଲକ୍ଷ ଲକ୍ଷ ନରନାରୀ ଯେ ସଂଯମଭ୍ରଷ୍ଟ ହୋଇଛନ୍ତି ଓ ଜୀବନକୁ କଲୁଷ କାଳିମାରେ କଳଙ୍କିତ କରିଛନ୍ତି ତାର ଭୂରି ଭୂରି ଦୃଷ୍ଟାନ୍ତ ରହିଛି । ମନୁଷ୍ୟ ଯେଉଁଠି ଜଞ୍ଜାଳକୁ ଡରି ବିବାହ ବର୍ଜନ କରିଛି ସେଠାରେ ଜୀବ-ସୁଲଭ ସୁଖଲିପ୍ସା ତା କାନ୍ଧରେ ସବାର ହୋଇ ତା ଦ୍ୱାରା ସଂଯମ-ବିରୋଧୀ କାର୍ଯ୍ୟ କରାଇ ନେଇଛି ଓ ନିତ୍ୟ-ନୂତନ ସଂସର୍ଗର ମାଦକତାରେ ତାକୁ ବରାବର ବିହ୍ୱଳ କରି ଦେଇଛି । ଏହି ଶ୍ରେଣୀର ନରନାରୀମାନେ ଏକନିଷ୍ଠ ପ୍ରେମର ମହିମା ବୁଝିବାକୁ ସୁଯୋଗ ପାଇ ନାହାନ୍ତି । ସେମାନେ କେବଳ ଅତୃପ୍ତ ଭ୍ରମର ପରି ନିତ୍ୟ ନୂତନ ଫୁଲ ଖୋଜି ବୁଲିଛନ୍ତି ।

ଫଳରେ ନିଜ ଜୀବନରେ ସେମାନେ ଯେପରି ଅସଂଯମର ଅକଥନୀୟ ଯନ୍ତ୍ରଣା ଅନୁଭବ କରିଛନ୍ତି ସେହିପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମାଜ ଦେହରେ ଅସଂଯମର ହଳାହଳ ବିଷ ଚହଟାଇ ଦେଇ ଯାଇଛନ୍ତି । ଏ ସବୁ କ୍ଷେତ୍ରରେ ବିବାହିତ ଜୀବନ ସଂଯମ-ସାଧନର ଯେ ସହାୟକ ଏ କଥା ସୁନିଶ୍ଚିତ । କାରଣ ଭୋଗ - ଲୁବ୍‌ଧ ଲମ୍ପଟ ମନ ସୁଖର ସନ୍ଧାନରେ ଯେତେ ଯୁଆଡ଼େ ବୁଲୁ ପଛକେ ବୈଧ ଭୋଗର ସୁଯୋଗ ମିଳିଲେ ଅବୈଧ ପଥରେ ପାଦ ଦେବାକୁ ସେ ସହଜରେ ଚାହେଁ ନାହିଁ ।

ବିବାହ ଓ ଦମ୍ପତିର ଦୈହିକ ଏକପରାୟଣତା

କିନ୍ତୁ ବିବାହ-ବନ୍ଧନରେ ଆବଦ୍ଧ ହୋଇଗଲେ ଯେ ନରନାରୀ ସଂଯମ ସାଧନାରେ ସିଦ୍ଧ ହୋଇଯାନ୍ତି, ତାହା ନୁହେଁ । ବିବାହ ଦ୍ୱାରା ନରନାରୀଙ୍କର ଏକପରାୟଣତା ସ୍ଥାପିତ ହେଲେ ମଧ୍ୟ ଅଯଥା ଭୋଗ-ଲାଳସା ନିବାରିତ ହୁଏ ନାହିଁ । ତାହା ନିବାରଣ କରିବାକୁ ହେଲେ ନରନାରୀଙ୍କ ପକ୍ଷରେ ଯଥେଷ୍ଟ ତପସ୍ୟାର ଆବଶ୍ୟକତା ଅଛି । ବିବାହପ୍ରଥା ଭୋଗ ଲୋଲୁପ ନରନାରୀଙ୍କର କାମାଚାରକୁ ବହୁଜନ-ସଂସର୍ଗରୁ ମୁକ୍ତ କରି ପାରିଛି ସତ୍ୟ କିନ୍ତୁ କାମାଚାରକୁ ପ୍ରେମରେ ରୂପାନ୍ତରିତ କରିବାର କ୍ଷମତା ବିବାହ ପ୍ରଥାର ନାହିଁ । କାମାଚାରକୁ ଏକନିଷ୍ଠ କରିବା ଲାଗି ବିବାହ ପ୍ରଥାର ଆବଶ୍ୟକତା ଅଛି କିନ୍ତୁ ଏହି ଏକନିଷ୍ଠ କାମାଚାରକୁ ପ୍ରେମରେ ପରିଣତ କରି ଭୋଗ ଲୁବ୍‌ଧତାରୂପକ ନାଗପାଶରୁ ତାକୁ ମୁକ୍ତ କରିବାର ସାମର୍ଥ୍ୟ ବିବାହର ନାହିଁ କିନ୍ତୁ ତପସ୍ୟାର ସେ ସାମର୍ଥ୍ୟ ଅଛି । ଅତଏବ ଯଦି କୌଣସି ମାନବ-ମାନବୀ ଇନ୍ଦ୍ରିୟ-ଦମନ ଉଦ୍ଦେଶ୍ୟରେ ବିବାହିତ ଜୀବନ ଗ୍ରହଣ କରନ୍ତି ତେବେ ବେଦୀରେ ହାତଗଣ୍ଠି ବା ବିବାହ ରେଜିଷ୍ଟ୍ରି ଖାତାରେ ନାମ ଉଠିବାଟାକୁ ଶେଷ କଥା ବୋଲି ଧରି ନ ନେଇ ବିବାହିତ ଜୀବନରେ ସେମାନଙ୍କୁ ପରସ୍ପରର ସହାୟତାରେ ସାଧନ-ଭଜନ, ନିୟମ-ନିଷ୍ଠା, ଆଚାର-ବିଚାର ପ୍ରଭୃତିରେ ଯତ୍ନଶୀଳ ହେବାକୁ ପଡ଼ିବ । ଖାଲି ବିବାହ କଲେ ସଂଯମ ଲାଭ ହୁଏ ନାହିଁ, ବିବାହିତ ଜୀବନରେ ସାଧନ-ଭଜନ କଲେ ଯାଇ ସଂଯମ ଲାଭ ହୁଏ ।

ଦାମ୍ପତ୍ୟ ସଂଯମ ଓ ଶାସ୍ତ୍ର ବଚନ

ଯେଉଁ ବ୍ୟକ୍ତି ବହୁ-ପରାୟଣ ବା ବହୁ-ପରାୟଣା ହୋଇ ପାରିଥାନ୍ତା ଅଥବା ଦୁର୍ଭାଗ୍ୟବଶତଃ ଯେଉଁ ବ୍ୟକ୍ତି ବହୁ-ପରାୟଣ ବା ବହୁ-ପରାୟଣା ଥିଲା, ବିବାହ ତାକୁ ଏକ-ପରାୟଣ ବା ଏକ-ପରାୟଣା କଲା ଓ ଏଇତକ ଅନ୍ତତଃ ବିବାହ ଅନୁଷ୍ଠାନର ଯେ ଏକ ବିରାଟ ସାମାଜିକ ସୁଫଳ, ଏହା ସୁନିଶ୍ଚିତ । କିନ୍ତୁ ଟଙ୍କାର ଅଭାବ ନ ଥିଲେ ଗଣିକା ଯେପରି ଦିନ, ରାତି, ସକାଳ, ସନ୍ଧ୍ୟା ସବୁ ସମୟରେ ସୁଲଭ୍ୟା, ନିଜ ସ୍ତ୍ରୀକୁ ଯଦି ସେହିପରି ବ୍ୟବହାର କରାଯାଏ ତାହାହେଲେ ସେହି ଏକ-ପରାୟଣତା କଣ ଏକ କଦର୍ଯ୍ୟ ସଂଜ୍ଞାରେ ସଂଜ୍ଞାତ ହେବାକୁ ଯୋଗ୍ୟ ହୁଏନାହିଁ ? ଏହି କାରଣରୁ କେହି କେହି ଚିନ୍ତାଶୀଳ ମନୀଷୀ ବିବାହକୁ legalised prostitution ଅର୍ଥାତ୍ ଆଇନସିଦ୍ଧ ବା ସମାଜସମ୍ମତ ସ୍ୱୈରିଣ୍ୟ ଜୀବନ ବୋଲି ନିନ୍ଦା କରି ନାହାନ୍ତି କି ? ରଜସ୍ୱଳା ଅବସ୍ଥାରେ, ରୁଗ୍ଣ ଅବସ୍ଥାରେ ଗର୍ଭାବସ୍ଥାରେ ସ୍ୱାମୀ ଅନ୍ୟ ନାରୀ ପ୍ରତି ଆସକ୍ତ ନ ହୋଇ ଯଦି ନିଜ ପତ୍ନୀରେ ଉପଗତ ହୁଅନ୍ତି, ତେବେ ତାକୁ ଅବଶ୍ୟ ତାଙ୍କର ଦାମ୍ପତ୍ୟ ଏକନିଷ୍ଠାର ପରିଚ୍ଛୟକ ବୋଲି କୁହାଯିବ, କିନ୍ତୁ ପତ୍ନୀ ପକ୍ଷରେ ତାହା ସ୍ୱାଭାବିକ ଜୀବନ ଯାପନ ବୋଲି କଦାପି କୁହାଯାଇ ପାରିବ ନାହିଁ । ଯେଉଁ ସ୍ୱାମୀ କ୍ରୁଦ୍ଧା, ଶୋକଗ୍ରସ୍ତା, କ୍ଷୁଧାର୍ତ୍ତା ସ୍ତ୍ରୀରେ ଉପଗତ ହୁଅନ୍ତି ସେ ଦାମ୍ପତ୍ୟ ଏକନିଷ୍ଠା ଭଙ୍ଗ କରିଛନ୍ତି ବୋଲି କୁହାଯିବ ନାହିଁ ସତ୍ୟ କିନ୍ତୁ ଏହା ଯେ ସଂଯମ ସାଧନା ନୁହେଁ, ଏ କଥା ନିଶ୍ଚିତଭାବରେ କୁହାଯାଇପାରିବ । ଅଧିକାଂଶ କ୍ଷେତ୍ରରେ ବିବାହିତ ଜୀବନ ଦମ୍ପତିଙ୍କୁ ପାରସ୍ପରିକ ମାୟାମମତା, ସମବେଦନା, ସହାନୁଭୂତି ଓ ସ୍ଥାୟୀ ନିବିଡ଼ ସ୍ନେହ ଦେଇଥାଏ । ଫଳତଃ ରଜସ୍ୱଳା, ଗର୍ଭିଣୀ, ଶୋକାର୍ତ୍ତ ଓ କ୍ଷୁଧାକ୍ଳିଷ୍ଟ ପତ୍ନୀ ସହିତ ଇନ୍ଦ୍ରିୟ ସଂଗମ ସ୍ୱଭାବତଃ ଦମିତ ହୋଇ ଆସେ । ଏକ ସମୟରେ ଉପରୋକ୍ତ କ୍ଷେତ୍ରରେ ମଧ୍ୟ ଇନ୍ଦ୍ରିୟ-ସଙ୍ଗମ ବେପରୁଆ ଭାବରେ ଚାଲୁଥିଲା କିନ୍ତୁ ବିବାହ ପ୍ରଥା ବିଧିବଦ୍ଧ ହେବା ପରେ ମାନବ ମାନବୀଙ୍କର ପାରସ୍ପରିକ ସହାନୁଭୂତି ହିଁ ସେ ସବୁ କ୍ଷେତ୍ରରେ ଇନ୍ଦ୍ରିୟ ପରିଚାଳନାକୁ ନିଷିଦ୍ଧ କରିଦେଇଛି । ଶାସ୍ତ୍ରକାରମାନେ ଏସବୁ ବ୍ୟାପାରରେ ଯେଉଁ ଶାସ୍ତ୍ରୀୟ ନିଷେଧ

ବାଣୀସମୂହ ରଚନା କରିଯାଇଛନ୍ତି, ଦମ୍ପତିର ପରସ୍ପର ସମ୍ମତିକ୍ରମେ ତାହା ନୀତି ଭାବରେ ଗୃହୀତ ହେବାର ଅନେକ ପରେ ସେ ସବୁ ରଚିତ ହୋଇଛି । ତେଣୁ ବିବାହଦ୍ୱାରା ସ୍ୱଭାବତଃ ହିଁ ମନୁଷ୍ୟମାନଙ୍କ ମଧ୍ୟରେ ଏକ ପ୍ରକାର ଖଣ୍ଡିତ ସଂଯମ ଯେ ସ୍ଥାପିତ ହୋଇଅଛି ଏହା ସ୍ୱୀକାର୍ଯ୍ୟ । କିନ୍ତୁ ଏହା ଅପେକ୍ଷା ଉନ୍ନତତର ବର୍ଗର ସଂଯମ ବିବାହିତ ଜୀବନରେ ପ୍ରତିଷ୍ଠିତ ହେବା ଆବଶ୍ୟକ ଏବଂ ତାହା କେବଳ ଦମ୍ପତିର ସମ୍ମିଳିତ ତପସ୍ୟା ଦ୍ୱାରା ହିଁ ସମ୍ଭବ ।

(୩) ସନ୍ତାନ-ଜନନ ବିବାହର ଅନ୍ୟତମ ଉଦ୍ଦେଶ୍ୟରୂପେ ଅବଶ୍ୟ ଗୃହୀତ ହୋଇପାରେ କିନ୍ତୁ ତାକୁ ଏକମାତ୍ର ଉଦ୍ଦେଶ୍ୟ ବୋଲି ଗଣନା କଲେ ମନୁଷ୍ୟ ନିଜ ମହିମାରୁ ଭ୍ରଷ୍ଟ ହୋଇ କିୟତ୍ ପରିମାଣରେ ଇତର ଜନ୍ତୁଙ୍କ ପର୍ଯ୍ୟାୟଭୁକ୍ତ ହୋଇଯାଏ । ଯେଉଁ ପ୍ରାଣୀମାନେ ଇନ୍ଦ୍ରିୟ-ସମ୍ଭୋଗ ବ୍ୟାପାରଟାକୁ ଭଲ ଭାବରେ ବୁଝିପାରନ୍ତି ନାହିଁ ଅଥଚ ପ୍ରକୃତିର ଅନ୍ଧ ତାଡ଼ନାରେ ଦିବସର କୌଣସି ନିର୍ଦ୍ଦିଷ୍ଟ ସମୟରେ ବା ବର୍ଷର କୌଣସି ନିର୍ଦ୍ଦିଷ୍ଟ ଋତୁରେ କାମୋନ୍ମତ୍ତ ହୁଅନ୍ତି, ସେମାନଙ୍କର କାମକ୍ରିୟା, ପ୍ରକୃତରେ ଦେଖିବାକୁ ଗଲେ, ପ୍ରାଣୀମାନଙ୍କର ବଂଶରକ୍ଷା ଲାଗି ବିଧାତାର ଅବ୍ୟର୍ଥ ବିଧାନ । ନିର୍ଦ୍ଦିଷ୍ଟକାଳ ଅପଗତ ହେଲେ ସେମାନଙ୍କର କାମାତୁରତା ମଧ୍ୟ ଅପଗତ ହୁଏ ଓ ସ୍ତ୍ରୀ ପୁରୁଷ ଉଭୟ ଶ୍ରେଣୀର ପ୍ରାଣୀମାନଙ୍କ ମଧ୍ୟରେ ଭୋଗ୍ୟ-ଭୋକ୍ତୃ ସମ୍ବନ୍ଧର ଅବସାନ ଘଟେ । ଅତି ନିମ୍ନଶ୍ରେଣୀର ପ୍ରାଣୀମାନଙ୍କ ମଧ୍ୟରେ ଇନ୍ଦ୍ରିୟତୃପ୍ତି ଓ ସନ୍ତାନଜନନର ସମ୍ବନ୍ଧ ଏତେ ଘନିଷ୍ଠ ଯେ ଗର୍ଭାଧାନର ଅବ୍ୟବହିତ ପରେ ପୁରୁଷ ପ୍ରାଣୀମାନେ ଓ ପ୍ରସବ ପରେ ସ୍ତ୍ରୀ ପ୍ରାଣୀମାନେ ଜୀବଲୀଳା ସାଙ୍ଗ କରନ୍ତି । କିନ୍ତୁ ମନୁଷ୍ୟର କାମବାସନା ସହିତ ତାର ଇଚ୍ଛାଶକ୍ତିର ସମ୍ୟକ-ଯୋଗ ରହିଥାଏ । ମନୁଷ୍ୟ ଇଚ୍ଛା କଲେ ସାରା ଜୀବନ କାମୋନ୍ମତ୍ତ ହୋଇ ରହିପାରେ, ଇଚ୍ଛା କଲେ ଆଜୀବନ କାମ ଦମନ କରି ଚଳିପାରେ । ଦିବସର କୌଣସି ନିର୍ଦ୍ଦିଷ୍ଟ ସମୟ, କୌଣସି ନିର୍ଦ୍ଦିଷ୍ଟ ବୟସ ମନୁଷ୍ୟର କାମ ପରିତୃପ୍ତି ଲାଗି ଅବଧାରିତ ନୁହେଁ । ଅନ୍ୟାନ୍ୟ ପ୍ରାଣୀମାନଙ୍କ ଭଳି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଯୌବନକାଳୀନ କାମ-ଋଞ୍ଚଲ୍ୟ ପ୍ରବଳ ଭାବରେ ଅନୁଭୂତ ହୁଏ ସତ୍ୟ କିନ୍ତୁ ମନୁଷ୍ୟ ଯଥାଯଥ ଭାବରେ ଚେଷ୍ଟା କଲେ କାମର ସେହି ଉଚ୍ଛୃଙ୍ଖଳ

ବନ୍ୟାପ୍ଲାବନକୁ ମଧ୍ୟ ଅଟକାଇ ରଖିପାରେ । ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ କାମ ଏକ ଦୁର୍ନିବାର ଅନ୍ଧ ତାଡ଼ନା ହୋଇଥିବାରୁ ସନ୍ତାନଜନନ ତାର ଏକମାତ୍ର ପରିଣତି । କିନ୍ତୁ ମନୁଷ୍ୟ ନିଜ ଇଚ୍ଛାଶକ୍ତି ଦ୍ୱାରା କାମକୁ ପରିଚାଳିତ କରିବାର ସ୍ୱତନ୍ତ୍ର ଅଧିକାର ପାଇଥିବାରୁ କାମକୁ ସନ୍ତାନଜନନ ବ୍ୟତୀତ ଅନ୍ୟ ପରିଣତିରେ ପର୍ଯ୍ୟବେସିତ କରିବାକୁ ସମର୍ଥ ହୋଇଅଛି । ଦୃଷ୍ଟାନ୍ତ ସ୍ୱରୂପ "ଶୃଙ୍ଗାର ସାଧନ" କଥା ଉଲ୍ଲେଖ କରାଯାଇପାରେ । ଏକ ଶ୍ରେଣୀର ସାଧକ କାମଚର୍ଚ୍ଚାକୁ ଇନ୍ଦ୍ରିୟତୃପ୍ତି ବା ସନ୍ତାନଜନନ, ଏହି ଉଭୟ ଉଦ୍ଦେଶ୍ୟ ମଧ୍ୟରୁ କୌଣସି ଗୋଟିକର ଉପାୟ ରୂପେ ବି ଗ୍ରହଣ ନ କରି ତାକୁ ପରମାନନ୍ଦ ଲାଭର ସୋପାନ ସ୍ୱରୂପ ଗ୍ରହଣକରିବାକୁ ଚେଷ୍ଟା କରିଛନ୍ତି । ଚିତ୍ତର ପ୍ରତ୍ୟେକଟି ବୃତ୍ତି ପ୍ରକୃତରେ ଐଶ୍ୱରିକ ପ୍ରେମର ରୂପାନ୍ତର ମାତ୍ର ଓ ଅନ୍ତରର ଯାବତୀୟ ସୁଖାନୁଭୂତି ପରମସୁଖସ୍ୱରୂପ ଶ୍ରୀ ଭଗବାନଙ୍କର ନିତ୍ୟ ସଙ୍ଗ-ଜନିତ ବିମଳ ସୁଖର ଅଂଶ ମାତ୍ର ଏହିଭଳି ଏକ ଦାର୍ଶନିକ ମତବାଦକୁ ଭିତ୍ତି କରି ଇନ୍ଦ୍ରିୟ-ସୁଖର ଆସ୍ୱାଦନ ମାଧ୍ୟମରେ ଅତୀନ୍ଦ୍ରିୟ ପରମେଶ୍ୱରଙ୍କ ନିତ୍ୟସାନ୍ନିଧ୍ୟ ଜନିତ ପରମ ସୁଖକୁ ଲାଭ କରିବା ସକାଶେ ଏକ ଶ୍ରେଣୀର ସାଧକବୃନ୍ଦ ଗୋଟିଏ ଯୁଗରେ ବ୍ୟାପକ ଓ ବିରାଟ ପ୍ରୟାସ କରିଥିଲେ । କାମଚର୍ଚ୍ଚା ମାଧ୍ୟମରେ ଶୃଙ୍ଗାର ସାଧକମାନଙ୍କର ପ୍ରେମାନନ୍ଦ ଲାଭ ପ୍ରୟାସ ଲକ୍ଷ ଲକ୍ଷ କ୍ଷେତ୍ରରେ ବ୍ୟର୍ଥତାରେ ପର୍ଯ୍ୟବେସିତ ହୋଇଥିଲେ ମଧ୍ୟ କ୍ୱଚିତ ଗୋଟିଏ ଦୁଇଟି କ୍ଷେତ୍ରରେ ଏହା ଯେ ସାଫଲ୍ୟମଣ୍ଡିତ ହୋଇଥିଲା, ଏଭଳି ବିଶ୍ୱାସ ପୋଷଣ କରିବାର ଯଥେଷ୍ଟ କାରଣ ଅଛି । ଆଉ ମଧ୍ୟ କାମଚର୍ଚ୍ଚାକୁ ଏପରିକି ଇନ୍ଦ୍ରିୟସୁଖକୁ ଉପାୟରୂପେ ଗ୍ରହଣ ନ କରି ଖାଲି ଗୋଟାଏ ଲୋକାଚାର, ଦେଶାଚାର, ସ୍ତ୍ରୀ-ଆଚାର ବା "ଫେସନ"ର ଅଙ୍ଗରୂପେ ଗ୍ରହଣ କରିବାକୁ ମଧ୍ୟ ମନୁଷ୍ୟ ଜାତି ସଂକୋଚ ବୋଧ କରି ନାହିଁ । ମୋଟାମୋଟି ଭାବରେ କହିବାକୁ ଗଲେ ପଶୁପକ୍ଷୀମାନଙ୍କ ତୁଳନାରେ ମନୁଷ୍ୟ ଜାତି କାମଚର୍ଚ୍ଚାକୁ ବହୁବିଧ ପୃଥକ୍ ପ୍ରୟୋଜନରେ ଓ ପୃଥକ୍ ଉଦ୍ଦେଶ୍ୟରେ ବ୍ୟବହାର କରିଛି ଓ କରୁଛି ଏବଂ ସନ୍ତାନଜନନର ପ୍ରୟୋଜନ ଛଡ଼ା ଅନ୍ୟାନ୍ୟ ପ୍ରୟୋଜନରେ କାମଚର୍ଚ୍ଚାକୁ ବ୍ୟବହାର କରିବାକୁ ଯାଇ ଏହାକୁ ସଂସ୍କୃତ ବା ବିକୃତ, ଉନ୍ନତ ବା ଅବନତ କରିଅଛି ଓ କରୁଅଛି ।

ସୁସନ୍ତାନ ଜନନର ଆବଶ୍ୟକତା

ପରମେଶ୍ୱରଙ୍କ ଅନିର୍ବଚନୀୟ ଅଭିପ୍ରାୟରେ ଯେଉଁ ମନୁଷ୍ୟ ନିଜର ବୃଦ୍ଧି ଓ ଚିନ୍ତାଧାରାକୁ ଇଚ୍ଛାନୁସାରେ ପରିଚାଳିତ କରିବାର ପୂର୍ଣ୍ଣ ଅଧିକାର ଲାଭ କରିଅଛି, ତା ପକ୍ଷରେ ପଶୁପକ୍ଷୀଙ୍କ ଭଳି ଅନ୍ଧ ପ୍ରକୃତି ତାଡ଼ନାରେ ସନ୍ତାନଜନନ କରିବାକୁ ଯିବା, ବିବାହର ପ୍ରକୃତ ଉଦ୍ଦେଶ୍ୟ ବୋଲି କୌଣସିମତେ ସ୍ୱୀକାର କରାଯାଇ ନପାରେ । ସନ୍ତାନ-ଜନନ ବିବାହର ଉଦ୍ଦେଶ୍ୟରୂପେ ପରିଗୃହୀତ ହୋଇପାରେ କିନ୍ତୁ କେବଳ ସୁସନ୍ତାନ ଜନନ ଦ୍ୱାରା ହିଁ ସେ ଉଦ୍ଦେଶ୍ୟ ସାଧିତ ହୋଇପାରେ, ଯେମିତି ସେମିତି ସନ୍ତାନ ଜନନ ଦ୍ୱାରା ନୁହେଁ । ଯେଉଁ ପୁତ୍ର ବଳବାନ୍ ବୀର୍ଯ୍ୟବାନ୍, ଚରିତ୍ରବାନ, ସତ୍ସାହସୀ, ପରାର୍ଥେ ଆତ୍ମୋତ୍ସର୍ଗକାରୀ ଓ ଯେଉଁ କନ୍ୟା ବୀର୍ଯ୍ୟବତୀ, ଚରିତ୍ରବତୀ, ସତ୍ସାହସିକା ଓ ପରାର୍ଥେ ଆତ୍ମୋତ୍ସର୍ଗ-କାରିଣୀ, ସେହିମାନେ ହିଁ ସୁସନ୍ତାନ । ଯେଉଁ ପୁତ୍ରକନ୍ୟା ଧର୍ମାନୁରାଗୀ, ଅଧ୍ୟବସାୟପରାୟଣ, କର୍ତ୍ତବ୍ୟନିଷ୍ଠ, ସହିଷ୍ଣୁ ଓ ମରଣଭୟ-ବିରହିତ, ସେହିମାନେ ହିଁ ସୁସନ୍ତାନ । ଯେଉଁ ପୁତ୍ର କନ୍ୟା ନିଜ ନିଜ ଜୀବନର ଗୌରବଦ୍ୱାରା ପୂର୍ବପୁରୁଷମାନଙ୍କର କାଳିମାକୁ ଘୋଡ଼ାଇ ଦିଅନ୍ତି ଓ ପରବର୍ତ୍ତୀ ପୁରୁଷମାନଙ୍କ ମଧ୍ୟରେ ମଙ୍ଗଳର ସମ୍ଭାବନାକୁ ଜାଗ୍ରତ କରନ୍ତି, ସେମାନେ ସୁସନ୍ତାନ । ଯେଉଁମାନେ ସ୍ୱାର୍ଥ କାମନା କଲେ ମଧ୍ୟ ମେଧା ଓ ମନୀଷା ଅଭାବରେ ଯଥାର୍ଥ ଭାବରେ ସ୍ୱାର୍ଥର ସ୍ୱରୂପ ଅବଧାରଣ କରି ପାରନ୍ତି ନାହିଁ କି ବଳବୀର୍ଯ୍ୟ ଅଭାବରେ ସ୍ୱାର୍ଥକୁ ଯେପରି ଆକାଂକ୍ଷା କରିବା କଥା ସେପରି ଆକାଂକ୍ଷା କରିପାରନ୍ତି ନାହିଁ, ସେମାନେ ସୁସନ୍ତାନ ନୁହନ୍ତି । ଯେଉଁମାନେ ପରାର୍ଥେ ଜୀବନ ଉତ୍ସର୍ଗ କରିବାକୁ ଯାଇ ବଳବୀର୍ଯ୍ୟ ଅଭାବରେ ସେହି ଉତ୍ସର୍ଗକୁ ବହୁ ଦେଶବ୍ୟାପୀ ଓ ପ୍ରଜ୍ଞା ଅଭାବରୁ ବହୁ ପୁରୁଷବ୍ୟାପୀ କରି ନ ପାରନ୍ତି ସେମାନେ ସୁସନ୍ତାନ ନୁହନ୍ତି । ଯେଉଁମାନେ ସହସ୍ର ବିପଦ ମଧ୍ୟରେ ମନର ଦମ୍ଭ ଓ ସାହସ ଅତୁଟ ରଖିପାରନ୍ତି, ଆସନ୍ନ ମୃତ୍ୟୁ ମୁହୂର୍ତ୍ତରେ ମଧ୍ୟ ବାହୁରେ ଭୀମବଳର ସନ୍ଧାନ ପାଆନ୍ତି, ବଜ୍ରପାତ ମଧ୍ୟରେ ସୁଦ୍ଧା ବୁଦ୍ଧିକୁ ସ୍ଥିର ଓ ଲକ୍ଷ୍ୟକୁ ଅବିଚଳିତ ରଖିପାରନ୍ତି, ନିଜ ହାତରେ ଯେଉଁମାନେ ନିଜର ଶିରକାଟି ଦେଇପାରନ୍ତି, କଳିଜାକୁ ଛିଣ୍ଡାଇ ଦେଇ ପାରନ୍ତି, ହସି ହସି ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ଝାସ ଦେଇପାରନ୍ତି, ଦ୍ୱିଧା-ଲେଶହୀନ

ଚିତ୍ତରେ ସଜୀବ ସମାଧିକୁ ସ୍ୱାଗତ କରିପାରନ୍ତି, ସେହିମାନେ ହିଁ ସୁସନ୍ତାନ । ଯେଉଁମାନେ ବୁଝନ୍ତି ଜୀବନ ହେଉଛି କର୍ମ-ସଂଗ୍ରାମ ଓ ମରଣ ହେଉଛି ନବ ସଂଗ୍ରାମର ପ୍ରସ୍ତୁତି ଲାଗି କ୍ଷଣିକ ବିଶ୍ରାମ, ଯେଉଁମାନଙ୍କର ଜନ୍ମ ସାର୍ଥକ ମରଣ ପାଇଁ ଏବଂ ଯେଉଁମାନଙ୍କର ମୃତ୍ୟୁ ଶ୍ରେଷ୍ଠତର ଜନ୍ମ ପରିଗ୍ରହଣ ପାଇଁ, ଯେଉଁମାନଙ୍କର ବ୍ରାହ୍ମଣତ୍ୱ ନୀଚ ଶୂଦ୍ରକୁ ଉଚ୍ଚକୁ ଉଠାଇ ଆଣିବା ପାଇଁ, ଅଧଃପତନ ମାର୍ଗରୁ ଅଭ୍ୟୁତ୍ଥାନ ମାର୍ଗକୁ ଆଣିବା ପାଇଁ, ବ୍ରାହ୍ମଣକୁ ଆତ୍ମବିସ୍ମୃତ ହୋଇ ମୁର୍ଦ୍ଦାରପରି ଚୁପଚାପ ପଡ଼ି ରହିବାକୁ ନ ଦେବା ଲାଗି, ସେହିମାନେ ହିଁ ସୁସନ୍ତାନ । ପୁରୁଷମାନଙ୍କର ବନ୍ଧନ ମୁକ୍ତିଲାଗି ଯେଉଁମାନଙ୍କର ସ୍ତ୍ରୀତ୍ୱ, ନାରୀର ଦୁର୍ଦ୍ଦଶା ମୋଚନ ଲାଗି ଯେଉଁମାନଙ୍କର ପୁରୁଷତ୍ୱ, ବିଶ୍ୱବ୍ୟାପୀ ପରାଧୀନତାର ଲୌହ ଶୃଙ୍ଖଳକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେବା ଲାଗି ଯେଉଁମାନଙ୍କର ସ୍ୱାଧୀନତା, ସ୍ୱାଧୀନତା ଲାଭ ପାଇଁ ଶ୍ରେଷ୍ଠତମ ଓ ଆଦର୍ଶତମ ପନ୍ଥା ଆବିଷ୍କାର ଲାଗି ଯେଉଁମାନଙ୍କର ପରାଧୀନତା, ସେହିମାନେ ହିଁ ସୁସନ୍ତାନ । ଯେଉଁମାନେ ଏହା ନୁହନ୍ତି ସେମାନେ କୁସନ୍ତାନ । କୁସନ୍ତାନ ଉତ୍ପାଦନ କଦାପି ଦାମ୍ପତ୍ୟ ବନ୍ଧନର ଉଦ୍ଦେଶ୍ୟ ହୋଇ ନପାରେ । ବିଶ୍ୱବ୍ୟାପୀ କାମ-ତୃଷ୍ଣାକୁ ଇଚ୍ଛାଶକ୍ତି ବଳରେ ଗୋଟାଇ ଆଣି ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ କରି ତତ୍‌ପରେ ସେହି କାମକୁ ସାଧନସଂଭୂତ ଅବ୍ୟର୍ଥ ଇଚ୍ଛା ବଳରେ ହସ୍ତଧୃତଯନ୍ତ୍ର ଭଳି ସୁସନ୍ତାନ ପ୍ରଜନନରେ ପ୍ରୟୋଗ କରିବା ହିଁ ବିବାହର ଉଦ୍ଦେଶ୍ୟ । କାମ ଯେତେବେଳେ ଚରିତାର୍ଥ ହେବାର ବହୁପଥ ପରିତ୍ୟାଗ କରି ଏକମାତ୍ର ପଥ ଅବଲମ୍ବନ କରେ ସେତେବେଳେ ଏହା ସମାଜର ଭିତ୍ତିସ୍ଥାପନ ହିଁ କରେ, କିନ୍ତୁ କାମ ଯେତେବେଳେ ଅନ୍ଧ ପରି ଚରିତାର୍ଥ ହେବାର ବାଟ ଛାଡ଼ି ଚକ୍ଷୁଷ୍ମାନ ପରି ନିଜର କଲ୍ୟାଣ, ସନ୍ତାନର କଲ୍ୟାଣ ଓ ବିଶ୍ୱର କଲ୍ୟାଣକୁ ଦେଖିପାରେ ସେତେବେଳେ ଏହା ଆଦର୍ଶ ସମାଜ ସୃଷ୍ଟିକରେ ।

ବିବାହର ଉଦ୍ଦେଶ୍ୟ ଆଦର୍ଶ ସମାଜ ସୃଷ୍ଟି

ବିବାହର ପ୍ରକୃତ ଉଦ୍ଦେଶ୍ୟ ସେହି ଆଦର୍ଶ ସମାଜ ସୃଷ୍ଟି, ଯେଉଁ ସମାଜରେ ପିତାମାତାଙ୍କର ଅନ୍ତରର ସଦିଚ୍ଛାଗୁଡ଼ିକ ସନ୍ତାନ-ସନ୍ତତିଙ୍କ ଜୀବନର ଗୌରବଦୀପ୍ତ କର୍ମରେ ପ୍ରମୂର୍ତ୍ତ ହୋଇ ଉଠେ ଏବଂ ଯୁଗକୁ ଯୁଗ ଅତୀତ ଅପେକ୍ଷା ବର୍ତ୍ତମାନକୁ

ବୃହତ୍ତର ଓ ମହତ୍ତର ଏବଂ ବର୍ତ୍ତମାନ ଅପେକ୍ଷା ଭବିଷ୍ୟତକୁ ବୃହତ୍ତର ଓ ମହତ୍ତର କରିବାକୁ ଲାଗେ । ଯେଉଁ ସମାଜରେ ପୁତ୍ରକନ୍ୟା ପିତାମାତାଙ୍କ ସ୍କନ୍ଧର ଗୁରୁଭାର ଓ ସୁଖସ୍ୱାଚ୍ଛନ୍ଦ୍ୟରେ ବିଘ୍ନ, ସେ ଭଳି ସମାଜ ସୃଷ୍ଟି କଦାପି ବିବାହର ପ୍ରକୃତ ଉଦ୍ଦେଶ୍ୟ ହୋଇ ନପାରେ । ଇଉରୋପ ଓ ଆମେରିକାର ଏକଶ୍ରେଣୀର ସମାଜ-ତତ୍ତ୍ୱବିତ ସନ୍ତାନ-ସନ୍ତତିରୂପୀ ଅବାଞ୍ଛିତ ଆବର୍ଜନାକୁ ପାରିବାରିକ ଜୀବନରୁ ଅପସାରିତ କରିବା ଲାଗି ବହୁବିଧ ଚେଷ୍ଟା କରୁଛନ୍ତି । କେହି କେହି କୃତ୍ରିମ ଉପାୟରେ ନାରୀର ଅପତ୍ୟ-ସମ୍ଭାବନାକୁ ନାଶ କରିବା ଲାଗି ନିତ୍ୟ ନୂତନ ପଦ୍ଧତି ଆବିଷ୍କାର କରି ପୈଶାଚିକ ଆତ୍ମପ୍ରସାଦ ଲାଭ କରୁଛନ୍ତି । କେହି କେହି ପ୍ରକାଶ୍ୟ ଓ ଗୁପ୍ତ ରାଜନୈତିକ ଆନ୍ଦୋଳନ ଦ୍ୱାରା ଏଭଳି ରାଷ୍ଟ୍ରୀୟ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି, ଯହିଁରେ ପିତା ଗର୍ଭାଧାନ କରି ଓ ମାତା ପ୍ରସବ କରି ମଧ୍ୟ ସନ୍ତାନ ସମ୍ବନ୍ଧୀୟ ସମସ୍ତ ଦାୟିତ୍ୱର "ଖଲାସ" ହୋଇଯିବ ଓ ରାଷ୍ଟ୍ର ନବଜାତ ପୁତ୍ର ବା କନ୍ୟାର ଭରଣପୋଷଣ ଓ ଶିକ୍ଷାର ଭାର ଗ୍ରହଣ କରିବାକୁ ବାଧ୍ୟହେବ । କହିବା ବାହୁଲ୍ୟ ଯେ ଇଉରୋପ ବା ଆମେରିକାର ଅଧିକାଂଶ ଜନତା ଭୂଲ ବାଟରେ ହିଁ ଯାଉଛନ୍ତି । ୧୯୫୪ ମସିହା ଆମେରିକା ଯୁକ୍ତରାଷ୍ଟ୍ରର ଏକ ମକଦ୍ଦମାର ରାୟରୁ ସନ୍ତାନ ଜନ୍ମର ବୈଧତା ବିଚାର ପ୍ରସଙ୍ଗରେ ଯେଉଁ ଘଟଣା ଦୃଷ୍ଟିକୁ ଆସିଛି ସେଥିରୁ ଜଣାଯାଏ ଯେ ସ୍ୱାମୀ ସହବାସ ପରିହାର କରି ଅନ୍ୟ ପୁରୁଷର ଶୁକ୍ରକୁ ଟିଉବ୍ ସାହାଯ୍ୟରେ ଜରାୟୁ ମଧ୍ୟରେ ଗ୍ରହଣ କରି ମଧ୍ୟ ନାରୀମାନେ ସନ୍ତାନବତୀ ହେବାକୁ ଆରମ୍ଭ କଲେଣି । ଏହାର ସାତ ଆଠ ବର୍ଷ ପୂର୍ବରୁ ଏହିପରି ଭାବରେ ଗର୍ଭଧାରଣର କେତୋଟି ଦୃଷ୍ଟାନ୍ତ ଯୁକ୍ତରାଷ୍ଟ୍ରର ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା କିନ୍ତୁ ଉପରୋକ୍ତ ଘଟଣାରୁ ପ୍ରମାଣିତ ହୋଇଗଲା ଯେ ଏହା କଳ୍ପନା-ବିଳାସ ନୁହେଁ ବା ପରୀକ୍ଷିତ ହେବା ବିଷୟ ନୁହେଁ । ଏହା ବାସ୍ତବତା । ଫଳତଃ ସନ୍ତାନଜନନ ପାଇଁ ପୁରୁଷ-ସହବାସ ନିଷ୍ପ୍ରୟୋଜନ ବୋଲି ପ୍ରମାଣିତ ହେବାରୁ ବିବାହ ମଧ୍ୟ ନିଷ୍ପ୍ରୟୋଜନ ବୋଲି ପ୍ରମାଣିତ ହେଲା । ଯେଉଁ ସବୁ ଦେଶରେ ଏ ଧରଣର ପରୀକ୍ଷା-ନୀରିକ୍ଷା (experiments and observations) ଚାଲିଛି, ଯେ ସବୁ ଦେଶର ଜନମତ ଆସ୍ତେ ଆସ୍ତେ ରୂପାନ୍ତରିତ ହୋଇ ହୋଇ ଯଦି ଏପରି ଏକ

ଅବସ୍ଥାକୁ ଆସିଯାଏ ଯେ ଏହିଭଳି କୃତ୍ରିମ ଉପାୟରେ ଜନ୍ମ ହେଉଥିବା ପୁତ୍ରକନ୍ୟାଙ୍କର ସାମାଜିକ ସମ୍ମାନ ବ୍ୟାହତ ହେବନାହିଁ, ସେତେବେଳେ ସଂପୃକ୍ତ ଦେଶମାନଙ୍କରେ ସ୍ୱାଭାବିକ ପରିଣତି ରୂପେ ନିମ୍ନଲିଖିତ ଦୁଇଟି ଅବସ୍ଥା ହୁଏତ ଆସିପାରେ। ପ୍ରଥମତଃ, ଏ ବ୍ୟବସ୍ଥା ହୁଏତ ସାମାଜିକ ଭାବରେ ସ୍ୱୀକୃତି ଲାଭ କରିବ ଯେ, ବଳବାନ୍, ବୀର୍ଯ୍ୟବାନ୍, ବୁଦ୍ଧିମାନ, ତୀକ୍ଷ୍ଣବୁଦ୍ଧି ଓ ସବଳେନ୍ଦ୍ରିୟ ପୁତ୍ର-କନ୍ୟାମାନଙ୍କର ଆବିର୍ଭାବ ଲାଗି ତଦ୍ରୂପ ଗୁଣବିଶିଷ୍ଟ ଲୋକମାନଙ୍କର ଶୁକ୍ରକୁ ପ୍ରତି ଡାକ୍ତରଖାନାରେ ସୁଲଭ କରିବାକୁ ହେବ, ତାହାହେଲେ ଯେ କୌଣସି ନାରୀ ଗର୍ଭଧାରଣ କରିବା ଆବଶ୍ୟକତା ଉପଲବ୍ଧି କଲେ ସେ ଯେକୌଣସି ଚିକିତ୍ସକଙ୍କ ସହାୟତାରେ ଅନାୟାସରେ ସେ ସୁଯୋଗ ନେଇପାରିବ । (ଗୋଟିଏ ବଳବାନ ଷଣ୍ଢର ଥରେମାତ୍ର ସ୍ଖଳିତ ଶୁକ୍ରର ସାହାଯ୍ୟରେ ଶୁକ୍ର ସ୍ଖଳନର ବହୁଦିନ ପରେ ମଧ୍ୟ ଅନେକ ଗୁଡ଼ିଏ ଗାଈଙ୍କର ଗର୍ଭଧାରଣ ପ୍ରଥା ଇତିମଧ୍ୟରେ ପ୍ରାୟ ସବୁ ସଭ୍ୟଦେଶରେ ଚଳିଲାଣି । ତେଣୁ ମନୁଷ୍ୟ ନିଜକୁ ଷଣ୍ଢ ଓ ଗାଈ ଭଳି ବିଚାର କରିବାକୁ ଶିଖିଗଲେ ହିଁ ଏ ବ୍ୟାପାରରେ ସବୁ ସଙ୍କୋଚ କଟିଯିବ ।) ଏଥି ସଙ୍ଗେ ସଙ୍ଗେ ଏ ସ୍ୱୀକୃତି ମଧ୍ୟ ସ୍ୱାଭାବିକଭାବରେ ଆସିଯିବ ଯେ, ସଙ୍ଗମ ବେଳେ ମାନବ ଶରୀରରେ ସଙ୍ଗମ ଜନିତ ଯେଉଁ ସୁଖ ଉତ୍ପାଦିତ ହୁଏ ସେ ସୁଖରୁ ତାକୁ ବଞ୍ଚିତ କରିବା ଅନ୍ୟାୟ । ଅପର ଦିଗରେ ଟେଷ୍ଟ ଟିଉବ ସାହାଯ୍ୟରେ ଗର୍ଭାଧାନ ବ୍ୟବସ୍ଥା ପ୍ରଚଳିତ ଥିବା ଦୃଷ୍ଟିରୁ ଗର୍ଭୋତ୍ତର ସଙ୍ଗମ ଫଳରେ ଯେପରି ପୁନଃ ଗର୍ଭାଧାନର ଆଶଙ୍କା ନ ରହେ ସେଥିପାଇଁ ପକ୍କା ବୈଜ୍ଞାନିକ ବ୍ୟବସ୍ଥା କରିବା ମଧ୍ୟ ଆବଶ୍ୟକ ହେବ । ଏହି ଦୁଇଟି ସ୍ୱୀକୃତି ଆସିଗଲା ପରେ ରତି ବିଷୟକ ଦାମ୍ପତ୍ୟ ଏକନିଷ୍ଠା ଆଦର୍ଶ ରୂପେ ସମ୍ମାନିତ ହୋଇପାରେ କି ନା ତାହା ଘୋର ସନ୍ଦେହର ବିଷୟ ହେବ । ଫଳତଃ, ସେ ପରିସ୍ଥିତିରେ ବିବାହ ପ୍ରଥା ଗୋଟିଏ ବଦ୍ଧମୂଳ ପ୍ରଥାରୂପେ କୌଣସିମତେ ଯଦି ଠାକି ରହିଯାଏ ତାହାହେଲେ ନାରୀ ପୁରୁଷର ସମ୍ପତ୍ତି ଲୋଭରେ ଓ ପୁରୁଷ ନାରୀର ସମ୍ପତ୍ତି ଲୋଭରେ ହିଁ ବିବାହ କରିବେ । କହିବା ବାହୁଲ୍ୟ ଯେ ବିବାହ ସଂପର୍କୀୟ ଯେଉଁ ସବୁ ଆନ୍ଦୋଳନ ପାଶ୍ଚାତ୍ୟ ଦେଶରେ ଚାଲିଛି ତା ଫଳରେ ପାଶ୍ଚାତ୍ୟ ପୁତ୍ରକନ୍ୟାଗଣ ନିଜ ନିଜର ପରମାରାଧ୍ୟା ଜନନୀକୁ ଆଧ୍ୟାତ୍ମିକ ଆଦର୍ଶବାଦୀ

ଶ୍ରଦ୍ଧାପୂତ ବିଶୁଦ୍ଧ ସୁଲଭ ଦୃଷ୍ଟିରେ ନଦେଖି ସନ୍ଦିଗ୍ଧ ସ୍ୱଭାବ ବୈଜ୍ଞାନିକମାନଙ୍କର ବସ୍ତୁତନ୍ତ୍ର ପ୍ରଶ୍ନପରାୟଣ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରିବେ ଓ ସମ୍ଭବତଃ ବର୍ତ୍ତମାନ ମଧ୍ୟ କରୁଛନ୍ତି । ଯେଉଁମାନେ ଜନନୀର ରମଣୀ ମୂର୍ତ୍ତି ଚିନ୍ତା କରନ୍ତି ବା କରିବେ ସେମାନଙ୍କର ସର୍ବନାଶ ହେବାକୁ ଆଉ ବାକୀ କଣ ରହିଲା ? ଏ ପର୍ଯ୍ୟନ୍ତ ପାଶ୍ଚାତ୍ୟବାସୀମାନେ ବିବାହର ଯଥାର୍ଥ ଆଦର୍ଶର ସନ୍ଧାନ ପାଇ ନ ଥିବାରୁ କାମର ପଙ୍କିଳ ଆବର୍ତ୍ତରେ ବୁଡ଼ି ମରିବାର ଆୟୋଜନ କରୁଛନ୍ତି । ଏ ପର୍ଯ୍ୟନ୍ତ ୟୁରୋପ ଓ ତାର ଚେଲାମାନଙ୍କର ମାନସିକ ଜଗତରେ ଦେହ ସୁଖର ପୂର୍ଣ୍ଣ ରାଜତ୍ୱ ବଜାୟ ରହିଥିବା ଯୋଗୁଁ ତା ସନ୍ତାନ ସନ୍ତତି ସ୍ୱାମୀସ୍ତ୍ରୀଙ୍କର ସୁଖର ବିଘ୍ନ, ଅତଏବ ବର୍ଜନୀୟ ବୋଲି ବିବେଚିତ ହେଉଛନ୍ତି । ରକ୍ତମାଂସର କ୍ଷୁଧା ଇଉରୋପୀୟମାନଙ୍କର ଅସ୍ଥିମଜ୍ଜା ଚର୍ବଣ କରି ଖାଉଥିବାରୁ ଏ ପର୍ଯ୍ୟନ୍ତ ପାଶ୍ଚାତ୍ୟର ଶ୍ରେଷ୍ଠ ନୀତିବାଦୀ (moralist) ବା (idealist) ଅଧ୍ୟାତ୍ମବାଦୀ ମାନେ ବିବାହ ସମ୍ବନ୍ଧରେ ସୁପ୍ରଜନନ ଅପେକ୍ଷା ଆଉ ବଡ଼ କଥା କିଛି କହି ପାରିନାହାନ୍ତି । ଯେଉଁ ଇଉରୋପୀୟମାନେ ପୃଥିବୀରେ ମୁକୁଟବିହୀନ ସମ୍ରାଟ, କେବଳ ନିଜର ରସନା କଣ୍ଡୁୟନ ନିବାରଣ ଲାଗି ସେମାନଙ୍କୁ ଯେ ମୁଁ ନିନ୍ଦା କରୁଛି ତା ନୁହେଁ, ପାଶ୍ଚାତ୍ୟବାସୀଙ୍କ ଅପେକ୍ଷା ଭାରତୀୟମାନେ ବିବାହ ବିଷୟରେ ଯେ ବଡ଼ ବଡ଼ କଥା ଚିନ୍ତାକରି ପାରିଥିଲେ ତାର ପୃଷ୍ଠଭୂମିକା ବା back-ground ସ୍ୱରୂପ ଏ କଥା ଉଲ୍ଲେଖ କରୁଛି । କାରଣ ବିବାହର ସର୍ବଶ୍ରେଷ୍ଠ ଉଦ୍ଦେଶ୍ୟ ହେଲା ଭଗବତ-ସାଧନା ବା ଆତ୍ମାର ଉଦ୍ଧାର । ସୁସନ୍ତାନ-ପ୍ରଜନନ ଏହା ଅପେକ୍ଷା ଅତି ତୁଚ୍ଛ କଥା ହେଲେ ମଧ ସେହି ସୁସନ୍ତାନ-ଜନନ କରିବା ପାଇଁ ବିବାହିତର ବ୍ରହ୍ମଚର୍ଯ୍ୟ ଆବଶ୍ୟକ । ଯେଉଁମାନେ ବ୍ରହ୍ମଚର୍ଯ୍ୟ ଦ୍ୱାରା ଦେହ ଓ ମନର ବିଶୁଦ୍ଧତା ସମ୍ପାଦନ କରିଛନ୍ତି ସେମାନଙ୍କର ସନ୍ତାନ ସନ୍ତତିମାନେ ମଧ ପ୍ରକୃତିବଶରୁ ବିଶୁଦ୍ଧ ଦେହ ଓ ବିଶୁଦ୍ଧ ମନର ଅଧିକାରୀ ହେବେ । ସଂଯମ ସାଧନା ଦ୍ୱାରା ଯେଉଁମାନେ ନିଜର ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକୁ ସୁପୁଷ୍ଟ, ସୁଦୃଢ଼ ଓ ମନୋବୃତ୍ତିଗୁଡ଼ିକ ଅନାବିଳ ଓ ସୁସମର୍ଥ କରି ପାରିଛନ୍ତି ସେମାନଙ୍କର ସନ୍ତାନସନ୍ତତିମାନେ ସାଧାରଣତଃ ସବଳ ଦେହ ଓ ସମର୍ଥ ମନର ଅଧିକାରୀ ହେବେ । ବ୍ରହ୍ମଚାରୀ ପିତା ଓ ବ୍ରହ୍ମଚାରିଣୀ ମାତାର ସମ୍ୟକ ବିଶୁଦ୍ଧତା ସତ୍ତ୍ୱେ

ସନ୍ତାନର ଦେହ ଓ ମନ ଭିତରେ ସେମାନଙ୍କର ପୂର୍ବପୁରୁଷମାନଙ୍କର ଜୀବନର ବହୁ ପ୍ରକାଶ୍ୟ ବା ପ୍ରଚ୍ଛନ୍ନ ଅକଲ୍ୟାଣ ମୁଣ୍ଡଟେକି ଉଠିବାକୁ ରହିଁବ କିନ୍ତୁ ପିତାମାତାଙ୍କର ତପଃସାଧନ ସନ୍ତାନକୁ ବହୁତ ପରିମାଣରେ ଆତ୍ମରକ୍ଷା କ୍ଷମତା ଦାନ କରିବ । ବୈଜ୍ଞାନିକ ଉପାୟରେ ସନ୍ତାନ ସଂଖ୍ୟା କମାଇବାକୁ ଗଲେ ମହାବୀର୍ଯ୍ୟଶାଳୀ ତପସ୍ୱୀ ସନ୍ତାନର ଜନ୍ମ ଅସମ୍ଭବ । କାରଣ ବୈଜ୍ଞାନିକମାନେ ନାରୀ ଓ ପୁରୁଷର ସମ୍ମିଳିତ ସତ୍ତାଶକ୍ତି (ରଜୋବୀର୍ଯ୍ୟ)କୁ ସନ୍ତାନ ରୂପରେ ପରିଣତ ହେବାକୁ ନ ଦେବା ଫଳରେ ନାରୀକୁ ପ୍ରସବ ଯନ୍ତ୍ରଣାରୁ ଓ ପୁରୁଷକୁ ସନ୍ତାନ ପ୍ରତିପାଳନ ଜନିତ ଅର୍ଥବ୍ୟୟରୁ ଅବ୍ୟାହତ ଦେଇପାରନ୍ତି କିନ୍ତୁ ବୃଥା ମୈଥୁନ ଦ୍ୱାରା ଉଭୟଙ୍କର ଦୈହିକ ଶକ୍ତି ଯାହା କ୍ଷୟିତ ହୁଏ ଓ ମାନସିକ ପବିତ୍ରତାରେ ଯେଉଁ ଭ୍ରଷ୍ଟତା ଜନ୍ମେ ସେ କ୍ଷତିକୁ କୌଣସି ମତେ ପୂରଣ କରିପାରନ୍ତି ନାହିଁ । ତାଛଡ଼ା ବିନା ମୈଥୁନରେ ଓ ବିନା ସ୍ୱାମୀ ସହବାସରେ ଟେଷ୍ଟ ଟିଉବ ଦ୍ୱାରା ଗର୍ଭାଧାନ ଫଳରେ ଯେଉଁ ସନ୍ତାନ ଜନ୍ମ ହେବ ତାଠାରୁ ତପସ୍ୟାରେ ଅନୁରାଗ, ଈଶ୍ୱର ସାଧନାରେ ରୁଚି, ବିଧିର ବିଧାନ ପ୍ରତି ଶ୍ରଦ୍ଧା ଆଶା କରିବା ବିଡ଼ମ୍ବନା ମାତ୍ର । ବ୍ରହ୍ମଚାରୀ ଦମ୍ପତିର ସହବାସରୁ ଯେଉଁ ପୁତ୍ର ଜନ୍ମଲାଭ କରେ ସେ ଯେ କେବଳ ପିତାମାତାଙ୍କର ବ୍ରହ୍ମଚର୍ଯ୍ୟାଦି ଅନୁଶୀଳନର ସୁଫଳଗୁଡ଼ିକ ପ୍ରାପ୍ତ ହୁଏ ତାହା ନୁହେଁ, ପିତାମାତାଙ୍କର ମିଳନଜନିତ ଯେଉଁ ଐକ୍ୟବୋଧ, ସେ ସୂକ୍ଷ୍ମଭାବରେ ତହିଁର ଅଧିକାରୀ ମଧ ହୋଇଥାଏ । ସଙ୍ଗମକାଳୀନ ଏକାତ୍ମବୋଧ ସନ୍ତାନ ମଧ୍ୟରେ ସୁଦୃଢ଼ ଇଚ୍ଛାଶକ୍ତିକୁ ସ୍ଫୁରିତ କରେ, ସଙ୍ଗମକାଳୀନ ଦ୍ୱୈତବୋଧ ସନ୍ତାନକୁ ଲକ୍ଷ୍ୟହୀନ ଓ ଏକାଗ୍ରତାହୀନ କରେ । ଯେଉଁ ସନ୍ତାନର ଜନ୍ମରେ ପିତାମାତା ଉଭୟଙ୍କର ସମଅଧ୍ୟବସାୟ ନଥାଏ, ସେ ସନ୍ତାନ ପିତାମାତା ଉଭୟଙ୍କର ପରିପାଳନ ଓ ସ୍ନେହର ଅଧିକାରୀ ସମଭାବରେ ହୁଏନାହିଁ । ଯେଉଁଠି ସନ୍ତାନ ଜନନ ପ୍ରୟୋଜନ ସେଠାରେ ସନ୍ତାନର କୁଶଳ ପାଇଁ ସ୍ତ୍ରୀ ପୁରୁଷର ଅସାମାନ୍ୟ ପ୍ରେମପ୍ରସୂତ ଦୈହିକ ସମ୍ଭୋଗ ମଧ ପ୍ରୟୋଜନ । ତପସ୍ୱୀ ନରନାରୀ ସେମାନଙ୍କର ଦେହ-ସମ୍ଭୋଗକୁ ତପସ୍ୟା-ଲବ୍ଧ ବିମଳ ପ୍ରଜ୍ଞାର ଆଲୋକ ଦ୍ୱାରା ପରିଚାଳନା କରିବେ, ଏହା ସନ୍ତାନର କୁଶଳ ପାଇଁ ପ୍ରୟୋଜନ । ପିତାମାତାଙ୍କ ଦେହମଧ୍ୟସ୍ଥ ଯେଉଁ ମହାବସ୍ତୁ ଦ୍ୱୟର ସମ୍ମିଳନ ଦ୍ୱାରା ସନ୍ତାନକୁ ଶ୍ରେଷ୍ଠ

ଦେହ ମିଳେ ଓ ପିତାମାତାଙ୍କ ମନମଧ୍ୟସ୍ଥ ଯେଉଁ ବୈଦ୍ୟୁତିକ ପ୍ରେରଣାଗୁଡ଼ିକର ସମ୍ମିଳନ ଫଳରେ ସନ୍ତାନର ସର୍ବବିଷୟ ଧାରଣକ୍ଷମ ମନ ଗଠିତହୁଏ, ସେଗୁଡ଼ିକର ଅପଚୟକୁ ନିରୋଧ କରିବାର କ୍ଷମତା ବୈଜ୍ଞାନିକମାନଙ୍କର ଚୌଦପୁରୁଷର ନାହିଁ । ତା ଛଡ଼ା ସନ୍ତାନାର୍ଥେ ସମ୍ମିଳିତ ପିତାମାତାଙ୍କର ପ୍ରେମମୟ ମନୋଭାବ ମଧ୍ୟ ବୈଜ୍ଞାନିକର ଟେଷ୍ଟ ଟିଉବ ବାହାରେ ହିଁ ରହିଯାଏ । କେବଳ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ହିଁ ଏହି ଅସାଧ୍ୟ ସାଧନ କରିବାକୁ ହେବ ଏବଂ ସୁପୁଷ୍ଟ ଦେହ, ସୁସଂଯତ ମନ ଓ କଲ୍ୟାଣମୟୀ ପ୍ରେରଣାଗୁଡ଼ିକ ନିୟମିତ ଭାବରେ ସଂଚୟ କରି ଯଥା ସମୟରେ ତାକୁ ସନ୍ତାନାର୍ଥେ ପ୍ରୟୋଗ କରିବାକୁ ହେବ । ସନ୍ତାନଜନନ ଯଦି ବିବାହର ଉଦ୍ଦେଶ୍ୟ ହୁଏ, ତେବେ ଆଦର୍ଶ ସମାଜରେ ସନ୍ତାନଜନନ ଉଲ୍ଲିଖିତ ରୂପ ପରିଗ୍ରହଣ କରିବ । ପାଶ୍ଚାତ୍ୟବାସୀଙ୍କର ସୌଜାତ୍ୟ-ବିଦ୍ୟା ଗୋରୁ, ଘୋଡ଼ା, ଛେଳି, ମେଣ୍ଢା, ଘୁଷୁରୀ, କୁକୁର, କୁକୁଡ଼ା, ଠେକୁଆ, ଗନିପିଗ୍ ପ୍ରଭୃତି ଇତର ଜୀବଜନ୍ତୁଙ୍କର ବଂଶାନୁକ୍ରମିକ ଉତ୍କର୍ଷ ସାଧନ କରି ପ୍ରାଣୀବର୍ଗଙ୍କର ଆଶ୍ଚର୍ଯ୍ୟ କ୍ରମୋନ୍ନତିର ପଥ ଦେଖାଇ ପାରିଛି । ଭାରତୀୟ ଗୋଜାତିର ବଂଶଧରମାନେ ଆମେରିକା ଯୁକ୍ତରାଷ୍ଟ୍ରକୁ ଯାଇ ଏକ ଶତାବ୍ଦୀରୁ କମ ସମୟ ମଧ୍ୟରେ ବହୁ-କ୍ଷୀରା ନୂତନ ଗୋଜାତି ସୃଷ୍ଟି କରି ପାରିଛନ୍ତି । ପଶୁପକ୍ଷୀମାନଙ୍କର ବଂଶାନୁକ୍ରମିକ ଉତ୍କର୍ଷ ସାଧନ ଲାଗି ମାନବ-ସମାଜ ସର୍ବତ୍ର ଚିତ୍ତଚମତ୍କାରୀ ଅଧ୍ୟବସାୟରତ କିନ୍ତୁ ମନୁଷ୍ୟ ଜାତିର ବଂଶାନୁକ୍ରମିକର ଏବଂବିଧ ଉତ୍କର୍ଷ ସାଧନ ଲାଗି ମନୁଷ୍ୟର ଆଗ୍ରହ କାହିଁ ? ଯେଉଁଦିନ ମାନବ ସୁସନ୍ତାନ ଜନନ ଉଦ୍ଦେଶ୍ୟରେ ବିବାହ କରିବ ସେହିଦିନ ଏ ଆଗ୍ରହ ପ୍ରମାଣିତ ହେବ ।

(୪) ଜୀବନ-ସଂଗ୍ରାମର ଦୁଃଖ କଷ୍ଟର ଲଘୁତାସାଧନ

ଜୀବନ-ସଂଗ୍ରାମର ଦୁଃଖ କଷ୍ଟର ଲଘୁତାସାଧନ, ବିବାହର ଏକ ଉଦ୍ଦେଶ୍ୟରୂପେ ଗୃହୀତ ହୋଇପାରେ । କିନ୍ତୁ ମନୁଷ୍ୟର ଶ୍ରମ ଲାଘବ କରିବାର ଯେଉଁ ଦୁଇଟି ଉପାୟ ଅଛି, ସେ ଦୁଇଟି ଉପାୟ କେବଳ ସଦ୍‌ଗୃହୀ ପକ୍ଷରେ ସହଜଲଭ୍ୟ, କପଟୀ ଗୃହୀ ପକ୍ଷରେ ନୁହେଁ । ଦୁଃଖ କଷ୍ଟ ଲାଘବ କରିବାର ପ୍ରଥମ

ଉପାୟ ହେଉଛି ଶ୍ରମବିଭାଜନ ଓ ଦ୍ୱିତୀୟ ଉପାୟ ହେଉଛି କଷ୍ଟକୁ ଉପେକ୍ଷା କରିବା । ଗୃହିଣୀ ଯେତେବେଳେ ସାଂସାରିକ କର୍ମରୁ ଅଧେ ନିଜ ମୁଣ୍ଡକୁ ନିଅନ୍ତି ସେତେବେଳେ ଗୃହସ୍ଥଙ୍କୁ ବିଶ୍ରାମର ଅବସର ମିଳେ । ଆଉ ମଧ୍ୟ କଠୋର ଶ୍ରମସାଧ୍ୟ ଉପାର୍ଜନ ପ୍ରଭୃତି କାର୍ଯ୍ୟ ଗୃହସ୍ଥର ସ୍କନ୍ଧ ଉପରେ ନ୍ୟସ୍ତ ରହିଲେ ଗୃହିଣୀ ବହୁ ଝଡ଼ଝଞ୍ଜାର ଆକ୍ରମଣକୁ ଅନାୟାସରେ ଏଡ଼ାଇ ଯାଇପାରେ । ଗୃହସ୍ଥଙ୍କୁ ଯଦି ସଂସାରର ସବୁ କାମ କରିବାକୁ ହୁଅନ୍ତା ଅଥବା ଗୃହିଣୀଙ୍କୁ ଯଦି ନିଜର ଭରଣପୋଷଣ ନିଜେ କରିବାକୁ ପଡ଼ନ୍ତା ତେବେ ଉଭୟଙ୍କୁ ଆଉ ନିଃଶ୍ୱାସ ମାରିବାକୁ ଫୁରସତ ସୁଦ୍ଧା ମିଳନ୍ତା ନାହିଁ । ଇଉରୋପରେ ପତିପତ୍ନୀ ଉଭୟଙ୍କୁ ନିଜ ନିଜର ଅନ୍ନସଂସ୍ଥାନ ପାଇଁ କଠୋର ପରିଶ୍ରମ କରିବାକୁ ପଡୁଛି । ତା ଫଳରେ ହୋଟେଲରେ ମିଲ୍ ଖାଇଲେ ମଧ୍ୟ ଶ୍ରମକ୍ଳାନ୍ତ ପତିପତ୍ନୀ ପରସ୍ପରକୁ ବିଶ୍ରାମ ଓ ଅବସର ଦେବାକୁ ଅସମର୍ଥ ହେଉଛନ୍ତି । ଆମ ଭାରତବର୍ଷରେ ଯେ ପର୍ଯ୍ୟନ୍ତ ନାରୀଜାତିକୁ ନିଜର ଭାତିଆ ନିଜେ ଅର୍ଜନ କରିବା ଲାଗି ଘରୁ ବାହାରି ରାସ୍ତାରେ ଛିଡ଼ା ହେବାକୁ ନ ପଡ଼ିବ ସେ ପର୍ଯ୍ୟନ୍ତ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଶ୍ରମ-ବିଭାଗ ବିଦ୍ୟମାନ ରହିବ ଓ ଏକ ଅପରର ଜୀବନ ସଂଗ୍ରାମର କଠୋରତାକୁ ହ୍ରାସ କରିବାକୁ ସମର୍ଥ ହେବେ ।

ଦୁଃଖକୁ ଲାଘବ କରିବାରେ ପ୍ରେମର ଶକ୍ତି

ଜୀବନ-ସଂଗ୍ରାମର ମୃଦୁତାସାଧନ କଳ୍ପେ ଦ୍ୱିତୀୟ ଉପାୟଟି ସମ୍ୟକ୍ ମାନସିକ । ଯେ ବିପଦକୁ ଗ୍ରାହ୍ୟ ନ କରେ ତାକୁ ଆଉ ବିପନ୍ନ କିଏ କରିପାରିବ ? ମୃତ୍ୟୁକୁ ଯେ ପାସଙ୍ଗରେ ନ ପକାଏ ତାକୁ ଆଉ କିଏ ମାରି ପାରିବ ? ଶ୍ରମରେ ଯାହାର ଅରୁଚି ନାହିଁ, କର୍ମର କଠୋରତା ତାକୁ କିପରି କ୍ଳାନ୍ତ କରିପାରିବ ? ବିପଦର ପଛପଟେ ଯେ ସମ୍ପଦର ମୂର୍ତ୍ତି ଅବଲୋକନ କରିଛି, ମୃତ୍ୟୁର ପଛପଟୁ ଯେ ଅମୃତତତ୍ତ୍ୱର ଆହ୍ୱାନ ଶୁଣିଛି, ସେ ତ ବିପଦ ଓ ମୃତ୍ୟୁକୁ ତୁଚ୍ଛ ମନେ କରିବ ହିଁ କରିବ । ସଦ୍‌ଗୃହୀ ଓ ସଦ୍‌ଗୃହିଣୀଙ୍କ ମଧ୍ୟରେ ପରସ୍ପର ପ୍ରତି ଯେଉଁ ବିଶୁଦ୍ଧ ପ୍ରେମ ରହିଥାଏ ତାରି ବଳରେ ସେମାନେ ସବୁ ଦୁଃଖକଷ୍ଟକୁ ଅଗ୍ରାହ୍ୟ କରି ଚଳନ୍ତି, କଠୋର ପରିଶ୍ରମରେ କ୍ଳାନ୍ତହୋଇ ମଧ୍ୟ ଗୃହୀ ଯେତେବେଳେ ତାର ପ୍ରେମ ପ୍ରତିମା ସହଧର୍ମିଣୀର ହାସ୍ୟ ମଧୁର ମୁହଁଟି କଥା ଭାବେ ଦୁର୍ବଳ ହୃଦୟରେ ତାର ନବବଳ

ସଂଘରିତ ହୁଏ । ରୋଗଶୀର୍ଣ୍ଣ, ଦୁଃଖଜୀର୍ଣ୍ଣ ଅବଶ ଶରୀରରେ ଶ୍ରମ କରି କରି କାତର ହୋଇ ଗୃହିଣୀ ଯେତେବେଳେ ତାର ପ୍ରାଣପ୍ରିୟ ହୃଦୟ ଦେବତା ସ୍ୱାମୀର ସସ୍ନେହ ଦୃଷ୍ଟି କଥା ଭାବେ ସେତେବେଳେ ସେ ଯେପରି ନବଜୀବନ ଲାଭ କରେ । ଦୁଃଖକୁ ଜୟ କରିବାର କ୍ଷମତା ପ୍ରେମ ଦିଏ, ଅଗ୍ନିର ଦାହିକା ଶକ୍ତିକୁ ପ୍ରେମ ସ୍ତବ୍ଧ କରିଦିଏ, ତୁଷାରର ଶୀତଳତାକୁ ପ୍ରେମ ବାଷ୍ପୀଭୂତ କରେ । ଯେଉଁଠି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ହୃଦୟର ସହଯୋଗିତା ନଥାଏ, ଯେଉଁଠି ଉଭୟଙ୍କ ମଧ୍ୟରେ ନିବିଡ଼ ପ୍ରେମ ନଥାଏ ସେ କ୍ଷେତ୍ରରେ ଜୀବନ ସଂଗ୍ରାମ ମୃଦୁତା ଲାଭ କରେନାହିଁ, ବରଂ ଦୁଃଖ ପରେ ଦୁଃଖ ଖାଲି ବଢ଼ିବାକୁ ଲାଗେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରକୃତ ମମତ୍ୱବୋଧ ଥିବା ପ୍ରୟୋଜନ । ଏକ ଅପରକୁ ଯଥାର୍ଥ ଆପଣାର ବୋଲି ମନେ କରିବା ଆବଶ୍ୟକ । ସେତକ ନ ଥିଲେ ହୁଏତ ବିଶୃଙ୍ଖଳ ନାରୀ ଅବିବେକୀ ପୁରୁଷର ଅତ୍ୟାଚାରରେ ଜର୍ଜରିତା ହୋଇ ଜୀବନକୁ ଦୁର୍ବିସହ ମନେ କରିବ ବା କଟୁବାକ୍ୟ ଜର୍ଜରିତ ସ୍ୱାମୀ ବିବାହକୁ ଅଭିଶାପ ବୋଲି ମନେ କରିବ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପ୍ରକୃତ ସମବେଦନାର ଅଭାବ ଥିବାରୁ ଆଜି ଏ ଦିଗରେ ଯେପରି ଶତଶତ ନିର୍ଯ୍ୟାତିତା ନାରୀର ଅଶ୍ରୁଧାରାରେ ଗୃହସ୍ଥଳୀ ସିକ୍ତ ହେଉଛି, ଅନ୍ୟ ଦିଗରେ ସେହିପରି ମର୍ମାହତ ପୁରୁଷର ଦୀର୍ଘ ନିଃଶ୍ୱାସର ଉଷ୍ମତାରେ ଭାରତର ଆକାଶ ପ୍ରତପ୍ତ ହେଉଅଛି । ଉଭୟଙ୍କ ମଧ୍ୟରେ ଶ୍ରମ-ବିଭାଗର ଯଥାର୍ଥ ମର୍ଯ୍ୟାଦା ଓ ସୀମା ନିର୍ଦ୍ଦେଶ କରିବା ଲାଗି ଆଜି କୌଣସି ସମାଜ ସଂସ୍କାରକଙ୍କର ପ୍ରୟୋଜନ ନାହିଁ, ପ୍ରୟୋଜନ କେବଳ ଟିକିଏ ସହାନୁଭୂତି ଓ ଟିକିଏ ମମତ୍ୱବୋଧ । ଗୃହୀର ଗୃହସ୍ଥଳୀର ଦୁଃଖକଷ୍ଟକୁ ନିର୍ବାସିତ କରିବାର କ୍ଷମତା କୌଣସି ଯୋଗୀର ନାହିଁ, କୌଣସି ସାଧୁର ନାହିଁ, କୌଣସି ଦଣ୍ଡିର ନାହିଁ କି କୌଣସି ନେତାର ବି ନାହିଁ, ସେ କ୍ଷମତା କେବଳ ଅଛି ସହାନୁଭୂତିର । ପୁରୁଷ ଯେତେବେଳେ ନିଜ ସ୍ୱାର୍ଥ କଥା କମ୍ ଭାବି ନାରୀର ସ୍ୱାର୍ଥ କଥା ବେଶି ଭାବେ ଆଉ ନାରୀ ଯେତେବେଳେ ନିଜର ସୁଖସ୍ୱାଚ୍ଛନ୍ଦ୍ୟ କଥା କମ୍ ଭାବି ପୁରୁଷର ସୁଖସ୍ୱାଚ୍ଛନ୍ଦ୍ୟ କଥା ବେଶି ଚିନ୍ତା କରେ, ସେହି ମୁହୂର୍ତ୍ତରୁ ଗୃହୀ ଜୀବନର ସମସ୍ତ ଦୁଃଖ ଦୁର୍ଗତି ସ୍ତୂପୀକୃତ ଆବର୍ଜନା ପରି ଦୂରୀଭୂତ ହୋଇ ଶାନ୍ତିର ବିମଳ ଜ୍ୟୋସ୍ନାରେ ଉଦ୍ଭାସିତ ହୋଇଉଠେ ।

ପ୍ରକୃତ ପ୍ରେମ ଲାଭର ପଥ ଅଯଥା ମୈଥୁନ ତ୍ୟାଗ ଓ ଭଗବତ୍ ସାଧନା

ପ୍ରେମ ରହି, ନତୁବା ଉଦ୍ଧାର ନାହିଁ । ସନ୍ନ୍ୟାସୀ ତାର କ୍ଷୁଧାକୁ କମାଇ ଦେଇ ଜୀବନ-ସଂଗ୍ରାମର ଆକ୍ରମଣକୁ ପ୍ରତିହତ କରିପାରନ୍ତି, କୌମାର୍ଯ୍ୟର ଏକାଗ୍ରତା ମଧ୍ୟବର୍ତ୍ତୀତାରେ କାୟମନୋବାକ୍ୟରେ ଭଗବାନଙ୍କୁ ଭଲପାଇ କଠୋର କଷ୍ଟକୁ ଅଗ୍ରାହ୍ୟ କରିବାର ସାମର୍ଥ୍ୟ ଲାଭ କରିପାରନ୍ତି, କିନ୍ତୁ ଗୃହୀ ଏକାବେଳେ କ୍ଷୁଧାତୃଷ୍ଣା କମାଇ ଦେଲେ ଚଳିବ ନାହିଁ । ଭଗବାନଙ୍କୁ ଭଲ ପାଇବାକୁ ଯାଇ ସ୍ୱାମୀ ସ୍ତ୍ରୀ ବର୍ଜନ କଲେ ବା ସ୍ତ୍ରୀ ସ୍ୱାମୀ ବର୍ଜନ କଲେ ଚଳିବ ନାହିଁ । ସବୁପ୍ରକାର କ୍ଷୁଧାତୃଷ୍ଣା ଓ ଆକୁତି କାକୁତିକୁ ସଙ୍ଗରେ ଘେନି, ସବୁ ପ୍ରବୃତ୍ତିର କୋଳାହଳ ମଧ୍ୟରେ ସେମାନଙ୍କୁ ସଂଗ୍ରାମଜୟୀ ହେବାକୁ ହେବ । ସ୍ତ୍ରୀକୁ ସଙ୍ଗରେ ଘେନି ସ୍ୱାମୀ ଓ ସ୍ୱାମୀକୁ ସଙ୍ଗରେ ନେଇ ସ୍ତ୍ରୀ, ଭଗବାନଙ୍କୁ ଭଲ ପାଇବାକୁ ହେବ । ଉଭୟଙ୍କ ମଧ୍ୟରେ ପ୍ରେମ ଥିବା ରହି, ପରସ୍ପର ପ୍ରତି ପରସ୍ପରର ସହାନୁଭୂତି ଥିବା ରହି, ପତ୍ନୀର ପକ୍ଷ ଅବଲମ୍ବନ କରି ବିଧବା ମାତା, ଭଗ୍ନୀ ବା ଭ୍ରାତୃଜାୟାଙ୍କୁ ଅପମାନିତ କରିବା ଦାମ୍ପତ୍ୟ-ମମତ୍ୱବୋଧ ନୁହେଁ । ପତ୍ନୀର ଅସୁସ୍ଥତା ଆଳରେ ପିତୃମାତୃହୀନ ଅନାଥ ଝିଆରି ପୁତୁରାଙ୍କର ବା ଅନ୍ୟାନ୍ୟ ଅନୁଜୀବୀମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରିବା ଦାମ୍ପତ୍ୟ ସହାନୁଭୂତି ନୁହେ କିମ୍ବା ପତ୍ନୀର ଭରଣପୋଷଣର ସ୍ୱାଚ୍ଛନ୍ଦ୍ୟ ଲାଗି ସହୋଦର ଭ୍ରାତାକୁ ଅନ୍ନହୀନ, ବସ୍ତ୍ରହୀନ ଓ ଗୃହହୀନ କରିବାର ନାମ ପତ୍ନୀ-ପ୍ରେମ ନୁହେଁ । ସେହିପରି ସ୍ୱାମୀର ସ୍ୱାର୍ଥ ସଂରକ୍ଷଣ ଆଳରେ ନାରୀସୁଲଭ କୋମଳତା ବର୍ଜନ କରି ଦିଅର, ଦେଢ଼ଶୁର, ଶ୍ୱଶୁର ଶାଶୁ ପ୍ରଭୃତିଙ୍କୁ ସମାର୍ଜନୀହସ୍ତା ରଣଚଣ୍ଡୀ ମୂର୍ତ୍ତି ଦର୍ଶନ କରାଇବା ମଧ୍ୟ ସ୍ୱାମୀ-ପ୍ରେମ ନୁହେଁ । ଯଥାର୍ଥ ପ୍ରେମ, ସାଧନ-ସାଗର ମନ୍ଥନୋତ୍‌ଥିତ ଅପୂର୍ବ ଅମୃତ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଏହି ପ୍ରେମାମୃତର ସଂଚାର ଲାଗି ସମସ୍ତ ପ୍ରକାର ଅଯଥା ମୈଥୁନ ପରିତ୍ୟାଗପୂର୍ବକ ଏକାଭାବାନୁଗ, ଏକପନ୍ଥାନୁଗ ଭଗବତ ସାଧନ ଆବଶ୍ୟକ । ଏହି ଅନାବିଳ ସୁବିଶୁଦ୍ଧ ସୁପବିତ୍ର ପ୍ରେମ ଯେଉଁଦିନ ସଂଚରିତ ହେବ ସେହିଦିନ ଜଣେ ଅନ୍ୟ ଜଣକ ପାଇଁ ଆତ୍ମୋତ୍ସର୍ଗ କରିବାକୁ ସମର୍ଥ ହେବ ଓ ଏହି ପନ୍ଥାରେ ହିଁ ଜୀବନ ସଂଗ୍ରାମର କଠୋରତା

ହ୍ରାସପ୍ରାପ୍ତ ହେବ । ହେ ଭାରତର ଆତ୍ମବିସ୍ମୃତ ଯୁବକ-ଯୁବତୀଗଣ ! ତୁମ୍ଭେମାନେ ଆଜି ଧୀରସ୍ଥିର ଚିତ୍ତରେ ଏହି କଥାତକ ବୁଝିବାକୁ ଚେଷ୍ଟାକର । ବହୁ ସନ୍ତାନ ପରିବୃତ ହୋଇ ତୁମ୍ଭେମାନେ ଯେ ଦିନକୁଦିନ ଜୀବନକୁ ମରୁଭୂମିରେ ପରିଣତ କରିବାକୁ ଲାଗିଛ, ମରୀଚିକା ଲୁବ୍ଧ ମୃଗ ପରି ଅପ୍ରକୃତ ସୁଖ-ସୌଭାଗ୍ୟ ପଛରେ ଦୌଡ଼ି ଦୌଡ଼ି ଯେ ପ୍ରକୃତ ସୁଖ-ସୌଭାଗ୍ୟରୁ ଚିରବଂଚିତ ହୋଇ ରହିଯାଉଛ, ସେହି ନିଦାରୁଣ ଅଧଃପତନର ଗତିବେଗ ଲକ୍ଷ୍ୟ କରି ଆଜି ସାବଧାନ ହୁଅ, ସଂକଳ୍ପ ପୂର୍ବକ ଅଯଥା ମୈଥୁନ ପରିହାର କରି ବିବାହିତ ଜୀବନରେ ବ୍ରହ୍ମଚର୍ଯ୍ୟକୁ ପ୍ରତିଷ୍ଠିତ କର, ଆପ୍ରାଣ ପ୍ରୟାସରେ ନିଜେ ଯଥାର୍ଥ ମନୁଷ୍ୟତ୍ୱର ଗରୀୟାନ ଗୌରବରେ ଦେଦୀପ୍ୟମାନ ହୁଅ ଓ ଶତଶତ ଦାମ୍ପତ୍ୟ ପବିତ୍ରତାର ଅମର୍ଯ୍ୟାଦାକାରୀ ଅସଂଯତ ଅମଣିଷଙ୍କୁ ତୁମ୍ଭମାନଙ୍କର ଆଦର୍ଶ ଜୀବନର ଅପରାଜେୟ ପ୍ରଭାବ ବଳରେ ସର୍ବାଙ୍ଗସୁନ୍ଦରରୂପେ ଗଢ଼ିଦେବାକୁ ଯତ୍ନବାନ ହୁଅ । ନିଶ୍ଚିତ ଭାବରେ ଏକଥା ଜାଣି ରଖ ଯେ ମନୁଷ୍ୟ ଯେତେ ବୁଦ୍ଧିମାନ ହେଲେ ମଧ୍ୟ କୃତ୍ରିମ ଉପାୟଦ୍ୱାରା କଦାପି ଜୀବନ ସଂଗ୍ରାମର କଠୋର ନିଷ୍ଠୁରତା ଦୂରୀଭୂତ କରି ହେବନାହିଁ, ବିଜ୍ଞାନ ବଳରେ କଦାପି ନୟନର ଅଶ୍ରୁ ଓ ହୃଦୟର ବ୍ୟଥା ପ୍ରଶମିତ ହେବନାହିଁ ।

(୫) ଭଗବତ୍ ସାଧନା ହିଁ ବିବାହର ଏକମାତ୍ର ଉଦ୍ଦେଶ୍ୟ

ଭଗବତ ସାଧନ ଯେ ବିବାହର ଏକମାତ୍ର ଉଦ୍ଦେଶ୍ୟ, ଏ କଥା ଆଜି ପର୍ଯ୍ୟନ୍ତ କେବଳ ତାନ୍ତ୍ରିକ ଯୋଗାଚାର୍ଯ୍ୟମାନଙ୍କ ଛଡ଼ା ପୃଥିବୀର ଆଉ କୌଣସି ଧର୍ମ-ସମ୍ପ୍ରଦାୟ ସେଭଳି ଦୃଢ଼ତାର ସହିତ ଘୋଷଣା କରି ନାହାନ୍ତି । ସବୁ ଧର୍ମର ପ୍ରତିଷ୍ଠାତା ଓ ବ୍ୟାଖ୍ୟାକାରୀମାନେ ବିବାହ ଏକ ପରମ ପବିତ୍ର ଅନୁଷ୍ଠାନ ବୋଲି ଉପଦେଶ ଦେଇ ଆସିଛନ୍ତି । କେହି କେହି କହିଛନ୍ତି "ବିବାହ କରି ନିଜ ସ୍ତ୍ରୀ ପ୍ରତି ଅନୁରକ୍ତ ରହ । ତାହାହେଲେ ବ୍ୟଭିଚାର ପାପରେ ଲିପ୍ତ ହେବାର ଆଶଙ୍କା କମିଯିବ । ପର ସ୍ତ୍ରୀ ପ୍ରତି ରୁଚି ଧାବିତ ହେଲାକ୍ଷଣି ନିଜ ସ୍ତ୍ରୀ ପ୍ରତି ସୌହାର୍ଦ୍ଦ୍ୟ ବର୍ଦ୍ଧନ ଦ୍ୱାରା ମନକୁ ବିପଥରୁ ଟାଣି ଆଣ" । ସେମାନଙ୍କ ମତରେ ବିବାହ ଏକ ବ୍ୟଭିଚାର ପ୍ରଶମକ ଅନୁଷ୍ଠାନ ହୋଇଥିବାରୁ ଏହା ଅତୀବ ଧର୍ମକାର୍ଯ୍ୟ । କେହି

କେହି କହିଛନ୍ତି - ବିବାହ କଲେ ତୁମର ସନ୍ତାନସନ୍ତତିଙ୍କ ଦ୍ୱାରା ଦେଶର ଧାର୍ମିକ ଲୋକଙ୍କ ସଂଖ୍ୟାବୃଦ୍ଧି ଘଟିବ ଓ ଏହା ଫଳରେ ପରମେଶ୍ୱରଙ୍କର ମହିମା ପ୍ରକାଶିତ ଓ ପ୍ରଚାରିତ ହେବ" । ସେମାନଙ୍କ ମତରେ ଏହି କାରଣରୁ ବିବାହ ଧର୍ମଜନକ ଓ ପୁଣ୍ୟବର୍ଦ୍ଧକ । ଆଉ କେହି କେହି କହିଛନ୍ତି - " ବିବାହ ଫଳରେ ପୁତ୍ର-କନ୍ୟା ଜନ୍ମିଲେ ସେମାନଙ୍କର ସେବା, ଯତ୍ନ, ଲାଳନପାଳନ ଇତ୍ୟାଦି ମଧ୍ୟବର୍ତ୍ତିତାରେ ତୁମ ଇଚ୍ଛା ଅନିଚ୍ଛାରେ ଯେଉଁ ନିଃସ୍ୱାର୍ଥପରତା ଅନୁଶୀଳିତ ହୁଏ, ତାହା ବ୍ୟକ୍ତିଗତ ଭାବରେ ତୁମର ନୈତିକ ଓ ଆଧ୍ୟାତ୍ମିକ ମଙ୍ଗଳ ସାଧନ କରିବ ଓ ସାମାଜିକ ଭାବରେ ସମଗ୍ର ମାନବ ଜାତିକୁ ଉପକୃତ କରିବ" । ସେମାନଙ୍କ ମତରେ ଏହି କାରଣରୁ ବିବାହ ଏକାନ୍ତ ଅଭିପ୍ରେତ କାର୍ଯ୍ୟ । କେହି କେହି କହିଛନ୍ତି ବିବାହ କଲେ ଧର୍ମଯୋଦ୍ଧା ବା ଦେଶରକ୍ଷୀ ସୈନିକଙ୍କ ସଂଖ୍ୟା ବୃଦ୍ଧି ଘଟିବ ଏବଂ ତା ଫଳରେ ସମ୍ପ୍ରଦାୟ ବା ଦେଶର ପ୍ରଭୂତ ମଙ୍ଗଳ ହେବ" । କିନ୍ତୁ ବିବାହିତ ଜୀବନର ଗୋପନତମ ଅଂଶକୁ ମଧ୍ୟ ଭଗବତ୍ ସାଧନା ବୋଲି ନିର୍ଭୟରେ ପ୍ରଚାର କରିବାକୁ ତନ୍ତ୍ରଶାସ୍ତ୍ର ଯେପରି ସାହସ କରିଅଛି ଆଉ କେହି ସେପରି ସାହସ କରିଛନ୍ତି ବୋଲି ମନେ ହୁଏ ନାହିଁ । ଭାରତରେ ଯେତେବେଳେ ତାନ୍ତ୍ରିକ ଧର୍ମର ଉନ୍ମେଷ ଘଟିଲା ସେହିଦିନ ଠାରୁ ସ୍ୱାମୀ ସ୍ତ୍ରୀର ମୈଥୁନକୁ ପୂଜା, ଅର୍ଚ୍ଚନା, ଭୋଗ, ଆରତି ଭଳି ସମ୍ମାନାର୍ହ ସ୍ଥାନ ପ୍ରଦାନ କରାଗଲା । ତାନ୍ତ୍ରିକମାନଙ୍କର ଏ ସାହସ ଯେ ଅତ୍ୟନ୍ତ ଦୁଃସାହସ ଏଥିରେ ସନ୍ଦେହ ନାହିଁ । ସ୍ତ୍ରୀପୁରୁଷର ସମ୍ଭୋଗ ଭଳି ଘନିଷ୍ଠ କାର୍ଯ୍ୟକୁ ଆତ୍ମିକ ସାଧନାର ଅଙ୍ଗ ବା ଉପାଙ୍ଗ ରୂପେ ପ୍ରଚାର କରିବା ଫଳରେ ଯେ ବହୁ ସରଳପ୍ରାଣ ବ୍ୟକ୍ତି ପାପ ପଙ୍କରେ ବୁଡ଼ି ମରିଛନ୍ତି ଏହା ନିଃସନ୍ଦେହ । କିନ୍ତୁ "ଯତ୍‌କରୋମି ଜଗନ୍ମାତ ସ୍ତଦେବ ତବ ପୂଜନମ୍ - ମୁଁ ଯାହା କିଛି କରୁଛି ତାହା ଜଗନ୍ମାତାଙ୍କର ପୂଜା" - ଏହି ଭାବରେ ଅନୁପ୍ରାଣିତ ହୋଇ ଅଗ୍ରସର ହେବା ଦୃଷ୍ଟାନ୍ତ ଯେ ତାନ୍ତ୍ରିକମାନଙ୍କର ଉପରୋକ୍ତ ସାହସର ଭଲଦିଗ, ଏ କଥାକୁ ତ ଆଉ ଉଡ଼ାଇ ଦେଇ ହେବ ନାହିଁ । ସଂସାରରେ କୋଟି କୋଟି ନରନାରୀ ସ୍ୱଭାବତଃ ବିବାହ କରିବେ ଓ ବିବାହ ପରେ ସ୍ୱାମୀ ସ୍ତ୍ରୀ ମିଳିତ ହୋଇ ସମ୍ଭୋଗ ମଧ୍ୟ କରିବେ । ତନ୍ତ୍ର ଧର୍ମର ଦୁଃସାହସର ଭଲ ଦିଗ ହେଉଛି ବିବାହିତ ନରନାରୀ

ସାଂସାରିକ ପ୍ରୟୋଜନ ଦୃଷ୍ଟିରୁ ମୈଥୁନରତ ହେଲେ ମଧ୍ୟ ଭଗବତ୍ ଚିନ୍ତାଦ୍ୱାରା ମନକୁ ଯଥାସାଧ୍ୟ ବିଶୋଧିତ କରିବାକୁ ଯତ୍ନବାନ ହୋଇ ମନକୁ ଆବିଳତାରୁ ମୁକ୍ତ କରିବେ । ତାନ୍ତ୍ରୀକମାନେ ନିଜେ ମରି ଅନ୍ୟକୁ ବଞ୍ଚାଇବା ପାଇଁ ଏହି ଦିଗ ଦର୍ଶନ ଦେଇଗଲେ । ଏହା ପୂର୍ବରୁ ପ୍ରାଗ୍-ବୈଦିକ ଯୁଗରେ ବିବାହ ମୁଖ୍ୟତଃ ଇନ୍ଦ୍ରିୟ-ତୃପ୍ତିମୂଳକ ମିଳନ ଥିଲା । ବୈଦିକ ଯୁଗରେ ବିବାହ ମୁଖ୍ୟତଃ ସନ୍ତାନ ଉଦ୍ଦେଶ୍ୟଯୁକ୍ତ ମିଳନ ଥିଲା ଏବଂ ପ୍ରାୟ ସବୁ ଯୁଗରେ ବିବାହ ଉଣାଅଧିକେ ଶ୍ରମବିଭାଗମୂଳକ ମିଳନ ଥିଲା । କିନ୍ତୁ ତାନ୍ତ୍ରିକମାନଙ୍କ ପକ୍ଷରେ ଏହା ଏକ ଅଭିନବ ସାମଗ୍ରୀ ହେଲା । **ତାନ୍ତ୍ରିକ ସାଧକ କହିଲେ** – ଇନ୍ଦ୍ରିୟତୃପ୍ତି ମୋର ଉଦ୍ଦେଶ୍ୟ ନୁହେଁ, ସନ୍ତାନ ଜନନ ମଧ୍ୟ ମୋର ଉଦ୍ଦେଶ୍ୟ ନୁହେଁ, ଶ୍ରମବିଭାଜନ ମଧ୍ୟ ମୋର ଉଦ୍ଦେଶ୍ୟ ନୁହେଁ, ପରନ୍ତୁ, ମୋର ଯାହା ଅଭାବ ଅଛି ତାକୁ ପରିପୂରଣ କରିବା ଓ ମୋର ଅସମ୍ପୂର୍ଣ୍ଣତାକୁ ଅନ୍ୟ ଜଣକର ପୂର୍ଣ୍ଣତା ଦ୍ୱାରା ଦୂରୀଭୂତ କରିବା ହିଁ ମୋର ଉଦ୍ଦେଶ୍ୟ । ମୋର ଏହି ପରିପୂର୍ଣ୍ଣତା ଯେ ସାଧନ କରନ୍ତି ତାଙ୍କୁ ମୁଁ ସ୍ତ୍ରୀ ବୋଲି କହିବାକୁ ଋହେଁ ନାହିଁ, ସେ ମୋର ଶକ୍ତି ବୋଲି ମୁଁ କହିବାକୁ ଋହେଁ । ଯେତେ ଯେତେ ଭାବରେ ତାଙ୍କ ସହିତ ମୋର ସହଯୋଗ ସମ୍ଭବ, ତନ୍ମଧ୍ୟରୁ ପ୍ରତ୍ୟେକ ପ୍ରକାରର ସହଯୋଗ ମାଧ୍ୟମରେ ମୁଁ କେବଳ ଭଗବତ୍-ସାଧନ ହିଁ କରେ ଓ ତଦ୍ୱାରା ଇନ୍ଦ୍ରିୟ-ସୁଖ ହେଲା କି ନାହିଁ, ସନ୍ତାନ ଉତ୍ପତ୍ତି ହେଲାକି ନାହିଁ ଇତ୍ୟାଦି ତୁଚ୍ଛ କଥା ଭାବିବାକୁ ମୋର ଅବସର କାହିଁ ? ତାନ୍ତ୍ରିକ-ସାଧିକା କହିଲେ – "ତୁମ୍ଭେମାନେ ଯାହାକୁ ବିବାହ କହ, ତାକୁ ଆମେ ବିବାହ ବୋଲି ମାନୁନାହିଁ" ଆମେ ଜାଣୁ ଏହା ନିତ୍ୟପୁରୁଷ ସହିତ ନିତ୍ୟପ୍ରକୃତିର ମିଳନ ଅଭିସାର । ମୁଁ ମୋର ସ୍ୱାମୀକୁ ନିଜର ମନ ଓ ଆତ୍ମା ଦେବାବେଳେ ଯଦି ଭଗବାନଙ୍କର ସ୍ପର୍ଶ ଲାଭ କରେ ତେବେ ଦେହଦାନ ସମୟରେ ଭଗବାନଙ୍କ ସ୍ପର୍ଶ ନ ପାଇବି କାହିଁକି ? ମୋ ଦେହ ପ୍ରାକୃତ ପଦାର୍ଥ ହେଲେ ମଧ୍ୟ ଏହି ଦୈହିକ ମିଳନର ଆଢୁଆଳରେ ଅପ୍ରାକୃତ ନିତ୍ୟଲୀଳା ଋଲିଛି ଏବଂ ଭଗବତ୍ – ସାଧନା ଲାଗି ଦେହକୁ ସର୍ବଥା ନିୟୋଜିତ କରି ଆମ୍ଭେମାନେ ପ୍ରାକୃତ ଦେହକୁ ମଧ୍ୟ ଅପ୍ରାକୃତ ଗୌରବର ଆସ୍ପଦ କରୁଅଛୁ । ପଶୁପକ୍ଷୀମାନେ ମଧ୍ୟ ଇନ୍ଦ୍ରିୟତୃପ୍ତି ଲାଗି ବା ସନ୍ତାନଜନନ ଲାଗି ମୈଥୁନରତ

ହୁଅନ୍ତି କିନ୍ତୁ ଆମ୍ଭମାନଙ୍କର ମୈଥୁନ ସର୍ବବିଧ ଲୌକିକ- ଉଦ୍ଦେଶ୍ୟ-ବିରହିତ ଓ ଆମ୍ଭମାନଙ୍କର ଇନ୍ଦ୍ରିୟ ପରିଚାଳନା କେବଳ ଅତୀନ୍ଦ୍ରିୟ ସତ୍ତାର ଅନୁଭୂତି ଲାଗି ଅଭିପ୍ରେତ" ।

ତନ୍ତ୍ରଧର୍ମର ଶୁଭଙ୍କରୀ ପ୍ରେରଣା

ତାନ୍ତ୍ରିକମାନଙ୍କର ଆଚାର ଅତ୍ୟନ୍ତ ବୀଭତ୍ସତା-ସଂକୁଳ ହେବା ଯୋଗୁଁ ତନ୍ତ୍ରଧର୍ମର ପ୍ରତିଷ୍ଠା ଲୋପ ପାଇଯାଇଛି କିନ୍ତୁ ତାନ୍ତ୍ରିକ ସାଧକମାନେ ମୈଥୁନକୁ ଏହି ଯେଉଁ କୌଳିନ୍ୟ ପ୍ରଦାନ କରିଯାଇଛନ୍ତି ତାହା ଭାବୀ ସଂସାରାଶ୍ରମୀ ମାନବଙ୍କ ମଧ୍ୟରେ ପରୋକ୍ଷ ଭାବରେ ଶୁଭ ସାଧନାର ପ୍ରେରଣା ଅବଶ୍ୟ ଜାଗ୍ରତ କରିବ । ଏପରି ଏକ ଅଭାବନୀୟ ମହାଯୁଗର ଅରୁଣୋଦୟ ଶୀଘ୍ର ଏ ଜଗତରେ ହେବାକୁ ଯାଉଛି, ଯେତେବେଳେ କି ସବୁ ଧର୍ମର ସମସ୍ତ ବିରୋଧ ସାମଞ୍ଜସ୍ୟୀଭୂତ ହୋଇ ପ୍ରତ୍ୟେକ ମାନବକୁ ପରମଧର୍ମ ମାନବ ଧର୍ମରେ ଦୀକ୍ଷିତ କରିବ । କୋରାନ ଧର୍ମୀ ବାଇବେଲ ବିଦ୍ୱେଷରୁ ବିରତ ହେବେ ଓ ଜ୍ଞାନ କର୍ମ ପ୍ରେମର ବୈଷମ୍ୟ ନିରାକୃତ ହେବ । ବିଷ୍ଣୁ ବାହନ ଗରୁଡ଼ର ଦୁଇ ପକ୍ଷ ପରି ନାରୀ ଓ ପୁରୁଷ ରୂପକ ଦୁଇ ପକ୍ଷରେ ଭାରା ଦେଇ ଏକ ମହାସମନ୍ୱୟ ଯୁଗ ବିଦ୍ୟୁତ ବେଗରେ ମାଡ଼ି ଆସୁଅଛି ଏବଂ ହଜାର ବର୍ଷ ପୂର୍ବରୁ ଏହା ଦିବ୍ୟନେତ୍ରରେ ଦେଖି ପାରିଥିବାରୁ ତାନ୍ତ୍ରିକ ସାଧକମାନେ କହିଥିଲେ ମୈଥୁନ ଇନ୍ଦ୍ରିୟ-ପରିତୃପ୍ତି ନୁହେଁ କି ଅଧର୍ମ ମଧ୍ୟ ନୁହେଁ, ଏହା ଧର୍ମର ଏକ ଅଙ୍ଗ, ଏହା ଧର୍ମର ସାଧନ" । କିନ୍ତୁ ଧର୍ମ ସାଧନ ଲାଗି ସ୍ତ୍ରୀକୁ ପୁରୁଷ-ସହବାସ ବା ପୁରୁଷକୁ ସ୍ତ୍ରୀ-ସଙ୍ଗବ ଅବଶ୍ୟ କରିବାକୁ ହେବ, ତାନ୍ତ୍ରିକମାନଙ୍କର ଏ ଧରଣର ଇଙ୍ଗିତକୁ ବର୍ତ୍ତମାନ ଯୁଗର ଧର୍ମବୁଦ୍ଧି ଓ ନୈତିକ ବିଚାର ସହିତ ସାମଞ୍ଜସ୍ୟ ରଖି ବାସ୍ତବ ଜୀବନରେ ଗ୍ରହଣ କରିବା ସମ୍ପୂର୍ଣ୍ଣରୂପେ ଏକ ଅସମ୍ଭବ ବ୍ୟାପାର ବୋଲି ମନେ କରିବାକୁ ହେବ । ପରନ୍ତୁ ପ୍ରତ୍ୟେକ ସାଧାରଣ ମାନବକୁ ଯେ ବିବାହିତ ଜୀବନ ଗ୍ରହଣ କରିବାକୁ ହେବ ଓ ତା ଭିତରେ ଦମ୍ପତିର ଆବଶ୍ୟକୀୟ ଘନିଷ୍ଠ ବ୍ୟବହାରଗୁଡ଼ିକୁ ଯେ ସତ୍‌ସଂକଳ୍ପ ବଳରେ ଧର୍ମନୀୟ ଓ ଧର୍ମଜନକ କରାଯାଇପାରେ, ଏ ବିଷୟରେ ସର୍ବସାଧାରଣଙ୍କ ମନରେ ପରିପୂର୍ଣ୍ଣ ବିଶ୍ୱାସ ପ୍ରତିଷ୍ଠା କରିବା ଦୃଷ୍ଟିରୁ ତନ୍ତ୍ରର ପରୋକ୍ଷ ପ୍ରେରଣା ଶୁଭଙ୍କରୀ ହୋଇଅଛି ।

ଆଧୁନିକ ଜୀବନ-ଯାପନକାରୀ ଆଦର୍ଶ ଗୃହସ୍ଥଙ୍କୁ ଏତକ ତନ୍ତ୍ରର ଦାନ, କିନ୍ତୁ ତାନ୍ତ୍ରିକ ଯୁଗର ଅବସାନ ହୋଇଯାଇଛି । ଯେଉଁ ଅତୀତର ବିଶାଳ ଗର୍ଭରେ ବୈଦିକ ଯୁଗ ସମାହିତ ହୋଇଥିଲା, ତାନ୍ତ୍ରିକଯୁଗ ମଧ୍ୟ ସେହି ଉଦାର ଉଦରରେ ବିଲୟପ୍ରାପ୍ତ ହେବାକୁ ବସିଲାଣି । କାରଣ ଏ ସଂସାରରେ ଆଚାରର ସ୍ଥାୟିତ୍ୱ ବା ନିତ୍ୟତ୍ୱ ନାହିଁ, ସତ୍ୟ ହିଁ କେବଳ ନିତ୍ୟ । ବୈଦିକର ଆଚାର ଲୋପ ପାଇଛି, ବୌଦ୍ଧର ଆଚାର ଯାଇଛି, ସତ୍ୟ କେବଳ ରହିଛି । ତାନ୍ତ୍ରିକ ଆଚାର ଯାଇଛି, ଖାଲି ସତ୍ୟ ଟିକକ ରହିଛି । ନିଜସ୍ୱତାକୁ ସଂପ୍ରସାରିତ କରିବା ପାଇଁ ତନ୍ତ୍ରର ତତ୍ତ୍ୱ ଓ ଆଚାର ବୈଷ୍ଣବ ଧର୍ମକୁ ଗ୍ରାସିଯିବାକୁ ବସିଥିଲା ଓ ତାନ୍ତ୍ରିକ କୂଳାଚାର, ବୀରାଚାର, ବାମାଚାର ପ୍ରଭୃତି ହିଁ କିଶୋରୀ-ଭଜନ, କର୍ତ୍ତାଭଜା, ବାଉଲ ପ୍ରଭୃତି ନାନା ନାମ ଓ ନାନାରୂପରେ ପ୍ରକାଶ ପାଇଥିଲା । କିନ୍ତୁ ଏମାନଙ୍କର ପ୍ରତିଷ୍ଠାର ଯୁଗ ଚାଲିଯାଇଛି ଓ ପ୍ରତ୍ୟେକ ନବୋଦିତ ଧର୍ମମତ ଓ ଧର୍ମ ସମ୍ପ୍ରଦାୟର ଆବର୍ତ୍ତନ ଓ ଆଲୋଡ଼ନ ଭିତରୁ ଯେଉଁ ପରମ ସତ୍ୟ ଆତ୍ମପ୍ରକାଶ କରିବାକୁ ଉଦ୍ୟତ, ତାହା ଆଜି ସମସ୍ତ ବୈପରୀତ୍ୟ ଓ ଆପାତଦୃଷ୍ଟ ବିରୁଦ୍ଧତାର ଗର୍ବକୁ ଖର୍ବ କରି ସର୍ବସମନ୍ୱୟ ମଧ୍ୟ ଦେଇ ଯେପରି ନବତର ମୂର୍ତ୍ତି ଧାରଣ କରିବାକୁ ବସିଛି ଏବଂ ସେହି ବିଗ୍ରହର ଅସ୍ଥି-ସଂଯୋଜନ ଅବସରରେ କାହାର ବଜ୍ରଗମ୍ଭୀର କଣ୍ଠ ଯେପରି ଜଗତର ସମସ୍ତ କୋଳାହଳକୁ ସ୍ତମ୍ଭିତ କରିଦେଇ କହୁଛି - "ବିବାହର ଉଦ୍ଦେଶ୍ୟ ଭଗବତ୍ ସାଧନା, ନରନାରୀଙ୍କର ମିଳନ ମୂଳରେ ଭଗବତ୍ ସାଧନା, ଭଗବାନଙ୍କୁ ପାଇବା ପାଇଁ, ଅପତ୍ୟ ପ୍ରଜନନ, ଭଗବାନଙ୍କୁ ପାଇବା ଲାଗି ସନ୍ତାନ ପାଳନ, ମନୁଷ୍ୟ ଜୀବନର ଜଘନ୍ୟତମ ପ୍ରବୃତ୍ତି ମୂଳରେ ମଧ୍ୟ ଭଗବାନ ଆଜି ନିଜକୁ ପ୍ରକାଶ କରିବାକୁ ଚାହୁଁଛନ୍ତି, ମୈଥୁନରତ ନର ନାରୀଙ୍କର କାମର ପୂତିଗନ୍ଧ ମଧ୍ୟ ଦେଇ ମଧ୍ୟ ଭଗବାନ ଆଜି ନିଜ ଅଙ୍ଗର ପ୍ରାଣମନୋହାରୀ ସୁମଧୁର ପଦ୍ମଗନ୍ଧ ଚହଟାଇ ଦେବାକୁ ଚାହାନ୍ତି । ନବ ଯୁଗର ଭାରତର ସନ୍ତାନ ଏହା ଆଜି ଭୁଲିଯାଅ ନାହିଁ ।

ଗୃହୀର ଜୀବନରେ ଭଗବାନଙ୍କୁ ସାକ୍ଷାତ ଦର୍ଶନ

ଭଗବାନଙ୍କୁ ପାଇବା ପାଇଁ ପ୍ରତ୍ୟେକ ଲୋକକୁ ଯେ ବିବାହିତ ହେବାକୁ ହେବ, ଚିରକୁମାର ବା ଚିରକୁମାରୀ କେହି ଯେ ନ ରହିବେ, ତା ନୁହେଁ, ନିଜ

ନିଜ ଶକ୍ତି, ସାମର୍ଥ୍ୟ, ରୁଚି, ପ୍ରକୃତି, ସଂସ୍କାର ଓ ପ୍ରବୃତ୍ତିର ବେଗାବେଗ ଓ ବଳାବଳ ବୁଝି ଆତ୍ମାର ଉଦ୍ଧାର ଓ ଜଗତର ଉଦ୍ଧାର କଳ୍ପେ ଦଳେ ମହାମାନବ ଓ ମହାମାନବୀ ଚିରକାଳ ଏ ଜଗତରେ ସନ୍ନ୍ୟାସର ଗରୀୟାନ ଗୈରୀକ ପତାକା ଉଡ୍‌ଡ୍ରୀନ କରି ଜୟଧ୍ୱନୀ କରିକରି ଯେ ଅଗ୍ରସର ହେବେ, ଏଥିରେ ସନ୍ଦେହ ନାହିଁ । ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ବିବାହ ଯେ ବିଧି -ନିର୍ଦ୍ଦିଷ୍ଟ ଅବଶ୍ୟ ପ୍ରତିପାଳନୀୟ ବିଧି ଓ ବିବାହିତ ନ ହେଲେ ଯେ ଈଶ୍ୱରଙ୍କ ଅଭିପ୍ରାୟର ବିରୁଦ୍ଧାଚରଣ କରାଯାଏ, ଏ ଧରଣର ଯୁକ୍ତିଜାଲ ଛିନ୍ନକରି ଚିରକାଳ ଦଳେ ତେଜସ୍ୱୀ, ବୀର୍ଯ୍ୟବାନ ମନଃଶକ୍ତିସମ୍ପନ୍ନ ପୁରୁଷ ଓ ନାରୀ ସେମାନଙ୍କ ତପସ୍ତେଜୋଦ୍ଦୀପ୍ତ ମହିମାନ୍ୱିତ ଜୀବନକୁ ସନ୍ନ୍ୟାସରୂପି ଜଗତ୍ କଲ୍ୟାଣ ଆଦର୍ଶର ଚରଣରେ ଅର୍ପଣପୂର୍ବକ ବକ୍ଷର ପ୍ରତିସ୍ପନ୍ଦନରେ ଶ୍ରୀଭଗବାନଙ୍କୁ ଅନୁଭବ କରୁଥିବେ । କିନ୍ତୁ ଭଗବାନ ଆଜି କେବଳ ସର୍ବତ୍ୟାଗୀ ସନ୍ନ୍ୟାସୀ ଓ ସର୍ବତ୍ୟାଗିନୀ ସନ୍ନ୍ୟାସୀଙ୍କ ହୃଦୟର କାମଲେଶବର୍ଜିତ ଜ୍ଞାନଶୁଭ୍ର ସିଂହାସନ ଅଧିକାର କରି ପାରିଲେ ତୁଷ୍ଟ ନୁହଁନ୍ତି । ଯେଉଁମାନଙ୍କର ହୃଦୟ ନିୟତ ବିକ୍ଷୋଭ-ଚଞ୍ଚଳ ଓ ନିୟତ ଆସକ୍ତିମଳିନ, ସେହି ସଂସାରୀର ହୃଦୟକୁ ନିଜ ହାତରେ ଜଞ୍ଜାଳମୁକ୍ତ କରି ଓ ଚରଣ ସ୍ପର୍ଶରେ ବିକ୍ଷୋଭହୀନ କରି ଦୟାଳୁ ପ୍ରଭୁ ଆଜି ସେଠାରେ ଆସ୍ଥାନ ଜମାଇବାକୁ ଚାହାଁନ୍ତି । ପ୍ରେମମୟ ପ୍ରଭୁ ଆଜି ଗାର୍ହସ୍ଥ୍ୟ ଓ ସନ୍ନ୍ୟାସ ଉଭୟଙ୍କ ଠାରୁ ସମାନ ସୌରଭ ଆହରଣ କରିବାକୁ ଚାହାଁନ୍ତି । ତେଣୁ ଏଣିକି ଯେଉଁମାନେ ବିବାହ କରିବେ ସେମାନେ ଭଗବାନଙ୍କୁ ପାଇବା ଲାଗି ହିଁ ବିବାହ କରିବେ, ସ୍ୱାମୀ ଉତ୍ତରସାଧିକା ସ୍ୱରୂପ ପତ୍ନୀ ଗ୍ରହଣ କରିବେ, ପତ୍ନୀ ଉତ୍ତରସାଧକ ସ୍ୱରୂପ ପତି ଗ୍ରହଣ କରିବେ ଏବଂ ଏକ ଅପରର ସାହଚର୍ଯ୍ୟ ମାଧ୍ୟମରେ ପରସ୍ପରର ଦେହରେ, ପରସ୍ପରର ମନରେ, ପରସ୍ପରର ଉତ୍କର୍ଷରେ ଓ ପରସ୍ପରର ପ୍ରଶାନ୍ତିରେ ଶ୍ରୀଭଗବାନଙ୍କୁ ସାକ୍ଷାତ ଦର୍ଶନ କରିବେ ।

"ଉତ୍ତରସାଧକ" ଓ "ଉତ୍ତରସାଧିକା" କଥାଟିର ତାତ୍ପର୍ଯ୍ୟ ଏ ସ୍ଥଳେ ପ୍ରଣିଧାନଯୋଗ୍ୟ । ଜୀବନର ଚରମ ଚରିତାର୍ଥକୁ ଲାଭକରିବା ଯେତେବେଳେ ସ୍ୱାମୀର ପରମୈକ-ଲକ୍ଷ୍ୟ ଓ ସେହି ଲକ୍ଷ୍ୟ-ଲାଭ କଳ୍ପେ ସେ ଯେତେବେଳେ ପ୍ରାଣପଣେ ଯତ୍ନ-ପରାୟଣ ହୁଅନ୍ତି ସେତେବେଳେ ତାଙ୍କୁ ସାଧକ କୁହାଯିବ ।

ଯେଉଁ ପରମଲକ୍ଷ୍ୟକୁ କରାୟତ୍ତ କରିବା ଲାଗି ସ୍ୱାମୀ ବଦ୍ଧପରିକର, ନିଜ ସୁଖ କାମନାରେ ଅକ୍ଳେଶରେ ଜଳାଞ୍ଜଳି ଦେଇ, ନିଜର ବ୍ୟକ୍ତିଗତ ସାଧ, ଆକାଂକ୍ଷା ଓ ପରିତୃପ୍ତିର ଚାହିଦାକୁ ଅଗ୍ରାହ୍ୟ କରି, ନିଜର ପ୍ରାର୍ଥିତ ସମସ୍ତ କାମ୍ୟବସ୍ତୁର ପ୍ରାପ୍ତି ଓ ଭୋଗରୁ ସମ୍ୟକରୂପେ ନିଜକୁ ବଞ୍ଚିତ କରି, ସ୍ୱାମୀର ଜୀବନର ଶ୍ରେଷ୍ଠ ସାଧନାକୁ ସିଦ୍ଧି ମାର୍ଗରେ ପରିଚାଳିତ କରିବା ଲାଗି ନିଜକୁ ଦୁଃଖ ଦେଇ ମଧ୍ୟ ସ୍ତ୍ରୀ ଯେତେବେଳେ ସର୍ବଦା ସତର୍କ ପ୍ରହରୀତୁଲ୍ୟ ଜାଗ୍ରତ, ଉଦ୍ୟତ ଓ ପ୍ରସ୍ତୁତ, ସ୍ୱାମୀକୁ ବିପଦରୁ ରକ୍ଷାକରିବା ପାଇଁ ଯାହାର ଚେଷ୍ଟାର ଅନ୍ତ ନାହିଁ, ଯତ୍ନରେ ତୃଟୀ ନାହିଁ, ଅବସାଦଗ୍ରସ୍ତ ସ୍ୱାମୀର ବାହୁରେ ଉତ୍ସାହର ବିଦ୍ୟୁତ ସଂଚାର କରିବାକୁ ଯାହାର କୃତିତ୍ୱର ତୁଳନା ନାହିଁ, ନିୟତ "ମାଭୈଃ" ବାଣୀରେ ଯେ ସ୍ୱାମୀର ସାଧନ ପଥର ସମସ୍ତ ଶଙ୍କା, ସମସ୍ତ ଭୟ, ସମସ୍ତ ଆତଙ୍କ, ସମସ୍ତ ଆଶଙ୍କା, ସମସ୍ତ ସଂଶୟ ଓ ସମସ୍ତ ସନ୍ଦେହ ହରଣ କରନ୍ତି ଏବଂ ଏହାକୁ ଯେ ଜୀବନର ଶ୍ରେଷ୍ଠ କର୍ତ୍ତବ୍ୟ ବୋଲି ଗ୍ରହଣ କରନ୍ତି, ତାଙ୍କୁ ହିଁ କୁହାଯିବ - "ଉତ୍ତର - ସାଧିକା" । ଆଉ ମଧ୍ୟ ମନୁଷ୍ୟ ଜନ୍ମର ଶ୍ରେଷ୍ଠ ସାର୍ଥକତା ଯେଉଁ ଭଗବତ୍ ଦର୍ଶନ, ତାକୁ ଲାଭ କରିବା ପାଇଁ ସ୍ତ୍ରୀ ଯେତେବେଳେ ନିଃଶେଷରେ ଆତ୍ମୋତ୍ସର୍ଗଶୀଳା ସେତେବେଳେ ତାକୁ କୁହାଯିବ ସାଧିକା । ସ୍ୱାମୀ ଯେତେବେଳେ ନିଜର ସୁଖଲାଳସା ମୂଳରେ କୁଠାରଘାତ କରି ସ୍ୱେଚ୍ଛାରେ ଆତ୍ମସୁଖ ସୁଯୋଗରୁ ନିଜକୁ ବଞ୍ଚିତ କରି ଅହୋରାତ୍ର ସହଧର୍ମିଣୀକୁ ତାର ଜୀବନୈକ ଲକ୍ଷ୍ୟ ସାଧନରେ ସହାୟତା ଓ ଆନୁକୂଲ୍ୟ ପ୍ରଦାନ କରନ୍ତି, ସେତେବେଳେ ତାକୁ କୁହାଯିବ ଉତ୍ତର-ସାଧକ। ଆଦର୍ଶ ଦମ୍ପତିଙ୍କ ଜୀବନ ଏହି ଉତ୍ତର-ସାଧକ ଓ ଉତ୍ତର-ସାଧିକାଙ୍କର ଜୀବନ ।

(୬) ପରିପୂର୍ଣ୍ଣ ଆତ୍ମିକ ମିଳନ

ବୈଦାନ୍ତିକ ଦୃଷ୍ଟିରୁ ଜଗତକୁ ଦେଖିଲେ ଏକ ଛଡ଼ା ଦୁଇର କୌଣସି ଅସ୍ତିତ୍ୱନାହିଁ । ତେଣୁ ଯେଉଁଠି ଯେତେ ଦୁଇ ଅଛି ସେ ସବୁ ମିଶି ଏକ ହେବାକୁ ଚାହିଁବେ, ଏହା ଏକ ସ୍ୱତଃସିଦ୍ଧ ବ୍ୟାପାର ।

ଯାହା କିଛି ଦେଖାଯାଉଛି ଓ ଜଣାଯାଉଛି ଏ ସବୁ ହିଁ ବ୍ରହ୍ମ କିନ୍ତୁ ବ୍ରହ୍ମଠାରୁ

ଭିନ୍ନରୂପରେ ଅସ୍ତିତ୍ୱଶୀଳ ବୋଲି ସେ ସବୁ ପ୍ରତୀତ ହୁଅନ୍ତି । ଏହି ଯେଉଁ ଭିନ୍ନତାର ପ୍ରତୀତ, ଏହାହିଁ ଅବିଦ୍ୟା ।

ଦାମ୍ପତ୍ୟ ଜୀବନ ଓ ବେଦାନ୍ତ ତତ୍ତ୍ୱ

ଅବିଦ୍ୟା ଏ ବିଶ୍ୱବ୍ରହ୍ମାଣ୍ଡକୁ ଘୋଟି ରହିଛି । ତେଣୁ ସ୍ୱାମୀ ନିଜକୁ ସ୍ତ୍ରୀଠାରୁ ପୃଥକ୍ ଓ ସ୍ତ୍ରୀ ନିଜକୁ ସ୍ୱାମୀଠାରୁ ଭିନ୍ନ ବୋଲି ମନେ କରନ୍ତି । ଏହି ଭିନ୍ନତ୍ୱବୋଧ ଏକ ପ୍ରତି ଅପରକୁ ତୀବ୍ରଭାବରେ ଆକର୍ଷଣ କରିଥାଏ । ଏହି ଆକର୍ଷଣ ସେମାନଙ୍କୁ ପରସ୍ପରର ନିକଟରୁ ନିକଟତର କରିବାକୁ ଲାଗେ ଏବଂ ଦେହର ଆକର୍ଷଣରେ ଦେହ ନିବିଡ଼ତମ ନୈକଟ୍ୟକୁ ଆସିଲା ପରେ ମଧ୍ୟ ଦେଖେ ଯେ ପଥ ପର୍ଯ୍ୟଟନ ଆହୁରି ବାକି ରହିଛି, ଏବେ ବି ଏକ ଅପରକୁ ପାଇ ପାରିନାହିଁ, ଏବେ ବି ଜଣେ ଆରଜଣକ ହାତ ପାଆନ୍ତି ଯାଗାକୁ ଆସିନାହିଁ । ପାଇଛି ପାଇଛି ବୋଲି ମନେ ହେଉଛି କିନ୍ତୁ ଏବେ ବି ଜଣେ ଅନ୍ୟ ଜଣକ ପାଖରୁ ବହୁ ଦୂରରେ ରହିଛି । ସେତିକିବେଳେ ଉପଲବ୍ଧି ଆସେ ଯେ ସ୍ୱାମୀ ବିରହିତ ହୋଇ ସ୍ତ୍ରୀର କୌଣସି ସ୍ୱରୂପ ନାହିଁ, ସ୍ତ୍ରୀର ସ୍ୱରୂପରୁ ପୃଥକ ହୋଇ ସ୍ୱାମୀର କୌଣସି ଅସ୍ତିତ୍ୱନାହିଁ । ଉଭୟେ ଏକ, ଅଭିନ୍ନ, ଅପୃଥକ୍ ପରମ ସତ୍ତା । ଭିନ୍ନ ଭିନ୍ନ ଦିଗରୁ ଦୁଇଟି ଜୀବ ନିଜ ନିଜର ଏହି ପରମ ସତ୍ତାକୁ ଆସ୍ୱାଦନ କରି ଯେଉଁ ଅତୁଳନୀୟ ତୃପ୍ତିର ଅଧିକାରୀ ହୁଅନ୍ତି, ତହିଁରେ ଚିରସ୍ଥିର-ସ୍ଥିତି ଲାଭର ନାମ ବିବାହ ଅଥବା ତହିଁରେ ଚିରସ୍ଥିର ସ୍ଥିତିଲାଭ ହିଁ ବିବାହର ଉଦ୍ଦେଶ୍ୟ ।

ଏହି ଅପୂର୍ବ ଦୃଷ୍ଟିକୋଣରୁ ବିବାହର ଉଦ୍ଦେଶ୍ୟକୁ ବିଚାର କରାଯାଇପାରେ ।

ହିନ୍ଦୁ ନାରୀର ଏକ ବଦ୍ଧମୂଳ ବିଶ୍ୱାସ

ହିନ୍ଦୁର ସଂସାରରେ ସଚରାଚର ଏକ ବଦ୍ଧମୂଳ ବିଶ୍ୱାସ ଥିବାର ଲକ୍ଷ୍ୟ କରାଯାଏ ଯେ, ଯେଉଁ ଦମ୍ପତି ପରସ୍ପର ପ୍ରତି ପ୍ରଗାଢ଼ ପ୍ରୀତିଶୀଳ, ସେ ଦମ୍ପତିର ମୃତ୍ୟୁ ପରେ ସେମାନେ ଦୁଇଟି ଭିନ୍ନ ଆତ୍ମାରୂପେ ନ ରହି ଏକ ଆତ୍ମାରେ ପରିଣତ ହୁଅନ୍ତି । ପ୍ରକୃତ ବିବାହରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଏକତ୍ୱ ଅନୁଭୂତି ଏତେ ଅଗାଧ ଯେ ଦେହଧାରୀ ରୂପରେ ଅବସ୍ଥାନ କଲାବେଳେ, ଏକ ଅନ୍ୟକୁ ନିଜଠାରୁ ଅପୃଥକ୍

ଓ ଅଭିନ୍ନ ଅଦ୍ୱୈତ ସତ୍ତା ବୋଲି ଅନୁଭବ କଲାପରେ ଏ କଥା ବିଶ୍ୱାସ କରିବା ଅତି ସ୍ୱାଭାବିକ ହୋଇଥାଏ ଯେ, ଦେହ ତ୍ୟାଗ ପରେ ଏମାନଙ୍କର ଅଲଗା ଅସ୍ତିତ୍ୱ ରହି ନପାରେ, ଏମାନଙ୍କର ଦୁଇଟି ଅସ୍ତିତ୍ୱ ମିଶିଯାଇ ଗୋଟିଏ ମାତ୍ର ସୁଖମୟ ସତ୍ତାରେ ପରିଣତ ହୋଇଯାଏ । ଯେଉଁଠି ଏହାହିଁ ହୁଏ ଭବିତବ୍ୟ, ସେଠାରେ ସେହି ଯୁଗ୍ମତାର ପ୍ରାଣସ୍ପନ୍ଦନରେ ଦ୍ୱୈତବୋଧର ରେଖା ସୁଦ୍ଧା ନ ଥାଏ ଓ ସେ ଆତ୍ମା ନୂତନ ଦେହ ଧାରଣ କଲେ – ସେ ନାରୀ ଦେହ ବା ପୁରୁଷ ଦେହ ଯାହା ଧାରଣ କରନ୍ତୁ ପଛକେ – ସେ – ଜୈବ-ଚାଞ୍ଚଲ୍ୟର ଉର୍ଦ୍ଧ୍ୱରେ ହିଁ ରହନ୍ତି ।

ସାଧାରଣ ହିନ୍ଦୁ ଏହି ବିଶ୍ୱାସକୁ ଶ୍ରଦ୍ଧା କରନ୍ତି, ବିଦ୍ରୂପ ବା ଅନାଦର କରନ୍ତି ନାହିଁ ।

କିନ୍ତୁ କର୍ମଫଳବାଦୀମାନେ ଏଥିରେ ଗୋଟିଏ ଆପତ୍ତି ଉତ୍‌ଥାପନ କରିଥାନ୍ତି । ସେମାନଙ୍କର ବକ୍ତବ୍ୟ ହେଉଛି, ସ୍ୱାମୀ ଓ ସ୍ତ୍ରୀ ଏ ଦୁଇଟି ଜୀବ ଏକ ସଂସାରରେ ବାସ କଲେ ମଧ୍ୟ ଉଭୟଙ୍କର କର୍ମଫଳ କଦାପି ଏକ ହୋଇ ନପାରେ । କେବଳ ଶାରୀରିକ କର୍ମଦ୍ୱାରା କାହାର ପରକାଳର ଗତି ନିର୍ଦ୍ଧାରିତ ହୁଏନାହିଁ । ମାନସିକ କର୍ମ ମଧ୍ୟ କର୍ମ । ମନର ଚିନ୍ତାରେ ପାର୍ଥକ୍ୟ ହେତୁ ସ୍ୱାମୀ ଓ ସ୍ତ୍ରୀର ଗତି ଅଲଗା ଅଲଗା ହୋଇ ଯାଇପାରେ । ତା ଛଡ଼ା ପୁନର୍ଜନ୍ମ ବିଶ୍ୱାସୀମାନେ ହୁଏତ କହିବେ, ଏକ ସଙ୍ଗେ ଏକ ଗୃହଛାତ ତଳେ ଜୀବନଯାପନ କରି ଏପରିକି ଏକ ଶଯ୍ୟାରେ ସମଗ୍ର ଜୀବନ ଶୟନ କରି ମଧ୍ୟ ନିଜ ନିଜ କର୍ମଫଳ ହେତୁ ସ୍ୱାମୀ ଏକ ମୂଷିକ ଓ ସ୍ତ୍ରୀ ଏକ ମାର୍ଜାର ରୂପେ ଜନ୍ମ ଗ୍ରହଣ କରିପାରନ୍ତି ଓ ପରଜନ୍ମରେ ସେମାନଙ୍କର ସମ୍ବନ୍ଧ ପ୍ରୀତିପୂର୍ଣ୍ଣ ନ ହୋଇ ଭକ୍ଷ୍ୟ-ଭକ୍ଷକଙ୍କର ସମ୍ବନ୍ଧ ବି ହୋଇ ଯାଇପାରେ ।

କିନ୍ତୁ ଏ ସବୁ ଯୁକ୍ତି ସତ୍ତ୍ୱେ ବି ପ୍ରଗାଢ଼ ପ୍ରେମିକ ଦମ୍ପତିଙ୍କ ମନରୁ ସେମାନଙ୍କର ପରିପୂର୍ଣ୍ଣ ଐକ୍ୟର ସମ୍ଭାବନା ସଂପର୍କୀୟ ବିଶ୍ୱାସ ଏ ପର୍ଯ୍ୟନ୍ତ ତିଳେମାତ୍ର ଶିଥିଳ ହୋଇନାହିଁ । ସେମାନଙ୍କର ଏହି ବିଶ୍ୱାସର ଭିତ୍ତି କେବଳ କଳ୍ପନା ଉପରେ ପ୍ରତିଷ୍ଠିତ ନୁହେଁ । ପ୍ରକୃତ ଦମ୍ପତି କେବଳ ଯେ ନିଜ ନିଜର ପରିପୂର୍ଣ୍ଣ ଐକ୍ୟର ସମ୍ଭାବନାକୁ ସ୍ୱୀକାର କରନ୍ତି ତାହା ନୁହେଁ, ଏ ବିଷୟରେ ସେମାନଙ୍କର ଅନୁଭୂତି ମଧ୍ୟ ଆହୁରି

ବିଚିତ୍ର । ସ୍ୱାମୀର ହୃଦୟ କନ୍ଦରରେ ତ ସ୍ତ୍ରୀ ସମଗ୍ର ହୃଦୟକୁ ଆବୋରି ଆସନ ଜମାଇ ବସିଛି ଏବଂ ସ୍ତ୍ରୀର ସେହି ଅବିକଳ୍ପ ସ୍ୱରୂପ, ସ୍ତ୍ରୀର ଏହି ବିକାରଶୀଳା ପରିବର୍ତ୍ତନମୟୀ ମୂର୍ତ୍ତିକୁ ପ୍ରବଳ ଭାବରେ ଆକର୍ଷଣ କରି ଡାକି କହୁଛି "ଟିକିଏ ଚଞ୍ଚଳ ଚାଲିଆ, ଆଉ କେତେଦିନ ପ୍ରାଣନାଥଙ୍କ ପାଖରୁ ଦୂରରେ ରହିଥିବୁ" । ସ୍ତ୍ରୀର ହୃଦୟ କନ୍ଦରରେ ତ ସ୍ୱାମୀ ବାହୁଦ୍ୱୟକୁ ପ୍ରସାରିତ କରି ଆସନ ଜମାଇ ବସିଛନ୍ତି ଏବଂ ସ୍ୱାମୀର ସେହି ନିତ୍ୟସ୍ୱରୂପ, ସ୍ୱାମୀର ଏହି ଜନ୍ମ-ଜରାଶୀଳ ଭଙ୍ଗୁର ମୂର୍ତ୍ତି ପ୍ରତି ପ୍ରେମ-ବିଗଳିତ ଆହ୍ୱାନ ଜଣାଇ କହୁଛି – ଆଉ ଡେରି କରନା, ପ୍ରାଣପ୍ରିୟା ପାଖକୁ ଶୀଘ୍ର ଚାଲିଆ" । ନିଜ ଭିତରେ ନିଜକୁ ନ ଦେଖି ଦେଖୁଛି ତାର ସ୍ତ୍ରୀକୁ । ଅନ୍ତରରେ ମିଳନର ଆକାଂକ୍ଷା ଏତେ ପ୍ରବଳ ହେଉଛି ଯେ ତାହା ଦେହକୁ ଭେଦ କରି ଭିତରେ ପ୍ରବେଶ କରିବାକୁ ଅକ୍ଷମ ହେବା ଦେଖି, ଆତ୍ମା ଦେହର ବ୍ୟବଧାନକୁ ଅଗ୍ରାହ୍ୟ କରି ଆଗରୁ ଯାଇ ସ୍ୱାମୀର ଅନ୍ତରରେ ପହଞ୍ଚି ଯାଉଛି ବା ସ୍ତ୍ରୀର ହୃଦୟରେ ବସି ଯାଉଛି । ବାସ୍ତବିକ ଏ ଅଧ୍ୟାତ୍ମ ଜୀବନ କେଡ଼େ ବିଚିତ୍ର କାବ୍ୟ-ରସମୟୀ !

ସ୍ତ୍ରୀ ସ୍ୱାମୀ ପ୍ରତି ଆକୃଷ୍ଟ ହୁଏ କାହିଁକି ? ସ୍ୱାମୀ ବି ସ୍ତ୍ରୀ ପ୍ରତି ଆକୃଷ୍ଟ ହୁଏ କାହିଁକି ? କାହିଁକି ସେମାନେ ଦେହଦ୍ୱାରା ଦେହକୁ ସନ୍ନିହିତ କରନ୍ତି ? କାହିଁକି ସେମାନେ ଶତବାର ପ୍ରଗାଢ଼ ଆଲିଙ୍ଗନରେ ପରସ୍ପରକୁ ବେଷ୍ଟିତ କରି ମଧ ପୁଣି ତାହାହିଁ କରନ୍ତି ? ଏହି ତୀବ୍ର ଆକର୍ଷଣର କାରଣ କଣ ହୋଇପାରେ ? ଏହା କଣ ଖାଲି ଇନ୍ଦ୍ରିୟର ଉତ୍ତେଜନା ? ଏହା କଣ ଖାଲି ଅଭ୍ୟାସର ଦାସତ୍ୱ ? ଏହା କଣ ଖାଲି ଟିକିଏ ସୁଖ ପାଇବାର ଛଳନା ? ପାଶ୍ଚାତ୍ୟ ବିଜ୍ଞାନବିଦ ଯୌନ-ବିଶାରଦମାନେ ନାରୀ ପୁରୁଷଙ୍କର ନିଭୃତ ଜୀବନ ସଂପର୍କରେ ଲକ୍ଷ ଲକ୍ଷ ପୃଷ୍ଠା ଲେଖି ଯାଇଛନ୍ତି ସତ୍ୟ କିନ୍ତୁ ଏହି ଆକର୍ଷଣର କାରଣ କଣ ତାହା ସେମାନେ ନିର୍ଣ୍ଣୟ କରିପାରିନାହାନ୍ତି । ସେମାନଙ୍କ ଭିତରୁ ଯେ ଏ ପ୍ରଶ୍ନଟି ଉତ୍‌ଥାପନ କରିଛନ୍ତି ସେ ଶେଷ ପର୍ଯ୍ୟନ୍ତ ଏ ସଂପର୍କରେ କିଛି ଲେଖି ନ ପାରି ଅବଶୋଷରେ ଲେଖନୀ ଅନ୍ୟ ଆଡ଼କୁ ପରିଚାଳିତ କରିବାକୁ ବାଧ୍ୟ ହୋଇଛନ୍ତି । କିନ୍ତୁ ଏହି ପ୍ରଶ୍ନର ମୀମାଂସା ଯେ ନରନାରୀଙ୍କର ସମସ୍ତ ସମ୍ବନ୍ଧ ସଂପର୍କରେ ପୂର୍ଣ୍ଣ ମୀମାଂସା, ଏହା ସୁନିଶ୍ଚିତ ।

ପ୍ଲାଟୋଙ୍କ ଦର୍ଶନ

ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଏ ବିଷୟରେ ଏ ବିଶେଷ ଧାରଣା ପୋଷଣ କରୁଥିଲେ । ସେ ମନେ କରୁଥିଲେ ଯେ ସୁଦୂର ଅତୀତରେ ନାରୀ ଓ ପୁରୁଷଙ୍କର ଭିନ୍ନ ଭିନ୍ନ ଦୁଇଟି ଦେହ ନ ଥିଲା, ସେମାନେ ଏକ ଥିଲେ । ଦେବତାମାନଙ୍କର କ୍ରୋଧ ଓ ଅଭିଶାପରେ ଗୋଟିଏ ଦେହ ଦୁଇ ଭାଗରେ ବିଭକ୍ତ ହେଲା ଓ ତା ପରଠାରୁ ଗୋଟିଏ ଦେହ ଅନ୍ୟ ଦେହଟି ସହିତ ମିଳିତ ହେବାଲାଗି ଅନନ୍ତ କାଳ ବ୍ୟାପୀ ଚେଷ୍ଟା କେବଳ କରି ଆସୁଛି । ତାଙ୍କ ମତରେ ଏହାହିଁ ପୁରୁଷ ପ୍ରତି ନାରୀର ଓ ନାରୀ ପ୍ରତି ପୁରୁଷର ସୁତୀବ୍ର ଆକର୍ଷଣର କାରଣ । ପୁରୁଷର ବକ୍ଷ-ପଞ୍ଜରରୁ ଖଣ୍ଡେ ଅସ୍ଥିଦ୍ୱାରା ନାରୀର ଦେହ ନିର୍ମିତ ହେବା କଥା ଗ୍ରୀସୀୟ ଧର୍ମଗ୍ରନ୍ଥରୁ ଜଣାଯାଏ ।

ମନୁଷ୍ୟ ଓ ପଶୁପକ୍ଷୀ

ଏହି ସବୁ ବିଶ୍ୱାସ ଏକ ଅଭ୍ରାନ୍ତ ସତ୍ୟର ଛାୟା ମାତ୍ର । ତାହା ହେଉଛି, ନାରୀ ଓ ପୁରୁଷ ସ୍ୱରୂପତଃ ଏକ ଏବଂ ସେହି ଏକତ୍ୱକୁ ସୁଦୀର୍ଘ କାଳବ୍ୟାପୀ ଅନୁଶୀଳନ ଦ୍ୱାରା ନିଜ ନିଜର ଉପଲବ୍ଧିରେ ପ୍ରତିଷ୍ଠିତ କରିବାର ପ୍ରୟୋଜନୀୟତାରୁ ବିବାହ ପ୍ରଥା ସୃଷ୍ଟି ହୋଇଅଛି । ସବୁ ପ୍ରାଣୀଙ୍କ ମଧ୍ୟରେ ପୁରୁଷ ପ୍ରାଣୀ ପ୍ରତି ସ୍ତ୍ରୀ ପ୍ରାଣୀର ଓ ସ୍ତ୍ରୀ ପ୍ରାଣୀ ପ୍ରତି ପୁରୁଷ ପ୍ରାଣୀର ଆକର୍ଷଣ ଅବଶ୍ୟମ୍ଭାବୀ । କିନ୍ତୁ ମନୁଷ୍ୟମାନଙ୍କ ଭିତରେ ସ୍ତ୍ରୀ ଓ ପୁରୁଷର ଏହି ପାରସ୍ପରିକ ଆକର୍ଷଣ କାହିଁକି ଏପରି ପ୍ରଖର ହୁଏ ଯେ ଜଣେ ଅନ୍ୟ ଜଣକୁ ପାଇବା ସଙ୍ଗେ ସଙ୍ଗେ ସମଗ୍ର ଜୀବନର ସମ୍ବନ୍ଧ - ସ୍ୱୀକୃତି ଆସିଯାଏ ? ପଶୁପକ୍ଷୀମାନେ ସମ୍ଭୋଗ ଉଦ୍ଦେଶ୍ୟରେ ମିଳିତ ହୁଅନ୍ତି, ଅନ୍ଧପରି ଯୌନ ବିଳାସରେ ମତ୍ତ ହୁଅନ୍ତି କିନ୍ତୁ ସ୍ତ୍ରୀ-ପ୍ରାଣୀ ଗର୍ଭଧାରଣ କରିବା ସଙ୍ଗେ ସଙ୍ଗେ ଉଭୟଙ୍କ ମଧ୍ୟରେ କୌଣସି ସମ୍ବନ୍ଧ ଥିବା କଥା ସେମାନେ ଭୁଲିଯାଆନ୍ତି। ମନୁଷ୍ୟର କିନ୍ତୁ ସେପରି ହୁଏନାହିଁ । ଥରେ ମାତ୍ର ଯାହାସଙ୍ଗେ ଇନ୍ଦ୍ରିୟ ମିଳନ ଘଟିଲା କାହିଁକି ମାନବ ତାହାକୁ ସହଜରେ ଭୁଲିପାରେନାହିଁ ? ଏକାନ୍ତ ରୁଗ୍ଣମନାଙ୍କ ବ୍ୟତୀତ ଆଉ ସବୁ ମନୁଷ୍ୟଙ୍କ ଉପରେ କାମକ୍ରିୟାର ପ୍ରଭାବ ସୁଦୂରପ୍ରସାରୀ । ଥରେ ଯାହା ସହିତ ଦେହସଂସର୍ଗ ଘଟିଯାଇଛି, ଶରୀରର ପ୍ରତି

ଲୋମକୂପ ଦଶ ବର୍ଷ ପର୍ଯ୍ୟନ୍ତ ସେହି ସ୍ପର୍ଶର ଅନୁଭୂତି ବହନ କରି ଚାଲିଛି, ଏଭଳି ପୁରୁଷ ବା ନାରୀ ଏ ସଂସାରରେ ଦୁର୍ଲଭ ନୁହନ୍ତି । ଏହି କାରଣରୁ ଆଦିମାନବ ପଶୁପକ୍ଷୀଙ୍କ ଭଳି ଜୀବନଯାପନ ଆରମ୍ଭ କରିଥିଲେ ମଧ୍ୟ ଚିରକାଳ ପଶୁପକ୍ଷୀଙ୍କ ପରି ରହି ପାରିଲା ନାହିଁ । ଯାହା ସହିତ ଭୋଗ ସୁଖ ପ୍ରମତ୍ତତା ଯୋଗୁଁ ଘଣ୍ଟାଏ ଦୁଇଘଣ୍ଟା ଲାଗି ଆତ୍ମୀୟତା ହେବାର କଥା, ଏହି କାରଣରୁ ତାକୁ ଉପଲକ୍ଷ୍ୟ କରି ମନୁଷ୍ୟ ଘର ବାନ୍ଧିଲା, ସଂସାର ପାତିଲା ଓ ଆମରଣ ତା ସହିତ ଏକନିଷ୍ଠ ସମ୍ପର୍କ ବଜାୟ ରଖିବା ଲାଗି ବିଧି ଗଢ଼ିଲା, ଏପରିକି ସେହି ଏକନିଷ୍ଠାର ହନ୍ତାରକ ସମସ୍ତ ସମ୍ଭାବନାକୁ ଦୂରୀଭୂତ କରିବା ଲାଗି ନାନା ବିଧି-ନିଷେଧର ପ୍ରାଚୀର ମଧ୍ୟ ନିର୍ମାଣ କଲା । ଗୋଟିଏ ମାତ୍ର ଆତ୍ମିକ କାରଣକୁ ଅବଲମ୍ବନ କରି ମନୁଷ୍ୟର ସମାଜ-ବୋଧ, ଜାତି-ବୋଧ, ସମ୍ପ୍ରଦାୟ-ବୋଧ, ଦେଶବୋଧ ପ୍ରଭୃତି ସବୁ କିଛି ଉତ୍ପତ୍ତି ହେଲା ଅର୍ଥାତ୍ ପ୍ରତି ଓ ପତ୍ନୀଙ୍କର ପାରସ୍ପରିକ ପରିପୂର୍ଣ୍ଣ ଐକ୍ୟକୁ ଆତ୍ମାର ସ୍ୱରୂପ ଅବସ୍ଥା ବୋଲି ଉପଲବ୍ଧି କରିବାହିଁ ବିବାହର ଉଦ୍ଦେଶ୍ୟ ଏବଂ ଏକମାତ୍ର ସେହି ପ୍ରୟୋଜନର ତାଡ଼ନାରେ ସେମାନଙ୍କର ମନ ହେବ ଏକ ଓ ଅଭିନ୍ନ, ଦେହ ହେବ ଏକ ଓ ଅଭିନ୍ନ ଶରୀର ଶରୀରକୁ ଘେନି କରିବ ଆତ୍ମୀୟତା ଓ ମନ କରିବ ମନକୁ ଧରି ରମଣ ।

ଉପରେ ଯାହା କହିଲି, ଏ କଥା ପୃଥିବୀର କୌଣସି ଦେଶର କୌଣସି ମନୀଷୀ ଏ ପର୍ଯ୍ୟନ୍ତ କହି ନାହାନ୍ତି ସତ୍ୟ କିନ୍ତୁ ଏ କଥାଟି ନୂଆ ବୋଲି ଯେ ଏହା ମିଥ୍ୟା ହୋଇଯିବ, ଏପରି ମନେ କରିବାର କୌଣସି ଯୁକ୍ତି ନାହିଁ । ପ୍ରତ୍ୟେକ ବିବାହିତ ଦମ୍ପତି ନିଜ ନିଜର ସାମାଜିକ ମିଳନ, ଯୌନମିଳନ, ମାନସିକ ପ୍ରବଣତାର ମିଳନ ଅପେକ୍ଷା ଆତ୍ମା ସହିତ ଆତ୍ମାର ପରିପୂର୍ଣ୍ଣ ମିଳନ ସାଧନର ଅଧିକତର ଯୋଗ୍ୟତା ଓ ଗଭୀରତର ତାତ୍ପର୍ଯ୍ୟ ଉପଲବ୍ଧି କରି, ମନନ-ଶୀଳ ଚିତ୍ତ ହୋଇ, ଅନୁସନ୍ଧିତ୍ସୁ ମନ ଓ ପରୀକ୍ଷାପରାୟଣ ଲକ୍ଷ୍ୟ ଘେନି ଅଗ୍ରସର ହେଲେ ଜୀବନରେ ଅଧିକତର ସୁଖୀ ହେବେ । ଆତ୍ମା ସହିତ ଆତ୍ମାର ପରିପୂର୍ଣ୍ଣ ଏକତ୍ୱ ପ୍ରତିଷ୍ଠା ପ୍ରୟାସକୁ ବ୍ୟକ୍ତିଗତ ସ୍ୱାର୍ଥ-ଲୋଲୁପତା ଓ ଅହମିକାର ବିଜୃମ୍ଭଣରୁ ମୁକ୍ତ ରଖି ପଥ ଅତିକ୍ରମ କଲେ, ଏ ପଥ ମହାଶାନ୍ତି, ମହାତୃପ୍ତି ଓ ମହା-ଆନନ୍ଦର ପଥ ହେବ । ମନୁଷ୍ୟ

ମନରେ ପ୍ରକୃତି-ପ୍ରଦତ୍ତ ଯେଉଁ ଯୌନକ୍ରିୟା ରହିଛି, ତାର ପ୍ରକୃତ ଉଦ୍ଦେଶ୍ୟ ଏହା ଦ୍ୱାରା ହିଁ ସିଦ୍ଧ ହେବ ଓ ଏ ଧରଣର ବିବାହିତ ଜୀବନ ଦେବଗଣଙ୍କର ମଧ ଶ୍ଳାଘ୍ୟ ହେବ ।

ବିବାହିତର ସୌନ୍ଦର୍ଯ୍ୟ ସୃଷ୍ଟି

ସୁଖପିପାସା ମନୁଷ୍ୟକୁ ପାଗଳ କରେ ବୋଲି ବାହ୍ୟତଃ ମନେ ହୁଏ ସତ୍ୟ କିନ୍ତୁ ପ୍ରକୃତରେ ସୌନ୍ଦର୍ଯ୍ୟ - ପିପାସା ହିଁ ମନୁଷ୍ୟକୁ ଉଦ୍‌ଭ୍ରାନ୍ତ କରିଥାଏ । ଏହି ସୌନ୍ଦର୍ଯ୍ୟ ପିପାସା କାହାକୁ ସନ୍ନ୍ୟାସଧର୍ମ ଆଡ଼କୁ ଟାଣି ନିଏ ତ ଆଉ କାହାକୁ ବିବାହ ବନ୍ଧନରେ ଆବଦ୍ଧ କରିଥାଏ । ଯେଉଁ ଚିରସୁନ୍ଦରଙ୍କର ମୋହନ ମାଧୁରୀ ନିରୀକ୍ଷଣ କରି କୃତକୃତାର୍ଥ ହେବାଲାଗି ସନ୍ନ୍ୟାସୀ ସନ୍ନ୍ୟାସିନୀ ସେମାନଙ୍କର ଦୃଷ୍ଟି ଓ ଆକାଂକ୍ଷାର ତରଙ୍ଗାୟିତ ଆବେଗକୁ ପ୍ରାକୃତ ନାରୀ ଓ ପ୍ରାକୃତ ପୁରୁଷର ରୂପ ଆଡୁ ଫେରାଇ ଆଣନ୍ତି, ସେହି ପରମସୁନ୍ଦରଙ୍କ ରୂପକୁ ନୟନତାରାରେ ଆବଦ୍ଧ କରି ରଖିବାର ଦୁର୍ଦ୍ଦମନୀୟ ଅଜ୍ଞାତ ତାଡ଼ନାବଶତଃ ଗୃହୀ ବା ଗୃହିଣୀ ନାରୀ ବା ପୁରୁଷର ମୁହଁକୁ ଆତ୍ମହରା ଦୃଷ୍ଟିରେ ଅନାଇ ରହନ୍ତି । ଚିର -ସୁନ୍ଦରଙ୍କର ଚିର ମଧୁର ସ୍ପର୍ଶ ପାଇବା ଲାଗି ସନ୍ନ୍ୟାସପନ୍ଥୀ ନିବୃତ୍ତିକୁ ଓ ଗାର୍ହସ୍ଥ୍ୟପନ୍ଥୀ ପ୍ରବୃତ୍ତିକୁ ଉପାୟରୂପେ ଗ୍ରହଣ କରନ୍ତି । ସେହି ଗୋଟିଏ ମାତ୍ର ପିପାସା, ସେହି ଗୋଟିଏ ମାତ୍ର ଅତୃପ୍ତି ଉଭୟଙ୍କୁ କଷାଘାତ କରି ଉଲ୍‌କା ବେଗରେ ଦୌଡ଼ାଇବାରେ ଲାଗିଛି । ଶ୍ରୀ ଭଗବାନ ସେହି ପିପାସାର ପରମ ପରିତୃପ୍ତି । କଣ୍ଟକମୟ ନିବୃତ୍ତି ମାର୍ଗରେ ଯାଅ ବା ଉଦ୍ଦାମ - ଗତିସମ୍ପନ୍ନ ପ୍ରବୃତ୍ତି ରଥାରୂଢ଼ ହୁଅ, ଭଗବାନଙ୍କୁ ପାଇଲେ ଯାଇ ସବୁ ଶ୍ରମ ସାର୍ଥକ ହେବ ଓ ସବୁ କଷ୍ଟର ଅବସାନ ଘଟିବ, ନ ହେଲେ କେବଳ ଅବସାଦ ହିଁ ଲଲାଟ-ଲିଖନ । ଭୋଗବିମୁଖ ଚିର-ବ୍ରହ୍ମଚାରୀ ସନ୍ନ୍ୟାସୀ ଯଦି ଭଗବାନଙ୍କୁ ଭୂଲି ନିବୃତ୍ତି-ଧର୍ମର ଅନୁଶୀଳନ କରନ୍ତି ତେବେ ସେ ଖାଲି ଭୂଆଁ ବୁଲିବା ସାର ହେବ । ସେହିପରି ଏକମାତ୍ର ଭଗବାନ ହିଁ କ୍ଷୁଧାର ଅନ୍ନ ଓ ତୃଷାର ଜଳ ବୋଲି ନ ଜାଣି ଗୃହୀ ଯଦି ପ୍ରବୃତ୍ତି ଧର୍ମର ଅନୁଶୀଳନ କରେ ତେବେ ସେ ସୁନ୍ଦରଙ୍କୁ ଦେଖିବାକୁ ଇଚ୍ଛା କରି କେବଳ କୁତ୍ସିତ ପ୍ରତି ଲୋଲୁପ ଦୃଷ୍ଟି ନିକ୍ଷେପ

କରିବ; ସୁନ୍ଦରଙ୍କ ସ୍ପର୍ଶ ଲାଭ କରିବାକୁ ଯାଇ ସେ କେବଳ ଅସୁନ୍ଦରଙ୍କୁ ଆଲିଙ୍ଗନ କରି ବସିବ, ଚନ୍ଦନ ବୋଲି ହେବାକୁ ଯାଇ ସେ ସର୍ବାଙ୍ଗରେ କେବଳ ପୂତି-ଗନ୍ଧମୟ ପୂରିଷ ହିଁ ଲେପନ କରିବ; ସୁନ୍ଦରଙ୍କ ରସ ସମୁଦ୍ରରେ ଲମ୍ଫ ଦେବାକୁ ଯାଇ ସେ ଅସୁନ୍ଦରର କାମ କୂପରେ ବୁଡ଼ି ମରିବ । କିନ୍ତୁ ତତ୍ତ୍ୱଜ୍ଞ ଗୃହାଶ୍ରମୀ ଯେତେବେଳେ ବୁଝି ପାରିବେ ଯେ ଏକମାତ୍ର ଭଗବାନ ହିଁ ସକଳ ସୌନ୍ଦର୍ଯ୍ୟ-ପିପାସାର ପରମ-ତୃପ୍ତି, ସେତିକିବେଳେ ପୁରୁଷ ପକ୍ଷରେ ନାରୀର ସଙ୍ଗ ବା ନାରୀ ପକ୍ଷରେ ପୁରୁଷର ସଙ୍ଗ ଆଉ ପ୍ରବଞ୍ଚନାର-ସଂକୁଳ ଓ ମରୀଚିକାଧର୍ମୀ ହେବ ନାହିଁ । ପରସ୍ପରକୁ ଶ୍ରୀ ଭଗବାନଙ୍କର ରୂପବିଗ୍ରହ ଓ ରସବିଗ୍ରହ ବୋଲି ଜାଣି ନରନାରୀ ଯେତେବେଳେ ଦେହର ମନର ଓ ଆତ୍ମାର ସମ୍ମିଳନ ସାଧନ କରନ୍ତି, ସେତେବେଳେ ପ୍ରେମବନ୍ୟାରେ କାମ ନିଜର ସତ୍ତା ହରାଇ ବସେ, ଦେହାନୁଭୂତି ଜନିତ ଚଞ୍ଚଳତା ଓ ବିଷୟ ସୁଖର ଆବିଳତା, ବ୍ରହ୍ମାନୁଭୂତି ଓ ଭୂମାନନ୍ଦଦ୍ୱାରା ଶତଧା ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଏ, ସମ୍ମିଳିତ ନରନାରୀ ଦେହକୁ କ୍ଷୟକରି ମଧ୍ୟ ପରମ ଅକ୍ଷୟ ବ୍ରହ୍ମତତ୍ତ୍ୱର ହିଁ ଅନୁଶୀଳନ କରନ୍ତି । ସେତେବେଳ ଶ୍ରୀ ଭଗବାନ ଉଭୟଙ୍କର ପ୍ରତି ଶ୍ୱାସପ୍ରଶ୍ୱାସରେ, ଉଭୟଙ୍କର ଦେହ ଓ ମନରେ ଓତଃପ୍ରୋତ ଭାବରେ ବିରାଜିତ ହୋଇ ମୈଥୁନରୂପକ ପଶୁଧର୍ମକୁ ଜଗତ୍‌କଲ୍ୟାଣକର ଦେବ ଧର୍ମରେ ପରିଣତ କରନ୍ତି ଏବଂ ନରନାରୀଙ୍କର ପ୍ରତ୍ୟେକ ଅଙ୍ଗ ସଂଚାଳନର ଆଢୁଆଳରେ ଥାଇ ଶ୍ରୀ ଭଗବାନ ନିଜର ସର୍ବବ୍ୟାପୀ ଅସ୍ତିତ୍ୱ ଓ ଆତ୍ମପ୍ରକାଶ ପ୍ରୟାସକୁ ମୈଥୁନପରାୟଣ ଦମ୍ପତିଙ୍କ ପାଖରେ ନିୟତ ଅନୁଭୂୟମାନ କରି ସେମାନଙ୍କର ପ୍ରାକୃତ ଜନୋଚିତ କାମ ଚେଷ୍ଟାକୁ ମଧ୍ୟ ଅପାର୍ଥିବ ପ୍ରେମ ସାଧନାରେ ରୂପାନ୍ତରିତ କରି ଦିଅନ୍ତି । ପ୍ରକୃତରେ କହିବାକୁ ଗଲେ ଦେହ ଯେତେବେଳେ ସୁପ୍ତ, କେବଳ ଆତ୍ମା ହିଁ ସେତେବେଳେ ଜାଗ୍ରତ ଏବଂ ଆତ୍ମାର ନିର୍ବିଷୟ ଆନନ୍ଦ ମାଧ୍ୟମରେ ଦେହ ନିଜର ଅଜ୍ଞାତସାରରେ ସନ୍ତାନଜନନ ଓ ସନ୍ତାନ ପ୍ରସବ କରିଚ୍ଛଲେ । ଏହିପରି ଭାବରେ ଭଗବତ ପ୍ରେମ ମାଧ୍ୟମରେ ସ୍ୱାମୀ-ସ୍ତ୍ରୀର ଦେହ ଜଗତର ନୟନାନନ୍ଦ ବର୍ଦ୍ଧନଲାଗି ନିଜ ନିଜର ନିତ୍ୟସୁନ୍ଦର ପିପାସାକୁ ପୁତ୍ର ବା କନ୍ୟାରୂପେ ବିଗ୍ରହାନ୍ୱିତ କରିଥାନ୍ତି । ଏହାହିଁ ବିବାହିତର ସାଧନା ।

ଭଗବତ୍ ସାଧନା ହିଁ ମୂଳ ଲକ୍ଷ୍ୟ

ଏକମାତ୍ର ଭଗବତ୍ ସାଧନା ଯେଉଁଠି ଲକ୍ଷ୍ୟ, ସେଠାରେ ସନ୍ତାନ ସନ୍ତତି ଜନ୍ମ ନ ହେଲେ ବା କ୍ଷତି କଣ ? ବହୁ ଭାଗ୍ୟବାନ ଦମ୍ପତି ଦେହ ଧର୍ମର ଅନୁଶୀଳନରେ ମଗ୍ନ ହୋଇ ମଧ୍ୟ ଅପତ୍ୟଜନନ କଥା ଆମରଣ ଭୁଲିଯାଇଛନ୍ତି । ଆଉ ମଧ୍ୟ ଅଗଣିତ ସାଧକ-ସାଧିକା ପୁତ୍ରକନ୍ୟା ଜନ୍ମ କରି ମଧ୍ୟ ଆତ୍ମା ଉପରେ ପ୍ରଭାବ ବିସ୍ତାର କରିବା ଅବକାଶ ଦେହକୁ ଦେଇନାହାନ୍ତି । ଚିରସୁନ୍ଦର ଭଗବାନଙ୍କୁ ପାଇବା ଲାଗି ଯେତିକି ବୈଶିଷ୍ଟ୍ୟ-ସଞ୍ଚୟ ପ୍ରୟୋଜନ, ସେତିକି ସେମାନେ ନିଜ ନିଜ ଦେହ ଓ ମନରେ ସଞ୍ଚୟ କରିଛନ୍ତି ଏବଂ କବି ବା ଚିତ୍ରକର ଯେପରି ଚିରସୁନ୍ଦରଙ୍କୁ ପାଇବାର ପିପାସାକୁ ରୂପାୟିତ କରିବାର ଆବେଗ ଓ ଆବେଶରେ କବିତା ବା ଚିତ୍ର ରଚନା କରିଥାନ୍ତି, ଏମାନେ ସେହିପରି ଭଗବାନଙ୍କୁ ଅନୁଭବ କରିବାର ଆବେଗ ଓ ଆବେଶରେ ମୈଥୁନରତ ହୋଇ ଦେହ ଓ ମନର ବିଶିଷ୍ଟତାକୁ ସନ୍ତାନସନ୍ତତିଙ୍କଠାରେ ସଂକ୍ରମିତ କରି ନିତ୍ୟନୂତନ ସୌନ୍ଦର୍ଯ୍ୟ ବିଗ୍ରହ ସୃଷ୍ଟି କରିଥାନ୍ତି । କିନ୍ତୁ ଅନ୍ତରରେ ପରିପୂର୍ଣ୍ଣ ରସାନୁଭୂତି ଥିଲେ ବି ମହାରସିକ ବ୍ୟକ୍ତି ଯେପରି ରେଖା ବା ଶବ୍ଦ ଉପରେ ନିଜର ପୂର୍ଣ୍ଣ କର୍ତ୍ତୃତ୍ୱ ପ୍ରତିଷ୍ଠା କରିବାକୁ ସମର୍ଥ ହେବା ପୂର୍ବରୁ ଚିତ୍ର ବା କାବ୍ୟ ମାଧ୍ୟମରେ ନିଜର ଅନ୍ତରର ଅନୁଭୂତିକୁ ବିକଶିତ କରିପାରନ୍ତି ନାହିଁ, ଠିକ ସେହିପରି ଶରୀର ଓ ମନର ପ୍ରତ୍ୟେକଟି ସ୍ପନ୍ଦନ ଉପରେ ଆତ୍ମକର୍ତ୍ତୃତ୍ୱ ପ୍ରତିଷ୍ଠିତ ହେବା ପୂର୍ବରୁ ନରନାରୀ ସେମାନଙ୍କର ସନ୍ତାନସନ୍ତତିମାନଙ୍କ ମୁଖଶ୍ରୀରେ ନିଜ ନିଜର ମୁଖଶ୍ରୀ ସେମାନଙ୍କର ହୃଦୟରେ ନିଜ ନିଜର ହୃଦୟ ଓ ସେମାନଙ୍କର ଅନୁଭୂତିରେ ନିଜ ନିଜର ଅନୁଭୂତିକୁ ପ୍ରସ୍ଫୁଟିତ କରିପାରନ୍ତି ନାହିଁ ।

ଅନେକଙ୍କ ଭିତରେ ଚିତ୍ରକର ହେବା ଭଳି ଉପାଦାନ ଥାଏ କିନ୍ତୁ ସେମାନେ ବହୁ ବର୍ଷ ବ୍ୟାପୀ ପ୍ରାଣ ପଣେ ରେଖାର ସାଧନା ନ କଲେ ସେମାନଙ୍କ ଅନ୍ତରର ସୁପ୍ତ ପ୍ରତିଭା ପୂର୍ଣ୍ଣ ଜାଗ୍ରତ ହୁଏ ନାହିଁ । ଅନେକଙ୍କ ଭିତରେ କବି ହେବାପାଇଁ ଉପାଦାନ ଥାଏ କିନ୍ତୁ ବହୁ ବର୍ଷ ବ୍ୟାପୀ ଏକନିଷ୍ଠ ପ୍ରଯତ୍ନରେ ଶବ୍ଦ ଶକ୍ତିର ସାଧନା ନକଲେ ସେମାନଙ୍କ କବିତ୍ୱ-ଶକ୍ତିର ସମ୍ୟକ୍ ବିକାଶ ଘଟେ ନାହିଁ ।

ଠିକ୍ ସେହିପରି ପ୍ରତ୍ୟେକଙ୍କ ଭିତରେ ସନ୍ତାନଜନନ ସାମର୍ଥ୍ୟ ଥାଏ

କିନ୍ତୁ ନିରଳସ ଭାବରେ ବର୍ଷ ବର୍ଷ ବ୍ୟାପୀ ଦେହ ଓ ମନର ସ୍ପନ୍ଦନର ଯଥୋଚିତ ସାଧନା ନ କଲେ ସୃଜନ-ସୃଷ୍ଟିର ପ୍ରକୃତ ଶକ୍ତି ଉନ୍ମେଷିତ ହୁଏ ନାହିଁ । ଅପରିସୀମ ଅଧ୍ୟବସାୟ ଓ ଏକନିଷ୍ଠା ସହକାରେ ସରଳରେଖା, ବକ୍ରରେଖା, ତ୍ରିଭୁଜ, ଚତୁର୍ଭୁଜ, ଅଷ୍ଟଭୁଜ, ବହୁଭୁଜ ବୃତ୍ତ ଇତ୍ୟାଦି ଅଙ୍କନ କରୁ କରୁ ଚିତ୍ରକର ଯେପରି କ୍ରମଶଃ ଚିତ୍ର ମାଧ୍ୟମରେ ମନର ନିଗୂଢ଼ ଭାବଟିକୁ ପ୍ରକାଶ କରିବା କ୍ଷମତା ଲାଭ କରେ, ଗଭୀର ମନଯୋଗ ଓ ଆଗ୍ରହ ସହକାରେ ଶବ୍ଦ ଶକ୍ତିର ଅନୁଶୀଳନ କରୁ କରୁ ଓ ମନଯୋଗ ମନୋଗତ ଭାବକୁ ପ୍ରକାଶ କରିବାକୁ ନିରବଚ୍ଛିନ୍ନ ଚେଷ୍ଟା ଫଳରେ କବି ଯେପରି କାଳକ୍ରମେ ଗଭୀରତର ଭାବଗୁଡ଼ିକୁ ମଧ୍ୟ ସୁସ୍ପଷ୍ଟ ଓ ସୁନ୍ଦର ଭାବରେ ପ୍ରକାଶ କରିବାକୁ ସମର୍ଥ ହୁଏ, ଠିକ୍ ସେହିପରି ଦୀର୍ଘକାଳ ବ୍ୟାପୀ ନିଷ୍ଠା ଓ ନିୟମ ସହକାରେ ଦେହ ଓ ମନର ଶକ୍ତି-ସ୍ପନ୍ଦନ-ଗୁଡ଼ିକର ସାଧନ କରୁ କରୁ ସନ୍ତାନ ମାଧ୍ୟମରେ ନିଜର କଲ୍ୟାଣମୟୀ ବିଶିଷ୍ଟତାକୁ ବିକାଶ କରିବାର ସ୍ୱାଭାବିକ କ୍ଷମତାର ପ୍ରସ୍ଫୁରଣ ଘଟିଥାଏ । ସାଧନାହୀନ ଚିତ୍ରକର ଯେତେ ମାପିଚୁପି, ଯେତେ ସାବଧାନତା ସହକାରେ ଯେତେ ସନ୍ତର୍ପଣରେ ତୂଳିରେ ରେଖାଙ୍କନ କରୁ ପଛକେ ତାର ଚିତ୍ର ଯେପରି ଅନ୍ତରର ଭାବ ପ୍ରକାଶ କରିବାକୁ ଅସମର୍ଥ ହୁଏ, ସାଧନା ହୀନ କବି ଯେତେ ଯତ୍ନରେ ଅକ୍ଷର ଗଣି ଗଣି ଭାଷାର ଛନ୍ଦୋବଦ୍ଧ ରକ୍ଷାକରୁ ପଛକେ ଓ ଯେତେ କଷ୍ଟ ସ୍ୱୀକାର କରି କବିତାର ବିଭିନ୍ନ ପଦରେ ଧ୍ୱନିର ସାମ୍ୟ ରକ୍ଷା କରୁ ପଛକେ ତାର କବିତା ଯେପରି କୌଣସି ସୌନ୍ଦର୍ଯ୍ୟ ରସ ସୃଷ୍ଟି କରିବାକୁ ଅକ୍ଷମ ହୁଏ, ସେହିପରି ଯେଉଁ ନରନାରୀମାନେ ଦେହ ଓ ମନର ସ୍ପନ୍ଦନଶକ୍ତିର ସାଧନା ନ କରନ୍ତି, ସେହି ଅତପସ୍ୱୀ ବ୍ୟକ୍ତିବୃନ୍ଦ ସନ୍ତାନ-ଜନନ ବେଳେ ପାଞ୍ଜି ଦେଖି ଯେତେ ରାଶି ନକ୍ଷତ୍ର ଓ ଶୁଭ ମୂହୂର୍ତ୍ତର ହିଶାବ-କିତାବ କରନ୍ତୁ ପଛକେ, ସେମାନେ ସେମାନଙ୍କ ଉତ୍କୃଷ୍ଟ ଚିନ୍ତା ଉତ୍କୃଷ୍ଟ ଅନୁରାଗ ଓ ରୁଚି ଗୁଡ଼ିକ ସନ୍ତାନ-ସନ୍ତତିଙ୍କ ମଧ୍ୟରେ ପ୍ରସ୍ଫୁଟିତ କରିପାରନ୍ତି ନାହିଁ । କିନ୍ତୁ ଯେଉଁ ବ୍ୟକ୍ତି ଯଥାଯଥ ଭାବରେ ରେଖାର ସାଧନା କରିଥାଏ, ତାର ତୂଳୀ ଯଥେଚ୍ଛା ଚାଳିତ ହେଲେ ବି ତାହା ସୌନ୍ଦର୍ଯ୍ୟର ଅସରନ୍ତି ଉତ୍ସର ମୁହଁ ଖୋଲିଦିଏ । ଯେଉଁ ବ୍ୟକ୍ତି ଶବ୍ଦ ଶକ୍ତିର ଯଥାଯଥ ସାଧନା କରି ଥାଆନ୍ତି ତାଙ୍କ ଲେଖନୀ ଅତର୍କିତ ଭାବରେ ଚାଳିତ ହେଲେ ମଧ୍ୟ ଶ୍ରେଷ୍ଠ କାବ୍ୟ

ସୃଷ୍ଟି କରିଥାଏ ଓ କବିତ୍ୱ ମଧୁଭଣ୍ଡାର ଆବରଣ ଉନ୍ମୋଚନ କରିଥାଏ ।ଠିକ୍ ସେହିପରି ଯେଉଁ ବ୍ୟକ୍ତି ଦେହ ଓ ମନର ଆଭ୍ୟନ୍ତରିଣ ଓ ବାହ୍ୟିକ ସ୍ପନ୍ଦନ ଗୁଡ଼ିକର ସାଧନା ନିପୁଣ ଭାବରେ କରି-ଥାଆନ୍ତି, ତାଙ୍କର ଅନବଧାନ ଅପତ୍ୟୋତ୍ପାଦନ ଦ୍ୱାରା ମଧ ଜଗତରେ ସୁଖ, ସୌଭାଗ୍ୟ ଓ ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଥାଏ । ଖାଲି ତୂଳି ଚାଳନା କଲେ ସୌନ୍ଦର୍ଯ୍ୟ ସୃଷ୍ଟି ହୁଏ ନାହିଁ , ଆଗେ ତୂଳି ଚଳାଇବା ସାଧନା କରିବା ଚାହି । ଖାଲି ଦେହ ଓ ମନର ସ୍ପନ୍ଦନକୁ ସନ୍ତାନ-ଜନନ କାର୍ଯ୍ୟରେ ନିଯୋଜିତ କଲେ ସୃଜନ-ସୃଷ୍ଟି ହୁଏ ନାହିଁ । ଦେହ ଓ ମନର ଯାବତୀୟ ଆଲୋଡନ ଓ ସ୍ପନ୍ଦନକୁ ଈଶ୍ୱରାନୁଗତ, ଭଗବତ୍-ପ୍ରେମ-ରସାଣିତ ଓ ସାକ୍ଷାତ ଈଶ୍ୱରାବସ୍ଥିତିର ପ୍ରତ୍ୟକ୍ଷ ଅନୁଭୂତିଯୁକ୍ତ କରିବା ଲାଗି ସମଗ୍ର ସ୍ପନ୍ଦନର ମୂଳିଭୂତ ଶକ୍ତିର ସାଧନା ଆଗେ କରିବାକୁ ହୁଏ । ଏହି କାରଣରୁ ମାନବ ସମାଜରେ ବିବାହ ଯେତେବେଳେ ରସସାଧନା ବା ସୌନ୍ଦର୍ଯ୍ୟ ସୃଷ୍ଟିର ଆଦର୍ଶ ରୁପେ ଗୃହୀତ ହେବ ସେତେବେଳେ ବିବାହିତର ବ୍ରହ୍ମଚର୍ଯ୍ୟ ସାଧନ ଜୀବନର ମୂଳଭିତ୍ତି ରୂପେ ଅବସ୍ଥାନ କରିବ । କାରଣ ବ୍ରହ୍ମଚର୍ଯ୍ୟ ମାଧମରେ ନର ନାରୀଙ୍କ ଦେହ ମନ ଉପରେ କର୍ତ୍ତୃତ୍ୱ ପ୍ରତିଷ୍ଠିତ ହେବ ଓ ଜୀବନ ଆନନ୍ଦର ନିକେତନ ହେବ । ଯେଉଁ କୌଶଳ ଓ ନୈପୁଣ୍ୟର ଅଧିକାରୀ ହେଲେ ନରନାରୀ ସେମାନଙ୍କ କଲ୍ୟାଣ-ସାଧନାକୁ ବଂଶାନୁକ୍ରମ ଧାରାରେ ପ୍ରବାହିତ କରିବାକୁ ସମର୍ଥ ହେବେ, ବିହାହିତର ବ୍ରହ୍ମଚର୍ଯ୍ୟ ପ୍ରୟାସ ସେହି କୌଶଳ ଓ ନୈପୁଣ୍ୟର ସମାବେଶ ଦ୍ୱାରା ଦମ୍ପତିଙ୍କ ଜୀବନକୁ ମାନବର ପରିପୂର୍ଣ୍ଣ ଗୌରବରେ ବିମଣ୍ଡିତ କରିବ । ଯେହେତୁ ବ୍ରହ୍ମଚର୍ଯ୍ୟ ପ୍ରତି ଅନୁରକ୍ତ ତଥା ବ୍ରହ୍ମଚର୍ଯ୍ୟ ପାଳନ ଲାଗି ଚେଷ୍ଟିତ ଦମ୍ପତି ହିଁ ନିଜ ନିଜର ପ୍ରତ୍ୟେକ ଦାମ୍ପତ୍ୟ ବ୍ୟବହାର ଭିତରେ ନିଜ ନିଜକୁ ଅନାସକ୍ତ ; ଉଦାସୀନ ବା ଦ୍ରଷ୍ଟବ୍ୟ ରୂପେ ରଖି ମଧ କେଉଁ ପ୍ରକ୍ରିୟାର ପରମ ଫଳ କଣ, କେଉଁ ପ୍ରଚେଷ୍ଟାର ଚରମ କୁଶଳ କଣ, କେଉଁ ପଥରେ ଶରୀରକୁ ଚାଳନା କଲେ ଜୈବ ଧର୍ମର ଅନୁଶୀଳନ ସତ୍ତ୍ୱେ ଜୈବୀ ଲାଳସାର ବଶବର୍ତ୍ତୀ ନ ହୋଇ ଚଳିବା ସମ୍ଭବପର ତାର ସଫଳ ଅନୁଶୀଳନ ଓ ପନ୍ଥା ଉନ୍ମୋଚନ କରିବାକୁ ସମର୍ଥ ହୋଇ ପାରିବେ । ସାଧାରଣ ଦମ୍ପତି ଇନ୍ଦ୍ରିୟ ସେବା କଲାବେଳେ ତାଙ୍କ ମନ ସଂସାର ନିଶାରେ ମଜ୍ଜି ରହେ ।

ତାର ଅନୁଭୂତି ଅନ୍ଧ ହୋଇଥାଏ । ଜାଗ୍ରତ ଥାଇ ମଧ୍ୟ ସେ ଲକ୍ଷ୍ୟ କରିବା ସାମର୍ଥ୍ୟ ହରାଇ ବସନ୍ତି ଯେ କେଉଁ କେଉଁ ରୀତି ବା ପଦ୍ଧତି ଅନୁସରଣ କଲେ ଦେହକୁ ଚୂଡାନ୍ତ ପରିତୃପ୍ତି ଦେଇ ମଧ୍ୟ ବିଶ୍ୱର ପ୍ରକୃଷ୍ଟତମ ଆନନ୍ଦରେ ଚରମତମ ମାଧୂର୍ଯ୍ୟରେ ଓ ଶ୍ରେଷ୍ଠତମ ଧ୍ୟାନରେ ଲଗାଇ ରଖିବା ସମ୍ଭବ । ଦମ୍ପତିର ସେ ମିଳନ ଯେ କେବଳ ଦୁଇଟି ଭୋଗାଙ୍ଗର ମିଳନମାତ୍ର ନୁହେଁ । ଏହାର ଲକ୍ଷ୍ୟ ଯେ ପ୍ରାଣ ସହିତ ପ୍ରାଣର, ଆତ୍ମା ସହିତ ଆତ୍ମାର, ଦୁଇଟି ବିଚ୍ଛିନ୍ନ ସତ୍ତାର ଏପରି ପରିପୂର୍ଣ୍ଣ ମିଳନ ଓ ପରିପୂର୍ଣ୍ଣ ଅଭିନ୍ନତା ସାଧନ ଯେଉଁ ଅଭିନ୍ନତା କି ଅନନ୍ତକାଳ ବ୍ୟାପୀ ରହିଥିବ, ଏ କଥାଟି ସେ ମନେରଖି ପାରନ୍ତି ନାହିଁ । ନିଜ ସୁଖ ଟିକକ ଆଦାୟ କରିନେବା ଯେ ଏହି ମିଳନର ଉଦ୍ଦେଶ୍ୟ ନୁହେଁ, ଏହି ଅବସରରେ ଉଭୟଙ୍କ ମନକୁ ତୁଚ୍ଛତମ ସ୍ୱାର୍ଥପରତାର ବହୁ ଉର୍ଦ୍ଧ୍ୱକୁ ଘେନି ଯିବା ଯେ ଏହି ମିଳନର ଉଦ୍ଦେଶ୍ୟ, ଏ କଥାଟି ସେ ଭୂଲି ଯାଆନ୍ତି । ସ୍ୱାମୀ ସହିତ ଏକାତ୍ମସାଧନର ପ୍ରୟୋଜନୀୟତା ଲାଗି ଯେ ସ୍ତ୍ରୀ ନିଜକୁ ବଳି ଦେଉଛି ଏବଂ ସ୍ତ୍ରୀ ସହିତ ଆତ୍ମାର ଅଭିନ୍ନତା ସାଧନ ଉଦ୍ଦେଶ୍ୟରେ ସ୍ୱାମୀ ଯେ ନିଜକୁ ଉତ୍ସର୍ଗ କରି ଦେଉଛି, ଏକଥାଟି ଅବ୍ରହ୍ମଚାରୀ ଦମ୍ପତି ଭୁଲି ଯାଆନ୍ତି । ଫଳତଃ ସହବାସ ସୌନ୍ଦର୍ଯ୍ୟ-ବୋଧ ସୃଷ୍ଟି ନକରି ବିଭତ୍ସ କଦର୍ଯ୍ୟତାର ରୂପ ପରିଗ୍ରହଣ କରେ ଓ ସେହି ହେତୁରୁ ଏହା ଭଗବାନଙ୍କ ଲୀଳାର ଐକଗୀତି ନହୋଇ ଭୁତପ୍ରେତମାନଙ୍କର ଛନ୍ଦୋହୀନ ତାଣ୍ଡବ ନୃତ୍ୟରେ ପରିଣତ ହୁଏ । ପରନ୍ତୁ ପ୍ରକୃତ ରସଜ୍ଞ ଦମ୍ପତିଙ୍କ ହାତ ମୁଠାରେ ଯେତେବେଳେ ଯୌନ ଜୀବନ ଅନୁଗତ ଭୃତ୍ୟ ଭଳି ବିଧୃତ ହୁଏ ସେତେବେଳେ ଯାନ୍ତବତା ସୁଲଭ ପୂତିଗନ୍ଧ ବିଦୁରିତ ହୋଇଯାଏ । ଦମ୍ପତିଙ୍କର ପ୍ରତି ହୃତ୍‌ସ୍ପନ୍ଦନ, ଦୃକ୍‌ପାତ, ସ୍ପର୍ଶସୁଖ, ପରିରମ୍ଭନ, ବାକ୍‌ସ୍ଫୁରଣ ଇତ୍ୟାଦି ସତେ ଯେପରି ଏକ ଅନିନ୍ଦ୍ୟ ସୁନ୍ଦର ଦିବ୍ୟ ଜଗତର ବାର୍ତ୍ତା ବହନ କରି ଆଣେ । ଏହି କାରଣରୁ ବିବାହିତର ବ୍ରହ୍ମଚର୍ଯ୍ୟ ସାଧନ ଆବଶ୍ୟକ ।

ବିବାହିତ ବ୍ରହ୍ମଚର୍ଯ୍ୟ ସମ୍ବନ୍ଧେ ପ୍ରଚଳିତ ଆପତ୍ତି ସମୂହ

ବିବାହିତର ବ୍ରହ୍ମଚର୍ଯ୍ୟର ମହିମା କୀର୍ତ୍ତନ କରିବାକୁ ଗଲାବେଳ ସେ ସଙ୍କ୍ରାନ୍ତରେ ଯେଉଁସବୁ ଆପତ୍ତିର ସମ୍ମୁଖୀନ ହେବାକୁ ପଡିଛି, ସଂକ୍ଷେପରେ କହିବାକୁ ଗଲେ ସେଗୁଡିକ ହେଉଛି -

[କ] ବିବାହିତ ବ୍ୟକ୍ତି ପକ୍ଷରେ ବ୍ରହ୍ମଚର୍ଯ୍ୟ ପାଳନ ଅସମ୍ଭବ । କାରଣ ଭୋଗ ସାମ୍‌ଗ୍ରୀ ତାର ହାତମୁଠାରେ ରହିଛି । କ୍ଷୁଧାର୍ତ୍ତ ବ୍ୟକ୍ତି ଖାଦ୍ୟ ପାନୀୟ ପାଇଲେ କଣ ରସନା ସଂଯତ କରି ପାରିବ ?

[ଖ] ବିବାହିତ ପୁରୁଷମାନେ ମୈଥୁନରେ ଅନାଶକ୍ତ ହେଲେ ସେମାନଙ୍କ ସ୍ତ୍ରୀମାନେ କାମ-ଚରିତାର୍ଥ କରିବା ଲାଗି ଅବୈଧ ପନ୍ଥା ଅନୁସରଣ କରିବେ ।

[ଗ] ବିବାହିତ ନାରୀମାନେ ସ୍ୱାମୀର ଭୋଗ ଇଚ୍ଛାରେ ବାଧାଦେଲେ ସ୍ୱାମୀମାନେ ବାସନା ତୃପ୍ତି ଲାଗି କୁପଥଗାମୀ ହେବେ ।

[ଘ] ବିବାହିତ ବ୍ୟକ୍ତିମାନେ ବ୍ରହ୍ମଚର୍ଯ୍ୟ ପରାୟଣ ହେଲେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅନୁରାଗ ହ୍ରାସ ପାଇବ ଓ ତା ଫଳରେ ସାଂସାରିକ ସୁଖ ନଷ୍ଟ ହେବ ।

[ଙ] ବିବାହିତ ବ୍ୟକ୍ତିମାନେ ବ୍ରହ୍ମଚର୍ଯ୍ୟ ପରାୟଣ ହେଲେ ଦେଶର ଲୋକସଂଖ୍ୟା କମିଯିବ ଓ ଫଳରେ ଜାତୀୟ ଅଧୋଗତି ଘଟିବ ।

[ଚ] ଦାମ୍ପତ୍ୟ ଜୀବନରେ ମୈଥୁନ ବର୍ଜନ କଲେ ସ୍ୱାମୀ ବା ସ୍ତ୍ରୀର ରୋଗ ହୋଇପାରେ ଓ ତା ଫଳରେ ପରମାୟୁ କମି ଯାଇପାରେ ।

ଉପରୋକ୍ତ ଆପତ୍ତିଗୁଡିକ ସମ୍ବନ୍ଧରେ ଆମର କଣ କହିବାକୁ ଅଛି ବର୍ତ୍ତମାନ ତାହାହିଁ ଦେଖାଯାଉ ।

[**କ**] ବିବାହିତ ବ୍ୟକ୍ତି ପକ୍ଷରେ ବ୍ରହ୍ମଚର୍ଯ୍ୟ ରକ୍ଷା ଅସମ୍ଭବ, ଏକଥା କେବଳ

ଚିନ୍ତାଶକ୍ତି ରହିତ ଆତ୍ମବିଶ୍ୱାସହୀନ ନିରୁଦ୍ୟମବ୍ୟକ୍ତି ମୁହଁରେ ଶୋଭା ପାଏ । କୌଣସି ଚିନ୍ତାଶୀଳ ଓ ଆତ୍ମଶକ୍ତିରେ ଆସ୍ଥାବାନ ବ୍ୟକ୍ତି ଖାଲି ଅସମ୍ଭବ ବୋଲି କହି ଗାର୍ହସ୍ଥ୍ୟ ଜୀବନରୁ ବ୍ରହ୍ମଚର୍ଯ୍ୟକୁ ନିର୍ବାସିତ କରି ପାରିବେ ନାହିଁ । ଏପର୍ଯ୍ୟନ୍ତ ଯେଉଁମାନେ ବିବାହିତ ଜୀବନ ଗ୍ରହଣ କରିନାହାଁନ୍ତି, ବେଳହୁଁ ସେସବୁ ତରୁଣ ତରୁଣୀମାନଙ୍କୁ ଯଦି ସଂଯମ ଅନୁକୂଳ ପକୃତ ସୁଶିକ୍ଷା ଦ୍ୱାରା ପ୍ରଭାବିତ କରି ଜୀବନର ଆଦର୍ଶ ଓ ଦାୟୀତ୍ୱ ସମ୍ବନ୍ଧେ ସଚେତନ କରାଯାଏ ତାହାହେଲେ ସେମାନଙ୍କ ମଧ୍ୟରୁ ଶତକଡା ପଞ୍ଚସ୍ତରୀ ଜଣ ବିବାହିତ ଜୀବନରେ ବ୍ରହ୍ମଚର୍ଯ୍ୟର ମର୍ଯ୍ୟାଦା ରକ୍ଷା କରି ଚଳିବାକୁ ଉଣା ଅଧିକେ ସମର୍ଥ ହେବେ । ଏହା କୌଣସି କଳ୍ପନା ବିଳାସୀର ଅଭିମତ ନୁହେଁ । କାରଣ ଯେଉଁମାନେ ପ୍ରକାଶ୍ୟରେ ବା ଗୋପନରେ ସଂଯମ ସାଧନାର ପ୍ରସାର ସାଧନ କଳ୍ପେ ଚେଷ୍ଟାରେ କୌଣସି ତ୍ରୁଟି କରିନାହାନ୍ତି ଏବଂ ବହୁ କ୍ଷେତ୍ରରେ ବିଫଳତା ସହିତ ସଂଗ୍ରାମ କରି ପରିଶେଷରେ ଗୋଟିଏ ଗୋଟିଏ ସିଦ୍ଧାନ୍ତକୁ ଗ୍ରହଣୀୟ ବା ବର୍ଜନୀୟ ବୋଲି ମାନି ନେଇଛନ୍ତି, ସେମାନଙ୍କର ପ୍ରତ୍ୟକ୍ଷ ଅଭିଜ୍ଞତା ଲବ୍ଧ ସିଦ୍ଧାନ୍ତ ସହିତ ଉପରୋକ୍ତ ଅଭୀମତ ନିଶ୍ଚୟ ଖାପ ଖାଇବ । ଏ ଯୁଗର ଅଧିକାଂଶ ବାଳକ ବାଳିକା ଅଂସଯମୀ ଗୃହୀଙ୍କର ସନ୍ତାନ ସନ୍ତତି ହୋଇଥିବାରୁ ଯେତେ ଶିକ୍ଷା ପାଇଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଶତକଡା ପଚିଶ ଜଣ ହୁଏତ ବିବାହିତ ଜୀବନରେ ବ୍ରହ୍ମଚର୍ଯ୍ୟର ମର୍ଯ୍ୟାଦା ରକ୍ଷାକରି ପାରିବେ ନାହିଁ ବୋଲି ଅନୁମିତ ହୁଏ । କିନ୍ତୁ ବିବାହିତ ଜୀବନକୁ ପବିତ୍ର ଓ କ୍ଲେଦମୁକ୍ତ କରିବାଲାଗି ଯଦି କେତେ ପୁରୁଷବ୍ୟାପୀ କ୍ରମାନ୍ୱୟ ଏକାଗ୍ର ଚେଷ୍ଟାଚାଲେ ତାହାହେଲେ ଏହି ଭାରତବର୍ଷରେ ଏପରି ଏକ ସମୟ ଆସିବ ହିଁ ଆସିବ ଯେତେବେଳେ ଶତକଡା ପଞ୍ଚାନବେ ବାଳକ ବାଳିକା ସଂଯମ ଅନୁକୂଳ ସତ୍‌ଶିକ୍ଷା ପାଇଲେ ବିବାହିତ ଜୀବନରୁ ଗୋପନତମ ଅଂଶଟିକକୁ ମଧ୍ୟ ପବିତ୍ରତା ଦୀପ୍ତ ରଖିପାରିବେ । ପାଠକବୃନ୍ଦଙ୍କର ସ୍ମୃତିଶକ୍ତିର ସହାୟତା କଳ୍ପେ ପୁନର୍ବାର ଏଠାରେ କହି ରଖୁଛି ଯେ ଗୃହୀର ବ୍ରହ୍ମଚର୍ଯ୍ୟ ଆବଶ୍ୟକୀୟ ମୈଥୁନର ବିରୋଧୀ ନୁହେଁ, କଲ୍ୟାଣ ଉଦ୍ଦେଶ୍ୟହୀନ, ବୃଥା ମୈଥୁନ ହିଁ ତାର ବ୍ରହ୍ମଚର୍ଯ୍ୟ ବିରୋଧୀ । 'ଯେଉଁ ମୈଥୁନ ସନ୍ତାନୋଦ୍ଦେଶ୍ୟହୀନ' ଯେଉଁ ମୈଥୁନ ଆତ୍ମିକ ମିଳନପ୍ରତି ଲକ୍ଷ୍ୟହୀନ, ଯେଉଁ ମୈଥୁନ ବୃହତ୍ତର ପ୍ରାପ୍ତିକୁ

ସହଜତର କରିବା ଲାଗି ଚେଷ୍ଟାହୀନ, ତାହାହିଁ ବୃଥା ମୈଥୁନ । ଯେଉଁ ସନ୍ତାନକୁ ସୁସ୍ଥ ସବଳଦେହ ଓ ମନର ଅଧିକାରୀ କରି ଭୂମିଷ୍ଠ କରି ନହେବ, ଯେଉଁ ସନ୍ତାନ ପାଇଁ ପୁଷ୍ଟିକର ଖାଦ୍ୟ ଓ ମନୁଷ୍ୟତ୍ୱ ବର୍ଦ୍ଧକ ସୁଶିକ୍ଷା ବ୍ୟବସ୍ଥା କରିବା ସମ୍ଭବପର ନହେବ, ସେଭଳି ସନ୍ତାନ ପାଇବା ପାଇଁ ମୈଥୁନରତ ହେଲେ ତାହା ବୃଥା ମୈଥୁନ ପର୍ଯ୍ୟାୟଭୁକ୍ତ ହେବ ।ବୃଥା ମୈଥୁନ ବିବାହିତାର ବ୍ରହ୍ମଚର୍ଯ୍ୟକୁ ନାଶକରେ । ସାର୍ଥକ ମୈଥୁନ ତା ବ୍ରହ୍ମଚର୍ଯ୍ୟର ପରିପନ୍ଥୀ ନୁହେଁ ।

ପଦ୍ଧତି ବଦ୍ଧ ଧାରାବାହିକ ଚେଷ୍ଟାଦ୍ୱାରା ପୂର୍ବାଭ୍ୟାସ ପରିବର୍ତ୍ତନ ସମ୍ଭବପର

ଉପଯୁକ୍ତ ଶିକ୍ଷାଦୀକ୍ଷା ପାଇବା ପୂର୍ବରୁ ଯେଉଁମାନେ ବିବାହିତ ଜୀବନ ଗ୍ରହଣ କରିଛନ୍ତି ସେମାନଙ୍କ ଭିତରେ ବ୍ରହ୍ମଚର୍ଯ୍ୟକୁ ପ୍ରତିଷ୍ଠିତ କରିବା କଠିନ ହେଲେ ମଧ୍ୟ ସବୁ କ୍ଷେତ୍ରରେ ତାହା ଅସମ୍ଭବ ନୁହେଁ । ମଦୁଆମାନେ ଦୁଧକୁ ହିତକର ବୋଲି ଜାଣିଲେ ବି ଦୁଧକୁ ଅନାଦର କରି ଯେ ମଦ ପ୍ରତି ଆସକ୍ତ ହୁଅନ୍ତି ତାର କାରଣ ସେମାନଙ୍କର ପୂର୍ବ ଅଭ୍ୟାସ । କିନ୍ତୁ ପଦ୍ଧତିବଦ୍ଧ ଭାବରେ ଧାରାବାହିକ ଚେଷ୍ଟାକରି ଚାଲିଲେ ମାତାଲର ଅଭ୍ୟାସ ପରିବର୍ତ୍ତନ ମଧ୍ୟ ସୁସମ୍ଭବ । ତ୍ରିପୁରା ଓ ଆସାମର ପାହାଡିଆ ଅଞ୍ଚଳରେ ଆମ୍ଭେମାନେ ଏକମାତ୍ର ଦୀକ୍ଷା ଉପଦେଶଦ୍ୱାରା ଶହଶହ ମଦ୍ୟପଙ୍କର ମଦ୍ୟପାନ ଛଡ଼ାଇ ପାରିଛୁ, ଏହା ପତ୍ୟକ୍ଷ ସତ୍ୟ ଘଟଣା । ମଦ୍ୟପାନର ଆସକ୍ତି ଛାଡ଼ିବାପାଇଁ ଆମେ କାହାକୁ କୌଣସି ଉପଦେଶ ଆଦୌ ଦେଇନାହୁଁ, କେବଳ ନାମର ଶକ୍ତିରେ ଏହା ସମ୍ଭବ ହୋଇପାରିଛି । ଫରିଦପୁର ନିବାସୀ ମହାପୁରୁଷ ପ୍ରଭୁ ଜଗବନ୍ଧୁ ଅତ୍ୟଳ୍ପ ସମୟ ମଧ୍ୟରେ ସ୍ଥାନୀୟ ସାନ୍ତାଳବଂଶୀୟ ଲୋକମାନଙ୍କ ମଧ୍ୟରେ ମଦ୍ୟପାନ ପ୍ରତି ଆସକ୍ତି ଲୋପକରି ପାରିଥିବା ଦେଖି ସୁଦୂର ବିଲାତରେ ମଧ୍ୟ ବିସ୍ମୟ ସୃଷ୍ଟି କରିଥିଲା । କେବଳ ନାମ-ସଂକୀର୍ତ୍ତନ ପ୍ରଭାବରେ ପ୍ରଭୁ ଜଗବନ୍ଧୁ ଏହି ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଆଣିପାରିଥିଲେ । କେବଳ 'ପିକେଟିଂ'ଦ୍ୱାରା ମହାତ୍ମାଗାନ୍ଧି ଯେ ମଦ୍ୟପମାନଙ୍କ ସଂଖ୍ୟା ହ୍ରାସ କରିବାକୁ ସମର୍ଥ ହୋଇଥିଲେ ତାର ଜାଜ୍ଜ୍ୱଲ୍ୟମାନ ପ୍ରମାଣ ତତ୍କାଳୀନ ସରକାରଙ୍କ ଅବକାରୀ ବିଭାଗ କାଗଜ ପତ୍ରରେ ରହିଛି । ମହାତ୍ମାଗାନ୍ଧୀଙ୍କର ବହୁ ସଂଖ୍ୟକ ସହକାରୀ

ନେତା ଓ ଅନୁଚର ଯଦି ଏହା ମତାଇବାରେ ବ୍ୟସ୍ତ ରହି ନଥାନ୍ତେ ଓ ବାଜେକାମରେ ଶକ୍ତିସାମର୍ଥ୍ୟ ଅପବ୍ୟୟ କରି ଅସଲ କାମବେଳକୁ ପଛଘୁଞ୍ଚା ଦେଇ ଖସି ଯାଇ ନଥାନ୍ତେ, ତେବେ ପନ୍ଦର କୋଡ଼ିଏ ବର୍ଷ ମଧ୍ୟରେ ଏ ଦେଶରୁ ମଦ୍ୟପାନ ପ୍ରତି ଆସକ୍ତି ଯେ ଚିରକାଳ ପାଇଁ ଲୋପ ପାଇ ଯାଇଥାନ୍ତା, ଏଥିରେ କୌଣସି ସନ୍ଦେହ ନାହିଁ । ଶହ ଶହ ବର୍ଷର ଅସାବଧାନତା ଓ ଅକୃତି ଆମପାଇଁ ଯେଉଁ ଦୁର୍ଗତି ପୁଞ୍ଜିଭୂତ କରି ରଖିଥିଲା, ଗୋଟିଏ ଫୁଙ୍କାରରେ ତାକୁ ଉଡ଼ାଇ ଦେବାକୁ ଚେଷ୍ଟା ନକରି ଧୀରସ୍ଥିର ଓ ବୁଦ୍ଧି କୌଶଳସମନ୍ୱିତ ଧାରାବାହିକ ଚେଷ୍ଟାଦ୍ୱାରା ବ୍ୟୁହବଦ୍ଧ ଭାବରେ ସଂଗଠିତ ଆକ୍ରମଣକରି ତାକୁ ପରାହତ କରିବା ଉଦ୍ୟୋଗ ଆଜି ଆମ୍ଭମାନଙ୍କୁ କରିବାକୁ ପଡ଼ିବ । ତାହା ହେଲେ ଯାଇ ଆମେ ଭାରତ ବର୍ଷକୁ ମନମୁତାବକ ଗଢ଼ି ପାରିବା । ବ୍ରହ୍ମଚର୍ଯ୍ୟ ପ୍ରତିଷ୍ଠା କରିବାକୁ ହେଲେ ସେହିଭଳି ସଂଘବଦ୍ଧ ଓ କୌଶଳ ପରିଚାଳିତ ଦୀର୍ଘକାଳବ୍ୟାପୀ ନିରବଚ୍ଛିନ୍ନ ପ୍ରୟାସ ପ୍ରୟୋଜନ । ନରନାରୀଙ୍କ କୌମାର ଜୀବନ ଓ ବିବାହିତ ଜୀବନରୁ କାମପଙ୍କିଳତାକୁ ନିର୍ବାସିତ କରିବା ପାଇଁ ଏହି କାର୍ଯ୍ୟରେ ସମର୍ପିତ ଯନ୍ ସନ୍ନ୍ୟାସୀକର୍ମୀବୃନ୍ଦ ହୋ ହଲ୍ଲାରେ ମାତି ନିତ୍ୟନୂତନ କର୍ମ ତାଲିକାର ମାଦକତାପ୍ରତି ଆକୃଷ୍ଟ ହେବା ପରିବର୍ତ୍ତେ ଯଦି ଶିଷ୍ୟପ୍ରଶିଷ୍ୟାନୁକ୍ରମେ ଏକନିଷ୍ଠ ଭାବରେ ଏହି ଚେଷ୍ଟାରେ ଲାଗିପଡ଼ିବେ ତାହାହେଲେଏକ ଶତାବ୍ଦୀ ମଧ୍ୟରେ ଭାରତୀୟ ଦାମ୍ପତ୍ୟଜୀବନ ଯେ ପ୍ରାୟ ସାର୍ବଜନୀନ ଭାବରେ ପ୍ରଦିପ୍ତ ସାଧନ ଜ୍ୟୋତିରେ ଜ୍ୟୋତିର୍ମୟ ଏକ ଦିବ୍ୟ ଜୀବନରେ ପରିଣତ ହୋଇଯିବ ଏଥିରେ ବିନ୍ଦୁମାନ ସନ୍ଦେହର ଅବକାଶ ନାହିଁ । ବର୍ତ୍ତମାନ ଅସଂଯତ କଦଭ୍ୟାସଗୁଡ଼ିର ପ୍ରକୃତ କାରଣ ଓ ପ୍ରକୃତି ସମ୍ବନ୍ଧେ ସଂପୂର୍ଣ୍ଣ ଅବଗତ ହୋଇ ଏହି ସବୁ ସନ୍ନ୍ୟାସୀ କର୍ମୀମାନେ ଯଦି ଏହାର ମୂଳୋତ୍ପାଟନ ପାଇଁ ସମଗ୍ର ପ୍ରୟାସ ପ୍ରୟୋଗ କରନ୍ତି ତାହାହେଲେ ଆଂଶିକ ସାଫଲ୍ୟ ତ ହାତେ ହାତେ ଥୁଆ ।ଏ କ୍ଷେତ୍ରରେ ସନ୍ନ୍ୟାସୀ କର୍ମୀଙ୍କ କଥା ବିଶେଷ ଭାବରେ କହିବାର ତାତ୍ପର୍ଯ୍ୟ ହେଉଛି ଏଇଆ ଯେ ପୁରୁଷାନୁକ୍ରମିକ ପ୍ରୟାସ ଦ୍ୱାରା ଯେଉଁ କାର୍ଯ୍ୟ ସମ୍ପାଦନ କରିବାକୁ ହେବ, ସେଥିପାଇଁ ଗୃହକର୍ମୀ ଅପେକ୍ଷା ସନ୍ନ୍ୟାସୀ କର୍ମୀଙ୍କର କର୍ମ-ସାମର୍ଥ୍ୟ ଅଧିକତର ଉପଯୋଗୀ ଓ ଏକନିଷ୍ଠ । କାରଣ ଯେଉଁଠି ଗୃହୀର ଜୀବନ-

ସାଧନ ପୁତ୍ରପୌତ୍ରାଦିକ୍ରମେ କ୍ୱଚିତ୍ କ୍ରମବର୍ଦ୍ଧିତ ହେବାର ସମ୍ଭାବନା ଥାଏ, ସେଠାରେ ସନ୍ନ୍ୟାସୀର ଜୀବନ-ସାଧନା ଶିଷ୍ୟପ୍ରଶିଷ୍ୟାନୁକ୍ରମେ ସର୍ବଦା ପରିମାର୍ଜିତ, ପରିବର୍ଦ୍ଧିତ ଓ ପରିସ୍ଫୁଟ ହେବାର ସମ୍ଭାବନା ଯଥେଷ୍ଟ ବେଶି ।

ଅଶିକ୍ଷା ଓ କୁଶିକ୍ଷା

ଏବର ବାଳକବାଳିକାମାନେ ବିବାହର ବହୁପୂର୍ବରୁ ସେମାନଙ୍କର ସୁରସିକ ଢେଙ୍କେ, ଗୋସିମା, ଭିଣୋଇ, ଭାଇଙ୍କ ଶଳାଠାରୁ ହସିଖୁସିରେ, ଥଟ୍ଟା ତାମସାରେ ବିବାହିତ ଜୀବନର କେବଳ ପଙ୍କିଳ ଛବିଟିକୁ ହିଁ ଦେଖି ଆସିଛନ୍ତି । ବିବାହିତ ଦମ୍ପତି ଏକ ଶଯ୍ୟାରେ ଶୟନ କରିବା ବ୍ୟବସ୍ଥା ଏପରି ଦୃଢ ମୂଳ ଓ ବାଧ୍ୟକର ଯେ ଆତ୍ମରକ୍ଷଣେଚ୍ଛୁ ବାଳକ ଉପରେ ଜୋର ଜବରଦସ୍ତି କରିବା ଓ ଅକାଳ-ମୈଥୁନଭୀତା ବାଳିକାକୁ ନିର୍ଦ୍ଦୟ ପ୍ରହାର କରିବାଟା ମଧ୍ୟଏହି ମରଣୋନ୍ମୁଖ ସମାଜର ଲକ୍ଷ୍ୟହୀନ ଦୃଷ୍ଟିରେ ଦୃଷ୍ଟିକଟୁ ବିବେଚିତ ହୁଏ ନାହିଁ । ଏକ ଦିଗରେ ଯେପରି ସତ୍‌ଶିକ୍ଷାର ଅଭାବ ଅଛି ଅନ୍ୟ ଦିଗରେ ସେହିପରି କୁଶିକ୍ଷାର ପ୍ରଭାବ ମଧ୍ୟ ରହିଛି । ଏହିପରି ଭାବରେ ଅଶିକ୍ଷା ଓ କୁଶିକ୍ଷାର ପ୍ରଭାବ ଯେ ବିବାହିତର ବ୍ରହ୍ମଚର୍ଯ୍ୟକୁ ସୁକଠିନକରିଛି ଏଥିରେ ସନ୍ଦେହ ନାହିଁ । ତଥାପି ମୁଁ କହିବି ଯେ ବିବାହିତ ପକ୍ଷରେ ବ୍ରହ୍ମଚର୍ଯ୍ୟ ପାଳନ ଅସମ୍ଭବ ନୁହେଁ । ଯେଉଁ ଦମ୍ପତିର ହୃଦୟ-କନ୍ଦରରେ ଶ୍ରୀଭଗବାନଙ୍କ ପାଇଁ କୌଣସିମତେ ଖଣ୍ଡେ ଆସନ ରଚିତ ହୋଇପାରିଛି, ସେମାନଙ୍କ କ୍ଷେତ୍ରରେ ସଂଯମ ରକ୍ଷାର କାଠିନ୍ୟ ଦିନକୁ ଦିନ ହ୍ରାସ ପାଇବାକୁ ଲାଗିବ । ଯେଉଁ ପତିପତ୍ନୀ ବିବାହ ପୂର୍ବରୁ ଶ୍ରୀ ଭଗବାନଙ୍କ ପରମମଙ୍ଗଳ ମହାନାମରେ ଦୀକ୍ଷିତ ହୋଇ ସାରିଛନ୍ତି, ସେମାନେ ଏ ଦିଗରେ ଯତ୍ନବାନ ହେବାକୁ ପରାଙ୍ମୁଖ ନ ହେଲେ ଅତି ଅଳ୍ପ ସମୟ ମଧ୍ୟରେ ସେମାନେ ବିବାହର ପଙ୍କିଳ ଦୁର୍ଗନ୍ଧମୟ ଜଳାଭୂମି ଅତିକ୍ରମ କରି ସଂଯମ-ସୌରଭ-ଆମୋଦିତ ସୁଦୃଢ଼ ଉଚ୍ଚଭୂମିରେ ଅକ୍ଳେଶରେ ବିଚରଣ କରିପାରିବେ ଏପରିକି ଯେଉଁମାନେ ବିବାହିତଜୀବନରେ ନିଜସ୍ୱତାକୁ କ୍ଳେଦପଙ୍କରେ ହଜାଇ ଦେଇ ହାହାକାର କରୁଛନ୍ତି ସେମାନେ ମଧ୍ୟ ଶ୍ରୀ ଭଗବାନଙ୍କର ଶରଣାପନ୍ନ ହେଲେ ଓ ଅକପଟ ହୃଦୟରେ ତାଙ୍କର କୃପାପ୍ରାର୍ଥୀ ହେଲେ, ନିଶ୍ଚିତ

ଭାବରେ କ୍ଲେଦମୁକ୍ତ ଶୁଭ୍ର ସୁନ୍ଦର ସୁପବିତ୍ର ଜୀବନର ଅଧିକାରୀ ହେବେ । ଅବଶ୍ୟ ପତିପତ୍ନୀ ସମସାଧନର ସାଧିକା ହେଲେ, ସମ-ଦୀକ୍ଷାରେ ଦୀକ୍ଷିତ ହେଲେ, ସଂଯମସାଧନା ମାର୍ଗରେ ସେମାନଙ୍କର ଗତିପଥ ଯେ ସାବଲୀଳ ହେବ ଏପରି ମନେ କରିବାର ସଙ୍ଗତ କାରଣ ରହିଛି । ଆହେ ଭାରତର ନବଜାଗ୍ରତ ଦାମ୍ପତ୍ୟ ସାଧକ ସାଧିକା ! ଏଣିକି ତୁମ୍ଭେମାନେ ଆଉ ହତାଶ ହୁଅନାହିଁ । ତୁମ୍ଭମାନଙ୍କ ମଧ୍ୟରେ ପରମାତ୍ମାଙ୍କର ଯେଉଁ ଅପରିମେୟ ଶକ୍ତିପୁଞ୍ଜ ନିହିତ ଅଛି, ଆତ୍ମଅବିଶ୍ୱାସ ଦ୍ୱାରା ତାହା ପ୍ରସ୍ଫୁଟିତ ହେବାରେ ବାଧା ପ୍ରଦାନ କରନାହିଁ । ଦେଶର, ସମାଜର ତଥା ସଂସାରର କଲ୍ୟାଣ ପାଇଁ ଏବଂ ତୁମ ଦୁହିଁଙ୍କର ପରମାର୍ଥ ସିଦ୍ଧିପାଇଁ ଆଜି ତୁମ୍ଭମାନଙ୍କୁ ଶତ ବାଧାବିଘ୍ନ ପଦଦଳିତ କରି ପବିତ୍ରତାର ସାଧନା କରିବାକୁ ହେବ । ଦେହକୁ ପରିଶୁଦ୍ଧ କରି ଓ ମନକୁ ଆବିଳତା ପ୍ରମୁକ୍ତ କରି ତୁମ୍ଭମାନଙ୍କୁ ଆଜି ସନ୍ତାନସନ୍ତତିଙ୍କ ପାଇଁ ସୌଭଗ୍ୟ ରଚନା କରିବାକୁ ହେବ । ଆଉ ଆତ୍ମ ବିସ୍ମୃତ ହେବା ତୁମ୍ଭମାନଙ୍କ ପକ୍ଷରେ ଶୋଭା ପାଏନାହିଁ । ସିଂହରଡ଼ି ଦେଇ ଆଜି ତୁମ୍ଭେମାନେ ନିଜ ନିଜ ସଂଯମ ସାମର୍ଥ୍ୟକୁ ଉପଲବ୍ଧି କର, ନିଜ ନିଜ ସଂଯମ ସାମର୍ଥ୍ୟକୁ ସ୍ୱୀକାର କର, ନିଜ ନିଜର ଆଚରଣ ଦ୍ୱାରା ପୂର୍ବପୁରୁଷଙ୍କୁ ମର୍ଯାଦା ଦାନ କର ଓ ନିଜ ନିଜ ଆଦର୍ଶ ଦ୍ୱାରା ଭାବୀବଂଶଧରମାନଙ୍କ ଲାଗି ପ୍ରକୃତ କୌଳିନ୍ୟ ସୃଜନା କର । ସଂଶୟବାଦୀର ବାକ୍‌ବିତଣ୍ଡା ଶୁଣି ତୁମ୍ଭେମାନେ କକ୍ଷଭ୍ରଷ୍ଟ ହୁଅ ନାହିଁ । ଥରେ ଅଧେ ପଦସ୍ଖଳନ ହୋଇଗଲେ ସେଥିରେ ହତୋତ୍ସାହ ହୁଅ ନାହିଁ । ସ୍ଖଳିତପଦ ହୋଇ ଅଧୋଗତି ଭଜିବା ଅବକାଶରେ ମଧ୍ୟ ଶରୀରର ପ୍ରତ୍ୟେକ ସଂଚାଳନରେ ଅହରହ ଅନାଥଶରଣ, ପତିତପାବନ ପରମେଶ୍ୱରଙ୍କ ମଙ୍ଗଳମୟ ନାମକୁ ସ୍ମରଣ କର, ସେ ନାମକୁ ଆଶ୍ରୟ କର । ଶ୍ରୀ ଭଗବାନ ହିଁ ଜୀବନର ପରମ ଆଶ୍ରୟ ବୋଲି ଯେଉଁମାନେ ସମ୍ୟକ୍ ଉପଲବ୍ଧି କରନ୍ତି ସେମାନଙ୍କ ପକ୍ଷରେ ଏ ଜଗତରେ ଅସାଧ୍ୟ କିଛି ନାହିଁ । ପରମେଶ୍ୱରଙ୍କୁ ଆଲିଙ୍ଗନ କରିବାକୁ ଯାଉଯାଉ ଯେଉଁମାନେ ସ୍ଖଳିତପଦ ହେବେ, ସ୍ଖଳିତ ପଦ ହେବା ମୁହୂର୍ତ୍ତରେ ବା ପତନ ଅନିବାର୍ଯ୍ୟ ବୋଲି ମନେ ହେବା ଅବକାଶରେ ଯେଉଁମାନେ ଶ୍ରୀପ୍ରଭୁଙ୍କ ନାମକୁ ଆଶ୍ରୟ କରିବେ, ପ୍ରଭୁ କଣ ସେମାନଙ୍କ ହାତ ଧରି ଉଠାଇ ନ ଦେବେ ? ହେ ପୁରୁଷ, ନାରୀ ତୁମର

ଭୋଗବସ୍ତୁ ନୁହେଁ; ତୁମର ପରିପୂର୍ଣ୍ଣତା ସମ୍ପାଦନ ଲାଗି ନାରୀର ସୃଷ୍ଟି । ଦୁହିଁଙ୍କର ବିଭିନ୍ନ କୁଖିନୀ ପ୍ରବଣତାକୁ ଏକମୁଖୀ କରି ଅମିତ ବିକ୍ରମ ସହକାରେ ତ୍ୱରିତ ଗତିରେ ତୁମ୍ଭେମାନେ ପୂର୍ଣ୍ଣ ସତ୍ୟ ଲାଭ ପଥରେ ଆଗେଇ ଚାଲ । ତୁମ୍ଭମାନଙ୍କର ବୈବାହିକ ସମ୍ପର୍କ ତ ଏଇଥିପାଇଁ ଉଦ୍ଦିଷ୍ଟ । ଏହି ସୁମହତ ଲକ୍ଷ୍ୟଲାଭ ଦୃଷ୍ଟିରୁ ତୁମ ଭିତରୁ ଜଣେ ଅନ୍ୟ ଜଣକ ପକ୍ଷରେ ଅପରିହାର୍ଯ୍ୟ । ଏହି ପରମ ଲକ୍ଷ୍ୟକୁ କରାୟତ୍ତ କରିବା ଲାଗି ବା ଏହି ପରମ ଲକ୍ଷ୍ୟ ଲାଭ କରିବା ପଥରେ ଅଗ୍ରସର ହେବା ଅବକାଶରେ ଯଦିବା ଭୋଗମୂଳକ ଦେହ-ସଂସର୍ଗ ପସଙ୍ଗକ୍ରମେ ତୁମର ଆବଶ୍ୟକ ହୁଏ ତଥାପି ତୁମ୍ଭେ ଦୁହେଁ ଉଭୟେ ଉଭୟଙ୍କୁ ସେହି ପରମ ଲକ୍ଷ୍ୟ ଲାଭ କରାଇବା ଲାଗି ଉତ୍ତର ସାଧକ ଓ ଉତ୍ତର ସାଧିକା । ସୁଖରେ ସଂସାର କରିବାର ଦି'ଦିନିଆ ସମ୍ପର୍କ ଏହା ନୁହେଁ, ତୁମ୍ଭମାନଙ୍କର ବିବାହିତ ଜୀବନରେ ଏହା ଅନନ୍ତ ସୁଖଶାନ୍ତିର ଭାଗ୍ୟବିଧାତା । ପରସ୍ପର ପରସ୍ପରକୁ ଭୋଗକଲେ ମଧ୍ୟ ତୁମ୍ଭେମାନେ ପରମ ଶାନ୍ତି ପାଇପାରିବ ନାହିଁ, ଉନ୍ନତି ପଥରେ ଅଗ୍ରସର ହେବାଲାଗି ଜଣେ ଅନ୍ୟ ଜଣକୁ ଅକୁଣ୍ଠ ସହାୟତା ଦେଲେ ହିଁ ତୁମ୍ଭେମାନେ ଭୂମାନନ୍ଦର ଅଧିକାରୀ ହେବ । ଦେହ ଯେତେବେଳେ ଦେହର ଧର୍ମରେ ଦେହକୁ ଘେନି ଲିପ୍ତଥାଏ, ସଂଯମାବଦ୍ଧ ଇନ୍ଦ୍ରିୟମାନେ ଯେତେବେଳେ ସାମୟିକ ଦୁର୍ବଳତା ଯୋଗୁଁ ବା ଶାରୀରିକ ପ୍ରୟୋଜନୀୟତା ବଶତଃ ଭୋଗଲିପ୍‌ସା ଅନ୍ଧକୂପରେ ପଡ଼ି ଉବୁଟୁବୁହେଉଥାନ୍ତି, ସେତେବେଳେ ମଧ୍ୟ ପ୍ରକୃତ ମତିମାନ ଦମ୍ପତି ଆତ୍ମା ସହିତ ଆତ୍ମାର ମିଳନ କେଉଁ କ୍ଷେତ୍ରରେ , କେତେ ପରିମାଣରେ ଓ କିପରି ଭାବରେ ଘଟିଲା ତାହତ ଲକ୍ଷ୍ୟ କରିବା ଲାଗି ଅନୁସନ୍ଧିତ୍ସୁ ଦୃଷ୍ଟି ନିକ୍ଷେପ କରିପାରନ୍ତି । ଦେହ ଯେତେ ଶ୍ରମ କରୁ ପଛକେ, ଦିବ୍ୟ- ପ୍ରେମ-ରସରେ ଆତ୍ମାର ମଧୁଭାଣ୍ଡ ପୂର୍ଣ୍ଣ ନ ହେଲେ ସେ ସବୁ ପଣ୍ଡଶ୍ରମ ମାତ୍ର । ଆତ୍ମିକ ଉପଲବ୍ଧି ଦ୍ୱାରା ଆତ୍ମାକୁ ଆସ୍ୱାଦନ କରିବା ପ୍ରୟାସର ନାମ ବିଦେହ ରମଣ । ମନେ ରଖିବାକୁ ହେବ, ତୁମ ଦୁହିଁଙ୍କର ପ୍ରକୃତ ସମ୍ବନ୍ଧ ଜିଭ ଓ ଆଚାର ବା ଅଗ୍ନି ଓ ଘୃତର ସମ୍ବନ୍ଧ ନୁହେଁ, ତୁମ ଦୁହିଁଙ୍କର ସମ୍ବନ୍ଧ ଦୀର୍ଘ-ପଥଯାତ୍ରୀ ସଙ୍ଗୀ ଓ ସଙ୍ଗିନୀର ସମ୍ବନ୍ଧ । ଏକ ଅପରର ଧର୍ମ ଜୀବନର ସାଥୀ, କର୍ମ ଜୀବନର ସଙ୍ଗୀ, ଏକ ଅପରର ଶ୍ରମାପହାରକ ସଙ୍ଗୀ, ଚିତ୍ତତାପ-ପ୍ରଶମକ

ପରମବାନ୍ଧବ ।ଶ୍ରୀ ଭଗବାନଙ୍କର ଭୁବନ-ମଙ୍ଗଳ ନାମ ଆଶ୍ରୟରେ ତୁମ୍ଭେମାନେ ପରିଶୁଦ୍ଧ ପ୍ରଜ୍ଞା ଲାଭ କର ଓ ସେହି ପ୍ରଜ୍ଞାର ଦିବ୍ୟ ଜ୍ୟୋତିରେ ନିଜର ପ୍ରକୃତ ସ୍ୱରୂପ ଚିହ୍ନିରଖ ଓ ସନ୍ଦେହବାଦୀର ଯୁକ୍ତିତର୍କର ଓତ୍ତର ଯୁକ୍ତିତର୍କ ଦ୍ୱାରା ନ ଦେଇ ନିଜ ଜୀବନର ଅକାଟ୍ୟ ଦୃଷ୍ଟାନ୍ତ ଦ୍ୱାରା ଦେଇ ଚିରକାଳ ପାଇଁ ତାକୁ ନିରୁତ୍ତର କରିଦିଅ ।

ଦାମ୍ପତ୍ୟ ସଂଯମରେ ଓଁକାର ମହାମନ୍ତ୍ର ଓ ଜଗନ୍ମଙ୍ଗଳ ସଂକଳ୍ପର ଶକ୍ତି

ମୁଁ ଏଠାରେ ଏକ ପ୍ରତ୍ୟକ୍ଷ ଅଭିଜ୍ଞତା ବିଷୟରେ କିଛି କହିବାକୁ ଚାହେଁ । ଦୁର୍ଭାଗ୍ୟବଶତଃ ଯେଉଁ ଦମ୍ପତିମାନଙ୍କର ପ୍ରାଗ୍-ବିବାହିତ ଜୀବନରେ ଉଲ୍ଲେଖଯୋଗ୍ୟ ସତ୍‌ଶିକ୍ଷା ଲାଭର କୌଣସି ସୁଯୋଗ ନ ଥିଲା ଓ ବିବାହୋତ୍ତର ଜୀବନରେ ଯେଉଁମାନେ ଦେଶ ଓ ସମାଜର ପ୍ରଚଳିତ ରୀତି ଅନୁସରଣ କରି ବେଶ କିଛି କାଳ ଭୋଗ-ଲାଳସା ଚରିତାର୍ଥ କରିବା ପାଇଁ ଦାମ୍ପତ୍ୟ ଜୀବନ ଏକ ଛାଡ଼ପତ୍ର ବା passport ବୋଲି ମନେ କରି ଆସିଥିଲେ, ସେଭଳି ବହୁ ଦମ୍ପତି ମଧ୍ୟ ସର୍ବମନ୍ତ୍ରର ମହାସମନ୍ୱୟ ଓଁ କାର ମହାମନ୍ତ୍ରରେ ଦୀକ୍ଷିତ ହୋଇ ଜଗତ୍ କଲ୍ୟାଣ-ସଂକଳ୍ପ ଅନୁଯାୟୀ ଜୀବନ ଗଠନ କରିବାକୁ ତତ୍ପର ହେବା ଫଳରେ ସ୍ୱଳ୍ପ ଅୟାସରେ ମଧ୍ୟ କାମକୁ ଜୟ କରି ପାରିଛନ୍ତି । ଏଭଳି ସହସ୍ରାଧିକ ପ୍ରତ୍ୟକ୍ଷ ପ୍ରମାଣ ମୋ ପାଖରେ ମହଯୁଦ ଅଛି। ବିବାହିତ ଜୀବନରେ ସଂଯମ-ସାଧନା, ଦାମ୍ପତ୍ୟ ଜୀବନରେ ବ୍ରହ୍ମଚର୍ଯ୍ୟ ପାଳନ, ଇନ୍ଦ୍ରିୟ-ଲାଳସା ବିହୀନ, ଉତ୍ତେଜନା-ବିବର୍ଜିତ ସରଳ ଓ ସହଜ ଗୃହୀ ଜୀବନଯାପନ ଆଜି ଆଉ ଅଲୌକିକ ରହସ୍ୟ ନୁହେଁ, ଏକ ଅଳୀକ କାହାଣୀ ନୁହେଁ ବା କଳ୍ପନା ବିଳାସ ନୁହେଁ । **ଦିକ୍ଷା ମନ୍ତ୍ରର ନିଜସ୍ୱ ଏକ ଶକ୍ତି ଅଛି ଯଦି ତାହା ସଂଯମସୁପ୍ରତିଷ୍ଠିତ ସଦଗୁରୁଙ୍କର ମୁଖୋଚ୍ଚାରିତ ହୁଏ । ମନ୍ତ୍ରର ନିଜସ୍ୱ ଏକଶକ୍ତି ଅଛି ଯଦି ତାହା ସର୍ବସମନ୍ୱୟୀ, ସର୍ବସମୁଚ୍ଚୟ ସର୍ବତତ୍ତ୍ୱାଧାର ମନ୍ତ୍ରରାଜ ଓଙ୍କାର ହୁଏ ।** ଦେହର ପ୍ରତି ଅଙ୍ଗପ୍ରତ୍ୟଙ୍ଗରେ, ଶରୀରର ପ୍ରତିସ୍ନାୟୁ ଓ ପ୍ରତି ଧମନୀରେ, ସମଗ୍ର ଅସ୍ତିତ୍ୱ ବ୍ୟାପୀ

ପ୍ରତି ଅଣୁପରମାଣୁରେ ଏକ ସାଧାରଣ ରୂପାନ୍ତର ଆପେ ଆପେ ସଂଘଟିତ ହୁଏ ଯଦି ନିଷ୍ଠାର ସହିତ ଜଗତ-କଲ୍ୟାଣ-ସଂକଳ୍ପ ପରିଚାଳିତ ହେଉଥାଏ । ସହସ୍ରାଧିକ ଦମ୍ପତିଙ୍କ ଜୀବନରେ ଏହା ପ୍ରତ୍ୟକ୍ଷ-ଦୃଷ୍ଟ ସତ୍ୟ ।

(ଖ) ବିବାହିତ ପୁରୁଷମାନେ ସ୍ତ୍ରୀସଙ୍ଗମ ପ୍ରତି ଅନା-ସକ୍ତି ପ୍ରଦର୍ଶନ କଲେ ସେମାନଙ୍କର ପତ୍ନୀବର୍ଗ କାମ ପ୍ରବୃତ୍ତି ଚରିତାର୍ଥ କରିବା ଲାଗି ଅବୈଧ ପନ୍ଥାଅନ୍ୱେଷଣ କରିବେ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଥାଏ ତାହା ବହୁଳାଂଶରେ ଅମୂଳକ । କାରଣ ଗୋଟିଏ ଅଧେ ବ୍ୟତିକ୍ରମ-ସ୍ଥଳ ବ୍ୟତୀତ ସର୍ବତ୍ର ନାରୀ ଚରିତ୍ର ଏକାନ୍ତ ଅପ୍ରଗଲ୍‌ଭ ଓ ସ୍ୱାମୀର ଇଚ୍ଛାନୁଗାମୀ । ନାରୀ ତାର ହୃଦୟର ଉଦ୍‌ବେଳ ଆକାଂକ୍ଷାକୁ ମଧ ଅତି ଦୀର୍ଘକାଳ ପୋଷିରଖି ଜାଣେ ଓ ଯେତେ ଡେରି ହେଲେ ସୁଦ୍ଧା ଧୈର୍ଯ୍ୟ ନ ହରାଇ ଆଶାରେ ଅଶାୟୀ ହୋଇ ପ୍ରତୀକ୍ଷା କରିପାରେ । ନାରୀର କାମଲିପ୍‌ସା ପୁରୁଷ ଅପେକ୍ଷା ଆଠଗୁଣ ଅଧିକା ବୋଲି କହି ଯେ କେହି ଯେତେ ବାକ୍‌ଚାତୁରୀ ଦେଖାନ୍ତୁ ପଛକେ ରତି-ଲାଳସା ଦମନ କାର୍ଯ୍ୟରେ ପୁରୁଷ ଅପେକ୍ଷା ନାରୀର ସାମର୍ଥ ଯେ ଅଧିକ, ଏକଥା ମୁଁ ବଜ୍ରନିର୍ଘୋଷ ସ୍ୱରରେ କହିବାକୁ ପ୍ରସ୍ତୁତ । ଆମର ପୂର୍ବପୁରୁଷମାନେ ବିଧି ବ୍ୟବସ୍ଥା କଲାବେଳେ ନାରୀ ପ୍ରତି ଯଥେଷ୍ଟ ଅବିଚାର କରିଛନ୍ତି ଏପରିକି, ନାରୀର ମନୁଷ୍ୟତ୍ୱକୁ ତଉଲିବା ବେଳେ ସାନ ବଟକରା ପକାଇ ତାକୁ ଧପେଇ ଦେଇ ଯାଇଛନ୍ତି । ଲଜ୍ଜାଜନକ ଏହି ସତ କଥାକୁ ଆଉ ଲୁଚେଇ ଛପେଇ ରଖିବା ଅସମ୍ଭବ । ଏ ପର୍ଯ୍ୟନ୍ତ ଯେଉଁ ପତ୍ନୀ ସଙ୍ଗମ-ସୁଖର ଆସ୍ୱାଦ ପାଇନାହିଁ,ତାର ସ୍ୱାମୀ ଯଦି ସଂଯତଚେତା ଅଥଚ ବିବେଚକ ଓ ପ୍ରେମୀକ-ହୃଦୟ ହୁଅନ୍ତି ତେବେ ସେ ଇଚ୍ଛାକଲେ ନିଜ ପତ୍ନୀକୁ ଦୀର୍ଘକାଳ ପର୍ଯ୍ୟନ୍ତ ଦେହ-ଲାଳସା-ସଂସ୍ପର୍ଶରୁ ସର୍ବତୋଭାବରେ ଦୂରରେ ରଖି ମଧ ପତ୍ନୀକୁ ଅତ୍ୟନ୍ତ ଅନୁରକ୍ତା ଓ ଏକାନ୍ତ ପତିଗତପ୍ରାଣା ରଖିପାରିବେ । କାରଣ ସ୍ୱାମୀ ସ୍ତ୍ରୀର ପ୍ରେମ ଯେତେ ନିବିଡ଼ ହେଉ ପଛକେ ତୁଣ୍ଡ ଖୋଲି ଦେହ-ସମର୍ପଣ ପସ୍ତାବ ସ୍ତ୍ରୀ ଆଡୁ ଆସିବା ସ୍ୱଭାବତଃ ହିଁ ଅସମ୍ଭବ । ଯେତେଦିନ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀର ଦେହକୁ ଗ୍ରହଣ ନ କରିଛନ୍ତି ସେତେଦିନ ପର୍ଯ୍ୟନ୍ତ ପତ୍ନୀ ମନରେ ଯାହା ଥାଉ ପଛକେ ଦୈହିକ ପ୍ରୟାସଦ୍ୱାରା ସ୍ୱାମୀକୁ ଆସକ୍ତ

ଓ ଅନୁରକ୍ତ କରିବା ଚେଷ୍ଟା ସ୍ତ୍ରୀ ପକ୍ଷରେ ଏକାନ୍ତ ଅଭାବନୀୟ । ଥରେ ଅସଂଯମର ଆସ୍ୱାଦନ ପାଇଲା ପରେ ସୁଶୀଳା ନାରୀ ମଧ୍ୟ ଯୌବନର ଉଦ୍ଦାମ ପ୍ରକୃତିର ବଶୀଭୁତ ହୋଇ ଯେ ବ୍ୟାଘ୍ରିଣୀ ମୂର୍ତ୍ତି ଧାରଣ କରିପାରେ ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ କୌଶଳ-ଅଭିଜ୍ଞ ଭଗବତ-ପ୍ରେମିକ ସ୍ୱାମୀ ଇଚ୍ଛା କଲେ ପତ୍ନୀର ଦୁର୍ବାର କାମନା-ସ୍ରୋତର ଗତି ଓଲଟାଇ ଦେଇ ଦୁଃଖମୟ ମର୍ତ୍ତ୍ୟ-ଲୋକରେ ମନୋରମ ନନ୍ଦନକାନନ ସୃଷ୍ଟି କରିପାରନ୍ତି । ପତ୍ନୀ କାମ ଚରିତାର୍ଥ କରିବା କାର୍ଯ୍ୟରେ ସ୍ୱାମୀ ଯଦି ନିଜେ ଯନ୍ତ୍ରରୁପେ ବ୍ୟବହୃତ ନ ହୁଅନ୍ତି, ତେବେ ପତ୍ନୀ ଯେ ପର-ପୁରୁଷ-ଗାମିନୀ ହେବ, ଏଭଳି ଅସମ୍ଭବ ଆଶଙ୍କାରେ ଅସ୍ଥିରତା ପ୍ରଦର୍ଶନ କରିବା କେବଳ ନାରୀ-ଚରିତ୍ର-ଅନଭିଜ୍ଞ ଓ ଶ୍ରଦ୍ଧାହୀନ ନୀଚବୁଦ୍ଧି ସମ୍ପନ୍ନ ବ୍ୟକ୍ତିମାନଙ୍କ ପକ୍ଷରେ ହିଁ ସମ୍ଭବ ହୋଇପାରେ । ଯୁଗଯୁଗ ବ୍ୟାପୀ ଏପରିକି ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ନାରୀ ଜାତିକୁ ସମାଜର ନିକୃଷ୍ଟତମ ମନୋବୃତ୍ତି ସହିତ ସଂଶ୍ଳିଷ୍ଟ ରହିବାକୁ ଆମେ ବାଧ୍ୟ କରି ଆସିଛୁ ଓ ସେମାନଙ୍କର ଲୋକ-କଲ୍ୟାଣକାରୀ କ୍ଷମତାର ବ୍ୟାପକତାକୁ କାୟମନୋବାକ୍ୟରେ ଅସ୍ୱୀକାର କରିବାକୁ ଯାଇ ନିଜସ୍ୱ ମହିମାରୁ ସେମାନଙ୍କୁ ପରିଭ୍ରଷ୍ଟ କରି ଆସିଛୁ । ଏ ସବୁ ସତ୍ତ୍ୱେ ଆଜି ମଧ୍ୟ ନାରୀ ଚରିତ୍ର ପୁରୁଷ ଚରିତ୍ର ଅପେକ୍ଷା ଅଧିକ ନିନ୍ଦନୀୟ ନୁହେଁ । ଭାରତର ଯେତେ ସ୍ୱାମୀବତୀ ହତଭାଗିନୀ ନାରୀ ପର-ପୁରୁଷଗାମିନୀ ହୋଇ ନିଜକୁ ପତିତା ଓ ବଂଶକୁ ନରକଗାମୀ କରିଛନ୍ତି ତନ୍ମଧ୍ୟରୁ ପ୍ରାୟ ସମସ୍ତେ ପରନାରୀରତ ମଦ୍ୟପ ପତି ଦେବତାଙ୍କ ଅକଥନୀୟ ଅତ୍ୟାଚାରରେ ଯତ୍‌ପରୋନାସ୍ତି ଜର୍ଜରିତା ହୋଇ ପରିଶେଷରେ ଜୀବନର ଏକ ଦୁଃସ୍ଥତମ ମୂହୁର୍ତ୍ତରେ ପାପପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି । ଏହି କୁଳତ୍ୟାଗିନୀ, ପରମ ଦୁଃଖିନୀ ପୋଡ଼ାକପାଳିମାନେ କୁଳବତୀ ସତୀ-ଶିରୋମଣିମାନଙ୍କ ମୁଖକୁ ଘୃଣାରେ ପାଂଶୁବର୍ଣ୍ଣ ଓ ମସ୍ତକକୁ ଲଜ୍ଜାରେ ଅବନତ କରି ଦେଇଛନ୍ତି ସତ୍ୟ କିନ୍ତୁ ଏହି ରୂପୋଜିବିନୀ ଦୁର୍ଭାଗିନୀମାନଙ୍କର ସ୍ଖଳନର ପ୍ରଥମ ଇତିହାସ ମୁଁ ଯେତେବେଳେ ମନେ ମନେ ପର୍ଯ୍ୟାଲୋଚନା କରେ ସେତେବେଳେ ଶୋକ, ଦୁଃଖ ଯନ୍ତ୍ରଣାରେ ମୁଁ ଅଧୀର ହୋଇପଡ଼େ । ଯେଉଁ-ପୁରୁଷ ଜାତି କେଉଁଠି ହୁଏତ ଅତ୍ୟାଚାରର ବିକଟ ବିକର୍ଷଣରେ ଏମାନଙ୍କୁ ଠେଲିପେଲି

ଦେଇ କେଉଁଠିବା ପ୍ରଲୋଭନର ମଦିର ଆକର୍ଷଣରେ ଏମାନଙ୍କୁ ଆକୃଷ୍ଟ କରି ପାପ ସ୍ରୋତରେ ଆମରଣ ଭାସମାନ ହେବାକୁ ଏକାନ୍ତ ବାଧ୍ୟ କରି ଆସିଛି, ସେହି ପୁରୁଷଜାତି ଜଗତର ସବୁ ପାପର ନାଟର ଗୋବର୍ଦ୍ଧନ ବୋଲି ବୁଝି ପାରି ମୁଁ ବ୍ୟଥାରେ ଅବଶ ହୋଇପଡ଼େ । ତଥାପି ଆଖି ମେଲେଇ ଦେଖ, ପାଦାଘାତ ଯାହାର ନିତ୍ୟ ପ୍ରବୃତ୍ତି ଅଭିନନ୍ଦନ, ଅନାହାର ଯାହାର ନିତ୍ୟପ୍ରବୃତ୍ତି ସ୍ୱାମୀଭକ୍ତିର ପୁରସ୍କାର, ଲୋତକ-ବର୍ଷଣ ଲାଗି ଯାହାର କୁରଙ୍ଗୀ-ନୟନଦ୍ୱୟ ସୃଷ୍ଟ, ନିର୍ଯ୍ୟାତନା ଓ ତିରସ୍କାର ବାକ୍ୟ ଯାହାର କର୍ଣ୍ଣରସାୟନ, ଭ୍ରଷ୍ଟଚରିତ୍ର ଲମ୍ପଟ ସ୍ୱାମୀର ସେହି ଏକପରାୟଣା ସତ୍ୟ-ପ୍ରତିମା ପତ୍ନୀମାନଙ୍କ ସଂଖ୍ୟା ଏକପରାୟଣ ସ୍ୱାମୀମାନଙ୍କ ଅପେକ୍ଷା କେତେ ଅଧିକ ? ମୃତ୍ୟୁ ତୁଲ୍ୟ ଦୁଃଖକଷ୍ଟର କଷାଘାତ ସହ୍ୟ କରି ମଧ୍ୟ ଯେଉଁମାନେ ଦୁଶ୍ଚରିତ୍ର ଅଧାର୍ମିକ ସ୍ୱାମୀର ଚରଣଯୁଗଳକୁ ପରମ ଆଶ୍ରୟ ବୋଲି ମାନି ନେଇଛନ୍ତି, ତୁମେ କଣ କହିବାକୁ ଚାହଁ ସେହିମାନଙ୍କର ସହୋଦରା ଭଗ୍ନୀଗଣ ସ୍ୱାମୀର ସ୍ନେହ ମମତାର ପୂର୍ଣ୍ଣ ଅଧିକାରିଣୀ ହୋଇ ମଧ୍ୟ କେବଳ ଦେହ-ସୁଖର ସାମୟିକ ପ୍ରଲୋଭନ ଯୋଗୁଁ ପରପୁରୁଷଗାମିନୀ ହୋଇ ନିଜ ଦେହକୁ କଳୁଷିତ କରିବାକୁ ଯିବେ ? ବ୍ରହ୍ମଚର୍ଯ୍ୟ ରକ୍ଷାର୍ଥୀ ସ୍ୱାମୀ ସ୍ତ୍ରୀକୁ ଅବଜ୍ଞା କରି ନ ପାରନ୍ତି । ସେ ଜାଣନ୍ତି ଯେ ସ୍ତ୍ରୀ ତାଙ୍କର ସମସ୍ତ ଧର୍ମ କର୍ମର ସଙ୍ଗିନୀ । ତେଣୁ ସେ ସ୍ତ୍ରୀକୁ ସର୍ବଦା କଲ୍ୟାଣମୟୀ ସୁଶିକ୍ଷାରେ ମଣ୍ଡିତ କରିବାକୁ ଚାହନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ଦେହ ସହିତ ଦେହର ମିଳନ ଦିନକ ପାଇଁ ସୁଦ୍ଧା ନହେବ, ଏହା ସେମାନଙ୍କର ଲକ୍ଷ୍ୟ ନୁହେଁ । ସମଗ୍ର ଜୀବନକାଳ ମଧ୍ୟରେ ପ୍ରତିଦିନ ଜୈବ ମିଳନରତ ହୋଇ ସାଧାରଣ ମାନବ ସାରା ଜୀବନରେ ଯେତିକି ସୁଖାନୁଭୂତି ଲାଭକରେ, ସତ୍‌ସଂକଳ୍ପାନୁଗତ ବିରଳ ମିଳନରେ ସେମାନେ ଥରକରେ ତାର ଶହେ ଗୁଣ ସୁଖ ଅସ୍ୱାଦନ କରି ମଧ୍ୟ ସଂପୂର୍ଣ୍ଣରୂପେ କିପରି ବିଚାରାନୁଗତ ଓ ଶୁଦ୍ଧଚେତା ରହିପାରିବେ ସେହି ପନ୍ଥା ଉନ୍ମୋଚନ ଲାଗି ତ ସେମାନଙ୍କର ଏ ବ୍ରହ୍ମଚର୍ଯ୍ୟ ସାଧନା । ଏକ ଅପରକୁ ପରମାତ୍ମାଙ୍କର ବିକାଶ- ବିଗ୍ରହ ବୋଲି ଅବଧାରଣ କରିବା ପର୍ଯ୍ୟନ୍ତ ଏମାନଙ୍କର ସମ୍ବନ୍ଧ ଅନେକାଂଶରେ ଗୁରୁଶିଷ୍ୟ ସମ୍ବନ୍ଧ ଅନୁରୂପ । ମୈଥୁନର ଅଭାବ ବା ସ୍ୱଳ୍ପତା ଏମାନଙ୍କର ପ୍ରିତୀ ବର୍ଦ୍ଧନରେ ସହାୟକ ହୁଏ, ମୈଥୁନର ବାହୁଲ୍ୟ ସଂଭ୍ରମ

ଓ ଶ୍ରଦ୍ଧାବୁଦ୍ଧିର ଧ୍ୱଂସସାଧନ କରେ । ଯଦି ଦୈହିକ ମିଳନ ଫଳରେ ଆଧ୍ୟାତ୍ମିକ ଐକ୍ୟବୋଧ ଓ ରସାନୁଭୂତି ଅତୀବ ତୀବ୍ର ଓ ଗଭୀର ନ ହୁଏ ତେବେ ବହୁବାରଜୈବ-ମିଳନରେ ମଧ୍ୟ ପ୍ରୀତି ବଢ଼େ ନାହିଁ । ପତ୍ନୀ ଯେତେବେଳେ ପତିକୁ ଶ୍ରଦ୍ଧା କରିବା ଭଳି କାରଣ ପାଏ ସେତେବେଳେ ସେ ପତିକୁ ଅନ୍ତରର ଅନ୍ତରତମ, ଜୀବର ଜୀବନ ଓ ଯୌବନାଧିରାଜ ଭଗବାନ ବୋଲି ଅନ୍ତରରେ ସ୍ୱୀକାର କରେ । ଆଉ ଯେତେବେଳେ ସ୍ୱାମୀର ଦେହଟା ଖାଲି ତାର ପ୍ରୟୋଜନ ହୁଏ, ଅଥଚ ସ୍ୱାମୀର ସେହି ଦେହ ତାକୁ କୌଣସି ସ୍ଥାୟୀ ସମ୍ପଦର ଆସ୍ୱାଦନ ଦେଇ ନ ପାରେ ସେତେବେଳେ ସେ ବିଧବାର ପୁନର୍ବିବାହକୁ ମନେମନେ ସମର୍ଥନ କରେ । ଆହେ ନବବିବାହିତ ଭାରତୀୟ ଯୁବକଗଣ ! ସ୍ୱୀୟ ପତ୍ନୀଙ୍କୁ ଯଦି ଯଥାର୍ଥ ସହଧର୍ମିଣୀରୂପେ ପାଇବାକୁ ଚାହଁ, ଜୀବନ ସାଧନାର ସହାୟତାକାରିଣୀ ମହାଶକ୍ତି ରୂପେ ଯଦି ତାକୁ ପ୍ରତିଷ୍ଠିତ କରିବାକୁ ଚାହଁ ନିରାଶାରେ ଆଶା ରୂପରେ, ବେଦନାରେ ସାନ୍ତ୍ୱନାରୂପରେ ଯଦି ତାର ସୁଖମୟ ସାହଚର୍ଯ୍ୟ ଲାଭ କରିବାକୁ ଚାହଁ ଓ ସର୍ବୋପରି ଯଦି ତାର ମନ ଓ ହୃଦୟକୁ ଐକାନ୍ତିକ ଭାବରେ ଅଧିକାର କରିବାକୁ ଚାହଁ, ତେବେ ମନେରଖ ବିବାହର ପରମୁହୂର୍ତ୍ତଠାରୁ ପାଶବିକ ସ୍ରୋତରେ ନିଜକୁ ଭସାଇ ନ ଦେଇ, ଉପଯୁକ୍ତ ସମୟ ପର୍ଯ୍ୟନ୍ତ ତୁମକୁ ଅପେକ୍ଷା କରିବାକୁ ପଡ଼ିବ ଓ ସେହି ଅବକାଶରେ ସର୍ବଦା ତୁମ ସଙ୍ଗିନୀର ସତ୍‌ଶିକ୍ଷା ଦିଗରେ ତୁମକୁ ଚେଷ୍ଟିତ ହେବାକୁ ପଡ଼ିବ । ମାନବ ଜୀବନର ଯଥାର୍ଥ ମହିମା ବିଷୟ ଯଦି ତାକୁ ହୃଦୟଙ୍ଗମ କରାଇପାରିବ ଏବଂ ତୁମର ଚିନ୍ତା, ବାକ୍ୟ ଓ କାର୍ଯ୍ୟକଳାପଦ୍ୱାରା ଯଦି ଏହି ଧାରଣା ତା ମନରେ ଦୃଢ଼ମୂଳ କରିପାରିବ ଯେ ତୁମେ ଏକ ମହିମାମୟ ମହାସମ୍ପଦରେ ନିଜକୁ ସମୃଦ୍ଧ କରିବାକୁ ପ୍ରୟାସୀ, ତାହାହେଲେ ଏ କଥା ନିଶ୍ଚିତଭାବରେ ଜାଣିରଖ ଯେ, ତୁମେ ହିଁ ତାର କଳ୍ପନା-ଗଗନରେ ଏକମାତ୍ର ସୁଖସୂର୍ଯ୍ୟରୂପେ ପ୍ରତିଭାତ ହେବ । ସେ ଯେତେବେଳେ ବୁଝିବ ଯେ ତୁମେ ହିଁ ତାର ସୁଖସମୃଦ୍ଧି, ତୁମେ ହିଁ ତାର ସମସ୍ତ କଲ୍ୟାଣକର ପ୍ରେରଣାର ଉତ୍ସ, ତୁମେହିଁ ତାର ଆନନ୍ଦ ଓ ପ୍ରେମ, ତୁମେହିଁ ତାର ଜୀବନ ଓ ଯୌବନ, ତାର ରୂପ ଆଉ ରସ, ସେତେବେଳେ ତୁମ ତୃପ୍ତିରେ ତାର ପରମ ତୃପ୍ତି, ତୁମ ସୌଭାଗ୍ୟରେ ତାର

ମହାସୌଭାଗ୍ୟ ଓ ତୁମ ଶାନ୍ତିରେ ତାର ନିତ୍ୟଶାନ୍ତି ।

ଅବଶ୍ୟ ଏକାନ୍ତ ପ୍ରଗଲ୍‌ଭା ସ୍ତ୍ରୀ ପ୍ରତି ଯେ ଅନ୍ୟ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ନ ହେବ, ତାହା ନୁହେଁ । ପ୍ରଗଲ୍‌ଭା ପତ୍ନୀକୁ ସେହି ପ୍ରଗଲ୍‌ଭତା ମାର୍ଗରେ ହିଁ ଧୀରେ ଧୀରେ ଆୟତ୍ତ କରିବାକୁ ହେବ । ଏହା ଅନେକ ପରିମାଣରେ "ଚୁଟି ପଛେ କଟିଯାଉ ମୁଣ୍ଡଟା ରହୁ" ଏହି କଥାଭଳି ହେଲେ ବି ଯେଉଁଠି ଅନ୍ୟ ଉପାୟ ନାହିଁ ସେଠାରେ ଏହା ହିଁ ଅବଲମ୍ବନୀୟ । ଏ କଥା ସତ୍ୟ ଯେ ଭୋଗ ପଥରେ ଗଲେ କଦାପି ଭୋଗ ଲାଳସାର୍ ନିବୃତ୍ତି ହୋଇପାରେ ନାହିଁ । କିନ୍ତୁ ଏ କଥା ମଧ୍ୟ ମିଥ୍ୟା ନୁହେଁ ଯେ ଭୋଗ ପଥରେ ଗଲେ ଭୋଗ ଲାଳସା ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ହୋଇ ଶେଷରେ ଏପରି ଏକ ସମୟ ଆସି ପହଞ୍ଚେ ଯେତେବେଳେ କି ଲାଳସାର ଉପଯୋଗୀ ପଦାର୍ଥ ଏ ଜଗତରେ ଆଉ ମିଳେନାହିଁ । ସେତିକି ବେଳେ ଭୋଗାର୍ଥୀ ବ୍ୟକ୍ତି କିଛି ଗୋଟାଏ ବୃହତ୍ତର ଜିନିଷ ଚାହେଁ । କିନ୍ତୁ କଣ ସେହି ବୃହତ୍ତର ପଦାର୍ଥ ଯାହାକି ତାର ଲାଳସା-ଚଞ୍ଚଳ ମନକୁ ପୂର୍ଣ୍ଣ ପରିତୃପ୍ତି ପ୍ରଦାନ କରିପାରିବ, ତାହା ସେ ବୁଝି ପାରେନାହିଁ । ମନର ଏହି ଅବସ୍ଥାରେ ଭୋଗାର୍ଥୀ ବ୍ୟକ୍ତି ଯେପରି ତାର ଭୋଗ୍ୟ ବସ୍ତୁକୁ ଶ୍ରୀ ଭଗବାନଙ୍କ ଭିତରେ ଅନ୍ୱେଷଣ କରିବକୁ ବାଧହେବ ଓ ପରିଶେଷରେ ଭଗବାନଙ୍କର ପ୍ରେମ ରସରେ ମଜ୍ଜିଯିବ, ସେଥିପ୍ରତି ଲକ୍ଷ୍ୟ ରଖି ଏ ସବୁ କ୍ଷେତ୍ରରେ କର୍ତ୍ତବ୍ୟ ନିର୍ଦ୍ଧାରଣ କରିବାକୁ ହେବ । ପ୍ରଗଲ୍‌ଭା ପତ୍ନୀର ମନୋବୃତ୍ତି ଓ ମନୋଭଙ୍ଗୀ ଭିନ୍ନ ଭିନ୍ନ ଗୃହରେ ଭିନ୍ନ ଭିନ୍ନ ପ୍ରକାରର ହୋଇ ଥିବାରୁ ସାଧାରଣ ଭାବରେ ପ୍ରଯୁଜ୍ୟ ହେଲାଭଳି କୌଣସି ନିର୍ଦ୍ଦିଷ୍ଟ ଉପଦେଶ ଏ ଗ୍ରନ୍ଥରେ ଉଲ୍ଲେଖ କରାଯାଉ ନାହିଁ ।

(ଗ) ପତ୍ନୀମାନେ ଆତ୍ମସଂଯମ ଅବଲମ୍ବନ କରି ସ୍ୱାମୀର ଭୋଗଇଚ୍ଛାରେ ବାଧା ସୃଷ୍ଟିକଲେ କାମାତୁର ସ୍ୱାମୀମାନେ ବିପଥଗାମୀ ହେବେ ବୋଲି ଯେଉଁ ଆଶଙ୍କା କରାଯାଇଥାଏ, ତାହା ଏକାବେଳକେ ଅମୂଳକ ନୁହେଁ । ଏହି ଆପତ୍ତିଟି ଖଣ୍ଡନ କଲାଭଳି କୌଣସି ସୁଯୁକ୍ତି ଖୋଜିଲେ ମିଳିବା କଠିନ । ଯେଉଁ ସମାଜରେ ନାରୀର ବହୁ ପତିତ୍ୱ ନିଷିଦ୍ଧ ହେବାର ବହୁ ସହସ୍ର

ବର୍ଷ ପରେ ମଧ୍ୟ ଏବେ ବି ପୁରୁଷର ବହୁପତ୍ନୀତ୍ୱ ନିଷେଧ ହୋଇନାହିଁ, * ଯେଉଁ ସମାଜରେ ପୁରୁଷ ପକ୍ଷରେ ନାରୀ କଂସାବାସନ ପରି ଏକ ସମ୍ପତ୍ତି ମାତ୍ର ବା ମାଛ, ମାଂସ ତେଲ ପରି ଏକ ଭୋଗ୍ୟବସ୍ତୁ ମାତ୍ର, ଯେଉଁ ସମାଜରେ ମନ ନ ମାନିଲେ ଗୋଟିଏ ସ୍ତ୍ରୀକୁ ପରିତ୍ୟାଗ କରି ଆଉ ପାଞ୍ଚ ଦଶଟି ସ୍ତ୍ରୀ ବିବାହ ସୂତ୍ରରେ ହେଉ ବା ଗଣିକା ହାଟରୁ ହେଉ ଅକ୍ଳେଶରେ ଅଣାଯାଇପାରେ, ସେ ସମାଜରେ ସଂଯତସ୍ୱଭାବ ପତ୍ନୀର ଇଚ୍ଛା ଥିଲେ ବି ବୃଥାମୈଥୁନ୍ୟ ପରିହାର କରିବା ଚେଷ୍ଟା ସାଫଲ୍ୟମଣ୍ଡିତ ହେବାର ଆଶା ଖୁବ୍ କମ୍ । ଯେଉଁ ସମାଜରେ ସାମାନ୍ୟ ଏକ ମିଥ୍ୟା ଅପବାଦ ଯୋଗୁଁ ନାରୀକୁ ଚୂଡ଼ାନ୍ତ ଲାଞ୍ଛନା ଭୋଗ କରିବାକୁ ପଡ଼େ ଓ ସାମାନ୍ୟ ସ୍ୱାର୍ଥସିଦ୍ଧି ପାଇଁ ଯେଉଁ ସମାଜରେ ସ୍ୱାମୀ ମଧ୍ୟ ଅନେକ ସମୟରେ ସ୍ତ୍ରୀ ନାଁରେ ମିଥ୍ୟା ଅପବାଦ ରଟାଇ ଦାଉ ସାଧିବାକୁ ଲଜ୍ଜିତ ହୁଏ ନାହିଁ ଅଥଚ ନିଜେ ପ୍ରକାଶ୍ୟ ଦିବାଲୋକରେ କୁଳଟା ସଙ୍ଗ କଲେ ମଧ୍ୟ କେହି ତା କାନ ଧରି ନିମନ୍ତ୍ରଣ ପଂକ୍ତିରୁ ଉଠାଇଦେବା ଆବଶ୍ୟକ ମନେ କରନ୍ତି ନାହିଁ, ଯେଉଁ ସମାଜରେ ଅପବାଦଗ୍ରସ୍ତ ବା ସ୍ୱାମୀର ପୌରୁଷ ଅଭାବ ହେତୁ ଦୁର୍ବୃତ୍ତ କର୍ତ୍ତୃକ ଧର୍ଷିତା ନିର୍ଦ୍ଦୋଷ ନାରୀ ସାରା ଜୀବନ କଠୋର ପ୍ରାୟଶ୍ଚିତ କରି ମଧ୍ୟ ତିଳେ ମାତ୍ର ଅନୁକମ୍ପା ପାଏ ନାହିଁ ଅଥଚ ପୁରୁଷର ଅଙ୍ଗପ୍ରତ୍ୟଙ୍ଗ ଉପଦଂଶ-ବିଷ-ଜର୍ଜରିତ ହୋଇ ଖସିପଡ଼ିଲେ ବି ତାର ସମାଜିକ କୌଳିନ୍ୟ ତିଳେ ହେଲେ ହ୍ରାସ ହୁଏ ନାହିଁ, ସେ ସମାଜରେ ଉଚ୍ଛୃଙ୍ଖଳ ସ୍ୱାମୀକୁ ପ୍ରକୃତିସ୍ଥ କରିବା ପାଇଁ ଯଥାର୍ଥ ସୁଶିକ୍ଷାପ୍ରାପ୍ତି ସୁଶିକ୍ଷିତା ନାରୀକୁ ଅନେକ ସମୟରେ ବ୍ରହ୍ମଚର୍ଯ୍ୟ ସାଧନାକୁ ଉପେକ୍ଷା କରିବାକୁ ପଡ଼େ । ସ୍ୱାମୀ ଯଦି ସରଳ ସ୍ୱଭାବର ହୁଅନ୍ତି ତାହାହେଲେ ବୁଦ୍ଧିମତୀ ନାରୀ ଧୀରେ ଧୀରେ ତାଙ୍କ ହୃଦୟକୁ କୌଶଳରେ ଜୟ କରି କାଳକ୍ରମେ ତାଙ୍କୁ ଯେ ସଂଯମମାର୍ଗରେ ପରିଚାଳନ କରିପାରିବ ଏହା ନିଃସନ୍ଦେହରେ କୁହାଯାଇପାରେ । କିନ୍ତୁ ସେଭଳି ବୁଦ୍ଧିମତୀ ଓ କୌଶଳାଭିଜ୍ଞା ପତ୍ନୀଙ୍କ ସଂଖ୍ୟା ସର୍ବତ୍ର ଅତି ଅଳ୍ପ । ଆଉ ସ୍ୱାମୀ ଯଦି କୁଟିଳ ପ୍ରକୃତିର ଲୋକ ହୁଅନ୍ତି ତାହାହେଲେ ମହାବୁଦ୍ଧିମତୀ ସ୍ତ୍ରୀ ପକ୍ଷରେ ମଧ୍ୟ କିଛି କରିପାରିବା କାଠିକର

* ହିନ୍ଦୁର ବହୁ ବିବାହ ନିରୋଧ ଆଇନ ପାଶ୍ ହେବାର ବହୁ ବର୍ଷ ପୂର୍ବେ ଏ ଗ୍ରନ୍ଥ ରଚିତ ହୋଇଥିଲା ।

ପାଠ । ତଥାପି ଏତିକି ମାତ୍ର ଆଶାର କଥା ଯେ ଯେଉଁ ପତ୍ନୀମାନେ ସ୍ୱାମୀର ଅଦମ୍ୟ ଉଚ୍ଛୃଙ୍ଖଳତାକୁ ଦମନ କରିବାକୁ ଅସମର୍ଥ ହୋଇ ନିଜେ କାମର କ୍ରୀଡ଼ା ପୁତ୍ତଳିକା ରୂପେ ବ୍ୟବହୃତା ହେବାକୁ ବାଧ୍ୟ ହେଉଛନ୍ତି ସେମାନେ ଯଦି ସର୍ବଦା ମନପ୍ରାଣ ଲଗାଇ ଶ୍ରୀ ଭଗବାନଙ୍କ ପାଦପଦ୍ମରେ ନିଜନିଜର ମନୋବେଦନା ଜଣାଇବାକୁ ଲାଗନ୍ତି, ତେବେ ଅଗତିର ଗତି ପରମ ଦୟାଳୁ ପ୍ରଭୁଙ୍କ କୃପାନିଳରେ ସେମାନଙ୍କର ତରୀ ନିଶ୍ଚୟ ଦିନେ ନା ଦିନେ ସ୍ରୋତର ପ୍ରତିକୂଳ ଦିଗରେ ଗତିକରିବାକୁ ଆରମ୍ଭ କରିବ । ପ୍ରାର୍ଥନାର ଶକ୍ତି ଅପରିସୀମ । ସ୍ୱାମୀର ଜୀବନର ଯେଉଁ ଅପୂର୍ଣ୍ଣତାଗୁଡ଼ିକ ତାକୁ ଉଚ୍ଛୃଙ୍ଖଳ ବା ବିପର୍ଯ୍ୟସ୍ତ କରିବାକୁ ଲାଗେ, ତାର କେହି ପ୍ରିୟପାତ୍ର ଯଦି ସେହି ଅପୂର୍ଣ୍ଣତାକୁ ଦୂର କରିଦେବା ପାଇଁ ଭଗବାନଙ୍କୁ ଏକାଗ୍ର ମନରେ ପ୍ରାର୍ଥନା କରେ ତେବେ ସେ ପ୍ରାର୍ଥନା କଦାପି ଅପୂରଣ ରହି ନ ପାରେ । ବିଶେଷତଃ ଭଗବତ୍-ସମର୍ପିତ-ପ୍ରାଣ ଜନନୀ-ଜଠରଜାତ ସନ୍ତାନମାନଙ୍କ ପକ୍ଷରେ ଏକାଗ୍ର ଭଗବତ୍ ପ୍ରାର୍ଥନା ଦ୍ୱାରା ପ୍ରିୟଜନର ଅପୂର୍ଣ୍ଣତା ଦୂର କରିବା ଅପେକ୍ଷାକୃତ ସହଜ । କାରଣ ସେମାନେ ପ୍ରତ୍ୟେକ ନିଜ ନିଜ ମା ପାଖରୁ କେତେଗୁଡ଼ିଏ ବାଞ୍ଛନୀୟ କଲ୍ୟାଣକର ପ୍ରେରଣା ଘେନି ଏ ସଂସାରକୁ ଆସିଥାନ୍ତି ।

(ଘ) ବିବାହିତ ବ୍ୟକ୍ତିମାନେ ବ୍ରହ୍ମଚର୍ଯ୍ୟ-ପରାୟଣ ହେଲେ ସ୍ୱାମୀ ସ୍ତ୍ରୀର ଅନୁରାଗ ହ୍ରାସ ପାଇବ ଓ ତା ଫଳରେ ସଂସାରିକ ସୁଖ ନଷ୍ଟ ହେବ ବୋଲି ଯେଉଁ ଆଶଙ୍କା କରାଯାଏ ତାହା ସଂପୂର୍ଣ୍ଣ ଅମୂଳକ । କାରଣ ଯଥାର୍ଥ ଅନୁରାଗ ଏକ ପ୍ରତି ଅନ୍ୟର ଶ୍ରଦ୍ଧାରୁ ହିଁ ଜାତ ହୁଏ ଓ ସେହି ଶ୍ରଦ୍ଧାରେ ହିଁ ତାହା ବଢ଼ିବାକୁ ଲାଗେ । ଯାହା ପ୍ରତି ମୋର ଶ୍ରଦ୍ଧା ନାହିଁ, ଯାହାପ୍ରତି ମୋର ନିୟତ ପ୍ରଶଂସମାନ ଦୃଷ୍ଟି ନାହିଁ, ଯାହାର ଚିତ୍ତାକର୍ଷକ ଗୁଣାବଳୀ ସତତ ମୋତେ ମୁଗ୍ଧ କରେ ନାହିଁ, ତା ପ୍ରତି ମୋର ଯେଉଁ ଅନୁରାଗ ତାହା ନିତାନ୍ତ ହେୟ ଓ କ୍ଷଣଭଙ୍ଗୁର । ପ୍ରକୃତରେ ଦେଖିବାକୁ ଗଲେ ପ୍ରଥମ ଦର୍ଶନରେ ଯେଉଁ ଭଲ ପାଇବା (Love at the first sight) ସେଇଟା କେବଳ ଦେହ ପିପାସା ବା ରୂପ-ଲାଳସାର ନାମାନ୍ତର ମାତ୍ର । ଦେଖି ଦେଖି ପୁରୁଣା ହୋଇଗଲେ ସେହି ଭଲପାଇବା ବସ୍ତୁଟି ଆଉ ନୟନାନନ୍ଦଦାୟକ ହୁଏ ନାହିଁ । ଦେହ ପ୍ରତି ଦେହର ଯେଉଁ ଆକର୍ଷଣ,

ଦେହକୁ ପାଇଲା ପରେ ସେ ଆକର୍ଷଣ ଆଉ ରହେ ନାହିଁ । ସେତେବେଳେ ପ୍ରଥମ ଦର୍ଶନର ଭଲ ପାଇବାଟା ଅତି-ଦର୍ଶନ-ବିତୃଷ୍ଣାରେ ପରିଣତ ହୁଏ । କିନ୍ତୁ ଶ୍ରଦ୍ଧାରୁ ଯେଉଁ ଭଲପାଇବା ଜନ୍ମେ, ତାର ଲକ୍ଷ୍ୟ ଦେହଟା ଭିତରେ ସୀମାବଦ୍ଧ ନ ଥାଏ । ପ୍ରିୟଜନର ସସୀମ ବିକାଶ ଭିତରୁ ଏକ ଅସୀମ ଚୈତନ୍ୟର ସ୍ପର୍ଶ ଲାଭ କରିବା ତାର ଲକ୍ଷ୍ୟ । ଦେହ କଣ ପାଇଲା ନ ପାଇଲା, ସେଥିପ୍ରତି ତାର ଦୃଷ୍ଟି ନ ଥାଏ । କାରଣ ତାର ପିପାସା ଯେପରି ଅଶେଷ, ପ୍ରାପ୍ତି ମଧ୍ୟ ସେହିପରି ଅନନ୍ତ । ସେଠାରେ ପାଇବାର ଶେଷ ନ ଥାଏ କି ବିତୃଷ୍ଣା ପାଇଁ ଅବକାଶ ବି ନ ଥାଏ । ଭ୍ରମର-ସ୍ୱଭାବ ନାରୀ ପୁରୁଷମାନେ ଗୋଟିଏ ଫୁଲର ମହୁ ଚାଖି ଦେଇ ଆଉ ଗୋଟିଏ ଫୁଲକୁ ଉଡ଼ିଯିବାକୁ ବସନ୍ତି କିନ୍ତୁ ଚାତକ-ସ୍ୱଭାବ ସ୍ତ୍ରୀ ପୁରୁଷ କେବଳ ପୂର୍ଣ୍ଣଚନ୍ଦ୍ରର ଜ୍ୟୋସ୍ନା ବିଧୌତ ଅମିୟ ପାନ ଲାଗି ଏକ ନିଷ୍ଠାରେ ଆମରଣ ସୁନୀଳ ଗଗନର ମଳୟ ତରଙ୍ଗରେ ଭାସି ବୁଲନ୍ତି । ଦେହର ଆକର୍ଷଣ ଯେଉଁମାନଙ୍କର ଅନୁରାଗର ମୂଳ ସେମାନେ ମୋହମତ୍ତତାର ବଶବର୍ତ୍ତୀ ହୋଇ ସଙ୍ଗୀ ବା ସଙ୍ଗୀନୀର ଦେହଟାକୁ ପରମ ସୁଖର ଆକର ଭାବି ବେଶ୍ କିଛି କାଳ ତାକୁ ଏପଟ ସେପଟ କରି ଦେଖିଲା ପରେ ଅନୁରାଗ ଜୁଆରରେ ଭଟ୍ଟା ପଡ଼ିବା ଅନୁଭବ କରନ୍ତି । ଏମାନେ ହେଲେ ଭ୍ରମର-ଧର୍ମୀ । ପାରସ୍ପରିକ ଶ୍ରଦ୍ଧା ଯେଉଁମାନଙ୍କର ଅନୁରାଗର ମୂଳଉତ୍ସ, ସେମାନେ ସଙ୍ଗୀ ବା ସଙ୍ଗୀନୀର ଦେହଟାକୁ ପ୍ରାୟ ଭୁଲି ଯାଆନ୍ତି ଏବଂ ଜଣକର ଚିନ୍ତାର ଉଦାରତା, ବାକ୍ୟର ମଧୂରତା ଓ କାର୍ଯ୍ୟସରସତା ଅନ୍ୟଜଣକୁ ଏପରି ଏକ ଅସୀମ କଳ୍ପନାର ଗହନନୀଳିମାର ମଳୟ ହିଲ୍ଲୋଳିତ ତରଙ୍ଗ ପ୍ରବାହରେ ଭସାଇ ନିଏ ଯେ ପ୍ରାଣପ୍ରିୟକୁ ଅୟୁତ ଯୁଗ ବକ୍ଷରେ ଧାରଣ କରି ମଧ୍ୟ ଆତ୍ମହରା ଚିତ୍ତ ଚିରବିରହର ସୁମଧୂର ଜ୍ୱାଳା ଭୁଲିବାକୁ ଚାହେଁ ନାହିଁ, କୋଟି ବର୍ଷ ପ୍ରାଣାଧିକାକୁ ଅପଲକ ନୟନରେ ଦେଖିଲେ ବି ଦେଖିବାର ସାଧ ମେଣ୍ଟେ ନାହିଁ । ଏମାନେ ଚାତକ-ଧର୍ମୀ । ଏମାନଙ୍କର ପ୍ରେମ ଚିଦାୟତନ ବିଦେହୀ ପ୍ରେମ, ତେଣୁ ଏହା ଅନନ୍ତ ଓ ଅପର୍ଯ୍ୟାପ୍ତ । ସଂଯମ ସାଧନା ଏହି ପ୍ରେମକୁ କରେ ସୁଲଭ ଓ ସହଜ ପ୍ରାପ୍ୟ । ଭ୍ରମରର ପ୍ରେମ ସୀମାବଦ୍ଧ କ୍ଷଣିକ ପ୍ରେମ, ଦେହାୟତନ ଭୋଗଲୁବ୍ଧ ପ୍ରେମ । କାରଣ ଏଥିରେ ଦେଣା ପାଉଣା ହିସାବଟା ହିଁ ମୁଖ୍ୟ । ଚାତକର ପ୍ରେମ ଅସୀମ ଓ

ଚିରସ୍ଥାୟୀ କାରଣ ଏଥିରେ ଦେଣା ପାଉଣାର ବସ୍ତୁତି ହିଁ ମୁଖ୍ୟ । ଭ୍ରମର ପାଇଲେ ଖୁସି ହୁଏ ନ ପାଇଲେ ଅଖୁସି ହୁଏ । ଚାତକ ପାଇଲେ ଯାହା ନ ପାଇଲେ ବି ତାହା । ପ୍ରାଣପ୍ରିୟକୁ ଭଲ ପାଇବାରେ ହିଁ ତାର ତୃପ୍ତି । ଏହି ଯେଉଁ ଆଦର୍ଶ ପ୍ରେମ, ଏହାବ୍ରହ୍ମଚର୍ଯ୍ୟ କଳ୍ପବୃକ୍ଷର ଦେବେନ୍ଦ୍ରବାଞ୍ଛିତ ଅପୂର୍ବ ଫଳ । ଅଙ୍ଗରେ ଯେଉଁମାନଙ୍କର ଦୃଷ୍ଟି, ଅଙ୍ଗରେ ଯେଉଁମାନଙ୍କର ତୁଷ୍ଟି, ସେହି ଦେହ-ଭୋଗୀ, ରୂପଲୋଭୀ, ସ୍ତୋକସୁଖୀ ମାନବର ଏହି ଦିବ୍ୟ ପ୍ରେମର କୁଆଡୁ ଅଧିକାର ଆସିବ ? ଯେଉଁମାନେ ଦାମ୍ପତ୍ୟଜୀବନର ଯୁଗଳ-ସାଧନା ଦ୍ୱାରା ଦେହସୁଖ ଅପେକ୍ଷା ଶ୍ରେଷ୍ଠତର ସୁଖକୁ ଲାଭକରିବା ପ୍ରୟାସୀ, ବୃଥା-ମୈଥୁନ-ପରିତ୍ୟାଗୀ ସେହି ସ୍ୱାମୀ ଓ ସ୍ତ୍ରୀଙ୍କ କପାଳରେହିଁ ଏହି ପ୍ରେମାମୃତ ଫଳ ଆସ୍ୱାଦନ କରିବା ସୌଭାଗ୍ୟ ଯୁଟେ । ଆହେ ଭାରତୀୟ ଧର୍ମପ୍ରାଣ ଯୁବକ ଯୁବତୀ ! ତୁମ୍ଭେମାନେ ଆଜି ବାଜେ କଥାରେ ନ ଭୁଲି ନିଜ ନିଜର ବ୍ରହ୍ମଚର୍ଯ୍ୟପୁଷ୍ଟ ଔରସରେ ତଥା ସଂଯମଶୁଦ୍ଧ ଜଠରରେ ଭାରତର ଭାବୀ ଗୌରବକୁ ଜନ୍ମଦାନ ଦେବାଲାଗି କୃତସଂକଳ୍ପ ହୁଅ । ବ୍ରହ୍ମଚର୍ଯ୍ୟ ସାଧନା ତୁମ୍ଭମାନଙ୍କର ଦାମ୍ପତ୍ୟ ଜୀବନକୁ ସୁଖଶାନ୍ତି ବିରହିତ କରିବ ବୋଲି କହି ଅନଭିଜ୍ଞ ବ୍ୟକ୍ତିମାନେ ଯେଉଁ ଆଲୋଚନା ଆରମ୍ଭ କରୁଛନ୍ତି ତୁମ୍ଭେମାନେ ତହିଁରେ ଧୀର ଓ ଅବିଚଳିତ ରହି ଆତ୍ମପ୍ରତ୍ୟୟ ବଳରେ ଦିନୁଦିନ ଜୀବନ ଗଠନ କରିବା ଲାଗି ଯତ୍ନବାନ ଓ ଯତ୍ନବତୀ ହୁଅ । ନିୟତ ଆତ୍ମୋନ୍ନତି ଚେଷ୍ଟାଦ୍ୱାରା ତୁମ୍ଭେମାନେ ପରସ୍ପର ଶ୍ରଦ୍ଧା ଆକର୍ଷଣ କରିବା ଲାଗି ଯୋଗ୍ୟ ଓ ଯୋଗ୍ୟା ହୁଅ ଏବଂ ଶ୍ରଦ୍ଧା-ସମ୍ବର୍ଦ୍ଧିତ ଅପରିମେୟ ପ୍ରେମଦ୍ୱାରା ଏକ ଅପରର ମନପ୍ରାଣକୁ ବେଷ୍ଟନ କରି ଧର । ସଂସାରର ସମସ୍ତ ଦୁଃଖକଷ୍ଟରୁ ପରସ୍ପରକୁ ରକ୍ଷା କରିବା ପାଇଁ ତୁମ୍ଭେମାନେ ନିଜ ନିଜର ଆତ୍ମଗଠନ-ପରାୟଣ ବାହୁ-ଯୁଗଳକୁ ପ୍ରସାରିତ କର ଓ ଯେଉଁ ବାହୁ ଆତ୍ମାର ପ୍ରାର୍ଥନା ଅପେକ୍ଷାଦେହର ଚାହିଦା ବଡ଼ କରି ଦେଖେ, ସେହି କାମ-ପରାୟଣ ବାହୁ-ଯୁଗଳକୁ ସଙ୍କୁଚିତ କରି ଆଣ । ନିଶ୍ଚିତଭାବରେ ବିଶ୍ୱାସ କର ଯେ ସଂସାରର ଦୁଃଖ ଯେଉଁମାନେ ଦୂର କରିବେ, ବିଶ୍ୱକୁ ଯେଉଁମାନେ ଦୈନ୍ୟମୁକ୍ତ କରିବେ, ତୁମ୍ଭମାନଙ୍କର ବିବାହିତ ଜୀବନ ସେହିମାନଙ୍କର ଭୂମିଷ୍ଟ ହେବାର ଭୂମିକା । ତୁମ୍ଭମାନଙ୍କର ଦାମ୍ପତ୍ୟ ଶୁଦ୍ଧତାରେ ତୁମ୍ଭମାନଙ୍କର କଲ୍ୟାଣ, ସେମାନଙ୍କର କଲ୍ୟାଣ,

ଦେଶ, ଜାତି ଓ ସମାଜର ପ୍ରତ୍ୟେକଙ୍କର କଲ୍ୟାଣ ନିହିତ । ଆତ୍ମକଲ୍ୟାଣ ଖାତିରରେ ତୁମ୍ଭେମାନେ ନିଜ ନିଜର ଅମିତାଚାର ପରିହାର କର, ଭବିଷ୍ୟତରେ ଯେଉଁମାନେ ତୁମ୍ଭମାନଙ୍କ ବଂଶରେ ଜନ୍ମ ହୋଇ ସ୍ୱଭାବ-ବ୍ରହ୍ମଚର୍ଯ୍ୟ-ଲବ୍ଧ ଅମୂଲ୍ୟ ସମ୍ପଦ ଘେନି ଜୀବନଯାତ୍ରା ନିର୍ବାହ କରିବେ, ସେମାନଙ୍କ କଲ୍ୟାଣ ପ୍ରତି ଲକ୍ଷ୍ୟ ରଖି ତୁମ୍ଭେମାନେ ଚିତ୍ତର ଦୁର୍ବଳ ମୁହୂର୍ତ୍ତରେ ଆତ୍ମଦର୍ଶନ କରି ସୁସ୍ଥ ହୁଅ ।

(ଙ) ଦାମ୍ପତ୍ୟ ଜୀବନରେ ବ୍ରହ୍ମଚର୍ଯ୍ୟକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟାକଲେ ଲୋକସଂଖ୍ୟା କମିଯିବେ ବୋଲି ଯେଉଁ କୋକୁଆ ଭୟ ଦେଖାଯାଏ ; ତାହା ମଧ୍ୟ ପୂରାପୂରି ଭିତ୍ତିହୀନ । ବରଂ ଟିକିଏ ଚିନ୍ତା କରି ଦେଖିଲେ ସ୍ପଷ୍ଟ ବୁଝାଯିବ ଯେ, ବିବାହିତ ଜୀବନର ବ୍ରହ୍ମଚର୍ଯ୍ୟ ଖାଲି ଯେ ଲୋକସଂଖ୍ୟା ବୃଦ୍ଧିରେ ସହାୟକ ହେବ ତାହା ନୁହେଁ, ନବଜାତ ସନ୍ତାନସନ୍ତତିମାନଙ୍କୁ ସେମାନଙ୍କର ପୂର୍ବପୁରୁଷମାନଙ୍କ ଅପେକ୍ଷା ଶକ୍ତିରେ ସାମର୍ଥ୍ୟରେ, ବୁଦ୍ଧିରେ, ମେଧାରେ ଓ ମନୀଷାରେ ଶ୍ରେଷ୍ଠ କରାଇବ । ବିଭିନ୍ନପନ୍ଥୀ ସମାଜ ସଂସ୍କାରକମାନେ ନିଜନିଜର କର୍ମ ତାଲିକା ପ୍ରତି ଏକାନ୍ତ ଅନୁଗତ ହୋଇଥିବାରୁ, ଜାତୀୟ ଧ୍ୱଂସର କାରଣ ବିଷୟରେ ଯେ ଯାହା ମତବ୍ୟକ୍ତ କରନ୍ତୁ ପଛକେ, ଶିଶୁ ମୃତ୍ୟୁର ଆଧିକ୍ୟ ଯେ ଜାତୀୟ କ୍ଷୟର ପ୍ରଧାନ ଲକ୍ଷଣ ଏବଂ ପ୍ରାଗ୍ ଦାମ୍ପତ୍ୟ ତଥା ବୈବାହିକଜୀବନର ଅଦମିତ ଅସଂଯମ ଯେ ଶିଶୁମୃତ୍ୟୁର ସର୍ବପ୍ରଧାନ କାରଣ ; ଏ କଥାଟିକୁ ଅସ୍ୱୀକାର କରିବାର ବାଟ କାହାର ହେଲେ ନାହିଁ । ବିବାହିତ ଜୀବନରୁ ଅସଂଯମ ଯଦି ମୂଳୋତ୍ପାଟିତ ହୁଏ ଏବଂ ନରନାରୀମାନେ ନିଜ ନିଜର କୌମାର୍ଯ୍ୟ ଜୀବନରେ କଠୋର ଆତ୍ମଗଠନ କଲାପରେ ଯଦି ଗାର୍ହସ୍ଥ୍ୟ ଆଶ୍ରମରେ ପ୍ରବେଶ କରନ୍ତି, ତାହାହେଲେ ଶିଶୁମୃତ୍ୟୁ ପ୍ରଶମିତ ହେବାକୁ ବାଧ୍ୟ । ବ୍ରହ୍ମଚାରୀ ପିତାମାତାଙ୍କର ସନ୍ତାନମାନେ ସ୍ୱଭାବତଃ ସୁସ୍ଥ, ସୁଦୃଢ଼ ଓ ବଳିଷ୍ଠ ଦେହର ଅଧିକାରୀ ହେବେ ଓ ଅକାଳମୃତ୍ୟୁ ସ୍ୱଭାବତଃ ସେମାନଙ୍କୁ ପରିତ୍ୟାଗ କରିବ । ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବର୍ତ୍ତମାନର ମନୁଷ୍ୟମାନଙ୍କ ଅପେକ୍ଷା ବହୁଗୁଣରେ ବଢ଼ିଯିବ । ଦୁର୍ଭିକ୍ଷର ମୂଳକାରଣ "ଆଳସ୍ୟ ଶତ୍ରୁକୁ" ତଥା ଅନ୍ୟାନ୍ୟ ଅର୍ଥନୈତିକ ଓ ରାଜନୈତିକ କାରଣ ଗୁଡ଼ିକ ସମୂଳେ ଧ୍ୱଂସ କରିବାକୁ ସେମାନେ ଅପେକ୍ଷାକୃତ

ଅଧିକ ସମର୍ଥ ହେବେ । ଯୁଦ୍ଧକ୍ଷେତ୍ରରେ କୋଟି କୋଟି ମାନବ ପ୍ରାଣବଳି ଦେଲେ ବି ସେମାନେ ଗୃହତ୍ୟକ୍ତା ନିଜ ନିଜ ସହଧର୍ମିଣୀମାନଙ୍କର ଗର୍ଭରେ ବା କୋଳରେ ଶ୍ରେଷ୍ଠ ମନୁଷ୍ୟତ୍ୱର ବୀଜ ବା ଅଙ୍କୁର ରକ୍ଷା କରିବାକୁ ସମର୍ଥ ହେବେ । ସର୍ବବ୍ୟାପୀ ଭାବରେ ଗୃହଜୀବନକୁ ଥରେ ଯଦି ସଂଯମ-ପରିଶୁଦ୍ଧ କରି ଦିଆଯାଏ ତାହାହେଲେ ଭାରତ ଏପରି ଅଭ୍ୟୁଥାନ ଲାଭ କରିବ ଯେ ମହାମାରୀ କି ଦୁର୍ଭିକ୍ଷର ହାହାକାର ପାଖରେ ଅଥବା ନରରକ୍ତଲୁବ୍‌ଧା ତୃଷାତୁରା ଧରିତ୍ରୀ ବକ୍ଷରେ କୁରୁକ୍ଷେତ୍ର ପୁନରାଭିନୟ ପାଖରେ ତାହା କଦାପି ନତମସ୍ତକ ହେବ ନାହିଁ । ଏକ ସମୟରେ ଇଟାଲିରେ ମୁସୋଲିନୀ, ଜର୍ମାନୀରେ ହିଟ୍‌ଲର୍, ଋଷିଆରେ ଷ୍ଟାଲିନ୍ ପ୍ରଭୃତି ରାଷ୍ଟ୍ରନାୟକମାନେ ନିଜ ନିଜ ଜାତିର ଲୋକସଂଖ୍ୟା ବୃଦ୍ଧିଲାଗି ନାନାବିଧ ଉପାୟ ଅବଲମ୍ବନ କରୁଥିବା ଦେଖି ଆମ ଦେଶରେ କେହି କେହି ତାହା ଅନୁକରଣକରିବାକୁ ମନ ବଳାଇପାରନ୍ତି । ବହୁ ସନ୍ତାନ ଜନ୍ମ କରିଥିବା ପିତାମାତାଙ୍କୁ ସମ୍ମାନିତ ଓ ପୁରସ୍କୃତ କରି ପ୍ରତ୍ୟେକ ଦମ୍ପତି ଯେପରି ଅତ୍ୟଧିକ ସଂଖ୍ୟାରେ ସନ୍ତାନଜନନ କରନ୍ତି ସେଥିଲାଗି ପ୍ରଥମୋକ୍ତ ଦେଶଦ୍ୱୟରେ ଧାରାବାହିକ ଭାବରେ ଉତ୍ସାହ ପ୍ରଦାନ କରାଯାଉଥିଲା ଏବଂ ଶେଷୋକ୍ତ ଦେଶରେ ପରୋକ୍ଷ ଭାବରେ ଜନ୍ମ ସଂଖ୍ୟା ବୃଦ୍ଧିରେ ସହାୟତା କରାହେଉଥିଲା । କିନ୍ତୁ ଯେଉଁ କାରଣ ବଶତଃ ଇଟାଲି ଓ ଜର୍ମାନୀରେ ବେପରୁଆ ଭାବରେ ସନ୍ତାନ ସଂଖ୍ୟା ବୃଦ୍ଧି ଲାଗି ଚେଷ୍ଟା କରା ହୋଇଥିଲା ଓ ରୁଷିଆରେ ସେ ଦିଗରେ ପରୋକ୍ଷ ଭାବରେ ସହାୟତା ଦିଆଯାଇଥିଲା, ଠିକ୍ ଅନୁରୂପ କାରଣ ଭାରତବର୍ଷରେ ବିଦ୍ୟମାନ ଅଛି ବୋଲି ଯଦ୍ୟପି ଧରି ନିଆଯାଏ ତଥାପି ବର୍ତ୍ତମାନର ରାଷ୍ଟ୍ରୀୟ ବ୍ୟବସ୍ଥାରେ ନବଜାତ ସନ୍ତାନସନ୍ତତିଙ୍କର ଲାଳନପାଳନ ଓ ଶିକ୍ଷାଦାନର ସୁବ୍ୟବସ୍ଥା ନ ଥିବାରୁ ନବଜାତ ଶିଶୁମାନଙ୍କୁ ଦାରିଦ୍ର୍ୟ-ପ୍ରଭାବଜ ନାନା ମାରାତ୍ମକ ବ୍ୟାଧିର ପ୍ରବଳ ଆକ୍ରମଣରୁ ରକ୍ଷା କରିବାର କୌଣସି ସମ୍ଭାବନା ନାହିଁ । ସୁତରାଂ ବର୍ତ୍ତମାନ ଭାରତବର୍ଷରେ ଅଗଣିତ ସନ୍ତାନଜନନ ପ୍ରୟାସର କୌଣସି ରାଷ୍ଟ୍ରୀୟ ଉପଯୋଗିତା ନାହିଁ । ବିଗତ ୧୯୧୪ ଖ୍ରୀଷ୍ଟାବ୍ଦରେ ଇଉରୋପରେ ହୋଇଥିବା ମହାଯୁଦ୍ଧ ଓ ତତ୍‌ପରବର୍ତ୍ତୀ ବଲ୍‌କାନ ସମର ପରେ ବଲ୍‌କାନ ଷ୍ଟେଟ୍‌ରୁ ଅଭ୍ୟୁଦ୍‌ଗତ ବୁଲଗେରିଆ ପ୍ରଭୃତି କେତେକ ଛୋଟ ଛୋଟ ରାଜ୍ୟରେ ବହୁବିବାହ

ପ୍ରଚଳନ କରି ଲୋକସଂଖ୍ୟା ବୃଦ୍ଧି କରିବା ପାଇଁ ଚେଷ୍ଟା ହୋଇଥିଲା । କିନ୍ତୁ ଯେଉଁ କାରଣରୁ ସେ ଚେଷ୍ଟା ହୋଇଥିଲା ଭାରତରେ ସେ କାରଣ ନାହିଁ । ମୁସଲମାନ ଧର୍ମରେ ଜନସଂଖ୍ୟା ବୃଦ୍ଧିଲାଗି ବହୁ ବିବାହ ସମର୍ଥନ କରିବାରେ କାର୍ପଣ୍ୟ ପ୍ରଦର୍ଶନ କରାଯାଇ ନାହିଁ । କାରଣ ପ୍ରଥମେ ଯେତେବେଳେ ଇସଲାମଧର୍ମ ପ୍ରଚାର କରାଗଲା ସେତେବେଳେ ଇସଲାମବିଦ୍ୱେଷୀ ପ୍ରତିବେଶୀମାନଙ୍କର ଅନ୍ୟାୟ ନିର୍ଯ୍ୟାତନା ହେତୁ ସାମୟିକଭାବରେ ସେହି ସମ୍ପ୍ରଦାୟର ସଂଖ୍ୟାବୃଦ୍ଧି କରିବା ଏକାନ୍ତ ଆବଶ୍ୟକ ହୋଇ ପଡ଼ିଥିଲା । କିନ୍ତୁ ଆଖିବୁଜି ବେପରୁଆ ଭାବରେ ଖାଲି ସନ୍ତାନ ଜନ୍ମ କରି ଚାଲିଲେ ସମାଜ କି ଧରଣର ଲୋକଙ୍କ ଦ୍ୱାରା ପୂର୍ଣ୍ଣ ହୁଏ ତାହା ମଧ୍ୟ ଚିନ୍ତାକରି ଦେଖିବା କଥା । ମୁସ୍ତଫା କାମାଲ ପଶା ଇସଲାମର ଉପାସକ ହେଲେ ମଧ୍ୟ ସେ ତରବାରୀ ବଳରେ ବହୁବିବାହ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ । ବିଭିନ୍ନ ଦେଶରେ ବିଭିନ୍ନ ସମାଜରେ ବିଭିନ୍ନ ଆବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ସମୟରେ ସନ୍ତାନ ସଂଖ୍ୟା ବୃଦ୍ଧି ଲାଗି ଚେଷ୍ଟା କରାଯାଇଛି ବୋଲି ଯେ ଭାରତୀୟ ଜୀବନରେ ତାକୁ ଅନ୍ଧଭାବରେ ଅନୁକରଣ କରିବାକୁ ହେବ ଏହା ଯୁକ୍ତିସଙ୍ଗତ ନୁହେଁ । ଆଉ ମଧ୍ୟ ମନେ ରଖିବାକୁ ହେବ ଯେ ବେପରୁଆ ଲୋକସଂଖ୍ୟା ବୃଦ୍ଧି ଦାଉରେ ଛଟପଟ ହୋଇ ଇଂଲଣ୍ଡ, ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଭୃତି ଦେଶରେ ଦଳେ ସମାଜ ସଂସ୍କାରକ କୃତ୍ରିମ ଜନ୍ମନିରୋଧ ଭଳି ଯେଉଁ କଦର୍ଯ୍ୟ ଓ ନିନ୍ଦନୀୟ ଚେଷ୍ଟା କରିବାକୁ ଉଦ୍ୟତ ହେଉଛନ୍ତି, ପ୍ରକୃତରେ ଦେଖିବାକୁ ଗଲେ ତାହା ଅବାଧ ଜନବୃଦ୍ଧିର ବିଭୀଷିକାମୟୀ ମୂର୍ତ୍ତିକୁ ହିଁ ପ୍ରକଟିତ କରୁଛି ଏବଂ ସେଥିରୁ ଏକଥା ପ୍ରମାଣିତ ହେଉଛି ଯେ ଯେନତେନ ପ୍ରକାରେଣ ଜନସଂଖ୍ୟା ବୃଦ୍ଧି କରିପାରିଲେ ଯେ ମସ୍ତବଡ଼ କାମ ଗୋଟିଏ ହାସଲ ହୋଇଗଲା, ତା ନୁହେଁ ସମୟେ ସମୟେ ଜନବୃଦ୍ଧି ମଧ୍ୟ ରାଷ୍ଟ୍ର ଓ ସମାଜ ପକ୍ଷରେ ଅବାଞ୍ଛନୀୟ ହୋଇପଡ଼େ । ଭାରତର ଜନସଂଖ୍ୟା ବୃଦ୍ଧି ଯେ ଅନାବଶ୍ୟକ ଏ କଥା ମୁଁ କହୁନାହିଁ କିନ୍ତୁ ବେପରୁଆ ଭାବରେ ଜନସଂଖ୍ୟା ବୃଦ୍ଧି କରାଇଲେ ତଦ୍ୱାରା ଭାରତର ମଙ୍ଗଳ ହେବ, ଏଭଳି ଯୁକ୍ତିର ସାରବତ୍ତାକୁ ମୁଁ ଅସ୍ୱୀକାର କରୁଛି ।

ଆଉ ଗୋଟିଏ କଥା ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ପୃଥିବୀର

ଯେ କୋଣସି ଦେଶର ଜନ୍ମମୃତ୍ୟୁ ସଂଖ୍ୟାର ହାର ଆଲୋଚନା କଲେ ଦେଖାଯାଏ ଯେ ଯେତେବେଳେ ଯେଉଁ ଦେଶରେ ଜନ୍ମସଂଖ୍ୟା ବଢ଼ିଛି ସତେବେଳେ ସେ ଦେଶରେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଛି । ତା ମାନେ ଜନ୍ମସଂଖ୍ୟା ବଢ଼ିଲେ ଯେ ଦେଶର ଲୋକସଂଖ୍ୟା ବଢ଼ିବ ତା' ନୁହେଁ, ଅର୍ଥାତ୍ ଲୋକସଂଖ୍ୟା ବଢ଼ାଇବାର ଯେଉଁ କୌଶଳ ସେ କୌଶଳଟି ନିରବଛିନ୍ନ ସନ୍ତାନ-ଜନ୍ମକାରୀ ହାତରେ ତ ନଥାଏ ।ଏଥିରୁ ବୁଝାଯିବ ଯେ ମୃତ୍ୟୁସଂଖ୍ୟା ହ୍ରାସକାରୀ ହିଁ ପ୍ରକୃତ ଲୋକସଂଖ୍ୟା ବର୍ଦ୍ଧନକାରୀ । କାରଣ ମୃତ୍ୟୁସଂଖ୍ୟା ହ୍ରାସ କରିବାର ଉପାୟ ହିଁ ପ୍ରକୃତରେ ଲୋକ ସଂଖ୍ୟା ବୃଦ୍ଧିର ଅଭ୍ରାନ୍ତ ଉପାୟ । ଯୁକ୍ତିଦ୍ୱାରା ସାବ୍ୟସ୍ତ ନ ହେଲେ ବି ତର୍କ ଛଳରେ ଯଦି ଏକଥା ସ୍ୱିକାର କରାଯାଏ ଯେ ଜନ୍ମସଂଖ୍ୟା ବଢ଼ିବାଦ୍ୱାରା ପ୍ରକୃତରେ ଲୋକସଂଖ୍ୟା ବଢ଼େ, ତଥାପି ସେଥିରୁ ଏ କଥା ପ୍ରମାଣିତ ହୁଏ ନାହିଁ ଯେ ତଦ୍ୱାରା ଜାତୀୟ ଉନ୍ନତି ବର୍ଦ୍ଧିତ ହୁଏ । ଅନ୍ଧ, ଅନାଥ, ଅକ୍ଷମଙ୍କ ଦଳବୃଦ୍ଧିରେ ପ୍ରକୃତରେ ସମାଜର ବଳବୃଦ୍ଧି ହୁଏ ନା ବଳକ୍ଷୟ ହୁଏ ? ଯେଉଁମାନେ ନିଜ ଗୋଡ଼ରେ ନିଜେ ଠିଆ ହୋଇ ନ ପାରିଲେ ସେମାନଙ୍କ ଦ୍ୱାରା କଣ ଦେଶ ଓ ସମାଜ ଲାଭବାନ ହେବ ? ଯେଉଁମାନେ ଚିରକାଳ ପରପଦାନତ ହୋଇ ରହିବେ, ଚିରକାଳ ପରକଥାରେ ଚାଳିତ ହେବେ, ଚିରକାଳ ପରପାଖରୁ ଭିକମୁଠାଏ ମିଳିଲେ ଯେଉଁମାନେ ନିଜକୁ ଭାଗ୍ୟବାନ ବୋଲି ମନେ କରି ଆତ୍ମଶକ୍ତିର ବ୍ୟବହାର ଲାଗି ଅଳସ ଓ କୁଣ୍ଠିତ ହେବେ ସେଭଳି ଭିକାରୀପଲକୁ ଜନ୍ମଦେଇ ଲୋକସଂଖ୍ୟା ବୃଦ୍ଧି କଲେ କଣ ଭାରତ ତାର ଯଥାର୍ଥ ମହିମା ଓ ଗୌରବ ଫେରି ପାଇପାରିବ ? ଜଣେ ଦୁଇଜଣ ପ୍ରକୃତ ମଣିଷଙ୍କ ଦାମ୍ ଅପେକ୍ଷା ପାଞ୍ଚଦଶ ଲକ୍ଷ ଘୁଷୁରି ଛୁଆଙ୍କ ଦାମ୍ ବେଶି ବୋଲି ବିବେଚନା କରିବାକୁ ଶିଖିଲେ କଣ ଆମର ମୁକ୍ତିକାମୀ ପୂର୍ବପୁରୁଷମାନଙ୍କର ଅତୃପ୍ତ ଆତ୍ମାର ମୋକ୍ଷସାଧନ ହେବ ? ଯେଉଁ ଅଗ୍ନିମୟୀ ଆକାଂକ୍ଷା ଆଜି ଧନୀନିର୍ଦ୍ଧନ ଛୋଟବଡ଼ ନିର୍ବି ଶେଷରେ ପତ୍ୟେକ ଭାରତୀୟ ମନରେ ଅନୁଭୂତ ହେଉଅଛି, କୋଟି କୋଟି ନପୁଂସକ ପିଲାଙ୍କ ଦ୍ୱାରା ଆକୁମାରୀ ହିମାଚଳ ପରିପୂର୍ଣ୍ଣ କରିପାରିଲେ କଣ ସେହି ଆଶା ଆକାଂକ୍ଷା ପରିପୂରଣ ହୋଇପାରିବ ? ପ୍ରସଙ୍ଗକ୍ରମେ ଆଉଗୋଟିଏ କଥା ମନେ ରଖିବାକୁ ହେବ ।

ଯେଉଁ ଅସହ୍ୟ ଯନ୍ତ୍ରଣା ଓ ଦୈହିକ କଷ୍ଟ ସହ୍ୟ କରି ମା'ମାନେ ବର୍ଷକୁବର୍ଷ ଅବିଶ୍ରାନ୍ତ ସନ୍ତାନ ପ୍ରସବ କରି ଚାଲିଛନ୍ତି, ତାହା ନାରୀ ଜାତିକୁ କେବଳ ଯେ ମୃତ୍ୟୁମ୍ଳାନ କରୁଛି ତା'ନୁହେଁ, ସ୍ତ୍ରୀ ପୁରୁଷ ନିର୍ବିଶେଷରେ ପ୍ରତ୍ୟେକଙ୍କ ପାଇଁ ଏହା ପରୋକ୍ଷ ଭାବରେ ମୃତ୍ୟୁକୁ ହିଁ ବରଣ କରୁଛି । ଅଧିକନ୍ତୁ ଅକାଳରେ ମରି ଯାଉଥିବା ବହୁ ସନ୍ତାନସନ୍ତତିଙ୍କର ଗ୍ରାସାଚ୍ଛାଦନ ଓ ଶିକ୍ଷା ବ୍ୟବସ୍ଥାରେ ଯେଉଁ ପରିମାଣର ଅର୍ଥ ଓ ଶ୍ରମ ବ୍ୟୟିତ ହେଉଅଛି ଓ ଅକାଳମୃତ୍ୟୁ ଦ୍ୱାରା ସେ ଅର୍ଥବ୍ୟୟ ଓ ପରିଶ୍ରମ ଯେପରି ଭାବରେ ବ୍ୟର୍ଥ ହୋଇଯାଉଛି ସେ ଦୃଷ୍ଟିରୁ ଏକଥା କହିବା କଣ ସଙ୍ଗତ ହେବ ଯେ ଡଜନ ବା କୋଡ଼ି ସଂଖ୍ୟାରେ ସନ୍ତାନ ଜନନ କରିଗଲେ ସେଥିରୁ ମରିହଜି ଯାହା ରହିବେ ସେହିମାନେ ଜାତୀୟ ଉନ୍ନତିର ମାନଦଣ୍ଡ ହେବେ ? ଯେଉଁ କୁସୁମ କଳିକା ଗୁଡ଼ିକ ଫୁଟିବା ଆଗରୁ ଝଡ଼ିପଡ଼ିଲେ ସେମାନେ ଯଦି ଆଦୌ ଜନ୍ମ ହୋଇ ନ ଥାନ୍ତେ ତାହାହେଲେ ଯେଉଁଗୁଡ଼ିକ ମରୁ ମରୁ କୌଣସିମତେ ଦରମରା ହୋଇ ଠାକି ଗଲେ ସେହି ଅଭାଗାମାନେ ବହୁ ପ୍ରସବକ୍ଳାନ୍ତା ରିଷ୍ଟସ୍ୱଭାବା ଜନନୀର ତର୍ଜନଗର୍ଜନ ପରିବର୍ତ୍ତେ ହାସ୍ୟମୁଖୀ ଜନନୀର ସ୍ନେହ ଆସର ଓ ଯତ୍ନ ପୂର୍ଣ୍ଣ ମାତ୍ରାରେ ପାଇଥାନ୍ତେ ଏବଂ ଦାରିଦ୍ର୍ୟ-ଜର୍ଜରିତ ରୁକ୍ଷଚେତା ପିତା ବଦଳରେ ସେମାନେ ଅପେକ୍ଷାକୃତ ସ୍ୱଚ୍ଛଳ ଓ ହୃଷ୍ଟଚେତା ପିତାର ସାନିଧ ଲାଭ କରିଥାନ୍ତେ ଯେ କି ସେମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଓ ସୁଶିକ୍ଷା ବ୍ୟବସ୍ଥାରେ ଅକାତର ଅର୍ଥବ୍ୟୟ କରିବାକୁ ସମର୍ଥ ହୋଇଥାନ୍ତା । ତେଣୁ ମୁଁ କହେ, ଆହେ ଭାରତ-ପ୍ରେମୀ ଯୁବକଯୁବତୀଗଣ ! ଆଜି ତୁମ୍ଭେମାନେ ତୀକ୍ଷ୍ଣଦୃଷ୍ଟିରେ ଦେଖି ନିଅ ତୁମ ଦାମ୍ପତ୍ୟ ଦାୟିତ୍ୱର ପ୍ରକୃତ ସ୍ୱରୁପ କଣ । ଆଜି ତୁମ୍ଭେମାନେ ଜାଣି ନିଅ ତୁମ ପାରିବାରିକ ସୁଖ ଦୁଃଖର ପ୍ରକୃତ ନିଦାନ କଣ ? ଭାବି ଦେଖ, ପଲେ ଦେଶଦ୍ରୋହୀ, ଜାତିଦ୍ୱେଷ ଅନ୍ନ କାଙ୍ଗାଳଙ୍କୁ ଜନ୍ମ କରି ସେମାନଙ୍କର ଚିରଦାରିଦ୍ର୍ୟ ଦୁଃଖଭାର ତୁମ୍ଭେମାନେ ନିଜ ସ୍କନ୍ଧରେ ବହନ କରିବ କି ନାହିଁ ? ଆଜି ଚିନ୍ତାକରି ଦେଖ, ହାହାକାର-ସର୍ବସ୍ୱ ପଲେ ତୀର୍ଥକାକ ଜନ୍ମକରି ନିଜ ନିଜର ବିଧିଦତ୍ତ ଦୁଃଖକଷ୍ଟର ପରିମାଣ ଓ ଗଭୀରତାକୁ ବଢ଼ାଇବ କି ନାହିଁ । ପଲେ ଚିରରୋଗ କାତର, ସ୍ୱାସ୍ଥ୍ୟହୀନ ଜୀବନ୍ମୃତଙ୍କୁ ଜନ୍ମଦେଇ ଡାକ୍ତରଙ୍କ ଦର୍ଶନୀ ସଙ୍ଗେ ସଙ୍ଗେ ଘରେ ଘରେ

ମିଶରୀୟ ମମିର ଏକ ଏକ ପ୍ରଦର୍ଶନୀ ଖୋଲିବାର ପକ୍‌କା ବ୍ୟବସ୍ଥା କରିବ କି ନାହିଁ । ଆଜି ବିଚାର କରି ଦେଖ ନିଜ ନିଜର ଅସ୍ୱାସ୍ଥ୍ୟକର ଅନ୍ନହୀନ ଗୃହକୁ ବର୍ଷକୁ ବର୍ଷଗୋଟି ଲେଖାଏଁ ନବଜାତ ଶିଶୁଙ୍କୁ ନିମନ୍ତ୍ରଣ କରି ଆଣି ଶିଶୁ ମୃତ୍ୟୁ ଓ ପ୍ରସୁତୀ ମୃତ୍ୟୁ ଜନିତ ମର୍ମଭେଦୀ କ୍ରନ୍ଦନ-ରୋଳାରେ ଦେଶକୁ ଭସାଇବ କି ନାହିଁ ।ଦେଶର ଲୋକସଂଖ୍ୟା ବଢ଼ାଇବାର ଅସାର ଯୁକ୍ତିରେ ଭୁଲି ତୁମ୍ଭେମାନେ ନିଜ ନିଜର ଦେହର ସ୍ୱାସ୍ଥ୍ୟ, ମନର ବଳ, ଚିତ୍ତର ସ୍ୱାଧୀନତା ଓ ହୃଦୟର ସଜୀବତାକୁ ବିସର୍ଜନ ଦେବ କି ନାହିଁ, ତାହା ଆଜି ନିର୍ଦ୍ଧାରଣ କର । ଆଜି ନିଜର ଅନ୍ତରଆତ୍ମାକୁ ଦୃଢ଼ କଣ୍ଠରେ ପଚାର, କେଉଁ ମାର୍ଗରେ ଗଲେ ତୁମ୍ଭମାନଙ୍କର ପ୍ରକୃତ ମଙ୍ଗଳ ହେବ-ସଂଯମ ମାର୍ଗରେ ନା ବହୁ ସନ୍ତାନଜନକ ମାର୍ଗରେ ? ପାଶ୍ଚାତ୍ୟ-ପ୍ରବର୍ତ୍ତିତ ଜନ୍ମନିରୋଧ ପନ୍ଥା ଅନୁସରଣ କରି କେହି କେହି ହୁଏତ ଚଳିବାକୁ ମନ ବଳାଇ ପାରନ୍ତି କିନ୍ତୁ ତାର ଅନୁପଯୋଗିତା ସମ୍ବନ୍ଧେ ମୁଁ ଏହି ଗ୍ରନ୍ଥରେ ଅନ୍ୟତ୍ର ଆଲୋଚନା କରିବି ।

(ଚ) ଦାମ୍ପତ୍ୟ ଜୀବନରେ ମୈଥୁନ ବର୍ଜନ କଲେ ସ୍ୱାମୀ ବା ସ୍ତ୍ରୀ ଦେହରେ ରୋଗ ଜନ୍ମିପାରେ ଓ ତଦ୍ଦ୍ୱାରା ସେମାନଙ୍କର ଆୟୁ କମିଯାଇ ପାରେ ବୋଲି ଦର୍ଶାଇ ବିବାହିତର ବ୍ରହ୍ମଚର୍ଯ୍ୟ ଅବଲମ୍ବନ ବିରୁଦ୍ଧରେ ପ୍ରବଳ ଆପତ୍ତି ଉତ୍‌ଥାପିତ ହୋଇଥାଏ । ଏହା କେତେଦୂର ସତ୍ୟ ଆମେ ବିଚାର କରି ଦେଖିବା। ପ୍ରକୃତରେ ରୋଗ ଜନ୍ମେ, କି ନାହିଁ ସେ ବିଷୟରେ ଆଲୋଚନା କରିବା ପୂର୍ବରୁ ଚାଲ ଆମେ ଆୟୁର୍କ୍ଷୟ ସମ୍ପର୍କୀୟ ବିଷୟରେ ପ୍ରଥମେ ବିଚାର କରିବା ।

ଯଦି ଧରି ନିଆଯାଏ ଯେ ଦାମ୍ପତ୍ୟଜୀବନରେ ବ୍ରହ୍ମଚର୍ଯ୍ୟ ପାଳନ କଲେ ବାସ୍ତବିକ ଆୟୁର୍କ୍ଷୟ ହୁଏ, ତାହାହେଲେ ତ ପ୍ରଶ୍ନ ଉଠିବ ଯେ ଦାମ୍ପତ୍ୟ ଜୀବନରେ ହିତାହିତ ବୁଦ୍ଧି ବିବର୍ଜିତ ହୋଇ ଅବିରାମ କାମଚର୍ଚ୍ଚା କଲେ କଣ ଆୟୁର୍ବୃଦ୍ଧି ହେବ ? ମନେକର ଯୁକ୍ତିତର୍କ ଦ୍ୱାରା ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଲୁ ଯେ ଦାମ୍ପତ୍ୟ ସଂଯମ ଫଳରେ ଆୟୁର୍ହାନି ହୁଏ, କିନ୍ତୁ ଅବାଧ ଇନ୍ଦ୍ରିୟ ସଙ୍ଗମ ଦ୍ୱାରା ଆୟୁକାଳବର୍ଦ୍ଧିତ ହୁଏ ବୋଲି କହିଲେ ପାଗଳ ସୁଦ୍ଧା କଣ ସେ କଥା

ବିଶ୍ୱାସ କରିବ ?

ତା ପରେ ମୈଥୁନ-ବର୍ଜନଜନିତ ରୋଗ କଥା ଆସୁଛି । କୋଟି କୋଟି ନରନାରୀ ପ୍ରତି ମୁହୂର୍ତ୍ତରେ ସ୍ତ୍ରୀ-ସମ୍ଭୋଗ ବା ସ୍ୱାମୀ-ସଂସର୍ଗ କରୁଛନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ କଣ ନିରୋଗ ? ମୈଥୁନ ବର୍ଜନ କରିବା ଫଳରେ ବହୁ ନାରୀ ହିଷ୍ଟ୍ରୀଆ ବା ଯୋଷିତ ଅପସ୍ମାର ରୋଗର ଆକ୍ରାନ୍ତ ହୁଅନ୍ତି ବୋଲି ଅଭିଯୋଗ କରାଯାଇ ଥାଏ । ଏହା ଯଦି ସତ୍ୟ ବୋଲି ଧରାଯାଏ ତାହାହେଲେ ଏପରି ସହସ୍ର ସହସ୍ର ନାରୀ ଅଛନ୍ତି ଯେଉଁମାନେ ସମ୍ଭୋଗ ବର୍ଜନ କରିନାହାଁନ୍ତି, ତାହାହେଲେ ସେମାନେ କାହିଁକି ହିଷ୍ଟ୍ରିଆ ରୋଗ ଆରୋଗ୍ୟ ଆଶାରେ ଆମ ଆଶ୍ରମ ଦୁଆରେ ଆସି ଧାରଣା ଦିଅନ୍ତି ? ଅ-ମୈଥୁନ ଜରାୟୁଜ ରୋଗର କାରଣ ନୁହେଁ, ଅତି-ମୈଥୁନ ହିଁ ତାର ପ୍ରଧାନ କାରଣ ଏବଂ ଚିତ୍ତର ପ୍ରଚ୍ଛନ୍ନ କାମ ସଂସ୍କାର ହିଁ ସର୍ବାପେକ୍ଷା ପ୍ରବଳ କାରଣ । ଜରାୟୁ (Uterus), ଡିମ୍ବଧାର ଦ୍ୱୟ (Ovaries) ସୁପ୍ରାରେନାଲ କର୍ଟେକ୍ସ (Suprarenal Cortex) ଥାଇରଏଡ ଗ୍ଲାଣ୍ଡ (Thyroid Gland) ପ୍ରଭୃତି ଅନୁଭୁତିପ୍ରବଣ ଶାରୀରିକ ଯନ୍ତ୍ର ଉପରେ ଚିତ୍ତର କାମୁକତା ଏପରି କ୍ରିୟାବିସ୍ତାର କରେ ଯେ ତା ଫଳରେ ଉକ୍ତ ଗ୍ରନ୍ଥୀଗୁଡ଼ିକର ସ୍ୱାଭାବିକ ରସନିଃସରଣ କ୍ଷମତାରେ ବିରାଟ ବିପର୍ଯ୍ୟୟ ସଂଘଟିତ ହୁଏ ଏବଂ ତାର ଅବଶ୍ୟମ୍ଭାବୀ ପରିଣତି ସ୍ୱରୁପ ରୋଗ ଜନ୍ମେ । ଅମୈଥୁନ ରୋଗ ଜନ୍ମାଏ ନାହିଁ, ଦୂଷିତ ଚିନ୍ତାଗୁଡ଼ିକ ହିଁ ରୋଗର ପ୍ରକୃତ ଜନକ । ଦାମ୍ପତ୍ୟ-ବ୍ରହ୍ମଚର୍ଯ୍ୟ ପ୍ରୟାସୀ ଯୁବକ ଯୁବତୀମାନେ ଟିକିଏ ଚେଷ୍ଟା କଲେ ଚିତ୍ତର ଦୂଷଣୀୟ ପ୍ରକୃତିକୁ ଆୟତ୍ତ କରିପାରିବେ ଓ କାର୍ଯ୍ୟକଳାଭିଜ୍ଞ ସଦ୍‌ଗୁରୁଙ୍କ ଉପଦେଶ ପାଇଲେ ପଚ୍ଛନ୍ନ ଭୋଗ ସଂସ୍କାରକୁ ସମୂଳେ ଉତ୍ପାଟନ କରିପାରିବେ । ପ୍ରଚ୍ଛନ୍ନ ଭୋଗ ସଂସ୍କାରର ମୂଳତ୍ପାଟନ କରିବାର ଆଧ୍ୟାତ୍ମିକ ପନ୍ଥା ପାଶ୍ଚାତ୍ୟ ରତିଶାସ୍ତ୍ରଜ୍ଞ ମନୀଷୀମାନଙ୍କ ପକ୍ଷରେ ଏପର୍ଯ୍ୟନ୍ତ ବି ସମ୍ୟକ୍ ଅପରିଜ୍ଞାତ ରହିଛି ବୋଲି ତ ଭିଏନାର ଡାକ୍ତର ଫ୍ରୟେଡ ପ୍ରମୁଖ ମନସ୍ତତ୍ତ୍ୱବିତ୍‌ମାନେ ସାରା ସଂସାରରେ ଖାଲି ଯୌନସ୍ଫୂର୍ତ୍ତି ହିଁ ଦେଖି ଆସିଛନ୍ତି । ସେମାନେ ଭୁଲ ଦେଖିଛନ୍ତି ଏକଥା ମୁଁ କହୁନାହିଁ । କାରଣ ଭୋଗସର୍ବସ୍ୱ ପାଶ୍ଚାତ୍ୟ ଦେଶମାନଙ୍କରେ ଜନ୍ମ ହୋଇଥିବା ନରନାରୀ ସ୍ୱଭାବତଃ ଏ ଧାରଣା ଆଜନ୍ମପୋଷଣ

କରିଥାନ୍ତି ଯେ ନରନାରୀଙ୍କର ମୈଥୁନ ମିଳନଟି ହିଁ ମନୁଷ୍ୟ ଜୀବନର ଏକ ପରମ ପ୍ରାପ୍ତି, ଏକ ଚରମ ଅଧିକାର ଓ ଏକ ଚୂଡ଼ାନ୍ତ ସୁଖ । ତେଣୁ ସେହି ସୁଖକୁ କେନ୍ଦ୍ର କରି ସେମାନଙ୍କର ଜୀବନଦର୍ଶନ ରଚିତ ହୋଇଅଛି ଏବଂ ହେବା ମଧ୍ୟ ସ୍ୱାଭାବିକ । ସେହି ସୁଖକୁ କେନ୍ଦ୍ର କରି ସେମାନଙ୍କର ପାରିବାରିକ ଜୀବନର ଧାରା ନିର୍ଣ୍ଣୀତ ହୋଇଅଛି ଏବଂ ସେହି ସୁଖକୁ ଜୀବନର ଆଉ ସବୁ ସୁଖର ପୁରୋଭାଗରେ ରଖି ସେମାନଙ୍କର ସାମାଜିକ ବିନ୍ୟାସ, ସାମାଜିକ ମିଳାମିଶାର ସୁଯୋଗ, ଜାତୀୟ ଆନନ୍ଦ ଉତ୍ସବର ଧାରା, ସଙ୍ଗୀତ ଶିଳ୍ପ, ଚିତ୍ରକଳା, ସାହିତ୍ୟ ପ୍ରଭୃତି ବିଭିନ୍ନ ମାନସିକ ଅନୁଶୀଳନକୁ ରୂପାୟିତ କରିବାର ରୁଚି ଓ ପ୍ରକୃତି ଗଠିତ ହୋଇଛି । ତେଣୁ ସେ ସବୁ ଦେଶର ଅଧିକାଂଶ ରୋଗର ମୂଳ ଯେ ଅତୃପ୍ତ ଯୌନ ସୁଖାକାଂକ୍ଷା, ଏ ବିଷୟରେ କୌଣସି ମତଦ୍ୱୈଧ ହେବାର ଅବକାଶ ନାହିଁ ।ଆମ ଭାରତବର୍ଷରେ କୌଣସି ବିବାହିତ ଲୋକ ଅନ୍ୟର ସ୍ତ୍ରୀ ସହିତ ଘନିଷ୍ଠତା କଲେ ତାହା ଅତ୍ୟନ୍ତ ଦୋଷା-ବହ ବ୍ୟାପାର ରୂପେ ପରିଗଣିତ ହୁଏ କିନ୍ତୁ ପାଶ୍ଚାତ୍ୟ ଦେଶରେ ବାହାରକୁ ବୁଲି ବାହାରିଲେ ସ୍ୱାମୀ ନିଜ ସ୍ତ୍ରୀକୁ ବନ୍ଧୁଙ୍କ ଜିମ୍ମା ଛାଡ଼ି ଦିଅନ୍ତି ଓ ବନ୍ଧୁ ନିଜ ବାହୁରେ ବନ୍ଧୁ ପତ୍ନୀଙ୍କ ବାହୁ ଛନ୍ଦି ବାଟ ଚାଲିବାରେ ତାଙ୍କୁ ସାହାଯ୍ୟ କରନ୍ତି ଏବଂ ସ୍ୱାମୀ ନିଜେ ବନ୍ଧୁପତ୍ନୀଙ୍କ ବାହୁରେ ବାହୁ ଛନ୍ଦି ରାସ୍ତାରେ ବୁଲନ୍ତି । କାରଣ ସେଭଳି କରିବା ତାଙ୍କ ସମାଜର ଶିଷ୍ଟାଚାର । ଭାରତବର୍ଷରେ ବିବାହ ପ୍ରଭୃତି ଉତ୍ସବ ସମୟରେ ନରନାରୀଙ୍କ ମଧ୍ୟରେ ତରଳ ଆମୋଦ ପ୍ରମୋଦପୂର୍ଣ୍ଣ ନାନା ରସିକତାର ପ୍ରଚଳନ ରହିଥିଲେ ବି ତାହା ନିର୍ଦ୍ଦିଷ୍ଟ କେତୋଟି ଦିନ ମଧ୍ୟରେ ହିଁ ସୀମାବଦ୍ଧ ଥାଏ ଏବଂ ସେ ସମୟ ପାର ହୋଇଗଲା ପରେ ତାହା ଦୋଷାବହ ବିବେଚିତ ହୁଏ । କିନ୍ତୁ ପାଶ୍ଚାତ୍ୟ ଦେଶରେ ପର ସ୍ତ୍ରୀ ଏପରିକି ଯାହା ସହିତ କୌଣସି ସଂପର୍କ ସୁଦ୍ଧା ନ ଥାଏ ତାର କଟୀଦେଶକୁ ନିଜର ବାମ ହସ୍ତରେ ବେଷ୍ଟନକରି ତାର ଦେହ ସହିତ ନିଜର ଦେହକୁ ସନ୍ନିହିତ କରି ବଲନୃତ୍ୟ (Ball Dance) କରିବା ପାଇଁ ବର୍ଷର ପ୍ରତ୍ୟେକଟି ଦିନ ପ୍ରଶସ୍ତ ଏବଂ ଏହି ଧରଣର ନୃତ୍ୟ ଦ୍ୱାରା ପ୍ରଥମ-ପରିଚିତ ବିଶିଷ୍ଟ ଲୋକଙ୍କ ଅଭ୍ୟର୍ଥନା କରିବା ସେମାନଙ୍କର ସଭ୍ୟତା ସମ୍ମତ । ଭାରତରେ ବିବାହ କରିବାକୁ ଗଲାବେଳେ ବର ତା ମାଆକୁ ଏହି ପ୍ରତିଶ୍ରୁତି ଦେଇ ଶ୍ୱଶୁର

ଘରକୁ ଯାଏ ଯେ ମା ତୋ ପାଇଁ ଦାସୀ ଆଣିବାକୁ ଯାଉଛି'ଏବଂ ବିବାହ କରି କନ୍ୟା ଆଣି ଫେରିଲା ବେଳେ ନବପରିଣୀତା ସ୍ତ୍ରୀକୁ ସ୍ୱାମୀ କାନେ କାନେ ଏ କଥା କହିବାକୁ ପ୍ରାୟ ଭୁଲେ ନାହିଁ ଯେ 'ଦେଖ, ମୋର ମାତା ପିତା ବୃଦ୍ଧ, ସେମାନଙ୍କୁ ନିଜର ମାତାପିତା ଜ୍ଞାନ କରି ସେବା କରିବୁ, ତାହାହେଲେ ସଂସାର ମଧୁମୟ ହେବ" । ନବବଧୂ ଶାଶୁଘରକୁ ଆସି ଶାଶୁଶ୍ୱଶୁରଙ୍କ ସେବା ମାଧ୍ୟମରେ ଜୀବନର ପ୍ରଥମ କର୍ତ୍ତବ୍ୟ ପାଳନ ଆରମ୍ଭ କରେ । କିନ୍ତୁ ପାଶ୍ଚାତ୍ୟ ଦେଶରେ ବିବାହ ପରେ ଉପାର୍ଜନକ୍ଷମ ଯୋଗ୍ୟପୁତ୍ର ବୋହୂକୁ ନେଇ ପ୍ରଥମେ ପାଞ୍ଚଦଶ ଦିବସ ବ୍ୟାପୀ "ମଧୁଯାମିନୀ" (Honey moon) ଯାପନ କରିବା ପାଇଁ ଘରୁ ବାହାରି ଯାଏ ଓ ସେହି ପ୍ରମୋଦ-ଭ୍ରମଣରୁ ଫେରି ଆସିଲା ପରେ ବୋହୂକୁ ନେଇ ପିତୃଗୃହକୁ ଆସେ ନାହିଁ । ପ୍ରେମିକ କପୋତ କପୋତି ନିଜର ସ୍ୱତନ୍ତ୍ର ନୀଡ଼ ରଚନା କରନ୍ତି କାରଣ ପିତାମାତାଙ୍କ ପାଖରେ ରହିଲେ ସେମାନଙ୍କର ପ୍ରେମାନୁଶୀଳନରେ ବ୍ୟାଘାତ ହେବ । ଭାରତୀୟ ବଧୂ ତାର ସ୍ୱାମୀଠାରୁ ସ୍ନେହ, ପ୍ରେମ, ଆଦର ସୋହାଗ, ଦୟା,ଦରଦ ପାଇଲେ ଏକା ବେଳକେ ବିଗଳିତ ହୋଇଯାଏ , ସହବାସ ସୁଖ ଟିକିଏ କମ ହେଲା କି ବେଶିହେଲା ସେ ବିଷୟରେ ସେ ମୁଣ୍ଡ ଖେଳାଇ ବ୍ୟସ୍ତ ବିବ୍ରତ ହୁଏ ନାହିଁ । କିନ୍ତୁ ପାଶ୍ଚାତ୍ୟ ବଧୂ ବିବାହର ଅବ୍ୟବହିତ ପରେ ଯଦି ଦେଖେ ଯେ ସ୍ୱାମୀର "ସହବାସ ସାମର୍ଥ୍ୟ" କମ, ତେବେ ତା ମୁଣ୍ଡ ବିଗିଡ଼ି ଯାଏ, ଏତେ ଗୁଡ଼ାଏ ଦିନ "କୋଟସିପ୍" କଲାପରେ ଶେଷରେ ନିଜେ ପସନ୍ଦ କରି ଗୋଟାଏ ଅପଦାର୍ଥ ଲୋକ ସହିତ ଆଜୀବନର ସମ୍ପର୍କ ସ୍ଥାପନ କରିଛି ବୋଲି ଭାବି ସେ ବାରମ୍ବାର ନିଜକୁ ଧିକ୍‌କାର କରେ । କେହି କେହି ମନ ଦୁଃଖରେ ଦରମରା ହୋଇ ଅନିଚ୍ଛୁକା ପତ୍ନୀ ଜୀବନ ଯାପନ କରନ୍ତି କେହିକେହି ନାଇଟ କ୍ଲବର ସଦସ୍ୟା ହୋଇ ଦୁଧ ବଦଳରେ ଘୋଳ ଖୋଜନ୍ତି କିମ୍ବା ଘର ଦୁଧ ଓ ବାହାର ମଦ ଏକ ସଙ୍ଗରେ ଖାଆନ୍ତି । ଆଉ କେହି କେହି ବିବାହ ବିଚ୍ଛେଦ ପାଇଁ ପରାମର୍ଶ ଲୋଡ଼ିବାକୁ ଓକିଲର ଦ୍ୱାରସ୍ଥ ହୁଅନ୍ତି । ସମସ୍ତଙ୍କ କ୍ଷେତ୍ରରେ ଯେ ଏପରି ହୁଏ, ସେ କଥା ମୁଁ କହୁନାହିଁ । କିନ୍ତୁ ଏଇ ଚଳଚିତ୍ର ଅବସ୍ଥାରୁ ତରୁଣୀ ବଧୂମାନଙ୍କୁ ରକ୍ଷା କରିବା ପାଇଁ ଇଂଲଣ୍ଡ, ଆମେରିକା

ତଥା ଇଉରୋପର ପ୍ରତ୍ୟେକ ଦେଶରେ ହଜାର ହଜାର ସଂଖ୍ୟାରେ ଏତେ ବହି ଲେଖା ଯାଇଛି ଯେ ଏହି ଅବସ୍ଥାକୁ ଗୋଟିଏ "ଘଟଣା" ବୋଲି ନ କହି ପଶ୍ଚିମା ସଭ୍ୟତାର ଏହା ଏକ "ସମସ୍ୟା" ବା "ସଙ୍କଟ" ବୋଲି ସ୍ୱୀକାର କରିବାକୁ ହୁଏ । ଭାରତବର୍ଷ ତାର ଆଧ୍ୟାତ୍ମିକ ସାଧନଲବ୍ଧ ପ୍ରଜ୍ଞା ବଳରେ ମାନସିକ ଦିଗରୁ ଏହି ସମସ୍ୟାର ସମାଧାନ, ଏହି ସଙ୍କଟ ମୋଚନ ଏପରି ଚମତ୍କାର ଭାବରେ କରି ପାରିଛି ଯେ ସେ ସଂପର୍କରେ ଶିକ୍ଷା ଗ୍ରହଣ କରିବା ପାଇଁ ପାଶ୍ଚାତ୍ୟଜଗତକୁ ଆଉ କେତୋଟି ଶତାବ୍ଦୀ ଏହି ଭାରତବର୍ଷର ଶରଣାପନ୍ନ ଓ ଶିଷ୍ୟ ହେବାକୁ ପଡ଼ିବ। ଲୀଳାଭୂମି ଭାରତବର୍ଷ କାମକୁ ପ୍ରେମ ପର୍ଯ୍ୟାୟକୁ ଉନ୍ନୀତ କରି ଦୈହିକ ରତି-କ୍ଷୁଧା ଓ କାମ ତୃଷ୍ଣାର ଅବସାନ ପନ୍ଥା ଆବିଷ୍କାର କରିପାରିଛି । ଭୋଗଭୂମି ପାଶ୍ଚାତ୍ୟ ଦେଶ ସମୂହ ନାରୀ ପୁରୁଷଙ୍କର ଜାନ୍ତବ ସୁଖ ଅନୁଭୂତିକୁ ବାରମ୍ବାର ଗବେଷଣାର ବିଷୟ ବସ୍ତୁ କରି କେତୋଟି ମୂଳସୂତ୍ର ଆବିଷ୍କାର କରିଛି । ସଂକ୍ଷେପରେ ବର୍ଣ୍ଣନା କରିବାକୁ ଗଲେ ସେ ଗୁଡ଼ିକ ମୋଟାମୋଟି ହେଲେ- (କ) ସଙ୍ଗମକାଳରେ ନାରୀର ପ୍ରବଳ କାମ ଇଚ୍ଛା ଓ ଇନ୍ଦ୍ରିୟଗତ ପରିସ୍ଥିତି (Tumescene) ପୁରୁଷ ଅପେକ୍ଷା ଅନେକ ଡେରିରେ ହୋଇଥାଏ ଓ ଅଧିକାଂଶ ପୁରୁଷଙ୍କର ଶୁକ୍ର କ୍ଷୟ ହେବା ସମୟରେ ନାରୀ ହୁଏତ ଉତ୍ତେଜନାର ମଧପଥରେ ରହିଯାଏ । (ଖ) ନାରୀର ଅତୃପ୍ତ କାମନା ତାର ଘୋର ଆଶାଭଙ୍ଗର କାରଣ ହୁଏ । (ଗ) ଅତଏବ ସ୍ନେହ, ଆଦର, ସୋହାଗ ଓ ଆଙ୍ଗିକ ପ୍ରକ୍ରିୟାଦି (Love play) ଦ୍ୱାରା ପୂର୍ବରୁ ଉତ୍ତେଜନା ର ଚୂଡ଼ାନ୍ତ ପର୍ଯ୍ୟାୟକୁ ନ ଆଣି ଲୈଙ୍ଗିକ ସଂଯୋଗ କରିବା ପତି ପକ୍ଷରେ ଉଚିତ ନୁହେଁ । ଏହି ତିନୋଟି ମୂଳ ସୂତ୍ରକୁ ଧରି ସେମାନେ ବିବାହିତ ନରନାରୀମାନେ କିପରି ଅତ୍ୟଧିକ ସମ୍ଭୋଗ ସୁଖ ଲାଭ କରି ପାରିବେ ସେଥିପାଇଁ ନାନା ପ୍ରକ୍ରିୟା ଅନୁମୋଦନ କରିଛନ୍ତି । ଏହା ଫଳରେ ସମ୍ଭୋଗ ସୁଖରେ ଆଗ୍ରହହୀନ ବହୁ ପତ୍ନୀ ଆଗ୍ରହବତୀ ହୋଇ ସ୍ୱାମୀକୁ ସୁଖୀ କରିଛନ୍ତି, ବହୁ ସ୍ୱଳ୍ପ ସମ୍ଭୋଗରଷ୍ଟା ପତ୍ନୀ ସ୍ୱାମୀଠାରୁ ଅତ୍ୟଧିକ ପ୍ରଗାଢ଼ତା-ବିଶିଷ୍ଟ ସମ୍ଭୋଗ ସୁଖ ପାଇ ସୁଖୀ ହୋଇଛନ୍ତି କିନ୍ତୁ ଏହା ଫଳରେ କଣ କାହା ମନରୁ ଆହୁରି ଅଧିକ ସମ୍ଭୋଗର କାମନା ଦୂର ହୋଇଯାଇଛି ? ପାଶ୍ଚାତ୍ୟ

ଗବେଷଣାକାରୀମାନେ ଯେଉଁ ସବୁ ଉପାୟ ବା ପ୍ରକ୍ରିୟାର ସନ୍ଧାନ ଦେଇଛନ୍ତି, ସେଥିମଧ୍ୟରୁ ଗ୍ରନ୍ଥରସ ନିଃସରଣ ସଂପର୍କୀୟ (endocrine) ଚିକିତ୍ସା ଛଡ଼ା ବାକି ସବୁଗୁଡ଼ିକ ବିଷୟ ଭାରତବର୍ଷର ସୁପରିଜ୍ଞାତ ଥିଲା । ହଜାର ହଜାର ବର୍ଷ ପୂର୍ବରୁ ତାନ୍ତ୍ରିକ ଯୋଗୀମାନେ ତ ପତିପତ୍ନୀଙ୍କର ମୈଥୁନ୍ୟ ସମ୍ଭୋଗ ବ୍ୟାପାରକୁ ନେଇ ସମ୍ଭବ ଅସମ୍ଭବ ସବୁ ପ୍ରକାର ପରୀକ୍ଷା କରି ସାରିଛନ୍ତି । କେବଳ ଏଣ୍ଡୋକ୍ରିନ ଚିକିତ୍ସା ଛଡ଼ା ପାଶ୍ଚାତ୍ୟ ଦେଶ ସ୍ୱାମୀ ସ୍ତ୍ରୀର ମୈଥୁନ ମିଳନକୁ ପ୍ରଗାଢ଼ ସୁଖଦାୟୀ କରିବା ଲାଗି ଏ ପର୍ଯ୍ୟନ୍ତ ଆଉ ନୂଆ କିଛି ଆବିଷ୍କାର କରିପାରିନାହିଁ । ସେମାନଙ୍କର ଆଉ ସବୁ ଆବିଷ୍କାର ଭାରତ ଦୃଷ୍ଟିରେ ପୁରୁଣା ମାନ୍ଧାତା ଅମଳର । ପାଶ୍ଚାତ୍ୟ ଯାହା ଆବିଷ୍କାର କରୁଛି ସଙ୍ଗେସଙ୍ଗେ ଲକ୍ଷଲକ୍ଷ ଗ୍ରନ୍ଥ ମାଧ୍ୟମରେ ତାହ ଜନସମାଜ ମଧ୍ୟରେ ସୁପ୍ରଚାରିତ କରିବାରେ ତ୍ରୁଟି କରୁନାହିଁ । ହଜାର ହଜାର ଗୁପ୍ତ ଚିକିତ୍ସାଳୟ (Private Clinic) ଖୋଲି ଯୌନ ବ୍ୟାପାରରେ ସହାୟତା ପ୍ରାର୍ଥୀ ଲକ୍ଷଲକ୍ଷ ନରନାରୀଙ୍କୁ କେବଳ ପ୍ରଗାଢ଼ ସମ୍ଭୋଗସୁଖ ଲାଭ କରିବା କୌଶଳ ବତାଇ ଦେବା ଲାଗି କେତେ ମେଧାବୀ ପଣ୍ଡିତ ଯେ ନିଜ ନିଜ ଜୀବନ ଉତ୍ସର୍ଗ କରୁଛନ୍ତି ତାର ଇୟତ୍ତା ନାହିଁ । କିନ୍ତୁ କେବଳ 'ଉତ୍କୃଷ୍ଟ ସମ୍ଭୋଗ' 'ପ୍ରଗାଢ଼ତମ ସୁଖ' ପୂର୍ଣ୍ଣମାତ୍ରାରେ ତୃପ୍ତି' ପାଇଲା ପରେ କଣ ମନୁଷ୍ୟର ଦେହ ଓ ମନରୁ ସେହି ଲାଳସା ବା ସେ ବ୍ୟାଧିଗୁଡ଼ିକ ଦୂର ହୋଇଯିବ ଯାହା ରାଜା ଯଯାତିଙ୍କର ସହସ୍ର ବର୍ଷ ଯୌବନ ଉପଭୋଗ ପରେବି ଦେହ ମନରୁ ଦୂର ହୋଇ ନଥିଲା ।ପାଶ୍ଚାତ୍ୟ ପଣ୍ଡିତମାନେ "ଯଯାତିଙ୍କ ଯୌବନ" ଦାନ କରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ଯଯାତିଙ୍କ ଦଶା ଯାହା ହେଲା ଭାରତବର୍ଷ ତାହା ସ୍ୱଚକ୍ଷୁରେ ଦେଖିଛି । ତେଣୁ ସେ ତାର ସଭ୍ୟତାର ମୂଳ ଦେଶରେ ଭୋଗକାମନାକୁ ନ ଥୋଇ ଭୋଗ ସଂଯମକୁ ବସାଇଛି । ଏହାରି ଫଳରେ ପାଶ୍ଚାତ୍ୟ ଦେଶର ଅନେକ ଉତ୍କଟ ମାନସିକ ବ୍ୟାଧି ଏ ପର୍ଯ୍ୟନ୍ତ ଭାରତବର୍ଷରେ ଆତ୍ମପ୍ରକାଶ କରିପାରିନାହିଁ । ଚାରିବର୍ଷ ବ୍ୟାପୀ ଲୋକକ୍ଷୟ କରି ପ୍ରଥମ ବିଶ୍ୱଯୁଦ୍ଧର ସାମୟିକ ବିରତିର ସନ୍ଧିପତ୍ର(Armistice) ୧୯୧୪ ମସିହାରେ ଯେଉଁଦିନ ସ୍ୱାକ୍ଷରିତ ହେଲା ସେଦିନ ପୃଥିବୀର ସର୍ବତ୍ର ଆନନ୍ଦ ଉଲ୍ଲାସ ସୃଷ୍ଟି ହୋଇଥିଲା । କିନ୍ତୁ ଇଂଲଣ୍ଡ ଓ ଭାରତବର୍ଷ କଣ ଏକା

ଢ଼ଙ୍ଗରେ ବା ଏକା ରିତିରେ ଅନନ୍ଦ ପ୍ରକାଶ କରିଥିଲେ ? ପ୍ରତ୍ୟକ୍ଷଦର୍ଶୀ ବିବରଣୀରୁ ଆମ୍ଭେ ଜାଣୁ ଯେ ବିଲାତରେ ସେଦିନ ସଂପର୍କୀୟ ନିସଂପର୍କୀୟ ବିଚାର ବିବେଚନା ନ ଥିଲା, ପରିଚିତ ଅପରିଚିତ ହିସାବ ନଥିଲା। ଲଣ୍ଡନର ପ୍ରତି ରାସ୍ତାଘାଟରେ ପ୍ରତି ପାର୍କରେ ପ୍ରକାଶ୍ୟ ଭାବରେ ନରନାରୀମାନେ ନିର୍ଲଜ୍ଜ ଯୌନ ସଂଭୋଗ କରି ମନର ଆନନ୍ଦ ପ୍ରକାଶ କରିଥିଲେ। ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ସେଦିନ ଯାହା ଯାହା ହୋଇଥିଲା ବୋଲି ଶୁଣିଛି ସେ ସବୁ ତ ବର୍ଣ୍ଣନା କରିହେବ ନାହିଁ। କିନ୍ତୁ ଯେଉଁଦିନ ଦୁଇଶହ ବର୍ଷର ପରାଧୀନତା ପରେ ଭାରତ ସ୍ୱାଧୀନତା ପାଇଲା, ସେଦିନ ଭାରତବାସୀ ମନ୍ଦିରରେ ଦେବପୂଜା କରି ତାଙ୍କର ଆନନ୍ଦ ପ୍ରକାଶ କରିଥିଲେ, ନରନାରୀ ମାନଙ୍କର ଯୌନ ସମ୍ଭୋଗର ପ୍ରଦର୍ଶନୀ ଖୋଲି ଆନନ୍ଦ ପ୍ରକାଶ କରିବା କଳ୍ପନା ତାଙ୍କ ମୁଣ୍ଡରେ ଢୁକି ନ ଥିଲା । ନାଡ଼ୀର ଏହି ଗୋଟିଏ ମାତ୍ର ସ୍ପନ୍ଦନରୁ ଭାରତ ଓ ପାଶ୍ଚାତ୍ୟର ମିଜାସର ପାର୍ଥକ୍ୟ ବେଶ୍ ବୁଝାପଡ଼ିବ । ସୁତରାଂ ଦାମ୍ପତ୍ୟ ଜୀବନରେ ପ୍ରଗାଢ଼ ସୁଖ ସମ୍ଭୋଗର ଆବଶ୍ୟକତାକୁ ଭାରତବର୍ଷ ଶହେଥର ସ୍ୱୀକାର କଲେ ମଧ ସେ ଏ କଥାଟାକୁ କଦାପି ମାନି ନେଇ ପାରିବ ନାହିଁ ଯେ ନିଜ ନିଜର କଲ୍ୟାଣ ପାଇଁ ଦମ୍ପତ୍ତି ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କଲେ ସେମାନଙ୍କର ରୋଗ ବ୍ୟାଧି ବଢ଼ିଯିବ। ଭାରତବର୍ଷ ଭୋଗ ସମ୍ପଦର ମହିମାରେ ହିଁ ସବୁ ବିଘ୍ନରୁ ଆତ୍ମରକ୍ଷା କରି ଚଳିବାକୁ ସମର୍ଥ । ନିଜ ମୁଠାରେ ଅବା ଅମୂଲ୍ୟ ସମ୍ପଦର ଅସ୍ତିତ୍ୱ ଓ ମହିମା ସମ୍ବନ୍ଧରେ ଦୁର୍ଭାଗ୍ୟବଶତଃ ସନ୍ଦିହାନ ହୋଇଛୁ ବୋଲି ତ ଆଜି ଆମେ ନିର୍ବୋଧଙ୍କ ଭଳି ପ୍ରଚ୍ଛନ୍ନ ଭୋଗ କାମନାକୁ ପ୍ରକାଶ୍ୟ ଭୋଗାଚାର ଦ୍ୱାରା ପ୍ରଶମିତ କରିବା ଭଳି କୁ-ଯୁକ୍ତିର ଆଶ୍ରୟ ନେବାକୁ ଚାହୁଁଛୁ । ଦାମ୍ପତ୍ୟ ଚିତ୍ତବୃତ୍ତିକୁ ପରିଶୋଧିତ ଓ ସବୁ ପ୍ରକାର କାମଜ ରୋଗର ସମ୍ଭାବନାକୁ ମୂଳପୋଛ କରିବାକୁ ସମର୍ଥ ଅବ୍ୟର୍ଥ ଯୌଗିକ ପ୍ରଣାଳୀଗୁଡ଼ିକ ଆଜି ଏହି ଦୁର୍ଦ୍ଦିନରେ ମଧ ଆଧୁନିକ ବିଜ୍ଞାନୋଜ୍ଜ୍ୱଳ ସଭ୍ୟତାର ଆବେଷ୍ଟନୀ ବାହାରେ ଭାରତୀୟ ଆର୍ଯ୍ୟଋଷିଙ୍କ ଜୀର୍ଣ୍ଣ ପର୍ଣ୍ଣକୁଟୀରରେ ଅକ୍ଷତ ଭାବରେ ବିରାଜମାନ କରୁଛି । ଭାରତୀୟ ଯୋଗ ଏକ ଦିଗରେ ଯେପରି ଚିତ୍ତବୃତ୍ତିକୁ ନିରୋଧ କରି ଆବେଗାକୁଳ ଓ ଉଦ୍‌ବେଗକ୍ଳାନ୍ତ ମନକୁ ନିବିଡ଼ ଶାନ୍ତି ଓ ନିଶ୍ଚିନ୍ତ ବିଶ୍ରାମ ଦେବାକୁ ସମର୍ଥ ଅନ୍ୟ ଦିଗରେ ସେହିପରି

ସମସ୍ତ ଇନ୍ଦ୍ରିୟଭୋଗ୍ୟ ବସ୍ତୁର ଦୈହିକ ସମ୍ଭୋଗ ସାମର୍ଥ୍ୟ ବର୍ଦ୍ଧନ କରି ମଧ୍ୟ ଯୁଗପତ୍ ସଂଯମକୁ ସ୍ୱଭାବରେ ପରିଣତ କରି ଦେବାକୁ ସମର୍ଥ । ଯୋଗର ଏହି ଉଭୟମୁଖିନୀ ପ୍ରତିଭା ହେତୁ ଯୋଗପଥାଶ୍ରୟୀ ଭାରତୀୟ ନରନାରୀ ନିର୍ଭୟରେ ବିଚରଣ କରିବାକୁ ଅଧିକାରୀ । ତେଣୁ ରୋଗ ଭୟରେ ବିଭୀଷିକାଗ୍ରସ୍ତ ହୋଇ ପାଶ୍ଚାତ୍ୟ ଆଡ଼କୁ ବିହ୍ୱଳ ଦୃଷ୍ଟିରେ ଚାହିଁବାର କୌଣସି ପ୍ରୟୋଜନ ଭାରତବର୍ଷର ନାହିଁ । ଆହେ ଭାରତର ପୁତ୍ରକନ୍ୟାଗଣ, ତୁମ୍ଭେମାନେ ନିଜ ଜନନୀର ସ୍ନେହାଞ୍ଚଳରେ ସଂଗୋପନ-ରକ୍ଷିତ ସଯତ୍ନ ଲୁକ୍ କାୟିତ ଅମୂଲ୍ୟ ନିଧିକୁ ଅନ୍ୱେଷଣ କରିବା ଲାଗି ବ୍ୟାକୁଳ ହୁଅ, ଯାହା ଦିନେ ତୁମର ଥିଲା, ତାହା ପୁଣି ତୁମର ହେବ ।

"ହଜି ଯାଇଅଛି ଯାହା
ବିସ୍ମୃତିର ବାଲୁକା-ପ୍ରାନ୍ତରେ
ଖୋଜ,ତା ପାଇବ ଫେରି
ଧ୍ୟାନ-ମୌନ ଆପଣା ଅନ୍ତରେ" ।

-୦-

ସନ୍ତାନ ଜନନ

ସନ୍ତାନ ଜନନ ସମ୍ପର୍କରେ ସଙ୍ଗମେଚ୍ଛୁ ଗୃହୀମାନଙ୍କୁ ସୁନିର୍ଦ୍ଦିଷ୍ଟ ଉପଦେଶ ପ୍ରଦାନ କରିବାକୁ ଆମେ ଅଧିକାରୀ ନୁହଁ ବୋଲି ମନେକଲେ ମଧ୍ୟ ସେ ସମ୍ବନ୍ଧରେ ଏକ ସୁସ୍ପଷ୍ଟ ଧାରଣା ଦେବା ଲାଗି ପ୍ରୟୋଜନୀୟ ଯୁକ୍ତି, ତଥ୍ୟ ଓ ଉପକରଣ ପରିବେଷଣ କରିବାର ଆବଶ୍ୟକତା ଆମେ ସମ୍ୟକ୍‌ଭାବରେ ଉପଲବ୍ଧି କରୁଛୁ । ଏହା ଏପରି ଏକ ବିଷୟ ଯେଉଁଥିରେ କି ଦମ୍ପତିଙ୍କର ନିଜ ନିଜ ବ୍ୟକ୍ତିଗତ ଅଭିଜ୍ଞତାଲବ୍ଧ ନାନାବିଧ ପ୍ରତ୍ୟକ୍ଷ ଜ୍ଞାନର ପ୍ରୟୋଜନୀୟତା ଅପରିସୀମ। ବହୁଲୋକ ବିବାହ କରନ୍ତି, ପ୍ରତ୍ୟେକ ବିବାହିତ ବ୍ୟକ୍ତିର ଜୀବନରେ ସ୍ୱାମୀ ସ୍ତ୍ରୀର ଶାରୀରିକ ଘନିଷ୍ଠତା ଚୂଡ଼ାନ୍ତ ପର୍ଯ୍ୟାୟ ଅତିକ୍ରମ କରେ, ଅନନ୍ତ ବୈଚିତ୍ର୍ୟ ମଧ୍ୟ ଦେଇ ଏକ ଅପରକୁ ଶତସହସ୍ରବାର ଧରା ଦେବାକୁ ବା ସାଥିକୁ ଅହୁରି ନିବିଡ଼ ଭାବରେ ନିଜର କରି ନେବାକୁ ଚାହେଁ । କିନ୍ତୁ ଏତେ ବେଶୀ ଘନିଷ୍ଠତା ଭିତରେ ପ୍ରକୃତରେ କିଏ କାହାକୁ କଣ ଦେଲା, କିଏ କାହା ପାଖରୁ ପ୍ରକୃତରେ କଣ ପାଇଲା, କିଏ କାହାକୁ

କିପରି ଭାବରେ ଓ କେତେ ପରିମାଣରେ ସୁଖୀ କରି ପାରିଲା ବା କିଏ କାହା ପାଖରୁ କିପରି ଭାବରେ ଓ କେତେ ପରିମାଣରେ ସୁଖ ପାଇଲା, ଖୋଲା ଆଖିରେ, ନିର୍ଣ୍ଣୟେଚ୍ଛୁ, ଦୃଷ୍ଟିରେ, ଜିଜ୍ଞାସୁ ମନରେ ବା ପର୍ଯ୍ୟବେକ୍ଷକର ତତ୍ପରତା ସହକାରେ କେତେଜଣ ତାହା ଦେଖନ୍ତି ବା ଦେଖିବାକୁ ଚେଷ୍ଟା କରନ୍ତି ? ଅନ୍ଧ ଆବେଗରେ ସ୍ୱାମୀ ସ୍ତ୍ରୀ ପରସ୍ପରର ସନ୍ନିହିତ ହୁଅନ୍ତି ଓ ଜଣକର ଆବେଗ-ବିହ୍ୱଳ ଭୋଗାନ୍ଧମନ ଅନ୍ୟ ଜଣକ ମନରେ ଅନୁରୂପ ଆବେଗ ଓ ଭୋଗାନ୍ଧତା ସୃଷ୍ଟି କରିବା ଲାଗି ନାନା ମନୋରଞ୍ଜନ କୌଶଳ ଅବଲମ୍ବନ କରିବାରେ ନିରତ ହୁଏ ଏବଂ ଉଭୟଙ୍କର ଆବେଗର ପରିମାଣ ସମାନ ସ୍ତରକୁ ଆସିଲେ ଉଭୟେ ଦିଗ୍‌ବିଦିଗ-ଜ୍ଞାନଶୂନ୍ୟ ଅନ୍ଧ ଭଳି ଦୁର୍ବାର ଇନ୍ଦ୍ରିୟ-ବିଳାସରେ ପ୍ରମତ୍ତ ହୁଅନ୍ତି ଓ ଆବେଗର ପରିସମାପ୍ତ ଘଟିଲେ ଉଭୟେ ନିର୍ଜୀବ ପରି ଏକ ଅପରଂ ବାହୁ ପାଶରୁ ମୁକ୍ତ ହୋଇ ଏକାନ୍ତ ଶଯ୍ୟାର ଆଶ୍ରୟ ଗ୍ରହଣ କରନ୍ତି । ଖୁବ୍ ସମ୍ଭବତଃ ଏହାହିଁ ସଂସାରର ଅଧିକାଂଶ ଦମ୍ପତ୍ତିଙ୍କର ଗୁପ୍ତ ଜୀବନର ଇତି କଥା ।

ଫଳରେ ପ୍ରତି ଘରେ ପଲପଲ ସନ୍ତାନସନ୍ତତି ଜନ୍ମ ହେଉଛନ୍ତି କିନ୍ତୁ କୌଣସି ଗୋଟିଏ ହେଲେ ସନ୍ତାନଙ୍କର ଜନ୍ମ ସମୟରେ ପିତାମାତା ଏପରି କୌଣସି ପନ୍ଥା ଅନୁସରଣ କରିପାରୁନାହାନ୍ତି ଯାହା ଫଳରେ ପିତା ଅପେକ୍ଷା ପୁତ୍ର, ପୁତ୍ର ଅପେକ୍ଷା ପୌତ୍ର ଅଧିକତର ଦୈହିକ ଓ ମାନସିକ ଉତ୍କର୍ଷ ଘେନି ଭୂମିଷ୍ଠ ହୋଇପାରିବ । ପୁତ୍ରକନ୍ୟାଙ୍କର ଉପଯୁକ୍ତ ଜନକ-ଜନନୀ ହେବାକୁ ହେଲେ ପିତାମାତା ଉଭୟଙ୍କର ନିଜସ୍ୱ ଓ ପ୍ରକୃତିଗତ ଦୁର୍ବଳତାଗୁଡ଼ିକର ବିଦୂରଣ ଓ ସବଳତା ସମୂହର ପରିବର୍ଦ୍ଧନ ଚେଷ୍ଟା ମଧ୍ୟ ଦେଇ ଗର୍ଭାଧାନ ହେବା ଆବଶ୍ୟକ ।

ସୁସନ୍ତାନ ପ୍ରଜନନ ଦୃଷ୍ଟିରୁ ଦେଖିବାକୁ ଗଲେ କଲ୍ୟାଣ-ବୁଦ୍ଧିହୀନ କାମାନ୍ଧ ଦମ୍ପତ୍ତିଙ୍କର ଭୋଗସୁଖ-କାତର ସହବାସ ପୂରାପୂରି ଏକ ପଣ୍ଡଶ୍ରମ ଓ ନିରର୍ଥକ ବ୍ୟାପାର । ଏ କଥା ସୁନିଶ୍ଚିତ ଯେ ପତିପତ୍ନୀଙ୍କର ଶୁକ୍ର ଓ ଶୋଣିତର ମିଳନ ସାଧନ ସନ୍ତାନଜନନ ଲାଗି ଏକ ଅଲଙ୍ଘନୀୟ ସର୍ତ୍ତ ଏବଂ ମାନବକୁଳ ମଧ୍ୟରେ ଏହା ଏକ ପରମ୍ପରାଗତ ପ୍ରାକୃତିକ ନିୟମ । ଧର୍ମୀୟ ବିଶ୍ୱାସ ବା ପୌରାଣିକ କାହାଣୀରେ ଯାହା ଥାଉ ପଛକେ ଏହି ନିୟମ ବାହାରେ କୌଣସି ମାନବ ଶିଶୁ

ଜନ୍ମ ହୋଇଅଛି ବୋଲି ଏ ପର୍ଯ୍ୟନ୍ତ ମାନବ ଇତିହାସରେ କୌଣସି ପ୍ରତ୍ୟକ୍ଷ-ଦୃଷ୍ଟ ପ୍ରମାଣ ମିଳି ନାହିଁ । ମନୁଷ୍ୟ ନିଜର ଧର୍ମବିଶ୍ୱାସ ବଳରେ ବହୁ ଅତି-ପ୍ରାକୃତିକ ଓ ଅବୈଜ୍ଞାନିକ ଅସମ୍ଭବକୁ ପ୍ରତ୍ୟକ୍ଷଦୃଷ୍ଟ ସତ୍ୟଭଳି ସମ୍ମାନ ଦେଇଥାଏ । ଅଲୌକିକ ଅସମ୍ଭବ ବ୍ୟାପାର ପ୍ରତି ମନୁଷ୍ୟର ଏହି ସହଜ, ସରଳ ଓ ସୁଗଭୀର ବିଶ୍ୱାସହିଁ ପାତ୍ରବିଶେଷଙ୍କୁ ଆଧ୍ୟାତ୍ମିକ ଅନୁଶୀଳନରେ ସମଧିକ ସହାୟତା ପ୍ରଦାନ କରିଥାଏ । କିନ୍ତୁ ପତିପତ୍ନୀ ନିଜନିଜ ତପସ୍ୟା ବଳରେ ବା ଏକନିଷ୍ଠ ସାଧନା ବଳରେ ସନ୍ତାନୋତ୍ପାଦନ-କାଳୀନ ଦୈହିକ ବ୍ୟାପାରରେ ଲିପ୍ତ ହୋଇ ମଧ୍ୟ ସମ୍ୟକ୍ ଦେହ-ବୁଦ୍ଧି-ବିବର୍ଜିତ ଭାବରେ ଅବସ୍ଥାନ କରିବାକୁ ଯଦି ବା ସମର୍ଥ ହୁଅନ୍ତି, ତଥାପି ଶୁକ୍ର ଓ ଶୋଣିତର ମିଳନ ଘଟାଇ ନ ପାରିଲେ ସନ୍ତାନଜନନ ଏକ ଅସମ୍ଭବ ବ୍ୟାପାରରେ ପରିଣତ ହୁଏ । ଏପରିକି ମନୁଷ୍ୟ ଶରୀରର ଗଠନ ଏପରି ଯେ, ଜରାୟୁ ଭିତରେ ନରନାରୀଙ୍କର ଶୁକ୍ର ଶୋଣିତକୁ ସମ୍ମିଳିତ କରିବା ଲାଗି ଯେଉଁ ଦୈହିକ ସଂଯୋଗ ଓ ପକ୍ରିୟା ଅନାଦି କାଳରୁ ଚଳି ଆସିଛି, ସେହି ସଂଯୋଗ ସାଧନର ଅବ୍ୟବହିତ ପୂର୍ବରୁ ନାରୀ ପୁରୁଷ ନିର୍ବିଶେଷରେ ଯେ ଯେତେ ଯୋଗସ୍ଥ ଓ ସଂଯତାତ୍ମା ହୁଅନ୍ତୁ ପଛକେ, ଉଭୟଙ୍କର ଜନନେନ୍ଦ୍ରିୟର ଏକ ନିର୍ଦ୍ଦିଷ୍ଟ ଧରଣର ସ୍ଫୀତି (Tumescene) ଅତ୍ୟାବଶ୍ୟକ । ପୁରୁଷ ପକ୍ଷରେ ଏହାର ଆବଶ୍ୟକତା ବାଧ୍ୟକର କାରଣ ଏ ସର୍ତ୍ତ ପୂରଣ ନ ହେଲେ ପ୍ରୟୋଜନୀୟ କାର୍ଯ୍ୟ ସମ୍ପାଦନ କରିବା ତା ପକ୍ଷରେ ସମ୍ଭବ ନୁହେଁ । ଜନନାଙ୍ଗ ଏହି ଅବସ୍ଥାରେ ଆସି ନ ପହଞ୍ଚିଲେ ପୁରୁଷ ତାର ଶରୀରସ୍ଥ ଶୁକ୍ର ପିଚ୍‌କାରୀରେ ପାଣି ଛାଡ଼ିଲା ପରି ଯଥାସମୟରେ ଓ ଯଥାସ୍ଥାନରେ ଗର୍ଭଧାରଣ ପାଇଁ ପହଞ୍ଚାଇ ଦେବାକୁ ଅକ୍ଷମ ହୁଏ । ଜନନାଙ୍ଗର ଏହି ପରିସ୍ଫୀତି ଅବସ୍ଥା ନାରୀ ପକ୍ଷରେ ବାଧ୍ୟକର ନୁହେଁ । ଅର୍ଥାତ୍ ତାର ଗୁପ୍ତ ଅଙ୍ଗରେ ଏହି ଅବସ୍ଥା ନ ଆସିଲେ ମଧ୍ୟ ସହବାସ ଚଳାଇଯିବା ତା ପକ୍ଷରେ ଅସମ୍ଭବ ନୁହେଁ କିନ୍ତୁ ସେପରି ସହବାସ ଅଧିକାଂଶ କ୍ଷେତ୍ରରେ ନାରୀ ପକ୍ଷରେ ବିରକ୍ତିକର, ବହୁ କ୍ଷେତ୍ରରେ ତାହା ନାରୀ ପକ୍ଷରେ କ୍ଲେଶକର ଏବଂ ପ୍ରତ୍ୟେକ କ୍ଷେତ୍ରରେ ତାହା ନାରୀପକ୍ଷରେ ଅନିଷ୍ଟକର । ଯେଉଁ କ୍ଷେତ୍ରରେ ନାରୀର ଜନନାଙ୍ଗର ଆବଶ୍ୟକ ପରିମାଣ ସ୍ଫୀତି ଉଦ୍ରେକ ହୋଇଥାଏ ସେ ସ୍ଥଳେ ସହବାସ

ତା ପକ୍ଷରେ ପ୍ରୀତିକର ହୁଏ ଓ ତାର ପୂର୍ଣ୍ଣ ଜାନ୍ତବ ପରିତୃପ୍ତିର ସହାୟକ ହୁଏ ଏବଂ ସେହି ଅବସ୍ଥାରେ ଗର୍ଭାଧାନ ମଧ୍ୟ ଅପେକ୍ଷାକୃତ ସହଜ ହୁଏ । ଯେଉଁ ରୋମାବୃତ୍ତି ବୃହତ୍ ଓଷ୍ଠଦ୍ୱୟ (ଭୋଗଷ୍ଠ)(Labia Majora) ଦୁଇଆଡ଼ୁ ଆସି ପରସ୍ପର ଗାତ୍ର ସଂଲଗ୍ନ ହୋଇ ସ୍ତ୍ରୀ ଜନନେନ୍ଦ୍ରିୟର ମୁହଁକୁ ଆବୃତ୍ତ କରି ରଖିଥାଏ ତାର ପରିସ୍ଥିତି କଥା ଏଠାରେ କୁହାଯାଉନାହିଁ ପରନ୍ତୁ ବୃହତ୍ ଭୋଗଷ୍ଠ ଦ୍ୱାରା ଆବୃତ୍ତ ସ୍ଥାନରେ ଯେଉଁ ରୋମ-ଚର୍ମ ହୀନ କ୍ଷୁଦ୍ର ଓଷ୍ଠ ଦ୍ୱୟ(Labia Minora) ଭଗଛିଦ୍ରକୁ ଦୁଇପଟୁ ଘେରି କରି ରହିଥାଏ, ସଙ୍ଗମ ସମୟରେ ସେ ଦୁଇଟିର ଉପଯୁକ୍ତ ପରିସ୍ଥିତି ନ ଆସିଲେ ପୁଂଜନନେନ୍ଦ୍ରିୟ ଆସି ସ୍ତ୍ରୀ ଜନନେନ୍ଦ୍ରିୟ ସହିତ ସମ-ଉଦ୍ୟୋଗ -ସମ୍ପନ୍ନ, ସମଭାବର-ଭାବୁକ, ସହାନୁଭୁତିଶୀଳ ସହଯୋଗୀ ବାନ୍ଧବ ଭଳି ମିଳିତ ହୋଇପାରେ ନାହିଁ, ବରଂ ସେ ଏକ ମହାନୁଭୁତି-ବର୍ଜିତ, ସ୍ୱେଚ୍ଛାଚାରୀ ଉତ୍ପୀଡ଼କ ଭଳି ଆପତିତ ହୁଏ । ଦୃଶ୍ୟତଃ ଏବଂ ଆୟତନରେ ଏହି କ୍ଷୁଦ୍ର ଭଗୋଷ୍ଠଦ୍ୱୟ ଯେତେ କ୍ଷୁଦ୍ର ବା ତୁଚ୍ଛ ବୋଲି ମନେ ହୁଅନ୍ତୁ ପଛକେ ତାର ପରିସ୍ଥୀତି ନ ଘଟିଲେ ପୁଂଜନନେନ୍ଦ୍ରିୟର ଗତିପଥ ମଧ୍ୟ କଦାପି ସ୍ୱଚ୍ଛନ୍ଦ, ସାବଲୀଳ, ସୁଗମ ବା ସୁଖପ୍ରଦ ହୁଏ ନାହିଁ । ଫଳତଃ ସହୋଯୋଗୀତାହୀନ ଦୁର୍ଗମ ମାର୍ଗରେ ଗମନ ଓ ପ୍ରତ୍ୟାବର୍ତ୍ତନ କରି କରି ପୁଂଜନନେନ୍ଦ୍ରିୟ ଅସମୟରେ ନିଜର ପୂର୍ଣ୍ଣୋଚ୍ଛ୍ୱାସ ଘଟାଇ ଦେଇ ସଙ୍ଗେ ସଙ୍ଗେ ହଠାତ୍ କ୍ଷୁଦ୍ରାୟତନ ହୋଇଯାଏ । ସ୍ୱାମୀ ହୁଏ ଲଜ୍ଜିତ । କିନ୍ତୁ ତାର କେତେ ସମୟ ପରେ ସ୍ତ୍ରୀ ଜନନେନ୍ଦ୍ରିୟ ନିଜ ଭିତରେ ଆବେଗ ଓ ଉତ୍ତେଜନା ଅନୁଭବ କରେ ଏବଂ ତା ପୂର୍ବରୁ ସ୍ୱାମୀର ଜନାନାଙ୍ଗର ଶୈଥିଲ୍ୟ ଆସି ଯାଇଥିବା ହେତୁ ନାରୀ ଅନ୍ତରର ଆଶାଭଙ୍ଗ, କ୍ଷୋଭ ଓ ଅତୃପ୍ତ କାମନାକୁ ମନ ଭିତରେ ଗୋପନ କରି ରଖି ହତବୀର୍ଯ୍ୟ ହତମାନ ସ୍ୱାମୀକୁ ଉପରଠାଉରିଆ ଗୋଟିଏ ସାନ୍ତ୍ୱନା ଦେବା ଲାଗି ମୁହଁରେ ପରିତୃପ୍ତ ହେବା ଭଳି ଅଭିନୟ କରେ । ମୈଥୁନ-ମିଳନରତ ନାରୀ ଓ ପୁରୁଷ ଉଭୟଙ୍କ ଗୁପ୍ତଅଙ୍ଗର ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ଉତ୍ତେଜନା, ପରିସ୍ଥୀତି ଓ ଦୃଢ଼ତା ସଂଘଟିତ ହେବା ସମ୍ୟକ ପରିତୃପ୍ତି ଲାଗି ଯେତିକି ପ୍ରୟୋଜନ, ସନ୍ତାନ ପ୍ରଜନନ ଲାଗି ମଧ୍ୟ ସେତିକି ପ୍ରୟୋଜନ। କିନ୍ତୁ ସାଧାରଣ ଗୃହୀ ଓ ଯୋଗସ୍ଥ ଗୃହୀଙ୍କ ମଧ୍ୟରେ ଏ କ୍ଷେତ୍ରରେ ଏତିକି ପାର୍ଥକ୍ୟ ଯେ ଗୁପ୍ତ ଅଙ୍ଗର

ଉତ୍ତେଜନା ଆସିବା ପରେ ସାଧାରଣ ଗୃହୀ ସେହି ଇନ୍ଦ୍ରିୟର ବଶୀଭୁତ ହୋଇ ପଡନ୍ତି କିନ୍ତୁ ଯୋଗସ୍ଥ ଗୃହୀ ଗୁପ୍ତାଙ୍ଗର ନିର୍ଦ୍ଦିଷ୍ଟ ପରିମାଣ ଜାଗୃତି ଆସିବା ପରେ ନିଜେ ସେହି ଅଙ୍ଗର ଉତ୍ତେଜନାର ବଶୀଭୁତ ନ ହୋଇ ନିଜକୁ ଏକ ମହତ୍ତମ ଭାବରେ ନିମଜ୍ଜିତ କରି ଦେଇ ନିଜର ଗୁପ୍ତ ଅଙ୍ଗକୁ ନିଜର ଅଭିପ୍ରାୟ ଅନୁଯାୟୀ ଆବଶ୍ୟକୀୟ ସମୟ ବ୍ୟାପୀ ପରିଚାଳିତ କରି ପାରନ୍ତି । ଏହିପରି ଭାବରେ ଯୋଗୀ ଓ ଅଯୋଗୀ, ଜଣେ ଉତ୍ତେଜିତ ଇନ୍ଦ୍ରିୟକୁ ନିଜର ଅଧୀନରେ ରଖି ଓ ଆଉଜଣେ ନିଜେ ଇନ୍ଦ୍ରିୟ ଉତ୍ତେଜନାର ଅଧୀନ ହୋଇ-ନିୟତ ପୁତ୍ର କନ୍ୟାର ଜନକ ଜନନୀ ହେଉଛନ୍ତି କିନ୍ତୁ ଉଭୟଙ୍କ ପକ୍ଷରେ ସନ୍ତାନ ଲାଭ ପାଇଁ ଏହାହିଁ ଚୂଡ଼ାନ୍ତ ସର୍ତ୍ତ ଯେ ମାତୃରଜ ଓ ପିତୃବୀର୍ଯ୍ୟ ମାତୃ ଜରାୟୁ ମଧ୍ୟରେ ମିଳିତ ହେଲେ ଯାଇ ସନ୍ତାନଜନନ ସମ୍ଭବପର ହେବ ।

ଯୋଗସ୍ଥ ଗୃହୀର ଦାମ୍ପତ୍ୟ ସୁଖର ଅତୀନ୍ଦ୍ରିୟ ରୂପ

ଖାଲି ସେତିକି ନୁହେଁ, ଭାରତୀୟ ଯୋଗସ୍ଥଗୃହୀ ଦମ୍ପତ୍ତିଙ୍କର ସମ୍ଭୋଗଜୀବନ ମଧ୍ୟରେ ଏକ ଅତିନ୍ଦ୍ରିୟ ଅନୁଭୁତିର ସଂଯୋଗ ମଧ୍ୟ ସ୍ୱଳ୍ପ ଆୟାସ ସାଧ୍ୟ । ଦେହକୁ ଭୋଗ କରି ମଧ୍ୟ ଆସ୍ୱାଦନ ନ କରିବା ଓ ଦେହ ସୁଖକୁ ଆସ୍ୱାଦ କରି ମଧ୍ୟ ଦେହକୁ ଭୋଗ ନ କରିବା, ଏହି ଯେ ଏକ ବିଚିତ୍ର ଅବସ୍ଥା, ଏହା ମଧ୍ୟ ଗୃହୀ ଦମ୍ପତ୍ତିଙ୍କର ଅଧିକାରଭୁକ୍ତ । ଭାରତରେ ବି ଏହା ଦୁର୍ଲ୍ଲଭ, ପାଶ୍ଚାତ୍ୟର ତ ଏହା ସହିତ ଆଦୌ ପରିଚୟ ନାହିଁ । ସେମାନଙ୍କର ଆଧୁନିକ ସଭ୍ୟତା ସେମାନଙ୍କୁ ଇଶ୍ୱର-ବିମୁଖ କରିଛି, ଇଶ୍ୱର-ଅବିଶ୍ୱାସୀ କରିଛି, ପୁରୁଷ ଦେହ ପ୍ରୟୋଜନ ଲାଗି ନାରୀଦେହକୁ ମୂଲ୍ୟବାନ ଓ ନାରୀ ଦେହ ପାଇଁ ପୁରୁଷ ଦେହକୁ ଆବଶ୍ୟକ ଜ୍ଞାନ କରିବାକୁ ଶିଖାଇଛି । ପୁରୁଷର ମନ ନାରୀର ମନ ପ୍ରତି ଆକୃଷ୍ଟ ହୋଇ ଓ ନାରୀର ମନ ପରୁଷର ମନ ପ୍ରତି ଆକୃଷ୍ଟ ହୋଇ ଦେହସୁଖ ଲାଗି ସେମାନଙ୍କୁ ପ୍ରସ୍ତୁତ କରୁଅଛି ଏବଂ ଦେହ ସୁଖର ଆତ୍ମହରା ଅବସ୍ଥାକୁ ସେମାନେ ପରମ ଉତ୍କୃଷ୍ଟ ଆଧ୍ୟାତ୍ମିକ ସୁଖ ବୋଲି କଳ୍ପନା କରୁଛନ୍ତି । କିନ୍ତୁ ଦେହ ଓ ମନର ଉର୍ଦ୍ଧ୍ୱରେ ବିଚରଣ କଲେ ମଧ୍ୟ ଦୈହିକ ମିଳନକୁ ଉପଲକ୍ଷ୍ୟ କରି ଆତ୍ମା ଯେ ଏକ ଅନିର୍ବଚନୀୟ

ବିଚିତ୍ର ବିଳାସ ଓ ଏକ ଆଶ୍ଚର୍ଯ୍ୟଜନକ ବିହାର ମଧ୍ୟ ଲାଭ କରିପାରେ, ଏହା ଭାରତର ଋଷିମାନେ ଯୋଗଚକ୍ଷୁରେ ଦେଖିଥିଲେ । ତେଣୁ ଯାହା ପକ୍ଷରେ ଦୈହିକ ସମ୍ଭୋଗ ସମ୍ଭବ, ସଙ୍ଗତ ବା ଶାସ୍ତ୍ରୀୟ-ବିଧିସମ୍ମତ ଅଥବା ଲୋକାଚାର-ଅନୁଗତ, ସେ ଦେହକୁ ସମ୍ଭୋଗ କରି ମଧ୍ୟ ନିର୍ବିକାର ରହିପାରେ, ନିର୍ବିକାରରହି ମଧ୍ୟ ଦେହସୁଖ ଉପଭୋଗ କରିପାରେ । ଯେଉଁଠି ମାତ୍ର ଗୋଟିଏ ଇନ୍ଦ୍ରିୟର ସୁଖ ସାଧାରଣତଃ ଆଶା କରାଯାଏ ସେଠାରେ ସର୍ବେନ୍ଦ୍ରିୟର ସୁଖ ଲାଭ କରାଯାଇପାରେ । ଦେହର ଗୋଟିଏ ସ୍ଥାନରେ ଯେତେବେଳେ ରମଣକ୍ରିୟା ଚାଲିଥାଏ ସେତେବେଳେ ସମଗ୍ରଦେହର କୋଟି କୋଟି ଲୋମକୂପରେ କୋଟି ଗୁଣ ସମ୍ଭୋଗର ସୁଖ ଆସ୍ୱାଦନ କରିବା ସମ୍ଭବପର ଏବଂ ସେଭଳି ଏକ ବ୍ୟାପକ ଓ ବିରାଟ ଆସ୍ୱାଦନ ମଧ୍ୟରେ ରହି ମଧ୍ୟ ଆପଣାକୁ ଏକ ଦିଗରେ ପରମ ଉଲ୍ଲସିତ ଓ ଅନ୍ୟ ଦିଗରେ ଚରମ ଉଦାସୀନ ରଖିବା ମଧ୍ୟ ସମ୍ଭବପର । ଭୋଗ ଇନ୍ଦ୍ରିୟର ଚରମ ସୁଖ ଆସ୍ୱାଦନ କରି ମଧ୍ୟ ଭୋଗବୁଦ୍ଧିଠାରୁ ନିଜକୁ ସଂପୂର୍ଣ୍ଣ ବିଚ୍ଛିନ୍ନ କରି ରଖିବା ସମ୍ଭବ ।ଏକାକୀ ଭୋଗକ୍ରିୟାରେ ଲିପ୍ତ ହୋଇ ନିଖିଳ ବିଶ୍ୱର ଅନନ୍ତ କୋଟି ଜୀବକୁଳଙ୍କର ସମ୍ଭୋଗ-ସୁଖକୁ ନିଜର ହାତ ମୁଠାରେ ଆୟତ୍ତ କରିବା ସମ୍ଭବ ଏବଂ ଭୋଗକ୍ରିୟା ଜନିତ ଦେହ ସୁଖକୁ ବିଶ୍ୱର ସବୁ ପ୍ରାଣିଙ୍କୁ ବଣ୍ଟନ କରି ଦେବା ମଧ୍ୟ ସମ୍ଭବ । ଗୃହସ୍ଥ ଯୋଗୀଙ୍କର ନିଶ୍ଚୟ ଏପରି ଏକ ଉନ୍ନତ ଅବସ୍ଥା ଅଛି, ଯେଉଁ ଅବସ୍ଥାରେ କି ସେ ଏକାକୀ ଭୋଗକ୍ରିୟା ସମ୍ପନ୍ନ କଲେ ମଧ୍ୟ ବିଶ୍ୱର ଜାଗ୍ରତ ଓ ନିଦ୍ରିତ ପ୍ରତ୍ୟେକ ପ୍ରାଣୀଙ୍କ ମଧ୍ୟରେ ସେହି ସୁଖରାଶିକୁ ଅକାତରେ ବଣ୍ଟନ କରିପାରନ୍ତି । ଧନୀ ଯେପରି ଧନରାଶି ଆହରଣ କରି ଆତ୍ମସୁଖ ଲାଭ କରେ ଓ ବିଶ୍ୱର ସମସ୍ତଙ୍କ ମଧ୍ୟରେ ସେ ଧନରାଶି ବଣ୍ଟନ କରିଦେଇ ବିଶ୍ୱବାସୀ ସମସ୍ତଙ୍କୁ ନିଜ ସୁଖର ଅଂଶୀଦାରକରି ନେଇପାରେ, ଉପରୋକ୍ତ ବ୍ୟାପାରଟି ମଧ୍ୟ ତଦ୍ରୂପ ! କିନ୍ତୁ ଏହାର ସୂକ୍ଷ୍ମତା ଅତୀବ ଗଭୀର ଓ ସାଧାରଣ ବୁଦ୍ଧିର ଅଗମ୍ୟ । ପୃଥିବୀର ଇତିହାସରେ ଏହି ଚିନ୍ତାଧାରାବହୁବାର ମୁଣ୍ଡ ଟେକି ଉଠିବା ଦେଖାଯାଇଛି ଯେ ନାରୀ ବିଶ୍ୱର ସର୍ବସାଧାରଣ ଜାତୀୟ ସମ୍ପତ୍ତି, **women are a national property.** ପ୍ରତ୍ୟେକ ପୁରୁଷ ସବୁ ନାରୀଙ୍କର ସମ୍ଭୋଗ-ଅଧିକାରଭୁକ୍ତ, ଏ ଧରଣର

ଚିନ୍ତା ମଧ୍ୟ ବହୁ ନରନାରୀଙ୍କ ମନରେ ବହୁବାର ଉଦିତ ହୋଇଅଛି । ସମାଜ ଏ ଧରଣର ଚିନ୍ତାକୁ ଅନୈତିକ ବୋଲି କହି ଶାସନ କରି ଦବାଇ ଦେଇଥିଲେ ମଧ୍ଯ ଏହା ଯେ ଅତୀବ ସୂକ୍ଷ୍ମ ଏକ ଉନ୍ନତ ଚିନ୍ତାର ସ୍ୱଚ୍ଛତାବର୍ଜିତ ନଗ୍ନ ଶିଶୁମୂର୍ତ୍ତି ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ । ସେହି ସୂକ୍ଷ୍ମ ଚିନ୍ତାଟି ହେଉଛି ଏଇଆ ଯେ, ଗୋଟିଏ ପୁରୁଷ ଗୋଟିଏ ନାରୀକୁ ଏବଂ ଗୋଟିଏ ନାରୀ ଗୋଟିଏ ପୁରୁଷକୁ ଯେତେବେଳେ ସମ୍ଭୋଗ କରେ, ସେ ଯଦି ଯୋଗୀ ହୁଅନ୍ତି ତାହାହେଲେ ସେତେବେଳେ ସେ ଯେଉଁ ସୁଖ ଲାଭ କରନ୍ତି ତାକୁ ଅକ୍ଲେଶରେ ସମଗ୍ର ବିଶ୍ୱର ପ୍ରତ୍ୟେକ ପ୍ରାଣୀଙ୍କ ମଧ୍ୟରେ ବଣ୍ଟନ କରି ଦେଇ ବ୍ୟକ୍ତିଗତ ସମ୍ଭୋଗଜନିତ ସୁଖକୁ ବିଶ୍ୱଜନୀନ ବା ସାର୍ବଜନୀନ କରି ଦେଇପାରନ୍ତି । ମୁଁ ଭୋଜନ କରିବାକୁ ବସି ଯଦି ମୋର ଆହାର ଜନିତ ସୁଖକୁ ସମଗ୍ର ବିଶ୍ୱର ପ୍ରାପ୍ତି ବୋଲି ଅନ୍ତରର ଆକୁଳ ଆବେଦନ ସହକାରେ ବିଶ୍ୱର ସର୍ବତ୍ର ବାଣ୍ଟି ଦେଇପାରେ, ତାହାହେଲେ ତୁମେ କାହିଁକି ତୁମର ଯୌନସୁଖ ପ୍ରାପ୍ତିକୁ କେବଳ ତୁମ ନିଜର ପ୍ରାପ୍ତି ବୋଲି ନ ଭାବି ବିଶ୍ୱର ସମସ୍ତଙ୍କର ସୁଖପ୍ରାପ୍ତି ବୋଲି ଭାବି ସବତ୍ର ଏହା ବଣ୍ଟନ କରି ଦେଇ ନ ପାରିବ ?

ପୂର୍ଣ୍ଣତୃପ୍ତିର ପ୍ରମାଣ

ଉପରେ ଯାହା କୁହାଗଲା ତାହା ଶକ୍ତିମାନ ଯୋଗୀପୁରୁଷଙ୍କ କଥା, କ୍ଷଣସୁଖ-କାତର ଦୁର୍ବଳର କଥା ନୁହେଁ । ଯେଉଁଠି ଶକ୍ତିଶାଳୀ ସଦ୍‌ଗୁରୁଙ୍କର କରାଙ୍ଗୁଳି ସ୍ପର୍ଶରେ ସାଧାରଣ ମନୁଷ୍ୟ ଦିବ୍ୟମନୁଷ୍ୟରେ ପରିଣତ ହୋଇଛି, ସେଠାରେ ଗୋଟିଏ ଇନ୍ଦ୍ରିୟର ସୁଖ ସର୍ବ ଇନ୍ଦ୍ରିୟର ସୁଖ ଆସ୍ୱାଦନକୁ ଜାଗ୍ରତ ନକରିବ କାହିଁକି ? ତୁମେ ଯୌନ ସମ୍ଭୋଗ କଲ ଏବଂ ତହିଁରୁ ଚୂଡ଼ାନ୍ତ ସୁଖ ପାଇଲ ବୋଲି ମଧ୍ଯ ମନେ କଲ କିନ୍ତୁ ମୁଁ ପଚାରେ ସେତେ ବେଳେ ତୁମେ କଣ ରସନାରେ ଦୁଗ୍ଧ ଶର୍କରାର ଚିତ୍ତ ଚମତ୍କାର ଆସ୍ୱାଦନ ପାଇଥିଲ ? ସେତେବେଳେ ତୁମ ନାସିକାରେ ତୁମେ କଣ ସହସ୍ର ରଜନୀଗନ୍ଧାର ଦିବ୍ୟସୁଗନ୍ଧ ପାଇଥିଲ ? ସେତେବେଳେ ତୁମ କର୍ଣ୍ଣରନ୍ଧ୍ରରେ କୋଟି ବେଣୁ ବୀଣାର ସୁମଧୁର ଧ୍ୱନି ଝଂକୃତ ହୋଇଥିଲା କି ? ସେତେବେଳେ

ତୁମ ନୟନ ସମକ୍ଷରେ କୋଟି ଭାସ୍କର-ସମ-ଉଜ୍ଜ୍ୱଳ, କୋଟି-ଚନ୍ଦ୍ରମା-ଜିଣି-ସ୍ନିଗଧ ଅନିର୍ବଚନୀୟ କୌଣସି ରୂପ ଫୁଟି ଉଠିଥିଲା କି ? ଯଦି "ହଁ" ବୋଲି ଉତ୍ତର ଦେଇପାର, ତେବେ ବୁଝାଯିବ, ତୁମେ ପ୍ରକୃତ ସମ୍ଭୋଗ କରିଅଛ । କାରଣ ଭାରତୀୟ ସମ୍ଭୋଗର ଆଦର୍ଶ ଏକ ଦେଶଦର୍ଶୀ ନୁହେଁ, ତାର ଏକ ଅତିନ୍ଦ୍ରିୟ ରୂପ ଅଛି" ।

ଶିକ୍ଷା ଓ ପ୍ରତିବେଶୀର ପ୍ରଭାବ

ପରମ ଯୋଗୀ ଆମର ପୂର୍ବପୁରୁଷଗଣ ମାନବର ଜନ୍ମକୁ ଓ ତାର ସହଜାତ ସଂସ୍କାର ସମୂହକୁ ଅତୁଳନୀୟ ଶୁଦ୍ଧତା ସମ୍ଭାବନାରେ ବିମଣ୍ଡିତ କରିବାକୁ ଚାହିଁଥିଲେ । ସେମାନେ ଚାହିଁଥିଲେ ଯେ ଅତୀତର ଶ୍ରେଷ୍ଠ ମହାପୁରୁଷମାନେ ବା ତାଙ୍କରି ଭଳି ମହାଶକ୍ତିଧର ତପସ୍ୱୀ ଓଜସ୍ୱୀ ସାଧକ ସାଧିକାମାନେ ସେମାନଙ୍କର ଔରସ ଓ ଗର୍ଭ ମାଧ୍ୟମରେ ନୂଆ ନୂଆ ମନୁଷ୍ୟ ଦେହ ଧାରଣ କରି ପୃଥିବୀରେ ଭୂମିଷ୍ଠ ହୁଅନ୍ତୁ । ଶିକ୍ଷାଦାନ, ଲାଳନପାଳନ, ଶାସନ ତାଡ଼ନ ପ୍ରଭୃତି ଦ୍ୱାରା ନବଜାତକକୁ ଗଢ଼ିବାର ପ୍ରୟୋଜନୀୟତାକୁ ସେମାନେ ଅସ୍ୱୀକାର କରୁ ନ ଥିଲେ ବରଂ ଆବାଲ୍ୟରୁ ନାନା ସତ୍ ଅନୁଶୀଳନ ଦ୍ୱାରା, ଆକୈଶୋର ବ୍ରହ୍ମଚର୍ଯ୍ୟ ପାଳନ ମାଧ୍ୟମରେ, କୁସଙ୍ଗ ଓ କୁସ୍ଥାନ ପରିତ୍ୟାଗ ପୂର୍ବକ ତପସ୍ୟାର ଅନୁକୂଳ ସ୍ଥାନରେ ଓ ଅନୁକୂଳ ଅବସ୍ଥାରେ ଅବସ୍ଥାନ ଦ୍ୱାରା ନବଜାତକର ଜୀବନର ପୂର୍ଣ୍ଣାଙ୍ଗ ବିକାଶ ସାଧନ ଲାଗି ଆନୁକୂଲ୍ୟ ସୃଷ୍ଟି କରିବା ସେମାନଙ୍କର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ ଥିଲା । ଭାରତୀୟ ସାମାଜିକ ଜୀବନର ଅଧିକାଂଶ ଅନୁଷ୍ଠାନ ଓ ପ୍ରଥା ସୃଷ୍ଟି ହେବା ମୂଳରେ ନବଜାତକୁ ଅତ୍ୟୁତ୍କୃଷ୍ଟ ଶିକ୍ଷା ଓ ସର୍ବତୋଭାବରେ ଅନୁକୂଳ ପ୍ରତିବେଶ ପ୍ରଭାବ ପ୍ରଦାନ କରିବାର ଆବଶ୍ୟକତାବୋଧ ହିଁ ସର୍ବପ୍ରଧାନ ପ୍ରେରଣାରୂପେ ବିଦ୍ୟମାନ । ଶିକ୍ଷା ଓ ପୁରୁଷାନୁକ୍ରମିକ ସୌଷ୍ଠବସଂଚରଣ (Education and Heredity) କୁ ନେଇ ଅନ୍ୟତ୍ର ଯେପରି ଦ୍ୱିଧାବିଭକ୍ତ ଯୁଦ୍ଧ ଶିବିର ନିର୍ମିତ ହୋଇଅଛି ବା ନିର୍ମିତ ହେବାର ପ୍ରବଣତା ଦେଖାଯାଉଛି, ଭାରତରେ ସେପରି ହୋଇନାହିଁ । ଶିଶୁ ଜନ୍ମ ହେବା ପରେ ଉପଯୁକ୍ତ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ଦେଇ ଓ ଉପଯୁକ୍ତ ଶିକ୍ଷାସଂସ୍କାରର ସହାୟତାରେ ତାକୁ ମଣିଷ କରି ଗଢ଼ିବାର

ଆବଶ୍ୟକତା ବୋଧ ଭାରତରେ ଯେତିକି ତୀବ୍ର ଥିଲା, ପୁରୁଷାନୁକ୍ରମିକ ସଦ୍‌ଗୁଣ ସଂଚରଣ ସମ୍ଭାବନାକୁ ସହଜତର ଓ ପ୍ରବଳତର କରିବା ଲାଗି ଏକ ଉଦଗ୍ର କାମନା ମଧ୍ୟ ସେହିପରି ବଳବତୀ ଥିଲା। ସୁସ୍ଥ ଓ ନିରୋଗ ଶରୀରରେ ପିତାମାତା ସନ୍ତାନ ଉତ୍ପାଦନ କଲେ ସେ ପୁତ୍ରକନ୍ୟା ସ୍ୱଭାବତଃ ସୁସ୍ଥ ଦେହ ଓ ସୁସ୍ଥ ମନ ଘେନି ଭୂମିଷ୍ଠ ହେବ, ଏହି ସତ୍ୟକୁ ସେମାନେ ଉପେକ୍ଷା କରି ପାରି ନ ଥିଲେ । ଏ ତ ଗଲା ଜନ୍ମତତ୍ତ୍ୱକୁ ନିତାନ୍ତ ଦୈହିକ ଦୃଷ୍ଟି କୋଣରୁ ବିଚାର କରିବାର ଦୃଷ୍ଟାନ୍ତ । କିନ୍ତୁ ମନୁଷ୍ୟର ଜନ୍ମ କଣ ଖାଲି ଗୋଟିଏ ଦେହର ଆବିର୍ଭାବ । ଗୋଟିଏ ଆତ୍ମା ଦେହରୁ ଦେହାନ୍ତର ବିଚରଣ କରି ଯିବା ମାର୍ଗରେ ଏହା କଣ ଏକ ଅତି ବିଚିତ୍ର ଇତିହାସ ନୁହେଁ ? ସାମୟିକ ଭାବରେ ହେଲେ ମଧ୍ୟ ଏହା କଣ ଗୋଟିଏ ଆତ୍ମାର ଆବିର୍ଭାବ ନୁହେଁ ? ଖାଲି କଣ ପ୍ରକୃତିର ଖିଆଲରେ ଆତ୍ମା ନିର୍ଦ୍ଦିଷ୍ଟ ଏକ ଜଡ଼ପିଣ୍ଡ ମଧ୍ୟରେ ଆବିର୍ଭୂତ ହେଉଅଛି ? ଆତ୍ମା କଣ ନିଜର ଅତୀତ କର୍ମର ମହିମାରେ ଉତ୍କୃଷ୍ଟ ଯୋନିରେ ଏବଂ ଅତୀତର ଦୁଷ୍କୃତି ପ୍ରଭାବରୁ ନିକୃଷ୍ଟ ଯୋନିରେ ପ୍ରବେଶ କରି ଭୂମିଷ୍ଠ ହେବା ଲାଗି ପ୍ରତୀକ୍ଷା କରି ରହେ ନାହିଁ ? ମାତୃଗର୍ଭରେ ରହି ସେ କଣ ତାର ଅତୀତର ଚିନ୍ତା ଏବଂ ଭବିଷ୍ୟତର କଳ୍ପନାକୁ ନେଇ ବ୍ୟସ୍ତ ରହେନାହିଁ ? ସ୍ୱାମୀସ୍ତ୍ରୀର ସହବାସ କଣ ଖାଲି ବୀର୍ଯ୍ୟକ୍ଷେପଣ ଓ ଗର୍ଭଧାରଣର ଉଦ୍ୟମ ମାତ୍ର ? ନୂତନ ଶରୀର ଧାରଣେଚ୍ଛୁ ବିଦେହୀ ଆତ୍ମାଗୁଡ଼ିକ ଏହା କଣ ଆହ୍ୱାନ କରିବାର ଏକ ସଙ୍କେତ ନୁହେଁ ? ଏହା କଣ ଖାଲି ଇନ୍ଦ୍ରିୟ-ବିଳାସ ? ଦେହ-ଧାରଣ-ଇଚ୍ଛୁକ ଲକ୍ଷ ଲକ୍ଷ ବିଦେହୀ ଆତ୍ମାଗୁଡ଼ିକ ଏହା କଣ ଏହି ମର୍ମରେ ଏକ ଆହ୍ୱାନ ପ୍ରଦାନ ନୁହେଁ-କିଏ କେଉଁଠି ଅଛ ଆସ, ଯେଉଁମାନେ ନରଦେହ ଧାରଣ କରି ଜୀବନକୁ ପୂର୍ଣ୍ଣରୂପେ ଆସ୍ୱାଦନ କରିବାକୁ ଚାହଁ, ଅତୀତର ଅତୃପ୍ତ କାମନା ପୂରଣ କରିବାକୁ ଚାହଁ, ଅତୀତର ଅସିଦ୍ଧ ସାଧନାରେ ସିଦ୍ଧିଲାଭ କରିବାକୁ ଚାହଁ ଅଥବା ପୂର୍ଣ୍ଣସିଦ୍ଧି ଲାଭ କରି ବିଦେହୀ ହୋଇ ରହିଥିଲେ ବି ପୁନର୍ବାର ନବକଳେବର ଧାରଣ କରି ଜୀବ ଓ ଜଗତର ମଙ୍ଗଳ କରିବାକୁ ଚାହଁ, ସମସ୍ତେ ଆସ, ଆମ ଔରସ ଓ ଗର୍ଭର ଶୁଦ୍ଧତାନୁଯାୟୀ, ଆମ ଅନ୍ତରର କାମନା, ହୃଦୟର ବାସନା, ଧ୍ୟାନର ଐକତାନ ଓ ତପଃସାଧନର ସ୍ତର ଅନୁଯାୟୀ ଯେ ନିଜକୁ ଯୋଗ୍ୟ ବୋଲି

ବିଚାରୁଛ ସେ ପ୍ରବେଶ କର, ତୁମକୁ ଆମେ ସ୍ୱାଗତ ଜଣାଉଛୁ" ? ନରନାରୀଙ୍କର ଯୌନ-ମିଳନ ପ୍ରକୃତରେ କଣ ଏହାହିଁ ନୁହେଁ କି ? ପଶୁପକ୍ଷୀଙ୍କର ଯୌନ-ମିଳନ ମଧ୍ୟ ଏଇଆ, କିନ୍ତୁ ସେମାନେ ଏହି ଗୂଢ଼ ତତ୍ତ୍ୱ ଜାଣନ୍ତି ନାହିଁ, ମନୁଷ୍ୟ ତାହା ଜାଣେ । ଭାରତର ପ୍ରାଚୀନ ସାଧନାର ଅନୁବର୍ତ୍ତୀ ନରନାରୀମାନେ ଏହା ଜାଣିଥିଲେ । ତେଣୁ ସେମାନେ ସୁଜନନ ତତ୍ତ୍ୱ (Eugenics) କୁ ଦୈହିକ ଦିଗରୁ ଅନୁସରଣ କରିବାର ଆଗ୍ରହ ପୋଷଣ କରିବା ସଙ୍ଗେ ସଙ୍ଗେ ଆତ୍ମିକ ଦିଗରୁ ମଧ୍ୟ ଶ୍ରେଷ୍ଠ ଆତ୍ମାକୁ ପୁତ୍ରକନ୍ୟାରୂପେ ପାଇବାର ବାଟ ଖୋଜିଥିଲେ । ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ଭଗବାନ ଅବତାର ରୂପରେ ଆବିର୍ଭୂତ ହେବା ଲାଗି ମାତୃଗର୍ଭକୁ ଅପେକ୍ଷା କରିଥିଲେ କିନ୍ତୁ କୌଣସି ପାର୍ଥିବ ପିତାର ଶୁକ୍ରବିନ୍ଦୁକୁ ଅପେକ୍ଷା କରି ନଥିଲେ । ହିନ୍ଦୁମାନଙ୍କ ଭିତରେ ଭଗବାନ ବାରମ୍ବାର ପିତୃବୀର୍ଯ୍ୟ ଓ ମାତୃରଜ ମାଧ୍ୟମରେ ଆବିର୍ଭୂତ ହୋଇଛନ୍ତି । ଶୁକ୍ରଧାନକାରୀ ପିତା ନିଜ ଶୁକ୍ର ମଧ୍ୟରେ ଭଗବାନଙ୍କୁ ଦେଖିଛନ୍ତି ବା ଦେଖିବାକୁ ଇଚ୍ଛା କରିଛନ୍ତି ଏବଂ ଗର୍ଭଧାରିଣୀ ମାତା ନିଜ ଗର୍ଭ ମଧ୍ୟରେ ହିଁ ଭଗବାନଙ୍କୁ ଖୋଜିଛନ୍ତି ବା ପାଇଛନ୍ତି । ଜୀବକୁଳକୁ ଉଦ୍ଧାରିବା ଲାଗି ଶ୍ରୀଭଗବାନ ବାରମ୍ବାର ନର ଦେହରେ ଏହି ଧରାଧାମରେ ଆବିର୍ଭୂତ ହୁଅନ୍ତି, ଏହି ବଦ୍ଧମୂଳ ସଂସ୍କାର ଟିକକ ମଧ୍ୟରେ ଭାରତୀୟ ସାଧକର ଯୌନ-ଜୀବନର ଏକ ବିରାଟ ଅଲିଖିତ ଇତିହାସ ଲୁକ୍କାୟିତ ରହିଛି ।

ପ୍ରାଚୀନ କାମଶାସ୍ତ୍ର ଓ ତାର ପୁନରୁଦ୍ଧାରର ସମ୍ଭାବନା

ବଂଶର ଶ୍ରେଷ୍ଠ ସାଧକମାନେ ଜନ୍ମ ହେବେ, ଏହି କଳ୍ପନାକୁ ଏକ ସଫଳ ସତ୍ୟରେ ପରିଣତ କରିବା ଲାଗି ଭାରତୀୟ ସାଧକମାନେ ଦେହ ଓ ମନ ଉଭୟ ଦିଗରୁ ଯୁଗପତ୍ ଦ୍ୱିବିଧ ପରୀକ୍ଷା (Experiments and investigation)ରେ ବ୍ରତୀ ହୋଇଥିଲେ । କେଉଁଠି ଗୋଟିଏ ଦମ୍ପତି କୌଣସି ଗୋଟିଏ ବିଷୟରେ ନାନା ରୂପରେ ନାନା ଭାବରେ ଶତସହସ୍ର ବାର ପରୀକ୍ଷା କରୁଥିଲେ ତ ଆଉ କେଉଁଠି ଏକ ଦମ୍ପତି ଅନ୍ୟ ଦମ୍ପତିଙ୍କର ଶିଷ୍ୟତ୍ୱ ସ୍ୱୀକାର କରି ସେମାନଙ୍କର ପରୀକ୍ଷା ଫଳାଫଳ ଜାଣି ନେଇ ନିଜେ ନିଜେ ନୂଆ ନୂଆ ପରୀକ୍ଷା ଚଳାଉଥିଲେ

ଏବଂ ନିଜର ପ୍ରତ୍ୟକ୍ଷ ଅଭିଜ୍ଞତା-ଲବ୍ଧ ଫଳକୁ ପୁତ୍ର ଓ ଶିଷ୍ୟମାନଙ୍କ ମଧ୍ୟରେ ସମ୍ପ୍ରସାରିତ କରି ଦେଉଥିଲେ । ବିଭିନ୍ନ ତନ୍ତ୍ରଶାସ୍ତ୍ରରେ ପରିକୀର୍ତ୍ତିତ ହେଉଥିବା ବିଭିନ୍ନ ଶାସ୍ତ୍ରୀୟ ବଚନ ଗୁଡ଼ିକରୁ ଏହା ସୁସ୍ପଷ୍ଟ ପ୍ରତିଭାତ ହୁଏ । ମନ ବା ଆତ୍ମା ଦିଗରୁ ଯେଉଁ ସବୁ ପରୀକ୍ଷା ବା ଗବେଷଣା ହେଉଥିଲା ତାକୁ ଛାଡ଼ି ଦେଇ ଖାଲି ଦେହ ଦିଗରୁ ଯାହା ଅନୁଶୀଳିତ ହେଉଥିଲା ତାହା କାଳକ୍ରମେ କାମଶାସ୍ତ୍ର ନାମକ ଏକ ପୃଥକ୍ ବିଦ୍ୟାରେ ପରିଣତ ହୋଇଥିଲା । ନିଜ ନିଜର ପତ୍ୟକ୍ଷ ଉପଲବ୍ଧିରେ ସେମାନେ ଯାହା ଯାହା ପାଇଥିଲେ ତାର ଏକ ଅତି କ୍ଷୁଦ୍ର ଭଗ୍ନାଂଶ ହିଁ ସେହି ଗ୍ରନ୍ଥ ମଧ୍ୟରେ ସ୍ଥାନ ପାଇଥିଲା । କାରଣ ପ୍ରତ୍ୟେକ ବିଷୟରେ ମନ୍ତ୍ରଗୁପ୍ତି ସେମାନଙ୍କର ଏକ ବଦ୍ଧମୂଳ ସଂସ୍କାରରେ ପରିଣତ ହୋଇଯାଇଥିଲା । ଆଉ ଯାହା ଅଳ୍ପ କିଛି ଉକ୍ତ ଗ୍ରନ୍ଥ ମଧ୍ୟରେ ସ୍ଥାନ ପାଇଥିଲା ତାହା ମଧ୍ୟ ଏକ ଦିଗରେ ଯେପରି ମୁଖ୍ୟତଃ ଜନସାଧାରଣଙ୍କର ଭୋଗାୟତନ ଦେହର ପ୍ରସାଦକଳ୍ପେ ହିଁ ରକ୍ଷିତ ହୋଇଅଛି । ତେଣୁ ମୈଥୁନ ଭଳି ଜାନ୍ତବ କାର୍ଯ୍ୟ ମଧ୍ୟରେ ବି ଯୋଗୀର ଯୋଗଜ ଅନୁଭୂତି ଯେଉଁ ଦିବ୍ୟ ସୌରଭ ଲାଭ କରିପାରିଥିଲା, ଯୋଗୀଙ୍କ ଦ୍ୱାରା ଆବିଷ୍କୃତ ସତ୍ୟ-ଭୋଗୀଙ୍କ ହାତରେ ନ୍ୟସ୍ତ ହେବା ପରେ ମୈଥୁନର ସେ ସୌରଭ ଓ ଗୌରବ ଅକ୍ଷୁର୍ଣ୍ଣ ଓ ଅବ୍ୟାହତ ରହି ପାରିଲା ନାହିଁ ଏବଂ ତା ଫଳରେ ଭାରତରେ ଯେଉଁ ଦିବ୍ୟ ରତିଶାସ୍ତ୍ର ଉପଜାତ ହୋଇ ପଶୁ ଜଗତରେ ମାନବ ସୃଷ୍ଟି ଲାଗି ଓ ମାନବ ଜଗତରେ ଦେବତା ସୃଷ୍ଟି ଲାଗି ଏତେ ଅଧ୍ୟବସାୟ କରି ଆସିଥିଲା ତାହାର ବ୍ୟାପକ ବିକାଶ-ସମ୍ଭାବନା ସହସା ମଧ୍ୟ-ପଥରେ ରୁଦ୍ଧ ହୋଇଗଲା ।

ଶୁଦ୍ଧଚେତା ଯୋଗୀମାନେ ସ୍ଥୁଳ ଇନ୍ଦ୍ରିୟର ସାହାଯ୍ୟକୁ ଅପେକ୍ଷା ନ କରି ଧ୍ୟାନ ବଳରେ ବହୁ ଅଜ୍ଞାତ ଦୈହିକ ତତ୍ତ୍ୱର ସାକ୍ଷାତ୍ ପାଇଥିଲେ ଏବଂ ସ୍ଥଳବିଶେଷରେ କେଉଁଠି ପୁତ୍ରପୌତ୍ରାଦିକ୍ରମେ ଓ କେଉଁଠି ଶିଷ୍ୟାନୁକ୍ରମେ ସେଗୁଡ଼ିକ ବାରମ୍ବାର ପ୍ରୟୋଗ କରି ଓ ତାର ଅଭ୍ରାନ୍ତତ୍ୱକୁ ବାରମ୍ବାର ପ୍ରମାଣ କରି ସେହିସବୁ ସିଦ୍ଧାନ୍ତକୁ କାମବିଦ୍ୟାର ଅଙ୍ଗୀଭୁତ କରିଥିଲେ । ଅଧୁନା ସେ ବିଦ୍ୟା ଲୁପ୍ତ ପ୍ରାୟ କହିଲେ ଚଳେ । କେବଳ କୌଣସି କୌଣସି ସଂପ୍ରଦାୟର ଗୁପ୍ତ ଆଚାର ମଧ୍ୟରେ ତାର ଅତି ସାମାନ୍ୟ ଭଗ୍ନାଂଶ ମାତ୍ର ରହିଛି ବୋଲି ମୋର ଅନୁମାନ । ଅନୁମାନ

ବୋଲି କହିବାର ତାତ୍ପର୍ଯ୍ୟ ହେଉଛି ବହୁ ଧର୍ମସଂପ୍ରଦାୟର ସାଧକମାନଙ୍କ ମୁହଁରୁ ସେମାନଙ୍କର ଗୁପ୍ତ ସାଧନର ଯେଉଁ ବିବରଣ ମୁଁ ଶୁଣିଅଛି, ସେ ଦୃଷ୍ଟିରୁ କେବଳ "ଅନୁମାନ" ବୋଲି କହିଲେ ଚଳେ । ଆଉମଧ୍ୟ ମୁଁ ଆଶାକରେ ଯେଉଁ ଦିନ ଭାରତୀୟ ଜୀବନ ଏକ ତାଳିପକା ଜୀବନ ନ ହୋଇ ପ୍ରକୃତ ତପସ୍ୟାପୂତ ଜୀବନ ହେବ ସେଦିନ ଗାର୍ହସ୍ଥ୍ୟାଶ୍ରମୀ ନରନାରୀ ନିଜ ନିଜର ସାଧନା-ସମୁଜ୍ଜ୍ୱଳ ପ୍ରତିଭା ବଳରେ ନୂଆ ନୂଆ ତତ୍ତ୍ୱ ଅନାୟାସରେ ଆବିଷ୍କାର କରି ପାରିବେ । ଅନ୍ଧପରି ନଚାଲି, ପ୍ରତ୍ୟେକ କାର୍ଯ୍ୟ ଆଖି ମେଲା କରି କଲେ ସେମାନେ ନିଜ ନିଜ ଜୀବନରେ ପ୍ରତ୍ୟେକଟି ଛୋଟବଡ଼ ଯୋଗାଯୋଗ ମଧ୍ୟରେ ଅନେକ ଅଜ୍ଞାତ ଓ ଅଭାବନୀୟ ନୂଆ ନୂଆ ସତ୍ୟର ଆତ୍ମପ୍ରକାଶ ଲକ୍ଷ୍ୟ କରି ବିସ୍ମିତ ହେବେ । ସେ ସମସ୍ତ ମୂଳସୂତ୍ର ସମ୍ପର୍କରେ ସାମାନ୍ୟ ସୂଚନା ମାତ୍ର ମୁଁ ସାଧାରଣ ଭାବରେ ଦେଇଯାଇପାରେ ।

ପାଶ୍ଚାତ୍ୟ ଦୃଷ୍ଟିରେ ଯାହା ଶୁକ୍ରକୀଟ ଭାରତ ଦୃଷ୍ଟିରେ ତାହା ଜୀବାତ୍ମା

ପ୍ରାଚୀନ ଭାରତୀୟ ଋଷି ପ୍ରତ୍ୟେକଟି ଶୁକ୍ର ବିନ୍ଦୁ ଭିତରେ ଶୁକ୍ରଧିକାରୀର ଜୀବନ, ଯୌବନ, ସ୍ୱାସ୍ଥ୍ୟ ଓ ତାର ଭାବୀ ସନ୍ତାନର ପ୍ରାଣକୁ ଦେଖିଥିଲେ । କିନ୍ତୁ ଶୁକ୍ର ବିନ୍ଦୁ ଭିତରେ ଲକ୍ଷ ଲକ୍ଷ ଶୁକ୍ରକୀଟକୁ ସେମାନେ ଦେଖିଥିଲେ କି ନାହିଁ କହିବା କଷ୍ଟକର ।ବିନ୍ଦୁ ପରିମିତ ଯେଉଁ ଶୁକ୍ର ଭିତରେ ଆଧୁନିକ ବିଜ୍ଞାନ କୋଡ଼ିଏ ଲକ୍ଷଠାରୁ କୋଡ଼ିଏ କୋଟି ପର୍ଯ୍ୟନ୍ତ ଶୁକ୍ରକୀଟ କିଲ୍‌ବିଲ୍ ହେଉଥିବା ଦେଖିଛି, ତାର ଭିତରେ ପ୍ରାଚୀନ ଭାରତୀୟ ଋଷି ଅନନ୍ତ କୋଟି ପ୍ରାଣ ଦେଖିଥିଲେ । ଅଣୁବୀକ୍ଷଣ ସେମାନଙ୍କର ସିନା ନ ଥିଲା କିନ୍ତୁ ସେମାନଙ୍କର ମନୋବୀକ୍ଷଣ ଥିଲା ଅଭ୍ରାନ୍ତ । ତେଣୁ କୋଟି କୋଟି ଶୁକ୍ରକୀଟର ପୃଥକ୍ ଦେହ ସେମାନେ ଦେଖିଥିଲେ କି ନାହିଁ କହିବା କଠିନ ହେଲେ ମଧ୍ୟ କୋଟି କୋଟି ଜୀବତ୍ମା ପ୍ରାଣରୁପରେ ତହିଁରେ ଉପସ୍ଥିତ ଥିବାର ସେମାନେ **ସ୍ପଷ୍ଟ** ଅନୁଭବ କରୁଥିଲେ । ସେହି ଅନନ୍ତ କୋଟି ପ୍ରାଣ ଗୋଟି ଗୋଟି ହୋଇ ପୃଥକ ପୃଥକ ଜଡ଼ ଦେହ ଧାରଣ କରି ବେଙ୍ଗଫୁଲା ପରି ଲାଙ୍ଗୁଳ ହଲାଇ ହଲାଇ କ୍ରମଶଃ ମାତୃଜଠର ଆଡ଼କୁ କିପରି ଆଗେଇ

ଯାଆନ୍ତି,ସେ କଥା ସେମାନେ କେଉଁଠି ବର୍ଣ୍ଣନା କରିଛନ୍ତି ବୋଲି ମୋର ମନେହୁଏ ନାହିଁ କିନ୍ତୁ ଯେ ପର୍ଯ୍ୟନ୍ତ ପିତୃ ଶୁକ୍ରକୋଷ ମଧ୍ୟରେ ଶୁକ୍ର ଆବଦ୍ଧ ଥାଏ,ସେ ପର୍ଯ୍ୟନ୍ତ ତା ଭିତରେ ପ୍ରାଣ ସଂଚାର ହୋଇ ନଥାଏ ବୋଲି ସେମାନେ ସ୍ୱୀକାର କରିଛନ୍ତି । ଯେଉଁ ମୂହୁର୍ତ୍ତରେ ବୀର୍ଯ୍ୟବିନ୍ଦୁ ଶୁକ୍ରକୋଶରୁ ସ୍ଖଳିତ ହୋଇ ମୂତ୍ରନାଳୀରେ ପଡ଼େ ଏବଂ ପୁରୁଷ ଶରୀରସ୍ଥ କାମଗ୍ରନ୍ଥି ନିଃସୃତ ରସର ସଂଶ୍ରବରେ ଆସେ, ସେହି ମୂହୁର୍ତ୍ତରେ ଶୁକ୍ର କୋଟି କୋଟି ପ୍ରାଣର ଆଧାରରେ ପରିଣତ ହୁଏ ବୋଲି ସେମାନେ ଅନୁଭବ କରିଛନ୍ତି। ଏକ ଦେହରୁ ଅନ୍ୟ ଦେହକୁ ଜୀବାତ୍ମାର ଯେଉଁ ଗମନାଗମନ, ତାହା ଧ୍ୟାନ ବଳରେ ସେମାନେ ଅନୁଭବ କରିଥିଲେ । ଏକ ବିନ୍ଦୁ ଶୁକ୍ର ଭିତରେ କେତୋଟି ଶୁକ୍ରକୀଟ ଥାନ୍ତି,ଅଣୁବୀକ୍ଷଣ ଯନ୍ତ୍ର ଅନାବିଷ୍କୃତ ଥିବା ହେତୁ ସେ କଥା ସେମାନେ ହୁଏତ ଅବଗତ ହୋଇପାରି ନ ଥିଲେ । କିନ୍ତୁ ଶୁକ୍ରକୋଷଦ୍ୱୟ(Seminal vesicles) ରୁ ସ୍ଖଳିତ ବୀର୍ଯ୍ୟ (Semen) ମୂତ୍ରନାଳୀ (Urethra) ରେ ପତିତ ହେବା ଅବସରରେ ମୂତ୍ରପଥକୁ ପିଚ୍ଛିଳ କରି ଦେଇ ଶୁକ୍ରବିନ୍ଦୁକୁ ସହଜରେ ଲିଙ୍ଗନାଳୀ ମଧ୍ୟ ଦେଇ ଦୃତ ବହିର୍ଗତ ହେବାରେ ସାହାର୍ଯ୍ୟ କରିବା ଲାଗି ସ୍ୱାଭାବିକ ନିୟମରେ କାମଗ୍ରନ୍ଥି (Prostate Gland) ଓ କାଉପରସ ଗ୍ରନ୍ଥି (Cowper's Gland) ରୁ ଯେଉଁ ରସ ଉତ୍ପାଦିତ ହୁଏ, ସେହି ରସର ସଂସ୍ପର୍ଶ ପାଇବା ମାତ୍ରେ ଏହି କୋଟି କୋଟି ଶୁକ୍ରକୀଟ ତନ୍ଦ୍ରାଭାବ ତ୍ୟାଗକରି ନିମିଷକର ଲକ୍ଷେ ଭାଗରୁ ଏକଭାଗ ସମୟ ମଧ୍ୟରେ ଜାଗ୍ରତ ହୋଇ ଉଠନ୍ତି ଓ ମୂତ୍ରନାଳୀ ପାର ହୋଇ ଶୀଘ୍ର ମାତୃଜଠରରେ ପ୍ରବେଶ କରିବା ଆଶାରେ ଦୌଡ଼ାଦୌଡ଼ି ପ୍ରତିଯୋଗିତା ପାଇଁ ଅଣ୍ଟାଭିଡ଼ି ବାହାରି ପଡ଼ନ୍ତି, ସେ କଥା ପାଶ୍ଚାତ୍ୟ ବୈଜ୍ଞାନିକମାନେ ଅଣୁବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଧରିପାରିଛନ୍ତି । ଅଣ୍ଡକୋଷ ଭିତରେ ରକ୍ତରୁ ଅଲଗା ହୋଇଗଲା ବେଳେ ଯେଉଁ ଶୁକ୍ରରେ ପ୍ରାଣର ସତ୍ତାସୁଦ୍ଧା ନଥିଲା, ଭବିଷ୍ୟତରେ କ୍ଷୟିତ ହେବା ଲାଗି ଶୁକ୍ରକୋଷରେ ଜମା ହୋଇ ରହିଲାବେଳେ ଯେଉଁ ଶୁକ୍ରରେ ପ୍ରାଣର ଚିହ୍ନବର୍ଣ୍ଣ ସୁଦ୍ଧା ନଥିଲା, ଅତ୍ୟଧିକ ଉତ୍ତେଜନା ଯୋଗୁଁ ଶୁକ୍ରକୋଷଦ୍ୱୟ କୁଞ୍ଚିତ ହୋଇ ମହୁଫେଣାରୁ ମହୁ ବହିଲା ପରି ଶୁକ୍ରକୋଷରୁ ଶୁକ୍ର ବହି ଆସିଲା ବେଳେ ଯେଉଁ ଶୁକ୍ର ଭିତରେ ଥିବା ଶୁକ୍ରକୀଟମାନଙ୍କ ମଧ୍ୟରୁ

ଗୋଟିକର ସୁଦ୍ଧା ଜୀବନ ସ୍ପନ୍ଦନ ନ ଥିଲା, ସ୍ୱଚ୍ଛ ନିମ୍ନଗାମୀ ହୋଇ ତାହା କାମଗ୍ରନ୍ଥି ଓ କାଉପରସ ଗ୍ଲାଣ୍ଡ ରସର ସଂସ୍ପର୍ଶରେ ଆସିବାକ୍ଷଣି ହଠାତ୍ ତହିଁରେ ପ୍ରାଣର ସ୍ଫୁରଣ ହେଲା । ବିନ୍ଦୁ ପରିମିତ ଶୁକ୍ର ମଧ୍ୟରେ କୋଡ଼ିଏ କୋଟି ନିଦ୍ରିତ ରାଜପୁତ୍ର ରାଜକନ୍ୟା ମାନେ ଅନ୍ଧ ପ୍ରେରଣାରେ ଜାଗ୍ରତ ହୋଇ ମାତୃଜଠରରେ ପହଞ୍ଚିବା ଆଶାରେ ଅନ୍ଧକାରକୁ ଡ଼େଇଁ ପଡ଼ିଲେ, ଭାଗ୍ୟଦୋଷରୁ କେହିକେହି ମାଟିରେ କେହିକେହି ଶଯ୍ୟାରେ,କେହିକେହି ବସ୍ତ୍ରରେ,କେହିକେହି ମାତୃ ଦେହର ବହିରଙ୍ଗରେ କେହିକେହି ଯୋନିକୂପ (Vaginal Tube) ର ନିତ୍ୟାନ୍ତ ବହିଃସଂଲଗ୍ନ ଅଂଶରେ, କେହିକେହି ଚୂଡ଼ାନ୍ତ ତମ ଦୂର ଦେଶରେ ଛିଟିକି ପଡ଼ିଲେ, ଯେଉଁମାନେ ଭାଗ୍ୟବାନ ସେମାନେ ଜରାୟୁର ଭିତରେ ଯାଇ ଛିଟିକି ହୋଇ ପଡ଼ିଲେ ଓ ତା ପରେ ସେମାନଙ୍କ ମଧ୍ୟରେ ଆରମ୍ଭ ହେଲା ପ୍ରାଣମୂର୍ଚ୍ଛା ଦୌଡ଼ ପ୍ରତିଯୋଗିତା ଯେ କିଏ ଆଗଯାଇ କୌଣସି ଗୋଟିଏ ମାତୃଡ଼ିମ୍ବ(Ovum) ଭିତରେ ନିଜ ପାଇଁ ନିଶ୍ଚିତ ଆଶ୍ରୟ ସ୍ଥାନଟିଏ ଯୋଗାଡ଼ କରିନେଇ ପାରିବ ।ଗୋଟିଏ କ୍ୱଚିତ ଏକାଧିକ ଶୁକ୍ରକୀଟ ମାତୃଡ଼ିମ୍ବ ଭିତରେ ପ୍ରବେଶ କଲାକ୍ଷଣି ମାତୃ ଜରାୟୁ ମଧ୍ୟରେ ଏପରି ରାସାୟନିକ ପ୍ରକ୍ରିୟା ଆରମ୍ଭ ହୋଇଯାଏ ଯେ ଯେଉଁ ଗୋଟିଏ ଦୁଇଟି ବା ତତୋଧିକ ଶୁକ୍ରକୀଟ ପୃଥକ ପୃଥକ ମାତୃଡ଼ିମ୍ବ ମଧ୍ୟରେ ଏକ ସମୟରେ ଆଶ୍ରୟ ନେଇଥାନ୍ତି ସେମାନଙ୍କର ଦଶମାସ ଦଶଦିନର ପୁଷ୍ଟି ପାଇଁ ଖାଦ୍ୟ,ତୃପ୍ତି ଓ ପରିରକ୍ଷଣ ଲାଗି ଉପଯୁକ୍ତ ଉତ୍ତାପ, ଏହାଫଳରେ ସୃଷ୍ଟି ଓ ପ୍ରଦତ୍ତ ହେବାକୁ ଲାଗେ । ସେହି ସମୟ ମଧ୍ୟରେ ଯେଉଁ ୧୯ କୋଟି ୯୯ ଲକ୍ଷ ୯୯ ହଜାର ୯୯୯ ଶୁକ୍ରକୀଟ ମାତୃଡ଼ିମ୍ବର ଆଶ୍ରୟ ପାଇ ନ ଥାନ୍ତି ସେମାନେ ପ୍ରାଣମୂର୍ଚ୍ଛା ଦୌଡ଼ାଦୌଡ଼ି କରି ଶ୍ରାନ୍ତ କ୍ଲାନ୍ତ ଓ କ୍ଷୁଧାତୃଷ୍ଣାକ୍ଲିଷ୍ଟ ହୋଇ ମାତୃଜଠରର କ୍ରମବର୍ଦ୍ଧମାନ ଉତ୍ତାପ ଓ ଦୃତ ବିକାଶଶୀଳ ନାନା ରାସାୟନିକ ଅବସ୍ଥାର ପରିବର୍ତ୍ତନ ଫଳରେ ତପ୍ତ ଓ ଦଗ୍ଧ ହୋଇ ହତାଶାରେ ପ୍ରାଣତ୍ୟାଗ କରନ୍ତି । ନର ଦେହ ଧାରଣ କରିବା ଲାଗି ଆକୁଳ ଆଗ୍ରହରେ ଏମାନେ ପିତାର ପୁଂଯନ୍ତ୍ରସ୍ଥ ମୂତ୍ରନଳୀର ଦୁର୍ଗନ୍ଧମୟ ପଥପର୍ଯ୍ୟଟନ କରନ୍ତି, ମାତୃ ଜନନେନ୍ଦ୍ରିୟର ତତୋଧିକ ଘୃଣାବ୍ୟଞ୍ଜକ ଯୋନିପଥ ପରିଭ୍ରମଣ କରନ୍ତି, କ୍ଲେଦ ପଙ୍କ ସାଗରରେ ସନ୍ତରଣ କରନ୍ତି,କିନ୍ତୁ ସବୁ ହୁଏ ବ୍ୟର୍ଥ,ସବୁ ହୁଏ ନିଷ୍ଫଳ । ଏମାନେ ମଲାବେଳେ

କେଡ଼େ ବିକଳ ହୋଇ ହୋଇ କାନ୍ଦିଥିଲେ ସେ କଥା ଦୁନିଆରେ କେହି ଜାଣିଲେ ନାହିଁ, ମାତୃ ଯୋନିରେ ଅବତରଣ କରିବା ପୂର୍ବରୁ ଏମାନେ କେତେ ମନମତାଣିଆ ଆଶା ଭରସା ନେଇ ନୂଆ ଦେହ ଓ ନୂଆ ଜନ୍ମ ପାଇବା ପାଇଁ କିପରି ହର୍ଷୋତ୍‌ଫୁଲ୍ଲ ହୋଇଥିଲେ ସେ କଥା କେହି ଜାଣିଲେ ନାହିଁ । ଜୀବାତ୍ମାର ଏହି ଯେଉଁ ଆଶାପ୍ରତ୍ୟାଶାମୟ ଦୁଃଖର ଯାତ୍ରା, ତା'ରି ରୂପକ ଅବଲମ୍ବନରେ ଶାସ୍ତ୍ରରେ ଯେ ନରକ ବର୍ଣ୍ଣନା କରାଯାଇଛି ଏହା ନିଃସନ୍ଦେହରେ କୁହାଯାଇପାରେ । ପାଶ୍ଚାତ୍ୟ ବୈଜ୍ଞାନିକ ଶକ୍ତିଶାଳୀ ଅଣୁ ବୀକ୍ଷଣ ଯନ୍ତ୍ର ଦ୍ୱାରା ପର୍ଯ୍ୟବେକ୍ଷଣ କରି ଯାହାକୁ ପ୍ରାଣହୀନ ଶୁକ୍ରକୀଟ ଦେହରେ ସହସା ପ୍ରାଣର ସ୍ଫୁରଣ ବୋଲି ଦେଖିଲେ, ଭାରତର ଗୃହସ୍ଥ-ଯୋଗୀ ଅଣୁବୀକ୍ଷଣ ଯନ୍ତ୍ରର ବିନା ସାହାଯ୍ୟରେ ଧ୍ୟାନ ବଳରେ ତାକୁ ହିଁ ଦେଖିଲେ ବିଭିନ୍ନ ସ୍ଥାନରେ ଦେହତ୍ୟାଗକାରୀ ଅତୃପ୍ତ କାମନା ବାସନା ତାଡ଼ନାରେ ତାଡ଼୍ୟମାନ କୋଟି କୋଟି କର୍ମଫଳ-ଭୋଗୀ ଜୀବାତ୍ମା ରୂପରେ । ଏକ ବିନ୍ଦୁ ବ୍ୟର୍ଯ୍ୟ କୋଡ଼ିଏ କୋଟି ସନ୍ତାନ-ଜନନ-ସମର୍ଥ ଶୁକ୍ରକୀଟର ସମଷ୍ଟି ବୋଲି ସେମାନେ ଜାଣି ନ ଥିଲେ କିନ୍ତୁ ସେହି ବିନ୍ଦୁଏ ବୀର୍ଯ୍ୟକୁ ଆଶ୍ରୟ କରି କୋଟି କୋଟି ଜୀବାତ୍ମା ଯେ ପୁନର୍ବାର ଶରୀର ପରିଗ୍ରହଣ ଲାଗି ବ୍ୟାକୁଳ ହୋଇ ଦୌଡ଼ି ଆସନ୍ତି ଏବଂ ସେମାନଙ୍କର ସେହି ସଂଗ୍ରାମମୁଖର ପ୍ରତିଯୋଗିତା ଯେ ପିତୃଲିଙ୍ଗର ମଧ୍ୟରୁ ଆରମ୍ଭ ହୋଇଯାଏ, ଏହା ସେମାନେ ପ୍ରତ୍ୟକ୍ଷ କରିଥିଲେ । ଗ୍ରୀସ ପଭୃତି କେତେକ ଦେଶରେ ଯେଉଁ କାରଣରୁ ଲିଙ୍ଗ (Phallus) କୁ ପୂଜାର ଉପକରଣ ବା ପୂଜାର ପ୍ରତୀକ ରୂପେ ଗ୍ରହଣ କରାଯାଇ ଥିଲା, ଭାରତବର୍ଷରେ ଲିଙ୍ଗପୂଜା ସେ କାରଣରୁ ଉଦ୍ଭୂତ ହୋଇନାହିଁ । ସନ୍ତାନ-ଉତ୍ପାଦନରତ ଯୋଗୀ ଜନକ ଧ୍ୟାନଲବ୍ଧ ପ୍ରଜ୍ଞାର ଆଲୋକରେ ଯେତେବେଳେ ନିଜ ଲିଙ୍ଗ ମଧ୍ୟରେ ଯୁଗପତ୍ କୋଟି କୋଟି ଜୀବତ୍ମାର ଆବିର୍ଭାବ ଓ ସୁପ୍ତୋତ୍‌ଥାନ ପ୍ରତ୍ୟକ୍ଷ କଲେ ସେତେବେଳେ ଲିଙ୍ଗ ଏକ କଦର୍ଯ୍ୟ ଅଙ୍ଗ, କୁତ୍ସିତ ପ୍ରତ୍ୟଙ୍ଗ ବା ଅଶ୍ଳୀଳ ଶରୀରାଂଶ ବୋଲି କିପରି ତାଙ୍କ ଦୃଷ୍ଟିରେ ପ୍ରତିଭାତ ହୁଅନ୍ତା ? ସନ୍ତାନ-ଉତ୍ପାଦନରତା, ଉନ୍ନତ-ଯୋଗଜ-ଉପଲବ୍ଧି ସମ୍ପନ୍ନା, ଧ୍ୟାନଦୃଷ୍ଟି ଜନନୀ ଯେତେବେଳେ ପ୍ରତ୍ୟକ୍ଷ ଉପଲବ୍ଧି ବଳରେ ନିଜ ଯୋନି ମଧ୍ୟରେ ମାତୃସ୍ନେହାତୁର କୋଟି କୋଟି ଜୀବାତ୍ମାଙ୍କର କରୁଣ କ୍ରନ୍ଦନ

ଶ୍ରବଣ କଲେ, ସେତେବେଳେ ସ୍ତ୍ରୀଶରୀରର ଗୋପନତମ ଅଙ୍ଗଟି କଣ ଏକ ଜଘନ୍ୟ ଅଙ୍ଗ, ଏକ ଘୃଣ୍ୟ ପ୍ରତ୍ୟଙ୍ଗ ବା ଏକ କଦର୍ଯ୍ୟ ଅଶ୍ଳୀଳ ଶରୀରାଙ୍ଗ ବୋଲି ତାଙ୍କୁ ପ୍ରତୀତ ହୋଇପାରେ ? ମୁଖ୍ୟତଃ ଏହି ପ୍ରତ୍ୟକ୍ଷ ଉପଲବ୍ଧି ଶିଅରୁ ଭାରତରେ ଲିଙ୍ଗପୂଜା ଓ ଯୋନିପୂଜା ଗଜୁରି ଥିଲା ।

ରତି ଶାସ୍ତ୍ରର ପାଶ୍ଚାତ୍ୟ ଆଦର୍ଶ ଓ ଭାରତୀୟ ଆଦର୍ଶ ମଧ୍ୟରେ ଲକ୍ଷ୍ୟଗତ ପାର୍ଥକ୍ୟ

ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଲକ୍ଷ୍ୟ ଓ ଉପଯୋଗିତା ଦିଗରୁ ଦେଖିଲେ ପାଶ୍ଚାତ୍ୟ ରତିଶାସ୍ତ୍ର ଓ ଭାରତୀୟ ରତିଶାସ୍ତ୍ର ମଧ୍ୟରେ ଆକାଶ ପାତାଳ ଫରକ ରହିଛି । ପାଶ୍ଚତ୍ୟ ଜୀବନ ଭାରତୀୟ ଆଧ୍ୟାତ୍ମିକତାର ଦୀକ୍ଷିତ ନ ହେବା ପର୍ଯ୍ୟନ୍ତ ଏହି ପାର୍ଥକ୍ୟ ଅନାଗତ ଭବିଷ୍ୟତ ପର୍ଯ୍ୟନ୍ତ ନିଶ୍ଚୟ ରହିଥିବ । ପାଶ୍ଚାତ୍ୟର ସବୁ ମନୁଷ୍ୟ ଏକାଭଳି ନୁହଁନ୍ତି କି ଭାରତରେ ବି ସମସ୍ତେ ଏକାପରି ନୁହଁନ୍ତି । ତଥାପି ପାଶ୍ଚାତ୍ୟବାସୀଙ୍କର ଚିନ୍ତାଧାରାମଧ୍ୟରେ ସାଧାରଣ ଭାବରେ ଏକ ସାଦୃଶ୍ୟ ରହିଛି ଯାହାକୁ ଆମେ ପାଶ୍ଚାତ୍ୟ ଆଦର୍ଶ ବୋଲି କହୁ । ଅଧିକାଂଶ ଭାରତୀୟଙ୍କ ଚିନ୍ତାଧାରା ମଧ୍ୟରେ ଋଷି ଜୀବନର ଏକ ସ୍ପଷ୍ଟ ବା ଅସ୍ପଷ୍ଟ ଛାପ ରହିଯାଇଛି । ଫିରିଙ୍ଗି ଉତ୍କଟତାରେ ଯେଉଁ ମାନଙ୍କର ମନ ବିପର୍ଯ୍ୟସ୍ତ ହୋଇ ନ ଯାଇଛି, ହଜାରେ ସାହେବିପଣିଆ ଭିତରୁ ବି ପ୍ରାଚୀନ ଋଷିଙ୍କର ଆଶାଆକାଂକ୍ଷା ସୁଯୋଗ ପାଇଲା ମାତ୍ରେ ସେମାନଙ୍କ ଭିତରେ ମୁଣ୍ଡ ଟେକି ଉଠେ ଏବଂ ସେମାନଙ୍କ ଦେହ ଓ ମନ ମଧ୍ୟରେ ସମସ୍ତଙ୍କ ଅଜ୍ଞାତସାରରେ ଏକ ନବୀନତାର ଶିହରଣ ଆଣି ଦେଇ ଅଭୟ କଣ୍ଠରେ ଡାକ ଦେଇ କହେ-ଅୟମହଂ ଭୋଃ,- "ଏଇ ତ ମୁଁ ଅଛି, ମୁଁ ମରିନାହିଁ, ମୁଁ ମରିପାରେ ନାହିଁ, କଦାପି ମରିବି ନାହିଁ, ତୁମ୍ଭମାନଙ୍କର ଅସ୍ଥିମଜ୍ଜା ମେଦମାଂସ ମଧ୍ୟରେ ମୁଁ ମୋର ଅସ୍ତିତ୍ୱର ପ୍ରମାଣ ବାରମ୍ବାର ଜାହିର୍ କରୁଥିବି କାରଣ ମୁଁ ଅମର" । ଏହାକୁହିଁ ତ ଆମେ କହୁ ଭାରତୀୟ ଆଦର୍ଶ । ଭାରତର ଏହି ଆଦର୍ଶ ନରନାରୀମାନଙ୍କର ଦାମ୍ପତ୍ୟ ମିଳନକୁ ଅନାବଶ୍ୟକ ମନେ କରେ ନାହିଁ କିନ୍ତୁ ଶରୀରର ଯେଉଁ ଅଙ୍ଗପ୍ରତ୍ୟଙ୍ଗର ମିଳନ ଓ ସାନ୍ନିଧ୍ୟ ସନ୍ତାନଜନନ ଲାଗି ପ୍ରୟୋଜନ,

ସେ ଗୁଡ଼ିକ ସେ ପାର୍ଥିବ ଦୃଷ୍ଟିରୁ ଦେଖେ ନାହିଁ । ଆଉମଧ୍ୟ ଏହି ମିଳନକୁ କେବଳ ଦୈହିକ ବ୍ୟାପାର ବୋଲି ଭାରତୀୟ ଆଦର୍ଶ ମନେ କରେ ନାହିଁ ବରଂ ଏହାକୁ ଉଭୟଙ୍କର ଆତ୍ମା ସହିତ ଆତ୍ମାର ସମ୍ପର୍କ ସ୍ଥାପନ ବୋଲି ଗ୍ରହଣ କରିଅଛି ଓ ସେହି ଆତ୍ମୀୟତାର ଅନୁଶୀଳନକୁ ସଂସାରର କୋଟି କୋଟି ଅଦୃଶ୍ୟ ଆତ୍ମାଙ୍କର କୁଶଳ ସହିତ ଯୁକ୍ତ କରିଅଛି । ପାଶ୍ଚାତ୍ୟରେ ସେ ଆଦର୍ଶ ନାହିଁ । ସ୍ଥୁଳସତ୍ୱ ଇହସୁଖ ପାଶ୍ଚାତ୍ୟବାସୀଙ୍କ ପାଖରେ ଦେହ ପାଇଛି ପ୍ରଥମ ମର୍ଯ୍ୟାଦା, ମନ ପାଇଅଛି ଦ୍ୱିତୀୟ ସମ୍ମାନ । ନିଜର ବା ପତ୍ନୀର ସୁଖ ସମ୍ପାଦନ ହିଁ ଏମାନଙ୍କର ଚିନ୍ତାର ଚରମ ପରିଧି କିନ୍ତୁ ନିଜର ଇନ୍ଦ୍ରିୟସୁଖ ମଧ୍ୟ ଦେଇ ସେ ବିଶ୍ୱବ୍ରହ୍ମାଣ୍ଡର କୋଟି କୋଟି ଆତ୍ମାଙ୍କର ବାସନା ପୂରଣ ବା କାମନା ପରିତର୍ପଣ କରାଯାଇ ପାରେ ଏହା ସେମାନଙ୍କ ପକ୍ଷରେ କଳ୍ପନାତୀତ । ବିଶ୍ୱର ପ୍ରତି ଧୂଳିକଣାରେ ଭାରତ ଯେଉଁ ବ୍ରହ୍ମଙ୍କୁ ଦର୍ଶନ କରିଥିଲା, ସମ୍ଭୋଗରତ ନରନାରୀଙ୍କ ଲିଙ୍ଗରେ ବା ଯୋନିରେ ସେହି ବ୍ରହ୍ମଙ୍କର ଅନୁପସ୍ଥିତି ଧାରଣା କରିବା ତାର ସାଧ୍ୟାତୀତ । ଫଳତଃ ଭାରତୀୟ ଦମ୍ପତି ଜନନ-ଯନ୍ତ୍ର ସହାୟତାରେ ଜୈବ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ଜନନାଙ୍ଗରେ ବିଶ୍ୱାତ୍ମାଙ୍କୁ ଦେଖିବାକୁ ସମର୍ଥ ହୋଇଛନ୍ତି ଏବଂ ନିଜ ଶରୀରର ଅବଶ୍ୟମ୍ଭାବୀ ପ୍ରହର୍ଷ ମଧ୍ୟରେ ବିଶ୍ୱାତ୍ମାର ସନ୍ତୋଷ ଉପଲବ୍ଧି କରିଛନ୍ତି । ଯାହା ବିଶ୍ୱ ପାଇଁ କରାଯାଏ ତାହା ଶୁଭ ଓ ସୁନ୍ଦର। ଯାହା ନିଜ ପାଇଁ କରାଯାଏ ତାହା ଅଶୁଭ ଓ ଅସୁନ୍ଦର, ଏହି ବୋଧକୁ ଭାରତୀୟ ଦମ୍ପତି ନିଜ ଜୀବନର ଗୂଢ଼ କାର୍ଯ୍ୟଗୁଡ଼ିକ ମଧ୍ୟରେ ବି ଜାଗ୍ରତ ରଖିବା ଚେଷ୍ଟାରେ ତ୍ରୁଟି କରି ନାହାନ୍ତି । ଭାରତରେ ଜନ୍ମ ହୋଇ ବି ଯେଉଁମାନେ ଭାରତୀୟ ନୁହନ୍ତି, ସେଭଳି କେହିକେହି ହୁଏତ ସେମାନଙ୍କର ପୂର୍ବପୁରୁଷଙ୍କର ଜୀବନରେ ଏଭଳି ଏକ ଅନବଦ୍ୟ ଆଦର୍ଶ ଅତି ସଂଗୋପନରେ କାର୍ଯ୍ୟ କରିଯାଇଛି ବୋଲି ଅନୁଭବ କରିପାରି ନ ଥିବେ କିନ୍ତୁ ଏହା ସତ୍ୟ ।

ଶ୍ରେଷ୍ଠ ସନ୍ତାନର ଉତ୍ସ

ଏହା ସତ୍ୟ ବୋଲି ତ ଭାରତ ପ୍ରାଗ୍‌ବୈବାହିକ ଜୀବନରେ ବ୍ରହ୍ମଚର୍ଯ୍ୟକୁ ଅତ୍ୟାବଶ୍ୟକ ବୋଲି ଜ୍ଞାନ କରିଥିଲା ଏବଂ ଦୃଢ଼ବିଶ୍ୱାସ କରିଥିଲା ଯେ, ଯାହା

ଦେହର ଶ୍ରେଷ୍ଠ ପଦାର୍ଥ, ଯାହା ଅତିଶୟ ପ୍ରଗାଢ଼, ଯାହା ସଜୀବ ଓ ଯାହା ଉପରେ ମନର ସାତ୍ତ୍ୱିକ କ୍ରିୟାଶୀଳତାର ପ୍ରଭାବ ଅତ୍ୟନ୍ତ ଗଭୀର ସେହିଭଳି ଅମୋଘ ବୀର୍ଯ୍ୟ ଦ୍ୱାରା ହିଁ ଶ୍ରେଷ୍ଠ ସନ୍ତାନ ସମୁତ୍ପାଦିତ ହୁଅନ୍ତି । ଯେଉଁ ଦୈହିକ ମିଳନ ସ୍ୱଳ୍ପକାଳସ୍ଥାୟୀ, ଯାହା ଏକାନ୍ତ କାମବୁଦ୍ଧି ଦ୍ୱାରା ପ୍ରେରିତ, ସେଥିରେ ଦେହର ଶ୍ରେଷ୍ଠ ଶୁକ୍ରାଂଶ କ୍ଷରିତ ହୁଏନାହିଁ, କେବଳ ସେହି ଶୁକ୍ରାଂଶ ଟିକକ କ୍ଷୟିତ ହୋଇଯାଏ ଯାହା କାମ ଚିନ୍ତା ଦ୍ୱାରା ପୂର୍ବରୁ କ୍ଷୟୋନ୍ମୁଖ ହୋଇ ରହିଥାଏ । ଏ ଧରଣର ସହଜ-କ୍ଷୟପ୍ରବଣ, ସ୍ୱଳ୍ପବୀର୍ଯ୍ୟ ଶୁକ୍ର ଅଧିକାଂଶ ସମୟରେ ସନ୍ତାନ ଉତ୍ପାଦନରେ ସମର୍ଥ ହୁଏ ନାହିଁ, ହେଲେ ବି ତହିଁରୁ ନିସ୍ତେଜ ଦୁର୍ବଳ ଓ ଦୁର୍ମେଧା ସନ୍ତାନ ଜନ୍ମିଥାନ୍ତି । ଯାହା ପ୍ରାକ୍ତନ କାମଚିନ୍ତା ଯୋଗୁଁ କ୍ଷୟୋନ୍ମୁଖ ହୋଇ ରହି ନ ଥାଏ, ଯାହା ସାମାନ୍ୟ ଉତ୍ତେଜନାରେ କ୍ଷରିତ ହେବା ଭଳି ଜିନିଷ ନୁହେଁ, ସେହିଭଳି ବସ୍ତୁକୁ * ଗର୍ଭରେ ସ୍ଥାପନ କରି ନ ପାରିଲେ ଶ୍ରେଷ୍ଠ ସନ୍ତାନ ଲାଭର ଆଶା ବାତୁଳତା ମାତ୍ର । ସ୍ୱାମୀ ଯେଉଁଠି ଆତ୍ମସୁଖ ଲାଭ ପ୍ରତି ତିଳେମାତ୍ର ଦୃଷ୍ଟି ଦିଅନ୍ତି ନାହିଁ ବରଂ ନିଜର ସୁଖ ଆସ୍ୱାଦନକୁ ଗୌଣ ବ୍ୟାପାର ବୋଲି ଧରିନେଇ ଦୀର୍ଘ ସମୟ ସହବାସ ପରେ ନିଜର ଶୁକ୍ରକୁ ସ୍ତ୍ରୀର ଜରାୟୁ ମଧ୍ୟରେ ବା ଜରାୟୁର ପ୍ରାନ୍ତ ଭାଗରେ ନିକ୍ଷେପ କରିବା ଆଡ଼କୁ ଦୃଷ୍ଟି ଦିଅନ୍ତି ଏବଂ (ସ୍ତ୍ରୀ ସୁ-ସନ୍ତାନ ଲାଭ କରିବା ଆକାଂକ୍ଷାରେ ନିଜର ମନକୁ ଉନ୍ନତ ତତ୍ତ୍ୱରେ ନିବିଷ୍ଟ ରଖିବା ସକାଶେ ସମ୍ଭୋଗ ସୁଖ ଆସ୍ୱାଦନ ପାଇଁ ନିତାନ୍ତ ବ୍ୟାକୁଳ ନ ଥିଲେ ବି) ସର୍ବତୋଭାବରେ ସ୍ତ୍ରୀର ଦୈହିକ ପରିତୃପ୍ତିକୁ ଅତ୍ୟାବଶ୍ୟକ ଜ୍ଞାନ କରି ତହିଁରେ ପୂର୍ଣ୍ଣତା ସମ୍ପାଦନର ସଂକଳ୍ପ ଯୋଗୁଁ ସ୍ୱାମୀ ଯଥାସମ୍ଭବ ନିରୁଦ୍‌ବିଗ୍ନ ଓ ଅଚଞ୍ଚଳ ମନରେ ସମ୍ପୂର୍ଣ୍ଣ ଅନାଶକ୍ତ ଭାବରେ ଦେହକୁ ନିଜର ଦାମ୍ପତ୍ୟ କର୍ତ୍ତବ୍ୟରେ ନିୟୋଜିତ ରଖନ୍ତି, ସେହି ସବୁ କ୍ଷେତ୍ରରେ ଶୁକ୍ରର ଶ୍ରେଷ୍ଠ ଅଂଶ ସ୍ତ୍ରୀର ଜରାୟୁରେ ଆହିତ ହେବାର ସୁଯୋଗ ଅଧିକ

*** ଡାକ୍ତରମାନେ ଏ ବିଷୟରେ ଏକମତ ଯେ Prostatic Juice ବା କାମଗ୍ରନ୍ଥି ରସ କ୍ଷରିତ ହେଲେ ସନ୍ତାନ ଜନନ ହୁଏ ନା, Seminal secretion ବା ଶୁକ୍ରକୋଷରୁ ଶୁକ୍ରକ୍ଷରଣ ଏଥିଲାଗି ପ୍ରୟୋଜନ ।**

ପାଏ । ସ୍ୱାମୀ ଯେଉଁଠି ଦୀର୍ଘ ସମୟ ବ୍ୟାପୀ ସହବାସ ପରିଚାଳନା କରିବାର ଯୋଗ୍ୟତା ପ୍ରଦର୍ଶନ ନ କରନ୍ତି ସେଠାର ସ୍ତ୍ରୀର ଶରୀର ମଧ୍ୟରେ ଉପଯୁକ୍ତ ଉଦ୍ଦୀପନା ଅଭାବରୁ ସଙ୍ଗମ ବ୍ୟର୍ଥତାରେ ପର୍ଯ୍ୟବସିତ ହୁଏ । ସ୍ୱାମୀ ଯେଉଁଠି ନିଜ ଅନ୍ତରର ଆବେଗକୁ ଯଥା ସମୟରେ ସଂକଳ୍ପ ଶୃଙ୍ଖଳାରେ ଶୃଙ୍ଖଳାବଦ୍ଧ କରି ଦେହକୁ ତାର ଆରବ୍ଧ କର୍ମରେ ନିୟୋଜିତ କରି ମଧ୍ୟ ଅବିହ୍ୱଳ ପ୍ରଯତ୍ନରେ ଚଳିପାରନ୍ତି, ସେଠାରେ ପତ୍ନୀର ଶରୀରର ପ୍ରତି ଲୋମକୂପରେ ଅନିର୍ବଚନୀୟ ଜୈବ ରସାସ୍ୱାଦନ ଘଟିଲାବେଳେ ସେ ଶୁକ୍ରାଧାନ କରି ସନ୍ତାନର ଆବିର୍ଭାବ ସୁନିଶ୍ଚିତ ସମ୍ଭାବନାରେ ଉପନୀତ କରନ୍ତି । ସେତେବେଳେ ପତ୍ନୀର ଏହି ଚରମ ସୁଖ ଆସ୍ୱାଦନ ଅବସ୍ଥା (Climax) କେବଳ ଏକ ଜୈବ ସୁଖରେ ସୀମାବଦ୍ଧ ନ ଥାଏ । ସୂକ୍ଷ୍ମାନୁଭୂତି -ପ୍ରବଣା ବହୁ ନାରୀଙ୍କ ଜୀବନରେ ଏହି ସୁଖ ମୁହୂର୍ତ୍ତଟି ଜାନ୍ତବ ଅନୁଭୂତିର ଚୂଡ଼ାନ୍ତ ପର୍ଯ୍ୟାୟ ସହିତ ଅପାର୍ଥିବ ଅନୁଭୂତିର ଏକ ପ୍ରାଥମିକ ଆମେଜକୁ ମିଶ୍ରିତ କରିଦିଏ, ଯାହାର ଫଳ ଓ ପ୍ରଭାବ ସମଗ୍ର ଜୀବନ ଉପର ଦେଇ ଅବ୍ୟାହତ ଗତିରେ ଚଳିପାରେ । ଯେଉଁ ଜାନ୍ତବ କ୍ରିୟାକୁ ବର୍ଜନ କରିବା ଉଚିତ ବୋଲି ସବୁ ଶାସ୍ତ୍ର ଉପଦେଶ ଦେଇଛନ୍ତି, ତାହାରି ମଧ୍ୟବର୍ତ୍ତିତାରେ ଏବଂ ତାରି ଚୂଡ଼ାନ୍ତ ଅନୁଭୂତି ଅବସ୍ଥାରେ ଦେହ ମନର ଜାନ୍ତବ ଗତି ଓ ସ୍ଫୁର୍ତ୍ତି ସହସା ତହିଁରୁ ବିଚ୍ଛିନ୍ନ ହୋଇ ଅତିନ୍ଦ୍ରିୟ ସୌମ୍ୟାବସ୍ଥାକୁ ଯେ ଯାଇପାରେ, ଗୋଟିଏ ଦୁଇଟି ବିରଳ ଜୀବନର ଏହି ନିଗୂଢ଼ ଅଭିଜ୍ଞତା ତାନ୍ତ୍ରିକ ଯୁଗରେ ମୈଥୁନକୁ ବ୍ୟାପକ ଭାବରେ ପରମେଶ୍ୱରଙ୍କ ସାଧନାର ସାଧନ ବା ସହାୟକରୂପେ ଗ୍ରହଣ କରିବାକୁ ପ୍ରଣୋଦନା ଦେଇଥିଲା । କିନ୍ତୁ ଯୌନ ଅଧ୍ୟବସାୟରେ ସ୍ୱାମୀର ଦୃଢ଼ତା ଓ ସୁଦୀର୍ଘ ସ୍ଥୈର୍ଯ୍ୟ ଏଥିପାଇଁ ଅତ୍ୟାବଶ୍ୟକ ବୋଲି ବିବେଚିତ ହେଉଥିଲା । ବିଭିନ୍ନ ସାଧକ ସମ୍ପ୍ରଦାୟର ଗୁପ୍ତ ମତ ଆଲୋଚନାରୁ ମନେ ହୁଏ ଯେ ସମ୍ଭବତଃ ଏହି କାରଣରୁ ଆମ୍ଭମାନଙ୍କ ପ୍ରାଚୀନ ପୂର୍ବପୁରୁଷମାନେ ନିମ୍ନଲିଖିତ କେତୋଟି ଉପାୟ ମଧ୍ୟରୁ ସବୁଗୁଡ଼ିକୁ ବା କେତେଗୁଡ଼ିଏ ଉପାୟକୁ ଅବଲମ୍ବନ କରୁଥିଲେ । ଯଥା-

(୧) ଜନନାଙ୍ଗର ଯେଉଁ ପରିମାଣ ଦୃଢ଼ତା ଓ ସ୍ଥିତି ନ ଆସିଲେ ପୁରୁଷ ପକ୍ଷରେ ସମ୍ଭୋଗ କାର୍ଯ୍ୟ ଅସମ୍ଭବ ଓ ନାରୀ ପକ୍ଷରେ ଅପ୍ରୀତିକର, ସେହି ଦୃଢ଼ତା

ଓ ସ୍ଫୀତିର ଅଭ୍ୟୁଦ୍‌ଗମ ଲାଗି ସେମାନେ ଛୋଟ ବଡ଼ ଏପରି କେତେକ ଆଚରଣ ବା ଆଚାର ପାଳନ କରୁଥିଲେ ଯାହା ପାରସ୍ପରିକ ପ୍ରୀତିବର୍ଦ୍ଧକ ହେଲେ ମଧ୍ୟ ଧାର୍ମିକ ଭାବରୁ ଅବିଚ୍ୟୁତ ।

(୨) ଦେହକୁ ତା କାମରେ ଲଗାଇ ଦେଇ ଓ ତାକୁ ସେହି କାମରେ ନିୟୋଜିତ ରଖି ଉଭୟେ ନିଜ ମନକୁ ନିଜର ସଙ୍ଗୀ ବା ସଙ୍ଗିନୀର ଦେହାତୀତ ସତ୍ତାରେ ବା ନିଜ ଦେହର ଉର୍ଦ୍ଧ୍ୱାଙ୍ଗରେ ସ୍ଥିର କରି ରଖୁଥିଲେ ଏବଂ ଧ୍ୟାନ ବଳରେ ଗୋଟିଏ ଇନ୍ଦ୍ରିୟର ସୁଖକୁ ସବୁ ଇନ୍ଦ୍ରିୟ ଦ୍ୱାରା ସମ୍ଭୋଗ କରୁଥିଲେ ।

(୩) ସ୍ୱାମୀ ନିଜ ପତ୍ନୀକୁ ସାକ୍ଷାତ୍ ପରମେଶ୍ୱରୀ ଜ୍ଞାନ କରି ତାର ପରିପୂର୍ଣ୍ଣ ପରିତୃପ୍ତି ସାଧନାକୁ ଏକମାତ୍ର ଲକ୍ଷ୍ୟ ବୋଲି ବୁଝୁଥିଲେ ଏବଂ ନିଜକୁ ବିଶ୍ୱବ୍ରହ୍ମାଣ୍ଡପତିଙ୍କ ହସ୍ତଧୃତ ଯନ୍ତ୍ର ମାତ୍ର ବୋଲି ବିବେଚନା କରି ଏହି ଦୈହିକ ବ୍ୟାପାର ସମ୍ପର୍କରେ ମନର ଘୃଣା, ଲିପ୍‌ସା ଦ୍ୱେଷ ଓ ଆସକ୍ତିକୁ ସମଭାବରେ ବର୍ଜନ କରୁଥିଲେ । ପତ୍ନୀ ମଧ୍ୟ ସ୍ୱାମୀଙ୍କୁ ସର୍ବଭୁତମହେଶ୍ୱର ଜ୍ଞାନ କରି ତାଙ୍କର ପୂର୍ଣ୍ଣତୃପ୍ତି ସାଧନକୁ ଏକମାତ୍ର କାମ୍ୟ ବୋଲି ମନେ କରୁଥିଲେ ଏବଂ ତାଙ୍କ ପରିତୃପ୍ତି ସାଧନ ଲାଗି ନିଜକୁ ଏକ ସହାୟକ ଯନ୍ତ୍ର ମାତ୍ର ବୋଲି ମନେ କରି ନିଜର ଚୂଡ଼ାନ୍ତ ସମ୍ଭୋଗ ସୁଖ ମୁହୂର୍ତ୍ତରେ ମଧ୍ୟ ନିଜ ସୁଖ ଦ୍ୱାରା ପତିର ସୁଖ ବିଧାନ କରୁଛନ୍ତି ବୋଲି ଅନୁଭବ କରିବାକୁ ପ୍ରୟାସିନୀ ହେଉଥିଲେ ।

(୪) ଅତ୍ୟଧିକ ଇନ୍ଦ୍ରିୟ-ଉଚ୍ଛ୍ୱାସ ହେତୁ ମନର ଏକମୁଖୀ ଧ୍ୟାନଗତି ସ୍ତବ୍ଧ ବା ବିହ୍ୱଳ ହେବାର ସମ୍ଭାବନା ଦେଖିଲେ ସଙ୍ଗେ ସଙ୍ଗେ **ବିଶିଷ୍ଟାୟାମ** ନାମକ କିଞ୍ଚିତ ବଳସାଧ୍ୟ ପ୍ରାଣାୟମ ଅବଲମ୍ବନପୂର୍ବକ ଶ୍ୱାସର ଚାଞ୍ଚଲ୍ୟ ପ୍ରଶମିତ କରି କାମକୁ ଆୟତାଧୀନ କରି ସଂଗମ କାଳରେ ଦୀର୍ଘତା ସମ୍ପାଦନ କରୁଥିଲେ ।

(୫) ପତି ଯୋନିମୁଦ୍ରା ଦ୍ୱାରା ଗୁହ୍ୟଦେଶ ଆକୁଞ୍ଚନପୂର୍ବକ କ୍ଷୟୋନ୍ମୁଖ ବୀର୍ଯ୍ୟର ବହିର୍ମୁଖିନୀ ଗତିକୁ ସାମୟିକ ଭାବରେ ସ୍ତବ୍ଧ କରି ଦେଉଥିଲେ ଏବଂ ପତ୍ନୀ ଯୋନିମୁଦ୍ରା ଅନୁଶୀଳନ ଦ୍ୱାରା ଶ୍ରମ ବିରତ ସ୍ୱାମୀଙ୍କୁ ଆତ୍ମିକ ରତିରସର ଆସ୍ୱାଦନ ଦେଇ ଚାଲୁଥିଲେ ।

ଏହାଛଡ଼ା ସେମାନେ ଆଉ କେତେଗୁଡ଼ିଏ କାର୍ଯ୍ୟ କରୁଥିଲେ ଯାହାକି

କ୍ଷେତ୍ରବିଶେଷରେ ବ୍ୟକ୍ତିଗତ ଭାବରେ ଖୁବ୍ ସମଯୋଚିତ ହେଲେ ମଧ୍ୟ ସାର୍ବଜନୀନ ଭାବରେ ଉଲ୍ଲେଖଯୋଗ୍ୟ ବୋଲି ମୁଁ ମନେ କରିପାରୁ ନାହିଁ । ତେଣୁ ଏଠାରେ ସେ ସବୁ ଉଲ୍ଲେଖ କରୁନାହିଁ । କିନ୍ତୁ ସେମାନେ ଯେଉଁ ଜନନ ପ୍ରଣାଳୀ ଅବଲମ୍ବନ କରୁଥିଲେ ତାହା ଯେ ଆଧୁନିକ ବିଜ୍ଞାନର ନିତ୍ୟନୂତନ ଆବିଷ୍କାର ଆଲୋକରେ ମଧ୍ୟ ଅବୈଜ୍ଞାନିକ ନୁହେଁ, ଏଭଳି ବିଶ୍ୱାସ ପୋଷଣ କରିବା ଯୁକ୍ତିଯୁକ୍ତ ବୋଲି ମୁଁ ମନେ କରୁଅଛି । ବୀର୍ଯ୍ୟକ୍ଷରଣର ଶାରୀରିକ କାରଣ ଦୈହିକ ପ୍ରକ୍ରିୟା ଏବଂ ମାନସିକ କାରଣ କାମାତୁରତା ଏ ଦୁଇ କାରଣ ମଧ୍ୟରୁ ଯେ କୌଣସି ଗୋଟିଏ ଅବଲମ୍ବନ କରି ବୀର୍ଯ୍ୟ ଧାତୁ କ୍ଷୟିତ ହୋଇପାରେ । କିନ୍ତୁ ଦୈହିକ ପ୍ରକ୍ରିୟା ଓ କାମାତୁରତା ଏ ଦୁଇଟି କାରଣ ଏକତ୍ର ମିଳିତ ହେଲେ ଅତିଶୀଘ୍ର ଶୁକ୍ର ନିର୍ଗମନ ହୋଇଯାଏ । କିନ୍ତୁ ଗୋଟିଏ କାରଣକୁ ସ୍ୱୀକାର କରି ଯଦି ଚେଷ୍ଟାକରି ଅନ୍ୟ କାରଣଟିକୁ ଦୂର କରି ଦିଆଯାଏ ତାହାହେଲେ ଶୁକ୍ର ନିର୍ଗମନ ବିଳମ୍ବରେ ହୁଏ ଓ ତାର ଫଳ ମଧ୍ୟ ଶୁଭ ହୁଏ । ସନ୍ତାନ ଜନନ ବ୍ୟାପାରରେ ଦୈହିକ ପ୍ରକ୍ରିୟାକୁ ବାଦ ଦେବା ଅସମ୍ଭବ । କିନ୍ତୁ କାମବୁଦ୍ଧିକୁ ନିର୍ବାସନ କରିବା ସାଧକ ସାଧିକାଙ୍କ ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ ନୁହେଁ । "ଜଗତରେ ମଙ୍ଗଳ କନ୍ଥେ ମୁଁ ମଙ୍ଗଳ ନିଳୟ ଶ୍ରୀ ଭଗବାନଙ୍କ କୃପାରେ ଏହି ଦାମ୍ପତ୍ୟ ବ୍ୟବହାରରେ ପ୍ରବୃତ୍ତ ହେଉଛି- **ଓଁ ଜଗନ୍ମଙ୍ଗଳୋହଂ ମଙ୍ଗଳନିଳୟ-କୃପୈବ ଜନନ-କର୍ମଣି-ପ୍ରବୃତ୍ତଃ**"- ଏହା ଭାବି ଭାବି ଜନନ କାର୍ଯ୍ୟରେ ପ୍ରବୃତ୍ତ ହେଲେ କାମବୁଦ୍ଧି ସ୍ୱଭାବତଃ ଖର୍ବ ହୋଇଯିବ କାର୍ଯ୍ୟ ଶେଷର ପୂର୍ବପର୍ଯ୍ୟନ୍ତ ଶରୀରର ପ୍ରତ୍ୟେକ ଆନ୍ଦୋଳନ ବା ସଂଚାଳନର ତାଳେ ତାଳେ ମନେ ମନେ ଗୁରୁଗମ୍ଭୀର ନାଦରେ ଇଷ୍ଟମନ୍ତ୍ର ଜପ କରି ଚାଲିଲେ ମଧ୍ୟ କାମବୁଦ୍ଧି ଖର୍ବ ହେବାକୁ ବାଧ୍ୟ ।

"ଓଁ ଜଗନ୍ମଙ୍ଗଳୋହଂ ମଙ୍ଗଳନିଳୟ କୃପୈବ ଜନନକର୍ମଣୋ ନିବୃତ୍ତ- ଜଗତର ମଙ୍ଗଳକନ୍ଥେ ମୁଁ ମଙ୍ଗଳ ନିଳୟ ଶ୍ରୀ ଭଗବାନଙ୍କ କୃପାରେ ଏହି ଜନନ-କର୍ମରୁ ନିବୃତ୍ତ ହେଲି- ଏହା ହିଁ ଭାବି ଭାବି ଶୁକ୍ରନିଷେକ କଲେ କାମବୁଦ୍ଧିର ସ୍ୱଭାବ ସଞ୍ଜାତ ଅବସାଦ ଲୁପ୍ତ ହେବାକୁ ବାଧ୍ୟ । ସକାମ ଭାବରେ ହେଉ ବା ନିଷ୍କାମ

ଭାବରେ ହେଉ, ଶୁକ୍ରନିଷେକ ଦ୍ୱାରା ଶାରୀରିକ ଅବସାଦ ଅବଶ୍ୟମ୍ଭାବୀ । କିନ୍ତୁ ତ୍ୟାଗବୁଦ୍ଧି ସହିତ ନିଜକୁ ଯୁକ୍ତ କରି ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ଶୁକ୍ରନିଷେକ କଲେ ତାହା ଅନେକ କ୍ଷେତ୍ରରେ ଶାରୀରିକ ଅବସନ୍ନତାରୁ ମୁକ୍ତ କରେ । ମଳ,ମୁତ୍ର ପରିତ୍ୟାଗ ଦ୍ୱାରା ଯେପରି ଶାରୀରିକ ଦୁର୍ବଳତା ଆସେ ନାହିଁ,ଏ କ୍ଷେତ୍ରରେ ମଧ୍ୟ ସେହି ଅବସ୍ଥା ହୁଏ । ଏପରି କ୍ଷେତ୍ରରେ ଶୁକ୍ରନିଷେକ ସାଧକ ଦୃଷ୍ଟିରେ କୌଣସି ଜାନ୍ତବ କ୍ରିୟା ନୁହେଁ, ଏହା ଦୈହିକ କର୍ତ୍ତବ୍ୟ ବା ଅପାର୍ଥିବ ପ୍ରୟାସ ମାତ୍ର । * ଅଧିକନ୍ତୁ, ମନକୁ ଦେହାତୀତ ତତ୍ତ୍ୱରେ ଅଥବା ଦେହର ଊର୍ଦ୍ଧ୍ୱାଂଶରେ ସ୍ଥିର ରଖି ପ୍ରାଣାୟାମ ସାହାଯ୍ୟରେ ଅଗ୍ରସର ହେଉଥିବା ସାଧକ ସାଧକାମାନେ ମୈଥୁନକାଳୀନ କାମଭାବକୁ ଅକ୍ଳେଶରେ ଖର୍ବ କରି ପାରନ୍ତି ।

ଜନନ କାଳରେ ମନ କେଉଁଠି ରଖିବ ?

ମନ ଯେତେବେଳେ ଦେହର କୌଣସି ଯନ୍ତ୍ର ଉପରେ ଯାଇ ରହେ, ସେତେବେଳେ ସେ ଯନ୍ତ୍ର ଅଳ୍ପ ପରିଶ୍ରମରେ କ୍ଳାନ୍ତ ହୋଇପଡ଼େ । ଲେଖାପଢ଼ା କଲାବେଳେ ବହିରେ ମନକୁ ନ ରଖି ଚକ୍ଷୁ ବା ମସ୍ତିଷ୍କ ଉପରେ ମନକୁ ରଖିଲେ

** **ମୁସଲମାନଙ୍କ ଧର୍ମଗ୍ରନ୍ଥ ହାଦିସ୍ ଶରୀଫରେ ଉକ୍ତ ହୋଇଅଛି ଯେ "ସ୍ତ୍ରୀସମ୍ଭୋଗ କଲାବେଳେ କେହି ଯଦି ବୀର୍ଯ୍ୟ ସ୍ତମ୍ଭନ ନ କରି ଧାର୍ମିକ ଓ ସାଧୁଚରିତ ସନ୍ତାନର ଉତ୍ପତ୍ତି ଆକାଂକ୍ଷାରେ ଶୁକ୍ରପାତ କରେ, ତା ଫଳରେ ତାର ସନ୍ତାନ ଜନ୍ମ ହେଉ ବା ନ ହେଉ, ଯେଉଁ ସନ୍ତାନ ଜନ୍ମ ହେଲା ପରେ ସମଗ୍ର ଜୀବନ ଭଗବାନଙ୍କ କାର୍ଯ୍ୟରେ ଆତ୍ମୋତ୍ସର୍ଗ କରି ଧର୍ମପାଇଁ ଉତ୍ପୀଡ଼ନକାରୀଙ୍କ ହସ୍ତରେ ପ୍ରାଣବଳି ଦେଇଛନ୍ତି, ସେ ଭଳି ସୁସନ୍ତାନ ଲାଭର ପୁଣ୍ୟ ତାଙ୍କ ନାମରେ ଲିପିବଦ୍ଧ ହୁଏ" । ଏ ବିଷୟରେ ଆମର ମତ ହେଉଛି ଏଇଆ ଯେ ସେ ସମୟରେ ଦମ୍ପତିଙ୍କ ମନରେ ପ୍ରକୃତରେ ଏହି ଧାରଣର ଚିନ୍ତା ଥିଲେ ଦମ୍ପତିର କାମଭାବ ରହି ନ ପାରେ ଓ ସେମାନଙ୍କ ଘରେ କାମୁକ ଲମ୍ପଟ, ପରଦାର ଅଭିମର୍ଷଣକାରୀ ଦୁଷ୍ଚରିତ୍ର ସନ୍ତାନ ଜନ୍ମ ହୋଇ ନ ପାରେ ।**

ଚକ୍ଷୁ ବା ମସ୍ତିଷ୍କ ସହଜରେ କ୍ଳାନ୍ତ ହୋଇପଡ଼େ । ପ୍ରାଣାୟାମ କଲାବେଳେ ଭ୍ରୂ ମଧ୍ୟରେ ମନକୁ ନ ରଖି ଫୁସ୍‌ଫୁସ୍‌ରେ ରଖିଲେ ସହଜରେ ଶ୍ରାନ୍ତି ଆସିଯାଏ । ବ୍ୟାୟାମ କଲାବେଳେ ଦେହର ମାଂସପେଶୀ ଉପରେ ମନକୁ ରଖିଲେ ଅଳ୍ପ ସମୟ ମଧ୍ୟରେ ବ୍ୟାୟାମ ହୋଇଯାଏ, ଏହା ପ୍ରତ୍ୟେକ ବ୍ୟାୟାମ-ଅଭ୍ୟାସକାରୀଙ୍କର ପରୀକ୍ଷିତ ସିଦ୍ଧାନ୍ତ । ସନ୍ତାନ ଜନନ କାଳରେ ମଧ୍ୟ ମନ ଯଦି ଜନନ-ଯନ୍ତ୍ରରେ ଅବସ୍ଥାନ କରେ ତାହାହେଲେ ସାମାନ୍ୟ ପରିମାଣରେ ଦୈହିକ ସଂଚାଳନାରେ ହିଁ ଜନନ-ଯନ୍ତ୍ର ଉତ୍ତେଜନାର ଚରମ ସୀମାରେ ଯାଇ ପହଞ୍ଚେ ଓ ଖୁବ କମ ସମୟ ମଧ୍ୟରେ ଜନନଯନ୍ତ୍ର ଶୁକ୍ର ନିର୍ଗମନ କରିବାକୁ ବାଧ୍ୟ ହୋଇ ଅବସାଦଗ୍ରସ୍ତ ହୁଏ । ବ୍ୟାୟାମ ସମୟରେ ମାଂସପେଶୀ ଗୁଡ଼ିକ ଉପରେ ମନକୁ ରଖିବା ବ୍ୟାୟାମକାରୀ ପକ୍ଷରେ ହିତକର କିନ୍ତୁ ଜନନ କାଳରେ ଜନନେନ୍ଦ୍ରିୟରେ ମନକୁ ନେଇ ରଖିବା ଜନନକାରୀ ପକ୍ଷରେ କ୍ଷତିକାରକ । ସେ ସମୟରେ ମନ ଜନନଯନ୍ତ୍ରକୁ ଛାଡ଼ି ଅନ୍ୟତ୍ର ଅବସ୍ଥାନ କଲେ ଜନନାଙ୍ଗର ସ୍ୱାଭାବିକ ଶାନ୍ତି ଆସିବାକୁ ବିଳମ୍ବ ହୁଏ, ଫଳତଃ ଭଗବତ୍‌ପ୍ରାପ୍ତି ଲାଗି ଯାହା ପରମ ସହାୟକ, ଯୋଗୀଜନ-ଆଚରିତ ସେହି ଧ୍ୟାନ, ଧାରଣା ପ୍ରାଣାୟାମାଦି-ସମନ୍ୱିତ ମାନସିକ କୌଶଳଗୁଡ଼ିକୁ ଜନନ ବ୍ୟାପାରରେ ପ୍ରୟୋଗ କରି ଗୃହୀ ସାଧକ ପ୍ରକୃତରେ ଲାଭବାନ ହୁଅନ୍ତି ।ଏହା କଳ୍ପନା ବା କୁସଂସ୍କାରକୁ ପ୍ରଶ୍ରୟ ଦେବା କଥା ନୁହେଁ । ଜନନ କାଳରେ ନାମଜପ ଇଷ୍ଟଚିନ୍ତା ପ୍ରଭୃତି ଯୌଗିକ କୌଶଳର ସହାୟତାରେ ମନକୁ ନେଇ ଭଗବାନଙ୍କ ପାଦପଦ୍ମରେ ରଖିଦେଇ ପାରିଲେ, ଜନ୍ମଦାନ କାର୍ଯ୍ୟ କାମ ବର୍ଜିତ ହୋଇପାରେ ।

ଅଭ୍ୟାସର ଶକ୍ତି

ମନକୁ ଯେତିକି ଉତ୍କୃଷ୍ଟ ତତ୍ତ୍ୱରେ ଲଗାଇ ରଖାଯାଏ, ସନ୍ତାନର କୁଶଳ ସେତିକି ବେଶି ହୁଏ । "ତତ୍ତ୍ୱ" କହିଲେ ତାହା ଅନେକ କଥା ବୁଝାଏ । ବ୍ରହ୍ମ ବି ଏକ ତତ୍ତ୍ୱ । ମହାପୁରୁଷଙ୍କ ଜୀବନ ମଧ୍ୟ ଏକ ତତ୍ତ୍ୱ । ଜଗତର କଲ୍ୟାଣ ମଧ୍ୟ ଏକ ତତ୍ତ୍ୱ । ଦେଶସେବା ମଧ୍ୟ ଏକ ତତ୍ତ୍ୱ, ଏପରିକି ନିଜର ସୁଖ ବା ତୃପ୍ତି ପ୍ରତି ଟିକିଏ ହେଲେ ଦୃଷ୍ଟି ନ ଦେଇ କାମ-ସଙ୍ଗୀ ବା ସଙ୍ଗୀନୀର ସୁଖ ବା ତୃପ୍ତି ପ୍ରତି ପ୍ରତିଦାନ-

ଲାଭ-ବୁଦ୍ଧିହୀନ ଲକ୍ଷ୍ୟ ପ୍ରଦାନ ମଧ୍ୟ ସ୍ଥଳବିଶେଷରେ ଏକ ତତ୍ତ୍ୱ । ଯେଉଁ ନରନାରୀ ସେମାନଙ୍କର ସର୍ବକାଳୀନ ଆଚରଣରେ ଯେଉଁ ତତ୍ତ୍ୱଟିର ଅନୁଶୀଳନ କରି ଆଶିଛନ୍ତି, ତାଙ୍କ ପକ୍ଷରେ ଜନନ ସମୟରେ ସେହି ତତ୍ତ୍ୱଟିରେ ମନଃସନ୍ନିବେଶ କରିବା କର୍ତ୍ତବ୍ୟ । ତତ୍ତ୍ୱରେ ମନଃସନ୍ନିବେଶ କଲା ସମୟରେ ଦେହ ମଧ୍ୟସ୍ଥ ସ୍ଥାନବିଶେଷ ଏହି ସନ୍ନିବେଶନର କେନ୍ଦ୍ର ସ୍ୱରୂପ ହୋଇପାରେ କିମ୍ବା ଦେହାତିରିକ୍ତ ବିହିର୍ଦ୍ଦେଶକୁ ମଧ ଆଶ୍ରୟ କରାଯାଇପାରେ । ଏହା ମଧ ଚିରାଚରିତ ଅଭ୍ୟାସ ସାପେକ୍ଷ । କାରଣ ଯେ୍ ପ୍ରତ୍ୟହ ଭଗବତ୍ ଉପାସନା ସମୟରେ ଦେହର ଗୋଟିଏ ନିର୍ଦ୍ଧିଷ୍ଟକେନ୍ଦ୍ରରେ ବା ବହିର୍ଦ୍ଦେଶସ୍ଥ ଏକ ନିର୍ଦ୍ଧିଷ୍ଟ ଆଲମ୍ୱରେ ମନକୁ ସ୍ଥିର କରିବାକୁ ଅଭ୍ୟାସ କରିଛନ୍ତି, ତାଙ୍କ ପକ୍ଷରେ ଜନନ ସମୟରେ ହଠାତ୍ କେନ୍ଦ୍ର ବା ଆଲମ୍ୱନ ପରିବର୍ତ୍ତନ କରିବାକୁ ଚେଷ୍ଟା କଲେ ବିଫଳତା ଅନିବାର୍ଯ୍ୟ କିନ୍ତୁ ଯେଉଁ ଭାଗ୍ୟବାନ ଦମ୍ପତି ଜୀବନବ୍ୟାପୀ ଚେଷ୍ଟା ଫଳରେ ଭଗବତ୍ ଉପାସନା ବେଳେ ବା ଅନ୍ୟ ସମୟରେ ଗୋଟିଏ ତତ୍ତ୍ୱକୁ ଧରି ବା ଗୋଟିଏ କେନ୍ଦ୍ରକୁ ଆଶ୍ରୟ କରି ମନଃସନ୍ନିବେଶନର ଅଭ୍ୟାସ କରିଛନ୍ତି ସେମାନେ ଜନନ କାଳରେ ମଧ ଲକ୍ଷ୍ୟଭ୍ରଷ୍ଟ ହୁଅନ୍ତି ନାହିଁ । ଉଦାହରଣ ସ୍ୱରୂପ ଅଭ୍ୟାସ ବଳରେ ନୈପୁଣ୍ୟ ଲାଭ କଲେ ନର୍ତ୍ତକୀମାନେ ଶିରରେ ପୂର୍ଣ୍ଣକୁମ୍ଭ ଧାରଣ କରି ମଧ ସ୍ୱଚ୍ଛନ୍ଦରେ ନୃତ୍ୟଗୀତାଦି କରିପାରନ୍ତି କିନ୍ତୁ କ୍ଷଣିକ ପାଇଁ ମଧ ସେମାନଙ୍କର ମନ ମସ୍ତକୋ ପରି କଳସୀରୁ ଅନ୍ୟ ଆଡ଼କୁ ଯାଏନାହିଁ । କଳସୀକୁ ଛାଡ଼ି ମନ ଅନ୍ୟ ଧାବମାନ ହେବା ମାତ୍ରେ କଳସୀର ପତନ ଅନିବାର୍ଯ୍ୟ । ଅଥଚ ମସ୍ତକରେ କଳସୀ ଧାରଣ କରି ସୁକଠିନ ରାଗରାଗିଣୀର ଶାସ୍ତ୍ରସମ୍ମତ ଆରୋହଣ, ଅବରୋହଣ, କଠିନ ତାଳ ଅନୁସାରେ ପଦ ସଂଚାଳନ ମଧ୍ୟ କରାଯାଏ, ଏହା ଆମେ ଦେଖୁ ।

ଦେହାତୀତ ଅଲମ୍ବନ ଓ ଦେହାତୀତ କେନ୍ଦ୍ର

ଏଠାରେ ଆଉ ଗୋଟିଏ କଥା କହିଲେ ବୋଧହୁଏ ଅପ୍ରାସଙ୍ଗିକ ହେବନାହିଁ । ସାଧକ ସମାଜରେ ଦେହାତୀତ ଆଲମ୍ୱନ ଅପେକ୍ଷା ଦେହ ମଧ୍ୟସ୍ଥ କେନ୍ଦ୍ର ଗୁଡ଼ିକ ହିଁ ଅଧିକ ଆଦର ଲାଭ କରିଛି । ଦେହାତୀତ ବହିର୍ଦ୍ଦେଶୀୟ ବସ୍ତୁ

ବା ବିଷୟରେ ଧ୍ୟାନ ଜମାଇବାରେ ସେମାନେ ଯେତିକି ରୁଚିସମ୍ପନ୍ନ, ଏହି ଦେହକୁ ସର୍ବଦେବତାଙ୍କର ନିବାସ ଓ ସର୍ବତୀର୍ଥ ପୁଣ୍ୟପୀଠ ଜ୍ଞାନ କରି ନିଜ ନିଜ ଅଧିକାର ଅନୁଯାୟୀ ଗୋଟିଏ ଗୋଟିଏ ବିଶେଷ ବିଶେଷ କେନ୍ଦ୍ରରେ ମନକୁ ସ୍ଥିର କରିବା ଲାଗି ଧାରାବାହିକ ପ୍ରୟାସରେ ସେମାନେ କହିଛନ୍ତି

"ଯାହା ନାହିଁ ଭାଣ୍ଡେ
ତାହାନାହିଁ ବ୍ରହ୍ମାଣ୍ଡେ"

ପରନ୍ତୁ-

"ବ୍ରହ୍ମାଣ୍ଡେ ଯେ ଗୁଣାଃସନ୍ତି, ତେ ସନ୍ତି ଦେହ ମନ୍ଦିରେ" ,

ଅର୍ଥାତ୍, ବ୍ରହ୍ମାଣ୍ଡରେ ଯେତେ ଗୁଡ଼ିଏ ଗୁଣ ଅଛି ସବୁଗୁଡ଼ିକ ଏହି ଦେହ ରୂପକ ମନ୍ଦିରରେ ହିଁ ଅଛି ।

ଶିବ ସଂହିତାରେ କୁହାଯାଇଛି-

"ଦେହଽସ୍ମିନ ବର୍ତ୍ତତେ ମେରୁଃ ସପ୍ତ-ଦ୍ୱୀପ-ସମନ୍ୱିତଃ,
ସରିତଃ ସାଗରାଃ ଶୈଳାଃ କ୍ଷେତ୍ରାଣି କ୍ଷେତ୍ର-ପାଳକାଃ ।।
ଋଷୟୋ ମୁନୟଃ ସର୍ବେ ନକ୍ଷତ୍ରାଣି ଗ୍ରହାସ୍ତଥା ।
ପୁଣ୍ୟ ତୀର୍ଥାନି ପୀଠାନି ବର୍ତ୍ତନ୍ତେ ପୀଠ ଦେବତାଃ ।।
ସୃଷ୍ଟି-ସଂହାର-କର୍ତ୍ତାରୋ ଭ୍ରମନ୍ତୋ ଶଶୀ ଭାସ୍ୱରୌ ।
ନଭୋ ବାୟୁଶ୍ଚ ବହ୍ନିଶ୍ଚ ଜଳଂ ପୃଥ୍ୱୀ ତଥୈବଚ ।।
ତ୍ରିଲୋକ୍ୟେ ଯାନି ଭୂତାନି ତାନି ସର୍ବାଣିଦେହତଃ ।
ମେରୁଂ ସଂବେଷ୍ଟ୍ୟ ସର୍ବତ୍ର ବ୍ୟବହାରଃ ପ୍ରବର୍ତ୍ତତେ ।।"

ଅର୍ଥାତ୍ ଏହି ଯେ ତୁମର କ୍ଷଣଭଙ୍ଗୁର ପାର୍ଥିବ ଜଡ଼ ଦେହ, ତାହା ନିତାନ୍ତ ଜଡ଼ ନୁହେଁ ବା ତୁଚ୍ଛ ନୁହେଁ । ଏଥିରେ ସପ୍ତଦ୍ୱୀପ ସମନ୍ୱିତ ମେରୁ ରହିଅଛି । ବହୁ ନଦନଦୀ, ବହୁ ସାଗର, ଉପସାଗର, ମହାସାଗର ରହିଅଛି । ବହୁ ପବିତ୍ର ପ୍ରାନ୍ତର, ମରୁଭୂମି ଓ ଉପତ୍ୟକା ରହିଅଛି । ବହୁ କ୍ଷେତ୍ର ଓ କ୍ଷେତ୍ରପାଳ, ବହୁ ସଂଶିତବ୍ରତ ମୁନି, ତତ୍ତ୍ୱଜ୍ଞ, ଋଷି,ପରମେଶ୍ୱରଙ୍କ ସାକ୍ଷାତ ବିଗ୍ରହ ସ୍ୱରୂପ ବହୁ ବିଭୂତି, ବହୁ ଗ୍ରହ,

ନକ୍ଷତ୍ର, ପୃଥିବୀ, ଶନି, ମଙ୍ଗଳ, ବୃହସ୍ପତି, ବୁଧ, ଶୁକ୍ର, ଇଉରେନସ, ନେପ୍‌ଚୁନ, ବହୁ ପୁଣ୍ୟତୀର୍ଥ, ପୀଠସ୍ଥାନ ଓ ପୀଠ ଦେବତା ରହିଛନ୍ତି । ଭ୍ରାମ୍ୟମାଣ ଚନ୍ଦ୍ର ସୂର୍ଯ୍ୟ, ଯେଉଁମାନଙ୍କର ଗତି ସ୍ଥିତି ମଧ୍ୟ ଦେଇ ଅବିରାମ ଚାଲିଛି ବହୁ ସୃଷ୍ଟିରେ ସମାରୋହ, ବହୁ ପ୍ରଳୟର ତାଣ୍ଡବ-ନର୍ତ୍ତନ, ବହୁ ଜନ୍ମ, ବହୁ ମୃତ୍ୟୁ, ବହୁ ବିକାଶ, ବହୁ ବିଲୟ, ବହୁ ଆବିର୍ଭାବ ଓ ତିରୋଧାନ, ସେମାନେ ବି ରହିଛନ୍ତି । ଏହାରି ଭିତରେ ରହିଛି ମହାଶୂନ୍ୟ ପରବ୍ୟୋମ, ଆକାଶ, ବହ୍ନି, ସଲିଳ ଓ ମୃତ୍ତିକା । ତିନିଲୋକରେ ଯାହା କିଛି ସ୍ଥୂଳ ବା ସୂକ୍ଷ୍ମ ବସ୍ତୁ ଅଛି ସେ ସବୁ ଏ ଦେହରେ ରହିଛି ଏବଂ ମେରୁକୁ ବେଷ୍ଟନ କରି ସେମାନଙ୍କର ସଂପର୍କୀୟ ଯାବତୀୟ ପ୍ରକ୍ରିୟାର ଅନୁଶୀଳନ ଚାଲିଛି ।

ମୂଳାଧାର ଚକ୍ର

ଭାରତୀୟ ଦାର୍ଶନିକ ଏକ ଦିଗରେ ଯେପରି ଏହି ଦେହଟାକୁ ଗୋଟାଏ ମାଟିର ଖୋଳ ବୋଲି ଅବଜ୍ଞା କରି ଓ ଦେହ-ସୁଖ ଉପରେ ଭରସା ନ ରଖି ଦେହାତୀତ ପରମସତ୍ତାକୁ ପାଇବା ଆନନ୍ଦରେ ଅନୁସିନ୍ଧସୁ ହୋଇଛନ୍ତି, ଅନ୍ୟ ଦିଗରେ ଯୋଗୀ ସେହିପରି ଦେହର ପ୍ରତ୍ୟେକ ଅଣୁ ପରମାଣୁ ମଧ୍ୟରେ କୋଟି କୋଟି ବ୍ରହ୍ମାଣ୍ଡର ସୃଜନ ଓ ବିଲୟ ଅନୁଭବ କରି ଏହି ନଶ୍ୱର ଦେହକୁ ଦିବ୍ୟ ଦେହର ମର୍ଯ୍ୟାଦା ଦେଇଛନ୍ତି । ତାନ୍ତ୍ରିକ ଯୋଗୀଙ୍କର ଷଡ଼ଚକ୍ରଭେଦ ଓ ଅଖଣ୍ଡ-ଯୋଗୀଙ୍କର ପରିଭ୍ରମଣର ସୃଷ୍ଟି ଓ ସମ୍ମାନ ଏହାରି ଭିତରୁ ଉଦ୍ଭୂତ । ଦେହକୁ ବ୍ରହ୍ମାଣ୍ଡରୂପେ ଗ୍ରହଣ କରି ତାରି ଭିତରେ ଯୋଗୀମାନେ ତିନି ଜଗତର ବିଭାଗ କରିଛନ୍ତି । ନାଭିଠାରୁ ତଳକୁ ତାମସିକ ଜଗତ ବା ପାତାଳ, ନାଭିର ଉପରକୁ ଓ କଣ୍ଠର ତଳକୁ ତାମସିକ ଜଗତ ବା ମର୍ତ୍ତ୍ୟ ଏବଂ କଣ୍ଠର ଉପରକୁ ସାତ୍ତ୍ୱିକ ଜଗତ ବା ସ୍ୱର୍ଗର ସୀମା ନିର୍ଦ୍ଦେଶ କରାଯାଇଅଛି । ମନର ତାମସିକ ଅବସ୍ଥାରେ ମନୁଷ୍ୟର ମନ ବରାବର ଜନନେନ୍ଦ୍ରିୟ ସମୀପସ୍ଥ ହୁଏ ବୋଲି ନିତାନ୍ତ ତାମସିକ ଭାବାପନ୍ନ ସାଧକଙ୍କ ଲାଗି ଯୋନିମଣ୍ଡଳରେ ବା ଉପସ୍ଥ ମୂଳରେ ମନସ୍ଥୈର୍ଯ୍ୟ କରିବାର ବ୍ୟବସ୍ଥା ଯୋଗୀମାନେ କରିଛନ୍ତି । କଥାରେ ଅଛି କଳିରେ ମନୁଷ୍ୟର ମନ

ଯୋନିଗତ ହୋଇଥାଏ । ଏଠାରେ କଳି ବୋଇଲେ ମନର ତାମସିକ ଅବସ୍ଥା ବୁଝିବାକୁ ହେବ କାରଣ ସତ୍ୟ ଯୁଗରେ ମଧ୍ୟ ବହୁ ମନୁଷ୍ୟଙ୍କର ମନ ଯୋନିଗତ ହେଉଥିଲା । ଭୋଗବୁଦ୍ଧି ପ୍ରଯୁକ୍ତ ହୋଇ ନିଜର ବା ଅନ୍ୟର ଜନନାଙ୍ଗର ଚିନ୍ତା କରିବା ତାମସିକ ଅବସ୍ଥାର ପ୍ରଧାନ ଲକ୍ଷଣ । ଏହି ଅବସ୍ଥାରେ ଯୋନି ମଣ୍ଡଳରେ ବା ଉପସ୍ଥ ମୂଳରେ ଉନ୍ନତତମ ସାତ୍ତ୍ୱିକ ଚିନ୍ତାର ପ୍ରଗାଢ଼ତା ସମ୍ପାଦନ କରି ପାରିଲେ ଏକ ସଙ୍ଗରେ ଦୁଇଟି ସୁଫଳ ଲାଭ ହୁଏ । ପ୍ରଥମ ସୁଫଳ ହେଉଛି, ମନ ଯୋନିଗତ ବା ଲିଙ୍ଗଗତ ହେବାକ୍ଷଣି ଯେଉଁ କାମ ମୂଳକ କୁଚିନ୍ତା ପ୍ରବାହିତ ହେବାକୁ ଲାଗେ ତାହା ସ୍ତବ୍ଧ ହୋଇଯାଏ ଏବଂ ମନ ଯୋନି ବା ଲିଙ୍ଗରେ ଅଭିନିବିଷ୍ଟ ହେଲେ ମଧ୍ୟ ସେ ସମୟରେ ଉନ୍ନତତମ, ପ୍ରକୃଷ୍ଟତମ ଓ ସୁନ୍ଦତମ ତତ୍ତ୍ୱର ଅନୁଶୀଳନ କରିବା ଅତି ସହଜ ହୁଏ । ଦ୍ୱିତୀୟ ସୁଫଳ ହେଉଛି, ଯୋନି ବା ଲିଙ୍ଗକୁ ଆବହମାନ କାଳରୁ ଯେଉଁ କାମଜ ଆଚରଣ ଗୁଡ଼ିକ ସହିତ ସଂଶ୍ଳିଷ୍ଟ କରି ରଖାଯାଇଛି, ତାହା ଅପେକ୍ଷା ଅଧିକ ଶୁଦ୍ଧ ଓ ଅଧିକ ସୁନ୍ଦର ଆଚରଣ ସହିତ ଏଗୁଡ଼ିକର ସଂଶ୍ରବ କଳ୍ପନା କରିବା ସହଜ ହୋଇପଡ଼େ । ତେଣୁ ସ୍ତ୍ରୀ ପୁରୁଷଙ୍କର ଜନନେନ୍ଦ୍ରିୟ ନିଜର କୁଖ୍ୟାତ ଜଘନ୍ୟତାରୁ ମୁକ୍ତ ହୁଏ । ଉପସ୍ଥ ଓ ଗୁହ୍ୟଦ୍ୱାର ଏହି ଦୁଇଟି ସ୍ଥାନର ମଝିରେ ରହିଥିବା ସ୍ଥାନକୁ ଯୌଗିକ ଭାଷାରେ ଯୋନିମଣ୍ଡଳ କୁହାଯାଏ । ସ୍ତ୍ରୀ ଲୋକର କାମାଦ୍ରି (Clitoris) ରୁ ଗୃହ୍ୟଦ୍ୱାର ଏହି ପର୍ଯ୍ୟନ୍ତ ସମସ୍ତ ସ୍ଥାନ ଯୋନି ମଣ୍ଡଳ ବୋଲି ପରିଗଣିତ ହୁଏ । ତାନ୍ତ୍ରିକ ଷଟ୍‌ଚକ୍ର ଭେଦୀମାନେ ଏହି ସ୍ଥାନରେ ମୂଳାଧାର ନାମକ ଚକ୍ରର କଳ୍ପନା କରିଥାନ୍ତି । ସୁପ୍ତ କୁଳକୁଣ୍ଡଳିନୀ-ଶକ୍ତି ଏହିଠାରେ ତାମସ ନିଦ୍ରାରେ ଅଭିଭୁତ ହୋଇ କାମନା ବାସନା ବିଷୟ ବାଷ୍ପରେ ଆଚ୍ଛନ୍ନ ହୋଇ ଅଘୋର, ଅଚେତନ କର୍ମଶକ୍ତିହୀନ ଓ ନିଷ୍କ୍ରିୟ ହୋଇ ପଡ଼ିଥାନ୍ତି- ସାଧକ "ଜାଗୃହି ଜନନୀ ଜାଗୃହି"- ବୋଲି କହି ଏହି ସ୍ଥାନରେ ନିଜ ତପସ୍ୟାରେ ରତ ହୁଅନ୍ତି । ଯୌଗିକ ପରିଭ୍ରମଣକାରୀ ଅଖଣ୍ଡ ସାଧକ ଏହି ସ୍ଥାନରେ ହିଁ ମନ ସଂଯୋଗ କରି ଗୁହ୍ୟମୂଳକୁ ଆକର୍ଷଣ ପୂର୍ବକ ତାର ସୁପ୍ତସତ୍ତାଶକ୍ତିକୁ ଠେଲି ଠେଲି ମେରୁଦଣ୍ଡ ମଧ୍ୟ ଦେଇ ଭ୍ରୂମଧ୍ୟକୁ ଟାଣି ନିଅନ୍ତି । ତାନ୍ତ୍ରୀକର ଯାହା କୁଳ କୁଣ୍ଡଳିନୀ,

ଅଖଣ୍ଡର ତାହାହିଁ ହେଉଛି ସତ୍ତାଶକ୍ତି ବା ସ୍ୱୟଂଭାତି ପ୍ରଜ୍ଞା । ଏହି ପ୍ରଜ୍ଞା ନିଜ ଆଲୋକରେ ନିଜେ ଉଦ୍‌ଭାଷିତ। ଅଖଣ୍ଡ ସାଧକର ଜଗନ୍‌ମଙ୍ଗଳ ସଂକଳ୍ପ ସହ ଏହି ପ୍ରଜ୍ଞା ବା ସତ୍ତା ଶକ୍ତି ବାହାରର ତ୍ରିଭୁବନ ପର୍ଯ୍ୟଟନ କରିବାରୁ ବିରତ ହୋଇ ମେରୁଦଣ୍ଡ ଓ ହସ୍ତପଦାଦି ମଧ୍ୟବର୍ତ୍ତୀ ଅସ୍ଥିମଜ୍ଜା ଭିତର ଦେଇ ଶରୀର ଭିତରେ ହିଁ ତ୍ରିଭୁବନ ପର୍ଯ୍ୟଟନ କରି ବୁଲନ୍ତି । ଏହି ଦୃଷ୍ଟିରୁ ଗୃହସ୍ଥ ହୁଅନ୍ତୁ ବା ତ୍ୟାଗୀ ହୁଅନ୍ତୁ ପ୍ରତ୍ୟେକ ଅଖଣ୍ଡ ଜଣେ ଜଣେ ପରିବ୍ରାଜକ । ପରମ-ଶ୍ରେଷ୍ଠ ଦ୍ୱୈତକଳ୍ପନା ଅଖଣ୍ଡ ପକ୍ଷରେ ଅବାନ୍ତର । ତେଣୁ ଏହି ବ୍ୟାପାରରେ ସେ ଆତ୍ମଶକ୍ତି ସହିତ ବ୍ରହ୍ମଶକ୍ତିର ପଟ୍ଟଭୂମିଗତ ପାର୍ଥକ୍ୟ ଅବତାରଣା ନ କରି "ଆତ୍ମାରେ ହିଁ ସବୁ ଓ ସବୁଥିରେ ହିଁ ଆତ୍ମା ବିରାଜମାନ" ଏହି ବୋଧରେ ଉଦ୍‌ବୁଦ୍ଧ ହୋଇ "ମୁଁ ଦେହରୁ ପୃଥକ ଓ ଦେହ ମୋର ଜଗତକଲ୍ୟାଣ କର୍ମର ସିଦ୍ଧି-ସୌକର୍ଯ୍ୟାର୍ଥ ଅସ୍ତ୍ର, ଯନ୍ତ୍ର ବା ପ୍ରହରଣ ମାତ୍ର" ଏହି ସଙ୍କଳ୍ପକୁ ନେଇ ଚଳନ୍ତି । କିନ୍ତୁ ତାନ୍ତ୍ରିକ ଯୋଗୀ ପରମ-ପ୍ରେଷ୍ଠଙ୍କୁ ଶିବ ଓ ସୌକର୍ଯ୍ୟାର୍ଥ ଶକ୍ତି ଏହି ଦ୍ୱିବିଧ ସତ୍ତାରେ ଖଣ୍ଡିତ ଓ ବିଚ୍ଛିନ୍ନ କରି ଦେଖି ଷଟ୍‌ଚକ୍ରଭେଦ-ପ୍ରକ୍ରିୟା ମାଧ୍ୟମରେ ସହସ୍ରାସ୍ଥିତ ପରମ ଶିବଙ୍କ ସହିତ ମୂଳାଧାରସ୍ଥିତ ସୁପ୍ତ କୁଳକୁଣ୍ଡଳିନୀଙ୍କର ମିଳନ ସାଧନ ଲାଗି ପ୍ରୟାସୀ ହୁଅନ୍ତି । ଅଖଣ୍ଡର ପରିଭ୍ରମଣ ଓ ତାନ୍ତ୍ରିକର ଷଟ୍‌ଚକ୍ରଭେଦ ମଧ୍ୟରେ ଏତିକି ମାତ୍ର ପାର୍ଥକ୍ୟ । ଆଧୁନିକ ଶରୀର-ବିଜ୍ଞାନ(Physiology and anatomy) ଦୃଷ୍ଟିରୁ ଅଖଣ୍ଡର ପରିଭ୍ରମଣ ଅଧିକତର ବାସ୍ତବଧର୍ମୀ । ଏ କ୍ଷେତ୍ରରେ ଉତ୍କୃଷ୍ଟ ନିକୃଷ୍ଟ ବିଚାରର କୌଣସି ପ୍ରୟୋଜନୀୟତା ନାହିଁ, ଯେ ଯେଉଁ ପଥ ଧରିଛନ୍ତି ସେ ସେହି ପଥରେ ଅବିଚଳିତ ନିଷ୍ଠା ଓ ଅପରାଜେୟ ପୌରୁଷ ସହକାରେ ଲାଗି ରହିଲେ ତାଙ୍କର ପଥ ଶ୍ରେଷ୍ଠ । ପଥର ଶ୍ରେଷ୍ଠତା ପ୍ରମାଣ ପାଇଁ ଅନ୍ୟ ମାପକାଠି ନିଷ୍ପ୍ରୟୋଜନ । ତାନ୍ତ୍ରିକର ଷଟ୍ ଚକ୍ରଭେଦରେ ତଥା ଅଖଣ୍ଡର ପରିଭ୍ରମଣରେ ମୂଳାଧାର ବା ଗହ୍ୟମୂଳ ଓ ତତ୍‌ସନ୍ନିହିତ ପ୍ରତ୍ୟଙ୍ଗ ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରେ ଏହା କହିବା ନିଷ୍ପ୍ରୟୋଜନ ।

ସାଧିଷ୍ଠାନ

ପୁରୁଷର ଉପସ୍ଥ ମୂଳ ହେଉଛି କାମଗ୍ରନ୍ଥି (Prostate gand) ଏବଂ ସ୍ତ୍ରୀ ଲୋକର ଉପସ୍ଥ ମୂଳ ହେଉଛି ଜରାୟୁ । ଷଟ୍‌ଚକ୍ରଭେଦୀମାନେ ଉପସ୍ଥ ମୂଳରେ ହିଁ ସ୍ୱାଧିଷ୍ଠାନ ନାମକ ଚକ୍ରର କଳ୍ପନା କରିଥାନ୍ତି । କୁଳକୁଣ୍ଡଳିନୀ ବା ସତ୍ତାଶକ୍ତି ଗୁହ୍ୟମୂଳରେ ଓ ଯୋନିମଣ୍ଡଳରେ ସୁପ୍ତ ଅବସ୍ଥାରେ ରହିଥିଲେ ବି ଏହି ସ୍ୱାଧିଷ୍ଠାନ ବା ଲିଙ୍ଗମୂଳରେ ହିଁ ପ୍ରାଣୀର ଭୋଗେନ୍ଦ୍ରିୟର ସୁଖ ଭୋଗଶକ୍ତିର କେନ୍ଦ୍ର ରହିଅଛି । ଏହିଠାରେ ଉନ୍ନତତର ଚିନ୍ତାର ଧ୍ୟାନ ଓ ଅନୁଧ୍ୟାନ ଦ୍ୱାରା ଆତ୍ମସୁଖ-ଲିପ୍ସାକୁ ବିଶ୍ୱସୁଖ ଲିପ୍‌ସାରେ ରୂପାନ୍ତରିତ କରାଯାଏ, ଯାହାକୁ କି ପାଶ୍ଚାତ୍ୟ ଯୌନଶାସ୍ତ୍ରଜ୍ଞ ପଣ୍ଡିତମାନେ Sublimation ବୋଲି ନାମକରଣ କରିଛନ୍ତି । ସେମାନେ Sublimation କୁ ଜାଣନ୍ତି କିନ୍ତୁ ଏହି ଉପାୟଟି ଜାଣି ନାହାନ୍ତି ।

ମଣିପୁର

ଯେଉଁମାନଙ୍କର ମନ ତମୋ-ରାଜସିକ, ଅର୍ଥାତ୍ ଯେଉଁମାନଙ୍କର ମନ ଅତି ନିକୃଷ୍ଟ ଇନ୍ଦ୍ରିୟସୁଖ ଆଡ଼କୁ ଥରେ ଧାବମାନ ହୁଏ ତ ଆଉଥରେ ତା ଅପେକ୍ଷା କମ ନିକୃଷ୍ଟ ସୁଖ ପ୍ରତି ପ୍ରଲୁବ୍ଧ ହୁଏ-ସେଭଳି ଲୋକମାନଙ୍କର ମନସ୍ଥୈର୍ଯ୍ୟ ସମ୍ପାଦନ ଲାଗି ନାଭିମୂଳ ବିହିତ ହୋଇଅଛି । ଉପସ୍ଥର ସହାୟତାରେ ଯେଉଁ ସବୁ ସୁଖଭୋଗ କରାଯାଏ, ସେଗୁଡ଼ିକୁ ନିକୃଷ୍ଟତମ ସୁଖ କୁହାଯାଏ। ରସନା ଦ୍ୱାରା ଉଦର ପୂରଣ କଲେ ଯେଉଁ ସୁଖ ଆସ୍ୱାଦିତ ହୁଏ ତାକୁ ସେତେ ନିକୃଷ୍ଟ ଜ୍ଞାନ କରାଯାଏ ନାହିଁ । କାରଣ ଜନନେନ୍ଦ୍ରିୟ ଦ୍ୱାରା କୌଣସି ସୁଖ ଆସ୍ୱାଦନ ଲାଗି ଯେତେ ପରିମାଣରେ ଉନ୍ମାଦନା ଜନ୍ମେ, ଥରେ ଉଦର ପୂରଣ ଜନିତ ତୃପ୍ତି ଆସିଗଲେ, ସେ ତୃପ୍ତି ପୁନର୍ବାର ସେହିପରି ତୃପ୍ତିଲାଭ ପାଇଁ ମନୁଷ୍ୟକୁ ସେ ପରିମାଣରେ ଉଚ୍ଚାଟ କରେନାହିଁ । କ୍ଷଣିକ ସୁଖ ଯେଉଁଠି ଯେତିକି ପରିମାଣରେ ଲାଳସାର ତୀବ୍ରତା ବର୍ଦ୍ଧନ କରେ, ସେଠାରେ ସେହି ସୁଖାସ୍ୱାଦନର ସହାୟକ ଇନ୍ଦ୍ରିୟ ସେତିକି ପରିମାଣରେ ନିକୃଷ୍ଟ । ଦିବାରାତ୍ରି ପାଶବ ସୁଖ ଚିନ୍ତାରେ ଆଚ୍ଛନ୍ନ

ଲୋକ ପକ୍ଷରେ ଏହି କାରଣରୁ ମୂଳାଧାର ବା ସ୍ୱାଧିଷ୍ଠାନରେ ମନୋନିବେଶ କରିବା ବିହିତ । କିନ୍ତୁ ଯେଉଁମାନଙ୍କର ତାମସିକ ଆବିଳତା ମଝିରେ ରାଜସିକତା ଉଙ୍କିମାରେ, ସେମାନଙ୍କ ପକ୍ଷରେ ମନଃସଂଯମ ଲାଗି ନାଭିମୂଳ ଉତ୍କୃଷ୍ଟସ୍ଥାନ । ଏହିଠାରେ ମଣିପୁର ନାମକ ଚକ୍ର କଳ୍ପିତ ହୋଇଥାଏ ।

ତାମସିକ ଓ ରାଜସିକ ବ୍ୟକ୍ତିଙ୍କ ପାର୍ଥକ୍ୟ

ରାଜସିକ ବ୍ୟକ୍ତି ପକ୍ଷରେ ମନଃସଂଯମ ଲାଗି ହୃଦପଦ୍ମ ଉତ୍କୃଷ୍ଟ ସ୍ଥାନ । ଉତ୍କଟ ତାମସିକତା ବର୍ଜିତ ସାଧାରଣ ଭୋଗାକାଂକ୍ଷା ରାଜସିକ ବ୍ୟକ୍ତିର ପ୍ରଚଳିତ ଲକ୍ଷଣ । ସାହସ ବା ଦୁଃସାହସ, ଆତ୍ମବିଶ୍ୱାସ ବା ଅହଙ୍କାର, ଏଗୁଡ଼ିକ ହେଉଛି ରାଜସିକ ବ୍ୟକ୍ତିର ସାଧାରଣ ଲକ୍ଷଣ । ସେ ଯାହାକିଛି ଚାହେଁ ସବୁ ନିଜପାଇଁ ଚାହେଁ, ପର ପାଇଁ ତାର କୌଣସି ଭାବନା ନ ଥାଏ । କିନ୍ତୁ ନିଜେ ଯେଉଁ ବାଟରେ ସୁଖ ଲାଭ କରିଛି ସେ ବାଟରେ ଆଉ କେହି ସୁଖ ଲାଭକକଲେ ସେଥିରେ ତାର ଆପତ୍ତି ନ ଥାଏ । ଅନ୍ୟର ସୁଖ ପ୍ରତି ଯେଉଁମାନଙ୍କର ଏଭଳି ଔଦାର୍ଯ୍ୟପୂର୍ଣ୍ଣ ସ୍ୱାର୍ଥପରତା ଥାଏ ସେମାନେ ରାଜସିକ । ତାମସିକ ବ୍ୟକ୍ତିର ଜାତକରେ ଏଭଳି ଔଦାର୍ଯ୍ୟ ନାହିଁ, ସଂସାରର ସବୁ ସୁଖ ସେ ନିଜେ ଭୋଗ କରିବ, ଆଉ କାହାକୁ ସେଥିରୁ କାଣିଚାଏ ସୁଦ୍ଧା ଦେବନାହିଁ । ତାମସିକ ବ୍ୟକ୍ତି "ଦ୍ୱିଷୋ ଜହି" ଅର୍ଥାତ ଶତୃକୁ ନାଶ କର ବୋଲି ଭଗବାନଙ୍କୁ ପ୍ରାର୍ଥନା କରେ । "ରୂପଂ ଦେହି, ଜୟଂ ଦେହି" ବୋଲି ରାଜସିକ ବ୍ୟକ୍ତି ଭଗବାନଙ୍କୁ ପ୍ରାର୍ଥନାକରେ କିନ୍ତୁ "ଦ୍ୱିଷୋ ଜହି" ବୋଲି ପ୍ରାର୍ଥନା କରିବାକୁ ତାର ରୁଚି ହୁଏନାହିଁ । ସେଭଳି ଲୋକମାନଙ୍କର ପକ୍ଷରେ ହୃଦପଦ୍ମରେ ମନଃସନ୍ନିବେଶ ପ୍ରକୃତରେ ଉପଯୋଗୀ । ଯେଉଁମାନଙ୍କର ହୃଦୟର ଆବେଗ ଖୁବ୍ ବେଶି; ଯେଉଁମାନଙ୍କର ଭାବୁକତା ଅପେକ୍ଷା ଭାବପ୍ରବଣତା ବେଶି, ସେମାନଙ୍କ ପାଇଁ ଏହାହିଁ ସର୍ବଜନ-ସମ୍ମତ ଧ୍ୟାନ-କେନ୍ଦ୍ର । ସ୍ନାୟୁ, ରକ୍ତ ଓ ମାଂସ ଦୃଷ୍ଟିରୁ ବିଚାର କଲେ ହୃଦପଦ୍ମ ବୋଇଲେ ହୃତପିଣ୍ଡ (heart)କୁ ବୁଝାଏ କିନ୍ତୁ ତାହା ଯୌଗିକଦୃଷ୍ଟିରୁ ହୃଦୟ ନୁହେଁ । ସ୍ନେହ, ମମତା, ଅନୁରାଗ ପ୍ରଭୃତି ସୁଖକର ବୃତ୍ତିର ଉନ୍ମେଷ ଘଟିଲେ ବକ୍ଷ ଭିତରେ ଯେଉଁ ଅଂଶଟି ସୁଖମୟ ବୋଧହୁଏ

ଏବଂ ଦୁଃଖ, ଭୟ, କ୍ରୋଧ ପ୍ରଭୃତି ଆସିଲେ ଯେଉଁ ସ୍ଥାନଟି ବିଷାଦମୟ ବା କ୍ଲିଷ୍ଟ ବୋଧହୁଏ, ସେହି ସ୍ଥାନଟିର ଯୌଗିକ ନାମ ହୃଦୟ । ଷଟଚକ୍ରଭେଦୀମାନେ ସେହି ସ୍ଥାନରେ "ଅନାହତ ପଦ୍ମ"ର କଳ୍ପନା କରିଥାନ୍ତି । ବିନା ଆଘାତରେ ମହାନାମ ଏଠାରେ ସ୍ୱାଭାବିକ ଭାବରେ ଶ୍ରୁତ ହୁଏ ବୋଲି ଏହାର ନାମ ଅନାହତ ପଦ୍ମ ।

ବିଶୁଦ୍ଧ ଚକ୍ର

ରଜଃ ସାତ୍ତ୍ୱିକ ବ୍ୟକ୍ତିଙ୍କ ପକ୍ଷରେ ଶ୍ରେଷ୍ଠ ଧ୍ୟାନକେନ୍ଦ୍ର ହେଉଛି କଣ୍ଠ ମୂଳ । ଯୋଗୀମାନେ ଏହି ସ୍ଥାନରେ ବିଶୁଦ୍ଧ ନାମକ ଚକ୍ର କଳ୍ପନା କରିଛନ୍ତି । ରାଜସିକତାର ସୀମା ଅତିକ୍ରମ କରି ଗଲେ ଏହି ସ୍ଥାନରୁ ବିଶୁଦ୍ଧ ସାତ୍ତ୍ୱିକତାର ପରମ ପ୍ରଭାବ ଆରମ୍ଭ ହୁଏ ବୋଲି ଏହାର ନାମ ବିଶୁଦ୍ଧ । ବିଶୁଦ୍ଧ ଚକ୍ରରେ ମନଃସନ୍ନିବେଶକାରୀମାନେ ବାଗ୍‌ବର ବା ବାଗ୍ମୀ ହୁଅନ୍ତି ବୋଲି ପ୍ରସିଦ୍ଧି ଅଛି ।

ଆଜ୍ଞାଚକ୍ର

ସାତ୍ତ୍ୱିକ ବ୍ୟକ୍ତି ପକ୍ଷରେ ଭ୍ରୂମଧ୍ୟ ଶ୍ରେଷ୍ଠ ଧ୍ୟାନକେନ୍ଦ୍ର ବୋଲି କଥିତ ହୋଇଅଛି । ଭ୍ରୂମଧ୍ୟ ବହୁ ନାମରେ ପରିଚିତ ହୁଏ, ଯଥା-ନାସାଗ୍ର, ତୃତୀୟ ନୟନ, ତ୍ରିବେଣୀ-ସଙ୍ଗମ, ଦ୍ୱିଦଳପଦ୍ମ, ଆଜ୍ଞାଚକ୍ର ଇତ୍ୟାଦି । ଗୀତାରେ ନାସାଗ୍ରରେ ମନ ସ୍ଥିର କରିବାକୁ ଉପଦେଶ ଦିଆଯାଇଛି, ସଂପ୍ରେକ୍ଷ୍ୟ ନାସିକାଗ୍ର ସ୍ୱଂ" । ନାସିକାଗ୍ର କହିଲେ ସାଧାରଣତଃ ସମସ୍ତେ ଯାହା ବୁଝନ୍ତି ସେଇଟା ନାକଦଣ୍ଡା । ନାକଦଣ୍ଡା ଉପରେ ଦୃଷ୍ଟି ସ୍ଥିରକରି ରଖିଲେ ଅନେକଙ୍କର ଶିରରୋଗ ହୁଏ । ତେବେ ନାକଦଣ୍ଡାରେ ଦୃଷ୍ଟି ସ୍ଥିର କରି ବସିଲେ ଯଦି ବ୍ୟତିରେକ-କ୍ରିୟାରେ ଦୃଷ୍ଟି ଭ୍ରୂମଧ୍ୟକୁ ଆସେ, ତେବେ ଆଲମ୍ବନ ଦୃଷ୍ଟିରୁ ନାକଦଣ୍ଡା ତୁଚ୍ଛ ମନେ କଲା ଭଳି ସ୍ଥାନ ନୁହେଁ । ବୈଷ୍ଣବମାନଙ୍କର ରସକଳି ଏହି ପ୍ରସଙ୍ଗରେ ଲକ୍ଷ୍ୟଣୀୟ । ପ୍ରକୃତ ନାସାଗ୍ର ହେଉଛି ଭ୍ରୂମଧ୍ୟ । କାରଣ ନାସିକାର ନିମ୍ନଭାଗରୁ ଆରମ୍ଭ କରି ଆସିଲେ ଭ୍ରୂମଧ୍ୟ ହିଁ ନାସାଗ୍ର ହେବ । ଯେହେତୁ ନାକପୁଡ଼ାର ଉପରି ଭାଗକୁ ନାକର base ବା ଭୂମି ବୋଲି ଧରିଲେ ତାର vertex ବା ଶୀର୍ଷକୋଣ ଠିକ୍ ଭ୍ରୂମଧ୍ୟରେ ହିଁ

ପଡ଼ିବ । ଯୋଗୀମାନେ ଏହା ହିଁ ବୁଝନ୍ତି । ଏ ପ୍ରସଙ୍ଗରେ ଗୀତା ବାକ୍ୟ ପ୍ରଣିଧାନଯୋଗ୍ୟ । "ଭ୍ରୂବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍" ଇତ୍ୟାଦି । ଭ୍ରୂମଧ୍ୟ ମନ ସ୍ଥିରକରି ମହାଦେବ ଜିତେନ୍ଦ୍ରିୟ ହୋଇଥିଲେ ଏ କଥାଟି ମଦନଭସ୍ମ ଉପାଖ୍ୟାନରେ ରୂପକ ହିସାବରେ କୁହାଯାଇଛି । ଭ୍ରୂମଧ୍ୟ ହିଁ ବ୍ରହ୍ମଙ୍କର ତୃତୀୟ ନୟନ ବା ଦିବ୍ୟଚକ୍ଷୁ । ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା, ଏହି ତିନୋଟି ଶକ୍ତିସ୍ରୋତ ଏହିଠାରେ ସେମାନଙ୍କର ତ୍ରି ତ୍ୱ-ତ୍ୟାଗ କରି ଅଭେଦ ସତ୍ତାରେ ମିଳିତ ହୁଅନ୍ତି, ଯାହାକି ଗଙ୍ଗା, ଯମୁନା, ସରସ୍ୱତୀ ରୂପକୁ ବ୍ୟକ୍ତ କରେ । ପ୍ରକୃତ ତ୍ରିବେଣି ଏହ୍ଲାବାଦରେ ନାହିଁ । ପ୍ରତ୍ୟେକଙ୍କର ଭ୍ରୂମଧ୍ୟରେ ହିଁ ତ୍ରିବେଣୀ ବିରାଜମାନ । ଶାସ୍ତ୍ରକାର କହିଛନ୍ତି- "ଇଡ଼ା ଭଗବତୀ ଗଙ୍ଗା, ପିଙ୍ଗଳା ଯମୁନା ନଦୀ । ଇଡ଼ା-ପିଙ୍ଗଳୟୋର୍ମଧ୍ୟେ ସୁଷୂମ୍ନାଚ ସରସ୍ୱତୀ। ତ୍ରୀବେଣୀ ସଙ୍ଗମୋ ଯତ୍ର ତୀର୍ଥରାଜଂ ସ ଉଚ୍ୟତେ । ତତ୍ର ସ୍ନାନଂ ପ୍ରକୁର୍ବୀତ ସର୍ବପାପୈଃ ପ୍ରମୁଚ୍ୟତେ ।। ଅର୍ଥାତ ଇଡ଼ା ଭଗବତୀ ଗଙ୍ଗା ଓ ପିଙ୍ଗଳା ଯମୁନା ନଦୀ ବୋଲି ଜାଣିବ ଏବଂ ଇଡ଼ା ପିଙ୍ଗଳା ମଧ୍ୟରେ ଅବସ୍ଥିତ ସୁଷୂମ୍ନାକୁ ସରସ୍ୱତୀ ନଦୀ ବୋଲି ଜାଣିବ । ଏହି ତିନି ନଦୀ ଯେଉଁଠି ଆସି ମିଳିତ ହୋଇଛନ୍ତି ତାହାକୁ ତ୍ରିବେଣୀ ବୋଲି ଜାଣିବ (ତାହା ହିଁ ତୁମର ଭ୍ରୂମଧ୍ୟ) । ଏହି ସ୍ଥାନରେ ସ୍ନାନ କରିବ । ତାହାହେଲେ ସର୍ବ ପାପରୁ ତୁମେ ପ୍ରମୁକ୍ତ ହେବ । ସେମାନେ ଆଉ ମଧ୍ୟ କହିଛନ୍ତି-

"ଇଦଂ ତୀର୍ଥଂ ମିଦଂ ତୀର୍ଥଂ ଭ୍ରମନ୍ତି ତାମସା ଜନାଃ
ଆତ୍ମତୀର୍ଥଂ ନ ଜାନନ୍ତି କଥଂ ମୋକ୍ଷ ବରାନନେ ।"

ଅର୍ଥାତ ସ୍ୱୟଂ ମହାଦେବ ପାର୍ବତୀଙ୍କୁ ସମ୍ବୋଧନ କରି କହୁଛନ୍ତି ---- "ହେ ଦେବୀ, ଏ ତୀର୍ଥ,ସେ ତୀର୍ଥ ହୋଇ ତାମସିକ ବ୍ୟକ୍ତିମାନେ ଦେଶ ଦେଶାନ୍ତର ପର୍ଯ୍ୟଟନ କରନ୍ତି କିନ୍ତୁ (ନିଜ ଭ୍ରୂମଧ୍ୟରେ ଯେଉଁ ତ୍ରୀବେଣୀ ତୀର୍ଥ ବିରାଜିତ, ସେହି) ଆତ୍ମତୀର୍ଥକୁ ସେମାନେ ଜାଣନ୍ତି ନାହିଁ । ସେମାନଙ୍କର ଆଉ ମୋକ୍ଷ କିପରି ହେବ ବା ହୋଇପାରିବ ?" ଏହାର ଫଳିତ-ଅର୍ଥ ହେଉଛି, ପ୍ରକୃତ ସାଧକ ଏହ୍ଲାବାଦସ୍ଥ ତ୍ରିବେଣୀ ତୀର୍ଥକୁ ଅନାଦର କରି ଭ୍ରୂମଧ୍ୟସ୍ଥ ତ୍ରୀବେଣୀ ତୀର୍ଥକୁ ହିଁ

ସମ୍ମାନ ପ୍ରଦର୍ଶନ କରନ୍ତି । ଭ୍ରୂମଧ୍ୟରେ ମନଃନିବେଶ କଲେ ନିବିଷ୍ଟ ସାଧକ ଯେଉଁ ଅପୂର୍ବ ରୂପ ଦର୍ଶନ କରନ୍ତି ତାକୁ ବ୍ୟାଖ୍ୟା କରିବାକୁ ଯାଇ ଦ୍ୱିଦଳ କଥାଟି ସୃଷ୍ଟି କରାଯାଇଛି । ରାମାୟତ କହନ୍ତି-- "**ରାମସୀତାଙ୍କୁ ସେଠାରେ ଏକତ୍ର ଦେଖିଲି**" । ଶାକ୍ତ କହନ୍ତି -- " **ଶିବ ଦୁର୍ଗାଙ୍କୁ ସେଠାରେ ଦେଖିଲି** । ବୈଦାନ୍ତିକ କହନ୍ତି-- **ଜୀବ ଓ ବ୍ରହ୍ମଙ୍କୁ ସେଠାରେ ଦେଖିଲି**" । ସାଂଖ୍ୟ ଯୋଗୀ କହନ୍ତି -- **ପ୍ରକୃତି ଓ ପୁରୁଷଙ୍କୁ ଦେଖିଲି**" । ଅଖଣ୍ଡ-ସାଧକ କହନ୍ତି--"**ନିଜକୁ ଦେଖିଲି, ଆଉ ଦେଖିଲି ସ୍ୱକୀୟ ଲୀଳାକୁ**" । ସମସ୍ତେ ଅଭେଦ ଦର୍ଶନ କରନ୍ତି କିନ୍ତୁ ଅନୁଭୂତିକୁ ସ୍ମୃତି ଫଳକରେ ଅଙ୍କନ କରି ରଖିବାର ପ୍ରୟୋଜନୀୟତା ବଶତଃ ଦ୍ୱିତ୍ୱର ଏକ କ୍ଷୀଣାତିକ୍ଷୀଣ ଆଭାସ ଅନୁଭବ କରନ୍ତି । କାରଣ ସମ୍ୟକ୍ ଅଦ୍ୱୈତ relative (ଆପେକ୍ଷିକ) ନୁହେଁ, ଅର୍ଥାତ୍ କାହକୁ ଅପେକ୍ଷା ବା ପରବାଏ କରେନାହିଁ । ତେଣୁ ତାହା ବ୍ୟାଖ୍ୟାର ଅତୀତ । ସେ ରୂପ ଚିତ୍ରପଟରେ ଅଙ୍କା ଯାଇଥିବା କୌଣସି ରୂପ ନୁହେଁ, ତାହା ଅବର୍ଣ୍ଣନୀୟ ଓ ଅକଳ୍ପନୀୟ । ଏହିଠାରେ ମନୋଲୟ ଦ୍ୱାରା ଦିବ୍ୟଜ୍ଞାନ ଲାଭ ହୁଏ ବୋଲି ଏହାର ନାମ ଆଜ୍ଞାଚକ୍ର । ଆଜ୍ଞା ବୋଇଲେ କେବଳ ଆଦେଶ ବୁଝାଏ ନାହିଁ । ଯେତେ ଯାହା ଅଛି ସବୁକୁ ଆବେଷ୍ଟନ କରି ଯେଉଁ ପୂର୍ଣ୍ଣ ଜ୍ଞାନ, ତାରି ନାମ ଆଜ୍ଞା । ଦାସ୍ୟଭାବର ସାଧକ କହନ୍ତି- " **ଏହିଠାରେ ମୁଁ ପ୍ରଭୁଙ୍କର ଆଜ୍ଞା ଶୁଣିବାକୁ ପାଏ**" । ସୋହଂ ଭାବର ସାଧକ କହନ୍ତି-- "**ଏହିଠାରେ ମୁଁ ବ୍ରହ୍ମବିଜ୍ଞାନ ଲାଭ କରେ**" । ଅଖଣ୍ଡ-ସାଧକ ଉପଲବ୍ଧି କରନ୍ତି- "ଏହିଠାରେ ଦ୍ୱୈତତତ୍ତ୍ୱ ଅଦ୍ୱୈତ ମଧ୍ୟରେ ନିଜର ସତ୍ତାକୁ ହଜାଇ ଦେଇଛି । ଏହିଠାରେ ଦ୍ୱୈତ ବିରୁଦ୍ଧରେ ଶାସନ-ଖଡ୍‌ଗ ଉତ୍ତୋଳନ ଲାଗି ଅଦ୍ୱୈତତତ୍ତ୍ୱ ଅସମ୍ମତ ହୋଇଅଛି ; ଏହିଠାରେ ସବୁ ମତ ଓ ସବୁ ପଥର ଆପାତ-ବିରୋଧ ଏକ ସର୍ବସମନ୍ୱୟୀ ସାମଞ୍ଜସ୍ୟରେ ଆସି ପର୍ଯ୍ୟବସିତ ହୋଇଛି" ।

ଜନନ ସମୟରେ
ମନଃସନ୍ନିବେଶର କେନ୍ଦ୍ର ଓ ତାର ଫଳାଫଳ

ଜନନ ସମୟରେ ସ୍ୱାମୀସ୍ତ୍ରୀଙ୍କର ମନ ଜନନ-ଯନ୍ତ୍ରରେ ରହିଲେ ସନ୍ତାନ କାମୁକ ହୁଏ । ସେ ସମୟରେ ସ୍ୱାମୀସ୍ତ୍ରୀଙ୍କର ମନ ଟିକିଏ ଉର୍ଦ୍ଧ୍ୱରେ ରହିଲେ

ସନ୍ତାନ ସହଜରେ କାମ ଦମନ କରିବାକୁ ସମର୍ଥ ହୁଏ । ଜନନ ସମୟରେ ସ୍ୱାମୀ ସ୍ତ୍ରୀଙ୍କର ମନ ବକ୍ଷରେ ରହିଲେ ସନ୍ତାନ ସାହସୀ ଓ ଅହଂକାରୀ ହୁଏ । ସେ ସମୟରେ ସ୍ୱାମୀସ୍ତ୍ରୀଙ୍କର ମନ ଭ୍ରୂମଧ୍ୟରେ ରହିଲେ ସନ୍ତାନ ବ୍ରହ୍ମବାଦୀ ଓ ସର୍ବକଲ୍ୟାଣକୃତ ହୁଏ । କାମୁକ ବ୍ୟକ୍ତି ଓ ଜ୍ଞାନୀ ବ୍ୟକ୍ତି ଉଭୟଙ୍କ ପକ୍ଷରେ ସନ୍ତାନ ଜନନ ସଂପର୍କୀୟ ଶାରୀରିକ ପ୍ରକ୍ରିୟା ଏକ, କିନ୍ତୁ ମନୋନିବେଶନ କେନ୍ଦ୍ରର ପାର୍ଥକ୍ୟ ଯୋଗୁଁ ସନ୍ତାନ ବିଭିନ୍ନ ଚରିତ୍ରର ହୋଇଥାଏ । ପତି ପତ୍ନୀଙ୍କର ମୈଥୁନ ବହୁ ବିଦେହୀ ଆତ୍ମାଙ୍କୁ ପୁନର୍ଜନ୍ମ ଗ୍ରହଣ ଲାଗି ଆକୃଷ୍ଟ କଲେ ମଧ୍ୟ ମୈଥୁନକାଳୀନ ମନୋଭାବର ଅପରିଚ୍ଛନ୍ନତା ବା ସ୍ୱଚ୍ଛତା ଅନୁସାରେ ଦୁଷ୍କୃତିମାନ ବା ସୁକୃତସମ୍ପନ୍ନ ଆତ୍ମା ହିଁ ଶୁକ୍ରକୀଟ ମଧ୍ୟରେ ପ୍ରବେଶ କରିଥାନ୍ତି । ପତିପତ୍ନୀଙ୍କ ଭିତରୁ ଜଣଙ୍କର ମନ ନିମ୍ନଗାମୀ ଓ ଅନ୍ୟ ଜଣକର ମନ ଉର୍ଦ୍ଧ୍ୱଗାମୀ ହେଲେ ଯାହାର ମନର ଗତି ଅଧିକ ପ୍ରବଳ ସନ୍ତାନ ତା'ରି ମାନସିକ ସାଦୃଶ୍ୟ ପାଏ ସତ୍ୟ କିନ୍ତୁ ଅନ୍ୟ ଜଣକର ମନୋଗତିର ପ୍ରଭାବରୁ ସେ ସମ୍ପୂର୍ଣ୍ଣ ମୁକ୍ତ ହୋଇପାରେ ନାହିଁ ।

ପ୍ରାଣାୟାମର ସାର୍ଥକତା

ନିମ୍ନଗାମୀ ମନୋବୃତ୍ତିକୁ ଉର୍ଦ୍ଧ୍ୱଗାମୀ କରିବାରେ ପ୍ରାଣବାୟୁର ଶକ୍ତି ଅସାଧାରଣ । ପ୍ରାଣାୟାମ ମୁଖ୍ୟତଃ ଶରୀରର ଉର୍ଦ୍ଧ୍ୱାଂଶ ଓ ମଧ୍ୟାଂଶର କ୍ରିୟା ତେଣୁ ପ୍ରାଣାୟାମ ସମୟରେ ମନ ବାଧ୍ୟ ହୋଇ ଦେହର ନିମ୍ନାଂଶକୁ ତ୍ୟାଗକରି ଉର୍ଦ୍ଧ୍ୱମୁଖୀ ହୁଏ ଓ ତା ଫଳରେ ବୀର୍ଯ୍ୟକ୍ଷୟ ପ୍ରବଣତା ହ୍ରାସପାଏ । ଆଉ ମଧ୍ୟ ଶ୍ୱାସର ଚାଞ୍ଚଲ୍ୟ ଦୂର ହେଲେ ମନର ଚାଞ୍ଚଲ୍ୟ ନଷ୍ଟ ହୁଏ ଏବଂ ସେହି କାରଣରୁ ବୀର୍ଯ୍ୟର ଚାଞ୍ଚଲ୍ୟ ମଧ୍ୟ ପ୍ରଶମିତ ହୁଏ । ହଂସଯୋଗ ପ୍ରଦୀପିକା ରେ କୁହାଯାଇଛି ...

"ଚଲେ ବାତେ ଚଲଂ ଚିତ୍ତଂ
ନିଶ୍ଚଲେ ନିଶ୍ଚଲଂ ଭବେତ୍" ।

ଅର୍ଥାତ୍ "ବାୟୁ ଚଞ୍ଚଳ ହେଲେ ଚିତ୍ତ ଚଞ୍ଚଳ ହୁଏ, ବାୟୁ ସ୍ଥିର ହେଲେ ଚିତ୍ତ ସ୍ଥିର ହୁଏ" । ବୀର୍ଯ୍ୟକ୍ଷୟ ସହିତ ମାନସିକ ଚଞ୍ଚଳତାର ଏବଂ ବୀର୍ଯ୍ୟକ୍ଷୟ ନିରୋଧ ସହିତ ମନଃଚାଞ୍ଚଲ୍ୟ ନିରୋଧର ସମ୍ବନ୍ଧ ଅତି ଘନିଷ୍ଠ । ପ୍ରାଣବାୟୁ, ମନ ଓ

ବୀର୍ଯ୍ୟ, ଏ ତିନିଟି ଏକ ଅପରର ମୁଖାପେକ୍ଷୀ ହୋଇ ଚଳନ୍ତି ଅର୍ଥାତ୍ ଏକ ଅପରର ଗତି ଓ ସ୍ଥିତିକୁ ଅନୁସରଣ କରନ୍ତି । ଯାହାର ପ୍ରାଣବାୟୁ ଚଞ୍ଚଳ ତାର ମନ ଅବଶ୍ୟ ଚଞ୍ଚଳ ହେବ ଓ ସେ ବୀର୍ଯକ୍ଷୟପ୍ରବଣ ମଧ୍ୟ ହେବ ହିଁ ହେବ । ଯାହାର ମନ ଅସ୍ଥିର ତାର ବୀର୍ଯ୍ୟ ଅବଶ୍ୟ କ୍ଷୟ ପ୍ରବଣ ହେବ ଓ ତାର ପ୍ରାଣବାୟୁ ମଧ୍ୟ ଚଞ୍ଚଳ ହେବାକୁ ବାଧ୍ୟ । ସେହିପରି ଯାହାର ବୀର୍ଯ୍ୟ କ୍ଷୟିତ ହେଉଛି ତାର ମନ ଓ ପ୍ରାଣବାୟୁ ଚଞ୍ଚଳ ନ ହୋଇ ରହି ପାରିବେ ନାହିଁ । ଯୋଗୀମାନେ ଯେଉଁଦିନ ଏହି ତତ୍ତ୍ୱଟି ଆବିଷ୍କାର କଲେ ସେହି ଦିନଠାରୁ ଆଧ୍ୟାତ୍ମିକ ସାଧନ ରାଜ୍ୟର ଶତ ଶତ ରୁଦ୍ଧଦ୍ୱାରର କବାଟ ସତେ ଯେପରି ସେମାନଙ୍କ ସମ୍ମୁଖରେ ଏକାବେଳେ ଖୋଲିଗଲା । ନାନା ସମ୍ପ୍ରଦାୟ ନାନା ଉପାୟ ଅବଲମ୍ବନ କରି କେହି ବା ବୀର୍ଯ୍ୟର ସ୍ଥିରତା, କେହି ବା ମନର ସ୍ଥିରତା କେହି ବା ପ୍ରାଣବାୟୁର ସ୍ଥିରତା ସାଧନ କରି ପରମାର୍ଥ ସିଦ୍ଧ ହେବାକୁ ଲାଗିଲେ । କ୍ୱଚିତ୍ ଜଣେ ଅଧେ ଗଭୀର ପ୍ରତିଭାସମ୍ପନ୍ନ ବ୍ୟକ୍ତି ତିନିଟି ଯାକର ପରିପୂର୍ଣ୍ଣ ସାମଞ୍ଜସ୍ୟ କଲେ ।

ପ୍ରାଣାୟାମ ପଦ୍ଧତି ସମୂହର ଆବିଷ୍କାର

ଯେଉଁମାନେ ପ୍ରାଣବାୟୁର ସ୍ଥିରତା ସାଧନ କରି ତାକୁହିଁ ଅବଲମ୍ବନ କରି ପରମ କଲ୍ୟାଣ ଲାଭ କରିବାକୁ ଯତ୍ନବାନ ହେଲେ, ସେହିମାନେ ହିଁ ପ୍ରାଣାୟମର ଅଧିକାଂଶ କୌଶଳ ଆବିଷ୍କାର କରିଥିଲେ । କିନ୍ତୁ ଯେଉଁମାନେ ମନର ସ୍ଥିରତା ଦ୍ୱାରା ପରମ କଲ୍ୟାଣ ଲାଭ କରିବାକୁ ଚେଷ୍ଟିତ ହେଲେ, ପ୍ରାଣାୟାମର କେତେଗୁଡ଼ିଏ ଅତି ସୂକ୍ଷ୍ମ କୌଶଳ ସ୍ୱଭାବତଃ ହିଁ ସେମାନଙ୍କ ପାଖରେ ଧରାପଡ଼ିଗଲା । ଫଳତଃ ପ୍ରାଣାୟାମ ସାଧନାକୁ ନେଇ ପରସ୍ପର ବିରୋଧୀ ଦୁଇଟି ପୃଥକ୍ ଶ୍ରେଣୀ ସୃଷ୍ଟି ହେଲା । ଏକ ଶ୍ରେଣୀର ସାଧକମାନେ ପ୍ରାଣବାୟୁ ଉପରେ ନିଜର ଇଚ୍ଛାଶକ୍ତି ପ୍ରୟୋଗ କରି ତାକୁ ଯଥେଚ୍ଛା ପରିଚାଳନ ଓ ବିଧାରଣ କରିବାକୁ ଲାଗିଲେ ଏବଂ ଅନ୍ୟ ଶ୍ରେଣୀର ସାଧକମାନେ ଇଚ୍ଛାଶକ୍ତି କର୍ତ୍ତୃତ୍ୱରୁ ପ୍ରାଣବାୟୁକୁ ସମ୍ପୂର୍ଣ୍ଣ ମୁକ୍ତ ରଖି ଫଳ-କାମନା-ବିରହିତ ନିଃସ୍ପୃହ ମନକୁ ତା ଉପରେ ପ୍ରୟୋଗ କରିବାକୁ ଲାଗିଲେ । ଏହି ଦୁଇ ଶ୍ରେଣୀର ସାଧକମାନେ ପ୍ରାଣାୟାମକୁ ଦୁଇ ପ୍ରକାରେ ବ୍ୟାଖ୍ୟା କଲେ ।

ଉଭୟେ ସ୍ୱୀକାର କଲେ ଯେ - "ଶ୍ୱାସପ୍ରଶ୍ୱାସୟୋର୍ଗତି ବିଚ୍ଛେଦଃ ପ୍ରାଣାୟାମ" ଅର୍ଥାତ୍ ଶ୍ୱାସ ଓ ପ୍ରଶ୍ୱାସର ଗତି ବିଚ୍ଛେଦର ନାମ ପ୍ରାଣାୟାମ (ପାତଞ୍ଜଳୀ ଦର୍ଶନ), କିନ୍ତୁ "ଗତିବିଚ୍ଛେଦ" ବୋଇଲେ ସେମାନେ ଦୁଇ ପ୍ରକାର ବୁଝିଲେ । ଏକ ଶ୍ରେଣୀର ସାଧକମାନେ କହିଲେ - "ଗତି ବିଚ୍ଛେଦର ମାନେ ହେଉଛି ଇଚ୍ଛାଶକ୍ତି ପ୍ରୟୋଗ ଦ୍ୱାରା ଶ୍ୱାସ ପ୍ରଶ୍ୱାସର ସ୍ୱାଭାବିକ ଗତିକୁ ଭାଙ୍ଗିଦେଇ ସେ ଉଭୟଙ୍କୁ ନିୟମ ବିଶେଷର ଅଧୀନ କରିବା" । ଅନ୍ୟ ଶ୍ରେଣୀର ସାଧକମାନେ କହିଲେ- "ଗତିବିଚ୍ଛେଦ ବୋଇଲେ, ଶ୍ୱାସ ଗ୍ରହଣ ପରେ ପ୍ରଶ୍ୱାସ ତ୍ୟକ୍ତ ନ ହେଲେ ଓ ପ୍ରଶ୍ୱାସ ତ୍ୟାଗ ପରେ ଶ୍ୱାସ ଗୃହୀତ ନ ହେଲେ ପ୍ରାଣବାୟୁର ଯେଉଁ ସ୍ୱଭାବିକ ସ୍ଥିତି ପ୍ରତିଷ୍ଠିତ ହୁଏ ତାକୁ ହିଁ ବୁଝିବାକୁ ହେବ । ଫଳତଃ ପ୍ରଥମୋକ୍ତ ଶ୍ରେଣୀର ସାଧକମାନଙ୍କ ମତରେ କୁମ୍ଭକ ଶବ୍ଦର ଅର୍ଥ "ବଳ ପୂର୍ବକ ବାୟୁ ଧାରଣ" , ଦ୍ୱିତୀୟ ଶ୍ରେଣୀର ସାଧକମାନଙ୍କ ମତରେ କୁମ୍ଭକର ଅର୍ଥ ବିନା ଯତ୍ନରେ, ବିନା ଚେଷ୍ଟାରେ, ବିନା ଅବରୋଧରେ, ସ୍ୱାଭାବିକ କୌଶଳରେ ପ୍ରାଣବାୟୁର ସ୍ଥିରତା ସମ୍ପାଦନ" । କେହି କେହି ଉଭୟ ମତ ମଧ୍ୟରେ ସାମଞ୍ଜସ୍ୟ ବିଧାନ ଲାଗି ଚେଷ୍ଟା କଲେ ଏବଂ ସ୍ଥଳବିଶେଷରେ ପ୍ରଥମୋକ୍ତ ମତକୁ ଏବଂ ସ୍ଥଳବିଶେଷରେ ଶେଷୋକ୍ତ ମତକୁ ପ୍ରାଧାନ୍ୟ ଦେଇ ଉଭୟ ପ୍ରଣାଳୀର ସମ୍ମିଶ୍ରଣରେ ଏକ ବୈଚିତ୍ର୍ୟମୟ ପ୍ରାଣାୟାମ ପ୍ରଣାଳୀ ପ୍ରଚଳନ କଲେ ।

ପ୍ରାଣାୟାମର ସୁଫଳ ଓ କୁଫଳ

ପ୍ରାଣାୟାମ ସମ୍ପର୍କରେ ଏଭଳି ବହୁ ମତ ଥିବା ଯୋଗୁଁ ପ୍ରାଣାୟାମର ଉପକାରିତା ଓ ଅପକାରିତା ସମ୍ବନ୍ଧେ ସାଧାରଣଙ୍କ ମନରେ ବହୁ ପ୍ରକାର ଧାରଣା ମଧ୍ୟ ରହିଯାଇଛି । କିନ୍ତୁ ପ୍ରାଣାୟାମର ଶତସହସ୍ର ପ୍ରଣାଳୀ ମଧ୍ୟରୁ କୌଣସି ଗୋଟିଏ ପ୍ରଣାଳୀ ଯେତେବେଳେ ଆଉ ଗୋଟିଏ ପ୍ରଣାଳୀ ପରି ନୁହେଁ, ସେତେବେଳେ ପ୍ରାଣାୟାମର ଉପକାରୀତା ସମ୍ବନ୍ଧେ ସାଧାରଣ ଭାବରେ କୌଣସି ନିର୍ଦ୍ଦିଷ୍ଟ ମତ ପୋଷଣ କରିବା ସମୀଚୀନ ନୁହେଁ । ପ୍ରାଣାୟାମର ଏପରି ଅନେକ ପ୍ରଣାଳୀ ଅଛି ଯହିଁରେ ସାମାନ୍ୟ ଅନିୟମ ହେଲେ ଉନ୍ମାଦ, ଶ୍ୱାସକାଶ, ଉରୁକ୍ଷତ, ଯକ୍ଷ୍ମା ପ୍ରଭୃତି ସାଂଘାତିକ

ରୋଗ ଜନ୍ମିପାରେ । ଏପରି ଅନେକ ପ୍ରଣାଳୀ ଅଛି, ଯହିଁରେ ସାମାନ୍ୟ ଅନିୟମ ହେଲେ କ୍ଷତି ହୁଏନାହିଁ କିନ୍ତୁ ବେଶି ଅନିୟମ ହେଲେ କ୍ଷତି ଅବଶ୍ୟମ୍ଭାବୀ । ଆଉ ଏପରି ପ୍ରଣାଳୀ ମଧ୍ୟ ଅଛି ଯହିଁରେ ଯେତେ ଅନିୟମ ହେଲେ ବି ପ୍ରାଣାୟାମ କରୁ ନ ଥିବା ଲୋକ ସେହି ଅନିୟମ କଲେ ଯେତିକି କ୍ଷତିଗ୍ରସ୍ତ ହୁଅନ୍ତା ପ୍ରାଣାୟାମ ଅଭ୍ୟାସ କରୁଥିବା ଯୋଗୁଁ ତାଙ୍କର ଆଉ ଅଧିକ କ୍ଷତି ହେବ ନାହିଁ । ଏପରି ପ୍ରାଣାୟାମ ଅଛି ଯାହାକୁ ଅଭ୍ୟାସ କଲେ କ୍ଲେଶକର ପ୍ରତିକ୍ରିୟା ଆଶଙ୍କା କମ୍ ଏବଂ ସୁଫଳ ମଧ୍ୟ କମ୍ । ଏପରି ପ୍ରଣାୟାମ ଅଛି ଯହିଁରେ କଷ୍ଟ ଯଥେଷ୍ଟ, ପ୍ରତିକ୍ରିୟାର ଆଶଙ୍କା ଟିକିଏ ହେଲେନାହିଁ କିନ୍ତୁ ସୁଫଳ ନଗଣ୍ୟ । ଏଭଳି ପ୍ରାଣାୟାମ-ପ୍ରଣାଳୀ ଅଛି ଯହିଁରେ ପ୍ରତିକ୍ରିୟା କମ୍, ସୁଫଳ କମ ଓ କଷ୍ଟ ଯଥେଷ୍ଟ, ପ୍ରତିକ୍ରିୟାର ଆଶଙ୍କା ଟିକିଏ ହେଲେନାହିଁ କିନ୍ତୁ ସୁଫଳ କମ୍ ଓ କଷ୍ଟ ମଧ୍ୟ କମ୍ । ଏପରି ପ୍ରଣାୟାମ-ପ୍ରଣାଳୀ ଅଛି ଯହିଁରେ ପ୍ରତିକ୍ରିୟାର ଆଶଙ୍କା ନାହିଁ, କଷ୍ଟ ମଧ୍ୟ ନାହିଁ ଅଥଚ ସୁଫଳ ଅବର୍ଣ୍ଣନୀୟ । ମୋଟାମୋଟି ଭାବରେ କହିବାକୁ ଗଲେ ପ୍ରାଣାୟାମ ମାତ୍ରେ ହିତକାରୀ ବା ଅହିତକାରୀ ନୁହେଁ, ବିଭିନ୍ନ ପ୍ରଣାଳୀର ପ୍ରାଣାୟାମର କୌଶଳ ଓ ଫଳ ବିଭିନ୍ନ ।

ଉଦ୍ଦେଶ୍ୟ ଅନୁସାରେ ପ୍ରାଣାୟାମ ପ୍ରଣାଳୀ

ସାଧନର ଉଦ୍ଦେଶ୍ୟ ଦୃଷ୍ଟିରୁ ଓ ସାଧକ ଜୀବନର ଅବସ୍ଥା ପରିବର୍ତ୍ତନ ଦୃଷ୍ଟିରୁ ପ୍ରାଣାୟାମ ପ୍ରଣାଳୀର ପରିବର୍ତ୍ତନ ଆବଶ୍ୟକ ହୁଏ । ଯେଉଁ ଲୋକ ଦେହକୁ ଦୀର୍ଘସ୍ଥାୟୀ କରିବାକୁ ଚାହେଁ ଓ ଯେଉଁ ଲୋକ ଆତ୍ମାର ଶକ୍ତିକୁ ଜାଗ୍ରତ କରିବାକୁ ଚାହେଁ, ସେ ଦୁହିଁଙ୍କର ପ୍ରାଣାୟାମ ପ୍ରଣାଳୀ ଏକ ହୋଇ ନ ପାରେ । ପ୍ରଥମ ସାଧକ ଓ ପରବର୍ତ୍ତୀ ସାଧକଙ୍କର ପ୍ରଣାୟାମ ପ୍ରଣାଳୀ ସବୁ ସମୟରେ ଏକାପରି ନୁହେଁ । ଅନୁଭୂତି ରାଜ୍ୟରୁ ଯେ ଯେତେ ସୂକ୍ଷ୍ମ ସମ୍ପଦ ଆହରଣ କରିପାରିଛି, ତାର ପ୍ରାଣାୟାମ ପ୍ରଣାଳୀ ସେତିକି ସୂକ୍ଷ୍ମ ହେବ । ସନ୍ତାନ ଜନନ ବେଳେ ଦେହର ଆନ୍ଦୋଳନ ଅବଶ୍ୟମ୍ଭାବୀ । ତେଣୁ ସେ ଅବସ୍ଥାରେ ବଳସିଦ୍ଧ କୁମ୍ଭକଯୁକ୍ତ ପ୍ରାଣାୟାମ ଅତ୍ୟନ୍ତ ଦୁଃସାଧ୍ୟ ଏବଂ ସ୍ଥଳ ବିଶେଷରେ ତାହା ବିପଜ୍ଜନକ । ତା ଛଡ଼ା ଦେହ ଯେତେବେଳେ ଆନ୍ଦୋଳନଶୀଳ ସେତେବେଳେ ପ୍ରାଣବାୟୁର ଦ୍ରୁତତା ଅବଶ୍ୟମ୍ଭାବୀ । ତେଣୁ ସେ

ଅବସ୍ଥାରେ ପ୍ରାଣବାୟୁ ଉପରେ ଆଂଶିକ ବଳ ଓ ଇଚ୍ଛାଶକ୍ତିର ପ୍ରୟୋଗ ମଧ୍ୟ ଆବଶ୍ୟକ। ଅଧିକନ୍ତୁ, କାମଚର୍ଚ୍ଚା କଲାବେଳେ ଏକମାତ୍ର ପ୍ରାଣାୟାମ ମନକୁ ସାତ୍ତ୍ୱିକ ଭାବାପନ୍ନ ରଖିବାକୁ ସମ୍ୟକ ସମର୍ଥ ନୁହେଁ । ଏହି କାରଣରୁ ଗାର୍ହସ୍ଥ୍ୟ-ଯୋଗ ଅନୁଶୀଳନକାରୀ ଆମ ପୂର୍ବପୁରୁଷମାନେ ଚେଷ୍ଟାକୃତ କୁମ୍ଭକ-ବର୍ଜିତ ଧୀରମନ୍ଥର-ଶ୍ୱାସପ୍ରଶ୍ୱାସଯୁକ୍ତ ବିଶିଷ୍ଟ ପ୍ରାଣାୟାମ ସଙ୍ଗେ ସଙ୍ଗେ ଇଷ୍ଟନାମର ସାଧନା କରୁଥିଲେ ଏବଂ ଦୈହିକ ସଞ୍ଚାଳନକୁ ଉପଭୋଗ ଆଗ୍ରହର ଅନୁଗତ ନ କରି ପ୍ରାଣାୟାମର ଅନୁକୂଳ ଓ ମନ୍ତ୍ରାକ୍ଷରର ସମ୍ୟକ୍ ଅନୁଗତ ରଖୁଥିଲେ ।

ଜନନ ସମୟରେ ସ୍ମରଣୀୟ ମନ୍ତ୍ର

ଏ ସ୍ଥଳେ ପ୍ରଶ୍ନ ଉଠିପାରେ ଯେ ଜନନ ସମୟରେ କେଉଁ ମନ୍ତ୍ର ସେମାନେ ସ୍ମରଣ କରୁଥିଲେ ବା କେଉଁ ମନ୍ତ୍ରାକ୍ଷର ସହିତ କିଭଳି ସଙ୍ଗତି ରଖି ସେମାନେ ଦେହର ଆନ୍ଦୋଳନକୁ ପରିଚାଳନା କରୁଥିଲେ ? ଏ ବିଷୟରେ ବିଭିନ୍ନ ସାଧକ ସମ୍ପ୍ରଦାୟ ବିଭିନ୍ନ ରୀତି ଅନୁସରଣ କରୁଥିଲେ, ସେମାନଙ୍କର ଏହି ଗୁପ୍ତ ଜୀବନର ସଂଗୁପ୍ତତମ ତଥ୍ୟ ବାହାରେ ହୁଏତ ପ୍ରକାଶିତ ହୋଇନାହିଁ । ସମ୍ପ୍ରତି ଦୁଇଚାରିଜଣ ଦୁଃସାହସିକ ଅନୁସନ୍ଧିତ୍ସୁ ବାଉଲ ଶ୍ରେଣୀ ଭିତରେ ପଶି ଏ ଧରଣର କେତେକ ତଥ୍ୟ ପରିବେଶଣ କରିଛନ୍ତି । ତା'ଛଡ଼ା ପଲ୍ଲୀ ଅଞ୍ଚଳରେ ଶିଷ୍ୟସଂଗ୍ରହକାରୀ ଏକ ଶ୍ରେଣୀର ଧର୍ମାଚାର୍ଯ୍ୟମାନଙ୍କର ଗୁପ୍ତ କଥୋପକଥନରୁ ଏ ସମ୍ପର୍କରେ କିଛି ଆଭାସ ମିଳିଛି । ସେଥିରୁ ଜଣାଯାଏ ଯେ କୌଣସି କୌଣସି ସମ୍ପ୍ରଦାୟ ରମଣ ସମୟରେ ମଧ୍ୟ ଦୀକ୍ଷାପ୍ରାପ୍ତ ଇଷ୍ଟନାମକୁ ସ୍ମରଣ କରିବା ସର୍ବୋତ୍କୃଷ୍ଟ ପନ୍ଥା ବୋଲି ବିବେଚନା କରୁଥିଲେ । କେତେକ ଆଡ଼ମ୍ବରବହୁଳ ତାନ୍ତ୍ରିକ ସମାଜରେ ନାନା ଦୁର୍ବୋଧ ଓ ଅଜ୍ଞାତ-ଅର୍ଥ ମନ୍ତ୍ର ଉଚ୍ଚାରଣ କରିବାର ଉତ୍ସାହ ମଧ୍ୟ ପରିଲକ୍ଷିତ ହୁଏ । କିନ୍ତୁ ପରମେଶ୍ୱର ସ୍ମରଣ ଯେ ସମସ୍ତଙ୍କର ଉଦ୍ଦେଶ୍ୟ, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । **"ମହା ଯୋନ୍ୟୈ ନମୋସ୍ତୁତେ"** ବୋଲି କହି ଯେଉଁମାନେ କାରଣ ବାରି ସେବନପୂର୍ବକ ରମଣ କାର୍ଯ୍ୟରେ ରତ ହେଉଥିଲେ ସେମାନଙ୍କର ମାନସିକ ପ୍ରକ୍ରିୟା ଭିତରେ ମଧ୍ୟ ଏକ ତୀବ୍ର ଚେଷ୍ଟା ଲକ୍ଷ୍ୟ କରାଯାଏ ଯେ, ନାରୀଯୋନିକୁ

ଯେପରି କେବଳ ନାରୀଯୋନି ବୋଲି ମନେ କରା ନ ଯାଏ ଓ ଏହାକୁ ଯେପରି ଜଗଦ୍‌ଯୋନି ଜଗନ୍ମାତାଙ୍କ ସହିତ ଅଭିନ୍ନ ବୋଲି ଚିନ୍ତା କରାଯାଏ, ଯାହାଫଳରେ ନରପୁମଙ୍ଗଙ୍କୁ ଜଗତ୍‌-ସ୍ରଷ୍ଟାଙ୍କର ଅଭେଦ୍ୟ ପ୍ରତୀକ ବୋଲି ପ୍ରତୀତ ଓ ପ୍ରତ୍ୟୟ ଆସେ । ଅତଏବ୍ ମୂଳ ଲକ୍ଷ୍ୟ ଯେଉଁଠି ଈଶ୍ୱର-ପରାୟଣତା, ସେଠାରେ ଇଷ୍ଟମନ୍ତ୍ର ଯେ ସର୍ବାପେକ୍ଷା କୁଳୀନ ହେବ ଏପରି ଭାବିବା ଅସଙ୍ଗତ ବା ଅସ୍ୱାଭାବିକ ନୁହେଁ । ନିର୍ଦ୍ଦିଷ୍ଟ ଏକ ତତ୍ତ୍ୱରେ ମନଃସନ୍ନିବେଶନ ଏକ ସୂକ୍ଷ୍ମ ବ୍ୟାପାର ଓ ତା ତୁଳନାରେ ପ୍ରାଣାୟାମ ସ୍ଥୁଳତର । ପ୍ରଥମେ ଅଭ୍ୟାସ କଲାବେଳେ ଯୋନିମୁଦ୍ରା ପରସ୍ପରର ସହଯୋଗରେ କ୍ରମଶଃ ସ୍ଥୁଳତାବର୍ଜିତ ହୋଇ ସୂକ୍ଷ୍ମତ୍ୱ ଲାଭକରେ । ଦେହର ଅଭ୍ୟନ୍ତର ଆଡ଼କୁ ଗୁହ୍ୟଦ୍ୱାର ଆକର୍ଷଣପୂର୍ବକ ସେହି ସ୍ଥାନରେ ମନଃ ସନ୍ନିବେଶ କଲେ ସାଧନ-ସଞ୍ଜାତ ସୂକ୍ଷ୍ମ ଶ୍ରୁତିଶକ୍ତି ବଳରେ ଯେଉଁ ଗଭୀର ଓଁକାର ଧ୍ୱନି ଗୁହ୍ୟ ମୂଳରୁ ଆରମ୍ଭ କରି ମେରୁଦଣ୍ଡ ମଧ୍ୟ ଦେଇ ଭ୍ରୂମଧ୍ୟ ପର୍ଯ୍ୟନ୍ତ ଅବିରାମଶ୍ରୁତ ହୁଏ, ତାହାକୁ ହିଁ ଶ୍ରବଣ କରିବା ଚେଷ୍ଟାର ନାମ ହିଁ ଯୋନିମୁଦ୍ରା । ଯୋନିମୁଦ୍ରାଦ୍ୱାରା ସ୍ତ୍ରୀପୁରୁଷ ଉଭୟଙ୍କର ଉଦ୍ଦାମ ଲୈଙ୍ଗିକ ଉତ୍ତେଜନା ଅଳ୍ପ ସମୟ ମଧ୍ୟରେ ଅତି ଆଶ୍ଚର୍ଯ୍ୟଜନକ ଭାବରେ ଉପଶମିତ ହୋଇଯାଏ ।* ଫୁଂଜନନାଙ୍ଗରେ ବରଫ ମିଶା ଥଣ୍ଡା ପାଣି ଢାଳିଲେ ଯେଉଁ ଫଳ ନ ହୁଏ, ଅଳ୍ପ ସମୟ ଯୋନିମୁଦ୍ରା ଅଭ୍ୟାସ କଲେ ସେହି ଫଳ ମିଳେ । ଏହା ଅଭ୍ରାନ୍ତ ଓ ଅକାଟ୍ୟ ବୋଲି ଲକ୍ଷ ଲକ୍ଷ କ୍ଷେତ୍ରରେ ପରିକ୍ଷିତ ହୋଇଅଛି ।

ଯୋନିମୁଦ୍ରା

ଏହି କାରଣରୁ ଗୃହସ୍ଥ-ଯୋଗୀମାନେ ନିର୍ଦ୍ଦିଷ୍ଟ କେତେଥର ଦୈହିକ ସଂଚାଳନ ପରେ ବା ଅତ୍ୟଧିକ ଅନୁଭୁତିଶୀଳ ମୁହୂର୍ତ୍ତରେ ଦୈହିକ-କ୍ରିୟାରୁ ନିବୃତ୍ତ ହୋଇ ଯୋନିମୁଦ୍ରାଦ୍ୱାରା ଅଧଃଗତିତ ଚେତନା ଶକ୍ତିକୁ ଉର୍ଦ୍ଧ୍ୱକୁ ଆକର୍ଷଣ କରି

---

* ଯୋନିମୁଦ୍ରା କରିବା ଫଳରେ କାହିଁକି ଉତ୍ତେଜନା ପ୍ରଶମିତ ହୁଏ ତାର ବିସ୍ତାରିତ କାରଣ "ସଂଯମ ସାଧନା" ଗ୍ରନ୍ଥର ଚତୁର୍ଥ ପରିଚ୍ଛଦରେ ବର୍ଣ୍ଣିତ ହୋଇଛି ।

ନେଇ ଭ୍ରୂମଧ୍ୟରେ ସ୍ଥାପନ କରୁଥିଲେ । ଏହିପରି ଭାବରେ ନିଜ ସାମର୍ଥ୍ୟ ଅନୁସାରେ କ୍ଷୟାବରୋଧ କରିବା ଯେତେଥର ସମ୍ଭବ ତାହା କରିବାକୁ ଯତ୍ନବାନ ହୋଇ ଦୈହିକ ଚେଷ୍ଟାର ଯାବତୀୟ ଫଳାଫଳ ସମ୍ୟକ୍ ଭାବରେ ଶ୍ରୀ ଭାଗବାନଙ୍କ ହସ୍ତରେ ସେମାନେ ସମର୍ପଣ କରୁଥିଲେ । * ପୂର୍ବୋକ୍ତ ପ୍ରକ୍ରିୟାଗୁଡ଼ିକ ଅନୁଷ୍ଠାନ କଲାବେଳେ ସେମାନେ ଭୋଗବୁଦ୍ଧିକୁ ବର୍ଜନ କରୁଥିଲେ ଏବଂ ନିଜକୁ ପରମପ୍ରଭୁ ପ୍ରତିନିଧି ବୋଲି ଜ୍ଞାନକରି ଭକ୍ତିଯୁକ୍ତ ଚିତ୍ତରେ ଭୋଗଚର୍ଚ୍ଚାକୁ ତ୍ୟାଗର ଗରିମାରେ ମହାନ୍ ଓ ନିଷ୍କାମତାର ସୁଷମାରେ ସୁନ୍ଦର କରିବାକୁ ଚେଷ୍ଟିତ ହେଉଥିଲେ ।* *

---

* ରମଣୀର ସାନ୍ନିଧ୍ୟରେ ପୁରୁଷର ଓ ପୁରୁଷର ସାନ୍ନିଧ୍ୟରେ ରମଣୀର ମନରୁ ସବୁ ପ୍ରକାର ଉତ୍ତେଜନା ଓ ବିକାର ପ୍ରଶମିତ କରିବା ଲାଗି ଯୋନିମୁଦ୍ରା ଆବିଷ୍କୃତ ହୋଇଅଛି । ଏହି ହିସାବରେ କୁମାର, କୁମାରୀ ସଂଯମୀ-ଗୃହୀ ଓ ଗୃହିଣୀ ଯୋନିମୁଦ୍ରା ଅନୁଶୀଳନ କରିବାକୁ ଉପଦିଷ୍ଟ ହୋଇଥାନ୍ତି, କିନ୍ତୁ ରମଣକାଳୀନ ଯୋନିମୁଦ୍ରାର ବ୍ୟବହାର କିପରି ଫଳପ୍ରଦ, ସେ ସମ୍ପର୍କରେ କୌଣସି ସିଦ୍ଧାନ୍ତ ପ୍ରଦାନ କରିବା ଗ୍ରନ୍ଥକାର ପକ୍ଷରେ ଅସମ୍ଭବ । ସନ୍ତାନଜନନ ସମ୍ପର୍କୀୟ ଏହି ଅନୁଚ୍ଛେଦବର୍ଣ୍ଣିତ ବିଷୟଗୁଡ଼ିକ ସଂକ୍ରାନ୍ତରେ ବିଭିନ୍ନ ଗୃହସ୍ଥ-ଯୋଗୀବ୍ୟକ୍ତିଙ୍କର ବିଭିନ୍ନ ମତ ଥିବାର ଜଣାଇ ଦିଆଯାଇଛି । ସୁତରାଂ ପାଠକଙ୍କର ଅନୁସନ୍ଧିତ୍ସାକୁ ଇନ୍ଧନ ଯୋଗାଇବା ଉଦ୍ଦେଶ୍ୟରେ ହିଁ ଏହି ଅନୁଚ୍ଛେଦଟି ଲିଖିତ ହୋଇଛି ବୋଲି କୁହାଯାଇପାରେ । ଅପଚୟିତସାମର୍ଥ୍ୟ ବ୍ୟକ୍ତିର ପରିପୂର୍ଣ୍ଣ ସାମର୍ଥ୍ୟ ବିଧାନ ଲାଗି "ସନ୍ଦିପନୀ ମୁଦ୍ରା" ର ଉପଯୋଗିତା ବହୁ କ୍ଷେତ୍ରରେ ପ୍ରମାଣିତ ହୋଇଅଛି । ଏହି ପ୍ରସଙ୍ଗରେ "ସନ୍ଦିପନୀ ମୁଦ୍ରା"ର ବ୍ୟବହାର ମଧ୍ୟ ଉଲ୍ଲେଖଯୋଗ୍ୟ । "ସଂଯମ ସାଧନା" ଗ୍ରନ୍ଥ ଦ୍ରଷ୍ଟବ୍ୟ ।

** ବିଗତ ୩୮ ବର୍ଷ ହେଲା ତପସ୍ୟା-ମନୋବୃତ୍ତି ସମ୍ପନ୍ନ ଗୃହୀ ପାଠକବୃନ୍ଦ ଏହି ଗ୍ରନ୍ଥର ଛଅଟି ସଂସ୍କରଣ ବଙ୍ଗଭାଷାରେ ପାଠ କରିଛନ୍ତି । ସେହି ପାଠକମାନଙ୍କ ମଧ୍ୟରୁ କେହି କେହି ଏହି ଗ୍ରନ୍ଥ ଲିଖିତ ଇଙ୍ଗିତ ଗୁଡ଼ିକର ପ୍ରତ୍ୟକ୍ଷ ଅନୁଶୀଳନ କରି ତା ଉପରେ ପରୀକ୍ଷା ଚଳାଇଛନ୍ତି । ସେ ସବୁ ପରୀକ୍ଷଣ-ପ୍ରିୟ ଧୀର-ଚେତା ଗୃହସ୍ଥ ସାଧକମାନଙ୍କଠାରୁ ଯେଉଁ ସବୁ ପତ୍ର

ସନ୍ତାନ ଜନନ ପୁରୁଷକାରର ଆୟତ୍ତାଧୀନ

ଉପରେ ଯାହା କୁହାଗଲା ତହିଁରୁ ପ୍ରମାଣିତ ହେଲା ଯେ ସନ୍ତାନଜନନ ବ୍ୟାପାର କେତେକ ପରିମାଣରେ ପୁରୁଷକାରର ଆୟତ୍ତାଧୀନ ବୋଲି ଆମର ପୂର୍ବପୁରୁଷମାନେ ସ୍ୱୀକାର କରୁଥିଲେ । ଏ ଯୁଗର ଦମ୍ପତିମାନଙ୍କୁ ଆମେ ଏତିକି ମନେ ନ କରି ପୁରୁଷକାରର ଆୟତ୍ତାଧୀନ ବ୍ୟାପାର ବୋଲି ମନେ କରିବାକୁ ହେବ । ଯେଉଁ ସ୍ୱାମୀ ଓ ସ୍ତ୍ରୀମାନେ ସନ୍ତାନ ଜନ୍ମର ଗୂଢ଼ ରହସ୍ୟ ସମ୍ବନ୍ଧରେ ଅଜ୍ଞସେମାନଙ୍କ କ୍ଷେତ୍ରରେ ନବଜାତକର ଆବିର୍ଭାବ ବ୍ୟାପାରଟି ଦୈବର ଅଧୀନ ବୋଲି ସ୍ୱୀକାର କରାଯାଇ ପାରେ । କିନ୍ତୁ ଯେଉଁମାନେ ସବୁ ଜାଣନ୍ତି, ସବୁ ବୁଝନ୍ତି, ସେମାନଙ୍କର ସନ୍ତାନ-ଜନନ ଦୈବାଧୀନ ବ୍ୟାପାର ବୋଲି କାହିଁକି ସ୍ୱୀକାର କରାଯିବ ? ଦୁର୍ଭାଗ୍ୟବଶତଃ ଏ ଯୁଗର ବାଳକବାଳିକାମାନେ ବିବାହର ବହୁ ପୂର୍ବରୁ ଅପରିଣାମଦର୍ଶୀ ଲୋକଙ୍କର ଅପବିତ୍ର ମୁହଁରୁ ବିବାହିତ ଜୀବନରଗୂଢ଼ତମ ବିଷୟଗୁଡ଼ିକରେ ସବିସ୍ତାର ଅପବ୍ୟାଖ୍ୟା ଶୁଣିବା ଫଳରେ ଜନ୍ମ ରହସ୍ୟର ଯବନିକାକୁ ଦୂରକୁ ଘୁଞ୍ଚାଇ ଦେଇ ପାରିଛନ୍ତି । ଯାହା ପ୍ରାକୃତିକ ପ୍ରହେଳିକା ତାହା ଆଉ ସେମାନଙ୍କ ପକ୍ଷରେ ପ୍ରହେଳିକା ହୋଇନାହିଁ ଏବଂ ଗଭୀର ପରିତାପର

ଓ ବିଶ୍ଳେଷଣ ହସ୍ତଗତ ହୋଇଅଛି ତାହା ଏଡ଼େ ବିଚିତ୍ର ଯେ କୌଣସି କ୍ଷୁଦ୍ର ପରିସର ଗ୍ରନ୍ଥରେ ତାର ସମ୍ପାଦନ, ପରିବେଶଣ ବା ବର୍ଣ୍ଣନା ସମ୍ଭବ ନୁହେଁ । ଦ୍ୱିତୀୟତଃ ଏ ଧରଣର ଅନୁଶୀଳନର ଫଳ କାହା ଉପରେ କିପରି ବର୍ତ୍ତାଇଛି, ଶ୍ଳୀଳତା ରକ୍ଷା ଦୃଷ୍ଟିରୁ ତାହା ସାଧାରଣରେ ପ୍ରକାଶ କରିବା ସଙ୍ଗତ ନୁହେଁ । କିନ୍ତୁ ସବୁଗୁଡ଼ିକ ପରୀକ୍ଷା ମଧ୍ୟରେ ଏହି ଗୋଟିଏ ସତ୍ୟ ଧରା ପଡ଼ିଛି ବୋଲି ଆମେ ଅବଗତ ହୋଇଛୁ ଯେ ସ୍ୱାମୀ ଯେତେବେଳେ ନିଜର ପ୍ରୟୋଜନକୁ ଉପେକ୍ଷା ବା ଅପ୍ରଧାନ କରି ସ୍ତ୍ରୀର ଜନନାଙ୍ଗରେ ମନକୁ ବିଲକୁଲ ନ ବସାଇ ଯେତେ ଅଳ୍ପ ହେଲେ ବି କିଞ୍ଚିତ୍ ଉର୍ଦ୍ଧ୍ୱଦେଶରେ ବା ଅତ୍ୟଧିକ ଉର୍ଦ୍ଧ୍ୱଦେଶରେ ମନକୁ ସଂସ୍ଥାପିତ କରିଛନ୍ତି ସେତେବେଳେ ସେ ନିଜର ରତିସାମର୍ଥ୍ୟ ଓ ବୀର୍ଯ୍ୟବତ୍ତାର ଅକଳ୍ପନୀୟ ଅସାଧାରଣ ପରିଚୟ ପାଇଛନ୍ତି ।

ବିଷୟ ଯେ ତରଳ ଭାବରେ କଥିତ, ଶ୍ରୁତ ଓ ଆଲୋଚିତ ହେବା ଫଳରେ ଜଗତର ଏକ ଗଭୀରତମ ତତ୍ତ୍ୱ ତାର ଗୁରୁତ୍ୱରୁ ବଞ୍ଚିତ ଓ ଗାମ୍ଭୀର୍ଯ୍ୟରୁ ରିକ୍ତ ହୋଇ ଅବାଧ ଉଦ୍ଦାମ ଗତିରେ କାମ ପଥରେ ଅଗ୍ରସର ହେବାଲାଗି ମନୁଷ୍ୟର ବାତଗ୍ରସ୍ତ ଚରଣଦ୍ୱୟକୁ ନିୟତ ପ୍ରୋତ୍ସାହିତ କରୁଛି । ଏହାହିଁ ଯେତେବେଳେ ବାସ୍ତବ ଅବସ୍ଥା, ସେତେବେଳେ ସନ୍ତାନ ଆବିର୍ଭାବର କାରଣକୁ ଅତି-ବାର୍ଦ୍ଧକ୍ୟକାତର ଜରାଜୀର୍ଣ୍ଣ ବିଧାତା ପୁରୁଷର ଉପେକ୍ଷାଶୀର୍ଣ୍ଣ ଦୁର୍ବଳ ସ୍କନ୍ଧ ଉପରେ ନ୍ୟସ୍ତ ନ କରି ବିବାହିତକୁ ନିଜ ସ୍କନ୍ଧରେ ବହନ କରିବାକୁ ହେବ । ଜୀବନର ସବୁ ଅଂଶରୁ ଯଦି ଭଗବାନଙ୍କୁ ମନପ୍ରାଣ ଦେଇ ନିର୍ବାସିତ କରିଥାଅ ତେବେ ଆଜି ସନ୍ତାନ ଜନନ ଦାୟୀତ୍ୱକୁ ଚିର-ଉପେକ୍ଷିତ ଚିର ଅନାଦୃତ ଭଗବାନଙ୍କ କାନ୍ଧ ଉପରେ ଲଦି ଦେବାକୁ ଯାଅନାହିଁ । ଆଜି ତୁମ୍ଭମାନଙ୍କୁ ସ୍ୱୀକାର କରିବାକୁ ହେବ ଯେ ସନ୍ତାନ ଆବିର୍ଭାବ ପାଇଁ ତୁମର ପରୁଷକାର ହିଁ ଦାୟୀ ଏବଂ ପୁରୁଷକାର ପ୍ରୟୋଗର ଶୁଦ୍ଧତା ବା ଅଶୁଦ୍ଧତା ଉପରେ ସନ୍ତାନ ଜନ୍ମର ଶୁଦ୍ଧତା ବା ଅଶୁଦ୍ଧତା ନିର୍ଭର କରେ ।

ଜନନ କାଳୀନ ଦେହ ଓ ମନର ଅବସ୍ଥା

ଏ କଥା ହୃଦୟଙ୍ଗମ କରି ବିବାହିତ ପୁରୁଷ ଓ ନାରୀଙ୍କୁ ଅପରିସୀମ ଉତ୍ସାହ ସହକାରେ ଦୀର୍ଘ-ପ୍ରଯତ୍ନରେ ଏପରି ବିଶୁଦ୍ଧ ଚିନ୍ତା, ବିଶୁଦ୍ଧ ବାକ୍ୟ ଓ ବିଶୁଦ୍ଧ କର୍ମର ଅନୁଶୀଳନ କରିବାକୁ ହେବ ଯେପରି ସନ୍ତାନ-ଜନନ ମୁହୂର୍ତ୍ତରେ ସେମାନଙ୍କର ଦେହ ପ୍ରାକୃତିକ ନିୟମ ପାଳନ କଲେ ମଧ୍ୟ ହୃଦୟଟି ଅନାସକ୍ତ ପ୍ରେମରେ, ମନଟି ସନ୍ତାନର ଦିବ୍ୟ ସ୍ୱରୁପରେ ଓ ଆତ୍ମା ଅବିଚ୍ଛିନ୍ନ ଆତ୍ମସ୍ଥତାର ନିଷ୍ଠାରେ ଲଗ୍ନ ରହିପାରେ । ଏ କଥା ସତ୍ୟ ଯେ ସନ୍ତାନ-ଜନନ ସମ୍ପର୍କୀୟ ଦୈହିକ ବ୍ୟାପାରରେ ରତ ରହି ମନକୁ ଭୋଗ-ବୁଦ୍ଧିର ଅତୀତ କରି ରଖିବା ବା କାମସୁଖଲୁବ୍‌ଧତାରୁ ମୁକ୍ତରଖିବା ସହଜ କଥା ନୁହେଁ । କିନ୍ତୁ ଏହି ପ୍ରୟାସ ମଧ୍ୟରେ ନିଷ୍କାମତାର ପ୍ରଥମ ସଞ୍ଚାରଣ ଘଟାଇବା ଲାଗି ସ୍ୱାମୀ ପକ୍ଷରେ ପ୍ରକୃଷ୍ଟ ପନ୍ଥା ହେଉଛି ଆତ୍ମ-ସୁଖପ୍ରାପ୍ତି ଆଡୁ ମନକୁ ନିବର୍ତ୍ତାଇ ଆଣି ସଙ୍ଗୀନୀକୁ ପରିପୂର୍ଣ୍ଣ

ପରିତୃପ୍ତି ପ୍ରଦାନ ଲାଗି କାୟମନେ ଚେଷ୍ଟିତ ହେବା । ଏହି ବ୍ୟାପାରରେ ଦୈହିକ ଭାବରେ ସ୍ତ୍ରୀ ସମ୍ପୂର୍ଣ୍ଣରୂପେ ସ୍ୱାମୀର ଉଦ୍ୟମ ଉପରେ ନିର୍ଭରଶୀଳ ହୋଇଥିବାରୁ ତା ପକ୍ଷରେ ନିଷ୍କାମ ହେବା କେବଳ ମାନସିକ ଅଭ୍ୟାସ ସାପେକ୍ଷ । ପ୍ରଥମ ସଙ୍ଗମରେ ସନ୍ତାନ ଜନ୍ମିବା ଭଳି ଘଟଣା କର୍ଦ୍ଦମ ଋଷିଙ୍କ ତୁଲ୍ୟ ପତି ଓ ଦେବଦୂତି ତୁଲ୍ୟା ପତ୍ନୀ ବ୍ୟତୀତ ଅନ୍ୟ କ୍ଷେତ୍ରରେ କ୍ୱଚିତ୍ ଘଟିଥାଏ । ଅତଏବ୍ ପ୍ରାଥମିକ ସଙ୍ଗମଗୁଡ଼ିକରେ ଏ ବିଷୟରେ ବିଶେଷ ଲକ୍ଷ୍ୟ ରଖି ଚଳିବାକୁ ଚେଷ୍ଟା କଲେ କ୍ରମଶଃ ନିଷ୍କାମ ସଙ୍ଗମକୁ ଏକ ଅଭ୍ୟାସଗତ ସାଧାରଣ ବ୍ୟାପାରରେ ପରିଗଣିତ କରିବା ଅସମ୍ଭବ ବୋଲି ମନେ କରିବାର କୌଣସି କାରଣ ନାହିଁ । କହିବା ବାହୁଲ୍ୟ ଯେ ତାହାର ପରବର୍ତ୍ତୀ ଅବସ୍ଥାଟି ହିଁ ସଂପୂର୍ଣ୍ଣ ବ୍ରହ୍ମନିଷ୍ଠ ଭାବରେ ସନ୍ତାନ ଜନନ । ଦିନେ ଦୁଇଦିନ ସଂଯମ ସାଧନା କରି କେହି ସେ ପ୍ରକାରର ଉଚ୍ଚ ଅବସ୍ଥା ଲାଭ କରି ପାରେ ନାହିଁ କି ଲକ୍ଷ୍ୟହୀନ ଚେଷ୍ଟାଦ୍ୱାରା ସାଫଲ୍ୟ ଲାଭର ଆଶା କରାଯାଇ ପାରେ ନାହିଁ । ଚେଷ୍ଟାଟି ତୀବ୍ର ଓ କଠୋର ହେବା ଆବଶ୍ୟକ ଏବଂ ଚେଷ୍ଟା କଲା ବେଳେ ପ୍ରାକ୍ତନ କର୍ମ-ସଂସ୍କାର ହେତୁ ଥରେ ଅଧେ ପଦସ୍ଖଳନ ହେଲେ ସେଥିରେ ହତାଶ ବା ଆତ୍ମଶକ୍ତିରେ ଅବିଶ୍ୱାସୀ ନ ହୋଇ ଗଭୀରତର ଉତ୍ସାହ ସହକାରେ ପୁନର୍ବାର ଅଗ୍ରସର ହେବା ଆବଶ୍ୟକ । ଦାୟିତ୍ୱ ଓ କର୍ତ୍ତବ୍ୟର ପରିମାଣ ବୁଝିକରି ହେଉ ବା ନ ବୁଝି କରି ହେଉ ଯେଉଁମାନେ ଗାର୍ହସ୍ଥ୍ୟ ଆଶ୍ରମରେ ଥରେ ପ୍ରବେଶ କରିଛନ୍ତି ସେମାନେ କାପୁରୁଷ ପରି ପଳାୟନ-ପନ୍ଥୀ ନ ହୋଇ ସମସ୍ତ ପ୍ରକାର ସୀମାବଦ୍ଧତା ଓ ଜଟିଳତା ମଧ୍ୟ ଦେଇ ନିଜ ନିଜ ଜୀବନର ଧର୍ମ ଓ କର୍ମକୁ ବିକଶିତ କରିବା ଲାଗି ପ୍ରୟାସୀ ହେବା ବିଧେୟ ଏବଂ ନିଜ ନିଜ ସାଧନାଦ୍ୱାରା ସନ୍ତାନସନ୍ତତିଙ୍କର ଜନ୍ମକୁ କଲ୍ୟାଣବହ କରିବା ମଧ୍ୟ ବିଧେୟ । ଉନ୍ନତିଲିପ୍ସୁ ସ୍ୱାମୀ ପକ୍ଷରେ ଉପଯୁକ୍ତା ସ୍ତ୍ରୀ ବା ଉନ୍ନତିପ୍ରାର୍ଥିନୀ ସ୍ତ୍ରୀ ପକ୍ଷରେ ଉପଯୁକ୍ତ ସ୍ୱାମୀ ମିଳି ନ ପାରନ୍ତି, କିନ୍ତୁ ସେଥିରେ ତିଳେମାତ୍ର ନିରାଶ ନ ହୋଇ ତପଃସାଧନ ବଳରେ ସବୁ ବାଧାବିଘ୍ନକୁ ପଦଦଳିତ ଓ ଚୂର୍ଣ୍ଣଭୂତ କରିବାକୁ ହେବ । ଯୋଗ୍ୟ ସହିତ ଯୋଗ୍ୟାର ମିଳନ ବା ଯୋଗ୍ୟା ସହିତ ଯୋଗ୍ୟର ସମାଗମ ଚିରକାଳ ଏକ ଦୁର୍ଲ୍ଲଭ ବ୍ୟାପାର । ସର୍ବଦା ମଣି ସହିତ କାଞ୍ଚନର ସଂଯୋଗ ଘଟେ ନାହିଁ । କୋଷ୍ଠିବିଚାର

କରି ରାଜ-ଯୋଟକ ଦେଖି ଯେଉଁମାନଙ୍କର ମିଳନ ସମ୍ପାଦିତ ହେଲା ସେମାନଙ୍କର ପୂର୍ଣ୍ଣ ମିଳନ ଭିତରେ ଫାଙ୍କା ଯେ କେଉଁଠି ରହିଗଲା ସେ କଥା ବୁଝିବାର କ୍ଷମତା ବାହାର ଲୋକଙ୍କର ନ ଥାଏ । ଯେତେବେଳେ ଅ-ମିଳନ ଜନିତ ଅନ୍ତରର ଜ୍ୱାଳା ଏମାନଙ୍କୁ ଜାଳିପୋଡ଼ି ମାରୁଛି ସେତେବେଳେ ବାହାରର ଲୋକ ହୁଏତ ଏମାନଙ୍କୁ ଦେଖି ଭାବୁଛନ୍ତି- ଏମାନେ ସତେ କେଡ଼େ ସୁଖୀ । ପ୍ରାଗ୍‌ବୈବାହିକ ଘନିଷ୍ଠତା ସ୍ଥାପନ କରି ଜଣେ ଅନ୍ୟ ଜଣକୁ ଭଲ ଭାବରେ ଜାଣିଶୁଣି ବିବାହ କଲା ପରେ ମଧ୍ୟ ଦେଖାଯାଇଛି ଓ ଯାଉଛି ଯେ ଜଣେ ଆର ଜଣକର ଯୋଗ୍ୟ ନୁହେଁ, ଅନୁପୂରକ ନୁହେଁ, ପରିପୂରକ ନୁହେଁ, ବଳବିଧାୟକ ନୁହେଁ, ବିକାଶରେ ସହାୟକ ନୁହେଁ । ସେ କ୍ଷେତ୍ରରେ ଉପସ୍ଥିତ ମିଳନକୁ ବାତିଲ କରି ଦେଇ ନୂତନ ମିଳନକୁ ଆଇନ ସିଦ୍ଧ କରି ଦେବାର ବ୍ୟବସ୍ଥା ବର୍ତ୍ତମାନ ହୋଇଛି ସତ୍ୟ କିନ୍ତୁ ସେତେବେଳେ ମଧ୍ୟ ସେହି ପ୍ରଶ୍ନ ମନକୁ ଆସେ ଯେ ପୁରାତନ ପାଦୁକାକୁ ପରିତ୍ୟାଗ କରି ଯେ ନୂତନ ପାଦୁକା ଗ୍ରହଣ କଲା ତା ପାଦର ସେ ପୁରୁଣା ବ୍ୟଥାଟା ହୁଏତ କମିଗଲା କିନ୍ତୁ ପାଦର ଆଉ ଏକ ଯାଗାରେ ସେ ଯେ ଫୋଟକା ହେଲାପରି ଅନୁଭବ କରୁନାହିଁ ଏବଂ ନିତାନ୍ତ ନିରୁପାୟ ହୋଇ ସେହି ନୂଆ ବ୍ୟଥାଟାକୁ ସେ ଯେ ଜାଣିଶୁଣି ଗୋପନ କରିବାକୁ ଯାଉନାହିଁ ସେ କଥା ତୁମେ ଜାଣ କି ? ପତ୍ୟନ୍ତର ଗୃହୀତ ହୋଇପାରେ, ପତ୍ନୀ-ପରିବର୍ତ୍ତନ ସଂଘଟିତ ହୋଇପାରେ କିନ୍ତୁ ଯୋଗ୍ୟ-ଯୋଗ୍ୟାର ମିଳନ ଯେ ତଦ୍ୱାରା ସମ୍ପାଦିତ ହେବ, ତାର ସ୍ଥିରତା କଣ ? ତେଣୁ ବିବାହିତ ହେବା ପରେ ଜଣେ ଯେପରି ଅନ୍ୟ ଜଣକର ଉପଯୁକ୍ତ ହୋଇପାରେ ସେଥିପାଇଁ ଅକପଟ ସାଧନା ଚଳାଇବାକୁ ପଡ଼ିବ । ଯୌନ-ସୁଖକୁ ଗୌଣ ସ୍ଥାନ କରି ଅନ୍ୟ ଏକ ବୃହତ୍ତର ଓ ମହତ୍ତର ଲକ୍ଷ୍ୟକୁ ସମ୍ମୁଖରେ ରଖି ଚଳିବାକୁ ଚେଷ୍ଟା କଲେ ତଥାକଥିତ ଅଯୋଗ୍ୟ ଓ ଅଯୋଗ୍ୟାର ମିଳନରୁ ମଧ୍ୟ ଅକଳ୍ପନୀୟ ଶୁଭଫଳ ମିଳିପାରିବ ଏବଂ ସର୍ବତୋଭାବରେ ସେ ଦିଗରେ ଚେଷ୍ଟା କରିବାକୁ ହେବ । ଯେଉଁ ମନୁଷ୍ୟ ବିବାହିତ ଜୀବନକୁ ଇତର-ସୁଖ-ସର୍ବସ୍ୱ ବୋଲି ଏ ପର୍ଯ୍ୟନ୍ତ ଭାବି ଆସିଛି, ଭଗବତ୍-ସାଧନ ଶକ୍ତିରେ ଆଜି ତାକୁ କାମ-ଗନ୍ଧହୀନ ଭାବରେ କର୍ତ୍ତବ୍ୟବୁଦ୍ଧି-ପ୍ରଣୋଦିତ ପ୍ରୟାସଦ୍ୱାରା ଶୁଦ୍ଧ ମନୁଷ୍ୟ ଜନ୍ମଦାନ କରିବାକୁ ହେବ ।

ଏ ଯୋଗ୍ୟତା ଆମ ପୂର୍ବପୁରୁଷମାନଙ୍କ ମଧ୍ୟରୁ ଅନେକଙ୍କର ଥିଲା । ତେଣୁ ବର୍ତ୍ତମାନର ଗୃହୀଙ୍କ ପକ୍ଷରେ ସେ ଯୋଗ୍ୟତା ଲାଭ କରିବା ଅସାଧ୍ୟ ନୁହେଁ । ଭଗବତ୍‌ନିଷ୍ଠା ସବୁ ଅସାଧ୍ୟ ସାଧନ କରିପାରେ । ଭଗବତ ନିଷ୍ଠା ହିଁ ସନ୍ତାନଜନନକୁ କାମର କ୍ଳେଦ ଓ ଦୁର୍ଗନ୍ଧରୁ ମୁକ୍ତ କରିବ । ବିବାହିତ ଭାରତବାସୀ ଆଜି ଜାଗ୍ରତ ହୁଅନ୍ତୁ । ଜୀବସୁଲଭ ପଶୁପ୍ରବୃତ୍ତି ଉପରେ କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ସାମର୍ଥ୍ୟ ନିଜ ନିଜର ଦେବ-ସ୍ୱଭାବକୁ ଦାନ କରନ୍ତୁ । ପୃଥିବୀର ଅନ୍ୟ ଯେ କୌଣସି ଦେଶର ନରନାରୀଙ୍କ ଅପେକ୍ଷା ଭାରତବାସୀଙ୍କର ଏ ବିଷୟରେ ସାଂସ୍କୃତିକ ଅନୁକୂଳ୍ୟ ଅଧିକ ରହିଛି ।

ପାରସ୍ପରିକ ଆକର୍ଷଣର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ

ନାରୀ ପୁରୁଷଦ୍ୱାରା ଆକୃଷ୍ଟ ହେବ ଓ ପୁରୁଷ ନାରୀକୁ ପ୍ରବଳ ବେଗରେ ଭିଡ଼ି ଆଣି ବକ୍ଷ ସଂଲଗ୍ନ କରିବ, ଏହା ଈଶ୍ୱର ପ୍ରେରିତ ଏକ ଅତ୍ୟାଶ୍ଚର୍ଯ୍ୟ ରହସ୍ୟମୟ ବ୍ୟାପାର । ପଶୁପକ୍ଷୀମାନଙ୍କ ମଧ୍ୟରେ ମଧ୍ୟ ଏଭଳି ଆକର୍ଷଣ ରହିଛି ସତ୍ୟ କିନ୍ତୁ ଏହା ଏକ ପୁରୁଷ-ପଶୁକୁ ଏକ ସ୍ତ୍ରୀ ପଶୁ ସହିତ ଯାବଜ୍ଜୀବନ ଆବଦ୍ଧ କରି ରଖେ ନାହିଁ । ସ୍ଥଳ ବିଶେଷରେ ପକ୍ଷୀମାନଙ୍କ କ୍ଷେତ୍ରରେ ଥରକର ସଂସର୍ଗର ସମ୍ବନ୍ଧ ବହୁକାଳ ବ୍ୟାପୀ ସଂସର୍ଗର ସମ୍ବନ୍ଧରେ ରୂପାନ୍ତରିତ ହେଲେ ମଧ୍ୟ ମନୁଷ୍ୟ ତା ଅପେକ୍ଷା ଆହୁରି ବେଶୀ-ଦୂର ଅଗ୍ରସର ହୋଇଯାଇଛି । ମନୁଷ୍ୟ ଯାହାକୁ ପତି ବା ପତ୍ନୀରୂପେ ଗ୍ରହଣ କରେ ତାକୁ ଜନ୍ମଜନ୍ମାନ୍ତର ବ୍ୟାପୀ ପାଇବାକୁ ଚାହେଁ । ଉଭୟଙ୍କର ଶରୀର ଧ୍ୱଂସ ହେଲା ପରେ ବି ଉଭୟେ ଯେପରି ଏକ ରହିପାରନ୍ତି ସେଥିପାଇଁ ସେମାନେ ଆକୁଳ ପ୍ରାଣ ଓ ବ୍ୟାକୁଳ ହୃଦୟରେ ପ୍ରାର୍ଥନା କରନ୍ତି । ଏହାରି ଭିତରେ ଏକ ଅତିନ୍ଦ୍ରିୟ ପ୍ରେମର ଇଙ୍ଗିତ ଲୁକ୍‌କାୟିତ ରହିଛି ଯାହା ପଶୁପକ୍ଷୀ କଦାପି ଧାରଣା କରି ପାରିବେ ନାହିଁ । କିଏ କାହାକୁ ଆକର୍ଷଣ କରୁଛି । ଶରୀର କଣ ଶରୀରକୁ ଡାକୁଛି ? ରକ୍ତମାଂସ କଣ ରକ୍ତମାଂସକୁ ଟାଣୁଛି ? ତାହା ଯଦି ହୋଇଥାନ୍ତା ତେବେ ବାରମ୍ବାର ରକ୍ତମାଂସର ପିପାସା ମେଣ୍ଟିଲା ପରେ ପୁଣି ତୃଷ୍ଣା ଜାଗେ କାହିଁକି ? ଉଭୟଙ୍କ ଭିତରେ କିଏ ଏପରି ରହିଛି ଯେ କି ନିୟତ ଜଣକୁ ଅନ୍ୟ ଜଣକ ସହିତ ପୁନଃପୁନଃ ସନ୍ନିହିତ କରାଇ ଦେବା ଲାଗି ବ୍ୟଗ୍ର ? ଏହି

ବ୍ୟଗ୍ରତାର ହେତୁ ବା କଣ ? ପଶୁପକ୍ଷୀମାନେ କେବେହେଲେ ନିଜକୁ ଏ ପ୍ରଶ୍ନ ପଚାରି ନାହାନ୍ତି, ଖୁବ୍ ସମ୍ଭବତଃ ଭାରତ ବାହାରେ ଥିବା ନରନାରୀମାନେ ମଧ୍ୟ ନିଜ ନିଜକୁ ଏହି ଦୃଷ୍ଟିକୋଣରୁ ଦର୍ଶନ କରିବା ପାଇଁ କୌଣସି ପଦ୍ଧତିବଦ୍ଧ ଚେଷ୍ଟା କରି ନାହାନ୍ତି ଯଦିଓ ଏହି ପ୍ରଶ୍ନଟି କରି ପାରିବାର ଯୋଗ୍ୟତା ଉପରେ ହିଁ ସବୁ ପ୍ରାଣୀଙ୍କ ଉପରେ ମନୁଷ୍ୟର ଶ୍ରେଷ୍ଠତା ନିର୍ଭର କରେ । ମନୁଷ୍ୟର ଏହି ଯେଉଁ ଶ୍ରେଷ୍ଠତା, ସେଥିପ୍ରତି ଦୃଷ୍ଟି ରଖି ଯେଉଁ ନରନାରୀମାନେ ଚଳିବେ ସେମାନେ ହିଁ ବିଶ୍ୱର ଭାବୀ ସଭ୍ୟତାକୁ ଜନ୍ମଦାନ କରିବେ । ଭାରତର ପୃଷ୍ଠଦେଶରେ ସଦ୍‌ଗୁରୁଙ୍କର ଏହି ଯେଉଁ ପଂଝା ପଡ଼ିଛି ଜାଗ୍ରତ ଭାରତ ତାହା କଦାପି ଭୁଲିବ ନାହିଁ ।

ଆଦର୍ଶ ଦମ୍ପତିଙ୍କର କଣ କଣ ଆବଶ୍ୟକ

ଜୀବନ ସାଧନାରେ ସିଦ୍ଧିଲାଭ ପଥରେ ଅଗ୍ରସର ହେଲାବେଳେ ଆଦର୍ଶ ଦମ୍ପତିଙ୍କ ପକ୍ଷରେ ନିମ୍ନଲିଖିତ ଅନୁକୂଳ ଅବସ୍ଥାଚୟ ଏକାନ୍ତ ପ୍ରୟୋଜନ –

(କ) ପରସ୍ପର ମଧ୍ୟରେ ଅନୁରାଗ ଓ ସହାନୁଭୁତି ।

(ଖ) ଉଭୟଙ୍କର ବୟସର ନୈକଟ୍ୟ ।

(ଗ) ତୁଲ୍ୟବଂଶୀୟତା ।

(ଘ) ରୁଚିସାମ୍ୟ ।

(ଙ) ଏକ-ପ୍ରକୃତିକତା ।

(ଚ) ଉଭୟଙ୍କର ଏକଲକ୍ଷ୍ୟତା ।

(ଛ) ଉଭୟଙ୍କର ଏକ ସାଧନ ଧର୍ମ ।

(ଜ) ଏକ ପ୍ରତି ଅପରର ଶ୍ରଦ୍ଧା ।

(ଝ) ଜଣକର ସ୍ୱାଧୀନତା ପ୍ରତି ଅନ୍ୟ ଜଣଙ୍କର ସମ୍ମାନବୋଧ ।

(ଞ) ଆଧ୍ୟାତ୍ମିକ ଶକ୍ତିସାମ୍ୟ ।

ଉପରୋକ୍ତ ଅନୁକୂଳ ଅବସ୍ଥା ମଧ୍ୟରୁ ସବୁଗୁଡ଼ିଏ ଜୁଟିଲେ ବିବାହିତ ନରନାରୀଙ୍କ ଜୀବନରେ ଯଥାର୍ଥ ସୁଖ ଲଭ୍ୟ ହୋଇପାରେ ଏବଂ ସେମାନଙ୍କର ଜୀବନଦ୍ୱାରା ଦେଶ,ସମାଜ ଓ ଜଗତ ଉପକୃତ ହୋଇପାରେ । ଉଲ୍ଲିଖିତ

ବିଷୟଗୁଡ଼ିକ ସମ୍ବନ୍ଧରେ ସଂକ୍ଷେପରେ ତଳେ ଆଲୋଚନା କରାଗଲା ।

(କ) ପରସ୍ପର ମଧ୍ୟରେ ଅନୁରାଗ ଓ ସହାନୁଭୂତି : ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଗଭୀର ଅନୁରାଗର ଅଭାବ ଘଟିଲେ ସେମାନଙ୍କ ସନ୍ତାନର ମନ ଓ ମସ୍ତିଷ୍କର ଗଠନ ଭିତରେ ବହୁ ସ୍ୱତୋବିରୋଧିତା ସୃଷ୍ଟି ହୁଏ । ବିଶେଷତଃ ଦମ୍ପତିଙ୍କ ଗୃହୀଜୀବନ ସୁଖମୟ ହୁଏ ନାହିଁ । ଏହି କାରଣରୁ ଉଭୟଙ୍କର ଶତ ଦୋଶତୃଟୀ ଥିଲେ ମଧ୍ୟ ପରସ୍ପର ମଧ୍ୟରେ ସୁଗଭୀର ପ୍ରୀତି ଓ ଜଣକ ପ୍ରତି ଅନ୍ୟ ଜଣକର ସହାନୁଭୂତିର ସ୍ୱଳ୍ପତା ଯେପରି ନ ଘଟେ ସେଥିଲାଗି ଉଭୟଙ୍କୁ ଯତ୍ନବାନ ହେବାକୁ ହେବ । ସ୍ୱାମୀ ଯେ ସ୍ତ୍ରୀର ଓ ସ୍ତ୍ରୀ ଯେ ସ୍ୱାମୀର ଏକାନ୍ତ ଆପଣାର, ଏହି କଥାଟି ଦେହ ଦୃଷ୍ଟିରୁ ନ ବୁଝି ଆତ୍ମା ଦୃଷ୍ଟିରୁ ବୁଝିବାକୁ ହେବ ଏବଂ ଜଣକ ପାଇଁ ଅନ୍ୟ ଜଣକୁ ସ୍ୱାର୍ଥ ତ୍ୟାଗ ସକାଶେ ପ୍ରସ୍ତୁତ ରହିବାକୁ ପଡ଼ିବ । ଏହାହିଁ ହେଉଛି ଯଥାର୍ଥ ଅନୁରାଗ ସୃଷ୍ଟିର ମୁଳପିଣ୍ଡ । ଜଣେ ନିଜର ସର୍ବସ୍ୱ ଦେଇ ଅନ୍ୟ ଜଣକର ସର୍ବସ୍ୱ ପାଇବାର ଆକାଂକ୍ଷା ତାହା ଯେତେବେଳେ ଦେହର ଭାଷାରେ ରୁପାୟିତ ହୁଏ ସେତେବେଳେ ତାହା ହୁଏ ଦୈହିକ ରମଣ ବା ସ୍ୱାମୀସ୍ତ୍ରୀର ସହବାସ । କିନ୍ତୁ ସେଇଟା ଯେତେବେଳେ ଆତ୍ମାର ଭାଷାରେ ରୁପାୟିତ ହୁଏ ସେତେବେଳେ ତାହା ହୁଏ ସ୍ୱାମୀସ୍ତ୍ରୀର ପରିପୂର୍ଣ୍ଣ ଐକ୍ୟସ୍ଥାପନ । ସ୍ତ୍ରୀ ଯେତେବେଳେ ସ୍ୱାମୀକୁ ବା ସ୍ୱାମୀ ଯେତେବେଳେ ସ୍ତ୍ରୀକୁ ଏହି ସସୀମ ଦେହର ସଜ୍ଞାଦ୍ୱାରା ଆପଣାର ବୋଲି ଭାବିବାକୁ ଚେଷ୍ଟାକରେ ସେତେବେଳେ ଆଦାନ-ପ୍ରଦାନର ଜମାଖର୍ଚ୍ଚ ହିସାବ ଏତେ ପ୍ରଖର ହୁଏ ଯେ ଆପାତଦୃଷ୍ଟ ଐକ୍ୟ, ପ୍ରେମ, ସେବା, ସ୍ନେହ, ଅନୁରାଗ, ଓ ଆକୁଳତା ହଠାତ୍ ଦିନେ କାଚ ଚୂଡ଼ି ପରି ପଟ୍‌କରି ଭାଙ୍ଗିଯାଏ ଏବଂ କାହା ଜୀବନରେ କିଏ କେତେ ସୁଖ ଆଣି ଦେଇଛି ସେ କଥା ଭୁଲିଯାଇ କିଏ କାହାକୁ ବିବାହ କରିବାଦ୍ୱାରା କାହାର ସୁଖ ସମ୍ଭାବନା କେତେ ପରିମାଣରେ ହ୍ରାସ ପାଇଛି କେବଳ ସେହି କଥାହିଁ ପ୍ରତିଦିନ ମାନସପଟରେ ଜାଗ୍ରତହୁଏ । ସେତେବେଳେ ଜଣକ ପ୍ରତି ଅନ୍ୟ ଜଣକର ସହାନୁଭୂତି କମିଯାଏ । କିନ୍ତୁ ସ୍ୱାମୀ ସ୍ତ୍ରୀ ଯେତେବେଳେ ପରସ୍ପରକୁ ଆତ୍ମିକ ଦୃଷ୍ଟିରୁ ଭାବିବାକୁ , ବୁଝିବାକୁ ଓ ଜାଣିବାକୁ ଚେଷ୍ଟା କରନ୍ତି ସେତେବେଳେ ସେହି

ଅନୁଶୀଳନ ଦ୍ୱାରା ଅମୃତ-ପୟୋଧିରେ ଅବଗାହନ କରିବାର ପଥ ଉନ୍ମୁକ୍ତ ହୋଇଯାଏ । ଯେଉଁ ଜୀବନରେ ସୁଖ ଅଛି, ପ୍ରତିକ୍ରିୟା ନାହିଁ, ଦୁଃଖ ଅଛି, ହାହାକାର ନାହିଁ, ବିଘ୍ନ ଅଛି, ଅସହିଷ୍ଣୁତା ନାହିଁ,ଦାୟିତ୍ୱ ଅଛି, ଦୁର୍ବଳତା ନାହିଁ,ସଙ୍କଟ ଅଛି, ଗତିଚ୍ଛେଦ ନାହିଁ, ସଙ୍ଗୀତ ଅଛି, ଉଚ୍ଛ୍ୱାସ ନାହିଁ, ଚାପଲ୍ୟ ଅଛି, ଯତିଭଙ୍ଗ ନାହିଁ, ତାହାହିଁ ସାର୍ଥକ ବିବାହିତ ଜୀବନ, ତାହାହିଁ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ପ୍ରେମ । ଶ୍ରୀକୃଷ୍ଣ ନିଜ ସୁଖ ପାଇଁ ଶ୍ରୀରାଧାଙ୍କର ଅନୁରାଗୀ ନୁହନ୍ତି, ତାଙ୍କର ସମଗ୍ର ପ୍ରେମ କେବଳ ଶ୍ରୀରାଧାଙ୍କ ସୁଖ ପାଇଁ ଉଦ୍ଦିଷ୍ଟ । ଶ୍ରୀରାଧା ନିଜ ସୁଖ ପାଇଁ ଶ୍ରୀକୃଷ୍ଣଙ୍କର ଅନୁରାଗିଣୀ ନୁହଁନ୍ତି । ତାଙ୍କର ପ୍ରେମ ପାରିଧି ଏକମାତ୍ର ଶ୍ରୀକୃଷ୍ଣଙ୍କର ସୁଖ ପାଇଁ ହିଁ ଉଚ୍ଛୁଳି ଉଠେ । ପ୍ରତି ମନ୍ଦିରରେ ତ ରାଧାକୃଷ୍ଣଙ୍କର ପୂଜା ହେଉଅଛି, ଶିବପାର୍ବତୀଙ୍କର ପୂଜା ହେଉଅଛି, କିନ୍ତୁ ଘରେ ଘରେ ପ୍ରତ୍ୟେକ ସ୍ୱାମୀ ଓ ପ୍ରତ୍ୟେକ ସ୍ତ୍ରୀଙ୍କ ଭିତରେ ଯେଉଁ ରାଧାକୃଷ୍ଣ ଓ ଶିବପାର୍ବତୀ ଅନନ୍ତକାଳ ଅବଧି ଆତ୍ମପ୍ରକାଶ ଲାଗି ପ୍ରତୀକ୍ଷା କରି ରହିଛନ୍ତି, ସେ ଆଡ଼କୁ ତ କାହିଁ କେହି ଦୃଷ୍ଟି ଦେଉନାହାନ୍ତି ? ଦାମ୍ପତ୍ୟ ଜୀବନରେ ପାରସ୍ପରିକ ସହାନୁଭୂତିର ଅଭାବ ଏହାର ପ୍ରଧାନ କାରଣ । ସହାନୁଭୂତିର ଅଭାବ ହିଁ ସଂସାରର ସବୁ କଳହ ଓ ଅଶାନ୍ତି ସୃଷ୍ଟି କରେ ଏବଂ ଜଣକର ଆତ୍ମା ପ୍ରତି ଅନ୍ୟ ଜଣକର ମମତ୍ୱବୋଧର ଅଭାବ ହିଁ ସହାନୁଭୂତିହୀନତା ସୃଷ୍ଟି କରେ । ସ୍ୱାମୀ ଯଦି ସ୍ତ୍ରୀର ଦେହକୁ ବା ସ୍ତ୍ରୀ ଯଦି ସ୍ୱାମୀର ଦେହକୁ ହିଁ ଆପଣାର ଲୋକ ବୋଲି ମନେ କରେ ଓ ନିଜର ସମସ୍ତ ପ୍ରାପ୍ୟ ସେହି ଦେହଠାରୁ ଆଦାୟ କରିବାକୁ ବସେ, ତାହାହେଲେ ଯଥାର୍ଥ ମମତ୍ୱବୋଧର ଉନ୍ମେଷ ବାଧାପ୍ରାପ୍ତ ହୁଏ ଏବଂ ଏହି ଅସତ୍ୟ ମୂଳରୁହିଁ ଅନୁରାଗହୀନତା ଅଙ୍କୁରିତ ହୁଏ । ସ୍ୱାମୀର ଦେହାବସାନ ପରେ ଯେଉଁ ସ୍ତ୍ରୀ ତାର ଆତ୍ମାର ଅମୋଘ ସ୍ପର୍ଶ ଅନୁଭବ କରେ, ପତ୍ନୀ ପରଲୋକ ଗମନ ପରେ ମଧ୍ୟ ଯେଉଁ ସ୍ୱାମୀ ନିୟତ ତାକୁ ହୃଦୟ ମଧ୍ୟରେ ଧାରଣ କରେ, ସେହିମାନେ ଯଥାର୍ଥ ଭଲ ପାଇପାରି ଥିଲେ ବୋଲି ସ୍ୱୀକାର କରାଯିବ । ଅନ୍ୟମାନଙ୍କର ଭଲ ପାଇବା ପାଶବ ପ୍ରକୃତିର ମୋହାକର୍ଷଣ ମାତ୍ର । ଯେଉଁ ଭଲ ପାଇବା ଶକ୍ତିରେ ପୁରୁଷ ଓ ନାରୀ ପରସ୍ପର ପ୍ରତି ଦେହ, ମନ

ଓ ଆତ୍ମାରେ ଏକନିଷ୍ଠ ରହନ୍ତି, ଯେଉଁ ଭଲ ପାଇବାର ପ୍ରେରଣାରେ ଜଣକର ମଙ୍ଗଳ ପାଇଁ ଅନ୍ୟ ଜଣକ ଜୀବନ ଦାନ କରି ମଧ୍ୟ "କିଛି କରି ପାରିଲି ନାହିଁ" ବୋଲି ଆକ୍ଷେପ କରେ ସେହି ଅପାର୍ଥିବ ପ୍ରେମର ନିତ୍ୟବନ୍ଧନ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଆମେ ଦେଖିବାକୁ ଚାହୁଁ । ପୁରୁଷ ବା ନାରୀ ସମଗ୍ର ଜୀବନକାଳ ମଧ୍ୟରେ ଯେଉଁ ଭଲ ପାଇବାକୁ ଥରେ ହେଲେ ଅସ୍ୱିକାର କରିପାରନ୍ତି ନାହିଁ ଏବଂ ଯେଉଁ ଭଲ ପାଇବା ପାଇଲା ପରେ ଆଉ କିଛି ପାଇବା ପାଇଁ ଅନ୍ତରାତ୍ମା ଆକୁଳ ଅଧୀର ହୁଏନାହିଁ ସେହି ଭଲପାଇବା, ଭାରତୀୟ ଦମ୍ପତିଙ୍କ ଜୀବନରେ ପ୍ରତିଷ୍ଠିତ ହେବା ଆମେ ଦେଖିବାକୁ ଚାହୁଁ ।

(ଖ) ଉଭୟଙ୍କର ବୟସର ନୈକଟ୍ୟ : ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବନ୍ଧୁଭାବ ବର୍ଦ୍ଧନ ଲାଗି ସେମାନଙ୍କର ବୟସର ନୈକଟ୍ୟ ବାଞ୍ଛନୀୟ । ବୟସର ପାର୍ଥକ୍ୟ ଖୁବ୍ ବେଶୀ ଥିଲେ, ସଖ୍ୟଭାବ ସଞ୍ଚାର ବହୁତ ବିଳମ୍ବରେ ହୁଏ, କେଉଁଠି କେଉଁଠି ସଖ୍ୟଭାବ ଆଦୌ ସୃଷ୍ଟି ହୁଏନାହିଁ । ଏହି କାରଣରୁ ବର୍ଷୀୟାନ ସ୍ୱାମୀ ପକ୍ଷରେ ତରୁଣୀ ଭାର୍ଯ୍ୟାର ପାଣିଗ୍ରହଣ ସମାଜରୁ ଉଠିଯିବା ଆବଶ୍ୟକ । ଅଳ୍ପ ବୟସ୍କ ସ୍ୱାମୀ ଅଧିକ ବୟସ୍କା ପତ୍ନୀର ପାଣିଗ୍ରହଣ ବ୍ୟବସ୍ଥା ଇଉରୋପରେ ଯେପରି ଅବାଧ ଭାବରେ ଚଳୁଛି ଆମ ଦେଶରେ ସେପରି ନାହିଁ ।* ଭାରତବର୍ଷର କୌଣସି କୌଣସି ଅଞ୍ଚଳରେ ଅନୁନ୍ନତ ସମ୍ପ୍ରଦାୟଙ୍କ ମଧ୍ୟରେ ଏ ଧରଣର ବିବାହ ପ୍ରଚଳିତ ଥିଲେ ବି ଉନ୍ନତ ସମ୍ପ୍ରଦାୟଗୁଡ଼ିକ ଭିତରେ ଏହାର ପ୍ରଚଳନ ନାହିଁ । ବୟୋଧିକ୍ୟା ନାରୀକୁ ମାତୃତୁଲ୍ୟା ଜ୍ଞାନ କରିବା ଏ ଦେଶର ସଭ୍ୟତା ଓ ସଂସ୍କୃତିରଏକ ସାଧାରଣ ବିଶେଷତ୍ୱ । ଅବଶ୍ୟ ନବ୍ୟଶିକ୍ଷିତମାନଙ୍କ ଭିତରୁ ଯେଉଁମାନେ ଯୌନ ଆକର୍ଷଣ ଭିତ୍ତି ଉପରେ ବିବାହକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟିତ, ସେମାନଙ୍କ ଭିତରେ ବୟଃକନିଷ୍ଠ ସ୍ୱାମୀର ବୟୋଜ୍ୟେଷ୍ଠା ପତ୍ନୀର

*** ପୌତ୍ର ବୟସୀ ବର ପିତାମହୀ ବୟସୀ କନ୍ୟାକୁ ବିବାହ କରିବା ଖବର ମଝିରେ ମଝିରେ ଆମେରିକାରୁ ମିଳିଥାଏ, କିନ୍ତୁ ଏ ସବୁ ଦୃଷ୍ଟାନ୍ତ ସେ ଦେଶରେ ମଧ୍ୟ ସମାଦୃତ ବୋଲି ମନେ ହୁଏ ନାହିଁ ।**

ପାଣିଗ୍ରହଣ ଭଳି ବିରଳ ଦୃଷ୍ଟାନ୍ତ କେବେ କେମିତି ଦେଖିବାକୁ ମିଳିଥାଏ । କିନ୍ତୁ ସେ ଭଳି ଦୃଷ୍ଟାନ୍ତର ବହୁଳ ଅନୁସରଣ ଦ୍ୱାରା ଦେଶର କଲ୍ୟାଣ ହେବ ନାହିଁ । ବୃଦ୍ଧର ତରୁଣୀ ଭାର୍ଯ୍ୟା ଗ୍ରହଣ ଆମ ଦେଶର ଏକ ଜାତୀୟ କଳଙ୍କ ରୂପେ ଗଣ୍ୟ ହେଉଛି । କୁହାଯାଏ ଯେ ପ୍ରଥମାପତ୍ନୀ-ଜାତ ଅପୋଗଣ୍ଡ ଶିଶୁମାନଙ୍କର ଅକାଳମୃତ୍ୟୁ ନିବାରଣକଳ୍ପେ ବର୍ଷୀୟାନ ନରଶାର୍ଦ୍ଦୁଳ କୁଆଡ଼େ ଧର୍ମବୁଦ୍ଧି ପ୍ରଣୋଦିତ ହୋଇ ଦ୍ୱିତୀୟବାର ଏକ ଦୁଗ୍ଧପୋଷ୍ୟା ବାଳିକା ପତ୍ନୀ ସଂଗ୍ରହ କରେ । ସନ୍ତାନ ପ୍ରତି ନିରତିଶୟ ଦରଦ ଯୋଗୁଁ ଏମାନେ ନିଜର ଆତ୍ମୀୟମାନଙ୍କ ଉପରେ ଶିଶୁ ପାଳନ ଦାୟିତ୍ୱ ନ୍ୟସ୍ତ କରିପାରନ୍ତି ନାହିଁ କିମ୍ବା ବିବାହ ଇଚ୍ଛୁକନିଃସନ୍ତାନା ଅନାଥା ବିଧବାର ପାଣିଗ୍ରହଣ କରିବା ଭଳି ସତ୍‌ସାହସ ଓ ନ୍ୟାୟ ବିଚାରର ପରିଚୟ ଦେବାକୁ ବି ସେମାନେ ଆଗଭର ହୁଅନ୍ତି ନାହିଁ । ଦେଶ, ସମାଜ ଓ କାଳର ଗତି ପ୍ରତି ଦୃଷ୍ଟି ଦେଇ ବିଚାର କଲେ ଅନେକ କ୍ଷେତ୍ରରେ ବିଧବାର ପୁନର୍ବିବାହର ପ୍ରୟୋଜନୀୟତା ରହିଛି । ମୃତଦାର ପୁରୁଷମାନେ ବିଧବା ବିବାହ ଲାଗି ଅନିଚ୍ଛୁକ ନ ହେଲେ ସେହି ବିଧବାମାନେ ଅକ୍ଳେଶରେ ପତି ପାଇ ପାରନ୍ତେ ଓ ତା ଫଳର ବିଧବା ଜୀବନ-ଘଟିତ କେତେକ ସାମାଜିକ ସମସ୍ୟାର ଆଶୁ ଓ ସ୍ୱାଭାବିକ ସମାଧାନ ମଧ୍ୟ ହୋଇଯାଇ ପାରନ୍ତା । ବିପତ୍ନୀକ ବ୍ୟକ୍ତି ବିଧବା ବିବାହ କଲେ ଉଭୟଙ୍କ ମିଳନର ପରବର୍ତ୍ତୀ ପ୍ରଥମ ଅଧ୍ୟାୟର ଉଚ୍ଛ୍ୱାସପୂର୍ଣ୍ଣ ଜୀବନ ମଧ୍ୟରେ ଏକ ସ୍ୱଭାବିକ ସାମଞ୍ଜସ୍ୟ ରହିବା ସମ୍ଭବ ଯାହାକି କୁମାରୀ କନ୍ୟା ସହିତ ବିପତ୍ନୀକର ବିବାହ ହେଲେ ସମ୍ଭବ ନୁହେଁ । କୁମାରୀ କନ୍ୟା ବିପତ୍ନୀକକୁ ବିବାହ କଲେ, ମୁହଁ ଖୋଲି କହୁ ବା ନ କହୁ ନୈତିକ ଦୃଷ୍ଟିରେ ସେ ସ୍ୱାମୀଙ୍କୁ ନିଜର ଅଜ୍ଞାତସାରରେ ଟିକିଏ ଯେପରି ହେୟ କରି ଦେଖେ, ଏହାପୂର୍ଣ୍ଣ ମନୋମିଳନ ପଥରେ ଅନ୍ତରାୟ ସୃଷ୍ଟି କରେ । ସନ୍ତାନହୀନା ବିଧବା ବିପତ୍ନୀକକୁ ବିବାହ କଲେ ସେ ସପତ୍ନୀର ସନ୍ତାନମାନଙ୍କୁ ଯେତେ ସହଜରେ ଆପଣାର କରିପାରେ କୁମାରୀ କନ୍ୟା ତାହା କରିପାରେ ନାହିଁ । କୁମାରୀ କନ୍ୟା ବିବାହ କଲାପରେ ସେ ସଂସାରରେ ସବୁ କିଛି ନୂଆ ଦେଖିବାକୁ ଚାହେଁ । ତେଣୁ ପୂର୍ବ ବିବାହର ଜୀର୍ଣ୍ଣ ଭଗ୍ନାବଶେଷଗୁଡ଼ିକ ତା ଭିତରେ ଏକ ମନସ୍ତାତ୍ତ୍ୱିକ ବିରୋଧ

ସୃଷ୍ଟି କରେ । ଏହି ସବୁ କଥା ବିଚାର କଲେ ବିପତ୍ନୀକର ପୁନର୍ବିବାହ ଯଦି ପ୍ରୟୋଜନ ହୁଏ ତେବେ କୌଣସି ବିଧବାର ପାଣିଗ୍ରହଣ ତା ପକ୍ଷରେ ସଙ୍ଗତ କାର୍ଯ୍ୟ ହେବ । କିନ୍ତୁ ଅନାଘ୍ରାତ ପୁଷ୍ପ ପାଇଁ ପୁରୁଷମାନେ ଉଦ୍‌ଗ୍ରୀବ ହୋଇ ରହନ୍ତି, ଥରେ ହେଲେ ଭାବନ୍ତି ନାହିଁ ଯେ ନବବିବାହିତା କୁମାରୀ ପତ୍ନୀ ଯଦି ଆସି ପଚାରେ "ହେ ସ୍ୱାମୀ, ଏହା ପୂର୍ବରୁ ତୁମେ ତ ଅପର ନାରୀର ଉଚ୍ଛିଷ୍ଟ ହୋଇ ସାରିଛ, ତୁମେ କିପରି ମୋ ପକ୍ଷରେ ଗ୍ରହଣ ଯୋଗ୍ୟ ହେବ", ଏ ପ୍ରଶ୍ନର କି ଜବାବ ସେ ଦେବାକୁ ସମର୍ଥ ହେବେ ? ନାରୀ ଜାତିର ଶିକ୍ଷା ଓ ସ୍ୱାଧୀନତାର ଅଭାବ ଯୋଗୁଁ ଏହି ଶ୍ରେଣୀର ପୁରୁଷମାନ ନିରଙ୍କୁଶ ଭାବରେ କୁମାରୀ କନ୍ୟାର ପାଣିଗ୍ରହଣ ଇଚ୍ଛାକୁ ଚରିତାର୍ଥ କରି ପାରୁଛନ୍ତି । ବିପତ୍ନୀକ ପୁରୁଷ କୁମାରୀ କନ୍ୟାର ପାଣିଗ୍ରହଣ କରିବା ଭଳି ନିର୍ଲ୍ଲଜ ଓ ନିଃଶଙ୍କ ଅବସ୍ଥା ପାଇଁ ସମାଜ ଓ ସମାଜପତିମାନେ ହିଁ ଦାୟୀ । ସମାଜ ଦୃଷ୍ଟିରେ ପୁରୁଷ ଓ ନାରୀର ନୈତିକତାର ମାନଦଣ୍ଡ ଏକ ନୁହେଁ । ପୁରୁଷ ବହୁ ନାରୀ ବିବାହ କଲେ ଅପବିତ୍ର ହୁଏ ନାହିଁ କିନ୍ତୁ ନାରୀର ବହୁପତି ଥିଲେ ଦ୍ରୌପଦୀଙ୍କର ନଜିର ଦେଖାଇଲେ ବି ତାର ନିସ୍ତାର ନାହିଁ । ବିଧବାର ପୁନର୍ବିବାହ ଦୋଷାବହ ବୋଲି ଗଣ୍ୟ ହଏ, କିନ୍ତୁ ବିପତ୍ନୀକର ପୁନର୍ବିବାହ ଦୋଷାବହ ବୋଲି ବିବେଚିତ ହୁଏ ନାହିଁ । ନୈତିକ ବିଚାରର ମାନଦଣ୍ଡ ବିଭିନ୍ନ ଥିବାରୁ ହିଁ ପୁରୁଷ ଏ ବ୍ୟାପାରରେ ନିଃଶଙ୍କ ହେବାକୁ ସାହସୀ ହୋଇଛି । ତାହା ହୋଇ ନଥିଲେ ବିପତ୍ନୀକ ପକ୍ଷରେ ବିଧବା ବିବାହ ହିଁ ଏକମାତ୍ର ସଙ୍ଗତ ବ୍ୟବସ୍ଥା ରୂପେ ପରିଗଣିତ ହୋଇଥାନ୍ତା । ଆମ ଦେଶରେ ସ୍ତ୍ରୀ-ସ୍ୱାଧୀନତା ସ୍ୱଳ୍ପ ବୋଲି ଏ ସମ୍ପର୍କରେ ପୁରୁଷର ପ୍ରବର୍ତ୍ତିତ ବ୍ୟବସ୍ଥା ସମ୍ମୁଖରେ ନାରୀ ନିସହାୟା । ଅନ୍ୟ ଦିଗରେ ଦେଖିବାକୁ ଗଲେ ଇଉରୋପରେ ନାରୀର ଅବାଧ ସ୍ୱାଧୀନତା ସତ୍ତ୍ୱେ ବି ନାନା କାରଣରୁ ସେ ଦେଶରୁ ମଧ୍ୟ "ବୃଦ୍ଧସ୍ୟ ତରୁଣୀଭାର୍ଯ୍ୟା" ନିର୍ବାସିତ ହୋଇପାରି ନାହିଁ । ଫଳତଃ ବିବାହିତ ଓ ବିବାହିତାଙ୍କ ମଧ୍ୟରେ ବୟଃପାର୍ଥକ୍ୟ ଦମ୍ପତିଙ୍କ ମନୋମିଳନ ପଥରେ ଏକ ବିରାଟ ପ୍ରାକୃତିକ ବିଘ୍ନ ରୂପେ ରହି ଆସିଛି । ତେବେ ବୃଦ୍ଧର ତରୁଣୀ ଭାର୍ଯ୍ୟା ଗ୍ରହଣ ଅପେକ୍ଷା ତରୁଣର ବୃଦ୍ଧାଭାର୍ଯ୍ୟା ଗ୍ରହଣ ସଖ୍ୟଭାବ

ସଞ୍ଚାର ଦୃଷ୍ଟିରୁ ଅଧିକତର ନିରର୍ଥକ ଓ ବିଡ଼ମ୍ବନାପୂର୍ଣ୍ଣ । ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଖାଲି ଯେ ସଖ୍ୟଭାବ ଥିବା ପ୍ରୟୋଜନ ତାହା ନୁହେଁ, ସେମାନଙ୍କର ସମ୍ପର୍କ ଅନେକ ପରିମାଣରେ ଗୁରୁ ଓ ଶିଶ୍ୟାର ସମ୍ପର୍କ ଭଳି । ସାଧାରଣତଃ ପୁରୁଷପ୍ରକୃତି ନାରୀ ସାହଚର୍ଯ୍ୟରେ ନିଜର ମାଧୁର୍ଯ୍ୟ ଦିଗଟାକୁ ପରିପୁର୍ଣ୍ଣ କରି ନେବାକୁ ଚାହେଁ । ସ୍ୱଭାବ-ସୃଷ୍ଟ ଏହି ଅନ୍ତଃପ୍ରେରଣା ତାର ସ୍ୱଧର୍ମ ଅନୁସରଣ କରି କୃତାର୍ଥ ହେବା ଲାଗି ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବୟସର ନୈକଟ୍ୟ ଥିବା ସଙ୍ଗେସଙ୍ଗେ ପତ୍ନୀର ବୟସ ସ୍ୱାମୀର ବୟସ ଅପେକ୍ଷା ପାଞ୍ଚ ସାତ ବର୍ଷ କମ୍ ହେବା ଆବଶ୍ୟକ । ଇଉରୋପର ଜନସାଧାରଣଙ୍କ ମନରେ ଏକ ବଦ୍ଧମୂଳ ଧାରଣା ରହିଛି ଯେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଯେଉଁଠି ବୟସର ନୈକଟ୍ୟ ଅତ୍ୟଧିକ ସେଠାରେ ବେଶି ସଂଖ୍ୟାରେ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରନ୍ତି ଓ ଯେଉଁଠି ସ୍ୱାମୀର ବୟସ ସ୍ତ୍ରୀର ବୟସ ଅପେକ୍ଷା ଖୁବ୍‌ବେଶି ସେଠାରେ ସାଧରଣତଃ ପୁତ୍ରସନ୍ତାନ ଜନ୍ମ ହୁଅନ୍ତି । ଏ ସଂକ୍ରାନ୍ତରେ ସଂଗୃହୀତ ତଥ୍ୟ (Statistics) ରୁ ଏ ଧାରଣାର ସତ୍ୟାସତ୍ୟ ଏ ପର୍ଯ୍ୟନ୍ତ ନିର୍ଣ୍ଣୟ କରିବା ସମ୍ଭବପର ହୋଇନାହିଁ । ସମ୍ଭବତଃ ସ୍ୱାମୀର ବୟଃଆଧିକ୍ୟ ପୁତ୍ରସନ୍ତାନ ଜନନ ଲାଗି ଏକମାତ୍ର କାରଣ ନ ହୋଇ ଅନ୍ୟତମ କାରଣ ହୋଇପାରେ । ଇଉରୋପ ସର୍ବଜନ-ପ୍ରଚଳିତ ଏକ ଧାରଣା ସହିତ ଭାରତୀୟ ବ୍ୟବସ୍ଥାର ମେଳକ ଥିବା ଯୋଗୁଁ ଏଭଳି ମନେ କରିବା ସଙ୍ଗତ ଯେ, ଭାବୀ ବଂଶଧରଙ୍କ କଲ୍ୟାଣ ଦୃଷ୍ଟିରୁ ସ୍ୱାମୀର ବୟସ ସ୍ତ୍ରୀର ବୟସ ଅପେକ୍ଷା କିଛି ବେଶି ହେବା ଆବଶ୍ୟକ ଷୋଳରୁ ଅଠର ବର୍ଷ ବୟସ ମଧ୍ୟରେ ନାରୀର ଓ ଚବିଶ ବର୍ଷ ବୟସରେ ପୁରୁଷର, ବିବାହ ହେବାର ଆମେ ପକ୍ଷପାତୀ ଏବଂ ବିବାହ ପୂର୍ବରୁ ଉଭୟେ ପ୍ରଚଣ୍ଡ ଦୈହିକଶକ୍ତି ଓ ସାଧନ-ସାମର୍ଥ୍ୟ ଲାଭ କରି ବିବାହିତ ଜୀବନକୁ ଯେପରି ଶୁଭମୟ, କର୍ମଠ ଓ ଆନନ୍ଦୋଜ୍ଜ୍ୱଳ କରି ପାରିବେ, ସେଥିପାଇଁ ସୁବ୍ୟବସ୍ଥା କରିବାରେ ଅନୁରାଗୀ । କିନ୍ତୁ ବର୍ତ୍ତମାନ ସମୟରେ ଦେଶରେ ସ୍ତ୍ରୀଶିକ୍ଷାର ପ୍ରୟୋଜନୀୟତା ଓ ଜଟିଳତା ଉଭୟେ ବୃଦ୍ଧିପ୍ରାପ୍ତ ହୋଇଛି । ଏବେ ଖାଲି ସ୍ୱାମୀର ରୋଜଗାରରେ ଘରସଂସାର ଚଳାଇବା ସମ୍ଭବ ନୁହେଁ। ସ୍ତ୍ରୀ ମଧ୍ୟ କିଛି ରୋଜଗାର କରିବା ପ୍ରୟୋଜନ।

ଆଜିକାଲି ଖାଲି ସ୍କୁଲରେ ପାଠପଢ଼ି ପୁଅଝିଅମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହଜ କଥା ନୁହେଁ । ଯେଉଁ ପରିବାର ଗୃହଶିକ୍ଷକ ରଖିବାକୁ ଅକ୍ଷମ ସେ କ୍ଷେତ୍ରରେ ମାତାକୁ ମଧ୍ୟ ପିଲାଙ୍କ ବହିପତ୍ର ନେଇ ଘାଣ୍ଟିବାକୁ ହୁଏ । ଆଜିକାଲି ଖାଲି ସ୍ୱାସ୍ଥ୍ୟୋଜ୍ଜ୍ୱଳ ସୁନ୍ଦର ଚେହେରା ଦେଖି ବରପକ୍ଷ କନ୍ୟା ନିର୍ବାଚନ କରନ୍ତି ନାହିଁ, କି କି କାର୍ଯ୍ୟକାରୀ ବା ଅକାର୍ଯ୍ୟକାରୀ ବିଦ୍ୟା କନ୍ୟା ଆୟତ୍ତ କରିଛି ତାର ସାର୍ଟିଫିକେଟ ମଧ୍ୟ ଦେଖାଇବାକୁ ପଡ଼େ । ଫଳତଃ ପାଠୋଇ ଝିଅମାନଙ୍କର ବୟସ କୋଡ଼ିଏ ବାଇଶିକୁ ଟପିଯାଏ । ତେଣୁ ଅଠର କୋଡ଼ିଏ ବର୍ଷ ମଧ୍ୟରେ ବିବାହ ଦେବା ବ୍ୟବସ୍ଥାକୁ ଆମେ ପସନ୍ଦ କଲେ କଣ ହେବ, ତାର ବହୁ ଦିନ ପରେ ହିଁ ବିବାହ ଅନୁଷ୍ଠାନଟି ସମ୍ଭବପର ହୁଏ । ଏପରି ଅବସ୍ଥାରେ ବୟସ ସଂକ୍ରାନ୍ତରେ କୌଣସି ନିର୍ଦ୍ଦିଷ୍ଟ "ଫର୍ମୁଲା" ଅନୁସରଣ କରିବା ସମ୍ଭବ ନୁହେଁ । ତଥାପି ବିବାହ ବେଳକୁ ବର ଓ କନ୍ୟାଙ୍କ ବୟସ ମଧ୍ୟରେ କିଛି ପାର୍ଥକ୍ୟ ଥିବା ଏକାନ୍ତ ପ୍ରୟୋଜନ ।

ବେଶି ବୟସରେ ବିବାହ

ବେଶି ବୟସରେ ବିବାହ ହେଲେ ଅନେକ କ୍ଷେତ୍ରରେ ବିବାହର "ରୋମାନ୍‌ସ" ବା ଚିତ୍ତ-ଚମତ୍କାରିଣୀ ହୃଦୟ-ଦ୍ରାବିନୀ ଅନିର୍ବଚନୀୟ-ଆକର୍ଷଣ-ବିଧାୟିନୀ ଅବସ୍ଥାଟା ନଷ୍ଟ ହୋଇଯାଏ । ବିବାହ ଏକ ବାସ୍ତବ ସତ୍ୟ ହେଲେ ମଧ୍ୟ ବିବାହିତ ଜୀବନ ମଧ୍ୟରେ ଏକ ସ୍ୱପ୍ନମୟ ଆବେଶର ଅବକାସ ଅଛି। ବୟସର କିଞ୍ଚିତ୍ ପାର୍ଥକ୍ୟ ନଥିଲେ ଏହି ସ୍ୱପ୍ନମୟ ଆବେଶର ସ୍ଥିତିକାଳ ସ୍ୱଳ୍ପ ହୁଏ ଓ ବିବାହିତ ଜୀବନ ତାର "ରୋମାନ୍‌ସ" ବା ଚିତ୍ତଚମତ୍କାରିତାରୁ ବଞ୍ଚିତ ହୁଏ । ଯେଉଁଠି ବର ଓ କନ୍ୟା ଅନ୍ୟ ନାରୀ ବା ପୁରୁଷଠାରେ ଆଗରୁ ମନ ସମର୍ପଣ କରି ନ ଥାନ୍ତି, ସେ କ୍ଷେତ୍ରରେ ଯେଉଁ ବୟସରେ ବିବାହ ହେଲେ ବି "ବିବାହ ରୋମାନ୍‌ସ ବର୍ଜିତ ହୁଏ ନାହିଁ" । ଏହି ଦୃଷ୍ଟିରୁ ଆମର କର୍ତ୍ତବ୍ୟ ହେବ ସମାଜରେ ଏପରି ବାତାବରଣ ସୃଷ୍ଟି କରିବା, ଯାହା ଫଳରେ ବିଦ୍ୟାର୍ଜନ ଲାଗି ବୟସ ବଢ଼ି ଚାଲିଥିଲା ବେଳେ ଆମ ଦେଶର କୌଣସି ପୁଅ ବା ଝିଅ ସ୍ଖଳିତ-ଚରିତ୍ର, ବିଗତ ଆଦର୍ଶ ବା ଭ୍ରଷ୍ଟ-ଜୀବନ ନ ହେବେ ।

(ଗ) ତୁଲ୍ୟବଂଶୀୟତା : ସ୍ୱାମୀସ୍ତ୍ରୀଙ୍କର ତୁଲ୍ୟବଂଶୀୟତାର ସୁଫଳ କଥାରେ କହି ଶେଷ କରି ହେବ ନାହିଁ । କିନ୍ତୁ ତୁଲ୍ୟବଂଶୀୟତା ବୋଇଲେ କେହି ବୁଝିବା ଉଚିତ୍ ନୁହେଁ ଯେ ନୀଚ ପ୍ରକୃତି ବିଶିଷ୍ଟ ବ୍ରାହ୍ମଣର ପୁତ୍ର ବା କନ୍ୟା ସହିତ ଉଚ୍ଚପ୍ରକୃତି ବିଶିଷ୍ଟ ବ୍ରାହ୍ମଣର କନ୍ୟା ବା ପୁତ୍ରର ମିଳନରେ ତୁଲ୍ୟବଂଶୀୟତା ରକ୍ଷିତ ହେଲା ବୋଲି ଆମେ କହିବାକୁ ଚାହୁଁଛୁ । ସ୍ୱାମୀ ଓ ସ୍ତ୍ରୀ ହୁଏତ ଏକ ଜାତିର ହୋଇ ନ ପାରନ୍ତି ବା ଏକ ସମାଜଭୁକ୍ତ ହୋଇ ନ ପାରନ୍ତି କିନ୍ତୁ ଉଭୟେ ଯେଉଁ ବଂଶରେ ଜନ୍ମ ହୋଇଥିବେ ସେହି ବଂଶଦ୍ୱୟର ଉତ୍କର୍ଷତା ଯଦି ଏକାପରି ହୁଏ ତେବେ ତାହା ତୁଲ୍ୟବଂଶୀୟତା ହେଲା ବୋଲି ଆମେ କହିବୁ । ଗୋତ୍ରକୁ ଧରି ତୁଲ୍ୟ ବଂଶୀୟତା ବିଚାର କରିବାକୁ ଗଲେ ହୁଏତ ଅନେକ କ୍ଷେତ୍ରରେ ଭାବୀ-ବଂଶଧର ପୁତ୍ରକନ୍ୟାମାନଙ୍କୁ ପ୍ରକୃତ ତୁଲ୍ୟବଂଶୀୟତାର ସୁଫଳରୁ ବଞ୍ଚିତ କରାଯାଇପାରେ। କାରଣ କୃରକର୍ମା ସାଣ୍ଡିଲ୍ୟ ଗୋତ୍ରୀୟ ସହିତ ମଧୂକର୍ମା ଭରଦ୍ୱାଜ ଗୋତ୍ରୀୟ ପାତ୍ରୀର ମିଳନ ସାମାଜିକ ଦୃଷ୍ଟିରୁ ତୁଲ୍ୟବଂଶୀୟତା ହୋଇପାରେ କିନ୍ତୁ ଏହି ମିଳନ-ସଂଭୁତ ପୁତ୍ର ବା କନ୍ୟା ତୁଲ୍ୟବଂଶୀୟତାର ସୁଫଳ ପାଇବେ ନାହିଁ । ବରଂ ସେଭଳି ପାତ୍ରୀ ସହିତ ସତ୍‌ଚର୍ଚ୍ଚା-ବିଶିଷ୍ଟ ଓ ସଦନ୍ତଃକରଣଶାଳୀ ମୌଦ୍‌ଗଲ୍ୟ ଗୋତ୍ରୀୟ ବା ଆଲିମ୍ୟାନ୍ ଗୋତ୍ରୀୟ ପାତ୍ରର ବିବାହ ହେଲେ ସେ ବିବାହର ଫଳସ୍ୱରୁପ ଯେଉଁ ପୁତ୍ରକନ୍ୟା ଜନ୍ମ ହେବେ ସେମାନେ ଅଧିକ ଲାଭବାନ ହେବେ । ଏହି କାରଣରୁ କୃଷ୍ଣ ଯଦୁ-ର୍ବେଦର କାଠକ-ସଂହିତାରେ (୩୦/୧୬) କୁହାଯାଇଛି- "କିଂ ବ୍ରାହ୍ମଣସ୍ୟ ପିତରଃ କିମ୍ ପୃଚ୍ଛସି ମାତରଂ । ଶ୍ରୁତଂ ଚେଦସ୍ମିନ୍ ବେଦ୍ୟଂ, ସ ପିତା ସ ପିତାମହଃ- ଅର୍ଥାତ୍ ବ୍ରାହ୍ମଣର ପୁଣି ପିତାମାତାର ସନ୍ଧାନ ନେବା ଦରକାର କଣ ? ଯଦି ତାଭିତରେ ଜାଣିବା ଭଳି ଶ୍ରୁତ (ବ୍ରହ୍ମଜ୍ଞାନ) ଥାଏ ତେବେ ସେହି ଶୃତ ହିଁ ତାର ପିତା, ସେହି ଶୃତ ହିଁ ତାର ପିତାମହ" । ସମାଜର ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଦୁଇଟି ବଂଶ ମଧ୍ୟରୁ ଯଦି ଗୋଟିଏ ଉଚ୍ଚ ଓ ଗୋଟିଏ ନୀଚ ବି ହୋଇଥାଏ କିନ୍ତୁ ସେହି ବଂଶ ଦୁଇଟିର ନୈତିକ ଓ ଆଧ୍ୟାତ୍ମିକ ଆଦର୍ଶ ଯଦି ସମାନ ଭାବରେ ବିକଶିତ ହୋଇଥାଏ ତେବେ ସେହି ଦୁଇ ବଂଶର ପୁତ୍ରକନ୍ୟାଙ୍କ ମିଳନଦ୍ୱାରା ଭାବୀ ସନ୍ତାନ

ତୁଲ୍ୟବଂଶୀୟତାର ସୁଫଳ ନିଶ୍ଚୟ ପାଇବ । ଏହି ଦୃଷ୍ଟିରୁ ଆମେ ଅସବର୍ଣ୍ଣ ବିବାହର ପକ୍ଷପାତୀ ! କିନ୍ତୁ ସାଧାରଣତଃ ଦେଖାଯାଏ ଯେ ଭିନ୍ନ ଜାତୀୟ ବା ଭିନ୍ନ ସମାଜଭୁକ୍ତ ଭିନ୍ନ ଭିନ୍ନ ଦୁଇଟି ବଂଶର ପୁରୁଷାନୁକ୍ରମିକ ସାଧନା ଓ ଉତ୍କର୍ଷ ଏକାଭଳି ହୁଏ ନାହିଁ, ଉଭୟଙ୍କ ମଧ୍ୟରେ ମାରାତ୍ମକ ବିଭିନ୍ନତା ବା ଅମେଳ ନିଶ୍ଚୟ କିଛି ନା କିଛି ଥାଏ । ଏହି ଦୃଷ୍ଟିରୁ ଆମେ ଅସବର୍ଣ୍ଣ ବିବାହର ବିରୁଦ୍ଧବାଦୀ ।

ତୁଲ୍ୟବଂଶୀୟତାର ସାମାଜିକ ପ୍ରୟୋଜନୀୟତା

ତୁଲ୍ୟବଂଶୀୟତାର ଏକ ସାମାଜିକ ପ୍ରୟୋଜନୀୟତା ମଧ୍ୟ ଅଛି ଯାହାକି ଦମ୍ପତିଙ୍କ ଜୀବନରେ ଏକାନ୍ତ ଉପେକ୍ଷଣୀୟ ନୁହେଁ । ବିବାହ କେବଳ ପାତ୍ର ପାତ୍ରୀଙ୍କର ମିଳନ ମଧ୍ୟରେ ସୀମିତ ନୁହେଁ, ଭିନ୍ନ ଭିନ୍ନ ଦୁଇଟି ବଂଶର ସବୁ ଆତ୍ମୀୟ କୁଟୁମ୍ବଙ୍କ ଭିତରେ ଏହା ଏକ ବ୍ୟାପକ ଆତ୍ମୀୟତା ସ୍ଥାପନ । ବିବାହ ଦ୍ୱାରା ପାତ୍ରପାତ୍ରୀ ଯେପରି ଖୁବ ଘନିଷ୍ଠ ଭାବରେ ମିଳିତ ହୁଅନ୍ତି ସେହିପରି ବିବାହ ଫଳରେ ଦୁଇ ବଂଶର ଆତ୍ମୀୟ ପରିଜନମାନେ ସଙ୍ଗେ ସଙ୍ଗେ ପରସ୍ପରର ଆତ୍ମୀୟ ହୋଇଯାନ୍ତି । ବିବାହ ଫଳରେ ଯେଉଁଠି ସଂପୃକ୍ତ ଦୁଇଟି ବଂଶର ଆତ୍ମୀୟ ପରିଜନ କୁଟୁମ୍ବ ବନ୍ଧନରେ ଆବଦ୍ଧ ନ ହୁଅନ୍ତି ସେଠାରେ ବରକନ୍ୟାଙ୍କ ମଧ୍ୟରୁ କେହି ଜଣେ ନିଜ ବନ୍ଧୁବାନ୍ଧବଙ୍କର ପର ହୋଇଯାଏ । ଏହା ଫଳରେ ତାର ଦାମ୍ପତ୍ୟ ଜୀବନ ଯେତେ ସୁଖମୟ ହେଉ ପଛକେ ଛାତି ଭିତରେ ଏକ ବିରାଟ ହାହାକାର ସବୁଦିନ ପାଇଁ ସୃଷ୍ଟି ହୋଇଯାଏ । ତାର ସନ୍ତାନସନ୍ତତିମାନେ ମଧ୍ୟ ପରିଜନହୀନ ନିଃସଙ୍ଗ ଜୀବନର ତିକ୍ତ ସ୍ୱାଦ ଯୋଗୁଁ ଜୀବନକୁ ଅସୁଖକର ମଣନ୍ତି ଏବଂ ପରିଣାମରେ ଏକ ବ୍ୟକ୍ତିକୈନ୍ଦ୍ରିକ ଆତ୍ମସୁଖପରାୟଣ ବଂଶାବଳି ସୃଷ୍ଟି ହେବାର ପଟ୍ଟଭୂମି ରଚିତ ହୁଏ । ଏହି ଦୃଷ୍ଟିରେ ଆମେ ବହୁ କ୍ଷେତ୍ରରେ ଅସବର୍ଣ୍ଣ ବିବାହକୁ ଅଭିନନ୍ଦିତ କରିବାକୁ ଅସମର୍ଥ ।

ପୁରୁଷ-ପରମ୍ପରାଗତ ବୈଶିଷ୍ଟ୍ୟ ସଂଚରଣରେ ବାଧା

ବର୍ତ୍ତମାନ କାଳରେ ଏକ ସମାଜଭୁକ୍ତ ଦୁଇଟି ବିଭିନ୍ନ ବଂଶ ଭିତରେ ମଧ୍ୟ ପୁରୁଷ-ପରମ୍ପରାଲବ୍ଧ ବୈଶିଷ୍ଟ୍ୟ ତୁଲ୍ୟତା ଖୋଜି ବାହାର କରିବା ପ୍ରକୃତରେ ସମ୍ଭବ ହେବ କି ନାହିଁ ସନ୍ଦେହ । କାରଣ ବହୁକାଳ ହେଲା ଦେଖାଯାଉଛି ଯେ

କୌଣସି ଗୋଟିଏ ହେଲେ ବଂଶ କୌଣସି ଏକ ବିଶେଷ ସାଧନାକୁ ନିଜ ପାଇଁ ବାଛି ନେବାକୁ ସମର୍ଥ ହୋଇ ପାରିନାହାନ୍ତି । ପ୍ରତ୍ୟେକ ଲୋକ ବିବାହ ଓ ନାରୀଜାତି ସମ୍ପର୍କରେ ଯେଉଁଭଳି ଇତରଜନୋଚିତ କୁତ୍ସିତ ମନୋଭାବ ପୋଷଣ କରି ଆସିଛନ୍ତି ତାହାହିଁ ଏହି ଦୈନ୍ୟ ପାଇଁ ଦାୟୀ । ଏ ଯୁଗର ବିବାହିତ ଯୁବକଯୁବତୀମାନେ ନିଜ ନିଜ ସନ୍ତାନସନ୍ତତିଙ୍କ ମଧ୍ୟ ଦେଇ ଏହି ଦୈନ୍ୟକୁ ଦୂର କରିବା ଦିଗରେ ପ୍ରଥମ ସୂଚନା ଆରମ୍ଭ କରିବେ ଏବଂ ସାମ୍ପ୍ରଦାୟିକ-ଅଭିସନ୍ଧି-ମୁକ୍ତ ବ୍ରହ୍ମଚର୍ଯ୍ୟ ଆଶ୍ରମସମୁହ ପୂର୍ବୋକ୍ତ ଭାବୀ ବାଳକବାଳିକାମାନଙ୍କର ସତ୍‌ଶିକ୍ଷାର ସୁବ୍ୟବସ୍ଥା କରି ବଂଶାନୁକ୍ରମିକ ବୈଶିଷ୍ଟ୍ୟ ସଂଚରଣର ବାଧାବିଘ୍ନ ଗୁଡ଼ିକୁ ନିରାକୃତ ଓ ଆନୁକୁଲ୍ୟଗୁଡ଼ିକୁ ପ୍ରବର୍ଦ୍ଧିତ କରିବେ ବୋଲି ଆମେ ଆଶା ପୋଷଣ କରୁଛୁ । ଅଧିକନ୍ତୁ, ପ୍ରଗାଢ଼ ନିଦ୍ରାରେ ଆଶାର ଏହି ସୁଖସ୍ୱପ୍ନ ଦେଖି ଆମେ ସନ୍ତୁଷ୍ଟ ହୋଇ ନ ରହି ନିଜର ଯତ୍‌ସାମାନ୍ୟ ଶକ୍ତି ସାମର୍ଥ୍ୟକୁ ଏହି ଆଶାର ଚରିତାର୍ଥତା ସମ୍ପାଦନରେ ସର୍ବତୋଭାବରେ ପ୍ରୟୋଗ କରିବା ନିୟତ ଯତ୍ନବାନ ମଧ୍ୟ ହୋଇଅଛୁ । ଆମର ଏହି ଚେଷ୍ଟା ଦଶ କୋଡ଼ିଏ ବର୍ଷରେ ସଫଳ ହୋଇଯିବ, ଏଭଳି ଅସମ୍ଭବ କଳ୍ପନା ଆମେ କରୁନାହୁଁ । ଆମକୁ ହୁଏତ ଶିଷ୍ୟପ୍ରଶିଷ୍ୟାନୁକ୍ରମେ ଦୁଇ ତିନି ଶତାବ୍ଦୀ ପର୍ଯ୍ୟନ୍ତ ଏହି ଗୋଟିଏ କର୍ମଧାରା ନେଇ ଅଗ୍ରସର ହେବାକୁ ପଡ଼ିପାରେ । ବହୁ ରାଷ୍ଟ୍ରବିପ୍ଳବ, ବହୁ ଐତିହାସିକ ବିବର୍ତ୍ତନ, ନୂଆ ନୂଆ ସଭ୍ୟତାର ବନ୍ୟା ଆମ ଚକ୍ଷୁ ସମକ୍ଷରେ ହୁଏତ ନାଚି ନାଚି ଚାଲିଯିବ, ଗୁପ୍ତ-ଘାତକର ଛୁରିକା ହୁଏତ ଆମର ପୃଷ୍ଠବିଦ୍ଧ ହେବ, କିଏ ଆମକୁ ସହାୟତା କଲା, କିଏ ଆମର ବିରୋଧିତା କଲା, ସେ କଥା ବିଚାର କରିବା ଅବସର ଆମକୁ ହୁଏତ ମିଳିବ ନାହିଁ । ଏହିଭଳି ଗୁଡ଼ିଏ ଅବସ୍ଥା ଭିତରେ ଆମକୁ ହୁଏତ ଏହି କାର୍ଯ୍ୟ କରିବାକୁ ହେବ । କେଉଁଠି ଧର୍ମ ନାଁରେ, କେଉଁଠି ଜାତି ନାଁରେ, କେଉଁଠି ଗୋଷ୍ଠୀନାଁରେ, ଆଉ କେଉଁଠି ହୁଏତ ଭାଷା ନାଁରେ ଶତ ଅନାହୁତ ଅତ୍ୟାଚାର, ଅବାନ୍ତର ଆନ୍ଦୋଳନ, ଅବାସ୍ତବ ଉନ୍ମାଦନା, ଅସମ୍ଭବ ପରିକଳ୍ପନା, ଅପ୍ରତ୍ୟାଶିତ ବିପର୍ଯ୍ୟୟ, ଅକଳ୍ପନୀୟ ଉତ୍ପୀଡ଼ନ ଆମ ଉପର ଦେଇ ବହିଯିବ ତଥାପି ଆମେ ଆମର ମେରଦଣ୍ଡ ନତ କରିବୁ ନାହିଁ- ସମାନ ଉଦ୍ୟମରେ , ସମାନ

ଉତ୍ସାହରେ ଓ ସମାନ ବିକ୍ରମରେ ଆମେ ଅନୁକ୍ଷଣ ନିଜର କର୍ତ୍ତବ୍ୟ କରିଯିବୁ । ଅବଶ୍ୟ ଏ କଥା ସ୍ୱୀକାର୍ଯ୍ୟ ଯେ ବ୍ରହ୍ମଚର୍ଯ୍ୟ ଆଶ୍ରମ ଭଳି ଜାତୀୟ ପ୍ରତିଷ୍ଠାନର ପରିପୋଷଣ ଲାଗି ଜନସାଧାରଣଙ୍କଠାରୁ ଭିକ୍ଷା ସଂଗ୍ରହର ଆବଶ୍ୟକତା ହିଁ ବ୍ରହ୍ମଚର୍ଯ୍ୟାଶ୍ରମକୁ ଉପଯୁକ୍ତ ଭାବରେ ପ୍ରତିଷ୍ଠିତ କରିବାରେ ପ୍ରଧାନ ଅନ୍ତରାୟ । ଦାନ ସଂଗ୍ରହ ନ କଲେ ଅନୁଷ୍ଠାନ ଚଳିବ କିପରି ? ଏଣେ ଦାନ ସଂଗ୍ରହ କରି ପ୍ରତିଷ୍ଠାନ ଚଳାଇଲେ ପ୍ରତିଷ୍ଠାନର କର୍ମ୍ମୀ, ଛାତ୍ର ଓ ପୋଷ୍ୟବର୍ଗଙ୍କ ମଧ୍ୟରେ ସ୍ୱାବଲମ୍ବନ ବୃତ୍ତି ପ୍ରତିଷ୍ଠିତ ହେବ ଅବା କପରି ? ଯେଉଁ ଦାତାମାନେ ପ୍ରତିଷ୍ଠାନକୁ ହଜାର ହଜାର ଲକ୍ଷ ଲକ୍ଷ ମୁଦ୍ରା ଦାନ କରିବେ ସେମାନେ ଚାହିଁବେ ଯେ ଉକ୍ତ ପ୍ରତିଷ୍ଠାନ ମଧ୍ୟରେ ସେମାନଙ୍କର ବିଶେଷ ବିଶେଷ ଇଚ୍ଛାସମୂହ ପ୍ରତିଫଳିତ ହେଉ । ବ୍ୟକ୍ତିବିଶେଷଙ୍କର ମର୍ଜି ଲାଗି ପ୍ରତିଷ୍ଠାନ ଚଳାଇବାକୁ ହେଲେ ପ୍ରତିଷ୍ଠାନ କଣ ପଦେ ପଦେ ଆଦର୍ଶଚ୍ୟୁତ ହେବନାହିଁ ? ରାଜାନୁଗ୍ରହ ଲାଭ କରି ନ ପାରିଲେ ଅନେକ ସମୟରେ ପ୍ରତିଷ୍ଠାନ ଯଥୋପଯୁକ୍ତ ଭାବରେ ପ୍ରସାର ଲାଭ କରି ପାରେନାହିଁ ସତ୍ୟ କିନ୍ତୁ ରାଜ-ଅନୁଗ୍ରହ କଦାପି ସର୍ତ୍ତହୀନ ହୁଏ ନାହିଁ । ଫଳତଃ ରବୀନ୍ଦ୍ରନାଥଙ୍କ ଭଳି ଦିଗପାଳ ମଧ୍ୟ ଯେଉଁ ପ୍ରତିଷ୍ଠାନ ଗଢ଼ନ୍ତି ତା ପାଇଁ ରାଜକୋଷରୁ ଅର୍ଥାଗମ ହେବା ସଙ୍ଗେ ସଙ୍ଗେ ଉକ୍ତ ପ୍ରତିଷ୍ଠାନ ମଧ୍ୟ ସ୍ୱକୀୟ ବୈଶିଷ୍ଟ୍ୟର ପରିବର୍ତ୍ତନ କରିବାକୁ ବାଧ୍ୟ ହୁଏ । ଏହି ଦୃଷ୍ଟିରୁ ବିଚାର କଲେ ପ୍ରତିଷ୍ଠାନ ଛୋଟ ହେଲେ ପଛକେ, ହେଉ ଆମକୁ ଦେଖିବାକୁ ହେବ ପ୍ରତିଷ୍ଠାନ ଯେପରି ନିଜର ଶ୍ରମଦ୍ୱାରା ନିଜର ବ୍ୟୟନିର୍ବାହ ପାଇଁ ପ୍ରୟୋଜନୀୟ ଅର୍ଥ ଉପାର୍ଜନ କରି ନିଜର କର୍ତ୍ତବ୍ୟ ନିଜେ କରିପାରେ ଓ ଅର୍ଥ ସାହାଯ୍ୟ ପାଇଁ ଆଉ କାହା ଉପରେ ନିର୍ଭର ନ କରେ । ଏହା ଫଳରେ ହୁଏତ ଦଶବର୍ଷ ସାଧ୍ୟ କାର୍ଯ୍ୟ ଶହେବର୍ଷ ଲାଗିପାରେ ତଥାପି ଆମେ ନିରୁଦ୍ୟମ ହେବୁ ନାହିଁ । କାରଣ ଆମର ଦୃଷ୍ଟି "ତିନିଶହ ବର୍ଷ ପରେ" ନିବଦ୍ଧ । ଦୁଇଶହ ବର୍ଷ ପୂର୍ବେ ଭାରତୀୟମାନେ କଣ କଳ୍ପନା ସୁଦ୍ଧା କରି ପାରିଥିଲେ ଯେ ଆଜିର ଭାରତବର୍ଷ ଏହି ଭଳି ହେବ ? ସେହିପରି ଆଜିର ଭାରତବର୍ଷ ବର୍ତ୍ତମାନ କଳ୍ପନା ସୁଦ୍ଧା

କରିପାରିବ ନାହିଁ ଯେ ତିନିଶହ ବର୍ଷପରେ ଭାରତବର୍ଷର ରୂପ କଣ ହେବ । ଯେ କୌଣସି ରାଜନୈତିକ ପରିବର୍ତ୍ତନ ଘଟୁ ପଛକେ କୌଣସି ରାଜନୈତିକ ପରିବର୍ତ୍ତନ କୌଣସି ଦେଶରେ ସମାନ ପ୍ରତିଷ୍ଠା ଓ ସମାନ ବ୍ୟାପକତା ସହକାରେ ଅନନ୍ତକାଳ ବ୍ୟାପୀ ରହି ନ ପାରେ । ତାର ରୂପାନ୍ତର, ଅବସ୍ଥାନ୍ତର ଓ ସ୍ଥାନାନ୍ତର ଘଟିବା ଅନିବାର୍ଯ୍ୟ । ଅତଏବ ଅତୀତ, ବର୍ତ୍ତମାନ ଭବିଷ୍ୟତର ରାଜନୈତିକ ଅବସ୍ଥା ପ୍ରତିନିରପେକ୍ଷ ରହି ଆମକୁ ଆମର କର୍ତ୍ତବ୍ୟ କରିଯିବାକୁ ହେବ । ବଂଶାନୁକ୍ରମିକ ଗୁଣ-ସଞ୍ଚରଣ ଲକ୍ଷ୍ୟକୁ ପ୍ରାଧାନ୍ୟ ଦେଇ ରାଷ୍ଟ୍ରୀୟ ପରିବେଶକୁ କିୟତ୍ ପରିମାଣରେ ଉପେକ୍ଷମାଣ ଦୃଷ୍ଟିରେ ଦେଖିବାକୁ ହେବ । ମନୁଷ୍ୟ ମେଧାର ସାଂସ୍କୃତିକ ବିକାଶକୁ ପରମ ଲକ୍ଷ୍ୟ ବୋଲି ଧରି ଚଳିବାକୁ ହେଲେ ଏହାହିଁ ହେଉଛି ଶ୍ରେଷ୍ଠପନ୍ଥା । ସମସ୍ତ ପ୍ରକାରର ରାଷ୍ଟ୍ରୀୟ ପରିବର୍ତ୍ତନ ମଧ୍ୟ ଦେଇ ଓ ସବୁ ପ୍ରକାରର ପରିବର୍ତ୍ତନ ସତ୍ତ୍ୱେ ବି କେତେବେଳେ ଅନୁକୂଳ ଅବସ୍ଥା ଭିତରେ କେତେବେଳେ ଅବା ପ୍ରତିକୂଳ ଅବସ୍ଥା ଭିତରେ ଆମକୁ କାର୍ଯ୍ୟ କରିଯିବାକୁ ହେବ । ସ୍ମରଣାତୀତ କାଳରୁ ଭାରତରେ ଜାତି, ବର୍ଣ୍ଣ, ଧର୍ମ ଗୋଷ୍ଠୀ, ଭାଷା ଆଚାର, ପ୍ରଥା ଓ ରାଷ୍ଟ୍ରର ବିଚିତ୍ର ପାର୍ଥକ୍ୟ ପରିଦୃଷ୍ଟ ହୋଇ ଆସିଛି । କିନ୍ତୁ ଏତେ ବିରୋଧ ଓ ବିଭିନ୍ନତା ଥିବା ସତ୍ତ୍ୱେ ବି ଏକ ଅତୁଳନୀୟ ସାଂସ୍କୃତିକ ଐକ୍ୟ ତାରି ଭିତରେ ରହି ଆସିଥିବା ଦେଖାଯାଉଛି ଏବଂ ମନୁଷ୍ୟ ମେଧାର ଓ ମାନବୀୟ ମନନଶୀଳତାର ଏକ ସ୍ୱଚ୍ଛନ୍ଦ, ସୀମାହୀନ ଅଶେଷ ବିକାଶକୁ ଲକ୍ଷ୍ୟରେ ରଖି ସେହି ଐକ୍ୟ ନିଜର ନିରବ ପଥ ଅତିକ୍ରମ କରି ଚାଲିଛି । ଏକାକୀ ସୃଷ୍ଟିଛଡ଼ା ହୋଇ ରହିଗଲେ ବି ସେହି ପଥ ହିଁ ଆମ୍ଭମାନଙ୍କର ପଥ- ଖାଲି ପଥନୁହେଁ, ଚିରନ୍ତନ ପଥ, ସନାତନ ପଥ ଓ ଶାଶ୍ୱତ ପଥ ।

(ଘ) ରୁଚିସାମ୍ୟ : ଦମ୍ପତିଙ୍କ ମଧ୍ୟରେ ରୁଚିର ପାର୍ଥକ୍ୟ ଥିବା ସୁଖାବହ ନୁହେଁ କି କଲ୍ୟାଣପ୍ରଦ ନୁହେଁ । ରୁଚିର ପାର୍ଥକ୍ୟ ଦୂର କରିବା ବିଶେଷ କଷ୍ଟକର ନୁହେଁ । ଉଭୟଙ୍କର ଅନ୍ୟୋନ୍ନତି ଇଚ୍ଛା ଯଦି ପ୍ରବଳ ହୁଏ ଏବଂ ଜଣକ ପ୍ରତି ଅନ୍ୟ ଜଣକର ସ୍ନେହ ପ୍ରେମ ଯଦି ଗଭୀର ହୁଏ ତାହାହେଲେ ଜଣେ ଅନ୍ୟ ଜଣକର

ସୁରୁଚିକୁ ଅନୁକରଣ କରିବା ସଙ୍ଗେ ସଙ୍ଗେ ନିଜର କୁରୁଚିକୁ ପରିତ୍ୟାଗ କରି ଅକ୍ଲେଶରେ ରୁଚିର ସାମ୍ୟବିଧାନ କରି ପାରନ୍ତି । ଯେଉଁଠି ଉଭୟଙ୍କର ରୁଚି ଦୂଷିତ ସେ କ୍ଷେତ୍ରରେ ଉଭୟେ ଉଭୟଙ୍କର ଆତ୍ମ-ସଂଶୋଧନରେ ସହାୟତା କରି ଉତ୍କୃଷ୍ଟତର ରୁଚିସମ୍ପନ୍ନ ହୋଇପାରନ୍ତି । ଜୀବନର ପ୍ରକୃଷ୍ଟତମ ଆଦର୍ଶର ଇଙ୍ଗିତ ବୁଝି ଉଭୟେ ପରିବର୍ତ୍ତନ, ପରିବର୍ଦ୍ଧନ ବା ସଂଶୋଧନ କାର୍ଯ୍ୟରେ ବ୍ରତୀ ହେବା ବିଧେୟ । ତାହାହେଲେ ରୁଚିସାମ୍ୟଦ୍ୱାରା ଜୀବନର ମୂଲ୍ୟ ଓ ମହିମା ବର୍ଦ୍ଧିତ ହେବ, ନଚେତ୍ ଉଭୟଙ୍କର ଜୀବନଯାପାନ ପ୍ରଣାଳୀ ଯଦି କୁରୁଚି ପ୍ରଣୋଦିତ ହୁଏ ତେବେ ସେ କ୍ଷେତ୍ରରେ ରୁଚିସାମ୍ୟ ଘଟିଲେ ସୁଦ୍ଧା ତଦ୍ଦ୍ୱରା କଲ୍ୟାଣ ଲାଭ ହେବ ନାହିଁ । ଆହାର, ବିହାର, ବାକ୍ୟାଳାପ, ଚାଲିଚଲଣ ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟରେ ଉଭୟେ ଉତ୍କୃଷ୍ଟତମ ଦୃଷ୍ଟାନ୍ତ ଦ୍ୱାରା ଆତ୍ମସଂଶୋଧନ କରିବା ଲାଗି ଯତ୍ନବାନ ହେବେ ।

ପ୍ରତିଲୋମ ବିବାହ

ସାଧାରଣତଃ ଦେଖାଯାଏ ଯେ ବିବାହ ପରେ ସ୍ତ୍ରୀ ସ୍ୱଭାବତଃ ହିଁ ଧୀରେ ଧୀରେ ନିଜର ରୁଚି ପରିବର୍ତ୍ତନ କରି ସ୍ୱାମୀ ରୁଚିଗୁଡ଼ିକ ଅନୁସରଣ କରିବାକୁ ଆରମ୍ଭ କରେ । ସ୍ୱାମୀ ସାଧାରଣତଃ ନିଜର ଅଭ୍ୟସ୍ତ ରୁଚିର ଦୃଢ଼ ପ୍ରତିଷ୍ଠିତ ରହେ । ଏହି କାରଣରୁ ପ୍ରାଚୀନ କାଳରେ ଜଣେ ବ୍ରାହ୍ମଣର ପୁତ୍ର କ୍ଷତ୍ରିୟ କନ୍ୟାକୁ ବିବାହ କରିବାକୁ ଦ୍ୱିଧାବୋଧ କରୁ ନ ଥିଲେ କିନ୍ତୁ ଜଣେ କ୍ଷତ୍ରିୟ ତନୟ ବ୍ରାହ୍ମଣ ତନୟାର ପାଣିପୀଡ଼ଣ କଲେ ସାଧାରଣରତଃ ତାହା ଦୋଷାବହ ବିବେଚିତ ହେଉଥିଲା । ବ୍ରାହ୍ମଣ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀକୁ କ୍ଷତ୍ରିୟ ରାଜ ଯଯାତି ଯେ ବିବାହ କରିଥିଲେ, କେବଳ ଋଷିଙ୍କ ଅଭିଶାପରେ ତାହା ସମ୍ଭବ ହୋଇ ପାରିଥିଲା । ସାଧାରଣ ଭାବରେ ଅସମ୍ଭବ ଥିଲା ବୋଲି ତ କୈଫିୟତ ସ୍ୱରୁପ ବୃହସ୍ପତିଙ୍କ ପୁତ୍ର କଚଙ୍କର ଅଭିସମ୍ପାତକୁ ଆମଦାନି କରିବାର ଆବଶ୍ୟକତା ପଡ଼ିଥିଲା । ଅଥଚ ବ୍ରାହ୍ମଣ ଅଗସ୍ତ୍ୟ ଯେ କ୍ଷତ୍ରିୟ କନ୍ୟା ଲୋପାମୁଦ୍ରାକୁ ବିବାହ କଲେ ଓ ବ୍ରାହ୍ମଣ ଜମଦଗ୍ନି ଯେ କ୍ଷତ୍ରିୟ କନ୍ୟା ରେଣୁକାକୁ ବିବାହ କଲେ ସେଥିପାଇଁ ପୁରାଣକାରଙ୍କୁ କୌଣସି କାରଣ ନିର୍ଦ୍ଦେଶ କରି କୈଫିୟତ ଦେବାକୁ

ପଡ଼ି ନ ଥିଲା । ଉଚ୍ଚରୁଚିସମ୍ପନ୍ନା କନ୍ୟା ନୀଚରୁଚିସମ୍ପନ୍ନ ବରକୁ ଅନୁସରଣ କରି କ୍ଷତିଗ୍ରସ୍ତ ହେଉ, ଏହା ପ୍ରାଚୀନ ସମାଜପତିମାନଙ୍କର ଅଭିପ୍ରାୟ ନ ଥିଲା । ଅନେକ ସମୟରେ ଉଚ୍ଚସଂସ୍କାର-ସମ୍ପନ୍ନ ମହତ୍‌କୂଳର କନ୍ୟା ଅପେକ୍ଷାକୃତ ନୀଚ ସଂସ୍କାରସମ୍ପନ୍ନ ସାଧାରଣ କୂଳର ପାତ୍ରକୁ କେବଳ ବ୍ୟକ୍ତିଗତ ଗୁଣାଧିକ୍ୟ ଯୋଗୁଁ ପତି ରୂପେ ନିର୍ବାଚନ କରିବା ଦେଖାଯାଏ । ସେ କ୍ଷେତ୍ରରେ ଆଶା କରାଯାଏ ଯେ ପତିଠାରେ ଯେଉଁ ସବୁ ସଦ୍‌ଗୁଣ ବା ଉଚ୍ଚଭାବ ପରିଲକ୍ଷିତ ହେଉଛି, ହୁଏତ ତା ବଂଶର ଅନ୍ୟାନ୍ୟ ଲୋକଙ୍କ ଭିତରେ ସେହି ସବୁ ସଦ୍‌ଗୁଣ ବା ଉଚ୍ଚଭାବର ପ୍ରାଚୁର୍ଯ୍ୟ ସମ୍ଭବପର ହେବ କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ଯେତେବେଳେ ନ ହୁଏ ସେତେବେଳେ ମହତ୍‌କୂଳର କନ୍ୟାକୁ ଆସ୍ତେଆସ୍ତେ ପତିର ପରିଜନବୃନ୍ଦଙ୍କରଚରିତ୍ର ଅନୁଶୀଳନ କରିବାକୁ ହୁଏ । ଅଶନ, ବସନ, ଆଚାର, ବ୍ୟବହାର, ବଚନ ଓ ମନନ ଇତ୍ୟାଦିରେ ଆସ୍ତେ ଆସ୍ତେ ରୁଚିର ପରିବର୍ତ୍ତନ ଘଟିବାକୁ ଲାଗେ ଏବଂ ଏହି ରୁଚି ପରିବର୍ତ୍ତନ ଉନ୍ନତି ଦିଗରେ ନ ହୋଇ ପ୍ରାୟ ଅବନତି ଦିଗରେ ହିଁ ହୋଇଥାଏ । ଉପରନ୍ତୁ ଉତ୍କୃଷ୍ଟ ପରିବେଶରୁ ଆସି ନିକୃଷ୍ଟ ପରିବେଶରେ ପତିତ ହେବା ଯୋଗୁଁ ଏକ ଅନ୍ତର୍ଜ୍ୱାଳା ବା ଆତ୍ମଗ୍ଲାନି ମଧ୍ୟ ଆସେ । ବୈଶ୍ୟ ବଂଶରେ ବିବାହ କରିଥିବା ଦୁଇ ଚାରିଟି କ୍ଷତ୍ରିୟ କନ୍ୟାଙ୍କ କ୍ଷେତ୍ରରେ ଆମେ ଏହା ପ୍ରତ୍ୟକ୍ଷ କରିଅଛୁ । ଦୁଇ ଚାରି ଜଣଙ୍କ ପକ୍ଷରେ ଯାହା ସମ୍ଭବ ନୁହେଁ ତାହା ତତୋଧିକ ଲୋକଙ୍କ ପକ୍ଷରେ ସତ୍ୟ ହେବା ଅସ୍ୱାଭାବିକ ବା ଅସମ୍ଭବ ନୁହେଁ । ପ୍ରାଚୀନ କାଳର ସମାଜ ବ୍ୟବସ୍ଥାରେ ଅନୁଲୋମ ବିବାହ ପାଇଁ ଯେଉଁ ପରୋକ୍ଷ ସମ୍ମତି ଓ ପ୍ରତିଲୋମ ବିବାହ ପାଇଁ ପ୍ରତ୍ୟକ୍ଷ ବାରଣ ରହିଥିଲା ତାର ସ୍ୱପକ୍ଷ ସମର୍ଥନ ଲାଗି ଏହାହିଁ ଥିଲା ସଦ୍‌ଯୁକ୍ତି ।

ଦାମ୍ପତ୍ୟ ଜୀବନର ଉତ୍କଟ ଉତ୍ପାତ

ବର୍ତ୍ତମାନର ଏ ଆଧୁନିକ ଯୁଗରେ ବ୍ରାହ୍ମଣ କ୍ଷତ୍ରିୟ ପ୍ରଭୃତି ସବୁ ବର୍ଣ୍ଣ ଭିତରେ ରୁଚିର ବୈଶିଷ୍ଟ୍ୟ ପ୍ରାୟ କିଛି ନାହିଁ କହିଲେ ଚଳେ । ଆଜିକାଲି କାହାର ରୁଚିକୁ ଦେଖି ତାର ଜାତି ଅନୁମାନ କରିବା ସମ୍ଭବପର ନୁହେଁ । ଏହି

କାରଣରୁ ସ୍ୱାମୀର ପ୍ରଭାବ ଯୋଗୁଁ ସ୍ତ୍ରୀର ଉନ୍ନତି ଘଟିବ, ଏଭଳି ଆଶା କରିବା, ଦୁରାଶା ମାତ୍ର । ତେଣୁ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କର କର୍ତ୍ତବ୍ୟ ହେଉଛି ପରସ୍ପର ପରସ୍ପରର ରୁଚିର ଉନ୍ନତି ସାଧନ ଲାଗି ବିଶେଷ ଯତ୍ନଶୀଳ ହେବା । ପ୍ରକାର ଭେଦରେ ରୁଚି ତ୍ରିବିଧ; ଦୈହିକ, ମାନସିକ ଓ ବାଚିକ । ଜଣେ ହୁଏତ ଅପରିଚ୍ଛନ୍ନ ରହିବାକୁ ଭଲପାଏ ତ ଆଉ ଜଣେ ତାର ଠିକ୍ ବିପରୀତ । ଜଣେ ପଚା ମାଛ ଖାଇବାକୁ ଭଲପାଏ ତ ଆଉ ଜଣେ ମତ୍ସ୍ୟ ଭୋଜି ବ୍ୟକ୍ତିଙ୍କୁ ଘୃଣା କରେ । ଜଣେ ସିନେମା ଥିଏଟର କଥାଚିନ୍ତା କରିବାକୁ ଭଲପାଏ ତ ଆଉ ଜଣେ ଦେବଦେବୀ ମୂର୍ତ୍ତୀ ଧ୍ୟାନ କରିବାକୁ ଭଲପାଏ । ଜଣେ ହୁଏତ ଭଲ କଥାକୁ କୁ-ଭାଷାରେ କହିବାକୁ ଭଲପାଏ ଅଥଚ ଆଉଜଣେ କୁକଥାକୁ ମଧ୍ୟ ଭଦ୍ର ଭାଷାରେ ପରିବେଶଣ କରିବାକୁ ଆଗ୍ରହୀ । ରୁଚିର ଏହି ବୈଷମ୍ୟ ଯେତେବେଳେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଦେଖାଦିଏ, ପ୍ରଥମେ ତାହା ସହନୀୟ ହେଲେ ମଧ୍ୟ ପରେ ଏହା ଭୀଷଣ ମାନସିକ ଅଶାନ୍ତି ଓ କଳହ ସୂଚନା କରେ ଏପରିକି ଯେଉଁ ସ୍ୱାମୀସ୍ତ୍ରୀ ନିତାନ୍ତ ସରଳ ଓ ନିରୀହ ସେମାନଙ୍କ ମଧ୍ୟରେ ପରସ୍ପରର ମନୋରଞ୍ଜନ ଅକ୍ଷମତା ଏଭଳି ଉତ୍କଟ ରୂପ ଧାରଣ କରି ଆତ୍ମପ୍ରକାଶ କରେ ଯେ ତା ଦାଉରେ ଦାମ୍ପତ୍ୟ ଜୀବନର ସୁଖ ଶାନ୍ତି ଧ୍ୱସ୍ତବିଧ୍ୱସ୍ତ ହୋଇପାରେ । ଏହି ସବୁ କ୍ଷେତ୍ରରେ ଅଶାନ୍ତିର ମୂଳ କାରଣ କଣ ତାହା ଅବିଳମ୍ବେ ଅନୁସନ୍ଧାନ କରିବା ପ୍ରୟୋଜନ । ଯୌନ ଅକ୍ଷମତା ଯଦି ଏହାର କାରଣ ହୋଇଥାଏ ତେବେ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ଉଚିତ୍ । ଅନେକ କ୍ଷେତ୍ରରେ କେବଳ ମାନସିକ ଚିକିତ୍ସା ଦ୍ୱାରା ବା ବ୍ୟକ୍ତିଗତ ସଂକଳ୍ପ ସାଧନ (auto suggestion) * ବଳରେ, ଏହି ଅକ୍ଷମତା ଦୂରିଭୂତ ହୋଇପାରେ । ଶାରୀରିକ ଅପରିଚ୍ଛନ୍ନତା ହେତୁ ଯଦି ସ୍ୱାମୀ ବା ସ୍ତ୍ରୀ ଅନ୍ୟ ଜଣକ ପ୍ରତି ବିରୂପ, ଅନାସକ୍ତ ଉଦାସୀନ, ଅବହେଳା ପରାୟଣ ବା ଭୟଭୀତ ହୁଅନ୍ତି, ତେବେ ପରିଚ୍ଛନ୍ନତା ଅନୁଶୀଳନ କରିବା ଉଚିତ୍ । ଯଦି ମୁହଁ ବା ଅନ୍ୟ କୌଣସି ଅଙ୍ଗର ଦୁର୍ଗନ୍ଧ ହେତୁ

* ସଂଯମ ସାଧନା ଗ୍ରନ୍ଥର ୪୯ ପୃଷ୍ଠା ଦ୍ରଷ୍ଟବ୍ୟ ।

ସ୍ୱାମୀ ସ୍ତ୍ରୀ ଆଦରରୁ ଓ ସ୍ତ୍ରୀ ସ୍ୱାମୀର ସୋହାଗରୁ ବଞ୍ଚିତ ହୁଅନ୍ତି ତେବେ ଆବଶ୍ୟକୀୟ ପରିଚ୍ଛନ୍ନତା ଓ ଚିକିତ୍ସା ଦ୍ୱାରା ତାହା ଦୂର କରି ମିଳନର ସେତୁ ନିର୍ମାଣ କରିବାକୁ ଉଭୟଙ୍କ ରୁଚି ମଧ୍ୟରେ ଯାହା କିଛି ସୁରୁଚି ଥିବ ତାକୁ ହିଁ ଉଭୟଙ୍କୁ ଯତ୍ନ ସହକାରେ ଅନୁଶୀଳନ କରିବାକୁ ହେବ ଏବଂ ଯେଉଁ କୁରୁଚି ସବୁ ଥିବ ତାହା ଉଭୟଙ୍କୁ ସମପ୍ରଯତ୍ନ ହୋଇ ବିଷବତ୍ ବର୍ଜନ କରିବାକୁ ହେବ ।

(ଙ) ଏକ-ପ୍ରକୃତିକତା : ସ୍ୱାମୀସ୍ତ୍ରୀ ମଧ୍ୟରେ ତୁଲ୍ୟବଂଶୀୟତା ଘଟିବା କଷ୍ଟସାଧ୍ୟ ହେଲେହେଁ କାଁ ଭାଁ କେଉଁଠି କେମିତି ହୁଏତ ତାହା ଘଟିପାରେ । କିନ୍ତୁ ଉଭୟେ ଏକ ପ୍ରକୃତିର ହେବା ବାସ୍ତବିକ ଅତି ଦୁର୍ଲ୍ଲଭ । ଭିନ୍ନ ରୁଚିସମ୍ପନ୍ନ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ରୁଚିସାମ୍ୟ ପ୍ରତିଷ୍ଠିତ ହେବା କଠିନ ନୁହେଁ କିନ୍ତୁ ଭିନ୍ନ ପ୍ରକୃତିର ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପ୍ରକୃତ ସାମ୍ୟ ପ୍ରତିଷ୍ଠା ହେବା ବଡ଼ କଷ୍ଟକର କଥା । ବରର ପିତାମାତା ଓ କନ୍ୟାର ପିତାମାତା ଯଦି ଗୋଟିଏ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ହୋଇ ଦିର୍ଘକାଳ ପର୍ଯ୍ୟନ୍ତ ସଂଯମ ସାଧନା ପୂର୍ବକ ବର ଓ କନ୍ୟାକୁ ଜନ୍ମଦାନ କରନ୍ତି ତାହାହେଲେ ସେହି ବର ଓ କନ୍ୟାଙ୍କର ପ୍ରକୃତିରେ ସ୍ୱାଭାବିକ ସାମ୍ୟ ଆଶା କରାଯାଇପାରେ । କିନ୍ତୁ ବିଶେଷ ସଂକଳ୍ପ ପୂର୍ବକ ସନ୍ତାନ-ଜନନ ସମ୍ଭବପର ହେଲେ ମଧ୍ୟ ଦୁଇଟି ଅଜଣା ଅଶୁଣା ଦମ୍ପତି ପରସ୍ପର ସଂକଳ୍ପର ସାମ୍ୟରଖି ସନ୍ତାନଜନନ କରିବାକୁ ଚେଷ୍ଟା କରିବା ବହୁଳ ଭାବରେ ପ୍ରଚଳିତ ହେବାର ଆଶା ଅତି କ୍ଷୀଣ । ଏଣୁ ନରନାରୀଙ୍କର ବିବାହ ଯେତେ ସୁନିର୍ବାଚିତ ହେଲେ ମଧ୍ୟ, ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପ୍ରକୃତିଗତ ବୈଷମ୍ୟ ଅବଶ୍ୟ କିଛି ନା କିଛି ରହିବା ସ୍ୱାଭାବିକ । ଗୋଟିଏ ପିତାର ଔରସରୁ ଓ ଗୋଟିଏ ମାତାର ଗର୍ଭରୁ ଜନ୍ମ ହେଉଥିବା ଭାଇଭଉଣୀଙ୍କ ପ୍ରକୃତିରେ ଯେତେବେଳେ ପାର୍ଥକ୍ୟ ପରିଲକ୍ଷିତ ହେଉଅଛି, ସେ ଅବସ୍ଥାରେ ଭିନ୍ନ ଭିନ୍ନ ଜଠର ପ୍ରସୂତ ସ୍ୱାମୀ ଓ ସ୍ତ୍ରୀ ନାମଧାରୀ ଦାମ୍ପତ୍ୟ ଜୀବଦ୍ୱୟଙ୍କ ପ୍ରକୃତିରେ ପାର୍ଥକ୍ୟ ଯେ ରହିବ ହିଁ ରହିବ ଏହା ଏକପ୍ରକାର ଅବଧାରିତ ବ୍ୟାପାର । ଅତଏବ ଏହି ବୈଷମ୍ୟକୁ ଯୋରଜବରଦସ୍ତି ଦୂର କରିବାକୁ ଚେଷ୍ଟା ନ କରି ଏହାକୁ ସ୍ୱୀକାର କରି ନେଇ ଗୃହୀର ଜୀବନକୁ

ଅନ୍ୟାନ୍ୟ ଉପାୟରେ ସୁଖ-ନିକେତନ କରିବାକୁ ହେବ । ଆଂଶିକ ପ୍ରକୃତି ସାମ୍ୟ ଥାଇ ବିବାହ କରାଗଲେ ଆଧ୍ୟାତ୍ମିକ ଉପାୟ ଦ୍ୱାରା ପାର୍ଥକ୍ୟ ଟିକକର ଅପକାରିତା ସମ୍ୟକ ନିବାରଣ କରିହୁଏ ଏବଂ ସେହି ଉପାୟ ଗୁଡ଼ିକ "ଆଧ୍ୟାତ୍ମିକ ଶକ୍ତିସାମ୍ୟ" ନାମରେ ଆଖ୍ୟାତ ହୋଇଅଛି ।

ବର୍ତ୍ତମାନ ସମୟରେ ଆମ ଦେଶରେ ବରକନ୍ୟା ନିର୍ବାଚନ ଯେପରି ଭାବରେ ହେଉଛି ସେଥିରେ ବରକନ୍ୟାଙ୍କର ଆଂଶିକ ପ୍ରକୃତି ସାମ୍ୟ ମଧ୍ୟ ଏକାନ୍ତ ଦୈବାଧୀନ ବ୍ୟାପାର । ଆମ ଦେଶରେ ପାତ୍ର ମନୋନୟନରେ ସାଧାରଣତଃ ପାତ୍ରୀର ଇଚ୍ଛା ଅନିଚ୍ଛାର କିଛି ମୂଲ୍ୟ ନ ଥାଏ ଏବଂ ଯେଉଁଠି କିଛି ମୂଲ୍ୟ ଥାଏ ସେଠାରେ ମଧ୍ୟ ସାଧାରଣତଃ ପାତ୍ରପାତ୍ରୀଙ୍କର ଶିକ୍ଷାଦୀକ୍ଷା, ସର୍ବତୋଭାବରେ ସଂଯତ ଚିନ୍ତା ଓ ସଂଯତ ଜୀବନର ଅନୁକୂଳ ନୁହେଁ । ତେଣୁ ବରକନ୍ୟାଙ୍କ ମିଳନ ଭିତରେ, ବିବାହୋତ୍ସବର ମଙ୍ଗଳ ମଧୁର ଶଙ୍ଖଧ୍ୱନି ଭିତରେ ମଧ୍ୟ ମାନସିକ ବିରୋଧର ବେସୁରା ରାଗିଣୀ ପ୍ରତିବାଦ ସ୍ୱରୁପ ରହିଯାଏ । କାରଣ ବିବାହିତ ଜୀବନର ଭଲମନ୍ଦ ବୁଝିବାକୁ ଅକ୍ଷମା ଏକ ବାଳିକାକୁ ଯେତେବେଳେ ହଠାତ୍ ଦିନେ ଜଣେ ଅଜଣା ଅଚିହ୍ନା ଆଗନ୍ତୁକ ହାତରେ ସମର୍ପି ଦିଆଯାଏ ସେ କ୍ଷେତ୍ରରେ ଉକ୍ତ ବାଳିକାର ମନ ମଧ୍ୟରେ ଅତ୍ୟନ୍ତ ଭୟ,ଆଶଙ୍କା ଓ ଆତଙ୍କ ଜନ୍ମିବା ସ୍ୱଭାବିକ। କାହାରି କାହାରି ସେହି ଆଶଙ୍କା ଓ ଆତଙ୍କ ପ୍ରେମରେ ରୂପାନ୍ତରିତ ହୋଇଯାଏ ସତ୍ୟ କିନ୍ତୁ ଦେଶର ଦୁର୍ଭାଗ୍ୟକ୍ରମେ ସ୍ତ୍ରୀ ହୋଇ ମନେ ମନେ ସ୍ୱାମୀକୁ ଭୟ କରୁ ନଥିବା ନାରୀ ପ୍ରାୟ କେହି ନାହାନ୍ତି କହିଲେ ଚଳେ । ସାମ୍ୟ ବ୍ୟତୀତ ପ୍ରକୃତ ମିଳନ ହୁଏନାହିଁ । ବାଘ ଓ ଛେଳିଙ୍କ ମଧ୍ୟରେ କଣ ବନ୍ଧୁତା ହୋଇପାରେ ? ଦୁଇଟି ସମାନ ସମାନ ଜୀବଙ୍କ ମଧ୍ୟରେ ପ୍ରେମ ହୁଏ, ଅସମାନରେ ହୁଏନାହିଁ । ପୂର୍ବରୁ ଆମେ ଅନ୍ୟ ପ୍ରସଙ୍ଗରେ କହିଛୁ ଯେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବୟସର ପାର୍ଥକ୍ୟ ରହିବା ଆବଶ୍ୟକ । ବୟସ ପାର୍ଥକ୍ୟ ରହିବା ସପକ୍ଷରେ ଆଉ ଗୋଟିଏ କାରଣ ହେଉଛି ଯେ ନାରୀର ଦେହ ପୁରୁଷ ଦେହ ଅପେକ୍ଷା କେତେବର୍ଷ ପୂର୍ବରୁ ସାନ୍ତନିକ ଯୋଗ୍ୟତା ଲାଭ କରେ । କିନ୍ତୁ ଏହି ପାର୍ଥକ୍ୟ ମନର ମିଳନରେ

ବ୍ୟାଘାତ ସୃଷ୍ଟି କରେ ନାହିଁ, ଅନ୍ତତଃ ସ୍ୱାମୀସ୍ତ୍ରୀଙ୍କ କ୍ଷେତ୍ରରେ ତାହା ହୁଏନାହିଁ । ଅବଶ୍ୟ ମନର ମେଳ ଓ ଏକ ପ୍ରକୃତିକତା ଗୋଟିଏ କଥା ନୁହେଁ ତଥାପି ମନର ମେଳକ ଯେ ଏକପ୍ରକୃତିକତା ସାଧନର ପରମ ସହାୟକ ଏହା ସୁନିଶ୍ଚିତ । ଅତଏବ ପାତ୍ରପାତ୍ରୀଙ୍କର ମନର ମେଳକ ପ୍ରତି ଦୃଷ୍ଟି ଦେଇ ସମ୍ବନ୍ଧ ନିର୍ବାଚନ କରିବାଟାକୁ ଚିନ୍ତାଶୀଳ ବ୍ୟକ୍ତିମାନେ ବିଶେଷ ଭାବରେ ଅନୁମୋଦନ କରନ୍ତି । କିନ୍ତୁ ସେଥିରେ ମଧ୍ୟ ଗୋଟିଏ ଅସୁବିଧା ଅଛି । ଯେଉଁ ପାତ୍ରୀ ନିଜର ମନକୁ ନିଜେ ଚିହ୍ନି ପାରିନାହିଁ, ସେ ଯେତେ ପାଠ ପଢ଼ିଥାଉ ପଛକେ, ଅନ୍ୟର ମନ ସହିତ ନିଜ ମନର ମିଳନଟି ହେଲା କି ନାହିଁ ସେ କିପରି ବୁଝି ପାରିବ ? ଯାହାର ମନ ନିଜର ଆୟତ୍ତାଧୀନ ନୁହେଁ, ଯେ ନିଜ ମନର ଖବର ଠିକ୍ ଭାବରେ ରଖିବାର କୌଶଳ ନ ଜାଣେ, ମନକୁ ନିଜ ବଶରେ ରଖିବା, ଘଷିମାଜି ମନକୁ ପରିଷ୍କାର ରଖିବାରେ ଯେ ଅଭ୍ୟସ୍ତ ନୁହେଁ, ଶତପଥଗାମୀ, ପ୍ରମତ୍ତ, ବ୍ୟଭିଚାରୀ ମନକୁ ସଂଯମ ଶୃଙ୍ଖଳରେ ବାନ୍ଧି ରଖିବା ଭଳି ଯୋଗ୍ୟତା ଅର୍ଜନ କରିବା ପାଇଁ ଯେ ବିଧିବଦ୍ଧ ଭାବରେ ଚେଷ୍ଟାକରି ନାହିଁ, କାହା ସହିତ ତାର ମନ ମିଳିଲା ଆଉ କାହା ସହିତ ତାର ମନ ନ ମିଳିଲା, ସେ କଥା ସେ କିପରି ଜାଣି ପାରିବ ? ଆଜି ଯାହା ମନର ମିଳନ ଭଳି ବୋଧ ହେଉଛି, ତାହା ଯେ ଖାଲି କ୍ଷଣସ୍ଥାୟୀ ଚିତ୍ତବିଭ୍ରମ ନୁହେଁ, ଆଜି ଯାହା ଖାଣ୍ଟି ସୁନା ଭଳି ମନେ ହେଉଛି ତାହା ଯେ ସୁନା ପାଣିଦିଆ ପିତଳ ନୁହେଁ, ଆଜି ଯାହା ହୀରା ବୋଲି ମନେ ହେଉଛି ତାହା ଯେ କ୍ଷଣଭଙ୍ଗୁର କାଚ ଖଣ୍ଡେ ନୁହେଁ, ସେକଥା ସେ କିପରି ଠିକ୍ ରୂପେ ନିର୍ଦ୍ଧାରଣ କରିବାକୁ ସମର୍ଥ ହେବ ?

"ଆଧ୍ୟାତ୍ମିକ ଶକ୍ତିସାମ୍ୟ" ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରେ । ଅସବର୍ଣ୍ଣ ବିବାହ ହେଉ ବା ଗୋଟିଏ ସମାଜର ବିଭିନ୍ନ ପରିବାର ମଧ୍ୟରେ ପ୍ରଚଳିତ ପ୍ରଥା ବିରୁଦ୍ଧରେ ଯାଇ କନ୍ୟାଦାନ କରି ହେଉ କିମ୍ବା ସ୍ୱୟମ୍ବର ବିବାହ ହେଉ, ଏଗୁଡ଼ିକ ବ୍ୟକ୍ତିଗତ ସ୍ୱାଧୀନ ରୁଚି ଅନୁସାରେ ଚଳିପାରେ । କିନ୍ତୁ ବରକନ୍ୟାଙ୍କର ମନୋମିଳନ ବର୍ଜିତ ବିବାହ ସୁଖକର କିପରି ହେବ ? ଅତଏବ୍ ବିବାହିତ ଦମ୍ପତି ପାରସ୍ପରିକ ଶକ୍ତିସାମ୍ୟ ଦ୍ୱାରା

ନିଜ ନିଜର ପୁରୁଷକାରକୁ ଏପରି ଭାବରେ ପ୍ରୟୋଗ କରିବାକୁ ଚେଷ୍ଟିତ ହେବା ବିଧେୟ ଯାହା ଫଳରେ କି ମନର ଅମେଳଜନିତ ବିଧି ନିର୍ବନ୍ଧ ଦୁଃଖ ଓ ବୈଷମ୍ୟ ଗୁଡ଼ିକୁ ଏଡ଼େଇ ଯିବା ସମ୍ଭବ ହେବ । କାରଣ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଥାଏ ତାର ମୂଳ କାରଣ ମନର ପ୍ରାକ୍ତନ ସଂସ୍କାର ଓ ପ୍ରଚ୍ଛନ୍ନ ପ୍ରବଣତା ସମୂହ ମଧ୍ୟରେ ହିଁ ନିହିତ ଥାଏ । ତେଣୁ ସ୍ୱାମୀ ଓ ସ୍ତ୍ରୀଙ୍କର ମନର ସେହି ପ୍ରାକ୍ତନ ସଂସ୍କାର ଓ ପ୍ରଚ୍ଛନ୍ନ ପ୍ରବଣତା ଗୁଡ଼ିକୁ ଧୀରେଧୀରେ ବିଶୁଦ୍ଧ ଓ ନିର୍ବିଷ କରିପାରିଲେ ପ୍ରକୃତିଗତ ବୈଷମ୍ୟ ମଧ୍ୟ ସେମାନଙ୍କ କଲ୍ୟାଣକୁ ପରାହତ କରିବାକୁ ସମର୍ଥ ହୋଇପାରେ ନାହିଁ । ଆଧ୍ୟାତ୍ମିକ ଶକ୍ତିସାମ୍ୟ ଦ୍ୱାରା ପ୍ରକୃତିଗତ ବିରୋଧର ମୂଳ ବିଷକୁ ନିଷ୍କ୍ରିୟ ଓ ପରିଶୋଧିତ କରାଯାଏ ଏବଂ ସେହି ପରିଶୋଧିତ ବିଷରୁ ହିଁ ଅମୃତ ରସାୟନର ଫଳ ଲାଭ ହୁଏ, ଯେହେତୁ ପ୍ରକୃତିଗତ ପାର୍ଥକ୍ୟ ସେ ଅବସ୍ଥାରେ ଆଉ ବିରୋଧ ସୃଷ୍ଟି ନ କରି ମିଳନ ଭିତରେ ହିଁ ଅପରୂପ ବୈଚିତ୍ର୍ୟ ସୃଷ୍ଟିକରେ । ଯେଉଁଠି ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଅନୁରାଗ ରହିଥାଏ ସେ କ୍ଷେତ୍ରରେ "ଆଧ୍ୟାତ୍ମିକ ଶକ୍ତିସାମ୍ୟ" ଦ୍ୱାରା ପ୍ରକୃତିଗତ ବୈଷମ୍ୟ ପରିଶୋଧିତ ହୋଇଯାଇ ଗୃହୀ ଜୀବନର ଲୀଳା ମାଧୁର୍ଯ୍ୟକୁ ହିଁ ପ୍ରବର୍ଦ୍ଧିତ କରେ । କିନ୍ତୁ ଯେଉଁଠି ପ୍ରକୃତିଗତ ସାମ୍ୟ ନଥାଏ, ମନର ମେଳ ନ ଥାଏ, ପାରସ୍ପରିକ ପ୍ରେମ ନ ଥାଏ, ପରସ୍ପର ମଧ୍ୟରେ ସହାନୁଭୂତି ନ ଥାଏ, ସେ କ୍ଷେତ୍ରରେ ମଧ୍ୟ ଧୈର୍ଯ୍ୟ ସହକାରେ "ଆଧ୍ୟାତ୍ମିକ ଶକ୍ତିସାମ୍ୟ" ଅନୁଶୀଳନ କରାଗଲେ ବଜ୍ରଦଗ୍ଧ ବୃକ୍ଷରେ ନବବସନ୍ତର କୋମଳ କିଶଳୟ ପଲ୍ଲବିତ ହେବାକୁ ଆରମ୍ଭକରେ, ମରୁ ପ୍ରାନ୍ତରରେ ପ୍ରେମ ମନ୍ଦାକିନୀ କୁଳୁକୁଳୁ ନାଦରେ ପ୍ରବାହିତ ହେବାକୁ ଲାଗେ ।

ପତି-ଭାବ ପାଖରେ ନାରୀର ଆତ୍ମସମର୍ପଣ

ନାରୀ ଯେତେବେଳେ ପତି-ଭାବ ପାଖରେ ଆତ୍ମସମର୍ପଣ କରିବାକୁ ଶିଖେ, ସ୍ୱାମୀକୁ ଦେବତା ଜ୍ଞାନରେ ପୂଜା କରେ, ସେତେବେଳେ ତାର ମାନସିକ ସଂସ୍କାର ଓ ପ୍ରବଣତାଗୁଡ଼ିକ ସ୍ୱାମୀର ସଂସ୍କାର ଓ ପ୍ରବଣତାଗୁଡ଼ିକ ଠାରୁ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ମଧ୍ୟ ଅକଲ୍ୟାଣ ପ୍ରସବ କରିବାର କ୍ଷମତା ହରାଏ ଓ କଲ୍ୟାଣ

ବର୍ଦ୍ଧନ କରିବାର ସାମର୍ଥ୍ୟ ଲାଭକରେ । କିନ୍ତୁ ଏହା ଫଳରେ ସ୍ୱାମୀ କୌଣସି ଉତ୍କର୍ଷ ପ୍ରାପ୍ତ ହୁଏ ନାହିଁ । ସେଭଳି ସତୀ ସ୍ତ୍ରୀର ସ୍ୱାମୀ ହେବାର ସୁଯୋଗରୁ ଯଦି ତାର କିଛି ସୁକୃତି ଲାଭହୁଏ ତେବେ ତାହା କେବଳ ପତ୍ନୀର ଆଶୀର୍ବାଦ ମାତ୍ର । ସତ କଥା କହିବାକୁ ଗଲେ ଆମେ ଯେ ସତ୍ୟବାନ ବା ନଳରାଜାଙ୍କୁ ସ୍ୱତନ୍ତ୍ର ସମ୍ମାନ ଦେଉ ସେଇଟା କେବଳ ସେମାନଙ୍କର ତ୍ରିଲୋକପୂଜିତା ସହଧର୍ମିଣୀ ସାବିତ୍ରୀ ଓ ଦମୟନ୍ତୀଙ୍କ ଅକ୍ଷୟ ପୁଣ୍ୟ ଯୋଗୁଁ ହିଁ ଦିଆଯାଇଥାଏ । ସାବିତ୍ରୀ ଓ ଦମୟନ୍ତୀ ନ ଥିଲେ ସତ୍ୟବାନ ବା ନଳରାଜା ଅନ୍ୟାନ୍ୟ ରାଜା ମହାରାଜାଙ୍କ ପରି ଲୋକଲୋଚନ ଅନ୍ତରାଳରେ ହିଁ ରହିଥାନ୍ତେ । ସତୀଙ୍କ ସ୍ୱାମୀ ଶିବ ଓ ସୀତାଙ୍କ ସ୍ୱାମୀ ରାମଚନ୍ଦ୍ର ଯେ ସତ୍ୟବାନ ଓ ନଳରାଜାଙ୍କ ଅପେକ୍ଷା ଏକ ପୃଥକ ଧରଣର ସମ୍ମାନ ପାଇଛନ୍ତି, ତାର ଗୋଟିଏ କାରଣ ହେଉଛି ସେମାନଙ୍କର ବ୍ୟକ୍ତିଗତ ଜୀବନର ଅଲୋକସାମାନ୍ୟ ଉତ୍କର୍ଷ ଏବଂ ଅନ୍ୟ କାରଣଟି ହେଉଛି ପତ୍ନୀପ୍ରତି ସେମାନଙ୍କର ଅତୁଳନୀୟ ପ୍ରେମ । ସତୀର ଶବକୁ ସ୍କନ୍ଧରେ ବହନ କରି ନିଖିଳ ଭୁବନ ପରିକ୍ରମା କରିବା ଦ୍ୱାରା ଯେଉଁ ଅତୀବ ମର୍ମସ୍ପର୍ଶୀ ପ୍ରେମର ପରାକାଷ୍ଠ ମହାଦେବ ଦେଖାଇଲେ ତାହାହିଁ ତାଙ୍କୁ ଏକାନ୍ନ ପୀଠର ଭୈରବ ରୂପେ ପୂଜ୍ୟ କରିଛି । ସତୀ ଦେହତ୍ୟାଗ କରିବାର ବହୁକାଳ ପରେ ସେ ଯଦି କୁମାର-ସମ୍ଭବ ପ୍ରୟୋଜନାର୍ଥେ ପୁନର୍ବାର ଉମାଙ୍କର ପାଣିପୀଡ଼ନ କରି ନ ଥାନ୍ତେ ତାହାହେଲେ ସେ ଏକପରାୟଣତା ଯୋଗୁଁ ଅଧିକତର ପୂଜ୍ୟ ହୋଇଥାନ୍ତେ । କିନ୍ତୁ ସେଇ ଗୋଟିକ ଖୁଣ ମଧ୍ୟ ରାମଚନ୍ଦ୍ରଙ୍କ ଚରିତ୍ରରେ ଦେଖିବାକୁ ମିଳେନାହିଁ । ପିତୃସତ୍ୟ ପାଳନାର୍ଥେ ବନଗମନ କରିବାଦ୍ୱାରା ସେ ରାଜା ପ୍ରଜା ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହେଲେ, କିନ୍ତୁ ବହୁପତ୍ନୀକ ରାଜା ଦଶରଥଙ୍କର ଆତ୍ମଜ ହୋଇ ମଧ୍ୟ ଏବଂ ପୁନର୍ବିବାହ ପାଇଁ କୌଣସି ସାମାଜିକ, କୌଳିକ ବା ଲୌକିକ ବାଧା ନ ଥିବା ସତ୍ତ୍ୱେ ବି ସେ ସୀତାଙ୍କ ବ୍ୟତୀତ ଦ୍ୱିତୀୟା ନାରୀର ମୂର୍ତ୍ତି ସୁଦ୍ଧା କଳ୍ପନା ନ କରିବା ଯୋଗୁଁ ନାରୀ ପୁରୁଷ ସମସ୍ତଙ୍କର ପୂଜାର ପାତ୍ର ହେଲେ । ଫଳତଃ, ରାମାୟଣ ଏକ ଦିଗରେ ଯେପରି ସୀତାଙ୍କର ଅପୂର୍ବ ପତିପ୍ରେମର କାହାଣୀ ହୋଇଥିବାରୁ ତାହା "ସୀତାୟନ" ଆଖ୍ୟା ପାଇଥିଲେ କିଛି ଅଶୋଭନ ହୋଇ ନ ଥାନ୍ତା ଅନ୍ୟ ଦିଗରେ ସେହିପରି ଏହା ରାମଚନ୍ଦ୍ରଙ୍କର

ଏକନିଷ୍ଠ ପତ୍ନୀପ୍ରେମର କାହାଣୀ ହୋଇଥିବାରୁ "ରାମାୟଣ" ନାମକୁ ମଧ୍ୟ ସାର୍ଥକ କରିଅଛି । କିନ୍ତୁ ରାମଙ୍କର ପରି ପତି କେତେଜଣଙ୍କୁ ମିଳନ୍ତି ? ସୀତାଙ୍କୁ ଆଦର୍ଶରୂପେ ଗ୍ରହଣ କରି ଲକ୍ଷ ଲକ୍ଷ ନାରୀ ନିଜ ଜୀବନରେ ସୀତାଙ୍କ ପଦାଙ୍କ ଅନୁସରଣ କରିବାକୁ ପ୍ରୟାସିନୀ ହୋଇଛନ୍ତି କିନ୍ତୁ ରାମଚନ୍ଦ୍ରଙ୍କୁ ତାଙ୍କର ପ୍ରକୃତ ପ୍ରେମମୟ ମୂର୍ତ୍ତିରେ ଦର୍ଶନ କରି କେତେଜଣ ପୁରୁଷ ତାଙ୍କୁ ଅନୁକରଣ କରିବାକୁ ଇଚ୍ଛୁକ ହେଲେ ? ରାମଚନ୍ଦ୍ର ଯେ ରାଜ୍ୟ ଲୋଭରେ ସୀତାଙ୍କୁ ବନବାସ ଦେଇ ନ ଥିଲେ, କେତେଜଣ ପୁରୁଷ ସେ କଥାଟି ବୁଝିଲେ ? ତତ୍‌କାଳୀନ ଧାରଣାନୁଯାୟୀ ରାଜଧର୍ମ-ଯଜ୍ଞରେ ନିଜର ସ୍ୱାର୍ଥକୁ ଉତ୍ସର୍ଗ କରି ଓ ନିଜ ପ୍ରତି ନିଜେ ନୃଶଂସତା ଆଚରଣ କରି ରାମଚନ୍ଦ୍ର, ଯେ ସୀତାଙ୍କୁ ନିର୍ବାସିତ କରିଥିଲେ କେତେଜଣ ଲୋକ ଏ ଯୁକ୍ତି ଉଦ୍ଭାବନ କରିପାରିଲେ ? ଫଳରେ ନାରୀ ପତିଭାବ ସାଧନା ଲାଗି ନିଜକୁ ଉଜାଡ଼ି କରି ଦେଇ ମହତ୍ତ୍ୱ ଲାଭ କଲା ସତ୍ୟ କିନ୍ତୁ ସ୍ୱାମୀ ବିଚାରା ସେ ମହାସମ୍ପଦରୁ ବଞ୍ଚିତ ହୋଇ ରହିଗଲା । ଶ୍ରୀରାମଚନ୍ଦ୍ରଙ୍କୁ ଅବତାର ରୂପେ ଗ୍ରହଣ କରାଯାଇ ହଜାର ହଜାର ପୂଜା ମନ୍ଦିର ଚତୁର୍ଦ୍ଦିଗରେ ପ୍ରତିଷ୍ଠିତ ହେଲା କିନ୍ତୁ ରାମଚନ୍ଦ୍ରଙ୍କ ଜୀବନର ଏକନିଷ୍ଠା ତାଙ୍କ ପୂଜକ ମାନଙ୍କ ଜୀବନରେ ଆଦର୍ଶ ରୂପେ ସ୍ଥାନ ପାଇଲା ନାହିଁ ଯାହା ଫଳରେ ଆଜି ରାଷ୍ଟ୍ରନାୟକମାନଙ୍କୁ ହିନ୍ଦୁପୁରୁଷମାନଙ୍କ ମଧ୍ୟରେ ଏକପତ୍ନୀତ୍ୱ ପ୍ରତିଷ୍ଠା କରିବା ପାଇଁ ଆଇନ ପ୍ରଣୟନ ପର୍ଯ୍ୟନ୍ତ କରିବାକୁ ପଡ଼ିଲା । କାରଣ ଏ ଦେଶରେ ସ୍ତ୍ରୀ ପକ୍ଷରେ ସ୍ୱାମୀପୂଜା ଯେଭଳି ଏକ ବଦ୍ଧମୂଳ ଶିଷ୍ଟାଚାର ବୋଲି ସ୍ୱୀକୃତ, ସ୍ୱାମୀ ପକ୍ଷରେ ସ୍ତ୍ରୀ ପୂଜା ସେପରି ନୁହେଁ । ସ୍ତ୍ରୀ ପ୍ରତି ଉପାସ୍ୟ-ଭାବ ଆରୋପ କରିବାକୁ ତନ୍ତ୍ରଶାସ୍ତ୍ର କୁଳାଚାରୀ ସାଧକମାନଙ୍କୁ ଉପଦେଶ ଦେଇଯାଇଛି ସତ୍ୟ କିନ୍ତୁ ସେ ଉପଦେଶ ଯଥାଯଥ ଭାବରେ ପ୍ରତିପାଳିତ ହୋଇଛି ବୋଲି ମନେ କରାଯାଇ ନ ପାରେ । ତାର ପ୍ରଥମ କାରଣ ହେଲା, ତନ୍ତ୍ରଶାସ୍ତ୍ରରେ ସମସ୍ତେ ସମାନ ଭାବରେ ଆସ୍ଥାବାନ ନୁହନ୍ତି । ଦ୍ୱିତୀୟ କାରଣ ହେଲା, ତାନ୍ତ୍ରିକ ସାଧନାରେ ବ୍ୟଭିଚାର ଓ କଦାଚାରକୁ ପ୍ରଶ୍ରୟ ଦେବାର ଯଥେଷ୍ଟ ସୁଯୋଗ ରହିଛି । ତୃତୀୟତଃ, ତନ୍ତ୍ରଧର୍ମ ଗୃହୀ ସାଧକମାନଙ୍କ ଦ୍ୱାରା ଉଦ୍ଭାବିତ ଓ ଅନୁଶୀଳିତ ଧର୍ମ ।

ସଂସାର-ବିମୁଖ, ଭୋଗସୁଖ-ଅନାସ୍ଥାବାନ ସନ୍ନ୍ୟାସୀମାନେ ଏହାର ପ୍ରଚାରକ ନୁହନ୍ତି ଅଥଚ ଭାରତୀୟ ହିନ୍ଦୁ ଜାତିର ସ୍ୱାଭାବିକ ନେତୃତ୍ୱ ଅଧିକାଂଶ ସମୟରେ ସନ୍ନ୍ୟାସୀମାନଙ୍କ ହାତରେ ହିଁ ରହି ଆସିଛି । ବୁଦ୍ଧ, ମହାବୀର, ଶଙ୍କର, ରାମାନୁଜ, ଗୌରାଙ୍ଗ ପ୍ରଭୃତି ସବୁ ମହାପୁରୁଷ ହେଉଛନ୍ତି ସନ୍ନ୍ୟାସୀ । ହିନ୍ଦୁଜାତି ଗୃହୀର ଶାସନ ଯେ ନ ମାନେ ତାହା ନୁହେଁ । ନାନକ, କବୀର ଓ ଆଧୁନିକ ଯୁଗର ରାମମୋହନ ରାୟ ଏମାନେ ସମସ୍ତେ ଗୃହୀ ଥିଲେ । ତଥାପି ଏହା ଅଭ୍ରାନ୍ତ ସତ୍ୟ ବୋଲି ପ୍ରମାଣିତ ହୋଇଯାଇଛି ଯେ ସନ୍ନ୍ୟାସୀ ଧର୍ମପ୍ରଚାରକମାନେ ଯେତେ ସହଜରେ ବା ଯେତିକି ସମୟ ମଧ୍ୟରେ ଯାହା କରି ପାରିଛନ୍ତି ଗୃହୀ ଧର୍ମପ୍ରଚାରକମାନେ ସେତେ ସହଜରେ ବା ସେତିକି ସମୟରେ ତାହା କରି ପାରିନାହାନ୍ତି । ତନ୍ତ୍ରଶାସ୍ତ୍ରୋକ୍ତ ଉପଦେଶ ଯଥାଯଥ ଭାବରେ ପ୍ରତିପାଳିତ ନ ହେବାର ଯେତେଗୁଡ଼ିଏ କାରଣ ଅଛି ତନ୍ମଧ୍ୟରେ ଏ କାରଣଟିକୁ ମଧ୍ୟ ତୁଚ୍ଛ ମନେ କରାଯାଇ ନ ପାରେ । ଚତୁର୍ଥ କାରଣ ହେଉଛି, ଯେଉଁମାନେ ତନ୍ତ୍ରଶାସ୍ତ୍ରରେ ଅନୁରାଗୀ ଓ ତଦନୁଯାୟୀ ସାଧନପ୍ରୟାସୀ ସେମାନଙ୍କ ଭିତରୁ ଏକ ବିରାଟ ଅଂଶ ତନ୍ତ୍ରର ପ୍ରକୃତ ଉଦ୍ଦେଶ୍ୟ ଅନୁସରଣ ନ କରି ନାରିକେଳର ଭିତରର ରସକୁ ଉପେକ୍ଷା କରି କତା ଚୋବାଇବା ନ୍ୟାୟରେ କେବଳ ଆଚାରଗୁଡ଼ିକ ହିଁ ମୂଳ ବୋଲି ଧରିନେଲେ ଏବଂ ତାମସିକ ପ୍ରାକୃତିକ ଲୋକମାନଙ୍କୁ ସଂଗ୍ରହ କରି ସେମାନଙ୍କ ଆଗରେ ସେହି କତାର ଅତୁଳନୀୟ ମହାତ୍ମ୍ୟ ପ୍ରଚାର କରିବା ଫଳରେ ଭିତରର ରସ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞତା ଓ ବିସ୍ମୃତି ସୃଷ୍ଟି କଲେ । କିନ୍ତୁ ତନ୍ତ୍ରର କୌଣସି କୌଣସି ଆଚାର ଯେତେ କୁତ୍ସିତ ହେଉ ପଛକେ, ତନ୍ତ୍ରର ଉପଦେଶ ମଧ୍ୟରେ ସତ୍ୟ ରହିଛି । ଦି, ଅକ୍ଷର ଇଂରାଜୀ ପାଠ ପଢ଼ି ଆମେ ତନ୍ତ୍ରକୁ ମାତାଲର ପ୍ରଳାପ ବୋଲି କହି ଖୁବ୍ ନିନ୍ଦା କଲେ ଆମ ଯୁକ୍ତିତର୍କ ଦାଉରେ ତନ୍ତ୍ର ହୁଏତ ପଳାଇବାକୁ ବାଟ ନ ପାଇପାରେ କିନ୍ତୁ ସେଥିରେ ଯାହା ସତ୍ୟ ଅଛି ସେ ତ ଆଉ ଅସତ୍ୟ ହୋଇଯିବ ନାହିଁ । ସିଧା ସଳଖ ନ ହେଉ, ବୁଲେଇ ବଙ୍କେଇ ମସ୍ତକ ପ୍ରଦକ୍ଷିଣ କରି ଅନ୍ନଗ୍ରାସ ଭୋଜନ କରିବା ଢଙ୍ଗରେ ହେଉ ପଛକେ ଯାହା ପ୍ରକୃତ ସତ୍ୟ ଆମକୁ ତାହା ଗ୍ରହଣ କରିବାକୁ ପଡ଼ିବ । ଗୋଟିଏ ଜିଅନ୍ତା ମଣିଷକୁ ତାଳଗଛରେ ଫାଶୀ ଲଟକାଇ ଦେଲେ ତାର ଜଡ଼ ଦେହଟା ମରିଯାଏ ସତ୍ୟ କିନ୍ତୁ

ସେହି ଦେହକୁ ଆଶ୍ରୟକରି ଯେଉଁ ଆତ୍ମା ନିଜକୁ ପ୍ରକାଶିତ କରିଥିଲେ ତାଙ୍କର ମୃତ୍ୟୁ ହୁଏନାହିଁ । ଗୋଟିଏ ଦେହର ପତନ ହେଲେ ଆତ୍ମା ଦେହାନ୍ତର ଆଶ୍ରୟ କରି ପୁନର୍ବାର ନିଜକୁ ବିକଶିତ କରନ୍ତି । ଠିକ୍ ସେହିପରି ତନ୍ତ୍ରଶାସ୍ତ୍ରକୁ ଆଶ୍ରୟ କରି ଏକଦା ଯେଉଁ ସତ୍ୟ ଆତ୍ମପ୍ରକାଶ କରିବାକୁ ବସିଥିଲା ତନ୍ତ୍ରାଚାରୀମାନଙ୍କର ଉଦ୍ଦେଶ୍ୟ-ବିସ୍ମୃତି ହେତୁ ଆମେ ସେହି ଶାସ୍ତ୍ରକୁ ଫାସିଖୁଣ୍ଟରେ ଲଟକାଇ ତାକୁ ଭବଲୀଳା ସାଙ୍ଗ କରିବାକୁ ବାଧ୍ୟ କରିପାରୁ; କିନ୍ତୁ ତାହାହେଲେ ବି ସେହି ସତ୍ୟ ପୁନର୍ବାର ନୂତନ ଶାସ୍ତ୍ର ମାଧ୍ୟମରେ ଯେ ଅବଶ୍ୟ ଆତ୍ମପ୍ରକାଶ କରିବ ଏହା ନିଃସନ୍ଦେହ । ତନ୍ତ୍ରର ବହୁ ସତ୍ୟ ମଧ୍ୟରୁ ଗୋଟିଏ ବଡ଼ ସତ୍ୟ ହେଉଛି- "ନାରୀ ମଧ୍ୟ ପୂଜାର୍ହା । ପୁରୁଷ ଯେପରି ନାରୀର ଉପାସ୍ୟ, ନାରୀ ମଧ୍ୟ ସେହିପରି ପୁରୁଷର ଉପାସ୍ୟା । ପୁରୁଷ ଯେପରି ନାରୀର ବ୍ରହ୍ମ-ପ୍ରତୀକ, ନାରୀ ମଧ୍ୟ ସେହିପରି ପୁରୁଷର ବ୍ରହ୍ମ ପ୍ରତୀକ। ନାରୀ ଯେପରି ଚିତ୍ତର ଯାବତୀୟ ସାତ୍ତ୍ୱିକୀ ବୃତ୍ତି ରୂପକ ଉପଚାର ଦ୍ୱାରା ପତି ଦେବତାଙ୍କର ଅର୍ଚ୍ଚନା କରିବ, ପୁରୁଷ ପକ୍ଷରେ ମଧ୍ୟ ପତ୍ନୀଦେବୀ ଅନୁରୂପ ଅର୍ଚ୍ଚନୀୟା" । ଆଦିମ କାଳରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ସମସ୍ତେ ନାରୀର ପତିପୂଜାର ମାହାତ୍ମ୍ୟ କୀର୍ତ୍ତନ କରି ଆସିଛନ୍ତି କିନ୍ତୁ ଏକମାତ୍ର ତନ୍ତ୍ରଶାସ୍ତ୍ର ଛଡ଼ା ଆଉ କେହି ପୁରୁଷର ପତ୍ନୀପୂଜା କଥା ଅକୁଣ୍ଠିତ କଣ୍ଠରେ କହିନାହାନ୍ତି । କେହି କେହି ଜଗି ରଖି କହିଛନ୍ତି, ଆଉ କେହି କେହି ସନ୍ତର୍ପଣରେ ବୁଲେଇ ବଙ୍କେଇ କହିଛନ୍ତି କିନ୍ତୁ ଏ ବିଷୟରେ ତନ୍ତ୍ରଶାସ୍ତ୍ର କୌଣସି ସଙ୍କୋଚ ନ ରଖି ଯାହା କହିବାର କଥା ଲାଜସରମ ସବୁ ଛାଡ଼ି ଦେଇ ରୋକ୍‌ଠୋକ୍ ଭାବରେ କହିଯାଇଛି ।

ସ୍ତ୍ରୀ ଜାତିର ମହତ୍ତ୍ୱର ପ୍ରମାଣ

ତନ୍ତ୍ରୋକ୍ତ ସବୁ କଥା ଆମେ ମାନୁ ବା ନ ମାନୁ, କଥାଟି କିନ୍ତୁ ଆମକୁ ପ୍ରକାରାନ୍ତରେ ହେଲେ ବି ମାନିବାକୁ ହେବ। କାରଣ ନାରୀକୁ ପୂଜା ନ କରିବା ଯୋଗୁଁ ହିଁ ପୁରୁଷ କ୍ଷତିଗ୍ରସ୍ତ ହୋଇଛି । ଭକ୍ତ, ପ୍ରେମଭକ୍ତି ସହକାରେ ପ୍ରସ୍ତର ବିଗ୍ରହକୁ ପୂଜା କରି ଲାଭବାନ ହେଲେ ସେ ଲାଭ ତା ନିଜର, ପଥରର ସେଥିରେ ଯାଏ କେତେ ଆସେ କେତେ ? ଏତେ ଦିନ ହେଲା ସ୍ତ୍ରୀ ଜାତି ପତି ଦେବତାଙ୍କୁ

ପୂଜା କରି ଆସିଛି - ପତି ହିଁ ସତୀର ଗତି, ପତି ହିଁ ସତୀର ପ୍ରାଣ, ପତି ହିଁ ପୁଣ୍ୟ, ପତି ହିଁ ଗୁରୁ ଇତ୍ୟାଦି ସତ୍-ସଂସ୍କାର ଦ୍ୱାରା ପରିଚାଳିତ ହୋଇ ସ୍ତ୍ରୀ ଜାତି ଯଦି ଆତ୍ମାର ଉତ୍କର୍ଷ ସାଧନ କରିଥାଏ, ତେବେ ସେ ନିଜେ ହିଁ ତାହା କରିଛି । ପତି-ଭାବ ପାଖରେ ଆତ୍ମସମର୍ପଣ କରିବାକୁ ପ୍ରୟାସିନୀ ହେବା ଫଳରେ ସେମାନେ ଶତଗୁଣ ଶକ୍ତିଶାଳୀ ଦୟା, କ୍ଷମା, ପ୍ରୀତି, ସହିଷ୍ଣୁତା ପ୍ରଭୃତି ସଦ୍‌ଗୁଣ ଲାଭ କରି ପାରିଛନ୍ତି । ଯଦିଓ ପୁରୁଷ ଜାତି ସ୍ତ୍ରୀ ଜାତିକୁ ସଚଳ ରତିମନ୍ଦିର ଛଡ଼ା ଆଉ କିଛି ମନେ କରେ ନାହିଁ ତଥାପି ନାରୀ ପରଦାରରତ ସ୍ୱାମୀକୁ କ୍ଷମା କରିପାରିଛି, ପ୍ରତିଦାନ ପାଇବାର ତିଳେମାତ୍ର ଆଶା ନ ରଖି ଉପଦଂଶକ୍ଲିଷ୍ଟ ବା କୁଷ୍ଠ-ଜର୍ଜରିତ ସ୍ୱାମୀର ସେବା; ଅକ୍ଳାନ୍ତ ପରିଶ୍ରମ କରି କରିଛି, ଯେଉଁ ସ୍ୱାମୀକୁ ବର୍ଜନ କଲେ ଅନ୍ତର୍ଯ୍ୟାମୀଙ୍କ ବିଚାରରେ ସ୍ତ୍ରୀ ଅଣୁମାତ୍ର ଅପରାଧିନୀ ହେବାର କଥା ନୁହେଁ ସେହି ବର୍ଜନୀୟ ସ୍ୱାମୀର କ୍ଲେଶକର ସଙ୍ଗ ପରିତ୍ୟାଗ ନ କରି ସେ ସାଦରେ ତାକୁ ଆଲିଙ୍ଗନ କରିଛି । ଏଇଥିରୁ ହିଁ ପ୍ରମାଣିତ ହୁଏ ଯେ ପତିଭାବ ପାଖରେ ଆତ୍ମସମର୍ପଣ କରିବା ଫଳରେ ସ୍ତ୍ରୀଜାତି ପ୍ରକୃତରେ ବହୁତ ବଡ଼ ହୋଇପାରିଛି । ଯେ ଦିଏ ସେ ବଡ଼, ନା ଯେ ଦୁଇ ହାତରେ ଅଞ୍ଜଳି କରି ନିଏ ସେ ବଡ଼ ?ଯେ ପ୍ରେମ କରେ ସେ ବଡ଼, ନା ଯେ ପ୍ରେମ ପାଏ ସେ ବଡ଼ ? ଯେ ସେବକ ସେ ବଡ଼, ନା ଯେ ସେବା ଗ୍ରହଣ କରେ ସେ ବଡ଼ ? ଭକ୍ତ ବଡ଼ ନା ଭଗବାନ ବଡ଼ ? ବିବେଚନା କରି ଦେଖିଲେ ଜାଣିପାରିବ ନାରୀ ଜାତି ପୁରୁଷ ଜାତି ଅପେକ୍ଷା ପ୍ରକୃତରେ କେତେ ବଡ଼ ହୋଇଯାଇଛି । ନିଜକୁ ବଡ଼ ବୋଲି ମନେ କରି କରି ପୁରୁଷ ଜାତିଟା ଏହିପରି ଭାବରେ କେବଳ କାଙ୍ଗାଳ ହୋଇଯାଇଛି । ତାର ମହତ୍ତ୍ୱ ଭଣ୍ଡାର ଶୂନ୍ୟ ହୋଇଯାଇଛି । ନାରୀକୁ ଦାସୀର ଜାତି ବୋଲି ସମ୍ବୋଧନ କରି କରି ପୁରୁଷ ବଳଦର୍ପିତର କ୍ରୀତଦାସ ହିଁ ହୋଇଛି । ଆଉ ଜୋର କରି ପତିପୂଜା ଆଦାୟ କରିବାକୁ ଯାଇ ସେ ନିରୁଦ୍ୟମ ନପୁଂସକରେ ହିଁ ପରିଣତ ହୋଇଯାଇଛି । ନିଜକୁ ନାରୀ ଜାତିର ଗୁରୁ ଆସନରେ ବସାଇ ସେ ସର୍ବଦା ଖାଲି ହୁକୁମ ପରେ ହୁକୁମ ଜାରି କରି ଚାଲିଛି ଓ ନାରୀର ଅବାଧ୍ୟତାର କଳ୍ପନା ମନରେ ଉଦିତ ହେବା ମାତ୍ରକେ ସେ ଉଦ୍ୟତ ଦଣ୍ଡରେ ତାର ମସ୍ତକ ଚୂର୍ଣ୍ଣବିଚୂର୍ଣ୍ଣ କରି ଆସିଛି କିନ୍ତୁ ଗୁରୁତ୍ୱ ଅର୍ଜନ

ପାଇଁ ଯେଉଁ ଚେଷ୍ଟା ଆବଶ୍ୟକ ସେତକ ଅର୍ଜନ କରିବା ପାଇଁ କେବେ ପ୍ରୟାସୀ ହୋଇନାହିଁ । ସେ ସ୍ତ୍ରୀଜାତିର ପରମେଶ୍ୱର ହେବାକୁ ଇଚ୍ଛା କରି ଆସିଛି କିନ୍ତୁ ଭକ୍ତ ପ୍ରତି ଭଗବାନଙ୍କର ପ୍ରାଣର ଯେଉଁ ଅପରିସୀମ ଆକର୍ଷଣ, ତାକୁ ଅନୁଶୀଳନ କରିନାହିଁ । ଫଳତଃ ପୁରୁଷର ମନୁଷ୍ୟତ୍ୱ ମଧ୍ୟରେ ଏକ ବିରାଟ ଅଭାବ, ରିକ୍ତତା ଓ ଶୁନ୍ୟତା ସୃଷ୍ଟି ହୋଇଅଛି ।

ଏହି ଶୂନ୍ୟତା ଦୂର କରିବା ଲାଗି ସୂକ୍ଷ୍ମଦର୍ଶୀ ଯୋଗୀମାନେ ଆଧ୍ୟାତ୍ମିକ ଶକ୍ତିସାମ୍ୟ ଉପାୟଗୁଡ଼ିକ ଆବିଷ୍କାର କରିଥିଲେ ଏବଂ ବାହ୍ୟ ଆଚରଣ ମଧ୍ୟ ଦେଇ ନୁହେଁ, ଆନ୍ତରିକ ପ୍ରବୃତ୍ତି ମାଧ୍ୟମରେ ପରସ୍ପର ପରସ୍ପରକୁ ପୂଜା କରି ସମଭାବରେ କଲ୍ୟାଣବନ୍ତ ହେବାର ପନ୍ଥା-ନିର୍ଦ୍ଦେଶ କରିଥିଲେ ।

(ଚ) ଉଭୟଙ୍କର ଏକଲକ୍ଷ୍ୟତା : ଲକ୍ଷ୍ୟର ଐକ୍ୟତାନ ହିଁ ଦାମ୍ପତ୍ୟ ଜୀବନର ସବୁ ସୁଖ, ସୌଭାଗ୍ୟ ଓ ସାର୍ଥକତାର ମୂଳ । କିନ୍ତୁ କି ସ୍ୱାମୀ କି ପତ୍ନୀ, କାହାରି ପକ୍ଷରେ ଜୀବନର ଲକ୍ଷ୍ୟ ନିର୍ଣ୍ଣୟ କରିବା ସହଜ କଥା ନୁହେଁ । ଖାଲି ଯୁକ୍ତିତର୍କଦ୍ୱାରା କାହାରି ଲକ୍ଷ୍ୟ ନିର୍ଣ୍ଣୀତ ହୋଇ ପାରେ ନାହିଁ, ହୃଦୟର ଗତିବେଗକୁ ବୁଝି ଲକ୍ଷ୍ୟ ନିର୍ଣ୍ଣୟ କରିବାକୁ ହୁଏ । କିନ୍ତୁ ଆଧ୍ୟାତ୍ମିକ ସାଧନ ଦ୍ୱାରା ଚିତ୍ତ ଯାହାର ପରିଶୁଦ୍ଧ ହୋଇ ନ ଥାଏ ତାର ହୃଦୟର ଗତି-ବେଗ ପଙ୍କିଳ ଥାଏ ଓ ସେହି ପଙ୍କିଳ ପ୍ରବାହରେ ନିଜକୁ ଭସାଇ ଦେଇ ଲକ୍ଷ୍ୟ ନିର୍ଣ୍ଣୟ ବା ଲକ୍ଷ୍ୟ ଲାଭ ପାଇଁ ଚେଷ୍ଟା କରିବା ବିଡ଼ମ୍ବନା ମାତ୍ର । ଭଗବାନଙ୍କୁ ହିଁ ଜୀବନର ଏକ ମାତ୍ର ପରିଚାଳନା ବୋଲି ଜାଣି ଓ ନିଜ ନିଜର ସକଳ ପ୍ରୟାସ-ସ୍ପନ୍ଦନର ମୂଳ ଉତ୍ସ ସ୍ୱରୂପ ବୁଝି ଯେଉଁମାନେ ଭଗବତ୍ ସାଧନ ଦ୍ୱାରା ନିଜ ଜୀବନକୁ ପରିଶୁଦ୍ଧ କରିବାରେ ଶିଥିଳ ନ ହୁଅନ୍ତି, କେବଳ ସେହିମାନଙ୍କ ପକ୍ଷରେ ଜୀବନର ଲକ୍ଷ୍ୟ ନିର୍ଣ୍ଣୟ କରିବାରେ ହୃଦୟର ଗତି ପ୍ରବାହ ପରମ ସହାୟକ ହୁଏ, ଅନ୍ୟମାନଙ୍କ ପକ୍ଷରେ ତାହା ଅଧିକାଂଶ ସମୟରେ ବିପଥ ଗମନର ପ୍ରରୋଚକ ହିଁ ହୁଏ । ନିଜ ନିଜ ହୃଦୟର ବେଗ ଓ ଆବେଗକୁ ତାର ପ୍ରକୃତ ସ୍ୱରୁପରେ ଉପଲବ୍ଧି କରିବାଲାଗି ସମର୍ଥ ହେବାକୁ ହେଲେ ସ୍ୱାମୀ ଓ ସ୍ତ୍ରୀ ନାନାବିଧ କଲ୍ୟାଣକର କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଦେଶ ଓ ଜଗତ ସହିତ ସେମାନଙ୍କର କି କି ପ୍ରକାଶ୍ୟ ଓ ଅପ୍ରକାଶ୍ୟ ସମ୍ବନ୍ଧ ରହିଛି ତାହା

ସେମାନଙ୍କୁ ବୁଝିନେବାକୁ ହେବ । ପୁରୁଷମାନେ ସମାଜ କଲ୍ୟାଣ କାର୍ଯ୍ୟରେ ନିଜକୁ ସମର୍ପଣ କରିଦେବା ଲାଗି ଅଗ୍ରସର ହେଲାବେଳେ ନିଜ ନିଜର ଧର୍ମପତ୍ନୀମାନଙ୍କୁ ଯଦି ଏହି କଲ୍ୟାଣକର କାର୍ଯ୍ୟର କୌଣସି ଏକ ଅଂଶବିଶେଷରେ ଆତ୍ମଦାନର ସୁଯୋଗ ଦେଇ ନ ପାରନ୍ତି ତାହାହେଲେ ଦମ୍ପତି ପକ୍ଷରେ ଐକ୍ୟତାନ ସମ୍ପାଦନ ବଡ଼ ଦୁରୁହ ବ୍ୟାପାର ହେବ । ଉଭୟେ ଏକଲକ୍ଷ୍ୟ କି ନା, ଯଦି ଏକଲକ୍ଷ୍ୟତାର ଅଭାବ ଥାଏ ତେବେ ତାର ପରିମାଣ କେତେ ଓ ସେହି ଅଭାବତକ ପୂରଣ କରିବା ପାଇଁ କି ଶ୍ରେଷ୍ଠ ଉପାୟ ଅବଲମ୍ବନ କରାଯାଇପାରେ, ତାହା ଉଭୟେ ଏକ କାର୍ଯ୍ୟରେ ଶକ୍ତିପ୍ରୟୋଗ କରିବାକୁ ଚେଷ୍ଟା କଲେ ଧରାପଡ଼େ । କିନ୍ତୁ ପ୍ରକାଶ୍ୟ ସଭାମଞ୍ଚରେ ବାଗ୍ମୀ ସ୍ୱାମୀର ଅନୁଗମନ କଲେ ଏପରିକି ଘଣ୍ଟାଏ ଅଧେ ବକ୍ତୃତା ଦେଲେ ଯେ ସ୍ତ୍ରୀର ଏକଲକ୍ଷ୍ୟତା ପ୍ରମାଣିତ ହେବ ଅଥବା ବନ୍ଧୁମହଲରେ ପର-କଲ୍ୟାଣ-ନିରତା ସହଧର୍ମିଣୀର ଗୁଣ ଗାନ କଲେ ଯେ ସ୍ୱାମୀର ଏକଲକ୍ଷ୍ୟତା ପ୍ରମାଣିତ ହେବ, ଏ କଥା ଆମେ ସ୍ୱୀକାର କରି ନ ପାରୁ । ଗୋଟିଏ କର୍ମରେ ଏକଦିଗରେ ନାରୀ ଯେତେବେଳେ ପ୍ରେରଣାଦାତ୍ରୀ ମହାଶକ୍ତି ଓ ପୁରୁଷ ଯେତେବେଳେ କର୍ମାବତାର ସଂଗ୍ରାମ-ବିଗ୍ରହ, ସେତିକିବେଳେ ଉଭୟେ ଯଥାର୍ଥ ଏକଲକ୍ଷ୍ୟ ହୋଇଛନ୍ତି ବୋଲି ଆମେ ସ୍ୱୀକାର କରିବୁ । ସେମାନଙ୍କର ଏକତାନତା ସମ୍ପାଦନରେ ବାହାର ଲୋକଙ୍କର ପ୍ରଶଂସାଗୁଞ୍ଜନ ବା କରତାଳି ଧ୍ୱନିର କୌଣସି ଅପରିହାର୍ଯ୍ୟ ଆବଶ୍ୟକତା ନାହିଁ । ଜଣକ ପ୍ରତି ଅନ୍ୟ ଜଣକର ସାତ୍ତ୍ୱିକ ମମତ୍ୱବୋଧ, ଜଣକର ମହିମାରେ ଅନ୍ୟ ଜଣକର ଶ୍ରଦ୍ଧାସିକ୍ତ ବିଶ୍ୱାସ ଓ ନିଜ ନିଜ ବ୍ୟକ୍ତିତ୍ୱର ବ୍ୟାପକତାର ଆସ୍ଥାହିଁ ଯଥାର୍ଥ ଏକପ୍ରାଣତା ଓ ଏକ ଲକ୍ଷ୍ୟତା ସାଧନର ଏକମାତ୍ର ଉପାୟ । ମୋ ଦେହ ଓ ତୁମ ଦେହ ଦୁଇଟି ପୃଥକ୍ ବସ୍ତୁ ହେଲେ ହେଁ ତୁମର ଓ ମୋର ମନ ପ୍ରାଣ ହୃଦୟ ଏକ ଓ ଅଭିନ୍ନ ମୋର ଆତ୍ମା ମଧ୍ୟ ତୁମର ଆତ୍ମା - ଏହିପରି ଭାବରେ ନିୟତ ଚିନ୍ତନ ଓ ଅନୁଚିନ୍ତନ କଲେ ସାତ୍ତ୍ୱିକ ମମତ୍ୱବୋଧ ଜନ୍ମିଥାଏ । ଜଣେ ଅନ୍ୟ ଜଣକର ପ୍ରତିଚିତ୍ର ନିଜ ବକ୍ଷରେ ସ୍ଥାପନ କରି ବା ସମ୍ମୁଖରେ ରଖି ଅତି ଦୂରଦେଶରେ ଅବସ୍ଥାନ କଲାବେଳେ ମଧ୍ୟ ଏହି ତତ୍ତ୍ୱକୁ ଅନୁଶୀଳନ କରିପାରନ୍ତି ।

(ଛ) ଉଭୟଙ୍କର ଏକ ସାଧନ ଧର୍ମ : ସାଧନ ଧର୍ମର (Spiritual Principles and Practice) ଐକ୍ୟ ବ୍ୟତିତ ଦାମ୍ପତ୍ୟ-ସାଧନାର ପରିପୂର୍ଣ୍ଣତା ଅସମ୍ଭବ । ଯେଉଁମାନଙ୍କର ଆଧ୍ୟାତ୍ମିକ ମତବାଦ ସଦୃଶ ସେଭଳି ଦମ୍ପତି ଯଦି ସଦୃଶ ସାଧନଧର୍ମରେ ଦୀକ୍ଷିତ ହୋଇ ଏକନିଷ୍ଠ ପ୍ରଯତ୍ନରେ ସାଧାନପରାୟଣ ହୁଅନ୍ତି ତାହାହେଲେ ସେମାନଙ୍କ ଜୀବନରେ ଶାନ୍ତିର ଅପ୍ରାଚୁର୍ଯ୍ୟ ଘଟେ ନାହିଁ । ସାଧନ ବଳରେ ଉଭୟଙ୍କ ମଧ୍ୟରୁ ସବୁ ପ୍ରକାରର ବୈଷମ୍ୟ ଓ ପାର୍ଥକ୍ୟ ଧୀରେ ଧୀରେ ପ୍ରଶମିତ ହୁଏ ଓ ଦିନକୁ ଦିନ ଗୃହୀଜୀବନ ଅମୃତାୟମାନ ହେବାକୁ ଲାଗେ । ଭାରତରେ ଏକ ମହାଦୁର୍ଦ୍ଧର୍ଷ, ନବବଳରେ-ବଳୀୟାନ, ପ୍ରଚଣ୍ଡ-ଶକ୍ତିସମ୍ପନ୍ନ, ତେଜୋଦୃପ୍ତ ମହାଜାତି ସୃଷ୍ଟିର ଏହାହିଁ ମୂଳ ରହସ୍ୟ । ସ୍ୱାମୀସ୍ତ୍ରୀଙ୍କର ସାଧନ ଧର୍ମର ଐକ୍ୟରୁ ଯେତେବେଳେ ଘରେ ଘରେ ପ୍ରକୃତିଦତ୍ତ କଲ୍ୟାଣସଂସ୍କାର ସମ୍ପନ୍ନ ବୀର ପୁତ୍ରକନ୍ୟାମାନେ ଉଦ୍ଭୁତ ହେବାକୁ ଲାଗିବେ, ସେହିଦିନଠାରୁ ଇତିହାସରେ ଭାରତର ଯଥାର୍ଥ ଗୌରବର ଅବତାରଣା ଲିପିବଦ୍ଧ ହେବାକୁ ଆରମ୍ଭ କରିବ । ସମସାଧକ ପିତାମାତାଙ୍କ ସାଧନାଜାତ ଓ ସଂକଳ୍ପପ୍ରସୂତ ସନ୍ତାନସନ୍ତତିମାନଙ୍କର ତରୁଣ ଚରଣ ଯେଉଁଦିନ ଭାରତ ବକ୍ଷରେ ରେଖାପାତ କରିବ ସେଦିନ ପିତାମାତାଙ୍କର ତପଃସାଧନାର ଅମୃତମୟ ଫଳ ହିଁ ସେମାନଙ୍କୁ ଜୀବନର କର୍ମ କ୍ଷେତ୍ରରେ ହିନ୍ଦୁ ଓ ମୁସଲମାନ, ବୌଦ୍ଧ ଓ ଖ୍ରୀଷ୍ଟିୟାନ, ପାର୍ଶୀ ଓ ଶିଖର ପାର୍ଥକ୍ୟକୁ ଉପେକ୍ଷା କରିବା ଭଳି ସାମର୍ଥ୍ୟ ଦାନ କରିବ- ଏକ ଦିଗରେ ହିନ୍ଦୁ ହିନ୍ଦୁ ରହି ସେହି ମହାଜାତିଭୁକ୍ତ ହେବେ, ମୁସଲମାନ ଧର୍ମାନ୍ତର ଗ୍ରହଣ ନ କରି ମଧ୍ୟ ଜାତୀୟ ଶକ୍ତିକୁ ପରିବର୍ଦ୍ଧିତ କରିବେ, ଖ୍ରୀଷ୍ଟିୟାନ ନିଜତ୍ୱ ବିସର୍ଜନ ନ କରି ମଧ୍ୟ ଭାରତୀୟ ମହାଜାତିର ମହିମାକୁ ଉଜ୍ଜ୍ୱଳତର କରିବେ ଓ ଅନ୍ୟ ଦିଗରେ ରାଜନୀତି ନିଜକୁ ଭଗବାନଙ୍କର ବିଦ୍ରୋହି ବୋଲି ଭାବିବାକୁ ଅକ୍ଷମ ହେବ, ବିବେକ ସହିତ ରାଷ୍ଟ୍ରିୟ ସ୍ୱାଧୀନତାର ବିରୋଧ ଅପସାରିତ ହେବ ଏବଂ ଧର୍ମ ସହିତ ସ୍ୱଦେଶ-ପ୍ରୀତିର କଳହ ଅବସାନ ହେବ ।

ସାଧନ ଧର୍ମର ଐକ୍ୟ ସ୍ଥାପନ

ଦୈହିକ ସମ୍ବନ୍ଧ ସ୍ଥାପନର ବହୁ ପୂର୍ବରୁ ସ୍ୱାମୀ ସ୍ତ୍ରୀଙ୍କର ସାଧନ-ଧର୍ମରେ ଐକ୍ୟ ପ୍ରତିଷ୍ଠିତ ହେବା ଆବଶ୍ୟକ, ଏପରିକି ବିବାହର ଖୁବ୍ ଅଳ୍ପ ଦିନ ଭିତରେ ତାହା ହୋଇପାରିଲେ ଆହୁରି ଉତ୍ତମ । ବିବାହର ବହୁ ପୂର୍ବରୁ ସ୍ୱାମୀ ଯଦି କୌଣସି ଏକ ସାଧନ-ଧର୍ମକୁ ଅବଲମ୍ବନ କରି ଏକନିଷ୍ଠ ଭାବରେ ସାଧନ-ପରାୟଣ ହୁଅନ୍ତି ଓ ଦାରପରିଗ୍ରହପରେ ପ୍ରଥମତଃ ଧାରାବାହିକ ଉପଦେଶ ପ୍ରଦାନ ଦ୍ୱାରା ଓ ଧର୍ମଗ୍ରନ୍ଥାଦିର ଅଧ୍ୟାପନା ଦ୍ୱାରା ସହଧର୍ମିଣୀକୁ ନିଜ ଧର୍ମମତରେ ଆସ୍ଥାବତୀ କରି ତା'ପରେ ତାକୁ ସ୍ୱକୀୟ ସାଧନ-ଧର୍ମରେ ଦୀକ୍ଷିତ କରାନ୍ତି ତାହାହେଲେ ଖୁବ୍ ଭଲ । ଜିତେନ୍ଦ୍ରିୟ ସ୍ୱାମୀ ଛଡ଼ା ଅନ୍ୟ ଲୋକ ପକ୍ଷରେ ନିଜ ସ୍ତ୍ରୀକୁ ନିଜେ ଦୀକ୍ଷାଦାନ କରିବା ଶୋଭନୀୟ ନୁହେଁ । କାରଣ ସେ ସବୁ କ୍ଷେତ୍ରରେ ସ୍ତ୍ରୀ ଜୀବନରେ ଦୀକ୍ଷାର ଉଦ୍ଦେଶ୍ୟ ଓ ସୁମଙ୍ଗଳ ପ୍ରଭାବ ବହୁ ପରିମାଣରେ ବ୍ୟର୍ଥ ହୋଇ ଯିବାର ଆଶଙ୍କା ଅଛି । ଏହି କାରଣରୁ ସ୍ୱାମୀ ଓ ସ୍ତ୍ରୀ ପକ୍ଷରେ ଗୋଟିଏ ଗୁରୁଙ୍କର ଆଶ୍ରୟ ଗ୍ରହଣ ହିଁ ସର୍ବାପେକ୍ଷା ସମୀଚୀନ ବ୍ୟବସ୍ଥା । ଯେଉଁଠି ବରକନ୍ୟା ବିବାହ ପୂର୍ବରୁ ସତ୍ଧର୍ମର ଆଶ୍ରୟ ପାଇଥିବେ ସେଠାରେ ବିବାହ ପରେ ଉଭୟଙ୍କ ସାଧନ ଧର୍ମର ସାମଞ୍ଜସ୍ୟ ବିଧାନ ଲାଗି ଉପଯୁକ୍ତ ଗୁରୁଙ୍କ ଦ୍ୱାରା ନୂଆ କରି ଅଭିଷିକ୍ତ ହେବାର ପ୍ରୟୋଜନୀୟତା କେଉଁଠି କେଉଁଠି ପଡ଼ିପାରେ । ରୁଚି ପାର୍ଥକ୍ୟ ହେତୁ ସାଧନ ଧର୍ମରେ ବିଭିନ୍ନତା ଉପୁଜିଛି, ସେ କ୍ଷେତ୍ରରେ ସାମଞ୍ଜସ୍ୟ ବିଧାନ ପ୍ରୟୋଜନ ହେଲେ ଉପରୋକ୍ତ ବ୍ୟବସ୍ଥା ହିଁ ଅବଲମ୍ବନୀୟ ।

ସ୍ୱାମୀ ଦ୍ୱାରା ସ୍ତ୍ରୀର ଦୀକ୍ଷା

କେତେକ ସାଧକ ସମ୍ପ୍ରଦାୟରେ ଏପରି ବିଧି ଅଛି ଯେ ସାଧାରଣତଃ ସ୍ୱାମୀ ନିଜ ଗୁରୁଙ୍କ ସମକ୍ଷରେ ବା ଗୁରୁଙ୍କ ପ୍ରତିମୂର୍ତ୍ତି ସମକ୍ଷରେ ନିଜ ସ୍ତ୍ରୀକୁ ନିଜେ ଦୀକ୍ଷାଦାନ କରାଇ ନିଅନ୍ତି । କିନ୍ତୁ ଏଭଳି ଦୀକ୍ଷାଦାନ ବେଳେ ସ୍ୱାମୀଙ୍କୁ ସବୁ ପ୍ରକାର ଗୁରୁଭାବ ବର୍ଜନ କରି "ତତ୍ପ୍ରତିନିଧି" ଭାବ ରକ୍ଷା କରିବାକୁ ହୁଏ । ଏସବୁ କ୍ଷେତ୍ରରେ ସ୍ୱାମୀର ଯେ ଗୁରୁ, ସ୍ତ୍ରୀର ମଧ୍ୟ ସେ ଗୁରୁ । ସ୍ୱାମୀ ସ୍ତ୍ରୀର ସମ୍ପର୍କ କେତେକାଂଶରେ ଗୁରୁଶିଷ୍ୟାଙ୍କ ପରି ହେଲେ ବି ସଖାସଖୀ ଭାବଟା ହିଁ ସେଠାରେ

ପ୍ରବଳ, ଗୁରୁଶିଷ୍ୟ ଭାବ ଆନୁସଙ୍ଗିକ ମାତ୍ର । କିନ୍ତୁ ଗୁରୁ ଶିଷ୍ୟଙ୍କ ଭିତରେ ପ୍ରବୃତ୍ତିର ଆକର୍ଷଣ ରହି ନ ପାରେ, ଥିଲେ ଗୁରୁଶିଷ୍ୟାଙ୍କ ସମ୍ବନ୍ଧ ଜଟିଳ ହୋଇ ପଡ଼େ । ଏହି କାରଣରୁ ଦୀକ୍ଷା ବେଳେ ସ୍ୱାମୀ ଓ ସ୍ତ୍ରୀ ଉଭୟେ ନିଜ ନିଜ ମନକୁ ଗୁରୁ ପାଦପଦ୍ମରେ ଅର୍ପଣ କରି ଦୀକ୍ଷାଦାନ ଓ ଦୀକ୍ଷା ଗ୍ରହଣ କରିବେ । ସ୍ୱାମୀ ଭିତରେ ଯଦି ଗୁରୁଭାବ ରହେ ତେବେ ପତ୍ନୀ ଦେହ ତା ପକ୍ଷରେ କନ୍ୟା ଦେହ ହେବ । ସାଧ୍ୱୀସ୍ତ୍ରୀ ଦୃଷ୍ଟିରେ ସ୍ୱାମୀ ମଧ୍ୟ ଗୁରୁ, କିନ୍ତୁ 'ବ୍ରହ୍ମଦାତା-ଗୁରୁ ଏହି' ଭାବଟି ସ୍ତ୍ରୀର ସ୍ୱାମୀ ପ୍ରତି ରହିଲେ ସ୍ୱାମୀ ଦେହ ତା ପକ୍ଷରେ ପିତୃଦେହ ହେବ, ଅର୍ଥାତ ପରସ୍ପର ମଧ୍ୟରେ ଦୈହିକ ସମ୍ବନ୍ଧ ନିଷିଦ୍ଧ ହେବ । ଗୁରୁ ଶିଷ୍ୟାଙ୍କ ଭିତରେ ଦୈହିକ ସମ୍ବନ୍ଧ ରହି ନ ପାରେ, ଏପରିକି ଧର୍ମ ନାମରେ ମଧ୍ୟ ନୁହେଁ । ଆମ ଦେଶରେ ବହୁ ସାଧକ ସମ୍ପ୍ରଦାୟ ଭିତରେ ଗୁରୁଶିଷ୍ୟାଙ୍କ ମଧ୍ୟରେ ଧର୍ମ ନାଁରେ ଅତି କଦର୍ଯ୍ୟ ସମ୍ବନ୍ଧ ସ୍ଥାପିତ ହୋଇଅଛି । ଅଶିକ୍ଷିତ ମହଲରେ ଚିରାଚିରତ ପ୍ରଥା ବା ଗତାନୁଗତିକତାକୁ ମାନି ଓ ଶିକ୍ଷିତ ମହଲରେ ଦାର୍ଶନିକତାର ଆବରଣରେ ରାଗ ମାର୍ଗର ଦ୍ୱାହି ଦେଇ ଆଜି ମଧ୍ୟ ଏ ସବୁ କେତେକ ସ୍ଥାନରେ ଚାଲିଛି । କିନ୍ତୁ ଏ କଥା ମନେ ରଖିବାକୁ ହେବ ଯେ ଧର୍ମାର୍ଥେ ମଧ୍ୟ ପିତା କନ୍ୟାର ବା ମାତା ପୁତ୍ରର କାମାଚାର ଚଳି ନ ପାରେ । ଲୌକିକ ହିସାବରେ ଗୁରୁ ବ୍ରହ୍ମଦାତା ପିତା ଓ ଶିଷ୍ୟା ମାନସୀ କନ୍ୟା । ଅଲୌକିକ ଭାବରେ ଗୁରୁ ଓ ବ୍ରହ୍ମ ଅଭେଦ ପରମସତ୍ତା, ଶିଷ୍ୟା ତାଙ୍କର ସାତ୍ତ୍ୱିକୀ ଉପାସିକା । ଲୌକିକ ଭାବରେ ଗୁରୁ ଓ ଶିଷ୍ୟା ମଧ୍ୟରେ ଦୈହିକ ସମ୍ବନ୍ଧ ଅକଳ୍ପନୀୟ । ଅଲୌକିକ ଭାବରେ ଗୁରୁ ଓ ଶିଷ୍ୟା ମଧ୍ୟରେ ତାମସିକ ଅନୁରାଗ ଅକଳ୍ପନୀୟ । ଗୁରୁଙ୍କୁ ଶିଷ୍ୟାର ଅଦେୟ କଣ ଅଛି ? ଶିଷ୍ୟା ଗୁରୁଙ୍କୁ ତାର ସର୍ବସ୍ୱ ଦେଇପାରେ, କିନ୍ତୁ କେବଳ ସେତିକି ଦେଇ ପାରେ ନାହିଁ ଯାହା ସାତ୍ତ୍ୱିକତା ବିହୀନ । ଏହି କାରଣରୁ ଶିଷ୍ୟା ଗୁରୁଙ୍କୁ ତାର ଦେହ ଦାନ କରି ନ ପାରେ, ଏପରିକି ସାତ୍ତ୍ୱିକ ଭାବରେ ଅନୁପ୍ରାଣିତ ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ ଦେହର ଆଦାନ ପ୍ରଦାନ ଚଳି ନ ପାରେ । କାରଣ ସାତ୍ତ୍ୱିକତା ଅକ୍ଷୁର୍ଣ୍ଣ ରଖି କାମାଚାର ଅନୁବର୍ତ୍ତନ ସିଦ୍ଧସାଧକଙ୍କ ପକ୍ଷରେ ସମ୍ପୂର୍ଣ୍ଣ ସମ୍ଭବ ହେଲେ ମଧ୍ୟ, ଯାହା କାମାଚାର,

ତାହା କେବେହେଲେ କାମର ଅପବାଦରୁ ମୁକ୍ତ ହୋଇ ନ ପାରେ । ଯେଉଁଠି ଦୈହିକ ବ୍ୟାପାର ବର୍ତ୍ତମାନ, ସେଠାରେ ଆଧ୍ୟାତ୍ମିକ ଅବସ୍ଥା ଯେତେ ଉନ୍ନତ ହେଉ ପଛକେ ଗୁରୁଶିଷ୍ୟା-ଭାବମୂଳକ ପାରସ୍ପରିକ ସ୍ନେହ-ଶ୍ରଦ୍ଧା ନିଶ୍ଚୟ କିଛି ନା କିଛି ପରିମାଣରେ ଆବିଳ ହେବ । ଦୈହିକ ସମ୍ପର୍କଦ୍ୱାରା କାନ୍ତା-କାନ୍ତଭାବ ମଳିନ ହୁଏ ନାହିଁ , ସ୍ଥଳବିଶେଷରେ ବରଂ ସୁସ୍ପଷ୍ଟ ଓ ଉଜ୍ଜ୍ୱଳ ହୁଏ, ଯେହେତୁ ଅପତ୍ୟୋତ୍ପାଦନ ହେଉ ବା ନ ହେଉ, ସହବାସସଂଯୋଗ ଓ ଶୁକ୍ରାଧାନ ଦ୍ୱାରା ସ୍ତ୍ରୀଦେହ ପୁରୁଷ ଦେହର ଆଂଶିକ ସଗୁଣତା ପ୍ରାପ୍ତ ହୁଏ, କିନ୍ତୁ ଏହାଦ୍ୱାରା ଗୁରୁଭାବ ଅନୁଜ୍ଜ୍ୱଳ ହୋଇପଡ଼େ ଏବଂ କଠୋର ପ୍ରାୟଶ୍ଚିତ୍ତଦ୍ୱାରା ମଳିନତା ବିଦୂରିତ ନ ହେବା ପର୍ଯ୍ୟନ୍ତ ଏହା ଗୁରୁଶିଷ୍ୟା ଉଭୟଙ୍କର କ୍ଷତିସାଧନ କରେ । କାରଣ ଗୁରୁଶିଷ୍ୟା ସମ୍ବନ୍ଧ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ର ସମ୍ବନ୍ଧ ନୁହେ । ଗୁରୁଶିଷ୍ୟା ସମ୍ବନ୍ଧ ଏକ ପୃଥକ୍ ସ୍ୱାତନ୍ତ୍ର୍ୟ ଓ ଗଭୀରତା ଅଛି ଯାହା ସାଧନ ଭଜନ କରୁ କରୁ କ୍ରମଶଃ ଉପଲବ୍ଧ ହୁଏ, କୌଣସି ପ୍ରକାର ଯୁକ୍ତିତର୍କ, ଆଲୋଚନା ବା ବାହୁଲ୍ୟ ଦ୍ୱାରା ତାହା ଯଥାଯଥ ଭାବରେ ବୁଝି ହୁଏ ନାହିଁ ବା ବୁଝାଇ ହୁଏ ନାହିଁ । ସାଧକ ଗୁରୁ ସାଧନେଚ୍ଛୁ ଶିଷ୍ୟା ମଧ୍ୟରେ ଶକ୍ତି ସଞ୍ଚାର କରି ଦୀକ୍ଷା ଦେଇଥାନ୍ତି, ଏ କଥା ଆମେ ସଦାସର୍ବଦା ଶୁଣିବାକୁ ପାଉ । ଅନେକେ ଏ କଥାଟିର ପ୍ରତ୍ୟକ୍ଷ ପ୍ରମାଣ ନ ପାଇ ଏହାକୁ ଅବିଶ୍ୱାସ କରନ୍ତି । ଅବଶ୍ୟ ଯେ ପର୍ଯ୍ୟନ୍ତ କୌଣସି ବ୍ୟାପାର ପ୍ରତ୍ୟକ୍ଷ ନ ହୁଏ ସେ ପର୍ଯ୍ୟନ୍ତ ଅବିଶ୍ୱାସ କରିବା ଅଧିକାର ପ୍ରତ୍ୟେକଙ୍କର ଅଛି । କିନ୍ତୁ ପ୍ରତ୍ୟକ୍ଷ ଜ୍ଞାନ ଲାଭ ପାଇଁ ଯେତେଗୁଡ଼ିଏ ଉପାୟ ଅଛି ସେଗୁଡ଼ିକୁ ଯଥାଯଥ ଭାବରେ ଅବଲମ୍ବନ କରି ଧୈର୍ଯ୍ୟ ସହକାରେ ପ୍ରତୀକ୍ଷା ନ କଲେ ଅବିଶ୍ୱାସ କରିବା ଯାଥାର୍ଥ , ଏକଥା ଯୁକ୍ତିବାନ୍ ବ୍ୟକ୍ତିମାତ୍ରକେ ସ୍ୱୀକାର କରିବାକୁ ବାଧ୍ୟ । ଶକ୍ତିମାନ ଗୁରୁ ନିଜର ମଙ୍ଗଳେଚ୍ଛା ଦ୍ୱାରା, ଅକପଟ ହିତସାଧନ ଓ ନିଃସ୍ୱାର୍ଥ ଆଶୀର୍ବାଦ ଦ୍ୱାରା ଶିଷ୍ୟକୁ ଶକ୍ତିମାନ କରିଥାନ୍ତି । ତ୍ୟାଗ ଓ ସାଧନାଦ୍ୱାରା ସେ ଯେଉଁ ଐଶୀକୃପା ଲାଭ କରିଥାନ୍ତି, ତାହା ଅଦୃଶ୍ୟ ସୂକ୍ଷ୍ମ ଗତିରେ ଶିଷ୍ୟ ମଧ୍ୟରେ ପ୍ରବେଶ କରିଥାଏ । ସେହି ଶକ୍ତି ଶିଷ୍ୟର ଆତ୍ମାରେ ପ୍ରଚ୍ଛନ୍ନ ଭାବରେ ଥାଏ ଓ ଏକମାତ୍ର ସାଧନ ଭଜନ

ଦ୍ୱାରାହିଁ ତାହା ପ୍ରତ୍ୟକ୍ଷୀଭୂତ ହୁଏ । ଯେତେବେଳେ ଏହା ପ୍ରତ୍ୟକ୍ଷ-ଗୋଚର ହୁଏ ସେତିକିବେଳେ ଗୁରୁ ଶିଷ୍ୟର ସମ୍ବନ୍ଧ ନିର୍ଣ୍ଣୟ ହୁଏ । ସେ ସମ୍ବନ୍ଧଟା ଏଡ଼େ ମଧୁର ଓ ଏତେ ଉଚ୍ଚ ଯେ ତାର ଆସ୍ୱାଦନ ପାଇଁ ଯେଉଁମାନେ ଗୁରୁସ୍ତୋତ୍ର ଲେଖିଛନ୍ତି ସେମାନେ ଗୁରୁଙ୍କୁ ଏକାବେଳକେ ପରଂବହ୍ମ ବୋଲି କୀର୍ତ୍ତନ କରିଯାଇଛନ୍ତି। ସେମାନେ ଉଚ୍ଚକଣ୍ଠରେ ଗାଇଛନ୍ତି –

ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିଂ
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟଂ
ଏକଂ ନିତ୍ୟଂ ବିମଳମଚଳଂ ସର୍ବଦା-ସାକ୍ଷୀଭୂତଂ,
ଭାବାତୀତଂ ତ୍ରି ଗୁଣରହିତଂ ସଦ୍‌ଗୁରୁଂ ତଂ ନମାମି ।

ଅର୍ଥାତ୍ ମୁଁ ସେହି ଗୁରୁଙ୍କୁ ପ୍ରଣାମ କରେ, ଯେ ସତ୍, ଯେ ନିତ୍ୟ ଅସ୍ତିତ୍ୱଶୀଳ, ଯାହାଙ୍କର ଧ୍ୱଂସ ନାହିଁ । ସେ କିପରି ? ନା–ସେ ବ୍ରହ୍ମସ୍ୱରୂପ, ସେ ବ୍ରହ୍ମର ସ୍ୱୟଂ ଅନୁଭୂତ ଆନନ୍ଦସ୍ୱରୂପ ବା ସେ ସ୍ୱୟମନୁଭୂତ ଆନନ୍ଦସ୍ୱରୂପ ବ୍ରହ୍ମ, ବ୍ରହ୍ମରେ ସମାହିତଚିତ୍ତ ହେଲେ ଯେଉଁ ଅବର୍ଣ୍ଣନୀୟ ଆନନ୍ଦର ଉଦ୍ଭବ ହୁଏ, ସେ ତତ୍ସ୍ୱରୂପ । ସେ କିପରି ? ନା– ସେ ସୁଖଦାତା, ଯେଉଁ ସୁଖଠାରୁ ବଳି ଆଉ ସୁଖ ନାହିଁ ବା ଥାଇ ନ ପାରେ, ସେହିଭଳି ପରମସୁଖର ଦାତା, ଯେଉଁ ସୁଖପରେ ଅନିବାର୍ଯ୍ୟ ଭାବରେ ଦୁଃଖ ଆସେ ସେଭଳି କ୍ଷଣସ୍ଥାୟୀ ସୁଖ ନୁହେଁ, ପରନ୍ତୁ ଯେଉଁ ସୁଖ ଦୁଃଖଲେଶହୀନ, ଯାହା ନିମିଷକ ମଧ୍ୟରେ ଶେଷ ହୋଇଯାଏ ନାହିଁ, ବୁଦ୍‌ବୁଦ୍ ପରି ମିଳାଇ ଯାଏନାହିଁ, ସେ ସେହିଭଳି ସୁଖର ଦାତା । ସେ କିପରି ? ନା,– ସେ କେବଳ, ସେ ଅଦ୍ୱିତୀୟ, ସେ ଏକମାତ୍ର, ତାଙ୍କ ଛଡ଼ା ଆଉ କେହି ନାହିଁ, ତାଙ୍କ ଛଡ଼ା ଆଉ କେହି ନ ଥିଲେ କି ତାଙ୍କ ଛଡ଼ା ଆଉ କେହି ରହି ନ ପାରନ୍ତି, ତାଙ୍କ ଛଡ଼ା ଆଉ କେହି ରହିବେ ନାହିଁ, ଏକମାତ୍ର ତାଙ୍କୁ ହିଁ ପାଇଲେ ହିଁ କୈବଲ୍ୟ ଲାଭହୁଏ । ସେ କିପରି ? ନା, –ଜ୍ଞାନ ହିଁ ତାଙ୍କର ମୂର୍ତ୍ତି, ତାଙ୍କର ଅନ୍ୟ କୌଣସି ମୂର୍ତ୍ତି ନାହିଁ । ତଥାପି ଯଦି ତୁମେ କୌଣସି ମୂର୍ତ୍ତି କଳ୍ପନା କର, ତାହାହେଲେ ଯେ ପର୍ଯ୍ୟନ୍ତ ସେ ମୂର୍ତ୍ତି ମଧ୍ୟରେ ତାଙ୍କରି ପ୍ରକାଶକୁ ତୁମେ ଜ୍ଞାନଯୋଗେ ଅନୁଭବ ନ କରିଛ, ସେ ପର୍ଯ୍ୟନ୍ତ ତାହା ତାଙ୍କର ମୂର୍ତ୍ତି ନୁହେଁ, ସେ ପର୍ଯ୍ୟନ୍ତ ତାହା ସତ୍ୟନୁହେଁ,

କିନ୍ତୁ ଯେଉଁ ମୁହୁର୍ତ୍ତରେ ତୁମେ ଅନୁଭବ କଲ, ସେ ସେଠାରେ ଅଛନ୍ତି, ସେହି ମୁହୂର୍ତ୍ତରେ ତାଙ୍କର ଅସୀମ ସତ୍ତା ସସୀମ ମଧ ଦେଇ ସେଠାରେ ପ୍ରକାଶିତ ହେଲା, ସେହି ମୁହୂର୍ତ୍ତରେ ତାହା ତାଙ୍କର ମୂର୍ତ୍ତି ହେଲା, ଇଟା ପଥର ହେଲା ତାଙ୍କର ମୂର୍ତ୍ତି, ମନୁଷ୍ୟ ଓ ଗୋରୁ ହେଲେ ତାଙ୍କର ମୂର୍ତ୍ତି, ପ୍ରାକୃତିକ ଦୃଶ୍ୟାବଳୀ ହେଲା ତାଙ୍କର ମୂର୍ତ୍ତି, ବିଶ୍ୱବ୍ରହ୍ମାଣ୍ଡ ହେଲା ତାଙ୍କର ମୂର୍ତ୍ତି । କାରଣ ଜ୍ଞାନ ହିଁ ତାଙ୍କର ମୂର୍ତ୍ତି ଏବଂ ତୁମର ବ୍ରହ୍ମଜ୍ଞାନ ଏ ସବୁଗୁଡ଼ିକୁ ଆଚ୍ଛନ୍ନ କରି ପକାଇଲା । ପାରଦ ଯେପରି ସ୍ୱର୍ଣ୍ଣର ଅଣୁପରମାଣୁ ମଧ୍ୟରେ ପ୍ରବେଶ କରି ତାକୁ ପାରଦୀକୃତ କରି ପକାଏ ସେହିପରି ତୁମର ବ୍ରହ୍ମଜ୍ଞାନ ନିଖିଳ ବିଶ୍ୱର ଅଂଶବିଶେଷର ବା ସମଗ୍ରତ୍ୱର ଅଣୁପରମାଣୁରେ ପ୍ରବିଷ୍ଟ ହୋଇ ତାକୁ ବ୍ରହ୍ମୀଭୁତ କରି ପକାଇଲେ । ସେ କିପରି ? ନା,-ସେ ସକଳ ଦ୍ୱନ୍ଦ୍ୱର ଅତୀତ, ସକଳ ଭେଦବୁଦ୍ଧିର ସୀମାରେଖା ଅତିକ୍ରମ କରି ସେ ସକଳ ବିରୋଧର ଊର୍ଦ୍ଧ୍ୱରେ । ସସୀମ ସହିତ ଅସୀମର ଯେଉଁ ଦ୍ୱନ୍ଦ୍ୱ, ଅସ୍ତିତ୍ୱ ସହିତ ଅନାସ୍ତିତ୍ୱର ଯେଉଁ ଦ୍ୱନ୍ଦ୍ୱ, ଜୀବନ ସହିତ ମୃତ୍ୟୁର ଯେଉଁ ଦ୍ୱନ୍ଦ୍ୱ, ଏ ସମସ୍ତ ଦ୍ୱନ୍ଦ୍ୱ ସଂଘର୍ଷର ପରପାରରେ ସେ ଅବସ୍ଥିତ, ଏ ସବୁ ତାଙ୍କୁ ସ୍ପର୍ଶ ସୁଦ୍ଧା କରିବାକୁ ଅକ୍ଷମ । ସେ କିପରି ? ନା, - ସେ ଗଗନ-ସଦୃଶ । ଆକାଶ ଯେପରି ଅନନ୍ତ ଓ ଉଦାର, ଆକାଶ ଯେପରି ଧ୍ୱନିର ମୂଳ ଓ ପ୍ରକାଶକ, ସେ ସେହିପରି ଅନନ୍ତ ଓ ଉଦାର, ସେ ସେହିପରି ସର୍ବମନ୍ତ୍ରର ମୂଳ ଓ ପ୍ରକାଶକ, ଆକାଶ, ଧନୀ-ନିର୍ଦ୍ଧନ ସମସ୍ତଙ୍କର ଗୃହଛାଦ ଉପରେ ଉଦାର ଚନ୍ଦ୍ରାତପ ବିସ୍ତାର କରି ରଖିଅଛି, ଆକାଶରୁ ପରମନାଦ ଓଙ୍କାର ମହାମନ୍ତ୍ର ଉତ୍‌ଥିତ ହୋଇଅଛି । ଜୀବର କର୍ଣ୍ଣ ଅଭ୍ୟନ୍ତରସ୍ଥ ଆକାଶ ହିଁ ଏହାର ପ୍ରତିସ୍ପନ୍ଦନ ଗ୍ରହଣ କରୁଅଛି । ସେ ଠିକ୍ ସେହିପରି ଉଦାର, ସେ ଠିକ୍ ସେହିପରି ମନ୍ତ୍ରମୂଳ । ସେ କିପରି ? ନା, -ତତ୍ତ୍ୱମସ୍ୟାଦି ଲକ୍ଷ୍ୟ । ବ୍ରହ୍ମବାଦୀ ଋଷି ଶିଷ୍ୟକୁ ଉପଦେଶ ଦେବା ବେଳେ କହିଥାନ୍ତି - "ହେ ଶିଷ୍ୟ, ତତ୍ ତ୍ୱଂ ଅସି - ତୁମେ ସେହି, ତୁମେ ହିଁ ବ୍ରହ୍ମ, ତୁମେହିଁ ନିଖିଳ ନିରଞ୍ଜନ ପରମ ମହେଶ୍ୱର, ତୁମେ ହିଁ.ପରମ ପୁରୁଷ" । ଏହି ସବୁ ମହାବାକ୍ୟ ଯୋଗେ ଯେଉଁ ଶାଶ୍ୱତ ସନାତନ ପରମ ଦେବତାଙ୍କ କଥା କୁହାଯାଇଛି, ସେ ସେହି (ପରମ ଦେବତା) ।

ସେ କିପରି ? -ନା, ଶତସହସ୍ର ରୂପରେ ପ୍ରକଟିତ ହେଲେ ମଧ୍ୟ ସେ ବହୁ ନୁହଁନ୍ତି ସେ ଏକ । ଜ୍ଞାନୀମାନେ ଜଣେ ଜଣେ ତାଙ୍କୁ ବହୁରୂପରେ ସ୍ତୁତି କରିଛନ୍ତି, ବହୁ ଲୋକ ତାଙ୍କୁ ବହୁରୂପରେ ଦର୍ଶନ କରିଛନ୍ତି, ବହୁ ଲୋକ ତାଙ୍କୁ ପାଇବାର ବହୁ ପନ୍ଥା ଆବିଷ୍କାର କରିଛନ୍ତି, କିନ୍ତୁ ସେ ନିଜେ ବହୁ ନୁହନ୍ତି, ସେ ଏକ । ସେ କିପରି ? -ନା, ସେ ନିତ୍ୟ, ଅତୀତରେ ସେ ଥିଲେ, ବର୍ତ୍ତମାନ ତ ଅଛନ୍ତି, ଭବିଷ୍ୟତରେ ବି ରହିବେ, ତାଙ୍କର ବିନାଶ ନାହିଁ। ସେ କିପରି ? ନା, ସେ ବିମଳ ସବୁ ପ୍ରକାର ମଳ ବା ପାପରୁ ସେ ମୁକ୍ତ, ସେ ନିର୍ମଳ, ସେ ନିତ୍ୟଶୁଦ୍ଧ, ସେ ଅପାପବିଦ୍ଧ । ସେ ଅଚଳ, ସେ ଅଚଞ୍ଚଳ, ସେ ଅପରିବର୍ତ୍ତନୀୟ, ସେ ଶାନ୍ତ । ସେ କିପରି ? ନା, ସେ ଅମର, ସମସ୍ତ ଚିନ୍ତା ଓ ଚେଷ୍ଟାର ନିୟତ ସାକ୍ଷୀ ସ୍ୱରୂପ, ଆମର ବୁଦ୍ଧି ତାଙ୍କ ଦୃଷ୍ଟିରୁ ଏଡ଼ାଇ ଦେଇ ଯାଇ ନପାରେ, ତାଙ୍କର ଅଗୋଚରରେ କୌଣସି ଭାବ ବା କର୍ମ ସମ୍ଭବ ନୁହେଁ। ସେ କିପରି ? ନା, ସେ ଭାବାତୀତ । ମାନବର କି ସାଧ୍ୟ ଅଛି ଯେ ଚିନ୍ତାଦ୍ୱାରା ତାଙ୍କର ଆଦି ଅନ୍ତ ସୀମା ସରହଦ ନିର୍ଣ୍ଣୟ କରିବ ? ତାଙ୍କୁ ବିଚାର କରିବାକୁ ବସିଲେ ମନୁଷ୍ୟର ବାକ୍ୟ ସିନା ସ୍ତମ୍ଭିତ ହୋଇଯିବ କିନ୍ତୁ ତାଙ୍କୁ ବିଚାର କରିବା ସମ୍ଭବପର ହେବ ନାହିଁ । ମନୁଷ୍ୟର ମେଧା, ମନୁଷ୍ୟର ମନୀଷା ଅନନ୍ତ ଉର୍ଦ୍ଧ୍ୱରେ ସ୍ଥିତ ତାଙ୍କର ତତ୍ତ୍ୱର ଟେର ସୁଦ୍ଧା ନ ପାଇ ଲଜ୍ଜାବନତ ମସ୍ତକରେ ମୂକ ଭାବରେ ଅବସ୍ଥାନ କରେ । ସେ କିପରି ? ନା, - ସେ ତ୍ରିଗୁଣରହିତ । ସତ୍ୱ, ରଜଃ ଓ ତମୋଗୁଣ ତାଙ୍କରିଠାରୁ ଉଦ୍ଭୁତ ହୋଇଅଛି କିନ୍ତୁ ସେ ଯୁଗପତ୍ ଗୁଣମୟ ଓ ନିର୍ଗୁଣ ଭାବରେ ଅବସ୍ଥାନ କରନ୍ତି, ଗୁଣତ୍ରୟ ତାଙ୍କୁ ଅଭିଭୁତ କରି ପାରନ୍ତି ନାହିଁ । ସେ ଏଭଳି ଅବର୍ଣ୍ଣନୀୟ ଓ ଏଭଳି ମହାନ୍ ।

ଗୁରୁ ଶିଷ୍ୟ ସମ୍ବନ୍ଧର ନିଷ୍କାମତା

ଏହି ମଧୁର ଓ ମହାନ୍ ତତ୍ତ୍ୱ କାମାଚାର ରୂପକ ମେଘଦ୍ୱାରା ଆବୃତ୍ତ ହୁଏ । ତେଣୁ ମଧ୍ୟାହ୍ନ କାଳର ମାର୍ତ୍ତଣ୍ଡ କିରଣ ସାଧକର ଜୀବନକୁ ଆଲୋକିତ କରିପାରେ ନାହିଁ । ତେଣୁ ଗୁରୁ ଶିଷ୍ୟ ସମ୍ପର୍କ ସମ୍ପୂର୍ଣ୍ଣ ନିଷ୍କାମ ହେବାକୁ ହେବ । ଏହି ହେତୁରୁ ଦୀକ୍ଷାଦାନ ଓ ଦୀକ୍ଷାଗ୍ରହଣ ସମୟରେ ସ୍ୱାମୀର ଗୁରୁଭାବ ଓ ପତ୍ନୀର ଗୁରୁଶ୍ରଦ୍ଧା, ଏ

ଉଭୟ ହିଁ ସ୍ୱାମୀର ଯେ ଗୁରୁ, ତାଙ୍କ ଉଦ୍ଦେଶ୍ୟରେ, ଅଥବା ସମ୍ପ୍ରଦାୟର ଯେ ଆଦିଗୁରୁ ତାଙ୍କ ଉଦ୍ଦେଶ୍ୟରେ ଅଥବା ସ୍ୱୟଂ ଶ୍ରୀଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପିତ ହେବ । ଏତଦ୍ଦ୍ୱାରା ହିଁ ପରିପୂର୍ଣ୍ଣ ସୁଫଳ ଲାଭ ହେବ ।

ସାଧନ ଭଜନ କରୁ କରୁ ଭାଗ୍ୟବତୀ ପତ୍ନୀର ଏପରି ଅବସ୍ଥା ଆସିପାରେ ଯେ-

(୧) ଗୁରୁଦେବ (୨) ସ୍ୱାମୀ (୩) ମନ୍ତ୍ର (୪) ବ୍ରହ୍ମ ବା (୫) ନିଜ ମଧ୍ୟରେ ହିଁ ଇଷ୍ଟସ୍ଫୁର୍ତ୍ତି ଘଟିବ । ପାଞ୍ଚଗୋଟି ସ୍ଥାନରେ ଇଷ୍ଟସ୍ଫୁର୍ତ୍ତି ଘଟିଲେ ମଧ୍ୟ ବ୍ୟବହାରିକ ଭାବରେ ପତ୍ନୀ ପାଞ୍ଚଟି ବିଷୟରେ ପାଞ୍ଚଟି ପୃଥକ୍ ଆଚାର ପାଳନ କରିବେ । ଗୁରୁଙ୍କଠାରେ ଅର୍ଥାତ୍ ନିଜର ବା ସ୍ୱାମୀଙ୍କର ଦୀକ୍ଷାଦାତାଙ୍କଠାରେ ଇଷ୍ଟଭାବ ଜନ୍ମିଲେ ତାଙ୍କ ପ୍ରତି ବ୍ୟବହାର କନ୍ୟା ପରି ହେବ । ସ୍ୱାମୀଙ୍କ ଠାରେ ଇଷ୍ଟଭାବ ଜନ୍ମିଲେ ମନ୍ତ୍ରର ବ୍ୟବହାର ଗୋପନ ହିଁ ରହିବ । ସର୍ବବ୍ୟାପକ ବ୍ରହ୍ମରେ ଇଷ୍ଟଭାବ ଜନ୍ମିଲେ ସୀମାବଦ୍ଧ ଭାବରେ ବ୍ରହ୍ମ ଉପାସନା ଲାଗି ଯେଉଁ ସବୁ ନିର୍ଦ୍ଦୋଷ ପ୍ରଣାଳୀ ଅଛି ସେଥିପ୍ରତି ପ୍ରତିବାଦହୀନ ହେବାକୁ ହେବ । ନିଜଠାରେ ବ୍ରହ୍ମ ଭାବ ଜାଗ୍ରତ ହେଲେ ଅନ୍ୟମାନଙ୍କ ପାଖରେ କୂଳବଧୂ-ଯୋଗ୍ୟ ଭାବରେ ଚଳିବାକୁ ହେବ । ଗୁରୁଙ୍କଠାରେ ଇଷ୍ଟଭାବ ଜନ୍ମିଲେ ତାଙ୍କୁ ସର୍ବସ୍ୱ ସମର୍ପଣ କରିବା ସମ୍ଭବ ହୁଏ, ସେତେବେଳେ ଆଉ ଅଦେୟ କିଛି ନ ଥାଏ । କିନ୍ତୁ କନ୍ୟା ଯାହା ପ୍ରକାଶ୍ୟରେ ବା ମନେ ମନେ ପିତାଙ୍କୁ ଦାନ କରିପାରେ, ଗୁରୁଙ୍କୁ ସ୍ୱୟଂ ବ୍ରହ୍ମସ୍ୱରୂପ ଜାଣିଲେ ମଧ୍ୟ ଶିଷ୍ୟା କେବଳ ସେତିକି ଦେବେ ଏବଂ ତଦତିରିକ୍ତ କିଛି ଦେବାର ଆକାଂକ୍ଷା ଅନ୍ତରରେ ଜାଗ୍ରତ ହେଲେ ସଙ୍ଗେ ସଙ୍ଗେ ଏ କଥା ଭାବି ସତର୍କ ହେବାକୁ ହେବ ଯେ ହିସାବ କିତାବରେ ନିଶ୍ଚୟ କେଉଁଠି କିଛି ଗଲତି ରହିଯାଇଛି । ଏ ସମୟରେ ଅକପଟ ସାଧିକାଙ୍କ ମନରେ ସର୍ବତୋଭାବରେ ଆତ୍ମସମର୍ପଣ ଲାଗି ଏପରି ଏକ ଆକାଂକ୍ଷା ଜାଗ୍ରତ ହୁଏ, ଯାହାର ଭ୍ରାନ୍ତ ବ୍ୟାଖ୍ୟା କରି ବହୁ ଉନ୍ନତଚେତା ଉର୍ଦ୍ଧ୍ୱଚାରୀ ଶକ୍ତିମାନ ଗୁରୁଙ୍କ ମଧ୍ୟ ତଳକୁ ଖସି ଆସି ଅସତ୍ୟ ସହିତ ଆପୋଷ ମିଳାମିଶା କରିବା ଦେଖାଯାଏ ଓ ପ୍ରତାରଣାର ସାହାଯ୍ୟ ନେବାକୁ ହୁଏ । ସାଧିକା ଯେତେ ବେଶି ଅକପଟ-ପ୍ରେମିକା ହେବେ, ତାଙ୍କର ବାହ୍ୟ ଆଚାରରେ, ସାମାଜିକ

ବ୍ୟବହାରରେ ଓ ଶାରୀରିକ ଶୁଚିତାରେ ତାଙ୍କୁ ସେତିକି ସଂଯତ ଓ ସଂହତ ରହିବାକୁ ହେବ । ଏହି ଦୁଇଟି ବ୍ୟାପାର ମଧ୍ୟରେ ଟିକିଏ ସୁବିରୋଧୀ ଭାବ ଅଛି ସତ୍ୟ କିନ୍ତୁ ନିଜର ଏକକ କଲ୍ୟାଣ ଓ ସାମାଜିକ ସାମୁହିକ କଲ୍ୟାଣ ଦୃଷ୍ଟିରୁ ଏ କ୍ଷେତ୍ରରେ ଭାବସ୍ଥ ହୋଇ ମଧ୍ୟ ଅପ୍ରମତ୍ତ ରହିବାକୁ ହେବ । ସ୍ୱାମୀଠାରେ ଇଷ୍ଟଭାବ ଜନ୍ମିଲେ କାମଭାବ ଧ୍ୱଂସପ୍ରାପ୍ତ ହୁଏ, ଦେହସୁଖ ପ୍ରାର୍ଥନାତୀତ ହୋଇଯାଏ, ଲୋଲୁପତା ନାଶ ପାଏ କିନ୍ତୁ ଲୋକକଲ୍ୟାଣାର୍ଥେ ସ୍ୱାମୀ ଯେପରି ବ୍ୟବହାର ପ୍ରୟୋଜନ, ସ୍ୱାମୀକୁ ସ୍ୱୟଂ ବ୍ରହ୍ମସ୍ୱରୂପ ଜାଣିଲେ ମଧ୍ୟ ପତ୍ନୀ ସେଥିପ୍ରତି ଅବିରୋଧୀ ରହିବେ । ବିବାହିତ ନାରୀପୁରୁଷଙ୍କ ପକ୍ଷରେ ସଂସାର ଯାତ୍ରା କେବଳ ନିଜର ପାରିବାରିକ କର୍ତ୍ତବ୍ୟ ନୁହେଁ, ଏହା ମଧ୍ୟରେ ଏକ ଦିଗରେ ଯେପରି ଆତ୍ମିକ ଐକ୍ୟସାଧନର ଇଙ୍ଗିତ ରହିଅଛି ଅନ୍ୟ ଦିଗରେ ସେହିପରି ବିଶାଳ ପୃଥିବୀର ବ୍ୟାପକ କର୍ତ୍ତବ୍ୟର ଆହ୍ୱାନ ମଧ୍ୟ ରହିଅଛି । ତେଣୁ ସାଧନ-ନିମଗ୍ନା ବିବାହିତା ନାରୀ କେବଳ ଯେ ଯୋଗିନୀ ହେବେ ଓ ସେତିକିରେ ତାଙ୍କର ସାର୍ଥକତା ସୀମାବଦ୍ଧ ରହିବ, ତାହା ନୁହେଁ । ଏହି ନିର୍ଦ୍ଦେଶର ବ୍ୟାପକତା ବ୍ୟକ୍ତିବିଶେଷରେ କମ୍ ବେଶି ହୋଇପାରେ । ଉନ୍ନତ ଉପଲବଧି ସହିତ ପାରିବାରିକ ଓ ସାମାଜିକ କର୍ତ୍ତବ୍ୟକୁ ଅବିରୋଧୀ ରଖି ଚଳିବାର ଚେଷ୍ଟା ଅବଶ୍ୟ କରିବାକୁ ହେବ । ଗୋଟିଏକୁ ଅନ୍ୟଟିର ଅନୁପୂରକ କରିବା ଲାଗି ପ୍ରୟାସୀ ହେବାକୁ ହେବ । ଦୁର୍ବଳତା ସହିତ ସାଲିସ କରି ନୁହେଁ, ଦୁର୍ବଳତାକୁ ଜୟ କରି ଜୀବନଯାତ୍ରାର ଜୟଧ୍ୱନି-ମୁଖରିତ ରଥ ପ୍ରବଳ ବିକ୍ରମରେ ବାହି ନେବାକୁ ହେବ । ଗୁରୁଦେବ କୃପା କରି ସ୍ୱାମୀକୁ ଯେଉଁ ମହାମନ୍ତ୍ର ଦେଇଛନ୍ତି ଓ ଗୁରୁଙ୍କର ଆଦେଶକ୍ରମେ ତାଙ୍କର ଆଶୀର୍ବାଦ ସହ ସ୍ୱାମୀ ବାହକ ରୂପେ (ଗୁରୁରୂପେ ନୁହେଁ) ଯାହା ସ୍ତ୍ରୀ କୁ ପରିବେଷଣ କରିଛନ୍ତି ଅଥବା ସ୍ୱୟଂ ଗୁରୁଦେବ ଶିଷ୍ୟାକୁ ଯାହା ଦେଇଛନ୍ତି, ସେହି ମହାମନ୍ତ୍ରକୁ ଇଷ୍ଟରୁପେ ବୁଝିଲେ, ଇଛା ହୁଏ ସର୍ବେନ୍ଦ୍ରିୟ ଦ୍ୱାରା ନାମର ରସ ସଂଭୋଗ କରନ୍ତି, ଚାରିଆଡ଼େ ଖାଲି ଇଷ୍ଟନାମ ଦେଖିବାକୁ ପାଆନ୍ତି । ଇଛା ହୁଏ ଜଗତର ସମସ୍ତଙ୍କୁ ଡାକି ଏହି ମହାନାମ କୀର୍ତ୍ତନ କରିବାକୁ କହନ୍ତି ଓ ତାହା ଶୁଣି ମୋର କର୍ଣ୍ଣ ତୃପ୍ତ ହୁଅନ୍ତା । ଇଛା ହୁଏ, ସର୍ବାଙ୍ଗରେ

ମହାମନ୍ତ୍ରର ତିଳକେ କାଟି ସେହି ସ୍ପର୍ଶସୁଖ ଅନୁଭବ କରି ମୁହୁର୍ମୁହୁ ରୋମାଞ୍ଚିତ ତନୁ ହୁଅନ୍ତି । କିନ୍ତୁ ଏସବୁ ସାତ୍ତ୍ୱିକ ପିପାସାକୁ ନିବାରିତ କରି ଏକମାତ୍ର ମନ ଦେଇ ନାମର ସେବା କରିବାକୁ ହେବ। ମନ ଇନ୍ଦ୍ରିୟମାନଙ୍କର ରାଜା । ରାଜା ନିଜେ ଯଦି ଇଷ୍ଟନାମର ପରିଚର୍ଯ୍ୟା କରେ ତେବେ ଚକ୍ଷୁକର୍ଣ୍ଣାଦି ଭୃତ୍ୟବର୍ଗ ସେବା ନ କଲେ ସେଥିରେ ଯାଏ ଆସେ ବା କଣ ? ଇଷ୍ଟସ୍ୱରୂପ ଯେ ମହାମନ୍ତ୍ର ତାଙ୍କୁ ଅନ୍ତର ମଧ୍ୟରେ ଗୋପନ କରି ରଖିବାକୁ ହେବ, ନିବିଡ଼ତମ ପ୍ରକୋଷ୍ଠରେ ପ୍ରାଣଯୋଗେ ପୂଜା କରିବାକୁ ହେବ । ସର୍ବବ୍ୟାପକ ସର୍ବ-ସ୍ୱରୂପ ବ୍ରହ୍ମରେ ଇଷ୍ଟଭାବ ଜନ୍ମିଲେ ଆଉ ସୀମାବଦ୍ଧ ଭାବରେ ମୂର୍ତ୍ତି ଗଢ଼ି ବା ଛବି ଆଙ୍କି ଉପାସନା ପ୍ରତି ଚିତ୍ତ ଆସକ୍ତ ହୁଏ ନାହିଁ । ସେତେବେଳେ ମନେ ହୁଏ ଏସବୁ ପିଲାଖେଳ ମାତ୍ର, ଦୁଇଦଣ୍ଡ ପାଇଁ ଅବୋଧ ଶିଶୁର ମନ ବହଲେଇବା ପରି ସଂସାର ଦୁଃଖରୁ ସାମୟିକ ମୁକ୍ତି ପାଇବାର ଏ କେବଳ ଗୋଟିଏ ଫନ୍ଦି ମାତ୍ର । ସେତେବେଳେ ମନେ ହୁଏ ମୋର ପ୍ରାଣର ପ୍ରାଣ ଜଗଜ୍ଜନନୀଙ୍କର ଆବାହନ କଣ, ବିସର୍ଜନ କଣ, ତାଙ୍କୁ ପୂଜା କରିବାର ସମୟ ବା କଣ, ଅସମୟ ବା କଣ ? କିନ୍ତୁ ଏଭଳି ଶ୍ଳାଘ୍ୟ ଉନ୍ନତ ଅବସ୍ଥା ଲାଭ କଲେ ମଧ୍ୟ ଯେଉଁମାନେ ଏହି ଉଚ୍ଚଭାବର ମର୍ମ ଗ୍ରହଣକ୍ଷମ ନୁହନ୍ତି ସେଭଳି ଲୋକଙ୍କ ପାଖରେ ମୌନ ରହିବାକୁ ହିଁ ହେବ । ଆଉ ନିଜଠାରେ ଇଷ୍ଟଭାବର ଉନ୍ମେଷ ଘଟିଲେ ଭେଦାଭେଦ ଜ୍ଞାନ ତିରୋହିତ ହୁଏ, ଜାତିକୁଳ ବିଚାର ନ ଥାଏ, ଆଚାର-ବିଚାର ବାଛିବା ପ୍ରବୃତ୍ତି ନ ଥାଏ । ଜୀବ ଏକ କିନ୍ତୁ ବ୍ରହ୍ମ ଭାବରେ ସେ ଏକ, ଜୀବ ଭାବରେ ସେ ଅନ୍ୟ। ଜୀବଜଗତର କଲ୍ୟାଣକଳ୍ପେ ଜୀବ ବ୍ରହ୍ମତ୍ୱଲାଭ କରି ମଧ୍ୟ ଜୀବ ଭାବରେ ଯାହା ଆଦର୍ଶ ସ୍ଥାନୀୟ ସେଭଳି ଆଚାର ସେ ପାଳନ କରିବେ ଏବଂ ଜୀବ ଭାବରେ ଯାହା ଅନର୍ହ ଅସଦାଚାର, ତାହା ସେ ପରିହାର କରିବେ ।

ଗୁରୁଙ୍କ ପ୍ରତି ଶିଷ୍ୟର ମନୋଗତିର ବିଶ୍ଳେଷଣ

ଏ ସ୍ଥଳେ ଗୁରୁଙ୍କ ପ୍ରତି ଶିଷ୍ୟର ଅର୍ପିତ ମନୋଗତିର ଏକ ବିଶ୍ଳେଷଣ ବୋଧହୁଏ ଅପ୍ରାସଙ୍ଗିକ ହେବନାହିଁ । ବର୍ତ୍ତମାନ ଯୁଗରେ ଗୁରୁ ଓ ଶିଷ୍ୟର ପାରସ୍ପରିକ

ସମ୍ବନ୍ଧ ସ୍ୱାର୍ଥ ସଂସ୍ପର୍ଶରେ ଆସି ଏପରି ପଙ୍କିଳ ଓ ମଳିନ ହୋଇଅଛି ଯେ, ଜୀବର ହିତ କାମନାରେ ଦୀକ୍ଷାମନ୍ତ୍ର ଦେବା ପରେ ଆମେ ସେମାନଙ୍କୁ ସ୍ପଷ୍ଟ ଉପଦେଶ ଦେଉଥାଏ- "ବାବୁ ହେ, ମନ୍ତ୍ରତ ପାଇଲ, ସାଧନ-ପ୍ରଣାଳୀ ବି ପାଇଲ, ମୋର ପ୍ରାଣଭରା ଆଶୀର୍ବାଦ ମଧ୍ୟ ପାଇଲ । ଏଣିକି ମନ୍ତ୍ରକୁ ଏକମାତ୍ର ଗୁରୁ ବୋଲି ଜାଣି ଆମ ସମ୍ପର୍କରେ ସମସ୍ତ ପ୍ରତ୍ୟାଶା ଓ ହତାଶା ତ୍ୟାଗ କରି, ଆକମ ସମ୍ପର୍କରେ ଅନ୍ତରରେ ସବୁ ଅନୁରାଗ ଓ ବିରାଗ ବର୍ଜନ କରି, ଆମ ସୁପ୍ରଭାବ ଓ ଅପପ୍ରଭାବର ବାହାରେ ନିଜ ଜୀବନକୁ ରଖି ବୀରବିକ୍ରମରେ ସାଧନ କରିଯାଅ । ଆମେ ତୋର କେହି ନୋହୁଁ, ଆମେ ସଂସାରର କିଛି ନୋହୁଁ, ମନ୍ତ୍ର ହିଁ ତୋର ସବୁ, ମନ୍ତ୍ର ତୋର ଅତି ଆପଣାର, ମନ୍ତ୍ର ତୋର ପରମ ଆଶ୍ରୟ, ମନ୍ତ୍ର ହିଁ ତୋର ପରମ ଧର୍ମ । ଯୁଗର ଚାହିଦାକୁ ଦେଖି ଆମେ ଏଭଳି ଆତ୍ମ-ବିଲୋପର ପଥ ବାଛି ନେଇଛୁ । କିନ୍ତୁ ପ୍ରକୃତ କଥା ହେଉଛି, ଗୁରୁ ଏକ ଅତ୍ୟାଶ୍ଚର୍ଯ୍ୟ ଚୁମ୍ବକ-ଶକ୍ତି । ମନୁଷ୍ୟ ତାଙ୍କ ପାଖକୁ ଆସିଲେ ପଞ୍ଚରସର ପରିପୂର୍ଣ୍ଣ ଆସ୍ୱାଦନ ପାଏ । ସେ ପୁତ୍ର, ସେ ମାତା, ସେ କନ୍ୟା, ସେ ଭ୍ରାତା; ସେ ସଖା, ସେ ଐଶ୍ୱର୍ଯ୍ୟମୟ ପରମ ବିଗ୍ରହ, ସେ ପତି, ସେ ସର୍ବଜୀବଜୀବନାଧିଶ୍ୱର । ସେ ପତ୍ନୀ, ଏହି ଭାବ ସହିତ ଗୁରୁଙ୍କଠାରେ ଅର୍ପିତ ଅନୁରାଗର କୌଣସି ବର୍ଗ ନାହିଁ । କାରଣ ଏହି ଭାବ ଅଧୋଗତି ବିଧାୟକ ଓ ଗୁରୁଙ୍କର ଗୌରବ ନାଶକ । ପୁତ୍ର ପ୍ରତି, କନ୍ୟା ପ୍ରତି ବା ପତ୍ନୀ ପ୍ରତି ଅର୍ପିତ ଭାବ ମାତ୍ରେହିଁ ନିମ୍ନଗାମୀ ସ୍ନେହ । ପୁତ୍ର ବା କନ୍ୟା ପ୍ରତି ସ୍ନେହ ନିମଗ୍ନ ହେଲେ ମଧ୍ୟ ତାକୁ ଅଭ୍ୟାସ ବଳରେ ଅତି ସହଜରେ ଦେହାତୀତ ଆଧ୍ୟାତ୍ମିକ ଉଲ୍ଲାସରେ ପରିଣତ କରାଯାଇପାରେ । କିନ୍ତୁ ପତ୍ନୀ ପ୍ରତି ଅର୍ପିତ ସ୍ନେହର ରୀତି ହେଉଛି ଏଇଆ ଯେ, ଯୌନ-ସଂସର୍ଗ ଦ୍ୱାରା ସେ ସ୍ନେହ ମ୍ଳାନ ନ ହୋଇ ଉଜ୍ଜ୍ୱଳତର, ପ୍ରଗାଢ଼ତର ଓ ଗଭୀରତର ହୁଏ । ଏହି କାରଣରୁ ଆଜି ପର୍ଯ୍ୟନ୍ତ ପୃଥିବୀର କୌଣସି ସ୍ଥାନରେ ଇଶ୍ୱରଙ୍କଠାରେ ପତ୍ନୀଭାବର ଆରୋପ ସଫଳ ହୋଇ ନାହିଁ ଏବଂ ଗୁରୁଙ୍କ ଠାରେ ଅର୍ପିତ ଭାବରେ ମଧ୍ୟ ଏହାର ସ୍ଥାନ ନାହିଁ । କିନ୍ତୁ ଗୁରୁଙ୍କୁ ପିତା, ମାତା, କନ୍ୟା, ପତି, ପ୍ରଭୁ ଇତ୍ୟାଦି ସବୁ ଭାବରେ ଅର୍ଚ୍ଚନା ସ୍ୱାଭାବିକ। କାହାପ୍ରତି ପତିଭାବ

ଜନ୍ମିଲେ, ଦେହ-ସ୍ପର୍ଶଠାରୁ ନିଜକୁ ଦୂରରେ ରଖିଲେ ମଧ୍ୟ ପ୍ରଗାଢ଼ ଧ୍ୟାନଦ୍ୱାରା ପତିଭାବକୁ ସମୁଜ୍ଜ୍ୱଳ କରିବା ସମ୍ଭବ । କାରଣ ପତିଭାବ ପାଖରେ ଆତ୍ମସମର୍ପଣର ଅର୍ଥ ହେଉଛି ନିଜର ସୁଖଲୁବ୍‌ଧତା ପ୍ରତି ଏକାବେଳେକେ ଉଦାସୀନ ହେବେ । ପତିର ଇଚ୍ଛା ଭିତରେ ସତୀ ନିଜର ବ୍ୟକ୍ତିତ୍ୱକୁ ବିସର୍ଜନ ଦେଇ ଦେବାର ସାମର୍ଥ୍ୟ ଅର୍ଜନ କରେ, ପତି ସହିତ ଦୈହିକ ମିଳନର ଅଭାବ ତାର ଅନ୍ତରର ପ୍ରେମପାରାବାରକୁ ଶୁଷ୍କ କରିପାରେ ନାହିଁ । କାହା ପ୍ରତି ପତ୍ନୀଭାବ ଜନ୍ମିଲେ ସେଇଟା ତା ଉପରେ ଅଧିକାର ସ୍ଥାପନମୂଳକ ହୋଇଥାଏ କିନ୍ତୁ କାହାପ୍ରତି ପତିଭାବ ଆରୋପିତ ହେଲେ, ସେଇଟା ତା ଉପରେ ନିଜର ଅଧିକାର-ସଂକୋଚକ ହୁଏ । ଏହି କାରଣରୁ କାହା ପ୍ରତି ପତ୍ନୀଭାବ ଜନ୍ମିବା ଯେପରି ଅନ୍ତରର ଅବନତି ବିଧାୟକ ହୋଇଥାଏ, ପତିଭାବ ସବୁ ସମୟରେ ତଦ୍ରୂପ ନୁହେଁ । ଏହି କାରଣରୁ ଗୁରୁଙ୍କ ଠାରେ ପତିଭାବ ଆରୋପ ବିରଳ ନୁହେଁ । ଗୁରୁଙ୍କ ପ୍ରତି ପିତା ପୁତ୍ର, ପତି ଇତ୍ୟାଦି ସକଳ ଭାବ ଶିଷ୍ୟର ଅଜ୍ଞାତସାରରେ ତା ଅନ୍ତରରେ ବିକଶିତ ହୁଏ ଓ ଏ ସମସ୍ତ ଭାବ ସହିତ ସାମଞ୍ଜସ୍ୟ ରଖି ତାର ଗୁରୁଭକ୍ତି କ୍ରମଶଃ ପରିବର୍ଦ୍ଧିତ ହୋଇଥାଏ । ଭାରତୀୟ ଆଧ୍ୟାତ୍ମିକ ଜୀବନରେ ଏହା ଏକ ଉପଲବ୍‌ଧି-ଲବ୍‌ଧ ସତ୍ୟ । ଭିତ୍ତିହୀନ ପ୍ରାସାଦ ବା ନିର୍ମୂଳତରୁ ଭଳି ଗୁରୁବାଦ ଅବାସ୍ତବ କି ନୁହେଁ, ସେ ବିଷୟରେ ତର୍କର ଅବକାଶ ଥାଇପାରେ କିନ୍ତୁ ଗୁରୁଙ୍କ ଠାରେ ଅର୍ପିତ ଶିଷ୍ୟର ସମ୍ୟକ-ପରିପୁଷ୍ଟ ଶ୍ରେଷ୍ଠଭାବ ଯେ ସର୍ବଭାବର ସମନ୍ୱୟ ଓ ପଞ୍ଚରସର ଆଶ୍ରୟ, ଏହା ଅସ୍ୱୀକାର କରିବାର ବାଟ ନାହିଁ ! ମନୁଷ୍ୟର ଶରୀର ରକ୍ଷା ପାଇଁ ଯେତେଗୁଡ଼ିଏ ମୌଳିକ ଖାଦ୍ୟ ପ୍ରୟୋଜନ ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିର ସୁସାମଞ୍ଜସ୍ୟ ମିଳନ ଯେପରି ଦୁଗ୍ଧରେ, ପୃଥିବୀର ସବୁ ନଦୀର ମିଳନ ଯେପରି ମହାସମୁଦ୍ରରେ, ଜଗତର ସକଳ ବର୍ଣ୍ଣର ମିଳନ ଯେପରି ଶ୍ୱେତବର୍ଣ୍ଣରେ, ଜଗତର ସକଳ ମନ୍ତ୍ରର ମହାମିଳନ ଯେପରି ଓଙ୍କାରରେ, ଠିକ୍ ସେହିପରି ଶାନ୍ତ, ସଖ୍ୟ, ଦାସ୍ୟ, ବାତ୍ସଲ୍ୟ, ମଧୁର ପ୍ରଭୃତି ସକଳ ରସର ମିଶ୍ରଣ ହେଉଛି ଗୁରୁଙ୍କ ଠାରେ ଅର୍ପିତ ଏହି ଭକ୍ତି । କେହି ଯଦି କହନ୍ତି ଏହା

ଭିତରେ ସବୁ ଭାବ ଅଛି କିନ୍ତୁ କାନ୍ତଭାବ ନାହିଁ, ତେବେ ସେ ଭ୍ରାନ୍ତ । ସାଧାରଣ ଦୃଷ୍ଟିରେ ଗୁରୁ ଉପଦେଷ୍ଟା ବା ପଥପ୍ରଦର୍ଶକ ମାତ୍ର ଏବଂ ଦୀକ୍ଷାଦାନ ଓ ଉପଦେଶ ପ୍ରଦାନଦ୍ୱାରା ତାଙ୍କ କର୍ତ୍ତବ୍ୟର ଇତି ହୋଇଯାଏ । କିନ୍ତୁ ଉପଲବ୍ଧିବାନ୍ ସାଧକ ଦୃଷ୍ଟିରେ ଦୀକ୍ଷାଦାନଦ୍ୱାରା ଗୁରୁ ଶିଷ୍ୟ-ଦେହର ପ୍ରତି ଅଣୁ ପରମାଣୁରେ, ଶିଷ୍ୟ ମନର ପ୍ରତି ପରସ୍ତରେ, ଶିଷ୍ୟ ପ୍ରାଣର ପ୍ରତି ସ୍ପନ୍ଦନରେ ନିଜ ସତ୍ତାର ବିସ୍ତାର ସାଧନ କରନ୍ତି । ଏହାଦ୍ୱାରା ସେ ଯୁଗପତ୍ ଓ ଏକାଧାରରେ ପିତା, ପୁତ୍ର, ପତି ଇତ୍ୟାଦି ସକଳ ଆତ୍ମୀୟ କୁଟୁମ୍ବ ହୋଇଯାନ୍ତି । ଗୁରୁ ଓ ବିଶ୍ୱପତି ସେତେବେଳେ ଏକ ହୋଇଯାନ୍ତି । ସେହି ଅଭିନ୍ନତ୍ୱକୁ ଆମେ ଯୁକ୍ତିଦ୍ୱାରା ବିଭିନ୍ନ କରିବାକୁ ଚେଷ୍ଟା ସିନା କରୁ କିନ୍ତୁ ଉପଲବ୍ଧି ସମ୍ମୁଖରେ ପଡ଼ିଲେ ସେ ଯୁକ୍ତି ପାଣିଫୋଟକା ପରି କୁଆଡ଼େ ମିଳେଇ ଯାଏ । ବିଶ୍ୱପତି ପିତା ହୋଇ ମଧ୍ୟ ପତି, ପୁତ୍ର ହୋଇ ମଧ୍ୟ ପତି, ସଖା ହୋଇ ମଧ୍ୟ ପତି, ପତିର ମଧ୍ୟ ପତି, ପତ୍ନୀର ମଧ୍ୟ ପତି, ମାତାର ପତି, ପିତାର ବି ପତି, କନ୍ୟାର ବି ପତି ପୁତ୍ରବଧୂର ମଧ୍ୟ ପତି । ସେ ଏକ , ସ୍ୱତନ୍ତ୍ର ଭାବରେ ଜଣ ଜଣ କରି ଖଣ୍ଡିତ ଭାବରେ କାହାର ସେ ପତି ନୁହନ୍ତି, ସମସ୍ତଙ୍କୁ ନେଇ ସାମୂହିକ ଭାବରେ ସେ ସମସ୍ତଙ୍କର ପତି । ସେହିପରି ଗୁରୁଭାବ ମଧ୍ୟରେ ଯେଉଁ କାନ୍ତଭାବ ଓତଃପ୍ରୋତ ଭାବରେ ରହିଅଛି, ତାହା ସର୍ବକଳୁଷ-ବର୍ଜିତ, ସ୍ୱଚ୍ଛ ଓ ସୁନ୍ଦର । ତହିଁରେ ଅସାମଞ୍ଜସ୍ୟ ନାହିଁ, ପ୍ରତିକ୍ରିୟା ବି ନାହିଁ । ତାହା ସହଜାତ ଓ ସ୍ୱାଭାବିକ । ନିଜକୁ ଶ୍ରୀରାଧା ଜ୍ଞାନକରି ଶ୍ରୀକୃଷ୍ଣଙ୍କଠାରେ କାନ୍ତଭାବ ଅର୍ପଣ ପୂର୍ବକ ଆତ୍ମସୁଖଲିପ୍ସା ହୀନ ଅପୂର୍ବ ଏକ କାନ୍ତାଭାବ ନିଜଠାରେ ଆରୋପ କରି ମଧୁର ରସ ସାଧନର ପଥ ଶ୍ରୀଗୌରାଙ୍ଗ ମହାପ୍ରଭୁ ପ୍ରଦର୍ଶନ କରାଇଥିଲେ । ଭକ୍ତିମାର୍ଗୀ ବୈଷ୍ଣବକୁଳ ମଧ୍ୟରେ ବି ଏହା ଅନର୍ପିତଚାରୀ ଓ ଅନାସ୍ୱାଦିତପୂର୍ବ ବୋଲି ସ୍ୱୀକୃତ ହୋଇଅଛି । କୃତ୍ରିମ ରସାଭାସ ଏହାର ମୂଳ ନୁହେଁ, ଭକ୍ତର ଅର୍ପିତ ଭକ୍ତି ଭିତରେ ହିଁ ଏହା ଏକ ସୁପ୍ରଚ୍ଛନ୍ନ ସ୍ୱାଭାବିକ ବୃତ୍ତି ବୋଲି ଶ୍ରୀଗୌରାଙ୍ଗଦେବଙ୍କ ଅନୁଭୂତିରେ ଏହା ଉଜ୍ଜ୍ୱଳତର ହୋଇଥିଲା ଓ ତତ୍‌ପରିକର ବୃନ୍ଦଙ୍କ ଅନୁଶୀଳନ ମଧ୍ୟରେ ଏହା ସ୍ଥାନ ପାଇଥିଲା । କିନ୍ତୁ ଗୁରୁ ବିଶ୍ୱପତି ହୋଇ ମଧ୍ୟ ବିଶ୍ୱପିତା, ବିଶ୍ୱପିତା ହୋଇମଧ୍ୟ

ବିଶ୍ୱପୁତ୍ର, ବିଶ୍ୱପୁତ୍ର ହୋଇ ମଧ୍ୟ ବିଶ୍ୱସଖା ପୁଣି ସେ ବିଶ୍ୱସଖା ହୋଇ ମଧ୍ୟ ବିଶ୍ୱଦାସ । ପ୍ରଭୁ ହୋଇ ମଧ୍ୟ ସେ କ୍ଷାନ୍ତ ନୁହଁନ୍ତି, ସେ ଶିଷ୍ୟର ସେବା କରି ସାର୍ଥକ ହେବାକୁ ବ୍ୟାକୁଳ । ତେଣୁ ତାଙ୍କଠାରେ ସର୍ବରସର, ସର୍ବଭାବର ଓ ସର୍ବ ଆସ୍ୱାଦନର ସମନ୍ୱୟ । ମନୁଷ୍ୟ ସାଧାରଣ ଚର୍ମ ଚକ୍ଷୁରେ ଭଗବାନଙ୍କୁ ଦେଖି ପାରେନାହିଁ ବୋଲି ଗୁରୁଙ୍କ ଭିତରେ ତାଙ୍କୁ ବାରମ୍ବାର ଅନ୍ୱେଷଣ କରେ ।

ଗୁରୁଙ୍କ ଠାରେ କାନ୍ତାଭାବ

ଗୁରୁଙ୍କ ଠାରେ ଅର୍ପିତ ଭକ୍ତିଭାବ ଭିତରେ ନିର୍ଦ୍ଦିଷ୍ଟ ମାତ୍ରାରେ ଓ ଅତି ସୂକ୍ଷ୍ମ ଭାବରେ କାନ୍ତଭାବ (ଅର୍ଥାତ୍ ପତିଠାରେ ଅର୍ପିତ ସତୀନାରୀର ମନୋଭାବ) ବିଦ୍ୟମାନ ରହିଛି ବୋଲି ଯୁଗେ ଯୁଗେ ଶିଷ୍ୟମାନେ ଗୁରୁର ଆଦେଶ ପାଳନ କରିବାକୁ ଯାଇ ଅସାଧ୍ୟ ସାଧନ କରିଛନ୍ତି । ପୁତ୍ରକନ୍ୟାମାନେ ପିତୃଭକ୍ତିବଶତଃ ପିତାର ଆଦେଶ ପାଳନ କରନ୍ତି ଓ ମାତା ପ୍ରତି ଅନୁରାଗବଶତଃ ମାତୃ ଆଦେଶ ପାଳନ କରନ୍ତି । ପ୍ରୀତିବଶତଃ ସଖାର ଅନୁରୋଧ ସଖା ରକ୍ଷା କରେ । ସେବକ ପ୍ରତି ଅନୁକମ୍ପାବଶତଃ ପ୍ରଭୂ ସେବକର ପ୍ରାର୍ଥନା ପୂରଣ କରନ୍ତି । ପତ୍ନୀ ନିଜକୁ ପତିର ପଦାର୍ଥ ମଣି ଓ ନିଜ ଉପରେ ନିଜର କୌଣସି ସ୍ୱତ୍ୱାଧିକାର ନାହିଁ ବୋଲି ଜାଣି, ପତିର ଅଭିଳାଷ ପୂରଣ ସ୍ତ୍ରୀର ସ୍ତ୍ରୀତ୍ୱ, ଏହି ଦୃଢ଼ ବିଶ୍ୱାସବଶତଃ ସେ ପତିର ଆଦେଶ ପାଳନ କରେ । ପୃଥିବୀର ଯେତେ ସ୍ଥାନରେ ଶିଷ୍ୟ ଗୁରୁଙ୍କର ଅଭିପ୍ରାୟ ପୂରଣ ଦିଗରେ ଅଗ୍ରସର ହେବା ଦେଖାଯାଇଛି ପ୍ରାୟ ସର୍ବତ୍ର ପତି ପ୍ରତି ସତୀର ଏହି ଭାବଟି ହିଁ ଶିଷ୍ୟ ମନରେ ପ୍ରତିଫଳିତ ହୋଇଛି । ତେଣୁ ସେମାନେ ବଡ଼ ବଡ଼ ତ୍ୟାଗ ସ୍ୱୀକାର କରିବାକୁ ସକ୍ଷମ ହୋଇ ପାରିଛନ୍ତି । ଆଉ ମଧ୍ୟ ଏହି କାନ୍ତଭାବ ଅତି ପ୍ରଚ୍ଛନ୍ନ ଭାବରେ ରହିଥିବାରୁ ଶକ୍ତିହୀନ କ୍ଷୁଦ୍ରାଧାର ଗୁରୁ ନାମଧାରୀମାନେ ଶାସ୍ତ୍ରର ଅପବ୍ୟାଖ୍ୟା କରି ବା ନାନା ଅପଶାସ୍ତ୍ର ରଚନା କରି ସମାଜରେ ନାନା ପ୍ରକାର ଆପତ୍ତିଜନକ ଆଚରଣ ଓ କଦର୍ଯ୍ୟ ପ୍ରଥାକୁ ପ୍ରଶ୍ରୟ ଦେଇ ମହାଦେବଙ୍କ ଷଣ୍ଢ ପରି ଦୁର୍ଦ୍ଦଣ୍ଡ ପ୍ରତାପରେ ଚାରିଆଡ଼େ ବେପରୁଆ ଖେଦି ବୁଲୁଛନ୍ତି । ସରଳମତି ନରନାରୀ ବିଶେଷକରି ନାରୀମାନଙ୍କର ଅନ୍ତରର ପ୍ରଚ୍ଛନ୍ନ କାନ୍ତାଭାବକୁ ତାର ସୂକ୍ଷ୍ମ ଆଧ୍ୟାତ୍ମିକ

ଅସ୍ତିତ୍ୱରୁ ନାନା ଅପକୌଶଳ ଦ୍ୱାରା ଟାଣିଓଟାରି ବିଚ୍ଛିନ୍ନ କରି ଓ ତାକୁ ସ୍ଥୂଳ ଯୌନମୂର୍ତ୍ତି ପ୍ରଦାନ କରି ଗୁରୁନାମଧାରୀ ଏହି ଅଯୋଗ୍ୟ ବ୍ୟକ୍ତିମାନେ ଏଭଳି କାଣ୍ଡ ସବୁ କରୁଛନ୍ତି ଯାହା ଫଳରେ ପ୍ରକୃତ ଆଧ୍ୟାତ୍ମିକ ଉନ୍ନତିର ପ୍ରବଳ ଲିପ୍ସା ଅନ୍ତରରେ ପୋଷଣ କରୁଥିବା ବହୁ ବ୍ୟକ୍ତି ଗୁରୁକରଣ ବା ଦୀକ୍ଷା ଗ୍ରହଣରେ ଶ୍ରଦ୍ଧାହୀନ ହୋଇ ପଡୁଛନ୍ତି । ଏହି କାରଣରୁ ବାହାରର କାହାକୁ ଗୁରୁବୋଲି ସ୍ୱୀକାର କରି ତାଙ୍କଠାରୁ ଦୀକ୍ଷା ଗ୍ରହଣରେ ଅନିଚ୍ଛୁକ ହେବା ବିବାହିତ ଦମ୍ପତିଙ୍କ ପକ୍ଷରେ ଅସମ୍ଭବ ବା ଅସ୍ୱାଭାବିକ ନୁହେଁ ।

ଦୀକ୍ଷାରେ ଅବିଶ୍ୱାସୀଙ୍କ କର୍ତ୍ତବ୍ୟ

ଯେଉଁ ପତିପତ୍ନୀ ଦୀକ୍ଷାଗ୍ରହଣ ଓ ଗୁରୁକରଣରେ ବିଶ୍ୱାସୀ ନୁହନ୍ତି ସେମାନେ ନିଜ ନିଜ ରୁଚି ଅନୁସାରେ କୌଣସି ଏକ ସାଧନ ପ୍ରଣାଳୀ ବାଛି ନେଇ ତଦନୁଯାୟୀ ଆଧ୍ୟାତ୍ମିକ ଉତ୍କର୍ଷ ଲାଭ ପାଇଁ ଚେଷ୍ଟିତ ହେବା ଉଚିତ୍ । କେବଳ ଦର୍ଶନଶାସ୍ତ୍ରର ଆଲୋଚନା ଉନ୍ନତି ଲାଭ ପାଇଁ ଯଥେଷ୍ଟ ନୁହେଁ, ସାଧନ ହିଁ ପ୍ରଥମ ଓ ପ୍ରଧାନ କଥା । ଦାର୍ଶନିକ ଚିନ୍ତାଦ୍ୱାରା ବୁଦ୍ଧିର ଉତ୍କର୍ଷସାଧନ ହୁଏ ସତ୍ୟ କନ୍ତୁ ପ୍ରାଣର ଅନନ୍ତ ପିପାସାର ପରିତୃପ୍ତି କ୍ଷମତା ଏକମାତ୍ର ସାଧନର ଅଛି । ନିତ୍ୟ-ଅନିତ୍ୟ ବିଚାର ଦ୍ୱାରା ନିୟତ ବ୍ରହ୍ମାନୁସରଣର ଯେଉଁ ଜ୍ଞାନମାର୍ଗୀୟ ସାଧନ ପନ୍ଥା ଭାରତରେ ପ୍ରଚଳିତ ଅଛି, ତହିଁରେ ଦାର୍ଶନିକ ବିଚାରକୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଥିଲେ ମଧ୍ୟ ଏକମାତ୍ର ଦର୍ଶନଶାସ୍ତ୍ର ଆଲୋଚନା ସେଥିରେ ସ୍ୱୀକୃତ ହୋଇନାହିଁ । ଦାର୍ଶନିକ ବିଚାର ଦ୍ୱାରା ଯେଉଁ ସତ୍ୟ ପ୍ରତୀତ ରୂପରେ ଲବ୍ଧ ହୁଏ ତାକୁହିଁ ଭିତ୍ତି କରି ଅମିତ ଆଗ୍ରହ ଓ ପ୍ରବଳ ପରାକ୍ରମରେ ସାଧନ କରିଯିବାର ପ୍ରୟୋଜନୀୟତାକୁ ତହିଁରେ ପ୍ରଧାନ୍ୟ ଦିଆଯାଇଛି । ଖାଲି ସୋଽହଂ ତତ୍ତ୍ୱ ବୁଝିଗଲେ ସବୁ ହେଲାନାହିଁ, ସେହି ତତ୍ତ୍ୱକୁ ଅନୁଦିନ ଅନୁକ୍ଷଣ ଅନୁସରଣ ଦ୍ୱାରା ଅନୁଶୀଳନ କରିବାକୁ ହେବ । ଏହି କାରଣରୁ ଭାରତବର୍ଷର ଦାର୍ଶନିକ ମାତ୍ରକେ ଉଣା ଅଧିକେ ଜଣେ ଜଣେ ସାଧକ । ଦାର୍ଶନିକ ତତ୍ତ୍ୱାଲୋଚନାର ଯେଉଁ ପାଶ୍ଚାତ୍ୟଭଙ୍ଗୀ ଆମ ଭିତରୁ ଅନେକେ ଏବେ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି ସେଥିରେ ତତ୍ତ୍ୱବିଚାର, ସତ୍ୟାସତ୍ୟ ନିର୍ଣ୍ଣୟର ସାଦ୍ଧିକ

ପ୍ରୟାସ ଏବଂ ଶୁଦ୍ଧ ଯୁକ୍ତି ଉପରେ ନିର୍ଭରଶୀଳ (logical) ପ୍ରୟୋଗ ଦ୍ୱାରା ଉପସଂହାରରେ ଉପନୀତ ହେବା ବହୁତ ବଡ଼ କଥା । ଦାର୍ଶନିକ ନିଜ ଜୀବନରେ ତତ୍ତ୍ୱକୁ ତାର ସ୍ୱରୂପରେ ଅସ୍ୱାଦନ କରି ନିଜର ଧର୍ମ, କର୍ମ, ଜୀବନ ଓ ଜୀବନଯାତ୍ରାରେ ସେହି ତତ୍ତ୍ୱର ପ୍ରତିନିଧି, ପ୍ରତିଭୂ, ପ୍ରତିମୂର୍ତ୍ତି ବା ପ୍ରତୀକ ପାଲଟି ଯିବାର ସାଧନ ତହିଁରେ ଅବଶ୍ୟ-ପ୍ରୟୋଜନୀୟ ନୁହେଁ । କିନ୍ତୁ ସେଥିରେ ପ୍ରାଣର ପିପାସା ମେଣ୍ଟେ ନାହିଁ, ମନର ଅନୁସନ୍ଧିତ୍ସା କେବଳ ମେଣ୍ଟେ । ତେଣୁ ସାଧନ ଏକାନ୍ତ ପ୍ରୟୋଜନ । ଦୀକ୍ଷାଗ୍ରହଣ ବଡ଼ କଥା ନୁହେଁ, ସାଧନ ଭଜନ ନ କରିବା ଓ ଗୁରୁବାକ୍ୟକୁ ଅଶ୍ରଦ୍ଧା ଓ ଅମର୍ଯ୍ୟାଦା କରିବା ଅପେକ୍ଷା ବିଲକୁଲ୍ ଦୀକ୍ଷା ନ ନେବା ବରଂ ଭଲ ଏବଂ ନିଜର ମତାନୁଯାୟୀ ସାଧନ ଦୃଢ଼ନିଷ୍ଠା ଓ ଅବିଚଳିତ ଉତ୍ସାହ ସହକାରେ, ଅପରାଜେୟ ଉଦ୍ୟମରେ କରିଯିବା ଖୁବ୍ ଭଲ । ଗତାନୁଗତିକତାରେ ଜୀବନ ଜାଗେ ନାହିଁ, ତପସ୍ୟାରେ ହିଁ ଜୀବନ ଜାଗେ ।

(ଜ) ଏକ ପ୍ରତି ଅପରର ଶ୍ରଦ୍ଧା : ପାରସ୍ପରିକ ଶ୍ରଦ୍ଧା ସଞ୍ଜନନ ଲାଗି ପତିପତ୍ନୀ ଉଭୟଙ୍କୁ ନିୟତ ଯତ୍ନବାନ ହେବାକୁ ହେବ । ଯାହା ଚରିତ୍ରରେ ଯେତିକି ଉତ୍କର୍ଷ ରହିଥିବ, ସେ ସେଥିପ୍ରତି ସବିଶେଷ ମନଯୋଗ ଦେଇ ସେହି ଉତ୍କର୍ଷକୁ ପ୍ରବର୍ଦ୍ଧିତ କରି ଏକ ଅପରର ଶ୍ରଦ୍ଧାର ଯୋଗ୍ୟ ହେବାକୁ ହେବ । ସ୍ୱାମୀ ସ୍ତ୍ରୀକୁ ବା ସ୍ତ୍ରୀ ସ୍ୱାମୀକୁ ଏକ ଇନ୍ଦ୍ରିୟାତୁର, ସମ୍ଭୋଗାସକ୍ତ, ସୁଖଲିପ୍ସାକାତର କୁକ୍କୁର ବା କୁକ୍କୁରୀ ମନେ ନ କରି ଜିତେନ୍ଦ୍ରିୟ ଦେବତା ବୋଲି ଜ୍ଞାନ କରିବେ ଏବଂ ଗୋଟିଏ ପଶୁକୁ ଖୁସି କରିବାକୁ ହେଲେ ଯେପରି ଚଳିବାକୁ ହୁଏ ସେପରି ନ ଚଳି, ଏକ ଦେବତାର ଶ୍ରଦ୍ଧାଭାଜନ ହେବାକୁ ହେଲେ ଯେପରି ଚଳିବାକୁ ହୁଏ ସେହିପରି ଭାବରେ ଚଳିବେ । କିନ୍ତୁ ପ୍ରକୃତରେ ସ୍ୱାମୀସ୍ତ୍ରୀ ପରସ୍ପରଠାରୁ ଶ୍ରଦ୍ଧା ଚାହାନ୍ତି ନାହିଁ, ଚାହାନ୍ତି ପ୍ରେମ ଓ ଅନୁରାଗ । ତେଣୁ ନିଜକୁ ଶ୍ରଦ୍ଧିତ କରିବା ଚେଷ୍ଟା ଅପେକ୍ଷା ଅପରକୁ ଶ୍ରଦ୍ଧା କରିବାକୁ ପ୍ରୟାସୀ ହେଲେ ଦ୍ରୁତ ଉନ୍ନତି ସାଧିତ ହୁଏ । ଏ ଜଗତରେ ଅପରକୁ ଯେ ଯେତିକି ନିର୍ବିଚାର ଶ୍ରଦ୍ଧା କରିପାରେ ସେ ଅବିସମ୍ବାଦିତ ଭାବେ ସେତିକି ମନୁଷ୍ୟତ୍ୱ ଲାଭ କରେ । ପତ୍ନୀର ଦୋଷ ଥିଲେ ପତି ଏବଂ

ପତିର ଦୋଷ ଥିଲେ ପତ୍ନୀ ନିଜ ନିଜର ପ୍ରେମର ପ୍ରଭାବ ଦ୍ୱାରା ତାକୁ ସଂଶୋଧିତ କରି ନେବାକୁ ସର୍ବଦା ଯତ୍ନବାନ ହେବେ ଏବଂ ଏକ ଅପରର ଦୋଷତ୍ରୁଟିକୁ ସମାଲୋଚନା ସୁଲଭ କଠୋର ଦୃଷ୍ଟିରେ ନ ଦେଖି ତା ଜୀବନର ବିରାଟ ମହିମାର ସମ୍ଭାବନାକୁ ସ୍ୱୀକାର କରିନେଇ ଶ୍ରଦ୍ଧା-ମଧୁସିକ୍ତ ଦୃଷ୍ଟିରେ ପରସ୍ପର ଚରିତ୍ରର ନିର୍ମଳତା ସମ୍ପାଦନ କରିବେ ।

ଶ୍ରଦ୍ଧା କାହାକୁ କୁହନ୍ତି

ପତି ଉପରେ ପତ୍ନୀର ଓ ପତ୍ନୀ ଉପରେ ପତିର ସାଧାରଣ ଦାବୀ ଶ୍ରଦ୍ଧାପ୍ଳୁତ ନ ହେଲେ ବି ଆଧ୍ୟାତ୍ମିକ ଜୀବନର ଉନ୍ନୟନ ପଥରେ ଶ୍ରଦ୍ଧା ଏକ ମହିୟସୀ ଶକ୍ତି ଓ ବିରାଟ ସହାୟିକା । ବାହ୍ୟତଃ ଯାହାକୁ ତୁଚ୍ଛ ବା ସାଧାରଣ ଜ୍ଞାନ କରାଯାଏ ତାରି ଭିତରେ ଯେ ଅତୁଳନୀୟ, ଅଦ୍ଭୁତ ଓ ମହନୀୟ କିଛି ଅଛି, ଏହି ବୋଧର ନାମ ଶ୍ରଦ୍ଧା। ଗୋଟିଏ ଅଣୁ ବା ପରମାଣୁକୁ ତାର ସୂକ୍ଷ୍ମତ୍ୱ ପାଇଁ ଶ୍ରେଷ୍ଠ ଜ୍ଞାନ କରାଗଲେ ମଧ୍ୟ ତାର ଶକ୍ତି ସମ୍ବନ୍ଧେ କଣ ମାନବ ମନରେ କୌଣସି ଶ୍ରଦ୍ଧା ଥିଲା ? ପ୍ରାଚୀନ ଭାରତର ଆଧ୍ୟାତ୍ମିକ ବ୍ରହ୍ମଦୃଷ୍ଟି ବା ବର୍ତ୍ତମାନ ଜଗତର ବୈଜ୍ଞାନିକ ଅନୁସନ୍ଧିତ୍ସା ଏକ ଅଣୁ ବା ପରମାଣୁର ପଚ୍ଛନ୍ନ ମହତ୍ତ୍ୱ ବା ଶକ୍ତିକୁ ମନୁଷ୍ୟର ଧ୍ୟାନଗମ୍ୟ ବା ଦୃଷ୍ଟି ଗୋଚର କରିଛି । କ୍ଷୁଦ୍ର ମଧ୍ୟରେ ବି ବୃହତ୍ ଅଛି, ତୁଚ୍ଛ ଭିତରେ ବି ମହତ୍ ଅଛି, ସ୍ୱଳ୍ପ ମଧ୍ୟରେ ବି ଭୂମାର ଅବସ୍ଥିତି ଅଛି, ଏହି ବୋଧର ନାମ ଶ୍ରଦ୍ଧା । ଯେଉଁଠି ଏକ ଅପରର ଭୋଗ-ସୁଖର ସହାୟକ ମାତ୍ର ବା ଭୋଗ-ବୁଦ୍ଧିର ଉଦ୍ଦୀପକ ମାତ୍ର, ସେ କ୍ଷେତ୍ରରେ ଜଣେ ଅନ୍ୟଜଣକ ଭିତରେ ଯଦି ଭୋଗାତୀତ ପରମ ମହତ ସତ୍ତାକୁ ଦର୍ଶନ କରିପାରେ ତେବେ ତାର ସୁମହତ ଫଳରୁ ସେ ବଞ୍ଚିତ ହେବ କିପରି ? ମାଟିର ପିତୁଳା ବା ପ୍ରସ୍ତର ପିଣ୍ଡରେ ଶ୍ରଦ୍ଧା ଅର୍ପଣ କରି ସାଧକ ଯେପରି ଈଶ୍ୱର ପ୍ରେମ ମାଧ୍ୟମରେ ଜଗତର କଳ୍ପନାନୀତ ଶ୍ରେଷ୍ଠ ସମ୍ପଦ ଲାଭ କରନ୍ତି; ଠିକ୍ ସେହିପରି ରକ୍ତମାଂସର ଜଡ଼ ପିଣ୍ଡୁଳା ଏହି ଶରୀର ଭିତରେ ଇନ୍ଦ୍ରିୟାତୀତ ପରମ ମହତ୍ ସତ୍ତା ଅବସ୍ଥାନ କରୁଛନ୍ତି, ଏହି ବିଶ୍ୱାସକୁ ଅନୁଶୀଳନ କରି ସ୍ୱାମୀସ୍ତ୍ରୀ ବିଶ୍ୱବ୍ରହ୍ମାଣ୍ଡର ଚୁଡ଼ାନ୍ତ ଶ୍ରେଷ୍ଠ ସମ୍ପଦ ଲାଭ କରନ୍ତି । ଅନ୍ୟତ୍ର ଶ୍ରଦ୍ଧାର୍ପଣ କରିବାକୁ ହେଲେ

ଆତ୍ମଶ୍ରଦ୍ଧା ପ୍ରୟୋଜନ ହୁଏ । ନିଜକୁ କାମର କିଙ୍କର ବୋଲି ନ ଭାବି ଯଦି ଜଗତର ମଙ୍ଗଳକାରୀ ବୋଲି ଭାବିବାକୁ ଅଭ୍ୟାସ କରାଯାଏ, ତେବେ ତଦ୍ଦ୍ୱାରା ପରୋକ୍ଷ ଭାବରେ ଅତି ଉଚ୍ଚ ସ୍ତରର ଆତ୍ମଶ୍ରଦ୍ଧାର ବିକାଶ ଘଟେ । ଏହି କାରଣରୁ ଆମେ ଆମର ସାଧନ-ପନ୍ଥାବଲମ୍ବୀ ଅଖଣ୍ଡମାନଙ୍କୁ ନାମଜପର ଅବ୍ୟବହିତ ପୂର୍ବରୁ **"ଓଁ ଜଗନ୍ମଙ୍ଗଳୋଽହଂ ଭବାମି"** - "ମୁଁ ଜଗତର ମଙ୍ଗଳକାରୀ ହେଉଅଛି", ଏହି ସଂକଳ୍ପ କରିବାକୁ ବିଶେଷ ଭାବରେ ନିର୍ଦ୍ଦେଶ ଦେଇଥାଉ । "ମୁଁ ଜଗତର ମଙ୍ଗଳକାରୀ ହେଉଅଛି" - ଏହି କଥା ଭାବି ଭାବି ଶରୀର ମଧ୍ୟ ଦେଇ ମନକୁ ସଞ୍ଚରଣଶୀଳ ରଖିବାକୁ ଅଭ୍ୟାସ କରୁ କରୁ ନିଜ ଶରୀରର ବ୍ୟବହାର ସମ୍ପର୍କରେ ଶ୍ରଦ୍ଧାପୂତ ମନୋଭାବ ସୃଷ୍ଟ ହୁଏ ଏବଂ ସେତେବେଳେ ଅନ୍ୟର ଶରୀର ପ୍ରତି ତଦ୍ରୂପ ବା ତଦନୁରୂପ ଶ୍ରଦ୍ଧିତ ଧାରଣା ପୋଷଣ କରିବା ଅପେକ୍ଷାକୃତ ସହଜ ହୋଇପଡ଼େ । ସ୍ୱାମୀ ଯେଉଁଠି ନିଜ ଦେହକୁ ଜଗତ୍-କଲ୍ୟାଣର ସାଧକ ଭାବି ଭାବି ନିଜ ପତ୍ନୀ ଦେହରେ ମଧ୍ୟ ତଦ୍ରୂପ ଭାବ ଆରୋପ କରନ୍ତି ସ୍ତ୍ରୀ ଯେତେବେଳେ ନିଜ ଦେହକୁ ଜଗତ କଲ୍ୟାଣର ସାଧିକା ଭାବି ଭାବି ସ୍ୱାମୀ ଦେହରେ ତଦ୍ରୂପ ଭାବ ଆରୋପ କରନ୍ତି ସେତେବେଳେ ସ୍ୱଭାବ-ସଞ୍ଜାତ ଏକ ଅପରୂପ ଶ୍ରଦ୍ଧା ଜଣକୁ ଅନ୍ୟଜଣକ ପକ୍ଷରେ ଏକ ଦିବ୍ୟ ସମାଦୃତ ସାମଗ୍ରୀରେ ପରିଣତ କରେ ।

(୯) ଜଣକର ସ୍ୱାଧୀନତା ପ୍ରତି ଅନ୍ୟ ଜଣଙ୍କର ସମ୍ମାନବୋଧ : ସ୍ୱାଧୀନତାର ସ୍ପୃହା ପ୍ରତି ଜୀବର ପ୍ରକୃତିଦତ୍ତ । ଜୀବ ଯେତେବେଳେ ନିଜକୁ ସମାଜବଦ୍ଧ କରେ, ସେତେବେଳେ ତାର ସ୍ୱାଧୀନତା-ସ୍ପୃହାହିଁ ତାକୁ କୌଣସି ଗୋଟିଏ ବିଷୟରେ ସ୍ୱାଧୀନତା ରକ୍ଷା ଲାଗି ଅପେକ୍ଷାକୃତ ଅଲୋଭନୀୟ ବିଷୟରେ ସ୍ୱାଧିନତା ବର୍ଜ୍ଜନ କରିବାକୁ ବାଧ୍ୟ କରେ । ସ୍ୱାମୀ ଓ ସ୍ତ୍ରୀ ଯେତେବେଳେ ଗଭୀର ଅନୁରାଗ ମଧ୍ୟ ଦେଇ ପରସ୍ପରର ସ୍ପର୍ଶ ପାଇବାକୁ ଆରମ୍ଭ କରନ୍ତି ସେତେବେଳେ ସେମାନଙ୍କର ସ୍ୱାଧୀନତା ସ୍ପୃହା ଅନେକ ସମୟରେ ଆତ୍ମଗୋପନ କରି ରହେ ସତ୍ୟ କିନ୍ତୁ ଜଣକ ପାଖରେ ଅନ୍ୟ ଜଣକ ସର୍ବତୋଭାବରେ ଓ ସମ୍ୟକ୍ ରୂପେ ସାତ୍ତ୍ୱିକ ଆତ୍ମସମର୍ପଣ କରିବା ପୂର୍ବପର୍ଯ୍ୟନ୍ତ

ସେହି ସ୍ପୃହାଟି ଲୋପ ହୁଏ ନାହିଁ । ତେଣୁ ଯେ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ପ୍ରେମର ଆବିର୍ଭାବ ଦ୍ୱାରା ବ୍ୟକ୍ତିବୁଦ୍ଧିର ବିଲୋପ ନ ଘଟେ ସେ ପର୍ଯ୍ୟନ୍ତ ଜଣକର ସ୍ୱାଧୀନତା ପ୍ରତି ଅନ୍ୟ ଜଣକର ସମ୍ମାନବୋଧ ରହିବା ଏକାନ୍ତ ଆବଶ୍ୟକ । ନାରୀ ଯେ ପର୍ଯ୍ୟନ୍ତ ନିଜକୁ ନିର୍ଯ୍ୟାତିତା, ନିଗୃହୀତା ବନ୍ଦିନୀ ବୋଲି ମନେ କରୁଥିବେ ଓ ପୁରୁଷ ଯେ ପର୍ଯ୍ୟନ୍ତ ନାରୀକୁ ପଥରକଣ୍ଟକ ବା ପାଦର ଶୃଙ୍ଖଳ ବୋଲି ମନେ କରୁଥିବେ ସେ ପର୍ଯ୍ୟନ୍ତ ଦାମ୍ପତ୍ୟ ଜୀବନ ବ୍ୟର୍ଥତା ଚୟନ ହିଁ କରୁଥିବ । ପୁରୁଷ ଯେତେଦିନ ପର୍ଯ୍ୟନ୍ତ ନାରୀର ସର୍ବାଙ୍ଗୀନ ବିକାଶକୁ ବାଧା ପ୍ରଦାନ କରୁଥିବ ସେତେଦିନ ପର୍ଯ୍ୟନ୍ତ ନାରୀ ପୁରୁଷର ଜୀବନକୁ ନାଗପାଶରେ ବାନ୍ଧି ରଖିବାକୁ ଚାହିଁବ ଏବଂ ସେତେଦିନ ପର୍ଯ୍ୟନ୍ତ ବିବାହିତ ଜୀବନ ଏକ କରୁଣ ରସାତ୍ମକ ବିୟୋଗାନ୍ତ ନାଟକ ହୋଇ ରହିବ । ପୁରୁଷଜାତି ଯେତେଦିନ ପର୍ଯ୍ୟନ୍ତ ନାରୀଜାତି ଉପରେ ନିଜର ଅଧିକାରକୁ ପ୍ରତିଷ୍ଠିତ କରିବା ପାଇଁ ନିଜର ବିଧିଦତ୍ତ ଶକ୍ତିସମୂହକୁ ଅପବ୍ୟବହାର କରୁଥିବ ଓ ନାରୀଜାତି ଯେତେଦିନ ପର୍ଯ୍ୟନ୍ତ ପୁରୁଷକୁ ନିଜର ଆୟତ୍ତାଧୀନ କରିବା ପାଇଁ ଲାଳସାର ଜାଲ ବିସ୍ତାର କରିବାକୁ ଚାହୁଁଥିବ ସେତେଦିନ ପର୍ଯ୍ୟନ୍ତ ଗୃହୀର ଗୃହ ସାହାରା ମରୁଭୂମି ପରି କେବଳ ଅତୃପ୍ତ ପିପାସା ଓ ମାୟା ମରିଚିକା ହିଁ ସୃଷ୍ଟି କରୁଥିବ । ପୁରୁଷ ଯେତେଦିନ ପର୍ଯ୍ୟନ୍ତ ନାରୀର ଚତୁର୍ଦ୍ଦିଗରେ କାରାଗାରର ଲୌହ ପ୍ରାଚୀର ନିର୍ମାଣ କରି ମଧ୍ୟ ନିଜର କର୍ତ୍ତବ୍ୟ ଜ୍ଞାନ ପାଖରେ ଲଜ୍ଜିତ ନ ହେବ ଏବଂ ନାରୀ ଯେତେଦିନ ପର୍ଯ୍ୟନ୍ତ ରକ୍ତମାଂସ ପ୍ରତିମାଟିର ପାଦତଳେ ପୁରୁଷ ପଶୁକୁ ବଳିଦାନ କରିବାକୁ ବିରତ ନ ହେବ ସେତେଦିନ ପର୍ଯ୍ୟନ୍ତ ସଂସାରୀର ସଂସାରରୁ ଦାସତ୍ୱ ଓ ମୃତ୍ୟୁ ବିଭୀଷିକା ବିଦୂରିତ ହେବନାହିଁ । ଯେତେଦିନ ପର୍ଯ୍ୟନ୍ତ ପୁରୁଷ ନାରୀର ଦାସ, ନାରୀ ପୁରୁଷର ଦାସୀ ହୋଇ ରହିଥିବ ସେପର୍ଯ୍ୟନ୍ତ ପୁରୁଷ ନାରୀ ପାଖରେ ମୂର୍ତ୍ତିମାନ କାଳ ଓ ନାରୀ ପୁରୁଷ ପାଖରେ ସାକ୍ଷାତ୍ କାଳଭୁଜଙ୍ଗିନୀ ହୋଇ ରହିଥିବ ।

ଦାମ୍ପତ୍ୟ ସ୍ୱାଧୀନତାର ସ୍ୱରୂପ

ଏହି କାରଣରୁ ପରସ୍ପରର ଶ୍ରଦ୍ଧାବୋଧ ଥିବା ଏକାନ୍ତ ପ୍ରୟୋଜନ । ସେହି ସ୍ୱାଧୀନତାର ସ୍ୱରୂପ ଓ ପ୍ରକୃତି କଣ ହେବ, ତାହା ଦାମ୍ପତ୍ୟ ସାଧକମାନେ

ନିଜ ନିଜ ଜୀବନର ଉତ୍କର୍ଷର ପରିମାଣ ଓ ପାରସ୍ପରିକ ପ୍ରୀତିର ଗଭୀରତା ଦ୍ୱାରା ନିର୍ଦ୍ଧାରଣ କରି ନେବେ । କୌଣସି ଲୋକ-ଗୁରୁ ବା ଗ୍ରନ୍ଥାକାରର ସାଧ ନାହିଁ ଯେ ଏ ସଂକ୍ରାନ୍ତରେ କୌଣସି ସୀମାରେଖା ନିର୍ଦ୍ଦେଶ କରି ଦେଇ ଦମ୍ପତିଙ୍କୁ ଏ ସମ୍ପର୍କରେ ବିଚାର ବିବେଚନା କରିବା ଦାୟିତ୍ୱରୁ ମୁକ୍ତି ଦେଇ ପାରିବେ । କିନ୍ତୁ ନିଃସଙ୍କୋଚରେ ଆମେ କେବଳ ଏତିକି କହିପାରୁ ଯେ ପାଶ୍ଚାତ୍ୟ ଜଗତରେ ଦାମ୍ପତ୍ୟ ସ୍ୱାଧୀନତାର ଦାବୀ ଯେଭଳି ଭାବରେ ଆତ୍ମପ୍ରକାଶ କରିଅଛି ଓ କରୁଅଛି, ତା ସହିତ ଭାରତୀୟ ଦାମ୍ପତ୍ୟ ସ୍ୱାଧୀନତାର ଯେଉଁ ସବୁ ପ୍ରକୃତିଗତ ପାର୍ଥକ୍ୟଗୁଡ଼ିକ ଅଛି ସେ ଗୁଡ଼ିକୁ ସଯତ୍ନରେ ରକ୍ଷାକରି ଚଳିବେ । ନିୟତ ପରିବର୍ତ୍ତନଶୀଳ ସ୍ୱାଧୀନତାର ଯେଉଁ ଦୁର୍ଦ୍ଦମନୀୟ ଆକାଂକ୍ଷାରେ ପରିଚାଳିତ ହୋଇ ଇଉରୋପୀୟ ନରନାରୀ ଦାମ୍ପତ୍ୟବନ୍ଧନର ଅଚ୍ଛେଦତ୍ୱକୁ ଏକ ଦୁର୍ବହ ଭାର ଓ ଗୁରୁତର ବାଧା ସ୍ୱରୁପ ମନେ କରିବାକୁ ବାଧ ହେଉଛନ୍ତି, ଯେଉଁ ସ୍ୱାଧୀନତାର ଦୁଃସ୍ୱପ୍ନ ପ୍ରଭାବରେ ପଶୁବତ୍ ସ୍ୱାଧୀନ ପ୍ରେମର ଅନୁଶୀଳନରେ ସାମାଜିକ ଅନ୍ତରାୟସମୂହକୁ ପାଶ୍ଚାତ୍ୟ ଦମ୍ପତି ଏକାନ୍ତ ଅସହନୀୟ ବୋଲି ଭାବୁଛନ୍ତି, ଯେଉଁ ସ୍ୱାଧୀନତାର ଆକୁଳ ପ୍ରାର୍ଥନା ବିବାହକୁ ଭିତ୍ତିହୀନ ଓ ବିବାହ ବନ୍ଧନକୁ ଯନ୍ତ୍ରଣାପ୍ରଦ କରି ଦେଇଛି, ଭାରତବର୍ଷ କଦାପି ସେ ସ୍ୱାଧୀନତାକୁ * ଗ୍ରହଣ କରିବ ନାହିଁ, ଏକଥା ନିଶ୍ଚିତ ।

---

* ଫରାସୀ ଲେଖକ ପ୍ରଫେସର ଲେଟୁରନ୍ୟୁ ଯେଉଁ ତାଲିକା ଦେଇଛନ୍ତି ତହିଁରୁ ଦେଖାଯାଏ ଯେ ୧୮୫୦ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସରେ ଯେତେ ସଂଖ୍ୟକ ନରନାରୀ ବିବାହ-ବନ୍ଧନରେ ଆବଦ୍ଧ ହୋଇଥିଲେ ସ୍ୱାତନ୍ତ୍ର୍ୟର ଅନ୍ଧ ତାଡ଼ନାରେ ସେ ସଂଖ୍ୟାର ଏକ-ଦଶମାଂଶ ନରନାରୀ ବିବାହ-ବନ୍ଧନ ଛିନ୍ନ କରିବାକୁ ବାଧ ହୋଇଥିଲେ ଏବଂ ୧୮୮୦ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ୩୦ ବର୍ଷ ପରେ ବିବାହ ବିଚ୍ଛେଦର ଅନୁପାତ ସଉଆ ଦୁଇଗୁଣ ବଢ଼ିଯାଇ ଥିଲା । ଇଂଲଣ୍ଡରେ ଏହାର ଅନୁପାତ ସେହି ତିରିଶ ବର୍ଷ ମଧରେ ଦେଢ଼ଗୁଣ, ସୁଇଡେନରେ ଦେଢ଼ଗୁଣରୁ କିଞ୍ଚିତ୍ ଅଧିକ ଓ ବେଲିଜିଅମରେ ପ୍ରାୟ ସଉଆ ଚାରିଗୁଣ ବଢ଼ି ଯାଇଥିଲା । ଅନ୍ୟାନ୍ୟ ଦେଶର ସମାଜ-ତତ୍ତ୍ୱବିତ୍

ଯେଉଁ ସ୍ୱାଧୀନତା-ବିଷ-ବଲ୍ଲରୀରେ ପାଶ୍ଚାତ୍ୟ-ଜୀବନର ବିବାହ-ବିଚ୍ଛେଦ ଭଳି ହଳାହଳ ବିଷପୂର୍ଣ୍ଣ ମହାକାଳ ଫଳ ପେନ୍ଥା ପେନ୍ଥା ହୋଇ ଫଳୁଛି, ତାର ବିଷମୟ ବୀଜକୁ ଭାରତର ଉର୍ବର ମୃତ୍ତିକା ନିଜ ବକ୍ଷରେ ଧାରଣ କରିବାକୁ ନିଶ୍ଚୟ ଅସ୍ୱୀକାର କରିବ ଏବଂ ଯଦି କୌଣସି ଅଦୂରଦର୍ଶୀ ଅବିମୃଷ୍ୟକାରୀ ମହାମୂର୍ଖ ଏହି ଅକଲ୍ୟାଣ ବୀଜକୁ ପାଶ୍ଚାତ୍ୟରୁ ଆଣି ଭାରତରେ ବପନ କରିବାକୁ ଚାହେଁ, ଭାରତ ଗଗନର ମେଘମାଳା ତା ଉପରେ ବାରିବର୍ଷଣରୁ ନିଶ୍ଚିୟ କ୍ଷାନ୍ତ ରହିବେ । ଭାରତୀୟ ପ୍ରତିଭାର ଆଶ୍ଚର୍ଯ୍ୟ ଅବଦାନ ସ୍ୱରୂପ ସ୍ୱାଧୀନତାର ଯେଉଁ ଦ୍ରାକ୍ଷାଲତା ଭାରତୀୟ ସାଧନା ମଧ୍ୟ ଦେଇ ଅଙ୍କୁରିତ ହେବ, ଦାମ୍ପତ୍ୟ ଜୀବନ କ୍ଷେତ୍ରରୁ ସବୁ

ଲେଖକମାନଙ୍କ ପ୍ରଦତ୍ତ ତାଲିକାରୁ ଦେଖାଯାଏ ଯେ ଇଂଲଣ୍ଡ, ଜର୍ମାନୀ, ଋଷିଆ ପ୍ରଭୃତି ଅନ୍ୟାନ୍ୟ ଇଉରୋପୀୟ ଦେଶ ଓ ଆମେରିକା - ବିଶେଷକରି ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଦୁର୍ଭାଗ୍ୟ ଦିନକୁ ଦିନ କ୍ରମଶଃ ବଢ଼ି ଚାଲିଛି । ଗୋଟିଏ ଇଂରାଜୀ ସମ୍ବାଦପତ୍ରରୁ **(Indian Daily News, Feb.25.1920)** ଦେଖାଯାଇଛି ଯେ ୧୯୧୯ ମସିହାରେ କେବଳ ନ୍ୟୁୟର୍କ ଜିଲ୍ଲାରେ ହିଁ ୧୩୦୦ ରୁ ଅଧିକ ବିବାହ ବିଚ୍ଛେଦ ମାମଲା ବିଚାର ହୋଇଥିଲା । ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଗ୍ରୀନ୍ ବମ୍ ଓ ଜଷ୍ଟିସ ଡେଭିସ୍ ସ୍ପଷ୍ଟ ଭାଷାରେ କହିଛନ୍ତି ଯେ ନୈତିକ ଅବନତି ହିଁ ଏ ସବୁ ବିବାହ ବିଚ୍ଛେଦ ଘଟାଉଅଛି । ଯେଉଁ ଦାମ୍ପତ୍ୟ ସ୍ୱାଧୀନତା ପାଇଁ ଇଉରୋପ ଓ ଆମେରିକା ଉଲ୍ଲମ୍ଫନ କରୁଛି ତାହା ସେମାନଙ୍କର ନୈତିକ ଦୁର୍ଗତିକୁ ରୁଦ୍ଧ ନ କରି ଅବାରିତ କରିଛି । ସ୍ୱାଧିନ ପ୍ରେମ ସେମାନଙ୍କର ମନୁଷ୍ୟତ୍ୱକୁ ଧ୍ୱଂସ କରିଛି, ପଶୁତ୍ୱ ତାଣ୍ଡବ ଲୀଳାର ପ୍ରସ୍ଫୁଟନ ଘଟାଇଛି । ଭାରତବର୍ଷର କୌଣସି ଜିଲ୍ଲାରେ ଯଦି ବର୍ଷକ ମଧ୍ୟରେ ୧୩୦୦ ସ୍ୱାମୀ ବା ସ୍ତ୍ରୀଙ୍କୁ ତାଙ୍କର ସ୍ତ୍ରୀ ବା ସ୍ୱାମୀର ଅସଚ୍ଚରିତ୍ରତା ପ୍ରକାଶ୍ୟ ଅଦାଲତରେ ପ୍ରମାଣିତ କରିବାର ସ୍ୱାଧୀନତା କେବେ ଅର୍ଜନ କରିବାକୁ ହୁଏ ତେବେ ତାହା କଣ ଆମ୍ଭମାନଙ୍କର ଗୌରବର ବା ଉନ୍ନତିର ଦିନ ବୋଲି ପରିଗଣିତ ହେବ ? ।

ଅନାବନା ଘାସ ଉପାଡ଼ି ଦେଇ ସେହି ଲତିକାକୁ ଆମେ ରୋପିତ, ପ୍ରବର୍ଦ୍ଧିତ, ପଲ୍ଲବିତ ଏବଂ ସ୍ତବକେ ସ୍ତବକେ ଫଳଭାର-ଅବନମିତ ଦେଖି ନୟନ ସାର୍ଥକ କରିବାକୁ ଚାହୁଁ ।

ଭାରତ ଓ ପାଶ୍ଚାତ୍ୟ ମଧ୍ୟରେ ଆଦର୍ଶଗତ ପ୍ରଭେଦ

ଏ କଥା ଅସ୍ୱୀକାର କରିବା ନିରର୍ଥକ ଯେ ନରନାରୀଙ୍କର ଦାମ୍ପତ୍ୟ ଜୀବନର ପାରସ୍ପରିକ ସମ୍ବନ୍ଧ ଓ ସମସ୍ୟା ପୃଥିବୀର ସବୁ ଦେଶରେ ପ୍ରାୟ ଏକ ଧରଣର । ତେଣୁ ସେଗୁଡିକ ସମାଧାନ ମଧ୍ୟରେ ବି ସାଦୃଶ୍ୟ ରହିବା ସ୍ୱାଭାବିକ । କିନ୍ତୁ ପାଶ୍ଚାତ୍ୟ ଜୀବନରେ ବିବାହ, ବିବାହକାରୀର ସୁଖସାଧକ । ସ୍ୱାମୀର ଜୀବନକୁ ମୁଖ୍ୟତଃ ପତ୍ନୀର କଲ୍ୟାଣଲାଗି ବା ପତ୍ନୀର ଜୀବନ ମୁଖ୍ୟତଃ ସ୍ୱାମୀର କଲ୍ୟାଣ ଲାଗି ଅଭୀପ୍ସିତ ନୁହେଁ । ପାଶ୍ଚାତ୍ୟରେ ସେମାନେ ପରସ୍ପର ପାସ୍ପରର କଲ୍ୟାଣକୁ ମୁଖ୍ୟତଃ ସେହିକ୍ଷେତ୍ରରେ କେବଳ ବଡ଼ କରି ଦେଖିଛନ୍ତି ଯେଉଁ କ୍ଷେତ୍ରରେ ପାରସ୍ପରିକ କୁଶଳ ସୁଖପ୍ରାର୍ଥୀର ଆତ୍ମସୁଖର ସହାୟକ ହୁଏ । ଭାରତର ବିବାହର ଆଚରଣ ଯାହା ହେଉ ପଛକେ ଆଦର୍ଶ ତା ଅପେକ୍ଷା ବହୁଧା ବିଭିନ୍ନ ଓ ଉନ୍ନତତର ସ୍ତରର । ନିଜକୁ ଉତ୍ସର୍ଗ କରିବା ହିଁ ଭାରତୀୟ ବିବାହର ଆଦର୍ଶ ବୋଲି ବିବେଚିତ ହୁଏ । ନିଜର ସୁଖକୁ ନ୍ୟୁନ କରି ଅପରର ସୁଖକୁ ଯେ ପ୍ରାଧାନ୍ୟ ଦେଇ ପାରେ ଲୋକ ଚକ୍ଷୁରେ ସେ ଧନ୍ୟା ନାରୀ ବା ପୁଣ୍ୟବାନ ପୁରୁଷ । ଏହି କାରଣରୁ ପାଶ୍ଚାତ୍ୟର ଅତ୍ୟୁଗ୍ର ସ୍ୱାଧୀନତାଲିପ୍ସା ଭାରତରେ କଦାପି ଆଦୃତ, ପ୍ରଶଂସିତ ବା ସମ୍ବର୍ଦ୍ଧିତ ହୋଇ ନ ପାରେ । ସଭ୍ୟତାର ସଙ୍କଟ କୌଣସି ଜଟିଳ ପରିସ୍ଥିତି ସୃଷ୍ଟି କଲେ ତା ଫଳରେ ଭାରତରେ ହୁଏତ ସାମୟିକ ଉତ୍ତେଜନା ସଂଚାର ମାତ୍ର ହୋଇପାରେ କିନ୍ତୁ ଜାତି ମନରେ ତାହା ସ୍ଥାୟୀ ଆସନ ପ୍ରତିଷ୍ଠା କରିପାରିବ ନାହିଁ ।

ଦାମ୍ପତ୍ୟ ସାଧୀନତା ବନାମ ପାରସ୍ପରିକ ସାଧୀନତା

ଦାମ୍ପତ୍ୟ ସ୍ୱାଧୀନତାର ଦାବୀ ଯେତେବେଳେ ପାରସ୍ପରିକ ଅଧୀନତା (inter-dependence) କୁ ଅସ୍ୱୀକାର କରେ ସେତେବେଳେ ଏହା ଜାତୀୟ ଜୀବନରେ ସହସ୍ର ପ୍ରକାରେ ଧ୍ୱଂସସାଧନର ପଥ ଉନ୍ମୁକ୍ତ କରେ । ସେତେବେଳେ

ହୁଏତ ନିର୍ବିଚାର (promiscuous) ଯୌନ ସମ୍ବନ୍ଧର ପ୍ରରୋଚନାଦ୍ୱାରା ଏହା ଜାତିର ନୈତିକ ମୃତ୍ୟୁ ଆନୟନ କରେ ନତୁବା ଏହା ସର୍ବପ୍ରକାରର ଯୌନ-ସମ୍ବନ୍ଧକୁ ରହିତ କରି ଜାତିକୁ ନିର୍ବଂଶ କରେ । ଏହି ଦୁଇଟି ଅବସ୍ଥା ଅତ୍ୟନ୍ତ ଆଶଙ୍କାଜନକ ବ୍ୟାପାର । କିନ୍ତୁ ଶେଷୋକ୍ତ ଅବସ୍ଥାଟି କେବେ ଆସିବ ବୋଲି ମନେ ହୁଏ ନାହିଁ । କାରଣ ପରାର୍ଥେ-ସର୍ବସ୍ୱ-ସମର୍ପଣ-ବ୍ରତ କଠୋର ସାଧକ ସାଧିକାଙ୍କ ଛଡ଼ା ଅନ୍ୟ କୌଣସି ସାଧାରଣ ଲୋକ ଯୌନ ଆକର୍ଷଣରୁ ନିଜକୁ ରକ୍ଷା କରି ଚଳିବାକୁ ସମର୍ଥ ହେବ ନାହିଁ । ଏପରିକି ଦାମ୍ପତ୍ୟ ଜୀବନର ଦୁଃଖ କଷ୍ଟ ଦେଖି ଯେଉଁମାନେ ଭୟଭୀତ ହୋଇ କୌମାର୍ଯ୍ୟ ଗ୍ରହଣ କରନ୍ତି, ଯେଉଁମାନଙ୍କର କୌମାର୍ଯ୍ୟ ମୂଳରେ ଅନ୍ୟ କୌଣସି ଉତ୍କୃଷ୍ଟତର ପ୍ରେରଣା ନ ଥାଏ ସେମାନେ ଚିର କୌମାର୍ଯ୍ୟର ମାନ ମର୍ଯ୍ୟାଦା * ରକ୍ଷା କରିପାରନ୍ତି ନାହିଁ । ଫଳତଃ ପ୍ରକାଶ୍ୟ ଭାବରେ ଗାର୍ହସ୍ଥ୍ୟ ଜୀବନ ଗ୍ରହଣ କରି ଅନ୍ତର ମଧ୍ୟସ୍ଥ ଯୌନସୁଖ କାମନାକୁ

---

* ସବୁ ଯୁଗରେ ଓ ପୃଥିବୀର ସବୁ ଦେଶରେ ଏପରି ଏକ ଶ୍ରେଣୀର ଲୋକ ଥାନ୍ତି ଯେଉଁମାନେ କେବଳ ଗୋଟାଏ ଖିଆଲର ବଶବର୍ତ୍ତି ହୋଇ ବିବାହ କରନ୍ତି ନାହିଁ ଅଥଚ ପରହିତାର୍ଥେ ବା ଆତ୍ମମୋକ୍ଷାର୍ଥେ ସନ୍ନ୍ୟାସ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ସଂସାରିକ କର୍ତ୍ତବ୍ୟକୁ ଏଡ଼େଇ ଦେଇ ଉଚ୍ଛୃଙ୍ଖଳ ଜୀବନ ଯାପନ କରିବା ଏମାନଙ୍କର ସ୍ଥିରିକୃତ ଉଦ୍ଦେଶ୍ୟ ନ ହେଲେହେଁ ଆତ୍ମସୁଖ ସେବା ହିଁ ଅଧିକାଂଶ ସ୍ଥଳେ ଏମାନଙ୍କର ଭବିତବ୍ୟ ହୋଇଥାଏ । ଏ ଧରଣର କୌମାର୍ଯ୍ୟ ଆମ ଦେଶରେ ବ୍ୟାପକ ଭାବରେ ପ୍ରଚଳିତ ହୋଇନାହିଁ ସତ୍ୟ କିନ୍ତୁ କେତେକ ଲକ୍ଷଣରୁ ମନେହୁଏ ପ୍ରଚଳନର ଭଙ୍ଗୀ ପ୍ରକାଶିତ ହେଉଛି । ଏ ଧରଣର କୌମାର୍ଯ୍ୟଦ୍ୱାରା ଆମେ କେତେଦୂର ଲାଭବାନ ହେବା, ତାହା ନିମ୍ନଲିଖିତ ଦୃଷ୍ଟାନ୍ତରୁ ବୁଝାଯିବ । ଫରାସୀ ସମାଜ ତତ୍ତ୍ୱବିଦ୍ ଡା ଆଡଲଫି ବାର୍ ଲିଟନ ୧୮୫୯ ଖ୍ରୀଷ୍ଟାବ୍ଦରେ ବିବାହ ବିଷୟରେ ଏକ ପ୍ରବନ୍ଧ ରଚନା କରି ଫରାସୀ ସମାଜରେ ଯଥେଷ୍ଟ ଉତ୍ତାପ ଓ ଉତ୍ତେଜନା ସୃଷ୍ଟି କରି ପାରିଥିଲେ । ଉକ୍ତ ପ୍ରବନ୍ଧରେ ସେ ଏହା ପ୍ରମାଣିତ କରିଥିଲେ ଯେ

ପରିତୃପ୍ତ ଦାନ କରିବା ଭଳି ସତ୍‌ସାହସ ଯଦି ନ ଥାଏ ତେବେ ଏ କାମନା ଅବୈଧ ପଥରେ ନିଜର ବେଗବତୀ ଗତି ପରିଚାଳନା କରେ । ତେଣୁ ଦାମ୍ପତ୍ୟ ସ୍ୱାଧୀନତାର ଦାବୀ ଯଦି ପାରସ୍ପରିକ ଅଧୀନତାକୁ ଅସ୍ୱୀକାର କରିବାକୁ ଚାହେଁ, ତାହାହେଲେ ବିବାହ ପ୍ରଥାଟି ଭାଙ୍ଗିରୁଜି ଯାଇ ଯୌନ ଜୀବନରେଘୋର ବିଶୃଙ୍ଖଳା ଓ ଅନାଚାର ସୃଷ୍ଟି ହେବ । ସମ୍ପୂର୍ଣ୍ଣ ଜିତେନ୍ଦ୍ରିୟ ବ୍ୟକ୍ତିଙ୍କ ଛଡ଼ା ଆଉ କେହି ଯୌନଜୀବନକୁ ଅସ୍ୱୀକାର କରି ରହି ନ ପାରନ୍ତି ।

ଫ୍ରାନ୍‌ସଜାତିର ଦୁର୍ବଳତା ଓ ଦୁର୍ନୀତି ବଢ଼ିଛି । ସେ ଦର୍ଶାଇଥିଲେ ଯେ ଦୁଇ-ତୃତୀୟାଂଶ ଅବିବାହିତମାନେ ଅଧିକ କ୍ଷୟପ୍ରବଣ ଓ ଅପକର୍ଷପ୍ରାପ୍ତ ଏବଂ ସବୁ ବୟସର କୌମାର୍ଯ୍ୟ ଅବଲମ୍ବନକାରୀମାନେ ବିବାହିତ ନରନାରୀଙ୍କ ତୁଳନାରେ ଦୁଇଗୁଣ ହାରରେ ଇହଲୀଳା ସାଙ୍ଗ କରିଛନ୍ତି ।

ବିବାହିତ ନରନାରୀଙ୍କ ମଧ୍ୟରେ ଉନ୍ମତ୍ତତା, ଆତ୍ମହତ୍ୟା, ପରସ୍ୱ ଅପହରଣ ଚେଷ୍ଟା, ନରହତ୍ୟା,ବଳାତ୍କାରର ପରିମାଣ ଯେତେ,ତଥାକଥିତ ଫରାସୀ କୁମାରକୁମାରୀମାନଙ୍କ ମଧ୍ୟରେ ସେ ସବୁ ଅପରାଧର ପରିମାଣ ତାର ଦ୍ୱିଗୁଣ । ଫଳତଃ ଦୁଇ-ତୃତୀୟାଂଶ ବିବାହିତ ନରନାରୀଙ୍କ ପାଇଁ ସରକାରଙ୍କୁ ଯେତିକି ସଂଖ୍ୟକ ଜେଲଖାନା, ପାଗଳାଗାର, ହାସ୍‌ପାତାଳ, ପୋଲିସ ଓ ଶୁଶ୍ରୂଷାକାରୀ ରଖିବାକୁ ପଡ଼େ, ଏକ-ତୃତୀୟାଂଶ ଅବିବାହିତ ନରନାରୀଙ୍କ ପାଇଁ ତାର ଦୁଇଗୁଣ ଜେଲ୍‌ଖାନା, ପାଗଳାଗାର, ପୋଲିସ୍‌, ହାସ୍‌ପାତାଳ ଓ ଶୁଶ୍ରୁଷାକାରୀ ବ୍ୟବସ୍ଥା କରିବାକୁ ହୁଏ, ଅର୍ଥାତ୍ ଚିରକୁମାର ଓ ଚିରକୁମାରୀମାନେ ବିବାହିତ ଓ ବିବାହିତାଙ୍କ ତୁଳନାରେ ଚାରିଗୁଣ ଦୁର୍ନୀତିପରାୟଣ । ଏହି ଉଦାହରଣରୁ ବୁଝାଯିବ ପାଶ୍ଚାତ୍ୟ ଆଦର୍ଶ ଆମ ପକ୍ଷରେ ଗ୍ରହଣୀୟ କି ନୁହେଁ । ଭାରତବର୍ଷରେ କୌମାର୍ଯ୍ୟର ସମ୍ମାନ ଅଛି କିନ୍ତୁ ତାର ଆଦର୍ଶ ପୃଥକ୍ । ସ୍ତ୍ରୀପୁତ୍ରଙ୍କ ଭରଣ ପୋଷଣ ଦାୟିତ୍ୱରୁ ନିଷ୍କୃତି ପାଇବା ଅଧିକାଂଶ ସ୍ଥଳେ ପାଶ୍ଚାତ୍ୟ ପୁରୁଷର ଆଦର୍ଶ । ପାଶ୍ଚାତ୍ୟ ନାରୀର କୌମାର୍ଯ୍ୟ ଅଧିକାଂଶ ସ୍ଥଳେ ସନ୍ତାନ-ପ୍ରସବ ବେଦନାରୁ ଆତ୍ମରକ୍ଷା କରିବାର ପ୍ରୟାସ ମାତ୍ର ।

କିନ୍ତୁ ନାରୀ ହେଉ ବା ପୁରୁଷ ହେଉ ଉଭୟ ଜାତି ମଧ୍ୟରେ ସମ୍ପୂର୍ଣ୍ଣ ଜିତକାମ ବ୍ୟକ୍ତି ଅତି ଅଳ୍ପ ସଂଖ୍ୟାରେ ହିଁ ଜନ୍ମଗ୍ରହଣ କରିଥାନ୍ତି । ଫଳତଃ ନବଜାତ ସନ୍ତାନର ପିତୃ-ପରିଚୟ ପାଇବା ସୁକଠିନ ହୁଏ । ଏହି ଅକଥନୀୟ ଅବସ୍ଥା ଯୋଗୁଁ ଜାତୀୟ ଜୀବନରେ ଯେଉଁ ଶୋଚନୀୟ ପରିଣତି ଘଟିଥାଏ ତାହା ହୃଦୟଙ୍ଗମ କରିଥିଲେ ବୋଲି କୁରୁକ୍ଷେତ୍ର ଯୁଦ୍ଧର ପ୍ରାକ୍‌କାଳରେ ଅର୍ଜ୍ଜୁନ କହିଥିଲେ - "ବରଂ ଭିକ୍ଷା ମାଗି ଚଳିବି ତଥାପି ଏଭଳି ଜାତି-ଧ୍ୱଂସକର ସଂଗ୍ରାମରେ ପ୍ରବୃତ୍ତ ହେବିନାହିଁ ।"

ଯୌନ ଯଥେଚ୍ଛାଚାରର ଶୋଚନୀୟ ପରିଣାମ ବୁଝି ପାରିଥିଲେ ବୋଲି ୧୯୧୪ ମସିହାରେ ଇଉରୋପୀୟ କୁରୁକ୍ଷେତ୍ର ଯୁଦ୍ଧର ଯୁଦ୍ଧୋଦ୍ୟମ ଦେଖି ସ୍ୱଜାତି-କଲ୍ୟାଣକାମୀ କେହି କେହି ଇଂରେଜ ମହାତ୍ମା ତାର ତୀବ୍ର ପ୍ରତିବାଦ କରିଥିଲେ ।

ବର୍ତ୍ତମାନ ଔଷଧ ପ୍ରୟୋଗ କରି ପୁଂବୀଜକୁ ଇଚ୍ଛାନୁସାରେ ଜନନଶକ୍ତିହୀନ କରିବା ଓ ଜରାୟୁରେ ଅସ୍ତ୍ରୋପଚାର କରି ନାରୀ ଦେହକୁ ସନ୍ତାନ ପ୍ରସବରେ ଅକ୍ଷମ କରିବା ପାଇଁ ଯେଉଁ ବୈଜ୍ଞାନିକ ଚେଷ୍ଟା ୟୁରୋ-ଆମେରିକାରେ ଚାଲିଛି ତାହା ସଫଳ ହେଲେ ଏହି କୌମାର୍ଯ୍ୟର ସଉକ ଆଉ ରହିବ ନାହିଁ । କିନ୍ତୁ ପବିତ୍ରତା ଓ ପରାର୍ଥେ-ଉତ୍ସର୍ଗ ହେଉଛି ଭାରତୀୟ କୌମାର୍ଯ୍ୟ ଆଦର୍ଶ । ଯାହାର ବୀର୍ଯ୍ୟରେ ଶତ ଶତ ସନ୍ତାନ-ଜନନ କ୍ଷମତା ରହିଛି ଓ ସ୍ତ୍ରୀପୁତ୍ରଙ୍କର ଭାରବହନ ଲାଗି ଯେ ଅଣୁମାତ୍ର ବି ଅକ୍ଷମ ନୁହେଁ ସେ ମଧ୍ୟ ଏହି ଆଦର୍ଶର ମୁଖାପେକ୍ଷୀ ହୋଇ ଚିରକୌମାର୍ଯ୍ୟ ବ୍ରତ ଗ୍ରହଣ କରିଥାଏ । ଯେଉଁ ନାରୀ ଶତସନ୍ତାନ ଜଠରରେ ଧାରଣ କରି ମଧ୍ୟ ପ୍ରସବ ବେଦନାକୁ କ୍ଲେଶକର ବୋଲି ପାସଙ୍ଗରେ ସୁଦ୍ଧା ନ ପକାଏ ସେ ମଧ୍ୟ ପବିତ୍ରତା ଓ ପରାର୍ଥର ମୋହନବଂଶୀ ଶୁଣି କୌମାର୍ଯ୍ୟକୁ ଆଲିଙ୍ଗନ କରେ । ଯେତେଦିନ ପର୍ଯ୍ୟନ୍ତ ଭାରତୀୟ କୌମାର୍ଯ୍ୟ ଭାରତୀୟ ଆଦର୍ଶକୁ ଧରି ରଖିଥିବ ସେ ପର୍ଯ୍ୟନ୍ତ ତାର ବିନାଶ ନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସନ୍ତାନ-ଜନ୍ମ ନିରୋଧ କରିବାର ବୈଜ୍ଞାନିକ କୌଶଳ ଆବିଷ୍କୃତ ହେବ ସେହି ମୁହୂର୍ତ୍ତରେ ପାଶ୍ଚାତ୍ୟ କୌମାର୍ଯ୍ୟ ବିଲୁପ୍ତ ହୋଇଯିବ ।

ବିଭିନ୍ନ ବର୍ଣ୍ଣ ଓ ବିଭିନ୍ନ ଜାତିର ଶୋଣିତଗତ ମିଶ୍ରଣ ଦ୍ୱାରା ବେଳେ ବେଳେ ଜାତୀୟ ଉନ୍ନତି ସାଧିତ ହୋଇଥାଏ, ଏକଥା ବୈଜ୍ଞାନିକମାନେ ଏକ ପ୍ରକାର ପ୍ରମାଣିତ କରିଛନ୍ତି । ଅବଶ୍ୟ ବିରୁଦ୍ଧ ମତ ନିତାନ୍ତ ନଗଣ୍ୟ ନୁହେଁ । କିନ୍ତୁ ସମସ୍ତ ପ୍ରକାର ଦାମ୍ପତ୍ୟ-ଦାୟିତ୍ୱମୁକ୍ତ ଯୌନ-ସମ୍ବନ୍ଧ ରକ୍ତର ଯେଉଁ ମିଶ୍ରଣ ଘଟାଏ ତଦ୍ଦ୍ୱାରା ଜାତି ଧ୍ୱଂସପ୍ରାପ୍ତ ହୁଏ । ଏହି କାରଣରୁ ଭାରତବର୍ଷ ଶକ, ଯବନ, ପାରଦ, ହୁନ୍, ଶାନ, ଆହୋମ, ମଗ,ଲେପଚାୟ,ଭୁଟିଆ ପ୍ରଭୃତି ଶତ ଶତ ଜ୍ଞାତ ଓ ଅଜ୍ଞାତ ଜାତିଙ୍କ ସହିତ ଶୋଣିତ-ସମ୍ବନ୍ଧ ଧୀରେ ଧୀରେ ସ୍ଥାପନ କରି ନେଇଛି ଓ ସେମାନଙ୍କର ବଂଶଧରମାନଙ୍କୁ ଏହି ଭାରତଭୂମିର ରକ୍ତମାଂସ ବୋଲି ସ୍ୱୀକାର କରି ନେଇଛି କିନ୍ତୁ ବିବାହ ବ୍ୟତୀତ ଦାମ୍ପତ୍ୟ-ଦାୟିତ୍ୱ-ରହିତ ଶୋଣିତ ମିଶ୍ରଣକୁ ଅନୁମୋଦନ କରିନାହିଁ । କହିବା ବାହୁଲ୍ୟ ଯେ ତାନ୍ତ୍ରିକ ସାଧନା ଯୁଗରେ ବଙ୍ଗଦେଶର ବ୍ରାହ୍ମଣ ପ୍ରଭୃତି ବହୁ ଉଚ୍ଚବଂଶର ରଜକ, ଚଣ୍ଡାଳ ପ୍ରଭୃତି ନୀଚ ବଂଶର କନ୍ୟା ସହିତ ଏପରିକି ପଠାଣ ନାରୀ ସହିତ ରକ୍ତ ସମ୍ବନ୍ଧ ସ୍ଥାପିତ ହୋଇଥିଲା କିନ୍ତୁ ଶୈବମତେ କନ୍ୟାକୁ ବିବାହ ନ କରି ଓ ତାକୁ ସ୍ୱଧର୍ମରେ ଦୀକ୍ଷା ନ ଦେଇ ତାହା କରାଯାଇ ନ ଥିଲା । ମୋଟ ଉପରେ କହିବାକୁ ଗଲେ ଅସବର୍ଣ୍ଣ ବିବାହ ଅନାୟାସରେ ଚଳିପାରେ କିନ୍ତୁ ବିବାହ ବ୍ୟତୀତ ଶୋଣିତ-ସମ୍ପର୍କ ସ୍ଥାପିତ ହୋଇ ନ ପାରେ । ବିବାହ-ବନ୍ଧନକୁ ଅସ୍ୱୀକାର କରିବାକୁ ଯାଇ ୟୁରୋପ କଣ ଖୁବ୍ ବେଶି ସୁଖୀ ହୋଇ ପାରିଛି ? ଏହି ଯେ ୟୁରୋପର ପୁରପଲ୍ଲୀ ଦିନକୁଦିନ ଜାରଜ * ସନ୍ତାନ ସନ୍ତତିଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ଯାଉଛି, ଏହି ଯେ ଲକ୍ଷ ଲକ୍ଷ ନରନାରୀ ନିଜ ନିଜର ଜନ୍ମଦାତା

---

* ଫରାସୀ ଲେଖକ ପ୍ରଫେସର ଲେଟୁରନ୍ୟୁ ଫ୍ରାନ୍ସ ଓ ସୁଇଡେନର ଜାରଜ ସନ୍ତାନଙ୍କ ସଂଖ୍ୟାର ଯେଉଁ ହିସାବ ତାଲିକା ଦେଇଛନ୍ତି ତାହା ଦେଖିଲେ ଆତଙ୍କରେ ଶିହରି ଉଠିବାକୁ ହୁଏ ।

ଫ୍ରାନ୍ସରେ ପ୍ରତି ୧୦,୦୦୦ ନବଜାତ ଶିଶୁରେ

୧୮୦୦-୧୮୦୫ ଖ୍ରୀଷ୍ଟାବ୍ଦରେ	୪୭୫ଟି ଜାରଜ
୧୮୦୬-୧୮୧୦ ଖ୍ରୀଷ୍ଟାବ୍ଦରେ	୫୪୩ଟି ଜାରଜ
୧୮୨୧-୧୮୨୫ ଖ୍ରୀଷ୍ଟାବ୍ଦରେ	୭୧୬ଟି ଜାରଜ

ପିତାର ପରିଚୟ ଦେବାକୁ ଅକ୍ଷମ ହୋଇ ପିତୃ ପରିଚୟ ଜିଜ୍ଞାସାକୁ ଏକ ସାମାଜିକ ଅସମ୍ଭ୍ରମ ବୋଲି ମନେ କରୁଛନ୍ତି, ଏହା କଣ ପାଶ୍ଚାତ୍ୟ ସଭ୍ୟତାକୁ ଗୌରବାନ୍ୱିତ କରୁଛି ? ସମାଜ-ସଂସ୍କାର କୁହୁକରେ ପଡ଼ି, ସ୍ୱାଧୀନତାର ମାୟାମରୀଚିକାରେ ଭୁଲି ଭାରତବର୍ଷ କଣ ତାର ଭାବୀ ପୁତ୍ରକନ୍ୟାମାନଙ୍କୁ ପିତୃ-ପରିଚୟ ଦେବାର ସ୍ପର୍ଦ୍ଧା ଓ ଗୌରବରୁ ବଞ୍ଚିତ କରିବ ? ଆମର ଦୃଢ଼ ବିଶ୍ୱାସ ଯେ ପାରସ୍ପରିକ ଅଧୀନତାକୁ ଅସ୍ୱୀକାର କରି ଭାରତ କେବେହେଲେ ଦାମ୍ପତ୍ୟ ଜୀବନରେ ସ୍ୱାଧୀନତା ପ୍ରତିଷ୍ଠା ଭଳି ବିପରୀତ ବୁଦ୍ଧି ଧରିବ ନାହିଁ । ଏକ ଦିଗରେ ଭାରତୀୟ ନାରୀ ଯେପରି

ଏଥିରୁ ସ୍ପଷ୍ଟ ଦେଖାଯିବ ଯେ ଅସବର୍ଣ୍ଣ, ଆନ୍ତର୍ଜାତିକ ଓ ବିଧବା ବିବାହ ପ୍ରଚଳିତ ଥିବା ସତ୍ତ୍ୱେ ଫରାସୀ ଜାତିର ଜାରଜ ସଂଖ୍ୟା ଦିନକୁ ଦିନ ବଢ଼ିବାକୁ ଲାଗିଛି ଏବଂ ୨୫ ବର୍ଷ ମଧ୍ୟରେ ପ୍ରତି ୧୦୦୦ ଜନ୍ମରେ ଜାରଜ ସଂଖ୍ୟା ୭୧୬-୪୭୫=୨୪୧ ବଢ଼ିଛି । ଏହି ହାରରେ ବଢ଼ି ଚାଲିଲେ ହଜାର ବର୍ଷ ପରେ ଫ୍ରାନ୍ସ ଦେଶରେ କେତେ ଅଜାରଜ ସନ୍ତାନ ଥିବେ, ଗଣିତଜ୍ଞ ପାଠକେ ତାହା ହିସାବ କରି ଦେଖିବେ ।

ସ୍ୱୀଡେନ୍ ପ୍ରତି ଶହେ ନବଜାତ ଶିଶୁଙ୍କ ମଧ୍ୟରୁ ପ୍ରାୟ

୧୭୭୬ ଖ୍ରୀଷ୍ଟାବ୍ଦରେ	୩ଟି ଜାରଜ
୧୮୮୬	୧୦ଟି ଜାରଜ

ଏଥିରୁ ଦେଖାଯିବ ଯେ ୯୦ ବର୍ଷ ଭିତରେ ସ୍ୱୀଡେନ୍‌ରେ ଜାରଜଙ୍କ ସଂଖ୍ୟା ତିନିଗୁଣରୁ ବେଶି ବଢ଼ିଛି ।

୧୩୪୧ ସାଲ ଚୈତ୍ରମାସର "ନବଶକ୍ତି" ପତ୍ରିକାର ଜନୈକ ଲେଖକ ଇଂଲଣ୍ଡର ସ୍ୱରାଷ୍ଟ୍ର ସଚିବଙ୍କ ଦପ୍ତରରେ ପ୍ରସ୍ତୁତ ଏକ ସରକାରୀ ତାଲିକାରୁ ଦର୍ଶାଇଛନ୍ତି ଯେ ୧୯୩୦ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରେ ମୋଟ ୬,୩୨,୦୮୧ ଶିଶୁ ଜନ୍ମ ହୋଇଥିଲେ ତନ୍ମଧ୍ୟରୁ ୮୮,୦୮୬ ଜାରଜ ଅର୍ଥାତ୍ ଇଂଲଣ୍ଡରେ ୧୯୦୩ ମସିହାରେ ପ୍ରତି ୨୨ଟି ଶିଶୁରେ ଗୋଟିଏ ଶିଶୁ ନାମହୀନ ଗୋତ୍ରହୀନ ହୋଇ ଜନ୍ମି "ଟମି-କୁଳଙ୍କ" ସଂଖ୍ୟା ବୃଦ୍ଧି କରିଥିଲେ । ଆଉ ଟିକିଏ ସଂକ୍ଷେପରେ ହିସାବ ଦେବାକୁ

ପୁରୁଷର ଆଦେଶ, ଅନୁଜ୍ଞା ବା ଅନୁମୋଦନକୁ ଅପେକ୍ଷା ନ କରି ସ୍ୱାମୀର ଓ ଦେଶର କଲ୍ୟାଣ ଲାଗି ସ୍ୱେଚ୍ଛାରେ ସ୍ୱାଧୀନତାକୁ ଖର୍ବ କରିବ ଅନ୍ୟଦିଗରେ ଭାରତର ପୁରୁଷ ସେହିପରି ନାରୀର ପ୍ରାର୍ଥନା, ମିନତି ବା କାତରତାକୁ ଅପେକ୍ଷା ନ କରି ପତ୍ନୀର ଓ ଦେଶର ମଙ୍ଗଳାର୍ଥେ ସ୍ୱେଚ୍ଛାରେ ସ୍ୱାଧୀନତାକୁ ସଙ୍କୁଚିତ କରି ନେବ ।

ମନେ ରଖିବାକୁ ହେବ, ଦମ୍ପତିର ସ୍ୱାଧୀନତା ସ୍ପୃହା ଯେତେ ପ୍ରବଳ ହେଲେ ବି, ଯେଉଁ ଦେଶରେ ବିବାହ ଏକ ଆଧ୍ୟାତ୍ମ-ସାଧନା ସେ ଦେଶରେ ବିବାହ-ବିଚ୍ଛେଦ ରହି ନ ପାରେ । ସଦ୍‌ଗୁରୁଙ୍କ ଅଭାବବଶତଃ ଆଧ୍ୟାତ୍ମିକ-ସାଧନା ରୂପେ ବିବାହର ମର୍ଯ୍ୟାଦା ଏ ଦେଶରେ ଯଥାଯଥ ଭାବରେ ରକ୍ଷା କରାଯାଇ ନ ଥିଲେ ବି, ବିବାହିତ ଜୀବନକୁ ଆଧ୍ୟାତ୍ମିକ ସାଧନା ରୂପେ ଗ୍ରହଣ ଓ ଗୃହୀତ କରିବା ପ୍ରୟାସ ଏ ଦେଶରେ ଶତାବ୍ଦୀ ପରେ ଶତାବ୍ଦୀ ବ୍ୟାପି ଯେ ହୋଇ ଆସିଅଛି ; ଏ କଥା ଅସ୍ୱୀକାର କରିବାର ଉପାୟ ନାହିଁ । ଏତେ ଦିନ ହେଲା ବିବାହିତ ଜୀବନ ଆଧ୍ୟାତ୍ମିକ ସାଧନାର ସୁରଭୀତ ଜୀବନ ରୂପେ ଗୃହୀତ ନ ହେଲା ବୋଲି ଆମେ ଲଜ୍ଜିତ ହୋଇପାରୁ କିନ୍ତୁ କସମ୍ମିନକାଳେ ଯେ ଏହା ନ ହେବ ଏଭଳି ହତାଶା ପୋଷଣ କରି ନ ପାରୁ । ବରଂ ଭରସା ରଖିବାର ଓ ଆଶା ପୋଷଣ କରିବାର ଯଥେଷ୍ଟ କାରଣ ଅଛି । ତେଣୁ ଆମ ଭିତରେ ବିବାହ-ବିଚ୍ଛେଦ ଅକଳ୍ପନୀୟ । ଯେଉଁ ପୁରୁଷ ପରିଣୀତା ସ୍ତ୍ରୀକୁ ତ୍ୟାଗ କରେ ଆମେ ତାକୁ ମନୁଷ୍ୟ ନ କହି ପଶୁ କହୁ । ଏ ଦେଶର ସ୍ତ୍ରୀ ଏ ପର୍ଯ୍ୟନ୍ତ ସ୍ୱାମୀକୁ ତ୍ୟାଗ କରିବା ଶିଖି ପାରିନାହିଁ ବୋଲି ଆମେ ତାକୁ ନିର୍ବୋଧ କହୁନାହିଁ , ଦେବୀ କହୁ । ଏପରି ଦିନ ଆସିବ ଯେଉଁଦିନ

ଗଲେ ସେ ବର୍ଷ ପ୍ରତିଦିନ ଇଂଲଣ୍ଡର ୭୭ଟି ଶ୍ୱେତକନ୍ୟା ଅବୈଧ ଉପାୟରେ ସନ୍ତାନର ଜନନୀ ହୋଇଥିଲେ । ଏହିଭଳି ଆଉ ଅନେକ ହିସାବ ଆମେ ଏଠାରେ ଦେଇପାରୁ କିନ୍ତୁ ତାହ ନିଷ୍ପ୍ରୟୋଜନ ଓ ଅସୁନ୍ଦର । କାରଣ ଯେତିକି ଉଲ୍ଲିଖିତ ହେଲା ସେତିକି ଆମର ଉଦ୍ଦେଶ୍ୟ ସିଦ୍ଧି ଲାଗି ଯଥେଷ୍ଟ । ଇଉରୋପକୁ ଗାଳିଦେବା ଆମର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ସବୁ କଥାରେ ପାଶ୍ଚାତ୍ୟ ଦେଶକୁ ନିର୍ବିଚାରରେ ଅନୁକରଣ କରିବାକୁ ଗଲେ ଆମେ ନିଶ୍ଚିତ ଭାବରେ ଯେ ଠକି ଯିବୁ ଏହାହିଁ ବୁଝାଇ ଦେବା ଆମର ଉଦ୍ଦେଶ୍ୟ ।

ପତ୍ନୀ ଅନ୍ଧ, ଖଞ୍ଜ, ବଧିର, ବନ୍ଧ୍ୟା ବା ରଗ୍‌ଣା, ଏ ସବୁ ବିଚାର ବିବେଚନା ବିବାହ ପୂର୍ବରୁ ହିଁ ଶେଷ ହୋଇଯିବ କିନ୍ତୁ ଏ ସବୁ ତ୍ରୁଟି ଯୋଗୁଁ ବିବାହିତା ପତ୍ନୀକୁ କେହି ପରିତ୍ୟାଗ କରିବେ ନାହିଁ । ଏପରି ଦିନ ଅବଶ୍ୟ ଆସିବ ଯେଉଁ ଦିନ ଲୋକମତ ଭୟରେ ନୁହେଁ ବା କାରାଦଣ୍ଡ ଭୟରେ ନୁହେଁ ପରନ୍ତୁ ଏକମାତ୍ର ବିବେକର ତାଡ଼ନାରେ ପୁରୁଷମାନେ ପତ୍ନୀ-ତ୍ୟାଗ ପରାଂମୁଖ ହେବେ । ଏପରି ଦିନ ମଧ୍ୟ ଆସିବ ଯେଉଁଦିନ ନରନାରୀ ବୁଝିବେ ଯେ ଭାରତୀୟ ବିବାହ କେବଳ ନରନାରୀ ପ୍ରେମର ସାଧକ ନୁହେଁ ଏହା ଭଗବତ୍ ପ୍ରେମ ତଥା ବିଶ୍ୱ ପ୍ରେମର ବି ସାଧକ ।

ବିବାହର ଉଚ୍ଚତମ ଆଦର୍ଶ ବନାମ ବିବାହ ବିଚ୍ଛେଦ

ଯଦିଓ ଭାରତୀୟ ଖ୍ରୀଷ୍ଟିୟାନ ଓ ଭାରତୀୟ ମୁସଲମାନ ଉଭୟଙ୍କ ସାମାଜିକ ଜୀବନରେ ବିବାହ-ବିଚ୍ଛେଦ ବହୁକାଳ ପୂର୍ବରୁ ସ୍ୱୀକୃତ ହୋଇ ଆସିଛି, ତଥାପି ଭାରତୀୟ ହିନ୍ଦୁର ବିବାହ-ବିଷୟକ ଚିନ୍ତାଧାରାର ପ୍ରଭାବ ଏହି ଉଭୟ ସମ୍ପ୍ରଦାୟର ମନ ଉପରେ ଊଣା ଅଧିକେ ପଡ଼ିଥିଲା ବୋଲି ମନେ କରାଯାଇପାରେ । ତା ଫଳରେ ବହୁ ସମ୍ଭ୍ରାନ୍ତ ଖ୍ରୀଷ୍ଟିଆନ୍ ଓ ଖାନଦାନ୍ ମୁସଲମାନ ପରିବାରରେ ସେଭଳି ଅତି ଗୁରୁତର କାରଣ ନ ଥିଲେ ବିବାହ-ବିଚ୍ଛେଦକୁ ସହ୍ୟ କରାଯାଉ ନ ଥିଲା । ଭାରତୀୟ ହିନ୍ଦୁ ସମାଜର ସ୍ୱତଃସ୍ଫୂର୍ତ୍ତ ଓ ଅକପଟ ଆପତ୍ତି ସତ୍ତ୍ୱେ ହିନ୍ଦୁମାନଙ୍କ ମଧ୍ୟରେ ବିବାହ-ବିଚ୍ଛେଦର ପଥ ଆଇନ ବଳରେ ଉନ୍ମୁକ୍ତ କରି ଦିଆଯାଇଛି ଯାହା ଫଳରେ କି ବହୁ କ୍ଷେତ୍ରରେ ଅନାବଶ୍ୟକ ବିବାହ-ବିଚ୍ଛେଦ ଘଟିବାର ଆଶଙ୍କା ରହିଛି । କିନ୍ତୁ ଯେଉଁଠି ବିବାହ କେବଳ ନରନାରୀ ପ୍ରେମର ସାଧକ ଭାବରେ ଗୃହୀତ ନ ହୋଇ ଭଗବତ୍-ପ୍ରେମ ଓ ବିଶ୍ୱପ୍ରେମର ସାଧକ ଭାବରେ ଗୃହୀତ ହେବ ସେ କ୍ଷେତ୍ରରେ ବିବାହ ବିଚ୍ଛେଦ ଘଟିବା ତ ଦୂରର କଥା, ବିବାହ-ବିଚ୍ଛେଦ କଳ୍ପନାର ପ୍ରବେଶାଧିକାର ସୁଦ୍ଧା ରହିବ ନାହିଁ । ଯେତେବେଳେ ମନୁଷ୍ୟ ନିଜକୁ ଜୋର କରି ଠେଲିପେଲି ଜନ୍ତୁ-ଜଗତର ଉର୍ଦ୍ଧ୍ୱକୁ ନେଇ ଯାଇ ପାରିବ ସେତେବେଳେ ଅସତୀତ୍ୱ ବା ବ୍ୟଭିଚାର ହେବ ଏକ କଳ୍ପନାତୀତ ବ୍ୟାପାର । ମନୁଷ୍ୟ ଯେତେବେଳେ ବିବାହ ମଧ୍ୟ ଦେଇ ଭଗବାନଙ୍କୁ

ଅନ୍ୱେଷଣ କରିବ ସେତେବେଳେ ବିବାହ-ବିଚ୍ଛେଦ ସ୍ୱତଃ ଊର୍ଦ୍ଧ୍ୱଶ୍ୱାସରେ ପଳାୟନ କରିବ । ବିବାହ-ବିଚ୍ଛେଦ ସମ୍ଭାବନାକୁ ଦାମ୍ପତ୍ୟ ଜୀବନରୁ ବିଦୂରିତ କରିବାକୁ ହେଲେ ବିବାହକୁ ଭଗବତ-ସାଧନାର ସାଧକ ରୂପେ ଗ୍ରହଣ କରିବାକୁ ହେବ ।

(ଞ) ଆଧ୍ୟାତ୍ମିକ ଶକ୍ତିସାମ୍ୟ : ପାରସ୍ପରିକ ଶକ୍ତିସାମ୍ୟ-ବିଧାୟିନୀ ସାଧନ ପ୍ରଣାଳୀ ଜଗତର ବିଭିନ୍ନ ଧର୍ମ ସମ୍ପ୍ରଦାୟ ମଧ୍ୟରେ ବହୁ ସଂଖ୍ୟାରେ ପ୍ରଚଳିତ ଥିଲା ଓ ଅଛି । ବହୁ ମୁସଲମାନ ଏକତ୍ରିତ ହୋଇ ଯେଉଁ ନମାଜ ପଢ଼ନ୍ତି, ଖ୍ରୀଷ୍ଟିୟାନ ଓ ବ୍ରାହ୍ମମାନେ ରବି-ବାସରୀୟ ଭଜନାଗାରରେ ଯେଉଁ ସମବେତ ପ୍ରାର୍ଥନା କରନ୍ତି, ବୈଷ୍ଣବମାନେ ସମ୍ମିଳିତ ଭାବରେ କୀର୍ତ୍ତନ ଇତ୍ୟାଦି ଯାହା ଯାହା କରନ୍ତି, ତା ପଛରେ ଶକ୍ତି-ସାମ୍ୟର କଳ୍ପନା ଥାଉ ବା ନ ଥାଉ, ପ୍ରକୃତରେ ଦେଖିବାକୁ ଗଲେ ସେ ସବୁଦ୍ୱାରା କିନ୍ତୁ ଶକ୍ତିସାମ୍ୟ ହିଁ ହୋଇଥାଏ । ସମସ୍ତଙ୍କର ମନ ଯେତେବେଳେ ଗୋଟିଏ ଭାବ ମଧ୍ୟ ଦେଇ ପ୍ରଶାନ୍ତ ହେବାକୁ ଚେଷ୍ଟା କରେ, ସେତେବେଳେ ତାରି ଭିତରୁ ଏକ ବିଶେଷ ଶକ୍ତିଶାଳୀ ମନର ପ୍ରେରଣା ଓ ପ୍ରଭାବ ଅନ୍ୟାନ୍ୟ ମନଗୁଡ଼ିକର ଦୈନ୍ୟକୁ ଦୂରୀଭୁତ କରେ ଓ ସବୁରି ଅନ୍ତରର ଉତ୍ସଗୁଡ଼ିକୁ ନିମିଷେକ ମଧ୍ୟରେ ଖୋଲିଦିଏ । ଏହାହିଁ ହେଉଛି ଶକ୍ତିସାମ୍ୟ । ଉନ୍ନତି ପଥରେ ଯେଉଁମାନେ ଅଗ୍ରଗାମୀ, ସେମାନେ ଏହାଦ୍ୱାରା ତିଳେମାତ୍ର କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ ଅଥଚ ଯେଉଁମାନେ ସେମାନଙ୍କ ପଛରେ ପଡ଼ିଥାନ୍ତି ସେମାନେ ଅଗ୍ରଗାମୀମାନଙ୍କର ଭାବର ଗଭୀରତା ଦ୍ୱାରା ପ୍ରଭାବିତ ହୋଇ ନିଜ ନିଜର ନାନା ଅସଂପୂର୍ଣ୍ଣତାରୁ ମୁକ୍ତ ହୁଅନ୍ତି । ଏହି କାରଣରୁ ଯେଉଁମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଶ୍ରଦ୍ଧା ଥାଏ, ସେଭଳି ସାଧକମାନେ ଏକତ୍ର ମିଳିତ ହୋଇ ନିଜ ନିଜର ଧର୍ମ ସଂସ୍କାରର ଅବିରୋଧୀ ଏକ ସାଧନ ପ୍ରଣାଳୀ ଅବଲମ୍ବନପୂର୍ବକ ଉପାସନା-ଚକ୍ରରେ ବସନ୍ତି । ପ୍ରତ୍ୟେକଙ୍କର ମନ ଯେତେବେଳେ ସାଧନରେ ଏକାଗ୍ର ହୁଏ, ସେତେବେଳେ ଯାହାର ଯେଉଁ ଉତ୍କର୍ଷ ଥାଏ ତାହା ସମସ୍ତଙ୍କର ଅଜ୍ଞାତସାରରେ ଅନ୍ୟମାନଙ୍କ ମଧ୍ୟରେ ଅଳ୍ପାଧିକେ ସଞ୍ଚାରିତ ହୁଏ । ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିବିଶେଷ ବହୁଦିନ ପର୍ଯ୍ୟନ୍ତ ସମ-ଆଗ୍ରହ ସହକାରେ ଏହିପରି ସମ୍ମିଳିତ ଭାବରେ ସାଧନ କରିବାକୁ ଲାଗିଲେ ଯାହାର ଯାହା

ଉତ୍କର୍ଷ ଥାଏ ତାହା ଅନ୍ୟମାନଙ୍କଠାରେ ସ୍ଥାୟୀ ଭାବରେ ସଂକ୍ରମିତ ହୋଇଥାଏ । ତାନ୍ତ୍ରିକ ଓ ତନ୍ତ୍ର-ପ୍ରଭାବିତ ବୈଷ୍ଣବ ସାଧକମାନେ ଏହି ତତ୍ତ୍ୱକୁ ବିଶେଷଭାବରେ ଉପଲବ୍ଧି କରି ଭୈରବୀ ଚକ୍ର, ଯୋଗିନୀ ଚକ୍ର, ପଞ୍ଚତାତ୍ତ୍ୱିକ ଶକ୍ତି-ସାମ୍ୟ, କିଶୋରୀ-ଭଜନ ପ୍ରଭୃତି ନାନା ପ୍ରାକାରର ବହୁଜନ ସମ୍ମିଳିତ ସ୍ତ୍ରୀ-ପୁରୁଷ-ସଂଶ୍ଳିଷ୍ଟ ସାଧନ ପ୍ରଣାଳୀ ଆବିଷ୍କାର କରିଥିଲେ । କିନ୍ତୁ ଅନେକ ସମୟରେ ଦେଖାଯାଇଛି ଯେ ଏସବୁ ସାଧନ ପ୍ରଣାଳୀ ଗୋଟିଏ ସତ୍ୟକୁ ସମାଦର କରିବାକୁ ଯାଇ ବହୁ ମିଥ୍ୟାକୁ ପ୍ରଶ୍ରୟ ଦେଇଅଛି, ଗୋଟିଏ ତତ୍ତ୍ୱକୁ ଅଭ୍ୟାସ କରିବାକୁ ଯାଇ ବହୁ ଭ୍ରାନ୍ତିରେ ବିଳସିତ ହୋଇଅଛି, ଗୋଟିଏ ମଙ୍ଗଳକୁ ଲାଭ କରିବକୁ ଯାଇ ବହୁ ଅମଙ୍ଗଳକୁ ଆମନ୍ତ୍ରିତ କରି ଆଣିଛି ଏବଂ ଏହିପରି ଭାବରେ ଭାରତର ବିଶେଷତଃ ବଙ୍ଗଦେଶର ନିର୍ମଳ ଜୀବନକୁ ଧର୍ମ ସାଧନା ନାଁରେ ଅଶ୍ଳୀଳ ଅତିଚାର ଓ ଅବାଞ୍ଛିତ ଅନାଚାରରେ ପୂତିଗନ୍ଧମୟ କରି ଦେଇଛି । ଏହି କାରଣରୁ ସ୍ଥୂଳ ଓ ନିକୃଷ୍ଟ ସାଧନ ପ୍ରଣାଳୀସମୂହ ଭାରତବର୍ଷର ସାଧନ-ଜୀବନରୁ କ୍ରମଶଃ ନିର୍ବାସିତ ହୋଇ ଯିବାକୁ ଅଗତ୍ୟା ବାଧ୍ୟ ହୋଇଛି ।

ଏ ଯୁଗର ପତିପତ୍ନୀଙ୍କର ଆଧ୍ୟାତ୍ମିକ ଶକ୍ତିସାମ୍ୟ କେଉଁ ପ୍ରଣାଳୀରେ ସର୍ବତୋଭାବରେ ସୁଖାବହ ହେବ, ଶ୍ରେଷ୍ଠତାର କ୍ରମ ଅନୁଯାୟୀ ସେଗୁଡ଼ିକ ତଳେ ଦିଆଗଲା । ଏ ସ୍ଥଳେ ଗୋଟିଏ ବିଶେଷ ପ୍ରୟୋଜନୀୟ କଥା ମନେରଖିବାକୁ ହେବ ଯେ ନିମ୍ନୋକ୍ତ ଯେ କୌଣସି ପ୍ରଣାଳୀ ଅବଲମ୍ବନରେ ଶକ୍ତିସାମ୍ୟ କରାଯାଉ ପଛକେ ସାଧନ କାଳରେ ଏକ ଅପରର ଅଙ୍ଗସ୍ପର୍ଶ କରିପାରିବେ ନାହିଁ ।

(୧) ସ୍ୱାମୀସ୍ତ୍ରୀ ଏକ ଆସନରେ ବା ଦୁଇଟି ପୃଥକ ଆସନରେ ପାଖାପାଖି ବସି ନୟନ ନିମୀଳିତ କରି ନିଜ ନିଜ ଭ୍ରୂମଧ୍ୟରେ ଦୃଷ୍ଟି ନିବଦ୍ଧପୂର୍ବକ ଗୁରୁଉପଦିଷ୍ଟ ଉପାସନା କରିବେ । ଜଣକ ପ୍ରତି ଅନ୍ୟଜଣକର ଲକ୍ଷ୍ୟ ବା ମନ ନଥିଲେ ବି ଏହାଦ୍ୱାରା ଶକ୍ତିସାମ୍ୟ ଘଟିବ । କିନ୍ତୁ ଏହା ଅତି ପ୍ରାଥମିକ ଉପାୟ ।

(୨) ସ୍ୱାମୀସ୍ତ୍ରୀ ଏକ ଆସନରେ ବା ପୃଥକ୍ ଆସନରେ ପାଖାପାଖି ନ ବସି ପରସ୍ପର ମୁହାଁମୁହିଁ ହୋଇ ବସି ପ୍ରଥମ ପ୍ରଣାଳୀ ଅନୁଯାୟୀ କାର୍ଯ୍ୟ କରିବେ । ଏହା ପ୍ରଥମୋକ୍ତ ଉପାୟ ଅପେକ୍ଷା ଅଧିକତର ଫଳପ୍ରଦ । କିନ୍ତୁ ପରୀକ୍ଷା କରି

ଦେଖାଯାଇଛି ଯେ ଯେଉଁମାନେ ପ୍ରଥମଟି ଅଭ୍ୟାସ ନ କରି ଦ୍ୱିତୀୟଟି କରିଛନ୍ତି ସେମାନଙ୍କ ଅପେକ୍ଷା ଯେଉଁମାନେ ନିୟମିତ ଭାବରେ ପ୍ରଥମଟି ଅଭ୍ୟାସ କରି ଦ୍ୱିତୀୟଟି କରିଛନ୍ତି ସେମାନେ ଦ୍ରୁତ ଅଗ୍ରଗତି କରିପାରିଛନ୍ତି ।

(୩) ଉନ୍ମୀଳିତ ନେତ୍ରରେ ପ୍ରଶାନ୍ତ ଦୃଷ୍ଟିରେ ଏକ ଅପରର ଭ୍ରୂମଧ୍ୟକୁ ଚାହିଁ ସ୍ୱାମୀ ନିଜର ମୂର୍ତ୍ତିକୁ * ସ୍ତ୍ରୀ ମୁଖମଣ୍ଡଳରେ ଓ ସ୍ତ୍ରୀ ନିଜର ମୂର୍ତ୍ତିକୁ ସ୍ୱାମୀର ମୁଖମଣ୍ଡଳରେ ଚିନ୍ତା କରିବେ । ମନ ଯାହା ଭାବେ, ଦୃଷ୍ଟି ତାହା ହିଁ ଦେଖିବାକୁ ପାଏ । କ୍ରମାଗତ ଅଭ୍ୟାସ ଗୁଣରେ ଜଣକ ମୁଖମଣ୍ଡଳରେ ଅନ୍ୟ ଜଣକର ମୂର୍ତ୍ତି ଦର୍ଶନ ନିତାନ୍ତ ସହଜସାଧ୍ୟ ହୋଇଯାଏ । ପ୍ରଥମ ଅବସ୍ଥାରେ ସ୍ୱାମୀ ଦୃଷ୍ଟିରେ ସ୍ତ୍ରୀର ମୁଖଟି ଏବଂ ସ୍ତ୍ରୀ ଦୃଷ୍ଟିରେ ସ୍ୱାମୀର ମୁଖଟି



ଚିତ୍ର ୧

ଅତି ସ୍ପଷ୍ଟ ଭାବରେ ଦୃଷ୍ଟ ହେବ । ଧୀରେ ଧୀରେ ମନେ ହେବାକୁ ଲାଗିବ ଯେପରି ସେହି ଦୃଷ୍ଟି ମୁଖଟି ବ୍ରହ୍ମାଣ୍ଡରେ ଏକମାତ୍ର ଅସ୍ତିତ୍ୱଶୀଳ ବସ୍ତୁ, ଗୃହ ମଧ୍ୟସ୍ଥ ଅନ୍ୟାନ୍ୟ ବସ୍ତୁ ଓ ସେ ମୁହଁର ମାଲିକର ଅପରାପର ଅଙ୍ଗ ଅସ୍ତିତ୍ୱ ଯେପରି ନାହିଁ । ତାପରେ ସ୍ତ୍ରୀ ମୁଖମଣ୍ଡଳରେ ସ୍ୱାମୀ ମୂର୍ତ୍ତିର ଏବଂ ସ୍ୱାମୀ ମୁଖମଣ୍ଡଳରେ ସ୍ତ୍ରୀ ମୁଖମଣ୍ଡଳର

*** ଏଠାରେ ମୂର୍ତ୍ତି କହିଲେ ମୁଖ ମଣ୍ଡଳ ବୁଝିବାକୁ ହେବ ।**

ଏକ ପ୍ରତିବିମ୍ବ ଫୁଟି ଉଠିବାକୁ ଲାଗିବ । ସେ ସମୟରେ ଗୋଟିଏ ମୂର୍ତ୍ତିରେ ଦୁଇଟି ରୂପ ଯୁଗପତ୍ ଦେଖାଯିବ । ଧୀରେ ଧୀରେ ନିବିଷ୍ଟତା ବଢ଼ିବାକୁ ଲାଗିଲେ ଦ୍ରଷ୍ଟା ଓ ଦୃଷ୍ଟ ଉଭୟଙ୍କ ମୁଖମଣ୍ଡଳରେ କେବଳ ନିଜ ନିଜର ମୁଖ ଛବିଟି ହିଁ ଦୃଷ୍ଟ ହୁଏ, ସହଯୋଗୀର ମୁଖ ଛବି ଆଉ ଦୃଷ୍ଟ ହୁଏ ନାହିଁ ।

ଯେଉଁଠି ସ୍ୱାମୀସ୍ତ୍ରୀ ମଧ୍ୟରେ ସାତ୍ତ୍ୱିକ ଅନୁରାଗ ସୃଷ୍ଟି ହୋଇ ନ ଥାଏ ଓ ଦୈହିକ ଅସଂଯମ ଯଥାସାଧ୍ୟ ସଙ୍କୁଚିତ ହୋଇ ନଥାଏ, ସେଠାରେ ସ୍ୱାମୀ ସ୍ତ୍ରୀ ଉଭୟେ ସର୍ବପ୍ରଥମେ କୌଣସି ଦେବତା ବା ମହାପୁରୁଷଙ୍କର ମୂର୍ତ୍ତି ପୂର୍ବୋକ୍ତ ପ୍ରକାରେ ଦର୍ଶନ କରିବା ଲାଗି କିଛିଦିନ ଚେଷ୍ଟା କରି ତା ପରେ ନିଜ ମୂର୍ତ୍ତି ଦର୍ଶନ ଅଭ୍ୟାସ କରିବେ ।

(୪) ଉଭୟେ ପାଖାପାଖି ଏକ ଆସନରେ ବା ପୃଥକ୍ ଆସନରେ ବସି ଚକ୍ଷୁ ମୁଦ୍ରିତ କରି ଚିନ୍ତା କରିବେ ଯେ ନିଜ ଦେହର ପ୍ରତ୍ୟେକଟି ଅଙ୍ଗ-ପ୍ରତ୍ୟେକ ସହଯୋଗୀର ଠିକ୍ ସେହି ସେହି ଅଙ୍ଗପ୍ରତ୍ୟଙ୍ଗ ସହିତ ମିଶି ଏକାକାର ହୋଇଯାଉଛି । ଏହିପରି ଭାବରେ ଧ୍ୟାନ କରୁକରୁ ଯେତେବେଳେ ଧାରଣା ଜନ୍ମିବ ଯେ ଦୁଇଦେହ ଦୁଇଟି ପୃଥକ୍ ବସ୍ତୁ ନୁହେଁ ବା ପୃଥକ ଆସନସ୍ଥିତ ବି ନୁହେଁ ସେତେବେଳେ ସ୍ୱାମୀ ବାମାବର୍ତ୍ତରେ ଓ ସ୍ତ୍ରୀ ଦକ୍ଷିଣାବର୍ତ୍ତରେ ବିଧି ଅନୁଯାୟୀ ଜଗନ୍ମଙ୍ଗଳ ସଙ୍କଳ୍ପପୂର୍ବକ ଶକ୍ତି ସଂଚାଳକ ପରିଭ୍ରମଣ କରିବାକୁ ଲାଗିବେ । ପରିଭ୍ରମଣ ବିଷୟଟି ନିମ୍ନୋକ୍ତ ଅଷ୍ଟମ ପ୍ରଣାଳୀରେ ବର୍ଣ୍ଣିତ ହୋଇଅଛି ।

(୫) ସ୍ୱାମୀ ଓ ସ୍ତ୍ରୀ ମୁହାଁମୁହିଁ ହୋଇ ବସି ପୂରକ ସହିତ ପୂରକ ଓ ରେଚକ ସହିତ ରେଚକ ମିଳାଇ ବିଶୀଷ୍ଟାୟାମ ନାମକ ସ୍ୱଳ୍ପବଳସାଧ୍ୟ ପ୍ରାଣାୟାମ କରୁ କରୁ ନାମଜପ କରିବେ । ଦମ୍ପତିଙ୍କର ଦୈନନ୍ଦିନ ଅଜପାସଂଖ୍ୟାର ତାରତମ୍ୟ ହେତୁ ପ୍ରଥମେ ପ୍ରଥମେ ଶ୍ୱାସ ସହିତ ଶ୍ୱାସ ମିଳାଇବାକୁ ଗଲେ ପ୍ରାଣବାୟୁ ଉପରେ କିଞ୍ଚିତ ବଳପ୍ରୟୋଗ ଆବଶ୍ୟକ ହୋଇପାରେ । ସେସବୁ କ୍ଷେତ୍ରରେ ଶକ୍ତିସାମ୍ୟ ଅଭ୍ୟାସର କାଳ ପ୍ରଥମାବସ୍ଥାରେ ଅତି ସଂକ୍ଷିପ୍ତ ହେବା ଆବଶ୍ୟକ, ନତୁବା "ହିତେ ବିପରୀତ" ଘଟିପାରେ । ପରେ ଅଭ୍ୟାସ ଗୁଣରେ ଉଭୟଙ୍କର ଅଜପାର ପାର୍ଥକ୍ୟ

ଆଂଶିକ ରୂପେ ଦୂରୀଭୂତ ହୋଇଗଲେ ଦୀର୍ଘକାଳ ଅଭ୍ୟାସ କରାଯାଇପାରେ ।

(୬) ପଞ୍ଚମ ପ୍ରଣାଳୀରେ ହିଁ ସହଜାୟାମ ନାମକ ବଳପ୍ରୟୋଗ-ବର୍ଜିତ ସ୍ୱାଭାବିକ ପ୍ରାଣାୟାମ ସହକାରେ ଶ୍ୱାସ-ପ୍ରଶ୍ୱାସର ରେଚକରେ ରେଚକ ଓ କୁମ୍ଭକରେ କୁମ୍ଭକ ମିଳାଇ ଶକ୍ତିସାମ୍ୟ ହୁଏ । ଯେଉଁମାନେ ଦଶ ପନ୍ଦର ଦିନ ବିଶିଷ୍ଟାୟାମ ସହକାରେ ପଞ୍ଚମ ପ୍ରଣାଳୀ ଅଭ୍ୟାସ କରି ତା ପରେ ସହଜାୟାମ ପ୍ରଣାଳୀ ଧରନ୍ତି, ସେମାନଙ୍କର ସାଫଲ୍ୟ ଦ୍ରୁତ ଅର୍ଜିତ ହୁଏ ।

(୭) ପୂରକରେ ରେଚକ ଓ ରେଚକରେ ପୂରକ ମିଳାଇ ପଞ୍ଚମ ପ୍ରଣାଳୀ ଅଭ୍ୟାସ କଲେ ମଧ୍ୟ ଶକ୍ତିସାମ୍ୟ ହୁଏ । ଯେଉଁଠି ସ୍ୱାମୀ ସ୍ତ୍ରୀଙ୍କର ଭଲ ପଡ଼େ ନାହିଁ, ସେଠାରେ ଏହି ପ୍ରଣାଳୀ ଅବଲମ୍ବନୀୟ । ଏହାଦ୍ୱାରା ଅତି ଅଳ୍ପ ସମୟ ମଧ୍ୟରେ ଉଭଙ୍କର କଳହ-ପ୍ରବୃତ୍ତି ହ୍ରାସ ପାଏ । ଏହାଦ୍ୱାରା ପଞ୍ଚମ ପ୍ରଣୋଳୀ ଅନୁରୂପ ଶକ୍ତିସାମ୍ୟ ହୁଏ । ଯେଉଁଠି ସ୍ୱାମୀ ସ୍ତ୍ରୀଙ୍କର ଭଲ ପଡୁଥାଏ ସେଠାରେ ଏହା ଅଭ୍ୟାସ କଲେ କ୍ଷତିର ଆଶଙ୍କା ନାହିଁ କିନ୍ତୁ ଏହା ସେତେପ୍ରୟୋଜନୀୟ ନୁହେଁ ।

(୮) ଆଉ ଏକ ପ୍ରକାର ଶକ୍ତିସାମ୍ୟ ଅଛି ଯାହା ଷଷ୍ଠ ପ୍ରଣାଳୀ ଅପେକ୍ଷା ଉତ୍କୃଷ୍ଟ ନ ହେଲେ ମଧ୍ୟ ସ୍ଥଳ ବିଶେଷରେ ବିଶେଷ ଉପଯୋଗୀ । ଜଗତର ମଙ୍ଗଳସଂକଳ୍ପ ପୂର୍ବକ ଦେହ ମଧ୍ୟରେ ଶକ୍ତିସଂଚାଳକ ପରିଭ୍ରମଣ କରିବା ସମୟରେ ସ୍ୱାମୀ ଯଦି ନିଜ ଦେହକୁ ସ୍ତ୍ରୀର ଦେହ ବୋଲି ଓ ସ୍ତ୍ରୀ ଯଦି ନିଜ ଦେହକୁ ସ୍ୱାମୀର ଦେହ ବୋଲି ଧ୍ୟାନ କରନ୍ତି ଏବଂ ପରସ୍ପର ଦେହ ରୂପାନ୍ତରିତ ହୋଇଛି ବୋଲି ଜାଣି ବିପରୀତ-କ୍ରମରେ ଅଗ୍ରସର ହୁଅନ୍ତି ତାହାହେଲେ ଏଭଳି ଶକ୍ତିସାମ୍ୟ ସାଧିତ ହୁଏ । ଅଖଣ୍ଡମାନଙ୍କର ଦୈନିକ ଉପାସନା ପ୍ରଣାଳୀରେ ବିଧାନ ରହିଅଛି ଯେ ପ୍ରତ୍ୟହ ଚାରିଥର ଉପାସନା କରିବା ସମୟରେ ନାମ ଜପର ଅବ୍ୟବହିତପୂର୍ବରୁ ସେମାନେ ତିନିଥର, ସାତଥର ବା ଅସଂଖ୍ୟ ଥର ଜଗନ୍ମଙ୍ଗଳ ସଂକଳ୍ପ ଅବଶ୍ୟ କରିବେ । ସେହି ସମୟରେ ସେମାନେ ଯୌଗିକ ପରିଭ୍ରମଣ କ୍ରିୟାଟି କରନ୍ତି । ଏହି ପରିଭ୍ରମଣ ସମୟରେ ସମଗ୍ର ଶରୀରଟି ମଧ୍ୟରେ ଏହି ସଂକଳ୍ପ ବାକ୍ୟ ମନେ ମନେ ସର୍ବକ୍ଷଣ ଉଚ୍ଚାରଣ କରିବାକୁ ହୁଏ ଓଁ ଜଗନ୍ମଙ୍ଗଳୋଽହଂ ଭବାମି, ମୁଁ

ଜଗତର ମଙ୍ଗଳକାରୀ ହେଉଅଛି । ଏହିପରି ଭାବରେ ଦେହରେ ପ୍ରଧାନ ପ୍ରଧାନ ଅଙ୍ଗରେ ଜଗନ୍ମଙ୍ଗଳ-ଚିନ୍ତନର ଏକ ପରମ ଶୁଭପ୍ରଦ ଛାପ ପଡ଼ିଯାଏ, ଯାହା ଫଳରେ ଦେହ ଓ ଅଙ୍ଗ-ପ୍ରତ୍ୟଙ୍ଗଗୁଡ଼ିକ ଜଗନ୍ମଙ୍ଗଳ-ବିରୋଧୀ କାର୍ଯ୍ୟରୁ ପ୍ରତିନିବୃତ୍ତ ରହିବାର ପ୍ରବଣତା ଲାଭ କରନ୍ତି । କିନ୍ତୁ ପୁରୁଷମାନେ ସେହି ଶକ୍ତିସାମ୍ୟ ଦକ୍ଷିଣାବର୍ତ୍ତରେ କରନ୍ତି ଅର୍ଥାତ୍ ବାଁଆଡୁ ଆରମ୍ଭ କରି ଦକ୍ଷିଣ ଦିଗକୁ ଯାଆନ୍ତି ଓ ନାରୀମାନେ ବାମାବର୍ତ୍ତରେ କରନ୍ତି । ଦାମ୍ପତ୍ୟ ଶକ୍ତି-ସାମ୍ୟ କ୍ଷେତ୍ରରେ ଆବର୍ତ୍ତନର ବିଧି ଉପାସନା-ପ୍ରଚଳିତ ବିଧିର ବିପରୀତ ହେବ । ଅର୍ଥାତ୍ ସ୍ୱାମୀ ସ୍ତ୍ରୀଲୋକର ବିଧିରେ ପରିଭ୍ରମଣ କରିବେ ଓ ସ୍ତ୍ରୀ ପୁରୁଷର ବିଧିରେ ପରିଭ୍ରମଣ କରିଯିବେ । ଏକ ଅପରର ବିଧିରେ ପରିଭ୍ରମଣ କରିବାର ନାମ ବିପରୀତ କ୍ରମ । ଉପାସନା ସମୟରେ ଯାହା ପକ୍ଷରେ ଯାହା କରଣୀୟ ତାକୁ କୁହାଯାଏ ଅବିପରୀତ କ୍ରମ । ଅବିପରୀତ କ୍ରମ ବିଷୟ ତଳେ ଦିଆଗଲା ।



ଚିତ୍ର ୨ ପୁରୁଷର ପରିଭ୍ରମଣ

ପରିଭ୍ରମଣର ଅ-ବିପରୀତ ବା ସ୍ୱାଭାବିକ କ୍ରମ (ପୁରୁଷ ପକ୍ଷରେ) ଏକୋଇଶ ଥର ଅଶ୍ୱିନୀ ମୁଦ୍ରା ବା ଯୋନିମୁଦ୍ରା କରି ଲିଙ୍ଗ ମୂଳରେ(ସ୍ୱାଧିଷ୍ଠାନରେ), ତା ପରେ ଧୀରେ ଧୀରେ ଲିଙ୍ଗାଗ୍ରରେ ତା ପରେ ଲିଙ୍ଗ ମୂଳକୁ ଫେରିଯାଇ ସେଠାରୁ ବାମ ଅଣ୍ଡକୋଷରେ, ବାମ ପାଦରେ, ବାମ ନଖାଗ୍ରଗୁଡ଼ିକ ଦେଇ ଅଷ୍ଠାକୁ ଆସି ମେରଦଣ୍ଡର ଶେଷ ପ୍ରାନ୍ତରେ ମେରଦଣ୍ଡ ଦେଇ ବାମସ୍କନ୍ଧ ଉପରଦେଇ ବାମ ହସ୍ତ ଓ ଆଙ୍ଗୁଳିଗୁଡ଼ିକ ଶେଷ ଭାଗରେ (ପ୍ରଥମେ ବୁଢ଼ା ଅଙ୍ଗୁଣ୍ଠି ତା ପରେ ତର୍ଜନୀ ଓ ଏହି କ୍ରମରେ ସବଶେଷରେ କାଣି ଆଙ୍ଗୁଣ୍ଠି) ତା ପରେ କାନ୍ଧ ଓ ବେକମୁଣ୍ଡା ଉପର ଦେଇ ମସ୍ତିଷ୍କରେ, ମସ୍ତିଷ୍କରେ ଦକ୍ଷିଣାବର୍ତ୍ତିରେ ଟିକିଏ ବେଶି ସମୟ ରହି ତିନଥର ପରିଭ୍ରମଣ କରି ମସ୍ତିଷ୍କରୁ ପୁନର୍ବାର ବେକ ମୁଣ୍ଡ ଉପର ଦେଇ ଦକ୍ଷିଣ ହସ୍ତରେ, ତା ପରେ ମେରୁଦଣ୍ଡ ଦେଇ ଦକ୍ଷିଣ ପାଦ ଓ ପାଦ ନଖାଗ୍ର ଦେଇ ଦକ୍ଷିଣ ଅଣ୍ଡକୋଷକୁ ଆସି ପୁନର୍ବାର ଲିଙ୍ଗମୂଳରେ ।

(ନାରୀ ପକ୍ଷରେ) ଏକୋଇଶି ଥର ଅଶ୍ୱିନିମୁଦ୍ରା ବା ଯୋନିମୁଦ୍ରା ଅଭ୍ୟାସ କରି ଯୋନି, ଜରାୟୁ, ବାମ ଡିମ୍ବାଧାର, ଦକ୍ଷିଣ ଡିମ୍ବାଧାର, ପୁନର୍ବାର ଜରାୟୁ ଓ ଯୋନିକୁ ଆସି ଦକ୍ଷିଣ ପାଦରେ, ପାଦନଖାଗ୍ରଗୁଡ଼ିକ ଦେଇ ଅଷ୍ଠାକୁ ଆସି ମେରୁଦଣ୍ଡର ଶେଷ ପ୍ରାନ୍ତରେ, ମେରୁଦଣ୍ଡ ଦେଇ ଦକ୍ଷିଣ ସ୍କନ୍ଧ ଦେଇ ଡାହାଣ ହାତ ଓ ଆଙ୍ଗୁଠିଗୁଡ଼ିକର ଶେଷ ସୀମାରେ (ସର୍ବପ୍ରଥମେ ବୁଢ଼ା ଆଙ୍ଗୁଣ୍ଠି) ତା ପରେ କାନ୍ଧ ଓ ବେକ ମୁଣ୍ଡା ଉପର ଦେଇ ମସ୍ତିଷ୍କରେ ଟିକିଏ ବେଶି ସମୟ ରହି ତିନିଥର ଅଥବା ବାରମ୍ବାର ବାମାବର୍ତ୍ତରେ ପରିଭ୍ରମଣ କରି ମସ୍ତିଷ୍କରୁ ପୁନର୍ବାର ବେକମୁଣ୍ଡା ଦେଇ ବାମ ହସ୍ତରେ, ତା ପରେ ମେରୁଦଣ୍ଡ ଦେଇ ବାମ ପାଦରେ ଓ ଜନନେନ୍ଦ୍ରିୟରେ ।

ଅଷ୍ଟମ ପ୍ରଣାଳୀ ବ୍ୟତୀତ ଆଉ ସବୁ ପ୍ରଣାଳୀଗୁଡ଼ିକ ଗୁରୁଶିଷ୍ୟ, ଦୁଇ ଗୁରୁଭ୍ରାତା, ଦୁଇ ଗୁରୁଭଗିନୀ; ଏକ ସାଧନ-ଧର୍ମାବଲମ୍ବୀ ବିଭିନ୍ନ ଗୁରୁଙ୍କର ଶିଷ୍ୟଦ୍ୱୟ ମଧ୍ୟରେ ଆବଶ୍ୟକତା ଦୃଷ୍ଟିରୁ ଯେ ଚଳି ନ ପାରିବ ତାହା ନୁହେଁ । କିନ୍ତୁ ପୁରୁଷ ଗୁରୁ ଓ ସ୍ତ୍ରୀ ଶିଷ୍ୟ, ସ୍ତ୍ରୀ ଗୁରୁ ଓ ପୁରୁଷ ଶିଷ୍ୟ, ଗୁରୁଭ୍ରାତା ଓ ଗୁରୁଭଗିନୀ (ଯେଉଁମାନେ ଦମ୍ପତି ନୁହନ୍ତି)ଙ୍କ ମଧ୍ୟରେ ଏହା ଏକାବେଳେ ନିଷିଦ୍ଧ ।

ପୂର୍ବୋକ୍ତ ଶକ୍ତିସାମ୍ୟ ପ୍ରକ୍ରିୟାଗୁଡ଼ିକ ଆବଶ୍ୟକତା ଅନୁଯାୟୀ ଅଭ୍ୟସ୍ତ ହୋଇଗଲା ପରେ ଅଥବା ଦାମ୍ପତ୍ୟ ସାଧକ-ସାଧିକା ନିଜକୁ ଉପଯୁକ୍ତ ମନେ କଲେ, ପରସ୍ପରର ଦେହ-ସମ୍ପର୍କମୂଳକ ଅଥଚ ଇନ୍ଦ୍ରିୟ-ଚର୍ଚ୍ଚାବିରହିତ ନିମ୍ନଲିଖିତ ପ୍ରଣାଳିଗୁଡ଼ିକ ସ୍ଥଳବିଶେଷରେ ଅନୁସୃତ ହୋଇପାରେ ।

(୯) ଦ୍ୱିତୀୟ ପ୍ରଣାଳୀ ଅଭ୍ୟାସ କଲାବେଳେ ଉତ୍ତାନଭାବରେ ରକ୍ଷିତ ସ୍ୱାମୀର କରତଳଦ୍ୱୟ ଉପରେ ସ୍ତ୍ରୀ ତାର କରତଳଦ୍ୱୟ ଉତ୍ତାନ ଭାବରେ ରଖିବେ । ଦ୍ୱିତୀୟ ପ୍ରଣାଳୀ ଅବଲମ୍ବନରେ ଯେଉଁମାନେ ଉନ୍ନତି ପଥରେ କିଛିଟା ଅଗ୍ରସର ହୋଇଥିବେ, ସେମାନେ ଏହି ପ୍ରଣାଳୀ ଦ୍ୱାରା ଅପେକ୍ଷାକୃତ ଅଧିକ ଫଳ ଲାଭ କରିବେ ।



ଚିତ୍ର ୩ ନାରୀର ପରିଭ୍ରମଣ

(୧୦) ତୃତୀୟ ପ୍ରଣାଳୀ ଅଭ୍ୟାସ କରିବା ସମୟରେ ସ୍ୱାମୀର ଉତ୍ତାନ ଭାବରେ ରକ୍ଷିତ କରତଳଦ୍ୱୟ ଉପରେ ସ୍ତ୍ରୀ ତାଙ୍କର କରତଳଦ୍ୱୟ ଉତ୍ତାନ ଭାବରେ ରଖିବେ । ତୃତୀୟ ପ୍ରଣାଳୀ ଅପେକ୍ଷା ଏହା ଅଧିକ ଫଳପ୍ରଦ ।

(୧୧) କରତଳ ଉପରେ କରତଳ ରଖି ପଞ୍ଚମ ପ୍ରଣାଳୀ ଅଭ୍ୟାସ କରିବାକୁ ହେବ । ଯେତେବେଳେ ଯାହାର କରତଳ ନିମ୍ନରେ ରହିଥିବ ସେ ନିଜ ବୃଦ୍ଧାଙ୍ଗୁଷ୍ଠ ଦ୍ୱାରା ଅପରର କରତଳେ ମୃଦୁଚାପ ଦେଇ ଶ୍ୱାସ ଗ୍ରହଣର ସଙ୍କେତ ଦେବେ ଏବଂ ପ୍ରଶ୍ୱାସ ତ୍ୟାଗର ସଙ୍କେତ ଅପରର କରତଳୁ ବୃଦ୍ଧାଙ୍ଗୁଠିକୁ ଉଠାଇ ନେବା ଦ୍ୱାରା ଜଣାଇବେ । ପଞ୍ଚମ ପ୍ରଣାଳୀ ଅପେକ୍ଷା ଏହା ଅଧିକ ଫଳପ୍ରଦ ।

(୧୨) କରତଳ ଉପରେ କରତଳ ରଖି ଷଷ୍ଠ ପ୍ରଣାଳୀ ଅଭ୍ୟାସ କରିବାକୁ ହେବ ଏବଂ ଏକାଦଶ ପ୍ରଣାଳୀ ବର୍ଣ୍ଣିତ କୌଶଳ ଅବଲମ୍ବନପୂର୍ବକ ଶ୍ୱାସପ୍ରଶ୍ୱାସ ମିଳାଇବାକୁ ହେବ ।

(୧୩) ସହଜାୟାମ ପ୍ରଣାୟାମ ଅର୍ଥାତ ବଳ-ପ୍ରୟୋଗ-ବର୍ଜିତ ସ୍ୱାଭାବିକ ଶ୍ୱାସପ୍ରଶ୍ୱାସ ସହିତ ଦୀକ୍ଷାପ୍ରାପ୍ତ ନାମର ଏକାକ୍ଷର ବୀଜମନ୍ତ୍ର ଜପ କରି କରି କରତଳ ଉପରେ କରତଳ ରଖି ଭ୍ରୂମଧ୍ୟସେବୀ ମୁଦ୍ରିତ ନୟନରେ ସ୍ୱୟଂ-ସ୍ଫୂର୍ତ୍ତ ଦିବ୍ୟରୂପର

ଚିତ୍ର ୪

ପ୍ରତୀକ୍ଷା କରି ଶ୍ୱାସ, ପ୍ରଶ୍ୱାସ, ଆଭ୍ୟନ୍ତରବୃତ୍ତି ଓ ବାହ୍ୟବୃତ୍ତିକୁ ମିଳାଇ ଏହି ଚାରିଗୋଟି ଅବସ୍ଥାର କ୍ରିୟା କରିବାକୁ ହେବ । ଶ୍ୱାସ ଗ୍ରହଣ ପରେ ଓ ପ୍ରଶ୍ୱାସ ତ୍ୟାଗ ପୂର୍ବରୁ ଯେଉଁ ସ୍ୱଳ୍ପକାଳ ଶ୍ୱାସବାୟୁ ସ୍ଥିରଥାଏ, ତାର ନାମ ଆଭ୍ୟନ୍ତର ବୃତ୍ତି । ପ୍ରଶ୍ୱାସ ତ୍ୟାଗ ପରେ ଓ ଶ୍ୱାସ ଗ୍ରହଣ ପୂର୍ବରୁ ଯେଉଁ ସ୍ୱଳ୍ପକାଳ ବାୟୁ ସ୍ଥିରଥାଏ ତାର ନାମ ବାହ୍ୟବୃତ୍ତି । କଥିତ ଅଛି, ଶକ୍ତିସାମ୍ୟର ପ୍ରଣାଳୀଗୁଡ଼ିକ ମଧ୍ୟରେ ଏହାହିଁ ସର୍ବଶ୍ରେଷ୍ଠ ଓ ପରାକାଷ୍ଠା ।

ଉପରୋକ୍ତ ଦେହସ୍ପର୍ଶମୂଳକ ଶକ୍ତିସାମ୍ୟ ଅଭ୍ୟାସ କାଳରେ ଯଦି ଦୈବାତ୍ କାମୋତ୍ତେଜନା ଉଦ୍ଦୀପ୍ତ ହୁଏ, ତେବେ ନିମ୍ନଲିଖିତ ଶକ୍ତିସାମ୍ୟ ପ୍ରଣାଳୀଗୁଡ଼ିକ ଅଭ୍ୟାସ କଲେ ଅଭାବନୀୟ ଫଳ ଲାଭ ହେବ ।

(୧୪) କରେ-କରତଳ ସ୍ଥାପନ ପୂର୍ବକ ପରସ୍ପରର ଶ୍ୱାସ-ପ୍ରଶ୍ୱାସରେ ମେଳ ରଖି ଗୁହ୍ୟଦେଶ ଆକର୍ଷଣ ସମୟରେ ଶ୍ୱାସ ଗ୍ରହଣ ଓ ଆକୁଞ୍ଚନ ପରିହାର ସମୟରେ ପ୍ରଶ୍ୱାସ ତ୍ୟାଗ କରି ଅଶ୍ୱିନୀ ମୁଦ୍ରା ଅଭ୍ୟାସ କରିବାକୁ ହେବ ।

(୧୫) କରେ-କରତଳ ସ୍ଥାପନ ପୂର୍ବକ ଶ୍ୱାସ ପ୍ରଶ୍ୱାସରେ ମେଳ ରଖି ଉପସ୍ଥ ଆକର୍ଷଣ ସମୟରେ ଶ୍ୱାସ ଗ୍ରହଣ ଓ ଆକୁଞ୍ଚନ ପରିହାର ସମୟରେ ପ୍ରଶ୍ୱାସ ତ୍ୟାଗକରି ସନ୍ଧିନୀ ମୁଦ୍ରା ଅଭ୍ୟାସ କରିବାକୁ ହେବ। କିନ୍ତୁ ଗୋଟିଏ ବିଷୟରେ ସାବଧାନତା ଅବଲମ୍ବନ କରିବାକୁ ହେବ ଯେ ଅଶ୍ୱିନୀ ମୁଦ୍ରା ଅଭ୍ୟାସର ଅବ୍ୟବହିତ ପରେ କେବଳ ସନ୍ଧିନୀ ମୁଦ୍ରା କରଣୀୟ, ଅନ୍ୟ ସମୟରେ ନୁହେଁ ।

(୧୬) ଚତୁର୍ଦ୍ଦଶ ଓ ପଞ୍ଚଦଶ ପ୍ରଣାଳୀ ଅନୁଯାୟୀ ସମସ୍ତ ପ୍ରକ୍ରୀୟା କରସାରି ସ୍ୱାମୀ ଓ ସ୍ତ୍ରୀ ଅଶ୍ୱିନୀ ଓ ସନ୍ଧିନୀ ମୁଦ୍ରା ଅଭ୍ୟାସ କରିବାକୁ ଲାଗିବେ । ପୂର୍ବୋକ୍ତ ନବମରୁ ତ୍ରୟୋଦଶ ପ୍ରଣାଳୀ ପର୍ଯ୍ୟନ୍ତ ଦେହସ୍ପର୍ଶମୂଳକ ଶକ୍ତିସାମ୍ୟ ପ୍ରକ୍ରିୟା ଦ୍ୱାରା ଯେଉଁମାନଙ୍କର କାମୋତ୍ତେଜନା ଘଟିବାର କୌଣସି ଆଶଙ୍କା ନାହିଁ ସେମାନେ ମଧ୍ୟ ଚତୁର୍ଦ୍ଦଶ, ପଞ୍ଚଦଶ ଓ ଷୋଡ଼ଶ ପ୍ରଣାଳୀ ଅଭ୍ୟାସ ଦ୍ୱାରା ବିଶେଷ ଲାଭବାନ ହେବେ, ଯେହେତୁ ଏହି ତିନୋଟି ପ୍ରଣାଳୀ ଦ୍ୱାରା ଇନ୍ଦ୍ରିୟ-ସଂଯମ-ସାମର୍ଥ୍ୟ ଓ କାମ-ଦମନ ଶକ୍ତି ଅସାଧାରଣ ଭାବରେ ବର୍ଦ୍ଧିତ ହୁଏ ଯାହା ଇନ୍ଦ୍ରିୟ ଉପଭୋଗର ସାମର୍ଥ୍ୟ ମଧ୍ୟ ବଢ଼ାଏ ।

ଯେଉଁ ଦମ୍ପତିମାନେ ଏକ ଶଯ୍ୟାରେ ଶୟନ କରନ୍ତି, ସେମାନଙ୍କ ପାଇଁ ଆଉ କେତୋଟି ଶକ୍ତିସାମ୍ୟ ପ୍ରଣାଳୀ ଗୃହସ୍ଥ-ମହାପୁରୁଷମାନେ ବ୍ୟବସ୍ଥା କରିଛନ୍ତି । ତନ୍ମଧ୍ୟରୁ ଗୋଟିକର ନାମ "କନ୍ୟକା-ପଣାଳୀ" ଓ ଅନ୍ୟଟିର ନାମ "ଶୃଙ୍ଗାରୀ ପ୍ରଣାଳୀ" ।

କନ୍ୟକା-ପଣାଳୀ : କନ୍ୟକା ପ୍ରଣାଳୀରେ ପତ୍ନୀ ନିଜ ପୃଷ୍ଠକୁ ସ୍ୱାମୀର ବକ୍ଷ ସଂଲଗ୍ନ କରି ବାମ ପାର୍ଶ୍ୱରେ ଶୟନ କରିବେ ଏବଂ ଉଭୟେ ପରସ୍ପରର ଶ୍ୱାସ ସହିତ ଶ୍ୱାସ ଓ ପ୍ରଶ୍ୱାସ ସହିତ ପ୍ରଶ୍ୱାସ ମିଳାଇ ଅବିରାମ ଇଷ୍ଟନାମ ଜପ କରିବାକୁ ଲାଗିବେ । ବିଶ୍ୱର ପିତା ବିଶ୍ୱର କନ୍ୟାକୁ ବକ୍ଷରେ ଧାରଣ କରିଛନ୍ତି, ବିଶ୍ୱର କନ୍ୟା ବିଶ୍ୱର ପିତାଙ୍କ ବକ୍ଷରେ ଆଶ୍ରୟ ନେଇଛନ୍ତି, ଅନ୍ତରର ଭାବ ଏହାହିଁ ହେବ ।

ଶୃଙ୍ଗାରୀ ପ୍ରଣାଳୀ : ଶୃଙ୍ଗାରୀ ପ୍ରଣାଳୀରେ ସ୍ୱାମୀ ନିଜର ବାମ ପାର୍ଶ୍ୱରେ ଓ ପତ୍ନୀ ନିଜର ଦକ୍ଷିଣ ପାର୍ଶ୍ୱରେ ଶୟନ କରି ପରସ୍ପର ବକ୍ଷ ସଂଲଗ୍ନ ଓ ଏକାନ୍ତ ସନ୍ନିହିତ ହେବେ ଏବଂ ଉଭୟେ ଉଭୟଙ୍କର ଶ୍ୱାସ ସହିତ ଶ୍ୱାସ ଓ ପ୍ରଶ୍ୱାସ ସହିତ ପ୍ରଶ୍ୱାସ ମିଳାଇ ଅବିରାମ ଶ୍ୱାସ ପ୍ରଶ୍ୱାସରେ ନାମ ଜପ କରିବାକୁ ଲାଗିବେ । ବିଶ୍ୱର ସକଳ କାନ୍ତ ବିଶ୍ୱର ସକଳ କାନ୍ତାଙ୍କୁ ଅନନ୍ତ ପ୍ରେମ ସହକାରେ ନିଜ ଭିତରେ ଗ୍ରହଣ କରୁଛନ୍ତି, ବିଶ୍ୱର ସକଳ କାନ୍ତା ବିଶ୍ୱର ସକଳ କାନ୍ତଙ୍କ ଭିତରେ ନିଜକୁ ନିମଜ୍ଜିତ କରୁଛନ୍ତି – ଏହାହିଁ ହେବ ଅନ୍ତରର ଆବେଗ ।

ଏକ ଦମ୍ପତିର ସାଧନ ଦ୍ୱାରା ବିଶ୍ୱର ସବୁ ଦମ୍ପତିଙ୍କର ସାଧନ ପରିପୂର୍ଣ୍ଣତା ଲାଭ କରୁଛି, ଏହି ବିଶ୍ୱାସହିଁ ଏ ପ୍ରଣାଳୀ ଦ୍ୱୟର ମୂଳଭିତ୍ତି । ଏହି ଉଭୟ ପ୍ରଣାଳୀ ଅଭ୍ୟାସକାରୀଙ୍କର ଶୟନକାଳୀନ ବସ୍ତ୍ର, ଶଯ୍ୟା, ଶରୀର, ମୁଖମଣ୍ଡଳ, ହସ୍ତ, ପାଦ ପ୍ରଭୃତି ସମ୍ପୂର୍ଣ୍ଣରୂପେ ଧୌତ ଓ ପରିଷ୍କୃତ ରହିବା ସଙ୍ଗତ ।

ବିଶ୍ୱାତ୍ମା ସାଧନ

ଗୋଟିଏ ସ୍ୱାମୀର ପୂର୍ଣ୍ଣତାଲାଭ ପ୍ରୟାସ ମଧ୍ୟ ଦେଇ ବିଶ୍ୱର ସବୁ ସ୍ୱାମୀଙ୍କ ପୂର୍ଣ୍ଣତା ସାଧିତ ହେଉଅଛି, ଗୋଟିଏ ପତ୍ନୀର ପୂର୍ଣ୍ଣ ପ୍ରଶାନ୍ତି ଲାଭ ମଧ୍ୟ ଦେଇ ବିଶ୍ୱର ସବୁ ପତ୍ନୀଙ୍କର ପୂର୍ଣ୍ଣ ପ୍ରଶାନ୍ତି ଅର୍ଜିତ ହେଉଅଛି, ଏହି ଭାବ ଅନ୍ତରରେ ପରିପୁଷ୍ଟ କରି

ତାରି ଉପରେ ମନକୁ ସ୍ଥିତିଶୀଳ କରିବା ଜଗତର ଏକ ସୁ-ମହତ ସାଧନ । ଏହା ଏକ ପ୍ରକାର ବିଶ୍ୱାତ୍ମାସାଧନ କହିଲେ ଚଳେ । ପରମାତ୍ମାଙ୍କ ସହିତ ନିଜକୁ ଅଭେଦ ବୋଲି ଅନୁଭବ କରି ଅଗ୍ରସର ହେବା ପଥରେ ଏହା ଏକ ନିର୍ଭରଯୋଗ୍ୟ ସୋପାନ । ବିବାହିତ ନରନାରୀ ଇଚ୍ଛା କଲେ ହିଁ ନିଜ ନିଜର ସୀମାବଦ୍ଧ ଶରୀରରେ ନିଖିଳ ବିଶ୍ୱର ସକଳ ଶରୀରକୁ ଏବଂ କୋଟି ବ୍ରହ୍ମାଣ୍ଡର ଶରୀରଙ୍କୁ ଉପଲବ୍ଧି କରିପାରନ୍ତି । ଏ ବିଷୟଟି ସୂକ୍ଷ୍ମ ଅନୁଧ୍ୟାନର ଓ ଅପରିମେୟ ସାଧନ-ସାମର୍ଥ୍ୟର ପରିଚାୟକ । ପ୍ରାତଃକାଳ, ମଧ୍ୟାହ୍ନ, ସାୟଂକାଳ ଓ ରାତ୍ରି; ଏହି ଚାରିଟି ଶକ୍ତିସାମ୍ୟ ଲାଗି ପ୍ରକୃଷ୍ଟ ସମୟ । କିନ୍ତୁ କନ୍ୟକା ଓ ଶୃଙ୍ଗାରୀ ପ୍ରଣାଳୀଦ୍ୱୟ କେବଳ ଶୟନକାଳ ବ୍ୟତୀତ ଅନ୍ୟ ସମୟରେ ବିଧେୟ ହେବ ନାହିଁ ।

ବିପରୀତ ରମଣ

ଶକ୍ତିସାମ୍ୟର ପ୍ରଣାଳୀ ବୋଲି ସ୍ୱୀକୃତ ହୋଇନାହିଁ ଅଥଚ ଶକ୍ତିସାମ୍ୟରେ ବିଶେଷ ସହାୟତା କରେ, ଏଭଳି ଆଉ ଏକ ବିଷୟର ଅବତାରଣା ଏଠାରେ ପ୍ରାସଙ୍ଗିକ ବୋଲି ମନେ କରାଯାଇପାରେ । ତାହା ହେଉଛି **ବିପରୀତ ରମଣ** । "ବିପରୀତ ରମଣ" କଥାଟି ତାନ୍ତ୍ରିକ ସମାଜରେ ନିତାନ୍ତ ଅପରିଚିତ ନୁହେଁ କିନ୍ତୁ ତଥାକଥିତ ତାନ୍ତ୍ରିକ ମାନଙ୍କର ଆଚାର ଦେଖିଲେ ମନେ ହୁଏ ଯେ ସେମାନେ ଏହାର ପ୍ରକୃତ ଅର୍ଥ ଭୁଲି ଯାଇଛନ୍ତି । ବିପରୀତ ରମଣ ବ୍ୟାପାରଟି ଦୈହିକ ବ୍ୟାପର ନୁହେଁ । ଏଥିରେ ଦେହର ରମଣ-ସୁଲଭ ନଗ୍ନତା ଓ ଆନ୍ଦୋଳନ ନ ଥାଏ । ଏହା ମୁଖ୍ୟତଃ ମାନସିକ ବ୍ୟାପାର ଏହା ଆତ୍ମିକ ରମଣ ବା ସୂକ୍ଷ୍ମ ରମଣ । ସୁଖ ଆସ୍ୱାଦନ ବିଷୟରେ ଏହାର ସାଧାରଣ ରମଣ ସହିତ ସଦୃଶ୍ୟ ଅଛି କିନ୍ତୁ ପ୍ରକ୍ରିୟାରେ କୌଣସି ସାଦୃଶ୍ୟ ନାହିଁ । ରମଣ-ଲାଳସା ହେଉଛି ସ୍ୱାମୀ ସ୍ତ୍ରୀଙ୍କର ଭଲ ପାଇବାର ଏକ ଅପରିହାର୍ଯ୍ୟ ରୂପ । କିନ୍ତୁ ନିଜର ସୁଖ ଇଚ୍ଛା ଏଠାରେ ପ୍ରବଳ ଥିବାରୁ ଏହା ଦ୍ୱାରା ପ୍ରକୃତ ସୁଖ ଲାଭ ହୁଏନାହିଁ । ପ୍ରିୟଜନର ସୁଖ ସମ୍ପାଦନ ଯେଉଁଠି ପ୍ରଧାନ ଲକ୍ଷ୍ୟ ପ୍ରକୃତ ସୁଖ ସେହିଠାରେ ହିଁ ମିଳେ । "ବିପରୀତ ରମଣ" ମାନେ ସାଧାରଣ ରମଣର ଓଲଟା ବ୍ୟାପାର । ସାଧାରଣ ରମଣରେ ଆତ୍ମସୁଖେଚ୍ଛା ପ୍ରଧାନ, ବିପରୀତ

ରମଣରେ ପର-ସୁଖେଚ୍ଛା ପ୍ରବଳ । ପର-ସୁଖେଚ୍ଛା ଯେଉଁଠି ଅତ୍ୟନ୍ତ ପ୍ରବଳ ଏବଂ ଆତ୍ମ ସୁଖେଚ୍ଛା ଏକାବେଳେକେ ମୃତ, ସେଠାରେ ବ୍ୟାପାରଟି ଦେହର ଅତୀତ ନିଶ୍ଚୟ ହେବ । ଆତ୍ମ-ସୁଖ ସମ୍ପାଦନ କାମନା ଯେଉଁଠି ଛିନ୍ନମୂଳ ଏବଂ ପର-ସୁଖ କାମନା ଯେଉଁଠି ଏକମାତ୍ର ପ୍ରେରୟିତ୍ରୀ, ସେଠାରେ ବାହ୍ୟ ଇନ୍ଦ୍ରୀୟ-ଚେଷ୍ଟା ସ୍ୱତଃ ସ୍ଥିର ହୋଇ ରହିଯାଏ । ତେଣୁ "ବିପରୀତ ରମଣ" ବ୍ୟାପାରଟି କୌଣସି ମତେ ଦୈହିକ ରମଣ ହୋଇ ନ ପାରେ । "ବିପରୀତ ରମଣ" ର ମାନେ ନୁହେଁ ଯେ ସ୍ୱାମୀ ସ୍ତ୍ରୀ ଦେହ ଦ୍ୱାରା ରମଣ କାର୍ଯ୍ୟ ପରିଚାଳିତ କରିବେ ଏବଂ ସେ ସମୟରେ ପୁରୁଷ ନାରୀବତ୍ ରହିବ ଓ ନାରୀ ପୁରୁଷବତ୍ ହେବ । କିନ୍ତୁ "ବିପରୀତ ରମଣର" ଏହିଭଳି କଦର୍ଥ କରି ଅନେକ ଧର୍ମ ନାମରେ ତାକୁ ପ୍ରଚଳନ କରିବାକୁ ପ୍ରୟାସ କରିଛନ୍ତି ଓ ସମାଜର ଅନିଷ୍ଟ କରିଛନ୍ତି । ଅଥଚ ଏହାର ପ୍ରକୃତ ଅର୍ଥ ହେଉଛି, ଦେହକୁ ନିସ୍ପନ୍ଦିତ ରଖି ଅନଗ୍ନ ଆଲିଙ୍ଗନବଦ୍ଧ ଦମ୍ପତି ପାର୍ଶ୍ୱଶାୟିତ ଅବସ୍ଥାରେ ପରସ୍ପର ପରସ୍ପରକୁ ବିପରୀତ-ଲିଙ୍ଗୀ ବୋଲି ଭାବନା କରି କରି ନିଦ୍ରାଗତ ହେବେ । ବିପରୀତ ରମଣର ସ୍ୱାମୀ ନିଜକୁ ସ୍ତ୍ରୀ ବୋଲି ଏବଂ ସ୍ତ୍ରୀ ନିଜକୁ ସ୍ୱାମୀ ବୋଲି କଳ୍ପନା କରିବେ, ସମଗ୍ର ଦେହର ଏବଂ ନିଖିଳ ଇନ୍ଦ୍ରିୟଗ୍ରାମର ଲିଙ୍ଗାନ୍ତର ପ୍ରାପ୍ତି ଧ୍ୟାନ କରିବେ, କେଶକଳାପରୁ ଆରମ୍ଭ କରି ପଦନଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶରୀରର ସ୍ତ୍ରୀ ଭାବପ୍ରାପ୍ତି ଓ ପୁରୁଷ ଭାବପ୍ରାପ୍ତି ଧ୍ୟାନ କରିବେ । ଏହି ଧ୍ୟାନକୁ ଭଲ ଭାବରେ ଜମାଇ ପାରିବା ହିଁ ବିପରୀତ ରମଣର ଅସଲ ବିଶିଷ୍ଟତା । ସ୍ୱକୀୟ ଇନ୍ଦ୍ରିୟନିଚୟର ବିପରୀତ ପରିବର୍ତ୍ତନ ଚିନ୍ତନହିଁ ବିପରୀତ ରମଣର ମୂଳ କଥା । ସ୍ୱାମୀ ଓ ସ୍ତ୍ରୀ ଭିତରେ ପାରସ୍ପରିକ ବୈଷମ୍ୟ ନିରାକରଣକଳ୍ପେ ଏହି ବିପରୀତ ରମଣର ଶକ୍ତି ଅତ୍ୟାଶ୍ଚର୍ଯ୍ୟ ଓ ଅଦ୍ଭୁତ, ଏହା ଗୃହୀ ସାଧକମାନେ ଉପଲବ୍ଧି କରିଛନ୍ତି । କିନ୍ତୁ ପୂର୍ବ ବର୍ଣ୍ଣିତ ଶକ୍ତିସାମ୍ୟ ପ୍ରଣାଳୀ ଗୁଡ଼ିକ ସହିତ ବିପରୀତ ରମଣର ଏକ ବିଶେଷ ପାର୍ଥକ୍ୟ ରହିଅଛି । ସ୍ୱାମୀ ସ୍ତ୍ରୀର ପାରସ୍ପରିକ ଅପୂର୍ଣ୍ଣତାକୁ ପୂର୍ଣ୍ଣ କରିବା ଉଭୟର ଲକ୍ଷ୍ୟ, ସ୍ୱାମୀ ସ୍ତ୍ରୀର ବିଭିନ୍ନ-ମୁଖିନୀ ମନୋଗତିକୁ ଏକ-ମୁଖିନୀ କରିବା ଉଭୟର ପ୍ରତ୍ୟକ୍ଷ ଫଳ, କିନ୍ତୁ "ଶକ୍ତିସାମ୍ୟ"ରେ ସ୍ୱାମୀ ସ୍ତ୍ରୀଙ୍କର ନିଜ ନିଜ ଜନନେନ୍ଦ୍ରିୟରେ

ଚିତ୍ତର କୌଣସି ଅଭିନିବେଶ ନାହିଁ, ବିପରୀତ ରମଣରେ ତାହା ଅଛି । ଏପରି କେତେକ ଶକ୍ତିସାମ୍ୟ ପ୍ରଣାଳୀ ଅଛି ଯେଉଁଥିରେ ସ୍ୱାମୀ ସ୍ତ୍ରୀଙ୍କୁ ପାଖାପାଖି ଏକ ଆସନରେ ବସି ନାମ ଜପ କରିବାକୁ ହୁଏ କିମ୍ବା ମୁହାଁମୁହିଁ ହୋଇ ବସି ପରସ୍ପର ଭ୍ରୂ ମଧ୍ୟରେ ଦୃଷ୍ଟି ରଖିଜଣକ ମୁଖମଣ୍ଡଳରେ ଅନ୍ୟ ଜଣକର ମୁଖମଣ୍ଡଳ ଧ୍ୟାନ କରିବାକୁ ହୁଏ ଅଥବା ଶ୍ୱାସ ସହିତ ଶ୍ୱାସ ଓ ପ୍ରଶ୍ୱାସ ମିଳାଇ ଉପବିଷ୍ଟ ଭାବେ ଅବିରତ ନାମ ଜପ କରିବାକୁ ହୁଏ । କନ୍ୟକା ଓ ଶୃଙ୍ଗରୀ ପ୍ରଣାଳୀ ଗତ ଶକ୍ତିସାମ୍ୟରେ ଏହା ଅପେକ୍ଷା ଆହୁରି ଅଭିନବ ବ୍ୟାପାର ରହିଛି କିନ୍ତୁ କୁତ୍ରାପି ଜନନ ଯନ୍ତ୍ରର ଚିନ୍ତା ନାହିଁ, ସର୍ବତ୍ର ମନକୁ ଉର୍ଦ୍ଧ୍ୱାଙ୍ଗ ସେବୀ ବିଶେଷ ଭାବେ ଭ୍ରୂମଧ୍ୟସେବୀ କରିବା ବ୍ୟବସ୍ଥା ରହିଛି । ତା'ଛଡ଼ା ସାଧାରଣ ରମଣରେ ଇନ୍ଦ୍ରିୟର ସଂଯୋଗ ଅଛି, ବ୍ୟବହାର ଅଛି, ମୈଥୁନ ପାଇଁ ଉଦ୍ୟମ ଅଛି ଏବଂ ମୈଥୁନଧର୍ମୀ ନାନା ଅଙ୍ଗବିକାର ଅଛି କିନ୍ତୁ ବିପରୀତ ରମଣରେ ସେ ସବୁ କିଛି ନାହିଁ । ବିପରୀତ ରମଣରେ ଦେହର ମିଳନ ଅଛି କିନ୍ତୁ ସେ ମିଳନ ସଂଯତ ଏବଂ ସୁରୁଚିର ଅବିରୋଧୀ । ଫଳତଃ ଏହାକୁ ଶକ୍ତିସାମ୍ୟର ଏକ ଚରମ ପ୍ରକ୍ରିୟା ବୋଲି କୁହାଯାଇପାରେ । ବିପରୀତ ରମଣର ସ୍ଥୂଳ ଅବସ୍ଥା ହେଉଛି ଆଲିଙ୍ଗନବଦ୍ଧ ହେବା କିନ୍ତୁ ଠିକ୍ ତାର ପରମୁହୂର୍ତ୍ତରୁ ରମଣର ସୂକ୍ଷ୍ମଗତି ଆରମ୍ଭ ହୋଇଯାଏ ଓ ସେତେବେଳେ ନିଜ ନିଜ ଇନ୍ଦ୍ରିୟଗତ ରୂପାନ୍ତର ବିଷୟରେ ଧ୍ୟାନ ଜମାଇବାକୁ ହୁଏ । ଧ୍ୟାନ ଯେତେବେଳେ ଜମିଯାଏ ସେତେବେଳେ ଉଭୟଙ୍କର ଶ୍ୱାସ ଓ ପ୍ରଶ୍ୱାସକୁ ମିଳାଇ ନେଇ ଅବିରତ ନାମଜପ କରିବାକୁ ହୁଏ । ନାମଜପ ଯେତେବେଳେ ଜମି ଉଠେ ସେତେବେଳେ ପ୍ରକୃତରମଣ ସୁଖସ୍ୱତଃ ଉନ୍ମେଷିତ ହୁଏ । କେବଳ ଗୋଟିଏ ଇନ୍ଦ୍ରିୟର ରମଣ ନୁହେଁ, ପ୍ରତି ଲୋମକୂପରେ ସେତେବେଳେ ରମଣ ସୁଖ ଆସ୍ୱାଦିତ ହୁଏ । ସମ୍ଭୋଗ ଲାଳସା ହୃଦୟକୁ ଆକୁଳ ବିହ୍ୱଳ କରୁଅଛି, କୌଣସି ଯୁକ୍ତି-ବିଚାର ଦ୍ୱାରା ତାକୁ ଅପସାରିତ କରି ହେଉନାହିଁ, କୌଣସି ବାଧା ପ୍ରତିବନ୍ଧନ ଉଦ୍ଦାମ ପ୍ରବୃତ୍ତିକୁ ଅଟକାଇ ରଖିପାରୁନାହିଁ, ଏହିଭଳି ନାରୀ ପୁରୁଷଙ୍କ ଲାଗି ତତ୍ତ୍ୱଦର୍ଶୀ ଯୋଗୀ ବିପରୀତ ରମଣ କୌଶଳ ଆବିଷ୍କାର କରିଥିଲେ । ଏ ଆଧୁନିକ ଯୁଗରେ ମଧ୍ୟ ବିପରୀତ ରମଣ

ସାଧନଦ୍ୱାରା ଉତ୍କଟ କାମୁକତା କବଳରୁ ଆତ୍ମରକ୍ଷା କରିପାରିଥିବା ଭାଗ୍ୟବାନ୍ ଦମ୍ପତିଙ୍କ ସଂଖ୍ୟା ଖୁବ୍ କମ୍ ନୁହେଁ । କିନ୍ତୁ ତା ବୋଲି ପ୍ରତ୍ୟେକ ଲୋକ ଯେ ଅଭ୍ୟାସ କରିବାକୁ ଅଧିକାରୀ ଏ କଥା କୁହାଯାଇ ନ ପାରେ । ନିତାନ୍ତ ସବଳଚେତା ବ୍ୟକ୍ତି ମାନଙ୍କ ପକ୍ଷରେ ଏହା ଅନାବଶ୍ୟକ ଯେହେତୁ ଏହା ବ୍ୟତୀତ ସେମାନେ କାମଜୟୀ ହୋଇପାରନ୍ତି । ଅତ୍ୟନ୍ତ ଦୁର୍ବଳଚେତା ବ୍ୟକ୍ତି ପକ୍ଷରେ ଏହା ଅନାବଶ୍ୟକ । କାରଣ ସଂକଳ୍ପରେ ଦୃଢ଼ତାର ଅଭାବ ଯୋଗୁଁ ପ୍ରାର୍ଥିତ ଜନର ସାନ୍ନିଧ ମାତ୍ରେ ସଂଯମ ବନ୍ଧନ ଛିନ୍ନ ହୋଇଯାଇପାରେ ; ମନକୁ ଧ୍ୟାନମୁଖୀ କରିବା ପୂର୍ବରୁ ଅବାଧ୍ୟ ପୂର୍ବସଂସ୍କାର ଦେହକୁ ଅବାଞ୍ଛନୀୟ ଅପକର୍ମରେ ଲିପ୍ତ କରିପାରେ; ଉନ୍ନତି ଲାଭ ଲୋଭରେ ଧାବିତ ହୋଇ ହଠାତ୍ ଦୁରନ୍ତ ଅଧୋଗତି ଘଟିପାରେ । ମଧ୍ୟଚେତା ପୁରୁଷଙ୍କ ପକ୍ଷରେ ବିପରୀତ ରମଣ ଅବଲମ୍ବନୀୟ ଏବଂ ଯେଉଁଠି ସ୍ୱାମୀ ସ୍ତ୍ରୀ ଉଭୟଙ୍କର ସଂଯମ ଆଗ୍ରହ ସମାନ ତୀବ୍ର ସେଠାରେ ଏହା ଦେବେନ୍ଦ୍ର ବାଞ୍ଛିତ ଅମୃତମୟ ଫଳ ପ୍ରଦାନ କରେ ।

ଶକ୍ତିସାମ୍ୟ ନାମରେ କୁ-ରୁଚିପୂର୍ଣ୍ଣ କଦାଚାର

ଶାକ୍ତ, ଶୈବ, ବୈଷ୍ଣବ, ବୌଦ୍ଧ ଏପରିକି କୌଣସି କୌଣସି ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଶକ୍ତିସାମ୍ୟର ଅନୁକୂଳ ଯେଉଁ ସବୁ ପ୍ରକ୍ରିୟା ଏବେ ବି ଗୁପ୍ତ ଭାବରେ ପ୍ରଚଳିତ ଅଛି, ଅନେକ ସ୍ଥଳେ ସାଧକମାନଙ୍କର ବ୍ୟବହାରିକ ଜ୍ଞାନ ଓ ବିଚାର ପରାୟଣତାର ଅଭାବବଶତଃ ଓ ଗୋପନୀୟତାର ସୁଯୋଗରେ ସେ ସବୁ ନାନା କୁତ୍ସିତ, କୁରୁଚି ଓ କଦର୍ଯ୍ୟ କଦାଚାର ଦ୍ୱାରା ସମାଚ୍ଛନ୍ନ ହୋଇ ରହିଛି । ସେହିସବୁ ଗୁପ୍ତ ସଂଘ (Esoteric Organisation) ଏଭଳି ଅଦ୍ଭୁତ କୌଶଳରେ ବ୍ୟାପକ ଭାବରେ ଲୋକ ସଂଗ୍ରହ କରନ୍ତି ଯେ ତାହା ସାଧାରଣ ଲୋକ ପକ୍ଷରେ କଳ୍ପନା କରିବା ମଧ୍ୟ ଅସମ୍ଭବ । ଯେଉଁମାନେ ସମାଜରେ ଧର୍ମ ଶିକ୍ଷକ, ସାଧକ ଓ ତତ୍ତ୍ୱଜ୍ଞ ରୂପେ ପରିଚିତ ସେହିଭଳି ଗୋଟିଏ ଶ୍ରେଣୀର ଲୋକେ ନାନା ଯୁକ୍ତି ଓ ଦୃଷ୍ଟାନ୍ତ ଦେଖାଇ, ଯେଉଁମାନଙ୍କର କୌଣସି ପ୍ରକାର ସାମାଜିକ ବନ୍ଧନ ନାହିଁ, ଏହିଭଳି ଭିନ୍ନ ଭିନ୍ନ ଶ୍ରେଣୀରୁ ଭକ୍ତ ସଂଗ୍ରହ କରି ଗୁପ୍ତ ସଂଘ ସବୁ ଗଠନ କରୁଛନ୍ତି । ଧର୍ମାଦର୍ଶ ଓ

ତତ୍ତ୍ୱବିଚାର (Philosophy and spiritual principles) କରିବାକୁ ଗଲେ ସେମାନଙ୍କ ସହିତ ତର୍କରେ ଜୟୀହେବା ବଡ଼ କଠିନ କଥା । କିନ୍ତୁ ସେମାନଙ୍କର ଆଚାର ସମୂହ ପୁରୁଷର ପରନାରୀ ସଂସର୍ଗକୁ ନାରୀର ପରପୁରୁଷ ସଂସର୍ଗକୁ ଏବଂ ନାରୀ ଓ ପୁରୁଷର ବୃଥା ମୈଥୁନକୁ ସ୍ଥଳ ବିଶେଷରେ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ କେବେ କେବେ ସର୍ବତୋଭାବରେ ସମର୍ଥନ କରିଥାଏ । ଫଳତଃ "ଇନ୍ଦ୍ରିୟ-ଜୟ ପନ୍ଥା ମିଳିଗଲା" ଭାବି ଓ "ଧର୍ମ ସାଧନା କରୁଛି" ଭାବି ଅସଂଖ୍ୟ ଧର୍ମପିପାସୁ ଗୃହୀ ଅକଥ୍ୟ ଅନାଚାର-ରତ ହୋଇ ଗୋପନରେ ନିଜର ସର୍ବନାଶ ହିଁ କରୁଛନ୍ତି । ଦାମ୍ପତ୍ୟ ଜୀବନରେ ଇନ୍ଦ୍ରିୟ-ଚେଷ୍ଟା-ବିରହିତ ଶକ୍ତିସାମ୍ୟ ବହୁଳ ଭାବରେ ପ୍ରଚଳିତ ହେଲେ, ଧର୍ମଲାଭାର୍ଥ ଏହିସବୁ ଗୁପ୍ତ ଧର୍ମ ସଭାରେ ଯୋଗଦେବା ପ୍ରଲୋଭନ ଯେ କମିଯିବ ଏଥିରେ କୌଣସି ସନ୍ଦେହ ନାହିଁ । ବିଶେଷତଃ ଭକ୍ତିଯୋଗରେ ଭଗବାନଙ୍କ ସହିତ ମନୁଷ୍ୟର ଯେଉଁ ପରମ ମଧୁର ଉଜ୍ଜ୍ୱଳ ପ୍ରେମକଥା ବର୍ଣ୍ଣିତ ହୋଇଛି, ଦାମ୍ପତ୍ୟ-ସମ୍ବନ୍ଧ ମଧ୍ୟ ଦେଇ ତାହା ସ୍ଫୁରିତ ହେବାର ଅବକାଶ ବର୍ତ୍ତମାନ ଅପେକ୍ଷା ଅଧିକ ଘଟିଲେ, ପରକୀୟା ପ୍ରୀତିର ଦୃଷ୍ଟାନ୍ତ ଯେଉଁସବୁ ସାମାଜିକ ଦୁର୍ନିତିକୁ ପ୍ରଶ୍ରୟ ଦେଇଛି ସେସବୁ ପ୍ରଶମିତ ହେବା ସଙ୍ଗେ ସଙ୍ଗେ ବିବାହର କୌଳିନ୍ୟବୃଦ୍ଧି ପ୍ରାପ୍ତ ହେବ । ଜୀବନର ସର୍ବୋଚ୍ଚ ଆକାଂକ୍ଷା ଓ ପରମ ପରିତୃପ୍ତି ସହିତ ବିବାହିତ ଜୀବନର ଯୋଗ ନଥିବାରୁ ବିବାହିତ ଜୀବନର ଉପଯୁକ୍ତ ସମ୍ମାନ ଲାଭ କରିବା ଯୋଗ୍ୟତା କମିଯାଇଛି ଏବଂ ତାର ବିପରୀତ କାରଣରୁ ସନ୍ନ୍ୟାସ-ସାଧନା କୌଳିନ୍ୟ ଲାଭ କରିଅଛି । ମୋକ୍ଷଧର୍ମ ସହିତ ସଂସାରଧର୍ମର ଏହି ଯେଉଁ ବିରାଟ ବିଚ୍ଛିନ୍ନତା, ତାହା ଦାମ୍ପତ୍ୟ ଶକ୍ତିସାମ୍ୟଦ୍ୱାରା ବିଦୂରିତ ହେବ ।

ଦୈନନ୍ଦିନ ଜୀବନ

ବ୍ରହ୍ମଚର୍ଯ୍ୟ ସମ୍ବନ୍ଧେ ଚିନ୍ତାଶୀଳ ସୁଧୀବୃନ୍ଦ ଯେଉଁ ସବୁ ସଦ୍‌ଗ୍ରନ୍ଥ ପ୍ରଣୟନ କରିଛନ୍ତି ବିବାହିତ ବ୍ୟକ୍ତିମାନେ ସେହି ସବୁ ଗ୍ରନ୍ଥ ପାଠ କରି ନିଜ ନିଜ ରୁଚି ଅନୁଯାୟୀ ଦୈନନ୍ଦିନ ଜୀବନର କର୍ମ ତାଲିକା ପ୍ରସ୍ତୁତ କରି ନେବା ଆବଶ୍ୟକ । ସେହି କର୍ମ ତାଲିକା ପ୍ରସ୍ତୁତ କରିବା ସମୟରେ ଦମ୍ପତି ନିଜ ନିଜ ଜୀବନର

ବିଶେଷ ଲକ୍ଷ୍ୟ ସହିତ ସାମଞ୍ଜସ୍ୟ ରଖି ଉକ୍ତ ତାଲିକା ପ୍ରଣୟନ କରିବା ବାଞ୍ଛନୀୟ । ଆଉ ମଧ୍ୟ ଲକ୍ଷ୍ୟ ରଖିବାକୁ ହେବ ଯେ ଥରେ କର୍ମ ତାଲିକା ପ୍ରସ୍ତୁତ ହୋଇଗଲା ପରେ ସହଜରେ ତାର ଯେପରି ବ୍ୟତିକ୍ରମ କରା ନ ଯାଏ । ନିଷ୍ଠା ଓ ଅଭିନିବେଶ ସହକାରେ ଅନୁଶୀଳନ କରିବା ମନୋବୃତ୍ତି ନ ଥିଲେ କର୍ମ ତାଲିକା ପ୍ରଣୟନ କେବଳ ଏକ ହାସ୍ୟାସ୍ପଦ ବ୍ୟାପାରରେ ପରିଣତ ହେବ । ଜୀବନକୁ ଉନ୍ନତ କରିବ, ମହତ୍ କରିବ, ସମ୍ପ୍ରସାରିତ କରିବ ଓ ବିଶ୍ୱତୋମୁଖ ବିସ୍ତାର କରିବ, ଏହି ସତ୍‌ସଂକଳ୍ପର ଉପାୟ ସ୍ୱରୂପ ତୁମେ ତୁମର କର୍ମ ତାଲିକା ପ୍ରସ୍ତୁତ କରିଅଛ, ଏହି କଥାଟି ସର୍ବଦା ସ୍ମରଣ ରଖିବାକୁ ହେବ । ଦୈନନ୍ଦିନ ଜୀବନର ମୋଟାମୋଟି ଏକ ସାଧାରଣ ତାଲିକା ଏଠାରେ ପ୍ରଦତ୍ତ ହେଲା । ପ୍ରତ୍ୟେକେ ନିଜ ନିଜର ପାରିପାର୍ଶ୍ୱିକ ଅବସ୍ଥାକୁ ଚାହିଁ ତହିଁରେ ଆବଶ୍ୟକ ପରିବର୍ତ୍ତନ କରି ନେବେ । ଯୋଗ୍ୟତର ବ୍ୟକ୍ତିଙ୍କର ଉପଦେଶ ଯେଉଁମାନେ ପାଇ ପାରିବେ ସେମାନଙ୍କର ତାକୁ ଅନୁସରଣ କରି ଚଳିବା ଉଚିତ । ମୋର ମତ ସର୍ବଶ୍ରେଷ୍ଠ ମତ ଏଭଳି କୌଣସି ଅହମିକା ଗ୍ରନ୍ଥକାରର ନାହିଁ । ବସ୍ତୁତଃ ଅଜୀର୍ଣ୍ଣ ରୋଗାକ୍ରାନ୍ତ ବିଭିନ୍ନ ବ୍ୟକ୍ତିଙ୍କୁ ରୋଗୀ ଭେଦରେ ଚିକିତ୍ସକ ବିଭିନ୍ନ ବ୍ୟବସ୍ଥା ଦେବା କଣ ଦେଖାଯାଏ ନାହିଁ ? ଯେଉଁମାନେ ଉତ୍କୃଷ୍ଟତର ଉପଦେଶ ନ ପାଇବେ ସେମାନେ ଗ୍ରନ୍ଥକାରର ଉପଦେଶ ଅନୁସରଣ କରିବାକୁ ଚେଷ୍ଟା କରିବେ । କିନ୍ତୁ ସ୍ଥାନାଭାବବଶତଃ ବିସ୍ତାରିତ ଭାବରେ ସବୁ କଥା ଏଠାରେ ଲିପିବଦ୍ଧ କରିବା ସମ୍ଭବପର ନୁହେଁ ।

ଗାତ୍ରୋତ୍ଥାନ

ରାତ୍ରି ଅନ୍ତତଃ ଏକ ଘଣ୍ଟା ଥାଇ ଗାତ୍ରୋତ୍ଥାନ ବିଧେୟ । ରାତିରେ ବେଶୀ ଡେରିରେ ନ ଶୋଇଲେ ଏହା କରିବା ସମ୍ଭବ ହେବ । ରାତିରେ ବାରମ୍ବାର ଉଠିବା ବଦଭ୍ୟାସ ବା ଅନିଦ୍ରା ରୋଗ ଥିଲେ ତାର ପ୍ରଶମନ ପ୍ରୟୋଜନ । ସେଥିପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରାଯାଇପାରେ-

(କ) ଶୟନ କାଳରେ ନାଭିମୂଳରେ (ଭ୍ରୂମଧ୍ୟରେ ନୁହେଁ) ଧ୍ୟାନ କରି ନିଦ୍ରାଗତ ହେବ ।

(ଖ) ସ୍ନାନକାଳରେ ନାଭିମୂଳରେ ଶହେ ଢାଳ ପାଣି ଢାଳି ନାଭିମୂଳ ଶୀତଳ ରଖିବେ ।

(ଗ) "ମୋର ସୁଗଭୀର ନିଦ୍ରା ଆବଶ୍ୟକ ହେବ ଏବଂ ମୁଁ ନିର୍ଦ୍ଦିଷ୍ଟ ସମୟରେ ନିଶ୍ଚୟ ନିଦରୁ ଉଠିବି", ଏଭଳି ଦୃଢ଼ ସଂକଳ୍ପ ପ୍ରତ୍ୟହ ଶୋଇବା ବେଳେ ଅଭ୍ୟାସ କରିବ ।

ଅବଶ୍ୟ ଆଲାର୍ମ ଟାଇମପିସ୍‌ରେ ଆଲାର୍ମ ଦେଇ ନିର୍ଦ୍ଦିଷ୍ଟ ସମୟରେ ଉଠିବା ଅବସ୍ଥା "ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ" ବୋଲି ଗ୍ରହଣ କରା ଯାଇପାରେ ।

କର୍ତ୍ତବ୍ୟ ଅନୁରୋଧରେ ଯେଉଁମାନଙ୍କୁ ରାତିରେ ଚେଇଁ କାମ କରିବାକୁ ହୁଏ, ଯେଉଁମାନେ ଯାତ୍ରା, ଥିଏଟର, ସଙ୍ଗୀତ ପ୍ରଭୃତି ଉପଲକ୍ଷେ ରାତ୍ରି ଅନିଦ୍ରା ହୁଅନ୍ତି, ଇନ୍ଦ୍ରିୟ-ଲିପ୍‌ସା ଯୋଗୁଁ ଯେଉଁମାନେ ରାତି-ଅନିଦ୍ରା ହେବାକୁ ବାଧ୍ୟ ହୁଅନ୍ତି, ରୋଗୀର ସେବାଶୁଶ୍ରୂଷା ପାଇଁ ଯେଉଁମାନଙ୍କୁ ରାତିରେ ଚେଇଁ ରହିବାକୁ ହୁଏ ସେମାନଙ୍କ ପକ୍ଷରେ ଘଣ୍ଟାଏ ରାତି ଥାଇ ଶଯ୍ୟା ତ୍ୟାଗ କରିବା କଠିନ ଓ କ୍ଷତିକାରକ । ସେମାନଙ୍କର ରାତ୍ରିଜାଗରଣ କାରଣଗୁଡ଼ିକ ଯଥାସାଧ୍ୟ ଏଡ଼େଇ ଚଳିବା ପ୍ରୟୋଜନ । କାରଣ ସୂର୍ଯ୍ୟ ଉଦୟର ପ୍ରାୟ ଅଧଘଣ୍ଟା ପୂର୍ବରୁ ବାୟୁମଣ୍ଡଳରେ ଯେଉଁ ଅଦ୍ଭୁତ ଭେଷଜ କ୍ରିୟା ସଂଘଠିତ ହୁଏ ତାହା ଜାଗ୍ରତ ବ୍ୟକ୍ତିର ସ୍ୱାସ୍ଥ୍ୟ ପକ୍ଷରେ ଅତ୍ୟନ୍ତ ହିତକର । ବେଦ-ରହସ୍ୟ ପାରଙ୍ଗମ ବ୍ୟକ୍ତିମାନେ କହନ୍ତି ଯେ ଶାସ୍ତ୍ରରେ ଯେଉଁ ସର୍ବରୋଗହର ଦେବବୈଦ୍ୟ ଅଶ୍ୱିନୀ କୁମାର ଦ୍ୱୟଙ୍କ କଥା ଉଲ୍ଲେଖ ଅଛି ସେମାନେ କୁଆଡ଼େ ଦିନ ରାତି ଦୁଇ ସନ୍ଧିସ୍ଥଳର ଦୁଇ ପ୍ରଦୋଷ । ପାଶ୍ଚାତ୍ୟ ପଣ୍ଡିତମାନେ କହିଛନ୍ତି ଯେ ସାରା ରାତି ଯେଉଁ ପ୍ରଚୁର ଆମୋନିୟା ବାଷ୍ପ ଉର୍ଦ୍ଧ୍ୱାକାଶରୁ ଆସି ଭୂପୃଷ୍ଠରେ ଜମାହୁଏ ଭୋର ସମୟରେ ତାହା ମନୁଷ୍ୟର ଫୁସଫୁସ ପକ୍ଷରେ ସହଜଗ୍ରାହ୍ୟ ରୂପ ଧାରଣକରି ସୂର୍ଯ୍ୟୋଦୟର ସ୍ୱାଭାବିକ ପ୍ରଭାବରେ କ୍ରମଶଃ ପୁନଃ ଉର୍ଦ୍ଧଗାମୀ ହୁଏ ।ଏହି କାରଣରୁ ଉଷାକୀର୍ତ୍ତନ, ପ୍ରାତଃଭ୍ରମଣ ପ୍ରଭୃତି କାର୍ଯ୍ୟ ଶରୀର ପକ୍ଷରେ ବିଶେଷ ହିତକର ।

ପ୍ରାତଃସ୍ନାନ

ପ୍ରାତଃସ୍ନାନ ଅଭ୍ୟାସ ନ ଥିଲେ ମଳମୂତ୍ରାଦି ପରିତ୍ୟାଗ, ବ୍ୟାୟାମ, ହସ୍ତ-ପଦ-ଦନ୍ତମୁଖ ଇତ୍ୟାଦି ପରିମାର୍ଜନ କରି ଧୌତ ବସ୍ତ୍ର ପରିଧାନ ପୂର୍ବକ ପବିତ୍ର ଆସନରେ ପବିତ୍ର ମନରେ ଉପାସନା କରିବାକୁ ବସିବ । ରାତ୍ରିରେ ଶୟନକାଳୀନ ଉପାସନା ବିଛଣାରେ ବସି କରିପାର ଏବଂ ଯେଉଁ ବସ୍ତ୍ର ପରିଧାନ କରି ଶୟନକରିବ ସେହି ବସ୍ତ୍ର ପରିହିତ ଅବସ୍ଥାରେ ଜପ, ଧ୍ୟାନ ଉପାସନାଦି କରିପାର । କାରଣ ଉଦ୍ଦେଶ୍ୟ ହେଲା ଭଗବାନଙ୍କ କାମ କରୁ କରୁ ନିଦ୍ରାଗତ ହେବା, ଯେପରି ନିଦ୍ରିତ ଅବସ୍ଥାରେ ମନ ଅନ୍ୟ ଆଡ଼କୁ ନ ଯାଏ । କିନ୍ତୁ ପ୍ରାତଃକାଳୀନ ଉପାସନା ପ୍ରକୃତରେ ଦେଖିବାକୁ ଗଲେ ତୁମର ନୂତନ ଦିବସର ନୂତନ ସୂଚନା । ତେଣୁ ସେ ସମୟର ଉପାସନାରେ ବସ୍ତ୍ର ଓ ଆସନର ପବିତ୍ରତା ଅବଶ୍ୟ ରକ୍ଷା କରିବା କର୍ତ୍ତବ୍ୟ । କେବଳ ସେହି ପବିତ୍ର କାର୍ଯ୍ୟ ଲାଗି ଯେଉଁ ବସ୍ତ୍ର ଓ ଆସନ ରଖା ଯାଇଥାଏ ତାକୁ ହିଁ ସେ ସମୟରେ ବ୍ୟବହାର କରିବ । ବହୁ ବାକ୍ୟ ବା ବହୁ ସ୍ତୋତ୍ର ଓ ଶ୍ଳୋକଦ୍ୱାରା ଭଗବାନଙ୍କୁ ପ୍ରାର୍ଥନା କରିବା ଅପେକ୍ଷା ତାଙ୍କର କୌଣସି ଗୋଟିଏ ପବିତ୍ର ନାମକୁ ସମଗ୍ର ମନ ପ୍ରାଣ ଲଗାଇ ଦୀର୍ଘକାଳ ଧୈର୍ଯ୍ୟ ସହକାରେ ଜପ କରିବା ଅଧିକତର ଫଳପ୍ରଦ । ଅବଶ୍ୟ ଏ ବିଷୟରେ କାହାର ବ୍ୟକ୍ତିଗତ ଅଭ୍ୟାସ ଉପରେ ଆମେ ହସ୍ତକ୍ଷେପ କରିବାକୁ ଚାହୁଁ ନାହିଁ । ପ୍ରଥମ ଗୋଟିଏ ଦୁଇଟି ସୁମଧୁର ସ୍ତୋତ୍ର ପାଠ କରି ତା ପରେ ନାମଜପ ଆରମ୍ଭ କଲେ ମନଃସନ୍ନିବେଶନ ଶୀଘ୍ର ହୁଏ । ନିଜ ମନର ଗତି ଓ ରୁଚି ପ୍ରତି ବିଶେଷ ଲକ୍ଷ୍ୟ ରଖି ସ୍ତୋତ୍ର ନିର୍ବାଚନ କରିବ । ସ୍ତୋତ୍ର ପରେ ସ୍ତୋତ୍ର ପାଠ କରିବା ବା ବିଭିନ୍ନ ବିଷୟକ ସ୍ତୋତ୍ର ପାଠ କରିବା ଦ୍ୱାରା କେବଳ ଗୁଡ଼ାଏ ଶ୍ରମ କରିବାକୁ ହୁଏ କିନ୍ତୁ ଲାଭ ଖୁବ୍ ଅଳ୍ପ ହୁଏ । ଗୋଟିଏ ସୁନିର୍ବାଚିତସ୍ତୋତ୍ର ପ୍ରତ୍ୟହ ପାଠ କଲେ ସେହି ସ୍ତୋତ୍ରର ପ୍ରତ୍ୟେକଟି ଅକ୍ଷରରୁ ମଧୁରସ ନିର୍ଗତ ହେବାକୁ ଲାଗେ ଏବଂ ପୂର୍ବରୁ ଯାହାର ଅର୍ଥ ବୁଝି ହେଉ ନ ଥିଲା କିଛିକାଳ ପରେ ତାର ଅର୍ଥ ବିନା ଆୟାସରେ ହୃଦୟଙ୍ଗମ ହୋଇଯାଏ । ନାମଜପରେ ଯେପରି ଏକନିଷ୍ଠା ହିତକର ସ୍ତୋତ୍ର ପାଠରେ ମଧ୍ୟ ତଦ୍ରୂପ ବୋଲି ଜାଣିବ ।

ସଂସାରିକ କାର୍ଯ୍ୟରେ ହେଉ ବା ଆଧ୍ୟାତ୍ମିକ କର୍ମରେ ହେଉ, ଏକନିଷ୍ଠ ଭଳି ଅତୀବ ପ୍ରୟୋଜନୀୟ ଜିନିଷ ଆଉ କିଛି ନାହିଁ । ଯେ ଏକନିଷ୍ଠ, ତା ପକ୍ଷରେ ହିଁ ସାଧନାରେ ସିଦ୍ଧିଲାଭ ସମ୍ଭବ । ଦେହ ଓ ମନକୁ ଗଧ ଖଟଣି ଖଟାଇବ ଅଥଚ ଲକ୍ଷ୍ୟରେ ପହଞ୍ଚି ପାରିବ ନାହିଁ, ଏଇଟା ବେହିସାବୀ କାମ । ଜପ କରିବାକୁ ହେଲେ ପ୍ରତ୍ୟହ ଗୋଟିଏ ନାମର ଆଶ୍ରୟ ନେବାକୁ ହେବ । ନିତ୍ୟ ନୂତନ ନାମ ଜପ କଲେ ନାମରୁ ରସ ଅସ୍ୱାଦନ ମିଳେନାହିଁ । ଗୋଟିଏ ନାମକୁ ଆଶ୍ରୟ କରି ଅବିଚଳିତ ନିଷ୍ଠାରେ ଦିନ ପରେ ଦିନ ଅଗ୍ରସର ହେଲେ କ୍ରମଶଃ ନାମରୁ ପ୍ରେମ ଓ ଆନନ୍ଦ ଉପଜାତ ହୁଏ, ଶକ୍ତି ଓ ଭକ୍ତି ଜାଗ୍ରତ ହୁଏ, ସଂଯମ ଓ ଶାନ୍ତି ପ୍ରସୂତ ହୁଏ । ସ୍ୱାମୀ ଓ ସ୍ତ୍ରୀ ଏକା ନାମ ଜପକରିବା ଯେ ବିଶେଷ ହିତକର, ଏ କଥାଟି ପୂର୍ବରୁ ଅନ୍ୟ ପ୍ରସଙ୍ଗରେ ଆମେ କହିଛୁ । ଯେଉଁମାନେ ଏକ ଗୁରୁଙ୍କର କୃପାପ୍ରାପ୍ତ ସେମାନେ ଏ ବିଷୟରେ ନିଶ୍ଚିନ୍ତ । କିନ୍ତୁ ସ୍ୱାମୀ ସ୍ତ୍ରୀ ବିଭିନ୍ନ ଗୁରୁଙ୍କର ଆଶ୍ରିତ ହୋଇଥିଲେ ଉଭୟଙ୍କର ସାଧନ-ଧର୍ମର ସାମଞ୍ଜସ୍ୟ ଉପଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା କରାଇ ନେଇ ତା ପରେ ଅଗ୍ରସର ହେବା କ୍ଷେତ୍ର ବିଶେଷରେ ସମୀଚୀନ । କିନ୍ତୁ ଏ ବିଷୟରେ ହଠ୍‌କାରିତା କରି କିଛି କରିବା ଉଚିତ ନୁହେଁ । ଯେଉଁଠି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସୁଗଭୀର ପ୍ରେମ ନ ଥାଏ ସେଠାରେ ଏଭଳି ସାମଞ୍ଜସ୍ୟ ବିଧାନ ପ୍ରୟାସ ବିପର୍ଯ୍ୟୟ ସୃଷ୍ଟି କରିପାରେ । ତେଣୁ ଏ କ୍ଷେତ୍ରରେ ଧୀରତା ଓ ସୁବିବେଚନାର ଅବକାଶ ରହିଛି । ଯେଉଁମାନେ ଦୀକ୍ଷିତ ନୁହନ୍ତି ବା ପ୍ରାପ୍ତ ଦୀକ୍ଷାରେ ବିଶ୍ୱାସୀ ନୁହନ୍ତି ଅଥବା ଦୀକ୍ଷା ଗ୍ରହଣରେ ଇଚ୍ଛୁକ ବା ଆଗ୍ରହୀ ନୁହନ୍ତି ସେମାନେ ନିଜର ଅଭିରୁଚି ଅନୁଯାୟୀ ଗୋଟିଏ ନିର୍ଦ୍ଦିଷ୍ଟ ନାମକୁ ଆଶ୍ରୟ କରି ଜପ କରିବେ । ଯେଉଁମାନେ ଗାୟତ୍ରୀ ମନ୍ତ୍ରରେ ବିଶ୍ୱାସୀ ସେମାନେ ଏହା ଜପ କରିପାରନ୍ତି । ଗାୟତ୍ରୀ ବା ପ୍ରଣବ ସମ୍ପର୍କରେ ଆମର ବ୍ୟକ୍ତିଗତ ମତ ଅତୀବ ଉଦାର ଓ ବ୍ୟାପକ । ଆମର ପୂର୍ବବର୍ତ୍ତୀମାନଙ୍କ ମଧ୍ୟରୁ ଅନେକ ଏ ବିଷୟଟିକୁ ଏପରି ଭାବରେ ବିଚାର କରି ନାହାନ୍ତି । ମୋର ସମସାମୟିକମାନଙ୍କ ମଧ୍ୟରୁ ଅନେକ ମୋର ଉଦାର ମତାମତ ଓ ଉଦାର ବିଶ୍ୱାସ ଯୋଗୁଁ ମୋତେ ଧର୍ମଧ୍ୱଜୀ, ଧର୍ମଦ୍ୱେଷୀ, କଳାପାହାଡ଼, ନାସ୍ତିକ, ଲୋକପ୍ରବଞ୍ଚକ

ଇତ୍ୟାଦି ସୁମଧୁର ଆଖ୍ୟାରେ ଆପ୍ୟାୟିତ କରିଛନ୍ତି । ସେ ସବୁ କଦୁକ୍ତିକୁ ମୁଁ ସ୍ତୁତିର ଶେଫାଳୀ-ବର୍ଷଣ ବୋଲି ମନେକରି ନିଜର ମତ ସର୍ବତ୍ରପ୍ରଚାର କରିଅଛି ଓ କରିବି । ଶାସ୍ତ୍ର ମୋ କଥାକୁ ସମର୍ଥନ କରେ କି ବିରୋଧ କରେ, ସେସବୁ ଦୁଷ୍ଚିନ୍ତା ମୁଁ କେବେ କରିନାହିଁ । ମୋ ମନରେ ଏହି ଗୋଟିଏ ଆକ୍ଷେପୋକ୍ତି ପ୍ରତ୍ୟହ ଧ୍ୱନିତ ଓ ପ୍ରତିଧ୍ୱନିତ ହେଉଅଛି ଯେ ଏଡେବଡ଼ ଶଙ୍କରାଚାର୍ଯ୍ୟ, ଯେ ବିନା ଅସ୍ତ୍ରରେ ସମଗ୍ର ଭାରତରେ ବୌଦ୍ଧଧର୍ମକୁ ନିର୍ଜିତ କରି ପାରିଲେ, ସେ କାହିଁକି ଏପରି କୌଣସି ଶକ୍ତି ବା ଏପରି କୌଣସି ଅସ୍ତ୍ର ଏ ଜାତିଟାର ବାହୁରେ ବା କରଯୁଗଳରେ ଦେଇ ନ ପାରିଲେ ଯଦ୍ଦ୍ୱାରା ପଶ୍ଚିମାଗତ ଦୁର୍ଦ୍ଦାନ୍ତ ଇସଲାମର ଭାରତ-ପ୍ରବେଶ ବନ୍ଦ କରାଯାଇ ପାରିଥାନ୍ତା । ଭାରତ ଆଦିସଭ୍ୟତାର ପୀଠ ବୋଲି ଯେଉଁ ଭାରତୀୟମାନେ ଗର୍ବ କରନ୍ତି ସେମାନଙ୍କ ଆଚରଣରେ କଣ ତ୍ରୁଟି ହେଲା ଯେଉଁଥିପାଇଁ ସେମାନେ ଶତାବ୍ଦୀ ପରେ ଶତାବ୍ଦୀ ବିଧର୍ମୀମାନଙ୍କ ପଦାଘାତ ନୀରବରେ ସହ୍ୟ କରିବାକୁ ବାଧ ହେଲେ । କଣ ସେହି ମହାବସ୍ତୁ, ଯାହାର ଅଧିକାରୀ ହେବା ସୌଭାଗ୍ୟରୁ ଜାତିର ଅଧିକାଂଶ ନରନାରୀଙ୍କୁ ବଞ୍ଚିତ କରି ରଖିବା ଯୋଗୁଁ ଭାରତୀୟ ସଭ୍ୟତାର ଉତ୍ତରାଧିକାରୀମାନେ ଜୀବନ କୁରୁକ୍ଷେତ୍ରରେ କେବେହେଲେ ଏକତାବଦ୍ଧ ହୋଇ ଓ ପରସ୍ପର ପରସ୍ପରକୁ ଆତ୍ମୀୟ ମନେକରି ଜଣେ ଅନ୍ୟଜଣକ ପାଇଁ ଅନାୟାସରେ ଜୀବନ ବିସର୍ଜନ କରି ନ ପାରିଲେ ? ସୋମନାଥ ମନ୍ଦିର ବା ବିଶ୍ୱନାଥ ମନ୍ଦିର ଯେତେବେଳେ ଲୁଣ୍ଠିତ ହେଲା ସେତେବେଳେ କେବଳ ମୁଷ୍ଟିମେୟ କେତେକ ପୁରୋହିତ କାହିଁକି ପ୍ରାଣବଳି ଦେଲେ, ତାଙ୍କର ଯଜମାନମାନେ କାହିଁକି ବିଧର୍ମୀର ଉଦ୍ୟତ ଖଡ୍‌ଗ ସମ୍ମୁଖରେ ନିଜର ଉନ୍ନତ ଶୀରକୁ ଦେଖାଇ ନ ଦେଲେ ? "ବନିଆକା ଲଡ଼୍‌କି" ଯେତେବେଳେ ଧର୍ଷିତା ହେଲା ସେତେବେଳେ ବ୍ରାହ୍ମଣମାନଙ୍କ ଅନ୍ତରରେ କାହିଁକି ସମବେଦନା ସଂଚାର ନ ହେଲା ? ଆମ ସମାଜର ଦଳ ଦଳ ନରନାରୀଙ୍କୁ ଭିନ୍ନ ଧର୍ମାଶ୍ରୟୀ ହେବାକୁ କାହିଁକି ବାଧ କରାଯାଉଛି ଅଥଚ ଆମ ଚତୁର୍ଦ୍ଦିଗରେ ରହିଥିବା କୋଟି କୋଟି ଅନାର୍ଯ୍ୟ ବଂଶଧରମାନଙ୍କୁ କାହିଁକି, କଣ ପାଇଁ, କେଉଁ କାରଣରୁ ଓ କେଉଁ ସୁମହତ୍ ଲକ୍ଷ୍ୟ ପ୍ରତି ଦୃଷ୍ଟି ରଖି ଆମ ସମାଜ

ଭିତରେ ଗ୍ରହଣ କରା ନଯାଉଛି ? ଗୀତା, ଚଣ୍ଡୀ ଓ ଆଉ ହଜାରେ ଖଣ୍ଡେ ଶାସ୍ତ୍ର ପୁରାଣକୁ ଗଙ୍ଗାଜଳ ଓ ତୁଳସୀପତ୍ର ରସରେ ଧୋଇ ପାଚନ ତିଆରି କରି ଏବଂ ସେ ପାଚନ ସେବନ କରି ଆମେ ନାହିରେ ତେଲ ପକାଇ ନିଶ୍ଚିନ୍ତ ହୋଇ ବସିଯାଇଛୁ ଯେ ଆମେ ଅଜର ଅମର, ଆମର ଲୟ ନାହିଁ କି କ୍ଷୟ ନାହିଁ ଆମର ବିନାଶ ନାହିଁ କି ବିଲୋପ ନାହିଁ; ଲୟ ଆଉ ଧ୍ୱଂଶ କେବଳ ସେହିମାନଙ୍କର ହେବ ଯେଉଁମାନେ ନିଜ ସମାଜକୁ ସଂଖ୍ୟାପୁଷ୍ଟ ବଳଶାଳୀ,ସଂଘବଦ୍ଧ ଓ ଐକ୍ୟଭାବାପନ୍ନ କରିବା ପାଇଁ କେତେ ଶତାବ୍ଦୀ ହେଲା କେବଳ ଯେ ନିରବଚ୍ଛିନ୍ନ ପ୍ରୟାସ କରି ଆସୁଛନ୍ତି ତାହା ନୁହେଁ, ଇତିହାସ ମଧ୍ୟ ସାକ୍ଷ୍ୟ ଦେଉଛି ଯେ ବାରମ୍ବାର ସେମାନେ ବିଭିନ୍ନ ଦେଶର ରାଜଦଣ୍ଡ ଛଡ଼ାଇ ନେଇ ନିଜକୁ ପାର୍ଥିବ ପ୍ରଭୁତ୍ୱର ଶିଖର ଦେଶରେ ଅବସ୍ଥାପିତ କରି ପାରିଛନ୍ତି । ଆମେ ଅନୁଭବ କରୁଛୁ ଯେ ସାଧନ ବ୍ୟାପାରରେ ସମସ୍ତଙ୍କୁ ଶ୍ରେଷ୍ଠ ଅଧିକାର ପ୍ରଦାନ କରିବା ଉଚିତ ଯଦି ସେହି ଶ୍ରେଷ୍ଠ ସାଧନରେ ସେମାନଙ୍କର ରୁଚି, ଆଗ୍ରହ ଚେଷ୍ଟା ଓ ପ୍ରବୃତ୍ତିଥାଏ । ଜଗତର ଶ୍ରେଷ୍ଠ ସାଧନକୁ ମୁଷ୍ଟିମେୟ କେତୋଟି ପରିବାରର ବଂଶାନୁକ୍ରମିକ ସମ୍ପତ୍ତିରେ ସୀମାବଦ୍ଧ ନ ରଖି ସେ ଅଧିକାରକୁ ଆଗ୍ରହୀ ନାରୀପୁରୁଷଙ୍କ ମଧ୍ୟରେ ବିସ୍ତାରିତ କରିବା ଆବଶ୍ୟକ । ସେହି ମହାବସ୍ତୁର ଅଧିକାର ପ୍ରତ୍ୟେକେ ସମଭାବରେ ନ ପାଇଲେ ଜାତି ଜାତି ମଧ୍ୟରେ ସାମ୍ୟବୋଧ ଓ ପରମ ପ୍ରୀତିଭାବ କଦାପି ଆସିବ ନାହିଁ ଏବଂ ତାହା ନ ଆସିବା ପର୍ଯ୍ୟନ୍ତ ଦଳେ ଲୋକଙ୍କୁ ଦବେଇ ରଖି ଖାଲି ପଦଧୂଳି ବିତରଣ କରୁଥିବେ ଏବଂ ସେହି ଦଳର ଲୋକେ ନିଜକୁ ଦାସ ଓ ଅଧମ ମନେକରି ଉତ୍ତମ ଅଧ୍ୟବସାୟରୁ ଚିରକାଳ ନିଜକୁ ଦୂରେଇ ରଖୁଥିବେ । ସବୁଠାରୁ ବେଶି ଆଶ୍ଚର୍ଯ୍ୟର କଥା ହେଉଛି, କେବଳ ବ୍ରାହ୍ମଣ ସନ୍ତାନମାନେ ହିଁ ପ୍ରଣବ ଓ ବ୍ରହ୍ମଗାୟତ୍ରୀ ଜପରେ ଅଧିକାରୀ ବୋଲି କୁହାଯାଉଥିଲା ବେଳେ ସେହି ବ୍ରାହ୍ମଣ ସନ୍ତାନମାନେ ପ୍ରଣବ-ଜପ ପରିହାର କରି ଅନ୍ୟାନ୍ୟ ମନ୍ତ୍ର ନିଜର ସିଦ୍ଧମନ୍ତ୍ର ବୋଲି ଗ୍ରହଣ କରି ନେଇଛନ୍ତି । ଯା'କୁ ହିଁ କୁହାଯାଏ- 'Dog in the manger policy' ଯାହାକି ଗୋଟିଏ ଖାଣ୍ଟି ଇଂରାଜୀ ପ୍ରବଚନ । ଶ୍ୱାନ ଘୋଡ଼ାଶାଳରେ ପଶି ଘୋଡ଼ାର ଖାଦ୍ୟପାତ୍ର ଉପରେ

ଶୋଇଛି । ସେ ନିଜେ ସେ ଖାଦ୍ୟ ଖାଇବ ନାହିଁ କି ଘୋଡ଼ାକୁ ବି ଖୁଆଇ ଦେବ ନାହିଁ । ଅବଶ୍ୟ ତାର୍କିକମାନେ କହିବେ ଉପମାଟି ଠିକ୍ ହେଲା ନାହିଁ । କାରଣ ଯେଉଁ ପ୍ରଣବ ଓ ବ୍ରହ୍ମଗାୟତ୍ରୀକୁ ଏଠାରେ ଖାଦ୍ୟ ବୋଲି ଧରି ନିଆଯାଇଛି ତାହା ବ୍ରାହ୍ମଣମାନଙ୍କର ଖାଦ୍ୟ, ସ୍ତ୍ରୀ ଲୋକର ବା ସୂଦ୍ରର ଖାଦ୍ୟ ନୁହେଁ । ତେଣୁ ଏହାକୁ ଯଦି ଅପାତ୍ରରେ ରଖାଯାଏ ତେବେ ସ୍ତ୍ରୀଲୋକ ଓ ଶୁଦ୍ରଙ୍କୁ ଏହା ଖାଇବାକୁ ବାରଣ କରିବା ବ୍ରାହ୍ମଣର ଅବଶ୍ୟ-କର୍ତ୍ତବ୍ୟ ଓ ଧର୍ମ । ଏପରିକି ଅନ୍ୟାନ୍ୟ ସବୁ କାର୍ଯ୍ୟରେ ଅବହେଳା କରି ବ୍ରାହ୍ମଣ ପକ୍ଷରେ ଏହି କାର୍ଯ୍ୟଟି କରିବା ବିଧେୟ, ନ ହେଲେ ଧରଣୀ ରସାତଳଗାମୀ ହେବ, ବ୍ରହ୍ମାଣ୍ଡରୁ ଧର୍ମ ଲୁପ୍ତ ହେବ, ଚନ୍ଦ୍ର ସୂର୍ଯ୍ୟ ଆଲୋକ ଦେବା ବନ୍ଦ କରିଦେବେ, ମର୍ତ୍ତ୍ୟଲୋକ ନରକରେ ପରିଣତ ହେବ ; ଅସୁର କୁଳଙ୍କ ଦାଉରେ ଧରଣୀ ମାତା ଅଶ୍ରୁ ବର୍ଷଣ କରିବ ଓ ମାନବ ଜାତି ପଶୁ ସ୍ତରକୁ ଖସି ଆସି କୀଟପତଙ୍ଗ ପରି ଜୀବନଯାପନ କରିବେ । ଗୋଟିଏ ଦିଗରୁ ଦେଖିଲେ ସେମାନଙ୍କର କଳ୍ପିତ ଆଶଙ୍କା ସତକୁ ସତ ଏକ ନିର୍ମମ, ନିଷ୍ଠୁର, କଠୋର ବାସ୍ତବତାରେ ପରିଣତ ହୋଇଅଛି । କେବଳ ଚନ୍ଦ୍ର ସୂର୍ଯ୍ୟଙ୍କ ଆଲୋକ ବିତରଣ କାର୍ଯ୍ୟଟି ବନ୍ଦ ହୋଇନାହିଁ, ତା'ଛଡ଼ା ଆଉ ସବୁ ଆଶଙ୍କାଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଭୟାବହ ସତ୍ୟର ରୂପ ପରିଗ୍ରହଣ କରିଛି ଏବଂ ତାର କାରଣ ସ୍ତ୍ରୀ-ଶୁଦ୍ରର ପ୍ରଣବ ଓ ବ୍ରହ୍ମଗାୟତ୍ରୀ ଜପ ନୁହେଁ । ତାର କାରଣ ହେଉଛି-

(୧) ବ୍ରାହ୍ମଣ-ଚିନ୍ତାଧାରାର ଅନୁବର୍ତ୍ତୀ ହୋଇ ବ୍ରହ୍ମାଣ୍ଡମୟ କୁଟୁମ୍ବ ସୃଷ୍ଟି କରିବା କାର୍ଯ୍ୟରେ କ୍ଷତ୍ରିୟକୁ ନିୟୋଗ କରିବାରେ ଅକ୍ଷମତା ।

(୨) କ୍ଷତ୍ରିୟମାନଙ୍କ ମଧ୍ୟରେ ପାରସ୍ପରିକ ଆତ୍ମକଳହକୁ କୌଣସି ଉନ୍ନତତର ଆଦର୍ଶବାଦ ଦ୍ୱାରା ଦୂର କରିଦେଇ ସମସ୍ତଙ୍କ ମଧ୍ୟରେ ସାର୍ବଭୌମ ଐକ୍ୟ ସ୍ଥାପନ ଚେଷ୍ଟାରେ ଉଦାସୀନତା ।

(୩) ଦେଶ ବା ରାଷ୍ଟ୍ର ବହିଃଶତ୍ରୁ ଦ୍ୱାରା ବିପନ୍ନ ହେଲେ କ୍ଷତ୍ରିୟମାନଙ୍କର ଐକ୍ୟବଦ୍ଧ ଶକ୍ତି ପଛରେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ବଡ଼ ସାନ ଯାବତୀୟ ପ୍ରଜାବର୍ଗଙ୍କର ସ୍ୱତଃ-ନିଃସାରିତ ତ୍ୟାଗ ଶକ୍ତିକୁ, ଆତ୍ମଦାନ ସାମର୍ଥ୍ୟକୁ ଓ ଧର୍ମରକ୍ଷା

ଆଗ୍ରହକୁ ଏକତ୍ରିତ ଓ ବ୍ୟୁହବଦ୍ଧ କରି କାର୍ଯ୍ୟରେ ଲଗାଇବା ଚେଷ୍ଟାର ଅଭାବ ଓ ଏ ବିଷୟରେ ପ୍ରୟୋଜନବୋଧର ଏକାନ୍ତ ଅଭାବ ।

ଭାରତବର୍ଷର ବର୍ତ୍ତମାନ ଦୁର୍ଦ୍ଦିନ, ସ୍ତ୍ରୀ ଶୂଦ୍ରଙ୍କର ପ୍ରଣବ-ବ୍ରହ୍ମଗାୟତ୍ରୀ ଜପ କରିବା ଦୁରାଶାର କୁଫଳ ନୁହେଁ, ଉପରଲିଖିତ ତିନୋଟି ବିଷୟ ଏହାର ପ୍ରଧାନ କାରଣ ।

ସୁତରାଂ ଯେଉଁମାନେ ଗାୟତ୍ରୀ ବା ପ୍ରଣବ ମନ୍ତ୍ରର ବିଶ୍ୱାସୀ ସେମାନେ ତାହା ଜପ କରିବେ । ଯେଉଁମାନେ ଅନ୍ୟ ମନ୍ତ୍ରରେ ଦୀକ୍ଷିତ ବା ନିଜ ଗୁରୁଦେବଙ୍କ ଦ୍ୱାରା ପ୍ରଣବ-ବ୍ରହ୍ମଗାୟତ୍ରୀ ଜପ କରିବାକୁ ନିଷେଧିତ ସେମାନେ ଅନ୍ୟ ମନ୍ତ୍ର ଜପ କରିବେ । ଗୁରୁଦେବଙ୍କ ଆଦେଶ ଲଙ୍ଘନ କରି ଜପତପ କରିବାରେ ଲାଭ ନାହିଁ କି ଆମେ କାହାକୁ ସେଭଳି କାର୍ଯ୍ୟରେ ଉତ୍ସାହିତ କରୁନାହିଁ ।

ବ୍ରହ୍ମଗାୟତ୍ରୀ ମନ୍ତ୍ର

ଗାୟତ୍ରୀ ବ୍ରାହ୍ମଣର ମନ୍ତ୍ର, ବର୍ଣ୍ଣ-ବ୍ରାହ୍ମଣର ନୁହେଁ, କର୍ମ-ବ୍ରାହ୍ମଣର ମନ୍ତ୍ର । ଅତି ପ୍ରାଚୀନ ମନ୍ତ୍ର ବୋଲି କେବଳ ଯେ ଗାୟତ୍ରୀର କୌଳିନ୍ୟ ସ୍ୱୀକୃତ ହୋଇଥାଏ, ତାହା ନୁହେଁ । ଗାୟତ୍ରୀ ମନ୍ତ୍ର ବାରମ୍ବାର ସ୍ମରଣ କରାଇ ଦିଏ ଯେ, କୋଟି-ବିଶ୍ୱ-ପ୍ରସବିତାଙ୍କର ବରେଣ୍ୟ ସ୍ୱତଃପ୍ରକାଶ ତେଜକୁ ଏହା ଧ୍ୟାନ କରିବାର ମନ୍ତ୍ର ; ଯେ ମୋର ସମଗ୍ର ମେଧା, ବୁଦ୍ଧି, ମନୀଷାର ଏକମାତ୍ର ପରିଚାଳକ ଏହା କେବଳ ତାଙ୍କରି ସ୍ମାରକ-ମନ୍ତ୍ର । ଅନନ୍ତ ଉର୍ଦ୍ଧ୍ୱ ସହିତ ଅନନ୍ତ ଅଧଃର ପରିପୂର୍ଣ୍ଣ ମିଳନ ଓ ସାମଞ୍ଜସ୍ୟର ଏହା ଗୀତ ଝଙ୍କାରମୟୀ ସ୍ମାରକୀ । ଏହି କାରଣରୁ କୁହାଯାଇଥାଏ ବେଦସାର ଗାୟତ୍ରୀ ବା ବେଦମାତା ଗାୟତ୍ରୀ ଓ ଗାୟତ୍ରୀର ସାର ପ୍ରଣବ । କୁସଂସ୍କାର ବଶତଃ ଏଭଳି ବିଶ୍ୱାସ ପ୍ରଚଳିତ ଅଛି ଯେ ବ୍ରାହ୍ମଣ କୁଳରେ ଜନ୍ମ ନ ହୋଇଥିଲେ ବା ପୁରୁଷ ନ ହୋଇଥିଲେ ଗାୟତ୍ରୀ ଉଚ୍ଚାରଣ ନିଷିଦ୍ଧ । "କୁସଂସ୍କାର" ଶବ୍ଦର ବ୍ୟବହାର କେତେକ ଭାବପ୍ରବଣ ବ୍ୟକ୍ତିଙ୍କ ମନୋକଷ୍ଟର କାରଣ ହୋଇପାରେ । ତେଣୁ କୁସଂସ୍କାର କାହାକୁ କୁହାଯାଏ, ତାହା ଟିକିଏ ବ୍ୟାଖ୍ୟାକରି ବୁଝାଇ ଦେବା ଆବଶ୍ୟକ । ଗୋଟିଏ କାର୍ଯ୍ୟ ବାରମ୍ବାର କଲେ ମନ ଉପରେ ତାର

ଏକ ଛାପ ପଡ଼ିଯାଏ ଯାହାକୁ ସହଜରେ ମନୋଗାତ୍ରରୁ ଲିଭାଇ ବା ଉଠାଇ ନେଇ ହୁଏ ନାହିଁ । ଏହାର ନାମ ସଂସ୍କାର । ଯେଉଁ ସଂସ୍କାର ଫଳ ଶୁଭ, ତାହା ସୁସଂସ୍କାର ଓ ଯେଉଁ ସଂସ୍କାରର ଫଳ ଅଶୁଭ ତାହା କୁସଂସ୍କାର । ବ୍ରାହ୍ମଣ ସନ୍ତାନ ସୁଦୀର୍ଘକାଳ ବ୍ରହ୍ମଚର୍ଯ୍ୟ ବ୍ରତରେ ସ୍ଥିତ ହୋଇ ଏକାଗ୍ର ମନରେ ବ୍ରହ୍ମଗାୟତ୍ରୀ ଜପ କଲେ ବ୍ରହ୍ମତେଜସମ୍ପନ୍ନ ହେବେ, ଏହା ସୁସଂସ୍କାର । କିନ୍ତୁ ଆଉ କେହି ଗାୟତ୍ରୀ ଜପ କଲେ ରାଜା ଯାଇ ଧୃଷ୍ଟତାର ଦଣ୍ଡ ସ୍ୱରୁପ ତାର ମସ୍ତକ ଛେଦନ କରିବେ, ଏହା କୁସଂସ୍କାର । ପୁଣ୍ୟ ହେବ, ଖାଲି ଏହି ଲୋଭରେ ନାଗାମାନେ, ପ୍ରବଳ ପରାକ୍ରାନ୍ତ ଶତ୍ରୁକୁ ନୁହେଁ, ଅକ୍ଷମ ଓ ଦୁର୍ବଳ ବ୍ୟକ୍ତିଙ୍କୁ ଏକାକୀ ଦେଖିଲେ ଏପରିକି ଅସହାୟ, ରୁଗ୍ଣ, ଶିଶୁ ବା ବାଳିକାଙ୍କୁ ଗୋପନରେ ହତ୍ୟାକରି ତାର ମୁଣ୍ଡ ଅର୍ଜନ କରି ପୁଣ୍ୟବଳ ସଂଗ୍ରହ କରନ୍ତି, ଏକଥା ବହୁ ନୃତାତ୍ତ୍ୱିକଙ୍କ ରିପୋର୍ଟରେ ଓ ସରକାରୀ ଅନୁସନ୍ଧାନ ରିପୋର୍ଟରେ ଉଲ୍ଲେଖ ଅଛି । ଯେଉଁ ସଂସ୍କାର ବଶରୁ ନାଗାମାନଙ୍କ ମନରେ ଏଭଳି ବିଶ୍ୱାସ ପ୍ରତିରୋପିତ ହେଲା ଯେ ଏଭଳି ହତ୍ୟାଦ୍ୱାରା ସ୍ୱଗୃହ, ସ୍ୱଗ୍ରାମ ବା ସ୍ୱଗୋଷ୍ଠିର ଅଶୁଭ ଦୂରୀଭୁତ ହେବ, ତାହା କୁସଂସ୍କାର । ଦକ୍ଷିଣ ଆମେରିକାର ପ୍ରାଚୀନ ମାୟା ଓ ଆଜେଟକ ସଭ୍ୟତାର ଇତିହାସ କହୁଛି ଯେ କୌଣସି କୌଣସି ଧର୍ମାନୁଷ୍ଠାନରେ ପୁରୋହିତଙ୍କ ଇଚ୍ଛାନୁସାରେ ଏକ ଦିନରେ ପାଞ୍ଚ ହଜାର ନରବଳି ଦିଆଯାଇଛି । ଉଦ୍ଦେଶ୍ୟ ହେଉଛି ପୁଣ୍ୟ ସଞ୍ଚୟ ଏବଂ ବଳି-ପଶୁଗୁଡ଼ିକ ହେଲେ ପ୍ରତିବାଦ-ଅକ୍ଷମ ଅସହାୟ ଦରିଦ୍ର ମନୁଷ୍ୟ । ଯେଉଁ ସଂସ୍କାର ଏଭଳି ପାଶବିକ କାର୍ଯ୍ୟରେ ପୁଣ୍ୟବୋଧ ଜନ୍ମାଏ ତାହା କୁସଂସ୍କାର । ପ୍ରାଚୀନ କୌଶାମ୍ବୀ ଖନନ କରିବା ଫଳରେ ଏକ ଯଜ୍ଞବେଦୀ ଆବିଷ୍କୃତ ହୋଇଥିଲା ଏବଂ ଉକ୍ତ ବେଦୀ ପାଖରେ ନର-କରୋଟି ଓ କଙ୍କାଳ ମିଳିଥିଲା । ଏହାର ପ୍ରକୃତ ତାତ୍ପର୍ଯ୍ୟ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । କିନ୍ତୁ କେହି କେହି କହନ୍ତି ଏହା ବୋଧହୁଏ ରାଜସ୍ୱୟ ପଦ୍ଧତିରେ ଏକ ନରମେଧଯଜ୍ଞର ନିଦର୍ଶନ । ପୁଣ୍ୟ, କଲ୍ୟାଣ ଶକ୍ତି ଓ ଅଲୌକିକ ଜନ୍ମଗ୍ରହଣ ଲୋଭରେ ମନୁଷ୍ୟ ଏକଦା ଏଭଳି କୁକାର୍ଯ୍ୟ କରୁଥିଲା । ଯେଉଁ ସଂସ୍କାର ମନୁଷ୍ୟକୁ ଏଭଳି ନିଷ୍ଠୁର କାର୍ଯ୍ୟରେ ପ୍ରରୋଚିତ

କରିପାରେ ତାହା କୁସଂସ୍କାର । ବ୍ରହ୍ମଗାୟତ୍ରୀ ଜପ କରି, ହୋମକରି, ତପସ୍ୟା କରି ମହର୍ଷି ଦଧୀଚି ବ୍ରହ୍ମତେଜୋଦୀପ୍ତ ହୋଇଥିଲେ ଏବଂ ଯେଉଁ ଇନ୍ଦ୍ର ବହୁବାର ତାଙ୍କ ସହିତ ଶତ୍ରୁତା ଆଚରଣ କରିଥିଲା ସେହି ଇନ୍ଦ୍ରଙ୍କ କୁଶଳ ପାଇଁ ଦେହ ତ୍ୟାଗ କରି ସେ ନିଜ ବ୍ରାହ୍ମଣ୍ୟର ପରିଚୟ ଦେଇଥିଲେ । ଯେଉଁ ମାନସ-ସଂସ୍କାର ଦଧୀଚିଙ୍କୁ ଆତ୍ମଦାନର ଦୃଢ଼ତା ଦେଲା ତାହା ସୁସଂସ୍କାର । ବ୍ରାହ୍ମଣ୍ୟ-ଶାସନ ଯୁଗରେ ଯେଉଁ ସଂସ୍କାରର ବଶବର୍ତ୍ତୀ ହୋଇ କ୍ଷତ୍ରୀୟ ରାଜାମାନେ ଧର୍ମଚର୍ଯ୍ୟା କରିବା ଯୋଗୁଁ ଅବ୍ରାହ୍ମଣ ସନ୍ତାନକୁ ପ୍ରାଣଦଣ୍ଡ ଦେଉଥିଲେ, ସେ ସଂସ୍କାର କୁସଂସ୍କାର । ମନୁଷ୍ୟକୁ ମନୁଷ୍ୟର ଅଧିକାର ଦେବାକୁ କୁଣ୍ଠିତ ଥିଲେ ବୋଲି ଭାରତର କ୍ଷତ୍ରୀୟ ରାଜାମାନେ ଆଜି ଚିରକାଳ ପାଇଁ ନିଶ୍ଚିହ୍ନ ହୋଇଗଲେଣି, ମନୁଷ୍ୟକୁ ମନୁଷ୍ୟର ଅଧିକାର ଦେବାକୁ ତିଳେମାତ୍ର କୁଣ୍ଠିତ ନଥିଲା ବୋଲି ଇସଲାମର ତରବାରି, ଏକଦା ସ୍ପେନ୍‌ର ଆକାଶରୁ ଆରମ୍ଭ କରି ସୁଦୂର ଜାଭା, ସୁମାତ୍ରା ଓ ମାଳୟ ଆକାଶର ସୂର୍ଯ୍ୟକିରଣରେ ଝଲସି ଉଠିଥିଲା ।

"ଯତ ଜୀବ, ତତ୍ର ଶିବ" ଏହା ଆମ ଦେଶର ଗୋଟିଏ 'ବୋଲି' କିନ୍ତୁ କେବଳ ମୁହଁରେ ଆମେ ଭଲ ଭଲ ବେଦାନ୍ତ-ବାଣୀ ଆଉଡ଼ାଇ ଆସିଛୁ, ମନୁଷ୍ୟକୁ ମନୁଷ୍ୟର ଅଧିକାର ଦେଇନାହୁଁ, ଦେବାକୁ ଚାହିଁନାହୁଁ, ସମ୍ପ୍ରଦାୟିକ ଖଣ୍ଡୀୟତା ଯୋଗୁଁ ଆମେ ପ୍ରଣବେତର ଭିନ୍ନ ଭିନ୍ନ ମନ୍ତ୍ର ଜପ କରିଛୁ ଏବଂ ସର୍ବସାଧାରଣଙ୍କୁ ପ୍ରଣବ ଓ ବ୍ରହ୍ମଗାୟତ୍ରୀରୁ ବଞ୍ଚିତ କରି ରଖିବା ପାଇଁ କେବଳ ଆନ୍ଦୋଳନ, ଅସ୍ଫାଳନ କରି ଆସିଛୁ । ଯେଉଁ ମାନସ ସଂସ୍କାର ବ୍ରାହ୍ମଣର ପାଣ୍ଡିତ୍ୟ, ଶ୍ରେଷ୍ଠତ୍ୱ, ଅତୁଳନୀୟ ମହାତ୍ମ୍ୟ ଏବଂ ବୁଦ୍ଧି ବୃତ୍ତିକୁ ଏହି ଅକାରଣ ଅଧ୍ୟବସାୟରେ ନିୟୋଜିତ କରି ରଖିଲା ତାହା କୁସଂସ୍କାର । ଆର୍ଯ୍ୟ-ସମାଜୀ ଆନ୍ଦୋଳନ ବିରୁଦ୍ଧରେ ସଭା ସମିତି କରି, ବ୍ରାହ୍ମ-ସମାଜ ଆନ୍ଦୋଳନର ବିରୁଦ୍ଧତା କରି ସେମାନେ ଯଥେଷ୍ଟ ଜୀବନୀ ଶକ୍ତିର ପରିଚୟ ଦେଇଛନ୍ତି । କିନ୍ତୁ ଆର୍ଯ୍ୟ ସମାଜ ଭ୍ରାନ୍ତ, ବ୍ରାହ୍ମସମାଜ ନାସ୍ତିକ ଏ ସବୁ ପ୍ରଚାରରେ ମନ ନ ଦେଇ ସେମାନେ ଯଦି ନିଜର ପ୍ରାଣ ପ୍ରାଚୁର୍ଯ୍ୟକୁ ବ୍ରହ୍ମଚର୍ଯ୍ୟ ପାଳନର ସାର୍ଥକତା ପ୍ରଚାରରେ ଲଗାଇଥାନ୍ତେ ଏବଂ ସ୍ତ୍ରୀ ପୁରୁଷ ନିର୍ବିଶେଷରେ

ଆଚଣ୍ଡାଳ ବ୍ରାହ୍ମଣଙ୍କୁ ହିନ୍ଦୁ-ଅହିନ୍ଦୁ ବିଚାର ନ କରି ପ୍ରତ୍ୟେକଙ୍କୁ ସଂଯମୀ ସଦାଚାରୀ, ବୀର୍ଯ୍ୟଧାରଣ ପରାୟଣ ଶୁଚି ଓ ମାନବୋଚିତ ପବିତ୍ରତା ମଣ୍ଡିତ ହେବାକୁ ଆହ୍ୱାନ ଦେଇଥାନ୍ତେ ତାହାହେଲେ ସମଗ୍ର ଦେଶ ଆଜି ସେମାନଙ୍କୁ ମୁଣ୍ଡରେ ବସାଇ ନାଚିଥାନ୍ତା । ପ୍ରାୟ ଷାଠିଏ ବର୍ଷ ପୂର୍ବେ ଆମେ ଯେତେବେଳେ ବ୍ୟାପକ ଭାବରେ ବ୍ରହ୍ମଚର୍ଯ୍ୟ ପ୍ରଚାର କାର୍ଯ୍ୟରେ ପ୍ରାଣପଣେ ଲାଗିପଡ଼ିଲୁ ସେତେବେଳେ ଗୋଟିଏ ଦୁଇଟି ମୁସଲମାନ ଯୁବକ ମଧ୍ୟ ନିଜ ସମାଜର ଯୁବକ ମାନଙ୍କ ମଧ୍ୟରେ ବ୍ରହ୍ମଚର୍ଯ୍ୟ ଭାବ କିପରି ଭାବରେ ପ୍ରଚାର କରାଯାଇ ପାରିବ, ସେ ବିଷୟରେ ବୁଦ୍ଧି, ପରାମର୍ଶ ଓ ପ୍ରେରଣା ନେବାକୁ ଆସିଲେ କିନ୍ତୁ ବ୍ରାହ୍ମଣ ପଣ୍ଡିତମାନଙ୍କୁ ତ ଏ କାର୍ଯ୍ୟରେ ଅଗ୍ରସର ହେବାର ଦେଖାଗଲା ନାହିଁ ? ବରଂ କେହି କେହି ବ୍ରାହ୍ମଣ ପଣ୍ଡିତ କହିବାର ମୁଁ ଶୁଣିଛି ଯେ, ଶୁଦ୍ରର ବ୍ରହ୍ମଚର୍ଯ୍ୟ ଆଶାସ୍ତ୍ରୀୟ । ଯାହା ନିଜ କାନରେ ଶୁଣିଛି ତାହାହିଁ ଲେଖୁଛି, ଅତ୍ୟୁକ୍ତି କରୁନାହିଁ । କିଏ କାହା ଘରେ ବସି ନିଜ ମନମୁତାବକ ବା ନିଜ ଗୁରୁଙ୍କର ନିର୍ଦ୍ଦେଶ ମୁତାବକ କି ମନ୍ତ୍ର ଜପ କଲା ସେ ବିଷୟରେ ଦୁଶ୍ଚିନ୍ତା କରି ଲାଭ ନାହିଁ । ଇକ୍ଷ୍ୱାକୁ-ବଂଶର ରାଜାମାନେ ଆଜି ଦେଶ ଶାସନ କରୁ ନାହାନ୍ତି ଯେ ଶୁଦ୍ରମାନେ ଘରେ ବସି କି ମନ୍ତ୍ର ଜପ କରନ୍ତି ତାହା ଅନୁସନ୍ଧାନ କରିବା ପାଇଁ ଗୁପ୍ତଚରମାନେ ପ୍ରେରିତ ହେବେ ଏବଂ ବ୍ରହ୍ମତେଜଚର୍ଚ୍ଚିତତନୁ ବ୍ରହ୍ମର୍ଷିମାନେ ଶୁଦ୍ରର ମସ୍ତକ-ଛେଦନ ଦୃଶ୍ୟ ଦେଖି ଉଲ୍ଲସିତ ହୋଇ କହିବେ- ଇକ୍ଷ୍ୱାକୁ ବଂଶର ରାଜତ୍ୱ ଅନନ୍ତକାଳ ଅବ୍ୟାହତ ଥାଉ ।

ଗାୟତ୍ରୀରେ ଶୁଦ୍ର ପ୍ରଭୃତିଙ୍କର ଅଧିକାର

ପ୍ରକୃତରେ ଦେଖିବାକୁ ଗଲେ ଯିଏ ପରମପୁରୁଷଙ୍କର ସାକ୍ଷାତ ଓ କୃପା ଲାଭ କରିବାକୁ ଚାହେଁ, ଯେ ଶ୍ରୀ ଭଗବାନଙ୍କ ପାଦପଦ୍ମରେ ଆତ୍ମନିବେଦନ କରି କୃତକୃତାର୍ଥ ହେବାକୁ ଚାହେଁ, "ମୋର ସମଗ୍ର ମେଧା, ବୁଦ୍ଧି ଓ ଅନୁଭୂତି ଏକମାତ୍ର ପରମେଶ୍ୱରଙ୍କର ଦାନ" - ଯେ ଏହି ଉପଲବ୍ଧି ଲାଭ କରିବାକୁ ଚାହେଁ, ତାର ବ୍ରହ୍ମଗାୟତ୍ରୀରେ ପୂର୍ଣ୍ଣ ଅଧିକାର ଅଛି । ଯେଉଁ ଯୁଗରେ ମାନବର ବ୍ୟକ୍ତିଗତ ଅଧିକାର ଉପରେ ରାଜାର କର୍ତ୍ତୃତ୍ୱ ଥିଲା ଅବାରିତ ଓ ନିରଙ୍କୁଶ, ଯେଉଁ ଯୁଗରେ

ପ୍ରଜା କେବଳ ରାଜସ୍ୱ ଦେଇ ନିଷ୍କୃତ ପାଉ ନ ଥିଲା, ନିଜର ଧର୍ମୀୟ ସ୍ୱାଧୀନତାକୁ ରାଜାଙ୍କ ପାଖରେ ଅମାନତ ରଖିବାକୁ ବାଧ୍ୟ ହେଉଥିଲା, ସେ ଯୁଗର ଅବସାନ ହୋଇଯାଇଛି । ଯୁଗ ପରିବର୍ତ୍ତନ ହେତୁ ପରମେଶ୍ୱରଙ୍କ ଶ୍ରେଷ୍ଠ ମନ୍ତ୍ରରେ ଓ ଶ୍ରେଷ୍ଠ ନାମରେ ପ୍ରତ୍ୟେକ ମନୁଷ୍ୟର ଅଧିକାର ସ୍ୱୀକୃତ ହୋଇଅଛି । ବ୍ରହ୍ମଗାୟତ୍ରୀ ମନ୍ତ୍ର ଜପ କରିବା ସାଧାରଣ ମନୁଷ୍ୟର ଅତି ପୁରାତନ ସାଧନ କିନ୍ତୁ ପ୍ରବଳ ବାଧା ଯୋଗୁଁ ସେମାନେ ଏହି ପରମବସ୍ତୁରୁ ବଞ୍ଚିତ ହୋଇଥିବାରୁ ଦୁଧ ଖାଇବାର ସାଧନଘୋଳରେ ମେଣ୍ଟାଇବା ନ୍ୟାୟରେ ଶକ୍ତିଗାୟତ୍ରୀ, କାମ ଗାୟତ୍ରୀ, ପଶୁଗାୟତ୍ରୀ ପ୍ରଭୃତି ନାନା ନାମଧେୟ ଗାୟତ୍ରୀ ସୃଷ୍ଟି ହେବାର ଆବଶ୍ୟକତା ଉପୁଜୁଛି । ପ୍ରକୃତରେ ଦେଖିବାକୁ ଗଲେ ଏହି ସବୁ ଗାୟତ୍ରୀ ସୃଷ୍ଟ ବ୍ରହ୍ମଗାୟତ୍ରୀର ଗୌରବକୁ ବଢ଼ାଇଛି ସିନା ତାର ସମ୍ମାନ, ମର୍ଯ୍ୟାଦା ଓ ବାଞ୍ଛନୀୟତାକୁ ହ୍ରାସ କରିପାରିନାହିଁ। ଯୁଗ ପରିବର୍ତ୍ତନ ହେତୁ ମନୁଷ୍ୟର ଦାର୍ଶନିକ ଚିନ୍ତାରେ ମଧ୍ୟ ନାନା ପ୍ରକାର ବିଶେଷତ୍ୱର ବିକାଶ ଘଟିଛି ଯାହାକି ଲୋକ ସମାଜକୁ ବିଶେଷ ଭାବରେ ଆଲୋଡ଼ିତ କରିଛି । ଭଗବାନଙ୍କୁ ଅବତାର ରୂପରେ ପୂଜା କରି ମନୁଷ୍ୟ ଆଜି ଆଉ ତୃପ୍ତ ନୁହେଁ,ପ୍ରତ୍ୟେକ ଜୀବ ଭିତରେ ସେ ଅବତରଣ କରିବେ, ଏହା ଆଜି ମନୁଷ୍ୟ ଦେଖିବାକୁ ଚାହେଁ । ଏକାକୀ ନିଜର ମୁକ୍ତିରପ୍ରାର୍ଥନାକୁ ଆଜି ମନୁଷ୍ୟର ବୁଦ୍ଧି ବିବେକ ଆଉ ସେତେ ଜୋରରେ ସମର୍ଥନ କରେନାହିଁ । ଆଜି ସେ ବିଶ୍ୱର ସମସ୍ତଙ୍କର ମୁକ୍ତି ଏକ ସଙ୍ଗରେ ଦେଖିବାକୁ ଚାହେଁ । ମନୁଷ୍ୟର ଭାବ-ରାଜ୍ୟର ପରିଧି ଦିନକୁଦିନ କ୍ରମଶଃ ଦୂରଦୂରାନ୍ତକୁ ସଂପ୍ରସାରିତ ହେଉଛି ଏବଂ ସବୁ ପରଙ୍କୁ ଆପଣାର କରିବା ପାଇଁ ଅନେକଙ୍କ ମନରେ ବ୍ୟାକୁଳତା ଜନ୍ମୁଛି । ଏ ଯୁଗର ମାନବମନର ଏହି ଦାର୍ଶନିକ ପଟ୍ଟଭୂମିକୁ ଆଜି ଆଉ ଉପେକ୍ଷା କରିବାର ଉପାୟ ନାହିଁ । ଅତଏବ୍ ବ୍ରହ୍ମଗାୟତ୍ରୀ ଓ ପ୍ରଣବରେ ସ୍ତ୍ରୀ ଶୁଦ୍ରାଦିଙ୍କର ଅଧିକାର ସ୍ୱୀକାର କରିବାକୁ ହିଁ ହେବ ତୁମର ମନ ନ ମାନିଲେ ତୁମେ ଅସ୍ୱୀକାର କରିପାର କିନ୍ତୁ ପ୍ରଣବ ଓ ବ୍ରହ୍ମଗାୟତ୍ରୀ ଜପରେ ଯାହାର ଆଗ୍ରହ ଜନ୍ମିଛି ତାକୁ ବାଧା ଦେବା କ୍ଷମତା ତୁମର ନାହିଁ । ସେ କ୍ଷମତା ଅର୍ଜନ କରିବା ପାଇଁ ପ୍ରକୃତରେ ତୁମେ ଯଦି କିଛି କରିବାକୁ ଚାହଁ, ତେବେ

ଦୟାକରି କୌପୀନ-ବନ୍ଧନ ଦୃଢ଼ କର, ବ୍ରହ୍ମଚର୍ଯ୍ୟ ବ୍ରତ ଧର, ସର୍ବ କର୍ମ ପରିତ୍ୟାଗ କରି ଅନନ୍ୟମନା ହୋଇ ପାଞ୍ଚ ଦଶ ବର୍ଷ ମନପ୍ରାଣ ଲଗାଇ ବ୍ରହ୍ମଗାୟତ୍ରୀ ମନ୍ତ୍ର ଦିବାରାତ୍ରି ଜପ କରିଯାଅ । ତା ଫଳରେ ଶ୍ରୁତି ତୁମ ସମକ୍ଷରେ ବାଂମୟୀ ଓ ଜ୍ୟୋତିର୍ମୟୀ ହୋଇ ଦେଖା ଦେବେ । ସେ ଦିନ ଯାହା ତୁମେ କହିବ କୋଟି କୋଟି ମନୁଷ୍ୟ ନତ ମସ୍ତକରେ, ବିନା ତର୍କ, ବିନା ଦ୍ୱିଧାରେ ତାହା ପାଳନ କରିବେ । ଯେଉଁମାନେ ସମାଜ ରକ୍ଷକ ହେବେ ସେମାନଙ୍କୁ (କ) ସର୍ବାଗ୍ରେ ବ୍ରହ୍ମଚର୍ଯ୍ୟରେ ପ୍ରତିଷ୍ଠିତ ହେବାକୁ ହେବ (ଖ) ବିରୁଦ୍ଧବାଦୀ ଓ ବିରୁଦ୍ଧକାରୀମାନଙ୍କ ପ୍ରତି ଉଦାସୀନ ହେବାକୁ ହେବ (ଘ) ଏକମାତ୍ର ଗାୟତ୍ରୀ ଜପରେ ମନ ମଜାଇବାକୁ ହେବ ଏବଂ (ଙ) ପରମ ଉର୍ଦ୍ଧ୍ୱରୁ ସତ୍ୟ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଅବିରତ ତପସ୍ୟାରେ ଲାଗି ରହିବାକୁ ହେବ । ପୋଥିପଢ଼ା ବିଦ୍ୟା ମଧ୍ୟ ପ୍ରଶଂସା ପାଇବାକୁ ଯୋଗ୍ୟ ଏଥିରେ କୌଣସି ସନ୍ଦେହ ନାହିଁ କିନ୍ତୁ ସେ ବିଦ୍ୟାର ଖାତିରିରେ ଆଦେଶ ପାଳିତ ହୁଏନାହିଁ । ଅବଶ୍ୟ ଏ ପ୍ରସଙ୍ଗରେ ମୁଁ କୃତଜ୍ଞତାର ସହିତ ସ୍ୱୀକାର କରୁଛି ଯେ ଆଧୁନିକ ଭାଷାରେ ଯାହାକୁ ଆମେ "ରକ୍ଷଣଶୀଳତା" କହୁ, ସନାତନୀ ନିଷ୍ଠାବାନ୍ ବ୍ରାହ୍ମଣମାନେ ବା ସେମାନଙ୍କର ସମର୍ଥକମାନେ ସେହି ରକ୍ଷଣଶୀଳତାର ଆଶ୍ରୟ ନେଇ ଗୁଡ଼ିଏ ଲୋକଙ୍କୁ ପ୍ରାଚୀନ କାଳର ରୀତି ନୀତି ସହିତ ଯୁକ୍ତ କରି ରଖିବାକୁ ଚେଷ୍ଟିତ ଥିଲେ ବୋଲି ଭିନ୍ନ ଧର୍ମାବଲମ୍ବୀ ହେବାର ଯଥେଷ୍ଟ କାରଣ ଥିବା ସତ୍ତ୍ୱେ ମଧ୍ୟ ଅଧିକାଂଶ ଭାରତବାସୀ ଭିନ୍ନଧର୍ମାବଲମ୍ବୀ ହୋଇ ନ ଥିଲେ । ପ୍ରାଚୀନ ରୀତିନୀତି ପ୍ରତି ଏଭଳି ସୁଦୃଢ଼ ନିଷ୍ଠା ଜାତିର ଗୁରୁତର ସଙ୍କଟ ସମୟରେ ଅସ୍ତିତ୍ୱ ରକ୍ଷାରେ ସହାୟକ ହୋଇଥାଏ । ତେଣୁ ଅତୀତରେ ସେମାନେ ଯାହା କରିଥିଲେ ତାହା କେବଳ ଝଡ଼ଝଞ୍ଜାରେ ସମାଜ ଯେପରି ଉଡ଼ି ନଯିବ ସେଥିପାଇଁ କେତେଗୁଡ଼ାଏ ଖୁଣ୍ଟି ପୋତି ସମାଜକୁ ବାନ୍ଧି ରଖିବାକୁ ଚେଷ୍ଟା କରିଥିଲେ ଏବଂ ତାର ସୁଫଳ ପାଇଁ ସମଗ୍ର ଜାତି ସେମାନଙ୍କ ପ୍ରତି କୃତଜ୍ଞ ରହିବ । କିନ୍ତୁ ମନୁଷ୍ୟ ଘରେ ବସି ଭଗବାନଙ୍କର କେଉଁ ନାମଟି ଜପକରିବ ସେ ବିଷୟରେ ଗୋଏନ୍ଦାଗିରି କରିବା ବା ଶୁଦ୍ରର ମସ୍ତକ ଛେଦନ ଲାଗି ତଥାକଥିତ ଶାସ୍ତ୍ରୀୟ ଅଧିକାର ପ୍ରୟୋଗ କରିବା ବର୍ତ୍ତମାନ ଯୁଗରେ ଅତ୍ୟନ୍ତ ହାସ୍ୟାସ୍ପଦ କଥା ହେବ ।

ବ୍ରହ୍ମଗାୟତ୍ରୀ ମନ୍ତ୍ରର ସାମୁହିକତା

ବ୍ରହ୍ମଗାୟତ୍ରୀ ମନ୍ତ୍ର କେତେଗୁଡ଼ିଏ ବିଶେଷ ତତ୍ତ୍ୱର ସମଷ୍ଟି । ସେହି ତତ୍ତ୍ୱ କେତୋଟି ଗାୟତ୍ରୀର ଭାଷାରେ ହିଁ ପିରସ୍ଫୁଟ । ଏହା ଧ୍ୟାନର ଆନୁକୂଲ୍ୟ ବିଧାୟକ ମନ୍ତ୍ର । ଏହା ଏକକ ସଂଗୁପ୍ତ ଧ୍ୟାନର ମନ୍ତ୍ର ନୁହେଁ, ଏହା ବହୁ ବ୍ୟକ୍ତିଙ୍କର ସମ୍ମିଳିତ ସମବେତ ବ୍ୟାପକ ଧ୍ୟାନର ମନ୍ତ୍ର । ବିଶ୍ୱଜୀବ- ହିତାର୍ଥେ ଜୀବନ ଧରଣ କରେ ବୋଲି ବ୍ରାହ୍ମଣ ପୂଜ୍ୟ । କେବଳ ଆତ୍ମ-କୁଶଳ ଲାଗି ତପଃ-ପରାୟଣ ହେଲେ ବ୍ରାହ୍ମଣ ପ୍ରଶଂସନୀୟ ହୋଇପାରେ, ଶ୍ରଦ୍ଧିତ ବି ହୋଇପାରେ କିନ୍ତୁ ସେ ସମ୍ପୂର୍ଣ୍ଣ ବ୍ରାହ୍ମଣ ବା ଯଥାର୍ଥ ବ୍ରାହ୍ମଣ ହୋଇପାରେ ନାହିଁ । ଅଜ୍ଞାତ ଅତୀତ ଯୁଗରେ ସହସ୍ର ସହସ୍ର ଋଷି ଯେ ଏକତ୍ର ବସି ଧ୍ୟାନ କରୁଥିଲେ, "ଧୀମହି" ଶବ୍ଦର ବହୁବଚନତ୍ୱ ଦ୍ୱାରା ତାହା ସୂଚିତ ହୁଏ । "ଧୀମହି" ଶବ୍ଦଟି ସମ୍ପାଦକୀୟ ବହୁତ ନୁହେଁ ବା ସମ୍ଭ୍ରମସୂଚକ ବହୁବଚନ ନୁହେଁ । "ଧୀମହି" କ୍ରିୟା ପଦଟି ବିସ୍ମୃତ ଅତୀତର ଏକ ମନୋରମ ଓ ଲୋଭନୀୟ ଦୃଶ୍ୟ ମନଶ୍ଚକ୍ଷୁ ସମକ୍ଷରେ ଉଦ୍‌ଘାଟିତ କରେ । ଭାବତ ଦେଖି ! ଆମର ସେ ଅତୀତ ସତେ କେଡ଼େ ମହାନ ନ ଥିଲା ! ଯେଉଁ ଅତୀତରେ ଜଟାଜୁଟଧାରୀ ଅଗଣିତ ଋଷିଙ୍କ ପାର୍ଶ୍ୱରେ ଆଉ ଶତ ଶତ ଋଷି ଆସି ଧ୍ୟାନ କରିବାକୁ ବସୁଥିଲେ ସୃଷ୍ଟି-ସ୍ଥିତି ପ୍ରଳୟ ବିଧାତାର ବରେଣ୍ୟ ତେଜକୁ, ଯେଉଁ ତେଜ ବିଶ୍ୱଜନ ସହିତ ବିଶ୍ୱାତ୍ମାଙ୍କୁ ଓ ବିଶ୍ୱାତ୍ମାଙ୍କ ସହିତ ବିଶ୍ୱଜନଙ୍କୁ, ପ୍ରତ୍ୟେକ ଲୋକ ସହିତ ପ୍ରତ୍ୟେକ ଲୋକକୁ, ଅନାଦି ଅତୀତ, ସୁଦୀର୍ଘ ବର୍ତ୍ତମାନ ଓ ଅନନ୍ତ ଭବିଷ୍ୟତ ପାଇଁ ଏକତ୍ରୀଭୁତ କରି ଦ୍ୱୈତର ଦ୍ୱନ୍ଦ୍ୱ ଚିରକାଳ ପାଇଁ ଲୋପ କରିଦିଏ । ଏହି ବ୍ରହ୍ମଗାୟତ୍ରୀ ମନ୍ତ୍ରହିଁ ପ୍ରାଚୀନ କାଳର ସାମୂହିକ ଉପାସନାର ଭିତ୍ତିଭୂମି ହୋଇଥିବାରୁ କୋଟି କୋଟି ଅନାର୍ଯ୍ୟ ସନ୍ତାନଙ୍କୁ ପ୍ରବଳ ଆକର୍ଷଣ ଦ୍ୱାରା ଆର୍ଯ୍ୟଶ୍ରେଣୀଭୁକ୍ତ କରି ପାରିଥିଲା । ଆଜି ଯେ ଆମ୍ଭେମାନେ ଶତ ଶତ ଦ୍ରାବିଡ଼-ସନ୍ତାନଙ୍କୁ ବେଦଚର୍ଚ୍ଚାକାରୀ ଶ୍ରେଷ୍ଠ ପଣ୍ଡିତରୂପେ ଦେଖିବାକୁ ପାଉ ତାହା ଏକମାତ୍ର ବ୍ରହ୍ମଗାୟତ୍ରୀ ମହିମାରୁ ହିଁ ସମ୍ଭବ ହୋଇ ପାରିଛି । କିନ୍ତୁ ଗାୟତ୍ରୀ ମନ୍ତ୍ର ଅତି ସ୍ୱଚ୍ଛ ଓ ସୂକ୍ଷ୍ମ ତତ୍ତ୍ୱାନୁଶୀଳନର ମନ୍ତ୍ର, ଯେଉଁଥିରେ ମୂର୍ତ୍ତି-କଳ୍ପନାର ଆଦୌ ଅବକାଶ ନାହିଁ ।

"ସବିତୁ" ଶବ୍ଦ ଥିବାରୁ ଗାୟତ୍ରୀକୁ ଯେ ସୂର୍ଯ୍ୟଙ୍କର ଉପାସନା ମନ୍ତ୍ର ବା ବିଷ୍ଣୁଙ୍କର ଉପାସନା ମନ୍ତ୍ର ବୋଲି କୁହାଯାଏ, ତାହା ପରବର୍ତ୍ତୀ କାଳର ବ୍ୟାଖ୍ୟା ମାତ୍ର । ଗାୟତ୍ରୀ ତତ୍ତ୍ୱ ବୁଝିବା ପାଇଁ ଯାହାର ଆଗ୍ରହ ଅଛି ତାକୁ ରାଜଦଣ୍ଡର ଭୟ ଦେଖାଇ ବା ନରକ-ଭୀତ ପ୍ରଦର୍ଶନ କରାଇ ଗାୟତ୍ରୀ ମନ୍ତ୍ର ଜପିବା ଅଧିକାରରୁ ନିବୃତ୍ତ କରିବା ନିରର୍ଥକ । କାରଣ ମାନବର ମୁମୁକ୍ଷୁ ବିବେକ ଏ ଯୁଗରେ ଆଉ ସେ ଭୟ-ପ୍ରଦର୍ଶନକୁ ଗ୍ରାହ୍ୟ କରିବାକୁ ପ୍ରସ୍ତୁତ ନୁହେଁ । ତେଣୁ ରକ୍ଷଣଶୀଳ ଶାସ୍ତ୍ରଜୀବୀମାନେ ଯଦିବା ବ୍ରହ୍ମଗାୟତ୍ରୀ ଜପରେ ସ୍ତ୍ରୀ-ଶୂଦ୍ରଙ୍କର ଅଧିକାର ସମ୍ପର୍କରେ ନିଷେଧ ବାଣୀ ପ୍ରଚାର କରନ୍ତି ତଥାପି ସେମାନଙ୍କର ଗାୟତ୍ରୀ ଅଧିକାର ଅଛି ବୋଲି ଆମେ ସ୍ୱୀକାର କରିବୁ । ଏହି ମନ୍ତ୍ରର ସହାୟତାରେ ଯେଉଁମାନେ ପରମପୁରୁଷଙ୍କୁ ପାଇବାକୁ ଚାହାନ୍ତି, ଆତ୍ମ-ଅହଂକାରର ବିନାଶ ସାଧନ କରି ନିଜର ହୃଦୟଦ୍ରାବିନୀ, ଚିତ୍ତନିୟାମିକା ବିଚାରବୁଦ୍ଧିଶାଳିନୀ ବୃତ୍ତିଗୁଡ଼ିକୁ ପରମେଶ୍ୱରଙ୍କ ପାଦରେ ସମର୍ପି ଦେଇ ନିଷ୍କାମ, ନିଃସ୍ୱାର୍ଥ ନିର୍ଲେପ, ଅନାଶକ୍ତ ଓ ଆନନ୍ଦମୟ ଉପଲବ୍ଧିର ଆସ୍ୱାଦନ ପାଇବାକୁ ଚାହାନ୍ତି, ସେମାନେ ଚଣ୍ଡାଳ-ବଂଶୀୟ ହୁଅନ୍ତୁ, ବାଉରିକଣ୍ଡରା ହୁଅନ୍ତୁ, ବାଳକ ହୁଅନ୍ତୁ ବା ନାରୀ ହୁଅନ୍ତୁ, ସେମାନଙ୍କର ସେ ଅଧିକାର ଆମେ ମୁକ୍ତ କଣ୍ଠରେ ସ୍ୱୀକାର କରିବୁ ।

ବିବର୍ତ୍ତନଶୀଳ ଜଗତ

ଆଧୁନିକ ବୈଜ୍ଞାନିକ ପଣ୍ଡିତମାନଙ୍କ ମଧ୍ୟରୁ ଅଧିକାଂଶ ଗୋଟିଏ ବିଷୟରେ ଏକମତ ଯେ ଏକ ସମୟରେ ନିହାରିକାପୁଞ୍ଜ ନିର୍ଗତ ଧରଣୀର ବାଷ୍ପୀୟତା, ଜଳର ତାରଲ୍ୟ ଓ ସ୍ଥଳର କାଠିନ୍ୟ ରୂପ ପରିଗ୍ରହଣ କରି ଥିଲା । ଜଳଭାଗର ଉଷ୍ଣତା କମିବା ସଙ୍ଗେ ସଙ୍ଗେ ଏକଦା ଖଙ୍କାର (କଫ) ପରି ଟିକିଏ ପ୍ରଟୋପ୍ଲାଜ୍ମା ସୃଷ୍ଟି ହେଲା, ଯାହାର ଭାଷା ନ ଥିଲା କି ସ୍ୱାଧୀନ ସଂଚରଣ ନ ଥିଲା, କିନ୍ତୁ ପ୍ରାଣର ସ୍ପନ୍ଦନ ଥିଲା ଓ ଆତ୍ମବିଭାଜନ ଥିଲା । "ଏକ" ରୁ "ବହୁ" ସୃଷ୍ଟି ହେଲା ଓ ସେହି "ବହୁ" ଗୁଡ଼ିକ କ୍ରମବିକାଶ ପଥରେ ଆସ୍ତେ ଆସ୍ତେ ଅଗ୍ରସର ହୋଇ ମତ୍ସ୍ୟ ହେଲେ, ସର୍ପ ହେଲେ, ପକ୍ଷୀ ହେଲେ ଓ ଅଗଣିତ ପ୍ରାଣୀକୁଳର ରୂପ ଧାରଣ କଲେ । ଲକ୍ଷ

ଲକ୍ଷ, କୋଟି କୋଟି ବର୍ଷର ଧାରାବାହିକ ସୂକ୍ଷ୍ମାତିସୂକ୍ଷ୍ମ କ୍ରମବିବର୍ତ୍ତନ ଫଳରେ ଆସିଲା ବାନର, ଆସିଲେ ଅର୍ଦ୍ଧମାନବମାନେ, ଆବିର୍ଭୁତ ହେଲେ ମେରୁଦଣ୍ଡ ବିଶିଷ୍ଟ ଦ୍ୱିପଦବିଶିଷ୍ଟ ଆଦିମାନବ ଏବଂ ଏହିପରି ଭାବରେ ଧାରାବାହିକ କ୍ରମୋନ୍ନତି ହୋଇ ହୋଇ ଏକଦା ସେମାନଙ୍କର ବଂଶଧରମାନେ ବୈଦିକ ଯୁଗର ଋଷିହେଲେ ଏବଂ ତାପରେ ବହୁ ସହସ୍ର ବର୍ଷର ବିବର୍ତ୍ତନଧାରାରେ ଚାଲି ଚାଲି ଏ ଯୁଗର ମନୁଷ୍ୟ ଆମ୍ଭେମାନେ ଆସି ହାଜରହେଲୁ । ଶ୍ରୀ ଅରବିନ୍ଦ ପ୍ରମୁଖ ଋଷି ବା ଋଷିକଳ୍ପ ମାନବମାନେ ଏହି ବିବର୍ତ୍ତନ ଧାରାରେ ଶାରୀରିକ ବିକାଶର ବୈଚିତ୍ର୍ୟ, ମାନସିକ ବିକାଶର ମନୋହାରିତ୍ୱ ଓ ସଂସ୍କୃତିଗତ ବିଭିନ୍ନମୁଖିତା ବିଚାରକରି ତପସ୍ୟା ବଳରେ ଉପଲବ୍ଧି କଲେ ମାନବଗୋଷ୍ଠୀର କ୍ରମପରିଣତି ଏକ ଦେବମାନବ ସମାଜରେ ପର୍ଯ୍ୟବସିତ ହେବ । ଶ୍ରୀ ଅରବିନ୍ଦ ପ୍ରଭୃତି ମନସ୍ୱୀମାନଙ୍କର ଏବଂ ବିଧ ଭବିଷ୍ୟ ଭାବନାକୁ ଆମେ ଅବାସ୍ତବ ବା ଭିତ୍ତିହୀନ ବୋଲି ଜ୍ଞାନ କରୁନାହିଁ ।

ବ୍ରହ୍ମଗାୟତ୍ରୀର ଅଧିକାର

ତେଣୁ ଆମେ କହିବାକୁ ବାଧ ହେଉଛୁ ଯେ ବ୍ରହ୍ମଗାୟତ୍ରୀ ଜପିବାକୁ ଇଚ୍ଛାଥିଲେ କେବଳ ଶୁଦ୍ର, ଚଣ୍ଡାଳ, ପ୍ରଭୃତି ଅନ୍ତ୍ୟଜମାନେ ଯେ ତାହା ଜପ କରିବାକୁ ଅଧିକାରୀ ତାହାନୁହେଁ, ବିବର୍ତ୍ତନ ନିୟମାନୁସାରେ ଛେଳି, କୁକୁର ପ୍ରଭୃତି ପ୍ରାଣୀକୁଳଙ୍କର ଯଦି ବ୍ରହ୍ମଭାବାପନ୍ନ ଶକ୍ତି ଓ କଥା କହିବାର ସାମର୍ଥ୍ୟ କେବେ ଆସେ ତାହାହେଲେ ବ୍ରହ୍ମଗାୟତ୍ରୀ ମନ୍ତ୍ରରେ ସେମାନଙ୍କର ଅଧିକାର ଆମମାନଙ୍କ ପରି ସମାନ ଭାବରେ ପ୍ରବର୍ତ୍ତିବ । ବୈଦିକ ସନ୍ଧ୍ୟା ବିଧି ପୁସ୍ତକରେ ଯେଉଁ ବ୍ରହ୍ମଗାୟତ୍ରୀ ମନ୍ତ୍ର ଛପା ହୋଇଥାଏ ତାହା ପ୍ରେସରେ କମ୍ପୋଜ ହେଲାବେଳେ ହୁଏତ ଜଣେ ଖ୍ରୀଷ୍ଟିଆନ୍ କମ୍ପୋଜିଟର ତାକୁ କମ୍ପୋଜ କରେ, ଆମେ ସେଥିରେ ଆପତ୍ତି କରୁନା। ଜଣେ ନୀଚଜାତୀୟ ପ୍ରୁଫ୍‌ରିଡର ହୁଏତ ପ୍ରୁଫ୍ ଦେଖେ, ଆମେ ସେଥିରେ ଆପତ୍ତି କରୁନା, ଜନୈକ ନାଜିମୁଦିନ ପ୍ରିଣ୍ଟିଂ ମେସିନରେ ତାହା ଛପାଏ, ସେଥିରେ ଆମେ ଆପତ୍ତି କରୁନା । ଦପ୍ତରୀପଡ଼ାର ଜନୈକ ସୋଫିଆ ଖାତୁନ ସେ ବହିକୁ ଭାଙ୍ଗ କରେ, ଆମେ ସେଥିରେ ଆପତ୍ତି କରୁନା; ଜଣେ ସେକ୍

ଇମାନୁଦିନ ହୁଏତ ସେ ବହି ସିଲାଇ କରେ, ଆମେ ସେଥିରେ ଆପତ୍ତି କରୁନା, କିନ୍ତୁ ଆତ୍ମୋନ୍ନତି ଉଦ୍ଦେଶ୍ୟରେ ଜଣେ ଶୂଦ୍ର ବା ଜଣେ ସ୍ତ୍ରୀ ଲୋକ ବ୍ରହ୍ମଗାୟତ୍ରୀ ଜପକଲେ ଆମେ ଯଦି ରାଗରେ ରକ୍ତ ଚାଉଳ ଚୋବାଉ ସେଥିରେ କି ଯୌକ୍ତିକତା ଥାଇପାରେ ?

ଐତିହାସିକ ଅନୁସନ୍ଧାନ ପଥର ଦୁର୍ଗମତା

ଦୁର୍ଭାଗ୍ୟର କଥା ଯେ, ଆମର ପ୍ରାଚୀନ ଇତିହାସ ପୁନଃ ଆବିଷ୍କାର କରିବା ଭଳି ଉପଯୁକ୍ତ ଉପାଦାନ ଏ ପର୍ଯ୍ୟନ୍ତ ଗବେଷକ ପଣ୍ଡିତମାନଙ୍କର ହସ୍ତଗତ ହୋଇନାହିଁ । ପୌରାଣିକ କାହାଣୀରେ ନରମେଧ ଯଜ୍ଞର ବିସ୍ତୃତ ବର୍ଣ୍ଣନା ଅଛି । ତାନ୍ତ୍ରିକମାନେ ଯେ ନରବଳି ଦେଉଥିଲେ, ଏକଥା ସମସ୍ତେ ଜାଣନ୍ତି । କିନ୍ତୁ ବେଦ ଓ ତନ୍ତ୍ର ଏକ ନୁହେଁ । କୁମାରିଲ ଭଟ୍ଟଙ୍କୁ କହିବାକୁ ପଡ଼ିଥିଲା,- ପ୍ରତିଦ୍ୱିବିଧା- ବୈଦିକୀ ତାନ୍ତ୍ରିକୀ ଚ । ଏକମାତ୍ର ବେଦବାକ୍ୟ ଦ୍ୱାରା ନିଜର ଯୁକ୍ତିକୁ ସମର୍ଥିତ କରିବା ସମ୍ଭବ ନ ହେଲେ ଯେଉଁମାନେ ତନ୍ତ୍ରବଚନକୁ ବେଦବାକ୍ୟର ସମାନ ମର୍ଯ୍ୟାଦା ଦେବାକୁ ଆଗ୍ରହୀ ହୁଅନ୍ତି ବା ବାଧ୍ୟ ହୁଅନ୍ତି, କୁମାରିଲ ଭଟ୍ଟଙ୍କ ଉକ୍ତି ସେମାନଙ୍କର ଉକ୍ତି ତୁଲ୍ୟ । ଏହାଦ୍ୱାରା ତନ୍ତ୍ରର ସ୍ୱାତନ୍ତ୍ର୍ୟ ଅବଶ୍ୟ ସ୍ୱୀକୃତ ହେଲା କିନ୍ତୁ ଏହି ତନ୍ତ୍ରର ଉତ୍ପତ୍ତି କେବେ ହେଲା ? ତନ୍ତ୍ର ବୈଦିକ ଋଷି ମାନଙ୍କର ଶାସ୍ତ୍ର ନୁହେଁ । ତନ୍ତ୍ର ମହାଦେବଙ୍କର ଶ୍ରୀମୁଖ-ଉତ୍ପନ୍ନ ଶାସ୍ତ୍ର । ଏହି ତନ୍ତ୍ର କଣ ବେଦର ଆଗରୁ ନା ପରେ ? ପରେ ହେଲେ ବୈଦିକ ଋଷିମାନେ କଣ ତନ୍ତ୍ରକୁ ଏକାବେଳେ ଲୁପ୍ତ କରି ପାରିଲେ ନାହିଁ ? ତନ୍ତ୍ର ଆଗରୁ ହୋଇଥିଲେ ବୈଦିକ କର୍ମକାଣ୍ଡର କେଉଁ କେଉଁ ଅଂଶ ତନ୍ତ୍ର-ପ୍ରଭାବିତ ? ଏହି ସବୁ ପ୍ରଶ୍ନ ସ୍ୱତଃ ମନକୁ ଆସେ । ବୁଦ୍ଧଦେବ ବେଦ ମାନୁନଥିଲେ କିନ୍ତୁ ତାଙ୍କ ଧର୍ମର ପରବର୍ତ୍ତୀ ବିଚାରରେ ତନ୍ତ୍ରର ପ୍ରାଧାନ୍ୟ ଲକ୍ଷିତ ହୁଏ । ବେଦ ନିଶ୍ଚୟ ବୁଦ୍ଧଙ୍କର ପୂର୍ବବର୍ତ୍ତୀ, ଏ ବିଷୟରେ ସନ୍ଦେହର ଅବକାଶ ନାହିଁ ଏବଂ ବେଦାନ୍ତ-ଦର୍ଶନ ଯେ ବୈଦିକ ଜ୍ଞାନକାଣ୍ଡର ସ୍ୱାଭାବିକ ପରିଣତି ଏ ବିଷୟରେ ପଣ୍ଡିତ ମାନଙ୍କ ମନରେ କୌଣସି ସନ୍ଦେହ ଥିବାର ଦେଖାଯାଏ ନାହିଁ । କିନ୍ତୁ ସାଙ୍ଖ୍ୟ ଦର୍ଶନ କଣ ବୈଦିକ ଜ୍ଞାନକାଣ୍ଡର ହିଁ

ପରିଣତି, ଏ ବିଷୟରେ ପଣ୍ଡିତମାନଙ୍କର ଗବେଷଣାର ଅନ୍ତ ନାହିଁ । ସାଙ୍ଖ୍ୟକାର ପ୍ରମାଣ ଅଭାବରେ ଈଶ୍ୱରଙ୍କୁ ଅସ୍ୱୀକାର କରିଛନ୍ତି କିନ୍ତୁ ପ୍ରକୃତି-ପୁରୁଷଙ୍କୁ ସ୍ୱୀକାର କରିଛନ୍ତି । ସେହି ପ୍ରକୃତି-ପୁରୁଷଙ୍କୁ ନେଇ ତନ୍ତ୍ରର କର୍ମକାଣ୍ଡ ଲୀଳାୟିତ । ବୌଦ୍ଧଧର୍ମର ପରବର୍ତ୍ତୀ ବିକାର ରତିକାମ ଲାଞ୍ଛିତ ନାନା ତାନ୍ତ୍ରିକ କର୍ମକାଣ୍ଡ ସହିତ ସମାନ୍ତରାଳ ବୋଲି ଅନୁମାନ କରିବାର ଯଥେଷ୍ଟ ଅବକାଶ ରହିଛି । ଅନେକ ପଣ୍ଡିତ ଏ କଥା ମଧ୍ୟ କହିଥାନ୍ତି ଯେ, ସାଙ୍ଖ୍ୟ ଦର୍ଶନର ଭାବଧାରା ଦ୍ୱାରା ବୌଦ୍ଧଧର୍ମ ଅନୁ ପ୍ରାଣିତ । ଏ ସ୍ଥଳେ ପ୍ରଶ୍ନ ଉଠିପାରେ ଯେ ବୌଦ୍ଧଧର୍ମ ଓ ତନ୍ତ୍ରଶାସ୍ତ୍ର ମଧ୍ୟରୁ କେଉଁଟି ଆଗେ ଓ କେଉଁଟି ପରେ ଉଦ୍‌ଘାଟିତ ହୋଇଥିଲା ? କେଉଁ ଶାସ୍ତ୍ରର କେଉଁ ରଚନାଟି କି ପ୍ରୟୋଜନରେ ରଚିତ ହୋଇଥିଲା, କେଉଁ ଶାସ୍ତ୍ର କିପରି ଭାବରେ ବିଭିନ୍ନ ହାତରେ ରୂପାନ୍ତରିତ ପାଇ ପାଇ ପରବର୍ତ୍ତୀ କାଳରେ କେତେଦିନ ପରେ ଅମ ପକ୍ଷରେ ସୁଲଭ ପ୍ରାପ୍ୟ ବର୍ତ୍ତମାନ ରୂପଟି ଧାରଣ କରିଛି ? ଏ ସବୁ ତଥ୍ୟ ନିର୍ଦ୍ଧାରଣ ଅକ୍ଷମତା ଯୋଗୁଁ ଏ ସଂପର୍କରେ କୌଣସି ସୁନିଶ୍ଚିତ ଇତିହାସ କଳ୍ପନା କରିବା ମଧ୍ୟ କଷ୍ଟକର । ପ୍ରାଚୀନ ଶାସ୍ତ୍ରକୁ ପରବର୍ତ୍ତୀ କାଳରେ ଟୀକାକାର, ଭାଷ୍ୟକାର ଓ ବ୍ୟାଖ୍ୟାକାରମାନେ ତତ୍‌କାଳ ପ୍ରଚଳିତ ଲୋକ-ସଂସ୍କାର ଦ୍ୱାରା ପ୍ରଭାବିତ ହୋଇ ବ୍ୟାଖ୍ୟା କରିଛନ୍ତି । ବେଦ ପ୍ରଭୃତି ରଚନାର ବହୁ ଶତାବ୍ଦୀ ପରେ ଯେଉଁମାନେ ଏସବୁ ବ୍ୟାଖ୍ୟା କରିଛନ୍ତି, ସେମାନଙ୍କର ପ୍ରଦତ୍ତ ବ୍ୟାଖ୍ୟା ସବୁ କ୍ଷେତ୍ରରେ ମୂଳ ବୈଦିକ ଋଷିଙ୍କର ବାକ୍ୟ ତୁଲ୍ୟ ସମମୂଲ୍ୟ ପାଇବ କି ନାହିଁ, ତାହା ମଧ୍ୟ ଏକ ବିଚାର୍ଯ୍ୟ ବିଷୟ । ଯେଉଁମାନେ ବ୍ରାହ୍ମଣାଦିଙ୍କ ଘରେ ଜନ୍ମି ନାହାନ୍ତି ସେମାନଙ୍କୁ ବ୍ରହ୍ମଗାୟତ୍ରୀ ଓ ପ୍ରଣବରୁ ବଂଚିତ କରିବା ଝୁଙ୍କ ଅଧିକାଂଶ ବ୍ୟାଖ୍ୟାକରୀଙ୍କର ସମସାମୟିକ ଅନ୍ଧ ଲୋକସଂସ୍କାରର ଫଳମାତ୍ର । ଯେଉଁମାନେ ବ୍ରାହ୍ମଣ ଘରେ ଜନ୍ମି ନ ଥିଲେ ଏଭଳି ବହୁ ଲୋକ ଦ୍ୱିଜତ୍ୱ ଲାଭ କରିଥିବା ଯେଉଁସବୁ କାହାଣୀର ଆଭାସ ପ୍ରାଚୀନ ଓ ମଧ୍ୟଯୁଗୀୟ ସଂସ୍କୃତ ଗ୍ରନ୍ଥରେ ଦେଖିବାକୁ ମିଳେ, ସେଥିରୁ ଏ କଥା ମନେ କରିବା ସ୍ୱାଭାବିକ ଯେ, ପ୍ରାଚୀନ ଆର୍ଯ୍ୟଜାତି ଯେତେବେଳେ ସବୁ ଅନାର୍ଯ୍ୟଙ୍କୁ ଶୂଦ୍ର କରି ରଖି ନ ଥିଲେ ବା ଶୂଦ୍ର କରିପାରି ନ ଥିଲେ ଏପରି ବି

ହୋଇପାରେ ଯେ ଶୂଦ୍ର କରି ରଖି ନ ପାରିବାରୁ ସେମାନଙ୍କୁ ଶୂଦ୍ରତ୍ୱରୁ ଉନ୍ନୀତ ହେବାର ସୁଯୋଗ ଦେଇଥିଲେ କିମ୍ବା ଏପରି ବି ହୋଇପାରେ ସେମାନେ ସବୁ ଅନାର୍ଯ୍ୟଙ୍କୁ ଶୂଦ୍ର କରି ରଖିବାକୁ ଚାହୁଁ ନ ଥିଲେ ବୋଲି ସେମାନଙ୍କର ଉନ୍ନୟନ ସାଧନ କରିଥିଲେ । ଆର୍ଯ୍ୟ ସାଧନାର ପ୍ରତ୍ୟେକ ରହସ୍ୟ ଅନୁସନ୍ଧାନକାରୀ କହିବା ମୁଁ ଶୁଣୁଛି, ଯେ ଆର୍ଯ୍ୟମାନେ ବିଶ୍ୱଦେବତାର ଅର୍ଚ୍ଚନାକାରୀ ଥିଲେ ବୋଲି ବିଶ୍ୱର ସମସ୍ତଙ୍କ ପ୍ରତି ସେମାନଙ୍କର ପ୍ରେମଭାବ ପ୍ରଧାବିତ ହୋଇଥିଲା । ଉପରଲିଖିତ ଦୁଇଟି ଅନୁମାନ ମଧ୍ୟରୁ ଶେଷୋକ୍ତ ଅନୁମାନଟି ସତ୍ୟ ବୋଲି ଗ୍ରହଣ କରାଯାଇପାରେ । କାରଣ ଆର୍ଯ୍ୟମାନେ କହିଲେ "କୃଣ୍ୱନ୍ତ ବିଶ୍ୱମାର୍ଯ୍ୟମ୍" ସମଗ୍ର ବିଶ୍ୱକୁ ଆର୍ଯ୍ୟ କର, ଅନାର୍ଯ୍ୟ କେହି ନ ରହନ୍ତୁ । ମୁସଲମାନ ଧର୍ମାବଲମ୍ବୀମାନେ ଯେପରି କହୁଥିଲେ ସମଗ୍ର ବିଶ୍ୱର ଇସଲାମ ପ୍ରଚାରିତ କର, ଆର୍ଯ୍ୟମାନଙ୍କର "କୃଣ୍ୱନ୍ତ ବିଶ୍ୱମାର୍ଯ୍ୟମ୍" କଥାଟି ମଧ୍ୟରେ ସେହି ଧରଣର ପ୍ରଚାରଶୀଳତା ଓ ସେହି ଧରଣର ସମ୍ପ୍ରସାରଣଶୀଳତା ସୁସ୍ପଷ୍ଟ ଦେଖିବାକୁ ମିଳେ । ଏହି ଉଦାରବାଣୀ ପ୍ରଚାରର ସନ ଓ ତାରିଖ ଏବଂ "ଶୁଦ୍ରମାନଙ୍କୁ ଈଶ୍ୱରଙ୍କ ଶ୍ରେଷ୍ଠ ନାମ ଧ୍ୟାନର ଶ୍ରେଷ୍ଠ ମନ୍ତ୍ର ଜପ କରିବାକୁ ଦିଅ ନାହିଁ" ଏହି ସଂକୀର୍ଣ୍ଣ ବାଣୀ ପ୍ରଚାରର ସନ ଓ ତାରିଖ କଣ ଏବଂ ଏହି ଦୁଇଟି ସନ ଓ ଦୁଇଟି ତାରିଖ ମଧ୍ୟରେ କେତେ ହଜାର ସୌରବର୍ଷ ବା କେତେ ଶତ ଶତାବ୍ଦୀ ଅତିକ୍ରାନ୍ତ ହୋଇଯାଇଛି ତାହା ଜାଣିବାର କୌଣସି ଉପାୟ ନାହିଁ । କିନ୍ତୁ ଏ କଥା ସହଜେ ଅନୁମେୟ ଯେ କେବଳ ଅସ୍ତ୍ର ବଳରେ ଭାରତବ୍ୟାପୀ ପ୍ରାଧାନ୍ୟ ଅର୍ଜନ କରିବା ସ୍ୱଳ୍ପ ସଂଖ୍ୟକ ଆର୍ଯ୍ୟଙ୍କ ପକ୍ଷେ ନିଶ୍ଚିତ ଭାବରେ ସମ୍ଭବ ନ ଥିଲା । ଯାହା ଅସ୍ତ୍ରବଳରେ ସମ୍ଭବ ନୁହେଁ ତାହା ପ୍ରେମ ବଳରେ ସୁସମ୍ଭବ । ଦାକ୍ଷିଣାତ୍ୟ ଦ୍ରାବିଡ଼-ପ୍ରଭୃତ୍ୱର ଦେଶ;- ଦ୍ରାବିଡ଼ମାନେ ଆର୍ଯ୍ୟମାନଙ୍କ ପରି କୃଷିପ୍ରଧାନ ସଭ୍ୟତାର ଅଧିକାରୀ ନଥିଲେ । ସେମାନଙ୍କର ସଭ୍ୟତାଥିଲା ପରିପୂର୍ଣ୍ଣ ନାଗରିକ ଯାହା ରାଷ୍ଟ୍ରୀୟ କ୍ଷମତାକୁ ଅକ୍ଷୁର୍ଣ୍ଣ ରଖିବା ଲାଗି କୃଷିପ୍ରଧାନ ସଭ୍ୟତା ଅପେକ୍ଷା ଅଧିକ ଉପଯୋଗୀ । ଦ୍ରାବିଡ଼-ପ୍ରଭୃତ୍ୱର ଦେଶ ସେହି ଦାକ୍ଷିଣାତ୍ୟରେ ସଂସ୍କୃତ ଅପେକ୍ଷା ଅଧିକ ପ୍ରାଚୀନ ତାମିଲ

ଭାଷା ସୃଷ୍ଟି ହୋଇଥିଲା ଯେଉଁ ଭାଷା ଭିତରେ ବହୁ ଧକଂଧକା ପରେ ବି ଦୁଇଚାରିଟା ସଂସ୍କୃତ ଶବ୍ଦ ଏ ପର୍ଯ୍ୟନ୍ତ ପ୍ରବେଶ କରିପାରି ନାହିଁ । ସେମାନଙ୍କ ଭିତରେ ସହସ୍ର ସହସ୍ର ବ୍ରାହ୍ମଣଙ୍କର ଆବିର୍ଭାବ ଘଟିଲା କିପରି ? ନିଶ୍ଚୟ ଆର୍ଯ୍ୟମାନେ ବହୁ ଦ୍ରାବିଡଙ୍କୁ ବ୍ରାହ୍ମଣ କରି ଦେଇଥିଲେ । ଭାରତୀୟ କ୍ଷତ୍ରିୟ ଜାତିଗୁଡ଼ିକର ପୁରାତନ ଇତିହାସ ଅନୁସନ୍ଧାନ କରିବାକୁ ଯାଇ ଗବେଷକ ପଣ୍ଡିତମାନଙ୍କ ମଧ୍ୟରୁ ଅନେକେ ଅନୁଭବ କରିଛନ୍ତି ଯେ ବର୍ତ୍ତମାନ କ୍ଷତ୍ରିୟ ବୋଲଉଥିବା ବହୁ ଜାତି ଆର୍ଯେତର ଗୋଷ୍ଠୀଗୁଡ଼ିକରୁ ଉତ୍ପନ୍ନ । ଏଥିରୁ ଧାରଣା କରାଯାଇପାରେ ଯେ ଗୁଣାନୁସାରେ ଆର୍ଯ୍ୟେତର ଜାତିର ବହୁ ବଂଶର ଲୋକଙ୍କୁ ଆର୍ଯ୍ୟଜାତି ବକ୍ଷରେ ସାଦରେ ଗ୍ରହଣ କରିବା ପ୍ରଥା, ଚେଷ୍ଟା ବା ରୀତି ନିଶ୍ଚୟ ପ୍ରଚଳିତ ଥିଲା ଯାହା ଫଳରେ ମୁଷ୍ଟିମେୟ ବିଶୁଦ୍ଧ ଆର୍ଯ୍ୟ ବଂଶଧରମାନେ ଭାରତର ଉତ୍ତର-ପଶ୍ଚିମ ଅଂଶରେ ନିର୍ଦ୍ଦିଷ୍ଟ ଏକ ଅଞ୍ଚଳର ଅଧିବାସୀ ହେବା ସତ୍ତ୍ୱେ ଭାରତର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ସଂଖ୍ୟାରେ ଅଗଣିତ ଓ ଅପରିମିତ ହୋଇ ପାରିଥିଲା ।

ଅନାର୍ଯ୍ୟକୁ ଆର୍ଯ୍ୟ କରିବାର ସିଦ୍ଧ-ମନ୍ତ୍ର

ଅନାର୍ଯ୍ୟକୁ ଆର୍ଯ୍ୟ କରିବାର ସିଦ୍ଧ-ମନ୍ତ୍ର କଣ ? "ତୁମେମାନେ ଆମର ଗୋଲାମ ହୋଇ ରହିବ, ଆମର ଗୋଡ଼ ଧୋଇ ଦେବ, ଆମେ ତମ ହାତରୁ ପାଣି ପିଇବୁ ନାହିଁ, ତୁମେମାନେ ଆମର ବାସନ ମାଜିବ, ଲୁଗା କାଚିବ, ପାଇଖାନା ସଫା କରିବ, ଆମର ଯାଗଯଜ୍ଞ ଦେଖି ପାରିବ ନାହିଁ, ମନ୍ତ୍ର ଶୁଣି ପାରିବ ନାହିଁ, ଯଦି ମନ୍ତ୍ର ଶୁଣିବ ତେବେ ସୀସା ତରଳାଇ ତମ କାନରେ ଢ଼ାଳି ଦେବୁ । ଯଦି ମନ୍ତ୍ର ଉଚ୍ଚାରଣ କରିବ ତେବେ ତମ ଜିଭ କାଟିଦେବୁ"- ଏହି ଧରଣର ସାଦର ସମ୍ଭାଷଣ ପାଇ ଅନାର୍ଯ୍ୟମାନେ ଯେ ଦଳ ଦଳ ହୋଇ ଆସି ଆର୍ଯ୍ୟମାନଙ୍କ ପତାକା ତଳେ ରୁଣ୍ଡ ହୋଇ ନ ଥିଲେ, ଏ କଥା ସୁନିଶ୍ଚିତ । ରୋମର ସମ୍ରାଟମାନେ ଯେପରି ଦିଗ୍‌ବିଜୟ କରି ଏସିଆ ଓ ଆଫ୍ରିକାରୁ ହଜାର ହଜାର ଯୋଦ୍ଧାଙ୍କୁ ଶୃଙ୍ଖଳବଦ୍ଧ କରି ଆଣି ରୋମରେ କ୍ରୀତଦାସ ରୂପେ ବିକ୍ରୟ କରୁଥିଲେ ଅଥବା ମୁସଲମାନ

ଦିଗ୍‌ବିଜୟୀମାନେ ଯେପରି ଭାରତରୁ ଲକ୍ଷ ଲକ୍ଷ ନରନାରୀଙ୍କୁ ବାନ୍ଧି ନେଇ ବସୋରା ରାଜପଥରେ କ୍ରୀତଦାସ ବା କ୍ରୀତଦାସୀର ଟୀକା ସେମାନଙ୍କ କପାଳରେ ପିନ୍ଧାଇ ଦେଇ ସେ ଅଞ୍ଚଳର ଗୃହସ୍ଥମାନଙ୍କର ସେବକ-ସେବିକା ଅଭାବପୂରଣ କରୁଥିଲେ, ଆର୍ଯ୍ୟମାନେ ଭାରତୀୟ ଅନାର୍ଯ୍ୟମାନଙ୍କୁ ସେପରି ଭାବରେ ବଶୀଭୁତ କରି ନ ଥିଲେ ବା କରିବାକୁ ଚାହିଁ ନ ଥିଲେ । ପରନ୍ତୁ ସେମାନଙ୍କର ଉପଲବ୍ଧିରେ ସିଦ୍ଧାମନ୍ତ୍ର ପ୍ରଣବ ଆତ୍ମପ୍ରକାଶ କରିଥିଲେ, ଯାହାର ଉଚ୍ଚାରଣ ଓମ୍ ଯାହର ଅର୍ଥ "ହଁ", ଯାହାର ତାତ୍ପର୍ଯ୍ୟ ସମସ୍ତଙ୍କର ସବୁ ସତ୍ୟର ସ୍ୱୀକୃତି ଯାହାର ପ୍ରଭାବ ସର୍ବଜୀବେ ପ୍ରୀତି ଓ ଯାହାର ସ୍ୱାଭାବିକ ପରିଣତି ବିନା ଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ସହିତ ଆତ୍ମୀୟତା ସ୍ଥାପନ । ସେହି ପ୍ରଣବରୁ ହିଁ ବ୍ରହ୍ମଗାୟତ୍ରୀ ବ୍ୟାଖ୍ୟା କରିଛନ୍ତି ଏବଂ ଏହି ବ୍ରହ୍ମଗାୟତ୍ରୀ ମନ୍ତ୍ରହିଁ ସର୍ବବେଦର ସାର ସତ୍ୟକୁ ନିଜ କରୁଣାମୟ ଅଙ୍କରେ ଧାରଣ କରି ରଖିଛନ୍ତି । ମୁସଲମାନ ଯେପରି ମାତ୍ର ତିନିଥର "ଲାଇଲାହା ଇଲାହୁ ମହମ୍ମଦ ରସୁଲାହ" ଏହି କାଲେମା ପାଠ କରି ଯେ କୌଣସି ବ୍ୟକ୍ତିକୁ ଇସଲାମ ଧର୍ମରେ ଦୀକ୍ଷିତ କରିପାରେ, ସେହିପରି ଯେ କୌଣସି ବ୍ୟକ୍ତିର ସପ୍ତପୁରୁଷର ଜାତିବର୍ଣ୍ଣ ଲୋପ କରି ଦେଇ ନବ ଦୀକ୍ଷିତକୁ ପ୍ରଥମତଃ ନିଷ୍ପାପ ମନୁଷ୍ୟରେ ଓ ସୁଦୀର୍ଘ ସାଧନ ପରେ କ୍ରମଶଃ ପୁରୁଷୋତ୍ତମରେ ପରିଣତ କରି ଦେବାର କ୍ଷମତା ବ୍ରହ୍ମଗାୟତ୍ରୀର ଅଛି । କହିବା ବାହୁଲ୍ୟ ଯେ, ଯେଉଁ ଦିନଠାରୁ ଅଦ୍ୱିଜଙ୍କୁ ଓଙ୍କାର ଓ ବ୍ରହ୍ମଗାୟତ୍ରୀ ଅଧିକାରରୁ ବଞ୍ଚିତ କରାଗଲା, ସେହି ଦିନଠାରୁ ଭାରତୀୟ ଆର୍ଯ୍ୟ ଜାତିର ବିସ୍ତାର କମିଗଲା । ବହୁ ନାରୀ ବେଦମନ୍ତ୍ର ରଚନା କରିଛନ୍ତି, ବହୁ ନାରୀଙ୍କ ନାମ ବେଦମନ୍ତ୍ରରେ ଉଲ୍ଲିଖିତ ଅଛି । ଘୋଷା, ବିଶ୍ୱବାରା, ଅପାଲା ଏବଂ ଦେବୀ ସୁକ୍ତର ରଚୟତ୍ରୀ ଆମ୍ଭୃଣ-କନ୍ୟା ବାକ୍‌ଦେବୀ ପ୍ରଭୃତିଙ୍କୁ କେବଳ ବ୍ୟତିକ୍ରମ-ସ୍ଥଳ ବୋଲି ମନେ କରିବା ସଂସ୍କାରାନ୍ଧ ଜିଦ୍ ଛଡ଼ା ଆଉ କିଛି ନୁହେଁ । ସେମାନେ ନିଜ ନିଜ ଅଧିକାର ବଳରେ ଓ ନିଜର ମହିମାରେ ଦେବଶାସ୍ତ୍ରର ଅଧିକାରଣୀ ଓ ବେଦଶାସ୍ତ୍ରର ରଚୟତ୍ରୀ ହୋଇଥିଲେ । ଅତ୍ରୀବଂଶୀ ବିଶ୍ୱବାରା ବେଦର ଛଅ ଗୋଟି ଋକ୍‌ରଚନା କରିଥିଲେ । ଏହା ବ୍ୟତିକ୍ରମର ଦୃଷ୍ଟାନ୍ତ ନୁହେଁ,

କାରଣ ଆମ୍ଭୃଣ ଋଷିଙ୍କ କନ୍ୟା ବାକ୍ ଦେବୀ ଋକ୍ ବେଦର ଗୋଟିଏ ସୁକ୍ତରେ ଆଠଗୋଟି ମନ୍ତ୍ର ଚରନା କରିଥିଲେ, ଯାହା ଦେବୀସୂକ୍ତ ନାମରେ ଉକ୍ତ ହୋଇଅଛି । ଏହାର କୌଳିନ୍ୟ ଅସାଧାରଣ କାରଣ ବେଦବ୍ୟାସଙ୍କ ବେଦାନ୍ତ ସୁତ୍ର ରଚନା ଓ ବେଦାନ୍ତତତ୍ତ୍ୱ ପ୍ରଚାର ବହୁ ଶତାବ୍ଦୀ ପୂର୍ବରୁ ଏହା ବୈଦିକ ଅଦ୍ୱୈତ ତତ୍ତ୍ୱ ସିଦ୍ଧାନ୍ତକୁ ପ୍ରକଟିତ କରିଥିଲା ଓ ଏ ପର୍ଯ୍ୟନ୍ତ ନିଜ ମହିମାରେ ଏହା ଜଗତର ସମାଦୃତ ହୋଇ ଆସିଅଛି । ଏପରିକି ବ୍ୟାସ, ଶଙ୍କର ବିବେକାନନ୍ଦ ପ୍ରଭୃତିଙ୍କ ବଜ୍ର ଗମ୍ଭୀର ବେଦାନ୍ତ ନିର୍ଘୋଷ ଏହାର ପ୍ରତିଧ୍ୱନି ମାତ୍ର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଅତ୍ରିବଂଶୀୟା ଅପାଲା ଋକ୍‌ବେଦର ଗୋଟିଏ ସୂକ୍ତର ଆଠଟି ମନ୍ତ୍ର ରଚନା କରିଥିଲେ । ଏହା ବ୍ୟତିକ୍ରମର ଦୃଷ୍ଟାନ୍ତ ନୁହେଁ, ନାରୀର ସ୍ୱାଭାବିକ ଅଧିକାରର ଏହା ପ୍ରମାଣ ମାତ୍ର । ଇନ୍ଦ୍ରଙ୍କ ଜନନୀ ଅଦିତି ଋକବେଦର ତିନିଗୋଟି ଋକ୍ ରଚନା କରିଥିଲେ । ନାରୀ ହୋଇଥିବାରୁ ସେ ବେଦରେ ଅଧିକରିଣୀ ଥିଲେ ମଧ କେବଳ କେତେଜଣ ଶକ୍ତିଶାଳୀ ବ୍ୟବସ୍ଥାଦାତାଙ୍କ ଅନୁଗ୍ରହରେ ବ୍ୟତିକ୍ରମ-ସ୍ଥାନୀୟା ହୋଇ ବେଦମନ୍ତ୍ର ରଚନା କରିଥିଲେ ବୋଲି ମନେ କରିବା ଓ ନିଜର କଳ୍ପନା ଶକ୍ତିର ଅପବ୍ୟବହାର କରିବା ଏକ କଥା । ଯମୀ ଋକ୍‌ବେଦର ଦୁଇଟି ବିଭିନ୍ନ ସୁକ୍ତର ଦଶଗୋଟି ମନ୍ତ୍ର ଯେ ରଚନା କରିଥିଲେ, ନିଜର ଅଧିକାର ବଳରେ ସେ ଏହି ଅସାମାନ୍ୟ କାର୍ଯ୍ୟ କରି ପାରିଥିଲେ, ଏହା ପୁରୁଷ ଋଷିମାନଙ୍କର କରୁଣାର ଫଳନୁହେଁ । ଅଙ୍ଗିରାଙ୍କ କନ୍ୟା ଶାଶ୍ୱତୀ ଯେ ଋକ୍‌ବେଦର ଗୋଟିଏ ମନ୍ତ୍ର ରଚନା କରିଥିଲେ, ତାହା ସେ ଲୁଚେଇ ଛପେଇ କରିଥିଲେ ବୋଲି ଭାବିବା ବାତୁଳତା ମାତ୍ର । କାକ୍ଷିବାନ୍‌ଙ୍କ କନ୍ୟା ଯୋଷା ଋକ୍‌ବେଦର ଦୁଇଟି ସୂକ୍ତ ରଚନା କରିଥିଲେ । ଅନ୍ୟାନ୍ୟ ଋଷିମାନଙ୍କ ଆଖିରେ ଧୂଳି ଦେଇ ତାହା ସେ ବାଡ଼ିପଟ ଦୁଆର ବାଟେ ଆଣି ବେଦ ଶାସ୍ତ୍ର ଅଙ୍ଗୀଭୁତ କରି ଦେଇଥିଲେ ଏପରି ଧାରଣା କରିବା ମଧ ପାପ । ସୂର୍ଯ୍ୟା ଋକ୍‌ବେଦର ଗୋଟିଏ ସୂକ୍ତ ରଚନା କରିଥିଲେ । ଏତେ ଗୁଡ଼ିଏ ଦୃଷ୍ଟାନ୍ତ ଦେଖିବା ପରେ ଯଦି ଆମେ ଅନୁମାନ କରୁ ଯେ ବୈଦିକ ଯୁଗରେ ନାରୀର ବେଦାଧିକାର ନ ଥିଲା ଏବଂ ଏ ସବୁ ଦୃଷ୍ଟାନ୍ତ କେବଳ ଗୋଟିଏ ଗୋଟିଏ ବ୍ୟତିକ୍ରମ-ସ୍ଥଳ ମାତ୍ର,

ତାହାହେଲେ ସେଭଳି କଳ୍ପନା ଶକ୍ତିକୁ ତ ବାହାବା ଦେବାର କଥା ! ନାରୀକୁ ହେୟଜ୍ଞାନନ କରିବା ଏବଂ ଅନାର୍ଯ୍ୟଙ୍କୁ ଓ ଶୂଦ୍ରଙ୍କୁ ଉଚ୍ଚତର ସ୍ତରକୁ ଉଠିବାକୁ ସୁଯୋଗ ଦେବା ହିଁ ଥିଲା ବୈଦିକ ଭାରତର ଏକ ସୁବର୍ଣ୍ଣ-ଯୁଗର ବିଶେଷତ୍ୱ । ବୈଦିକ ଜୀବନରେ ସଂକୀର୍ଣ୍ଣତାର ପ୍ରବେଶ ପରବର୍ତ୍ତୀ ଯୁଗରେ ଘଟିଥିଲା । ନାରୀ ଯଦି ପ୍ରଣବ ଓ ବ୍ରହ୍ମଗାୟତ୍ରୀ ଅଧିକାରରୁ ବଞ୍ଚିତ ହୁଏ , ତେବେ ତା ଗର୍ଭରୁ ପ୍ରଣବ ବ୍ରହ୍ମଗାୟତ୍ରୀରେ ଅଧିକାରୀ ଏକ ବ୍ରାହ୍ମଣ ଔରସରେ ସନ୍ତାନ ଜନ୍ମିଲେ ସେ ସନ୍ତାନ କଣ ବ୍ରାହ୍ମଣର ସ୍ୱାଭାବିକ ସଦ୍‌ଗୁଣ ଗୁଡ଼ିକ ପୂର୍ଣ୍ଣରୂପେ ପାଇବ ? ବ୍ରହ୍ମଗାୟତ୍ରୀ ଓ ପ୍ରଣବ ମନ୍ତ୍ରର ଶ୍ରେଷ୍ଠତ୍ୱ ସମ୍ପର୍କରେ କାହାରି ଦ୍ୱିମତ ନାହିଁ । ପ୍ରଣବ ଓ ବ୍ରହ୍ମଗାୟତ୍ରୀ ସାଧନ କରି ପିତା ବ୍ରହ୍ମଶକ୍ତିର ଆଧାର ହେଲେ; ବ୍ରହ୍ମବୀର୍ଯ୍ୟଶାଳୀ ହେଲେ ଅଥଚ ମାତା ନିଜର ନାରୀତ୍ୱ ହେତୁ ପ୍ରଣବ ଓ ବ୍ରହ୍ମଗାୟତ୍ରୀ ସାଧନରୁ ବଂଚିତ ହୋଇ କେବଳ ନମୋ ନମୋ କରି ଓ ପତିପୂଜା କରି ଜୀବନ କଟାଇଲେ । ବୀଜ ଉତ୍କୃଷ୍ଟ ହେଲେ କଣ ହେଲା ଭୂମି ନିକୃଷ୍ଟ ହିଁ ରହିଗଲା । ଏପରି କ୍ଷେତ୍ରରୁ ଲୁଥର ବାରକସ୍ଙ୍କ ଭଳି କୌଣସି କୃଷି-ଯାଦୁକର ବି କଣ କେବେହେଲେ ଉତ୍କୃଷ୍ଟ ଫସଲ ଆଶା କରି ପାରିବେ ? ଏଥିରେ ଶାସ୍ତ୍ର ଅଶାସ୍ତ୍ର କଥା କିଛି ନାହିଁ । ଏଇଟା ଅତି ସାଧାରଣ କାଣ୍ଡ ଜ୍ଞାନର କଥା । ଯେଉଁଦିନଠାରୁ ପ୍ରଣବ-ବ୍ରହ୍ମଗାୟତ୍ରୀରେ ନାରୀର ଅଧିକାର ସଂକୁଚିତ ହେଲା ସେହି ଦିନଠାରୁ ତଥା କଥିତ ବ୍ରାହ୍ମଣଙ୍କ ଔରସରେ ପ୍ରଣବ-ଗାୟତ୍ରୀ ବର୍ଜିତା ଶୂଦ୍ରାବ୍ରାହ୍ମଣୀ ଗର୍ଭରେ କାର୍ଯ୍ୟତଃ ସେହିମାନେ ହିଁ ଜନ୍ମ ହେବାକୁ ଲାଗିଲେ, ଯେଉଁମାନଙ୍କ କର୍ମଫଳରେ ଆର୍ଯ୍ୟ ମାନଙ୍କର ବିଶ୍ୱବ୍ୟାପୀ ସମ୍ପ୍ରସାରଣ ରୁଦ୍ଧ ହୋଇଗଲା ।

ବେଦରେ ଅପରକୁ ଅଧିକାର ନଦେବାର ମନସ୍ତତ୍ତ୍ୱ

ତାନ୍ତ୍ରିକ ହିନ୍ଦୁମାନଙ୍କର ଏହା ସାଧାରଣ ବିଶ୍ୱାସ ଯେ, ବେଦ ଅପୌରୁଷେୟ, ଏହା ମନୁଷ୍ୟ ସୃଷ୍ଟିନୁହେଁ । କିନ୍ତୁ ଏ କଥା ତ ସତ୍ୟ ଯେ ବେଦର ମନ୍ତ୍ରଗୁଡ଼ିକରେ ଜଣେ ଜଣେ ଋଷିଙ୍କର ନାମୋଲ୍ଲେଖ ଅଛି ଯେଉଁମାନେ କି ସେହି ସେହି ମନ୍ତ୍ରର ସ୍ରଷ୍ଟା । ଆସ୍ତିକ ମୁସଲମାନମାନେ ବିଶ୍ୱାସ କରନ୍ତି ଯେ କୋରାନ୍ ମନୁଷ୍ୟ ସୃଷ୍ଟ

ନୁହେଁ ; ଏହାରତ ବୟେତ ସମୁହ ସ୍ୱୟଂ ଆଲ୍ଲାଙ୍କ ପାଖରୁ ଆସି ପୃଥିବୀରେ ନାଜେଲ୍ ହୋଇଅଛି ଏବଂ ହଜରତ ମୁହମ୍ମଦ ଏହି ସବୁ ବୟତ୍‌ର ଶ୍ରୋତା ତଥା ଘୋଷକ । ଚିନ୍ତାଧାରାର ରୀତିଟା ଉଭୟଙ୍କର ଏକାଭଳି । ତଥାପି ଦୀର୍ଘକାଳ ବ୍ୟାପୀବହୁ କଷ୍ଟ ସ୍ୱୀକାର ପୂର୍ବକ ବେଦମନ୍ତ୍ରଗୁଡ଼ିକୁ ନାନା ସ୍ଥାନରୁ ସଂଗ୍ରହ କରିବାକୁ ପଡ଼ିଛି। ସେହି ମନ୍ତ୍ର ଗୁଡ଼ିକ ମହା ମୂଲ୍ୟବାନ ସମ୍ପଦା ବୋଲି ବିବେଚିତ ହୋଇଛି । ମହାମୂଲ୍ୟ ବସ୍ତୁକୁ ସଯତ୍ନେ ଲୁଚାଇ ରଖିବା ପ୍ରବୃତ୍ତି ମନୁଷ୍ୟ ପକ୍ଷରେ ଅସ୍ୱାଭାବିକ ନୁହେଁ । ମହାବସ୍ତୁର ଅପବ୍ୟବହାର ଯେପରି ନ ହୁଏ ଏହି ଦୃଷ୍ଟିରୁ ଅପରକୁ ତହିଁରେ ଅଧିକାର ଦେବାରେ ସଙ୍କୋଚ ଆସିବା ସ୍ୱାଭାବିକ । କିନ୍ତୁ ଦିବ୍ୟ ଅନୁଭୂତିର ବିମଳ ବିଭାରେ ଚିତ୍ତଲୋକ ଉଦ୍ଭାସିତ ହେବାର ବ୍ୟଗ୍ରତା ପରିବର୍ତ୍ତେ ବେଦ ମନ୍ତ୍ର ଗୁଡ଼ିକ ଯେତେବେଳେ ଦଳେ ପୁରୋହିତଙ୍କ ଜୀବିକାର୍ଜ୍ଜନ ପାଇଁ ସମ୍ବଳ ସଂଗ୍ରହ କରିବା ଆଗ୍ରହରେ ପରିଣତ ହେଲା, ସେତେବେଳେ ପୌରୋହିତ-ତନ୍ତ୍ର ଅବଧାରକମାନଙ୍କ ମଧ୍ୟରେ ମନ୍ତ୍ରଗୁଡ଼ିକ ଗୋପନ କରି କେବଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ଏହାକୁ ସୀମାବଦ୍ଧ କରି ରଖିବା ପାଇଁ ଚେଷ୍ଟା ହେବା କିଛି ବିଚିତ୍ର ନୁହେଁ । ତା ସଙ୍ଗେ ସଙ୍ଗେ ଅତି ସରଳ, ଅତି ସ୍ୱାଭାବିକ ଈଶ୍ୱରାନୁଗତ୍ୟର ସହଜ ପଥଟି ନାନା ଆଡ଼ମ୍ବର ଓ ବିଚିତ୍ରତାରେ ପୂର୍ଣ୍ଣ ହୋଇଗଲା । ତା ଫଳରେ ବୈଦିକ ଉପାସନା ପଦ୍ଧତି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ଛଡ଼ା ଅନ୍ୟମାନଙ୍କର ଅବୋଧଗମ୍ୟ ହୋଇପଡ଼ିଲା । ଅତଏବ୍ ଏହା ତୁମ୍ଭମାନଙ୍କ ପାଇଁ ନୁହେଁ ବୋଲି କେହି ମୁହଁ ଫିଟାଇ ନ କହନ୍ତୁ ପଛକେ ଅନ୍ୟମାନେ ସ୍ୱତଃ ଭାବିବା ସ୍ୱାଭାବିକ ଯେ ସେଥିରେ ସେମାନଙ୍କର ଅଧିକାର ନାହିଁ । ତଦୁପରି, କ୍ଷତ୍ରିୟ ରାଜାମାନେ ଯେତେବେଳେ ଯାଗ ଯଜ୍ଞକୁ ନିଜ ଯଶପ୍ରତିଷ୍ଠାର ଉପାୟ ରୂପେ ଗ୍ରହଣ କରିବାକୁ ଲାଗିଲେ ସେତେବେଳେ ଯାଗଯଜ୍ଞରେ ଆଗ୍ରହୀ ଦୁଃସାହସିକ ଶୁଦ୍ରମାନଙ୍କର ମସ୍ତକ ଛେଦନକୁ ଅବଶ୍ୟ-କର୍ତ୍ତବ୍ୟ ବୋଲି ମନେକରିବାରେ ଆଶ୍ଚର୍ଯ୍ୟ କଣ ଅଛି ? ଅଶ୍ୱମେଧ ଯଜ୍ଞ ବା ରାଜସୂୟ ଯଜ୍ଞାଦି ଯେ ପ୍ରକୃତରେ ଆଧ୍ୟାତ୍ମିକ ଉନ୍ନତିର ସେପରି କୌଣସି ଅତ୍ୟଦ୍ଭୁତ ସୋପାନ ନୁହେଁ ; କ୍ଷମତାସ୍ପର୍ଦ୍ଧି କ୍ଷତ୍ରିୟମାନଙ୍କର ଯଶୋଲିପ୍ସାକୁ ଚରିତାର୍ଥ

କରିବା ପାଇଁ ଏଗୁଡ଼ିକ ଯେ ଆଧ୍ୟାତ୍ମିକତା କ୍ଷୌମବସ୍ତ୍ରାବୃତ ପାର୍ଥିବ ଉଚ୍ଚାଭିଳାଷ ମାତ୍ର, ଏହା ସହଜରେ ବୁଝିହୁଏ । କିନ୍ତୁ ସେହି ଉଚ୍ଚାଭିଳାଷକୁ ଆଧ୍ୟାତ୍ମିକ ମର୍ଯ୍ୟାଦା ନ ଦେଲେ ପୁରୋହିତଙ୍କର ପରିବାର ପ୍ରତିପୋଷଣ ହୋଇ ପାରିବ ନାହିଁ ଏବଂ ପୁରୋହିତ-ସନ୍ତାନମାନେ କୌଳିକ ରୀତିକୁ ସରଳବିଶ୍ୱାସୀର ଅସନ୍ଦିଗ୍ଧ ଦୃଷ୍ଟିରେ ଦେଖି ଆସିଛନ୍ତି, ଯୌକ୍ତିକତା ଦୃଷ୍ଟିରୁ ଆଦୌ ଦେଖି ନାହାନ୍ତି । ତେଣୁ ସେମାନେ ଯେଉଁଠି ଆବଶ୍ୟକ ମନେ କରିଛନ୍ତି ସେଠାରେ ଶୂଦ୍ରର ରସନାଚ୍ଛେଦନ ବା ମସ୍ତକ ଛେଦନ ବ୍ୟବସ୍ଥାପତ୍ର ସହଜ ମନରେ ଦେଇଛନ୍ତି ଏବଂ ସେଥିପାଇଁ ସେମାନେ ବିବେକ-ଦଂଶନ ଜ୍ୱାଳା ଅନୁଭବ କରି ନାହାନ୍ତି । ଏହାହିଁ ଅତୀତର ଇତିହାସ ଓ ସ୍ୱାଭାବିକ ମନସ୍ତତ୍ତ୍ୱ ଯାହା ଅଜ୍ଞାତସାରରେ ନିଜର କାମ ନିଜେ କରିଯାଇଛି । କିନ୍ତୁ ବର୍ତ୍ତମାନ ଯୁଗ ବଦଳିଗଲାଣି, କ୍ଷତ୍ରିୟର ପ୍ରଭୃତ୍ୱ ଲୋପ ପାଇଲାଣି, ଅଧିକାଂଶ ବ୍ରାହ୍ମଣ କୃତି ଓ କୃତିତ୍ୱରୁ ବିଚ୍ୟୁତ ହୋଇ ନାନା ଅବାଞ୍ଛନୀୟ ଉପାୟରେ ଜୀବିକାର୍ଜ୍ଜନ କରି ସର୍ବସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନ ହରାଇ ବସିଛନ୍ତି ଓ ବସୁଛନ୍ତି । ସାରା ପୃଥିବୀରେ ସର୍ବତ୍ର ସବୁ ମନୁଷ୍ୟଙ୍କର ସମାନ ଅଧିକାର ସ୍ୱୀକୃତ ହେବାକୁ ଯାଉଛି । ଏପରି ଅବସ୍ଥାରେ ଅମୁକ ଶୂଦ୍ର ତମୁକ ଅବ୍ରାହ୍ମଣ ବୋଲି ଭଗବାନଙ୍କର ଶ୍ରେଷ୍ଠ ନାମଟି ତାକୁ ଜପ କରିବାକୁ ଦିଆଯିବ ନାହିଁ ବୋଲି ଯିଦ୍ ଧରି ବସିଲେ ଲୋକେ ସେ ଯିଦ୍‌କୁ ସମର୍ଥନ କରିବେ ବୋଲି ଭାବିବା ବାସ୍ତବ ଅବସ୍ଥାକୁ ଅସ୍ୱୀକାର କରିବା ଛଡ଼ା ଆଉ କିଛି ନୁହେଁ ।

ଜାତିଭେଦ

ବେଦ ବା ତତ୍ତୁଲ୍ୟ ପ୍ରାଚୀନ ହିନ୍ଦୁ ଶାସ୍ତ୍ରରେ ଶୂଦ୍ରର ବେଦାଧିକାର ଅଛି କି ନାହିଁ ସେ ବିଷୟରେ ବହୁ ବାଦାନୁବାଦ ଅଛି ଏବଂ ସେ ବାଦାନୁବାଦରେ କୌଣସି ପକ୍ଷକୁ ଆଶ୍ରୟ କରିବାର ପ୍ରୟୋଜନୀୟତା ଅଛି ବୋଲି ମୁଁ ଅନୁଭବ କରୁନାହିଁ । କିନ୍ତୁ ଅପକ୍ଷପାତ ଦୃଷ୍ଟିରେ ବିଗତ ଏକଶତ ବର୍ଷର ବାଦାନୁବାଦ ପ୍ରତି ଲକ୍ଷ କଲେ ସ୍ପଷ୍ଟ ବୁଝାଯାଏ ଯେ ଶୂଦ୍ରର ବେଦାଧିକାର ବେଦବିହିତ ବୋଲି ଯେଉଁମାନେ ମନେ କରୁଥିଲେ ସେମାନେ ସମାଜର ଭାବୀ ଓ ବ୍ୟାପକ କଲ୍ୟାଣ ପ୍ରତି ଦୃଷ୍ଟିଦେଇ

ସେହି ଦାବୀ କରି ଆସୁଥିଲେ । ଆଉ ଶୁଦ୍ରର ବେଦାଧିକାର ନାହିଁ ବୋଲି ଯେଉଁମାନେ ମନେ କରୁଥିଲେ ସେମାନଙ୍କ ମନରେ ଏକ ଗୁରୁତର ଆଶଙ୍କା ଥିବା ଲକ୍ଷ୍ୟ କରାଯାଏ ଯେ ଶୂଦ୍ର ବେଦମନ୍ତ୍ର ଉଚ୍ଚାରଣ କଲେ ଜାତିବର୍ଣ୍ଣ ସବୁ ଲୋପ ପାଇଯିବ, ଧରଣୀ ଏକାକାର ହେବ ଏବଂ ଏହା ଫଳରେ ସର୍ବନାଶ ହେବ । ପ୍ରାଚ୍ୟତତ୍ତ୍ୱବିଦ୍ ଇ.ବି. ହାଭେଲ୍ ଗୋଟିଏ ଯାଗାରେ ଲେଖିଛନ୍ତି- ହିନ୍ଦୁର ଜାତିଭେଦ ଯଦି ଚାଲିଯାଏ ତାହାହେଲେ ତାର ଆଉ ରହିବ କଣ ? କିନ୍ତୁ ଆର୍ଯ୍ୟ ଜାତିର ଅନ୍ୟାନ୍ୟ ଶାଖା ଯଥା-ଗ୍ରୀକ୍ ଓ ରୋମାନ୍ ମାନଙ୍କ ମଧ୍ୟରେ ଜାତିଭେଦ ଯେ ସୃଷ୍ଟି ବା ବିକଶିତ ହୋଇ ନ ଥିଲା, କେବଳ ଭାରତୀୟ ଆର୍ଯ୍ୟମାନଙ୍କ ମଧ୍ୟରେ ତାହା ସୃଷ୍ଟି ହୋଇଥିଲା ଓ ପ୍ରତିଷ୍ଠିତ ହୋଇଥିଲା ତା ପଛରେ ନିଶ୍ଚୟ ଏକ ଇତିହାସ ରହିଛି । ସେହି ଇତିହାସ ନିଗୁଢ଼ (ଏବଂ ସମ୍ଭବତଃ ଆମେ ତାହା ଗ୍ରନ୍ଥାନ୍ତରେ ଆଲୋଚନା କରିଅଛୁ) । ତା'ଛଡ଼ା ଏହି ଜାତିଭେଦ ପ୍ରଥାଟି କେତେ ସହସ୍ର ଶତାବ୍ଦୀ ହେଲା ଚାଲିଆସିଅଛି ତାହା ନିର୍ଣ୍ଣୟ କରିବା ମଧ୍ୟ କଷ୍ଟକର । କିନ୍ତୁ ଜାତିଭେଦ ପ୍ରଥା ଏକ ଦିଗରେ ହିନ୍ଦୁ ଜାତିକୁ ନାନା ଭାଗରେ ବିଭକ୍ତ ରଖିଲେ ମଧ୍ୟ ଏହି ପ୍ରଥାଟି ଥିବାରୁ କେତେ ଜାତି ଯେ ବାଡ଼ି ଦୁଆର ବାଟେ ହିନ୍ଦୁ ସମାଜ ଭିତରେ ଢୁକିଛନ୍ତି ଓ ଢୁକି ପାରିଛନ୍ତି ତାର ଇୟତା ନାହିଁ । ଜାତି ଭେଦ ପ୍ରଥା ଏକ ଦିଗରେ ଯେପରି ହିନ୍ଦୁ ସମାଜ ଭିତରେ ନିବିଡ଼ ଐକ୍ୟବୋଧ ଜାଗ୍ରତ କରିବାରେ ବିଘ୍ନ ସ୍ୱରୂପ ହୋଇ ରହିଛି, ସେହିପରି ହିନ୍ଦୁ ସମାଜରେ ଜାତି ରୂପକ କେତେଟା ଭିନ୍ନ ଭିନ୍ନ ସ୍ତର ଥିବାରୁ କେତେକ ଲୋକ କୌଶଳରେ ଦେଶ ତ୍ୟାଗ କରି ନିଜର ଅଭିଳଷିତ ଜାତି ଭିତରେ ସମସ୍ତଙ୍କ ଅଜ୍ଞାତ ସାରରେ ପଶି ଯାଉଛନ୍ତି । ମୁଁ ଜାତିଭେଦ ପ୍ରଥାର ଉଚ୍ଛେଦ ସାଧନ ଲାଗି ଆଦୌ ଆଗ୍ରହୀ ବା ଚେଷ୍ଟାଶୀଳ ନୁହେଁ କିନ୍ତୁ ନାନା ଜାତିର ନାନା ବର୍ଣ୍ଣର ଲୋକେ ଯେ ଜାତିଭେଦ ଛାଞ୍ଚ (Frame) ଭିତରେ ଢୁକି ଯାଉଛନ୍ତି ତାହା ମୁଁ ବିଗତ ଷାଠିଏ ବର୍ଷ ହେଲା ବିଭିନ୍ନ ପ୍ରଦେଶରେ ପ୍ରତ୍ୟକ୍ଷ କରୁଅଛି । ଅତଏବ ଏପରି ହେବା ବିଚିତ୍ର ନୁହେଁ ଯେ ବହୁ ଶତାବ୍ଦୀ ହେଲା ଏ କାର୍ଯ୍ୟଟି ଜନସାଧାରଣଙ୍କ ଦୃଷ୍ଟିର ଆଗୋଚରରେ ଘଟି ଆସୁଅଛି । ଯଦି ଜାତିଭେଦର ସ୍ତରବିଭାଗ ନିଜ ନିଜ ରୁଚି

ଅନୁସାରେ ସମାଜରେ ପଶିଯିବାର ଅବକାଶ ନଥାନ୍ତା, ଯଦିଓ ଏ ଧାରାଟି Clandastine ବା ଅସାମାଜିକ ତଥାପି ହିନ୍ଦୁ ସମାଜ ଏହାକୁ ରୋକି ପାରିନାହିଁ ।

ଅନ୍ୟ ଦିଗରୁ ବିବେଚନା କଲେ ବୁଝାଯିବ ଯେ ଜାତିଭେଦ ରୂପକ ଗୋଟାଏ ଛାଞ୍ଚର ବିଦ୍ୟମାନତା ହିନ୍ଦୁକୁ ତାର ପ୍ରାଚୀନ ଐତିହ୍ୟ ସହିତ ସଂଯୁକ୍ତ ରହିବାରେ ସାହାଯ୍ୟ କରିଅଛି । ଭାରତବାସୀଙ୍କ ମଧ୍ୟରେ ଜାତିଭେଦ ପ୍ରଥା ନ ଥିଲେ ଇସଲାମର ପ୍ଲାବନ ବା ଖ୍ରୀଷ୍ଟଧର୍ମର ବାତ୍ୟାପରେ ହିନ୍ଦୁରୂପେ କାହାରି ଅସ୍ତିତ୍ୱ ଥାଆନ୍ତା କି ନାହିଁ ସନ୍ଦେହ । ବିଭିନ୍ନ ଦୁର୍ବିପାକର ପର ମୂହୁର୍ତ୍ତରେ ହିନ୍ଦୁ ସମାଜର ସଂରକ୍ଷକମାନେ ଏ'ଠୁ ସେଠୁ ଗୋଟିଆଗୋଟି କରି ପୁନର୍ବାର ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟାଦି ବର୍ଣ୍ଣ ସ୍ଥାପନ ଲାଗି ଚେଷ୍ଟା କରିଛନ୍ତି । ଅସ୍ତିତ୍ୱ ଲୋପ ଆଶଙ୍କାର ମୁକାବିଲା କରିବାରେ ଏଭଳି ଚେଷ୍ଟା ଏକାବେଳେ ବିଫଳ ହୋଇ ଯାଇନାହିଁ । ଏହା ଫଳରେ ଏଭଳି କେତେକ ବ୍ୟକ୍ତି ବେଳେ ବେଳେ ସମାଜରେ ସମ୍ମାନାର୍ହ ହେବାର ସୁଯୋଗ ପାଇଛନ୍ତି ଯେଉଁମାନେ ଅନ୍ୟଥା ସେ ସୁଯୋଗ କେବେହେଲେ ପାଇ ନଥାନ୍ତେ । ଏହା ହିନ୍ଦୁ ସମାଜ ଇତିହାସର ଏକ ଲୁପ୍ତ ଅଜ୍ଞାତ ଅଧ୍ୟାୟ । ସୁତରାଂ ମୁଁ ଯେତେବେଳେ କହେ ଯେ ଶୁଦ୍ରମାନଙ୍କୁ ମଧ୍ୟ ଶ୍ରେଷ୍ଠ ମନ୍ତ୍ରରେ ଭଗବାନଙ୍କୁ ଡାକିବା ଅଧିକାର ଦେବାକୁ ହେବ ସେତେବେଳେ ଜାତିଭେଦ ପ୍ରଥାର ଭଲମନ୍ଦ, ଭୁତ ଭବିଷ୍ୟତ ଇତ୍ୟାଦି ବିଷୟରେ ମୋଟେ ମୁଣ୍ଡ ଖେଳାଏ ନାହିଁ ।

ବ୍ରହ୍ମଗାୟତ୍ରୀ ମନ୍ତ୍ର

ଯେଉଁମାନଙ୍କର ରୁଚି ଅଛି, ସାହାସ ଅଛି ଓ ଆଗ୍ରହ ଅଛି ସେମାନେ ବ୍ରହ୍ମଗାୟତ୍ରୀ ମନ୍ତ୍ର ଜପ କରିବେ । ତେବେ, ବ୍ରହ୍ମଗାୟତ୍ରୀ ମନ୍ତ୍ରରେ ସାକାର ରୂପ କଳ୍ପନା ନ ଥିବାରୁ ସାକାର ଉପାସକ ମାନଙ୍କ ପକ୍ଷରେ ଏହି ମନ୍ତ୍ର ଯୋଗେ ମନସନ୍ନିବେଶନ ଅତି ଦୁରୁହ ବ୍ୟାପାର । ସମ୍ଭବତଃ ଏହିଁ କାରଣରୁ ପରବର୍ତ୍ତୀ ଧର୍ମାଚାର୍ଯ୍ୟମାନେ ବ୍ରହ୍ମଗାୟତ୍ରୀ ସ୍ଥଳେ ସଂକ୍ଷିପ୍ତତର ମନ୍ତ୍ର ସମୂହ ଦର୍ଶନକରି ଶିଷ୍ୟ ଶିଷ୍ୟାନୁକ୍ରମେ ତାହା ଉପଦେଶ ଦେଇଥିଲେ । ସେ ସବୁ ମନ୍ତ୍ରରେ ରୂପ-କଳ୍ପନା ଅଛି ଏବଂ ପ୍ରତ୍ୟେକଟି ମନ୍ତ୍ରର ନିଜସ୍ୱ ଏକ ବିଶିଷ୍ଟ ମୂର୍ତ୍ତି ବା ପ୍ରତୀକ ମଧ୍ୟ ଅଛି ।

ସାଧାରଣ ସାଧକମାନଙ୍କର ବିଭିନ୍ନ ମୂର୍ତ୍ତି ପ୍ରତି ଅନୁରାଗ ଥିବାରୁ ସେମାନେ ସେହି ରୂପର ପ୍ରସ୍ଫୁଟକ ନିର୍ଦ୍ଦିଷ୍ଟ ସଂକ୍ଷିପ୍ତ ମନ୍ତ୍ରଟି ଗ୍ରହଣ କରିଛନ୍ତି ଏବଂ ଏହିପରି ଭାବରେ ବେଦଶାସିତ ଓ ବୌଦ୍ଧ-ନିର୍ଜିତ ହିନ୍ଦୁମାନଙ୍କ ମଧ୍ୟରେ ଶାକ୍ତ, ଶୈବ, ସୌର, ଗାଣପତ୍ୟ, ରାମାୟତ,ବୈଷ୍ଣବ ପ୍ରଭୃତି ଶତ ଶତ ସମ୍ପ୍ରଦାୟ ସୃଷ୍ଟି ହୋଇଅଛି । ଏହି ସମ୍ପ୍ରଦାୟ ଗୁଡ଼ିକ ବୌଦ୍ଧମାନଙ୍କ ଭଳି ପ୍ରକାଶ୍ୟ ବେଦର ବିରୋଧ କରନ୍ତି ନାହିଁ କିନ୍ତୁ ନିଜ ନିଜ ସାଧନମଣ୍ଡଳୀ ଭିତରେ ବୈଦିକ ବ୍ରହ୍ମଗାୟତ୍ରୀର ପ୍ରଚଳନ ଲାଗି ଚେଷ୍ଟା ନ କରି ସାମ୍ପ୍ରଦାୟିକ ବୀଜମନ୍ତ୍ର ପ୍ରଚଳନ କରିବାକୁ ଚେଷ୍ଟା କରିବା ଫଳରେ କାର୍ଯ୍ୟତଃ ବେଦର ପ୍ରଭାବକୁ ସଙ୍କୁଚିତ କରିଛନ୍ତି ଏବଂ ବୈଦିକ ପନ୍ଥାରେ ଅନୁସନ୍ଧାନ ନ କରି ଅନ୍ୟ ପନ୍ଥାରେ ଲୋକହିତ ସାଧନରେ ଚେଷ୍ଟା କରିଛନ୍ତି । ଏହାଦେଖି ମନେହୁଏ, ଗୋଟିଏ ଶ୍ରେଣୀର ପଣ୍ଡିତମାନେ ଯାହା କହିଥାନ୍ତି- "ସଞ୍ଚାଲୋଭୀ ଉଦର ସର୍ବସ୍ୱ ବ୍ରାହ୍ମଣମାନେ ଜୋରକରି ଗାୟତ୍ରୀ ମନ୍ତ୍ରଟା ନିଜ କୁଞ୍ଚକାନିରେ ବାନ୍ଧି ରଖିଛନ୍ତି" ସେ କଥାଟା ପୁରାପୁରି ସତ୍ୟ ନୁହେଁ । ବରଂ ଏଇଟା ଅଧିକତର ସମ୍ଭବ ଯେ, ଭାରତ ବର୍ଷର ଅଧିକାଂଶ ସାଧକ ନିଜ ନିଜ ଧର୍ମ-ପ୍ରଚାର ପ୍ରୟାସକୁ ସାମ୍ପ୍ରଦାୟିକ ସଂକ୍ଷିପ୍ତ ମନ୍ତ୍ରଗୁଡ଼ିକ ସାଧନା ମଧ୍ୟରେ ଏକାନ୍ତ ଭାବେ କେନ୍ଦ୍ରୀଭୁତ କରିବାରୁ ବ୍ରହ୍ମ-ଗାୟତ୍ରୀର ପ୍ରୟୋଜନୀୟତା କଥା ସେମାନେ ବିସ୍ମୃତ ହୋଇଥିଲେ । ତା ନ ହୋଇଥିଲେ ନାନକ, ତୁକାରାମ, କବୀର ଚୈତନ୍ୟ ପ୍ରଭୃତି ଶକ୍ତିଶାଳୀ ସମ୍ପ୍ରଦାୟ ସ୍ରଷ୍ଟାମାନେ ଯଦି ଇଚ୍ଛା କରିଥାନ୍ତେ ତେବେ ସେମାନେ କଣ ନିଜ ନିଜ ସମ୍ପ୍ରଦାୟର ମଧ୍ୟରେ ସ୍ତ୍ରୀ ପୁରୁଷ ଓ ଉଚ୍ଚନୀଚ ନିର୍ବିଶେଷରେ ଗାୟତ୍ରୀମନ୍ତ୍ର ପ୍ରଚଳନ କରାଇ ପାରି ନ ଥାନ୍ତେ । ଅସଲ କଥା ହେଲା ସେମାନେ ଗାୟତ୍ରୀର ପ୍ରୟୋଜନୀୟତା ସେଭଳି ଭାବରେ ଉପଲବ୍ଧି କରି ନ ଥିଲେ । କିନ୍ତୁ ସମ୍ମୁଖରେ ଏପରି ଏକ ମହା ସନ୍ଧିକ୍ଷଣ ବା ଘଡ଼ିସନ୍ଧି ବେଳ ଆସି ପାଖେଇଗଲାଣି ଯେତେବେଳେ କି ସମ୍ୟକ ଅସାମ୍ପ୍ରଦାୟିକତାକୁ ହିଁ ସମ୍ପ୍ରଦାୟ ପୋଷଣର ପ୍ରଧାନ ଉପକରଣ ରୂପେ ଗ୍ରହଣ କରିବାକୁ ପଡ଼ିବ, ଯେତେବେଳେ କି ବେଦମାତା ଗାୟତ୍ରୀ ସାଧକ ସମାଜରେ ତାଙ୍କର ନିର୍ଦ୍ଦିଷ୍ଟ ଆସନଟି ନିଶ୍ଚୟ ଗ୍ରହଣ କରିବେ ଏବଂ

ଗାୟତ୍ରୀମନ୍ତ୍ରକୁ ଉପଲକ୍ଷ୍ୟ କରି ବେଦଗୁହ୍ୟ ଓଙ୍କାର ମନ୍ତ୍ର ନିଖିଳ ବିଶ୍ୱବାସୀଙ୍କ ମର୍ମେ ମର୍ମେ ପ୍ରତିଷ୍ଠା ଅର୍ଜନ କରି ସମସ୍ତଙ୍କୁ ନ୍ୟାୟ, ଧର୍ମ, ସତ୍ୟ ଓ ପ୍ରେମରେ ପୂର୍ଣ୍ଣ ପ୍ରତିଷ୍ଠା ପ୍ରଦାନ କରିବେ ।

ବିଭିନ୍ନ ରୁଚିର ବିଭିନ୍ନ ମନ୍ତ୍ର

ବିବାହିତା ନରନାରୀଙ୍କ ମଧ୍ୟରୁ ଯେଉଁମାନେ ଗାୟତ୍ରୀର ପ୍ରୟୋଜନୀୟତା ଉପଲବ୍ଧି ନ କରିବେ ଅଥବା ଉପଲବ୍ଧି କଲେ ମଧ୍ୟ ତାକୁ ମୁଖ୍ୟ ଭାବରେ ଗ୍ରହଣ ନ କରି ଗୌଣ ଭାବରେ ଗ୍ରହଣ କରିବେ ସେମାନେ ମୁଖ୍ୟ ଭାବରେ ବୈଦିକ ପ୍ରଣବ ମନ୍ତ୍ର ଅଥବା ତନ୍ତ୍ରୋକ୍ତ ମନ୍ତ୍ରାଦି ଗ୍ରହଣ କରିପାରନ୍ତି । ସାକାର ବ୍ରହ୍ମୋପାସକ "ଓଁ ହ୍ରୀଂ" 'ଓଁ କ୍ଲୀଂ' ପ୍ରଭୃତି ନିରାକାର ବ୍ରହ୍ମୋପାସକ 'ଓଁ ବ୍ରହ୍ମ', 'ଓଁ ତତ୍‌ସତ', 'ଓଁ ସଚ୍ଚିଦେକଂ ବ୍ରହ୍ମ' ପ୍ରଭୃତି, ମୁସଲମାନ 'ବିସ୍ମିଲ୍ଲାର୍ହେରହମାନେରହିମ' , 'ଲାଇଲାହାଇଲ୍ଲାଲ୍ଲାହ', ପ୍ରଭୃତି, ଖ୍ରୀଷ୍ଟିୟାନ 'ଗଡ୍ ଦି ଫାଦର, ଗଡ୍ ଦି ସନ" ବା ଖ୍ରୀଷ୍ଟନାମ ପ୍ରଭୃତି ମନ୍ତ୍ର ନିଜ ନିଜ ରୁଚି ଅନୁଯାୟୀ ଜପ କରିବେ । ଯେଉଁମାନେ ଈଶ୍ୱର ବିଶ୍ୱାସୀ ନୁହନ୍ତି; ସେମାନେନିଜ ନିଜ ରୁଚି ଅନୁଯାୟୀ "ସତ୍ୟଂ" "ଲୋକ କଲ୍ୟାଣଂ" "ପବିତ୍ରତା" ଅହଂ" ପ୍ରଭୃତି କୌଣସି ଏକ ଶବ୍ଦକୁ ମନ୍ତ୍ର ରୂପେ କଳ୍ପନା କରି ଜପ କରିବେ । ଅବଶ୍ୟ ସ୍ୱୟଂ ନିର୍ବାଚିତ ମନ୍ତ୍ର ଓ ଦୀକ୍ଷାଲବ୍ଧ ମନ୍ତ୍ରର ସାଧନ ଫଳ ମଧ୍ୟରେ କିଞ୍ଚିତ ପାର୍ଥକ୍ୟ ରହିଛି । ବିଶେଷତଃ ନାମଜପର ସୂକ୍ଷ୍ମ ଓ ସ୍ଥୁଳ କୌଶଳ ଗୁଡ଼ିକ ଆବିଷ୍କାର କରିବା ଆଶା ସାଧାରଣ ଲୋକଙ୍କ ପକ୍ଷରେ ବିଡ଼ମ୍ବନା ମାତ୍ର ହୋଇଥିବାରୁ ଉଭୟର ସାଧନ ଫଳ ମଧ୍ୟରେ କିଂଚିତ ପାର୍ଥକ୍ୟ ରହିବା ଅବଶ୍ୟମ୍ଭାବୀ । ଯେଉଁମାନେ ପବିତ୍ର ପ୍ରଣବ ମନ୍ତ୍ରରେ ଦୀକ୍ଷୀତ ସେମାନେ ଅନ୍ୟ କୌଣସି ମନ୍ତ୍ର ଜପ କରିବା ନିରର୍ଥକ ଓ ନିଷ୍ପ୍ରୟୋଜନ । କାରଣ ଏକମାତ୍ର ପ୍ରଣବ (ଓଙ୍କାର) ଜପକଲେ ଅନ୍ୟାନ୍ୟ ସବୁ ମନ୍ତ୍ରର ଜପ ହୋଇଯାଏ । ଯେତେମନ୍ତ୍ର ଅଛି ସେ ସବୁର ସମଷ୍ଟି ଯାହା ହେବ ଏକମାତ୍ର ପ୍ରଣବ ମଧ୍ୟରେ ସେ ସମସ୍ତ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ, ଏହାହିଁ ହେଉଛି ପ୍ରଣବ ତତ୍ତ୍ୱଜ୍ଞ ଶାସ୍ତ୍ରକାରମାନଙ୍କର ଅଭିପ୍ରାୟ ଓ ପ୍ରତ୍ୟକ୍ଷ ଅନୁଭୂତି । ଜଗତର ସବୁ ମନ୍ତ୍ରକୁ ଏକତ୍ର କରି ଜପ କଲେ

ଯେଉଁ ଫଳ ମିଳିବ ଏକମାତ୍ର ପ୍ରଣବକୁ ଏକକ ଭାବରେ ଜପକଲେ ସେହି ଫଳ ମିଳିବ । କଥିତ ଅଛି ଯେ ସବୁ ମନ୍ତ୍ର ଓ ସବୁ ଭାଷାର ଉତ୍ପତ୍ତି ପ୍ରଣବରୁ ହିଁ ଘଟିଛି ଏବଂ ସବୁ ମନ୍ତ୍ର ଓ ସବୁ ଭାଷା ଉପସଂହୃତ ହେଲେ ଏହି ପ୍ରଣବରେ ହିଁ ଲୀନ ହୋଇଯିବେ । ମନ୍ତ୍ରରାଜ ଓଙ୍କାର ସର୍ବମନ୍ତ୍ରର ପ୍ରାଣ ସ୍ୱରୂପ । ଭିନ୍ନ ଭିନ୍ନ ମନ୍ତ୍ର ଅଲଗା ଅଲଗା ଜପକଲେ ସାଧକର ଯେଉଁ ଚରମ ଅନୁଭୂତି ହେବ ତାହା ପ୍ରଣବ ଛଡ଼ା ଆଉ କିଛି ନୁହେଁ । ସାଧକ ଯେତେବେଳେ ପ୍ରତ୍ୟେକ ମନ୍ତ୍ରର ପ୍ରାଣଟିକୁ ଆବିଷ୍କାର କରିବାକୁ ସକ୍ଷମ ହେବେ ସେତେବେଳେ ସେ ଏକମାତ୍ର ପ୍ରଣବକୁ ହିଁ ସେଠାରେ ପାଇବେ । ତେଣୁ ଏହି ମନ୍ତ୍ରର ସେବା କଲେ ଅନ୍ୟ କୌଣସି ମନ୍ତ୍ରର ସେବା କରିବା ଆବଶ୍ୟକ ହୁଏନାହିଁ । ଅନ୍ୟାନ୍ୟ ସବୁ ମନ୍ତ୍ର ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ଭାବ ଅଛି ଅଥବା ଅନ୍ୟ ସବୁ ମନ୍ତ୍ର ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ଭାବର ଆଶ୍ରୟ । କିନ୍ତୁ ପ୍ରଣବ-ମନ୍ତ୍ର ସର୍ବଭାବର ଆଶ୍ରୟ ଓ ସର୍ବଭାବ ପ୍ରଣବର ଆଶ୍ରୟ । ଏହି କାରଣରୁ ଏହା ମନ୍ତ୍ର-ଶ୍ରେଷ୍ଠ । ତଥାପି ଧର୍ମଯାଜକ ଓ ଧର୍ମବ୍ୟବସାୟୀମାନେ ଏବଂ ସେମାନଙ୍କର ଅନୁଗତ ଗୋଟିଏ ଗୋଷ୍ଠୀର ଲୋକେ ଯେ ନିର୍ଦ୍ଦିଷ୍ଟ କେତେ ଗୁଡ଼ିଏ ବଂଶଜାତ ପୁରୁଷ ବ୍ୟତୀତ ଅନ୍ୟମାନଙ୍କର ପ୍ରଣବ ଉଚ୍ଚାରଣ ବା ପ୍ରଣବ ସାଧନରେ ତୀବ୍ର ଦ୍ୱେଷ ଓ ଉନ୍ନତି ବିରୋଧ ସୃଷ୍ଟି କରିଥାନ୍ତି ତାହା ଏକ ପ୍ରକାରର ଧର୍ମାନ୍ଧତା ଛଡ଼ା ଆଉ କିଛି ନୁହେଁ । ପରବର୍ତ୍ତୀ ଯୁଗରେ ରଚିତ କେତେକ ଶାସ୍ତ୍ରବଚନ ଓ କେତେ ଗୁଡ଼ିଏ କପୋଳ କଳ୍ପିତ ଅନୁଷ୍ଟପର ଦ୍ୱାହି ଦେଇ ସାଧନେଚ୍ଛୁ ଜନ ସାଧାରଣଙ୍କୁ ସେମାନଙ୍କର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିବା ଲାଗି ଏହା ସଂସ୍କାରଛନ୍ନ ବ୍ୟକ୍ତିମାନଙ୍କ ଅନ୍ଧ ଚେଷ୍ଟା ମାତ୍ର । ପ୍ରକୃତ ସାଧକ ଏଥିପ୍ରତି ଭ୍ରୂକ୍ଷେପ କରିବା ଅନାବଶ୍ୟକ । ଯୁକ୍ତି, ବିଚାର ବା ତର୍କ ଦ୍ୱାରା ଏହି ସଂସ୍କାରାଚ୍ଛନ୍ନ ବ୍ୟକ୍ତିମାନଙ୍କର ବୋଧୋଦୟ ସମ୍ଭବ ନୁହେଁ । କାରଣ ଜ୍ଞାତ ସାରରେ ହେଉ ବା ଅଜ୍ଞାତସାରରେ ହେଉ ଏମାନେ ନ୍ୟସ୍ତସ୍ୱାର୍ଥର ଜିମ୍ମାଦାର । ତେଣୁ ପ୍ରକୃତ ସାଧକ ଅନ୍ୟ କୌଣସି ମତ ଉପରେ ନିର୍ଭର ନ କରି ଅମିତ ବିକ୍ରମରେ ପ୍ରଣବ-ସାଧନା କରିଯିବା ବିଧେୟ । ପ୍ରସଙ୍ଗକ୍ରମେ ଏକଥା ମଧ୍ୟ କହିରଖିବା ଉଚିତ୍ ଯେ ଯେଉଁମାନେ

ବୈଧ ଉପାୟରେ ପ୍ରଣବ-ସାଧନାରେ ସଙ୍ଗତ ଅଧିକାର ପାଇ ମଧ୍ୟ ସାଧନ କରୁନାହାନ୍ତି ବା ଅବହେଳାରେ ସୁଯୋଗ ହରାଉଛନ୍ତି ସେମାନେ ଦୁର୍ଭାଗା ଓ ଧର୍ମ-ତସ୍କର ।

ନାଦର ଉପାସନା

ପ୍ରଣବ ବା ଓଙ୍କାର ସମ୍ବନ୍ଧେ କେତେକ ବିଷୟ ପୁନରୁକ୍ତି କଲେ ତାହା ଦୋଷାବହ ହେବନାହିଁ । ଓଙ୍କାର ଉପାସନା ହେଉଛି ନାଦର ଉପାସନା । କିନ୍ତୁ ସେ ନାଦ ତୁମ୍ଭ ଦ୍ୱାରା, ମୋ ଦ୍ୱାରା ବା ଆଉ କାହା ଦ୍ୱାରା କଳ୍ପିତ କୌଣସି ନାଦ ନୁହେଁ ; ଯେଉଁ ନାଦ ସ୍ୱତଃସ୍ଫୁରିତ ହୋଇ ବିଶ୍ୱ ବ୍ରହ୍ମାଣ୍ଡକୁ ଆଚ୍ଛାଦିତ କରି ରହିଛି ଏହା ସେହି ନାଦ । ବିଶ୍ୱର ପ୍ରତି ଅଣୁପରମାଣୁ ମଧ୍ୟରେ ଯେଉଁ ନାଦ ବିନା ଯନ୍ତ୍ରରେ ଆପେ ଆପେ ଅବିଚ୍ଛେଦ ଧ୍ୱନିତ ହେଉଅଛି, ଏହା ସେହି ନାଦ । କୋଟି ବ୍ରହ୍ମାଣ୍ଡର ଅନନ୍ତ କୋଟି ଗ୍ରହ ନକ୍ଷତ୍ରଙ୍କ ଗମନ ପଥରେ ନିରନ୍ତର ଯେଉଁ ନାଦ ଝଙ୍କୃତ ହେଉଅଛି, ଏହା ସେହି ନାଦ । ତୁମର, ମୋର ଓ ଏ ବିଶ୍ୱର ପ୍ରତ୍ୟେକ ଦେହୀର ଅନ୍ତଃକରଣରେ, ରନ୍ଧ୍ରେ ରନ୍ଧ୍ରେ, ପ୍ରତି ଶୋଣିତ ବିନ୍ଦୁରେ, ପ୍ରତି ତନ୍ତୁରେ, ପ୍ରତି ପେଶୀରେ ଓ ପ୍ରତି ଶିରାପ୍ରଶିରାରେ ଯେଉଁ ନାଦ ନିରନ୍ତର ଧ୍ୱନିତ, ବିଧ୍ୱନିତ ଓ ପ୍ରତିଧ୍ୱନିତ ହେଉଅଛି, ଏହା ସେହି ନାଦ । ପ୍ରତ୍ୟେକ ଚେତନଶୀଳ ବସ୍ତୁ ଓ ପ୍ରତ୍ୟେକ ଜଡ଼ ପଦାର୍ଥ ସମସ୍ତଙ୍କ ଅଜ୍ଞାତସାରରେ ଯେଉଁ ଅବ୍ୟକ୍ତ ଧ୍ୱନି ତରଙ୍ଗକୁ ସର୍ବଦା ସର୍ବ ଦିଗରେ ନିରନ୍ତର ବିଚ୍ଛୁରିତ କରି ଚାଲିଛନ୍ତି, ଏହା ସେହି ନାଦ । ଯେଉଁ ନାଦକୁ ଆଶ୍ରୟ କରି ଅନନ୍ତ ଓ ଅପୂର୍ବ, ଅପରୂପ ଓ ବିଚିତ୍ର ରୂପର ବିଭା ଚତୁର୍ଦ୍ଦିଗରେ ଖାଲି ଖେଳେଇ ହୋଇ ଯାଉଛି ଏହା ସେହି ସୁସ୍ପଷ୍ଟ, ସୁନ୍ଦର ସ୍ୱଚ୍ଛ ଓ ସର୍ବତୋଭଦ୍ର ସ୍ୱୟଂପ୍ରକାଶ ନାଦ ।

ଏହି କାରଣରୁ ଓଙ୍କାର ସର୍ବମନ୍ତ୍ରମୟ ଓ ସର୍ବମନ୍ତ୍ରର ପ୍ରାଣ । ସର୍ବ ଋଷି ଏହି ମନ୍ତ୍ରର ହିଁ ଉପାସକ କିନ୍ତୁ ଏହି ମନ୍ତ୍ର ସର୍ବ-ଋଷି-ନିରପେକ୍ଷ । କୌଣସି ଋଷି ଏହି ମନ୍ତ୍ର ଜଗତକୁ ଉପହାର ଦେଇ ନିଜକୁ ଧନ୍ୟ କରି ପାରିନାହାନ୍ତି । ବରଂ ଏହି ମନ୍ତ୍ରକୁ ଉପଲବ୍ଧି-ଜଗତରେ ପାଇ ସବୁ ଋଷି ଧନ୍ୟାତିଧନ୍ୟ ହୋଇଛନ୍ତି ।

ଓଁକାର ତତ୍ତ୍ୱ

ତୁମ ଗୁରୁ ଯଦି ତୁମକୁ ପ୍ରଣବ ମନ୍ତ୍ର ଦେଇଥାନ୍ତି ତେବେ ତୁମର ଆଉ ଭାବନା ଚିନ୍ତା କିଛି ନାହିଁ । ଗୁରୁଙ୍କ ଆଦେଶରେ ତୁମେ ମନ୍ତ୍ର ଜପ କରିବ । ତୁମର ଆଉ କୌଣସି ଦାୟିତ୍ୱ ବା ଦୁଶ୍ଚିନ୍ତା ରହି ନ ପାରେ । କିନ୍ତୁ ତୁମେ ଯଦି ଗୁରୁ କରି ନ ଥାଅ, ତେବେ ବି ତୁମେ ଓଙ୍କାର ଜପ କରିବାକୁ ଅଧିକାରୀ । ଓଙ୍କାର ଜପରେ ତୁମର ଅଧିକାର ଅଛି ବୋଲି କହିବାର ତାତ୍ପର୍ଯ୍ୟ ହେଉଛି, ଓଙ୍କାର କୌଣସି ଗୁରୁବାଦକୁ ଅପେକ୍ଷା କରେନାହିଁ । ଗୁରୁ ଓ ଶିଷ୍ୟର ପାରସ୍ପରିକ ସମ୍ବନ୍ଧ ତତ୍ତ୍ୱ ଆବିଷ୍କୃତ ହେବାର ବହୁକାଳ ପୂର୍ବରୁ ଋଷିମାନଙ୍କର ଉପଲବ୍ଧିଗଗନରେ ଓଙ୍କାର ଏକଚ୍ଛତ୍ର ଭାସ୍କର ରୂପେ ବିରାଜିତ । ଓଙ୍କାରର ଉପଲବ୍ଧି ହିଁ ସାଧାରଣ ମାନବକୁ ଋଷିରେ ପରିଣତ କଲା, ଋଷିଙ୍କୁ ମହର୍ଷି, ବ୍ରହ୍ମର୍ଷି ଓ ପରମର୍ଷି କଲା, କିନ୍ତୁ ନିଜର ବ୍ୟାପକ ମହିମା ପ୍ରଚାର ଲାଗି କୌଣସି ପ୍ରଚାରକଙ୍କୁ ପ୍ରତୀକ୍ଷା କଲାନାହିଁ । ଏହି ମନ୍ତ୍ର ଜୀବର ଅନ୍ତରରେ ସ୍ୱତଃସ୍ଫୂର୍ତ୍ତ, ଏହି ମନ୍ତ୍ର ପ୍ରାଣୀର କର୍ଣ୍ଣରେ ସ୍ୱତଃଶ୍ରୁତ । ନିୟତ-ଗୁଞ୍ଜନଶୀଳ ସ୍ୱକୀୟ ମହାସଙ୍ଗୀତ ମଧ୍ୟ ଦେଇ ଏ ମନ୍ତ୍ର କଣ୍ଠରେ ନୁହେଁ, ଓଷ୍ଠରେ ନୁହେଁ ବାହ୍ୟ ଉଚ୍ଚାରଣରେ ନୁହେଁ- ଅନ୍ତରର ନିଭୃତ କନ୍ଦରରେ ଚିରପ୍ରତିଷ୍ଠିତ ଓ ଚିରଜାଗ୍ରତ । ଏ ମନ୍ତ୍ର ନିଜେ ନିରାଲମ୍ବ କିନ୍ତୁ ଏହା ନିଖିଳ ବିଶ୍ୱର ଅବଲମ୍ବନ । ଓଙ୍କାର ନିଜ ମହିମାରେ ନିଜେ ପ୍ରତିଷ୍ଠିତ । କୌଣସି ଭକ୍ତ ବା ପ୍ରଚାରକଙ୍କୁ, କୌଣସି ଶାସ୍ତ୍ର ବା ପୁରାଣକୁ କୌଣସି ଇତିହାସ ବା ଦର୍ଶନକୁ ଏହି ମହାମନ୍ତ୍ର ପ୍ରତୀକ୍ଷା କରେନାହିଁ । କୌଣସି ସାମ୍ପ୍ରଦାୟିକ ମତାମତ ବା କୌଣସି ସଂଘବଦ୍ଧ ପ୍ରୟାସକୁ ମଧ୍ୟ ଏହା ଅପେକ୍ଷା କରେନାହିଁ । ବହୁ ସାଧନା ସାଧିଲେ, ବହୁ ତପସ୍ୟା କଲେ, ଆଧ୍ୟାତ୍ମତତ୍ତ୍ୱର ବହୁ ଆସ୍ୱାଦନ ପାଇବା ପରେ ସାଧକ, ତାପସ ଓ ଯୋଗବ୍ରତୀ ମହାପୁରୁଷମାନେ ନିଜ ନିଜ ହୃଦୟକନ୍ଦରରେ ଓଙ୍କାର ତତ୍ତ୍ୱକୁ ସ୍ୱତଃ ଉପଲବ୍ଧି କରିଥାନ୍ତି । ପ୍ରଣବମନ୍ତ୍ର ସର୍ବମନ୍ତ୍ରର ପରିପୂର୍ଣ୍ଣ ସମନ୍ୱୟମୂଳକ ମନ୍ତ୍ର । ଏ ଜଗତରେ ଯେତେ ଧ୍ୱନୀ ଅଛି ସେ ସବୁ ଏକତ୍ର ମିଳିତ ହୋଇ ଏକ ଅପର ସହିତ ଅଙ୍ଗୀ ଅଙ୍ଗୀ ଭାବରେ ଜଡ଼ିତ ହେଲେ ହୁଏ ପ୍ରଣବ । ଏପରି କୌଣସି ମନ୍ତ୍ର ନାହିଁ, ଏପରି କୌଣସି ଶବ୍ଦ ନାହିଁ, ଏପରି କୌଣସି ତତ୍ତ୍ୱ ନାହିଁ ବା

ଏପରି କୌଣସି ରୂପ ନାହିଁ ଯାହା ପ୍ରଣବର ବହିର୍ଭୁତ । ଏହି ପ୍ରଣବ ଭିତରେ ସବୁ କିଛି ରହିଛି- କେତେବେଳେ ରହିଛି ସମ୍ପୁଟିତ ଭାବରେ ତ କେତେବେଳେ ରହିଛି ସୁପ୍ରକାଶିତ ରୂପରେ, ଆଉ କେତେ ବେଳେ ହୁଏତ ରହିଛି ରହସ୍ୟମୟ ଆଲୋକ ଛାୟାର ବିଚିତ୍ର କ୍ରୀଡ଼ା ମଧ୍ୟରେ । ଯାହା ପ୍ରଣବରେ ନାହିଁ ତାହା ଆଉ କେଉଁଥିରେ ନାହିଁ, ଆଉ କେଉଁଥିରେ ନ ଥିଲା କି ଆଉ କେଉଁଥିରେ ନଥିବ । ଯାହା ଅଛି, ଯାହା ଥିଲା ଓ ଯାହା ହେବ ସେ ସବୁ ପ୍ରଣବ ମଧ୍ୟରେ ବିଦ୍ୟମାନ । ବ୍ରହ୍ମାଙ୍କୁ ଯେପରି ଲୋକସୃଷ୍ଟିର ଆଦି-ପିତାମହ କୁହାଯାଏ, ପ୍ରଣବ ସେହିପରି ସମଗ୍ର ମନ୍ତ୍ରଗୋଷ୍ଠୀର ଆଦି ପିତାମହ ବୋଲି ଜାଣିବ । ଯେଉଁଦିନ ବୈଦିକ ଋଷିଙ୍କର ନୟନ ଯୁଗଳରେ ରୂପକଳ୍ପନା କଜ୍ଜଳଗାର ସୁଦ୍ଧା ପଡ଼ି ନଥିଲା ନିସର୍ଗ-ଶୋଭାର ଆଶ୍ଚର୍ଯ୍ୟ ସମାରୋହ ଯେଉଁଦିନ ସେମାନଙ୍କ ମନରେ ଗୋଟିଏ ଗୋଟିଏ ଅତ୍ୟଦ୍ଭୁତ ଭାଗବତୀ ଚେତନା, ଦିବ୍ୟ ପ୍ରେରଣା ଓ ଐଶୀ ବୋଧକୁ ଜାଗ୍ରତ କରିଥିଲା, ସେ ଦିନ ସେମାନେ ଯେତେ ଯେତେ ଦେବତାଙ୍କ ନାମ ସାନନ୍ଦରେ ଉଚ୍ଚାରଣ କରିଥିଲେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ବାଚକ ଯେଉଁ ମହାଧ୍ୱନିର ଆବେଶ ସେମାନଙ୍କ ଓଷ୍ଠ ଓ ରସନାର ଉଚ୍ଚାରଣ ଶକ୍ତିର ଅତୀତ ଥାଇ ସର୍ବଦେହବ୍ୟାପୀ ଶିହରଣ ତୋଳି, ତରଙ୍ଗେ ତରଙ୍ଗେ ଲୀଳାୟିତ ବିଚି ବିଭଙ୍ଗ ଖେଳି ବୁଲୁଥିଲା ତାହାହିଁ ଓଙ୍କାର ! ବେଦ ଯେତେବେଳେ ପ୍ରକଟିତ ହୋଇ ନଥିଲା,ସେତେବେଳେ ବି ଓଙ୍କାର ଥିଲା । ସରଳ ନିରାଡ଼ମ୍ବର-ଜୀବନ-ଯାପନକାରୀ ଋଷିମାନଙ୍କର ଦୈନନ୍ଦିନ ଜୀବନଯାତ୍ରାର ପ୍ରତ୍ୟେକ ଅନୁକରଣରେ ଓଙ୍କାର ବାରମ୍ବାର ଝଙ୍କୃତ ହୋଇ ସେମାନଙ୍କ ଯାତ୍ରାପଥକୁ କରୁଥିଲେ ମସୃଣ, କୋମଳ, ସୁଖପ୍ରଦ, ସୁଗମ ଓ ମଧୁମୟ । ଓଙ୍କାର ମଧ୍ୟରୁ ଘଟିଲା ସବୁତତ୍ତ୍ୱର ବିକାଶ,କିନ୍ତୁ ଓଙ୍କାର ସ୍ୱୟଂ ସ୍ୱତୋବିକାଶିତ, ଆଉ କେଉଁଥିରୁ ଏହାର ବିକାଶ ଘଟି ନାହିଁ । ଏହି କାରଣରୁ ଓଙ୍କାର ଏକଧାରରେ ଆଦି ଓ ଅନାଦି ।

ପ୍ରଣବ ହିଁ ସକଳ ମନ୍ତ୍ରର ପର୍ଯ୍ୟବସାନ

ଏକମାତ୍ର ପ୍ରଣବରୁ ହିଁ ସକଳ ମନ୍ତ୍ରର ଉତ୍ପତ୍ତି, ଏହି ପ୍ରଣବରେ ହିଁ ସକଳ ମନ୍ତ୍ରର ପର୍ଯ୍ୟବସାନ । ଏହି କାରଣରୁ ପ୍ରଣବମନ୍ତ୍ର ସହିତ ଅନ୍ୟ କୌଣସି ମନ୍ତ୍ରର

ତାତ୍ତ୍ୱିକ ଦ୍ୱନ୍ଦ ନାହିଁ । ଦାର୍ଶନିକ ଦ୍ୱନ୍ଦସଂଘର୍ଷ ସମୂହକୁ ଅତିକ୍ରମ କରି ସବୁ ମତ ଓ ସବୁ ପଥ ପ୍ରତି ଉଦାର ସମଦୃଷ୍ଟି ରଖି ନିଜର ସାଧନା ମାର୍ଗରେ ନିର୍ମତ୍ସର ଓ ନିରସ୍ପୃହ ମନରେ ଗତି କରିବାକୁ ହେଲେ ପ୍ରଣବ ପରି ସରଳ ଆଶ୍ରୟ, ପ୍ରଣବ ପରି ସହଜ ଶରଣ ଆଉ କିଛି ନାହିଁ । ଶକ୍ତିମନ୍ତ୍ର, ଶିବମନ୍ତ୍ର, ବିଷ୍ଣୁମନ୍ତ୍ର ଇତ୍ୟାଦି ସବୁ ମନ୍ତ୍ରର ଅପାର ଆଧାର ହେଉଛି ପ୍ରଣବ । ଏଣୁ ଶାକ୍ତ-ଶୈବ-ବୈଷ୍ଣବଙ୍କର ତାତ୍ତ୍ୱିକ ଦ୍ୱନ୍ଦ ବା ସମ୍ପ୍ରଦାୟିକ ବିରୋଧର ସ୍ଥାନ ଏଥିରେ ନାହିଁ । ପ୍ରଣବରେ ସର୍ବମନ୍ତ୍ରର ପର୍ଯ୍ୟବସାନ ଘଟିଥାଏ ବୋଲି ଏହା ସର୍ବମନ୍ତ୍ରର ପ୍ରାଣ, ସର୍ବ ମନ୍ତ୍ରର ସମାହାର, ସର୍ବମନ୍ତ୍ରର ସମନ୍ୱୟ ଓ ସର୍ବମନ୍ତ୍ରର ସାମଞ୍ଜସ୍ୟ ।

ପ୍ରଣବ ସର୍ବ ସ୍ୱୀକୃତି ମୂଳକ ମନ୍ତ୍ର

ପ୍ରଣବ ସର୍ବମନ୍ତ୍ରର ସାମଞ୍ଜସ୍ୟ ହୋଇଥିବାରୁ ସର୍ବଧର୍ମ-ସମନ୍ୱୟ ଏହି ଯୁଗରେ, ସର୍ବବର୍ଣ୍ଣ-ସଂପ୍ରୀତିର ଏହି ଯୁଗସନ୍ଧିକ୍ଷଣରେ ପ୍ରଣବ ହିଁ ସମସ୍ତଙ୍କର ସହଜ ମୁକ୍ତିଦାତା । ପ୍ରଣବ ସାଧନ କରୁ କରୁ କ୍ରମଶଃ ତୁମେ ଦେଖିବ ଯେ ହ୍ରୀଂ, କ୍ଲୀଂ, ଶ୍ରୀଂ, କ୍ରୀଂ ହୁଂ,ରାଂ ପ୍ରଭୃତି ଯେତେ ମନ୍ତ୍ର ଜଗତରେ ସମାଦୃତ ହୋଇଛି ସେ ସବୁ ମନ୍ତ୍ରର ଧ୍ୱନି, ରୂପ, ବର୍ଣ୍ଣ, ଦାର୍ଶନ, ଶାସ୍ତ୍ର ଓ ଉପଲବ୍ଧି ତୁମ ଉପଲବ୍ଧିର ପରିସର ଭିତରକୁ ଆପେ ଆପେ ଆସିଯିବ ଏବଂ ସେତେବେଳେ ତୁମେ ଏପରି ଏକ ସ୍ଥାନରେ ଯାଇ ପହଞ୍ଚିବ ଯେ ବିଭିନ୍ନ ମତ ଓ ବିଭିନ୍ନ ପଥର ବିରୋଧ ଗୁଡ଼ିକ ଆଉ ବିରୋଧ ବୋଲି ତୁମର ମନେହେବ ନାହିଁ ବରଂ ସେଗୁଡ଼ିକର ବୈଚିତ୍ର୍ୟ ତୁମ ମନରେ କୌତୁହଳ ଓ ଆନନ୍ଦ ସଞ୍ଚାର କରିବ । ପ୍ରଣବ ପାଖରୁ କୌଣସି କଥାରେ ତୁମେ ନାହଁ ପଦ ଶୁଣିବ "ନାହିଁ" , ସବୁ କଥାରେ 'ହଁ' । କେବଳ ଯେ ଶାକ୍ତ, ଶୈବ, ବୈଷ୍ଣବ, ଗାଣପତ୍ୟ, ସୌର ପ୍ରଭୃତିଙ୍କୁ ପ୍ରଣବ ସ୍ୱୀକୃତି ଦାନ କରେ ତା' ନୁହେଁ, ଅନାର୍ଯ୍ୟ ପୂଜାପଦ୍ଧତିକୁ ମଧ୍ୟ ସ୍ୱୀକାର କରି ନେବାକୁ ସେ କୁଣ୍ଠିତ ହୁଏ ନାହିଁ । ଏପରିକି ଇହୁଦି ଧର୍ମ, ଖ୍ରୀଷ୍ଟଧର୍ମ ବା ଇସଲାମ ଧର୍ମକୁ ମଧ୍ୟ ସେ "ହଁ" କହୁଛି, କହିଛି ଓ କହିବ । କାହାକୁ ଅସତ୍ୟ ବୋଲି ଘୋଷଣା କରିବା ପ୍ରଣବର ସ୍ୱଭାବ ନୁହେଁ । ପ୍ରଣବ ନିତ୍ୟକାଳ ପାଇଁ "ହଁ", ଅନନ୍ତ ଯୁଗଯୁଗାନ୍ତର ବ୍ୟାପୀ

"ହଁ" । କୃଷ୍ଣ ଭଜିବାକୁ ଚାହଁ ତ, ବେଶ, ଜପକର 'ଓଁ କୃଷ୍ଣ' କାଳୀ ଭଜିବାକୁ ଚାହଁ ତ ଜପକର "ଓଁ କାଳୀ", ଦୁର୍ଗାଙ୍କୁ ପୂଜିବାକୁ ଚାହଁତ, ଜପକର "ଓଁ ଦୁର୍ଗା" । କେହି ଯଦି ଖ୍ରୀଷ୍ଟଙ୍କୁ ଭଜିବାକୁ ଯାଇ "ଓଁ ଖ୍ରୀଷ୍ଟ" ବା ଆଲ୍ଲାଙ୍କୁ ଭଜିବାକୁ ଯାଇ "ଓଁ ଆଲ୍ଲା" ଜପ କରେ ସେଥିରେ ପ୍ରଣବର ଜାତି ଯାଏ ନାହିଁ । ପ୍ରଣବ ସର୍ବନାମ , ସର୍ବସତ୍ୟ ଓ ସର୍ବତତ୍ତ୍ୱର ସ୍ୱୀକୃତିଦାତା ମନ୍ତ୍ର । କୌଣସି ପୁଣ୍ୟ ନାମକୁ ପ୍ରଣବ ଅସ୍ୱୀକାର କରେ ନାହିଁ, ଅପାଂକ୍ତେୟ ଭାବେ ନାହିଁ । ପ୍ରଣବର ଏହି ଅସାଧାରଣ ଉଦାରତା ଯୋଗୁଁହିଁ ଏହା ଅହିନ୍ଦୁମାନଙ୍କ ଭିତରେ କ୍ରମଶଃ ମହାସମାଦରର ବସ୍ତୁ ହୋଇ ଆସିଛି ।

ପ୍ରଣବ ଅବିରୋଧ

ବିରୋଧ ଅବାଞ୍ଛନୀୟ ହେଲେ ମଧ୍ୟ କୃଷ୍ଣପନ୍ଥୀ ହୁଏତ କ୍ଲୀଂ-କ୍ରୀଂ ଜପିବାକୁ ରାଜି ହେବେ ନାହିଁ, ଶିବପନ୍ଥୀ ହୁଏତ କ୍ଲୀଂ-ହୁଂ ଜପିବାକୁ ଇଚ୍ଛା କରିବେ ନାହିଁ, ଦେବୀଭକ୍ତ ହୁଏତ କ୍ଲୀଂ, ହ୍ରୀଂ ବା କ୍ଲୀ, କ୍ରୀଂ ଜପିବାକୁ ଅସମ୍ମତ ହେବେ । କିନ୍ତୁ କୃଷ୍ଣ ଭଜନକାରୀଙ୍କ ପକ୍ଷରୁ ଓଁ କ୍ଲୀଂ କୃଷ୍ଣ, କାଳୀଭକ୍ତଙ୍କ ପକ୍ଷରୁ ଓଁ କାଳୀ ବା ଓଁ କ୍ରୀଂ ଜପ କରିବାକୁ ଆପତ୍ତି ହେବନାହିଁ । ଜଗତର ସକଳ ଧ୍ୱନିର ମୂଳ ଧ୍ୱନିଟି ଯେଉଁ ଓଙ୍କାର, ତାହାହିଁ ମହାମନ୍ତ୍ର । ବେଦସାର ପ୍ରଣବ ମନ୍ତ୍ରର ସାଧନ ଅଧିକାର, ସାଧନ ରୁଚି ଓ ସାଧନ ରୀତି ଆଚଣ୍ଡାଳ ବ୍ରାହ୍ମଣଙ୍କ ମଧ୍ୟରେ ପ୍ରସାରିତ ହେଉ, ଏହାହିଁ ଆଜି ଯୁଗଧର୍ମର ଦାବୀ । କିନ୍ତୁ ତୁମର ଗୁରୁ ଉପଦେଶ ଯଦି ଏପରି ହୋଇଥାଏ ଯେ କଦାପି ପ୍ରଣବମନ୍ତ୍ର ଜପିବ ନାହିଁ, ତେବେ ତୁମେ ଗୁରୁବାକ୍ୟ ହିଁ ପାଳନ କରିବ, ଗୁରୁବାକ୍ୟ ଲଙ୍ଘନ କରିବ ନାହିଁ ।

ଭ୍ରୂ ମଧ୍ୟରେ ଲକ୍ଷ୍ୟ ସ୍ଥିର ରଖିବାର ଉପାୟ

ଗଭୀର ନିବିଷ୍ଟ ଭାବ ନ ଆସିବା ପର୍ଯ୍ୟନ୍ତ ନାମଜପ ତ୍ୟାଗ କରିବ ନାହିଁ । ପେଟ ନ ପୁରିବା ଯାଏଁ କେହି କଣ ଭାତଥାଳି ପାଖରୁ ଉଠିଯାଏ ? ସେହିପରି ନାମଜପ କରିବାକୁ ବସି ଶାନ୍ତି, ତୃପ୍ତି, ଆନନ୍ଦରେ ମନପ୍ରାଣ ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ନାମଜପ ଛାଡ଼ିବ ନାହିଁ । ଜପ କରିବାକୁ ବସିଲେ ହୁଏତ ନାନା

ବାଜେ କଥା ନାନା ଉଭଟ କଳ୍ପନା ମନକୁ ଆସିବ, କେବେ କେବେ ହୁଏତ ଅବସାଦ ଆସିବ, କେବେ କେବେ ହୁଏତ ବିରକ୍ତି ଆସିବ, ବେଳେ ବେଳେ ହୁଏତ ଅନାସ୍ଥା ଓ ଅବିଶ୍ୱାସ ଉଦ୍ରେକ ହେବ, ତଥାପି ତୁମେ ଜପ ଛାଡ଼ିବ ନାହିଁ । ବାରମ୍ବାର ଚୋବାଇଲେ ଆଖୁରୁ ଯେପରି ରସ ବାହାରେ ସେହିପରି ବାରମ୍ବାର ଜପ କରି କରି ଭଗବାନଙ୍କ ନାମରୁ ରସ ବାହାର କରିବାକୁ ହେବ । ନାମଜପ ବେଳେ ଚକ୍ଷୁ ନିମୀଳିତ କରି ଭ୍ରୂମଧ୍ୟରେ ଲକ୍ଷ୍ୟ ସ୍ଥିର ରଖି ପାରିଲେ ଉତ୍ତମ । ଭ୍ରୂମଧ୍ୟରେ ଲକ୍ଷ୍ୟ ସ୍ଥିର ରଖିବାର କେତେଗୁଡ଼ିଏ ଭଲ ଉପାୟ ଅଛି । ପ୍ରଥମତଃ ଭ୍ରୂମଧ୍ୟରେ ଗୋଟିଏ ଶ୍ୱେତ ଚନ୍ଦନର ଟୋପା ଘେନିବ । ଶ୍ୱେତ ଚନ୍ଦନ ଅଭାବରେ ଶୀତଳ ଜଳର ଟୋପାଟିଏ ଲଗାଇଲେ ବି ଚଳିବ । ତାପରେ ଚିନ୍ତା କରିବାକୁ ଲାଗିବ ଯେ ଚିନ୍ମୟ ସଦ୍‌ଗୁରୁ ନିତ୍ୟସାଥୀରୂପେ ସର୍ବଦା ତୁମ ସଙ୍ଗେ ସଙ୍ଗେ ରହିଛନ୍ତି ଏବଂ ତାଙ୍କର ଉପବେଶନ ଲାଗି ପବିତ୍ର ସିଂହାସନ ହେଉଛି ତୁମର ଭ୍ରୂମଧ୍ୟ । ଗୁରୁ ଓ ଈଶ୍ୱର ଅଭିନ୍ନ ବୋଲି ଯେଉଁମାନେ ଭାବନ୍ତି ବା ସେପରି ଭାବିବାକୁ ଉପଦେଶ ପାଇଥାନ୍ତି ସେମାନଙ୍କ ମଧ୍ୟରେ ପ୍ରଚଳିତ ଅଛି ଯେ ଇଷ୍ଟ ସଙ୍ଗେ ଗୁରୁଙ୍କର ଅଭେଦ କଳ୍ପନା କରି ଭ୍ରୂମଧ୍ୟରେ ତାଙ୍କର ନିତ୍ୟସ୍ଥିତିକୁ ଧ୍ୟାନ କରିବ । ଆମ ପ୍ରବର୍ତ୍ତିତ ଅଖଣ୍ଡ ଧର୍ମରେ ଗୁରୁଙ୍କୁ ଈଶ୍ୱର ବା ଅବତାର ବୋଲି ପ୍ରଚାର କରିବାକୁ ଆଦୌ ପ୍ରଶ୍ରୟ ଦିଆଯାଏ ନାହିଁ, କିନ୍ତୁ ଜଗତରେ ସର୍ବଶ୍ରେଷ୍ଠ ସହାୟକ ସଦ୍‌ଗୁରୁ ସାଧକର ନିତ୍ୟସାଥୀ, ନିତ୍ୟସଙ୍ଗୀ, ନିତ୍ୟ-ସହଚର, ନିତ୍ୟ-ବାନ୍ଧବ ସାଧନ-ପ୍ରୟାସର ପ୍ରତ୍ୟେକଟି ସ୍ପନ୍ଦନରେ ନିତ୍ୟ-ସାକ୍ଷୀ ଓ ଶାଶ୍ୱତ ସ୍ୱହୃଦ ରୂପେ ଭ୍ରୂମଧ୍ୟରେ ଅବସ୍ଥିତ ବୋଲି ଧ୍ୟାନ ଜମାଇବାର ଅବସର ଅଖଣ୍ଡ ଧର୍ମରେ ଅଛି । ପରୀକ୍ଷା କରି ଦେଖାଯାଇଛି ଯେ ଭ୍ରୂମଧ୍ୟରେ ମନକୁ ବାନ୍ଧି ରଖିବା ଚେଷ୍ଟାରେ ଏହି କୌଶଳ ଆଶୁ ଫଳପ୍ରଦ । ଏହିପରି ଭାବରେ ମନକୁ ଭ୍ରୂମଧ୍ୟରେ ବସାଇ ଦେଇ ନାମଜପରେ ଆତ୍ମନିୟୋଗ କରିବ । ନାମଜପ କରିବାକୁ ବସି ଦୃଢ଼ ସଂକଳ୍ପ କରିବ ଯେ ସମ୍ୟକ୍‌ରୂପେ ବାହ୍ୟ ଜ୍ଞାନହୀନ ନ ହେବା ପର୍ଯ୍ୟନ୍ତ ଜପ ଛାଡ଼ିବାକୁ ହେବ ନାହିଁ । ମନେ ମନେ ସଂକଳ୍ପ କରିବ ଯେ ନାମ ପାରାବାରରେ ଦେହ, ମନ ଓ ପ୍ରାଣକୁ ସମ୍ପୂର୍ଣ୍ଣ ରୂପେ ବୁଡ଼ାଇ ଦେଇ ପରିପୂର୍ଣ୍ଣ ପ୍ରଶାନ୍ତ ଓ ପରିତୃପ୍ତି ଲାଭ ନ କରିବା

ପର୍ଯ୍ୟନ୍ତ ନାମଜପରୁ କ୍ଷାନ୍ତ ହେବ ନାହିଁ । ପ୍ରତ୍ୟେକ ଥର ନାମ ଉଚ୍ଚାରଣ ସଙ୍ଗେ ସଙ୍ଗେ ମନେ ମନେ ଭାବୁଥିବ ଯେ ତୁମର ପରମ ଉପାସ୍ୟ, ପରମ ଦେବତା ସତେ ଯେପରି ତୁମର ସମୀପସ୍ଥ ହେଉଛନ୍ତି ଓ ତାଙ୍କର ସ୍ନେହ-ମଧୁମୟ କୋମଳ ସ୍ପର୍ଶରେ ତୁମ ଇହ-ପର-ଜୀବନର, ଜନ୍ମ ଜନ୍ମାନ୍ତରର ସର୍ବବିଧ ଅଶାନ୍ତି, ବିକାର ଓ ଅସତ୍ ସଂସ୍କାରକୁ ବିଦୂରିତ କରି ଦେଉଛନ୍ତି । ଜପରେ ବସି ଆଳସ୍ୟ ବା ତନ୍ଦ୍ରାଳୁତା ଆସିଲେ କେତେଥର ମହାମୁଦ୍ରା ଅଭ୍ୟାସ କରି ପୁନର୍ବାର ଜପରେ ମନୋନିବେଶ କରିବ। ନାମଜପ ଶେଷ ହେଲେ ଶକ୍ତିସାମ୍ୟର ନିର୍ଦ୍ଦିଷ୍ଟ ପ୍ରଣାଳୀ ସମୂହ ଅବଲମ୍ବନୀୟ ।

ବ୍ୟାୟାମ୍

ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ପକ୍ଷରେ ସ୍ନାନ, ଉପାସନା ଓ ଶକ୍ତିସାମ୍ୟ ପୂର୍ବରୁ ହିଁ ଶାରୀରିକ ବ୍ୟାୟାମ ଅଭ୍ୟାସ କରିବା କର୍ତ୍ତବ୍ୟ । ବର୍ତ୍ତମାନ ସାମାଜିକ ଅବସ୍ଥାରେ ନାରୀ ପକ୍ଷରେ ପ୍ରତ୍ୟହ ନିୟମିତ ଭାବରେ ମହାମୁଦ୍ରା ଅଭ୍ୟାସ ହିଁ ଯଥେଷ୍ଟ ହେବ । କିନ୍ତୁ କାଳକ୍ରମେ ବ୍ୟାୟାମର ପରିମାଣ ଓ ପ୍ରକୃତିର ପରିବର୍ତ୍ତନ ଓ ପରିବର୍ଦ୍ଧନ କରିବାକୁ ହେବ । ମହାମୁଦ୍ରାଦ୍ୱାରା ଦୈହିକ ସ୍ୱାସ୍ଥ୍ୟ ଖୁବ୍ ଭଲ ରହେ ସତ୍ୟ କିନ୍ତୁ ଆତତାୟୀ-ମର୍ଦ୍ଦନ ଲାଗି ନାରୀ ଦେହରେ ଯଥେଷ୍ଟ ଶକ୍ତି ଥିବା ଆବଶ୍ୟକ । ଆଦର୍ଶ ନାରୀ ଏକ ଦିଗରେ ଯେପରି ପ୍ରେମର ପ୍ରତିମା ହେବ ଅନ୍ୟ ଦିଗରେ ସେହିପରି ନୃମୁଣ୍ଡମାଳିନୀ ରଣଚଣ୍ଡୀ ମଧ୍ୟ ହେବାକୁ ହେବ । ନାରୀର ମାନ ମର୍ଯ୍ୟାଦା ରକ୍ଷା ଲାଗି ପୁରୁଷର ଅଭିଭାବକତ୍ୱ ଯଥେଷ୍ଟ ନୁହେଁ, ସେଥିପାଇଁ ତା ବାହୁରେ ଯଥେଷ୍ଟ ଶକ୍ତି ସଂଚାର କରିବାକୁ ହେବ । ବର୍ତ୍ତମାନ ସାମାଜିକ ଅବସ୍ଥାରେ ନାରୀର ବ୍ୟାୟାମ ବ୍ୟବସ୍ଥା ବ୍ୟାପକ ଭାବରେ କରିବା କଠିନ, କିନ୍ତୁ ତା ବୋଲି ଯେ ଦିଗରେ ସେ ଚେଷ୍ଟା କରିବାକୁ ନ ହେବ ତାହା ନୁହେଁ । ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପରିବାର ମଧ୍ୟରେ ଏ ଦିଗରେ ଛୋଟ ଆକାରରେ ବା ସାମନ୍ୟ ଭାବରେ ଚେଷ୍ଟା କରାଗଲେ କାଳକ୍ରମେ ତାହା ଦେଶବ୍ୟାପୀ ହୋଇପାରିବ । ଦାକ୍ଷିଣାତ୍ୟରେ କୁମାରୀ ନାଜିର ବାଈ ନିଜ ଭାଇଠାରୁ ବ୍ୟାୟାମ ଶିଖି ବିଦ୍ୟାଳୟ ପ୍ରତିଷ୍ଠା କରି ବାଳିକାମାନଙ୍କର ବ୍ୟାୟାମ ଶିକ୍ଷା ବ୍ୟବସ୍ଥା କରିଛନ୍ତି ।

ସ୍ୱାମୀ ସ୍ତ୍ରୀ ଏକ ସ୍ଥାନରେ ବ୍ୟାୟାମ କରିବେ ନାହିଁ । ସ୍ୱାମୀଙ୍କୁ ନାନା କଷ୍ଟସାଧ୍ୟ ବ୍ୟାୟାମ ଅଭ୍ୟାସ କରିବାକୁ ହେବ । ପତ୍ନୀ ନିଜର ଗୃହକର୍ମ ମଧ୍ୟ ଦେଇ ଦୈହିକ ଶକ୍ତି ସଞ୍ଚୟ କରିବା ଲାଗି ସର୍ବଦା ଯତ୍ନଶୀଳା ହେବେ । ମସଲା ବାଟିବା ବେଳେ ବା ପାଣି କାଢ଼ିଲା ବେଳେ ହାତ ଓ ଗୋଡ଼ର ମାଂସପେଶୀଗୁଡ଼ିକ ଉପରେ ମନ ରଖିଲେ ସେ ସବୁ ମାଂସ ପେଶୀପୁଷ୍ଟ ହେବାକୁ ଲାଗିବ । ବ୍ୟାୟାମ କଲେ ସ୍ତ୍ରୀ ଲୋକଙ୍କର ଲାବଣ୍ୟ କମିଯାଏ ବୋଲି ଅନେକ କହନ୍ତି କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା । ଭାରତୀୟ ନାରୀ ଯେ ତାର ଶ୍ରୀ ଓ ସୌନ୍ଦର୍ଯ୍ୟ ହରାଉଛି ତାର ମୂଳ କାରଣଗୁଡ଼ିକ ଦୂର କରିବାକୁ ହେଲେ, ପ୍ରକାଶ୍ୟ ଭାବରେ ନ ହେଲେ ବି ଗୁପ୍ତଭାବରେ ବ୍ୟାୟାମ-ସାଧନା ପ୍ରଚଳିତ କରିବାକୁ ପଡ଼ିବ । ସ୍ତ୍ରୀର ବ୍ୟାୟାମ-ଶିକ୍ଷକ ସ୍ୱୟଂ ସ୍ୱାମୀ ହେବା ନିରାପଦ । ବ୍ୟାୟାମ ଅଭ୍ୟାସ ବେଳେ ଉଭୟଙ୍କୁ ମନେ ରଖିବାକୁ ହେବ ଯେ ମନର ଶକ୍ତି ହିଁ ପ୍ରକୃତ ଶକ୍ତି ଏବଂ ଦେହର ଶକ୍ତିକୁ ବର୍ଦ୍ଧିତ କରିବାକୁ ଚେଷ୍ଟା ସଙ୍ଗେ ସଙ୍ଗେ ମନକୁ ଏକାଗ୍ର କରି ପାରିଲେ ହିଁ ଶକ୍ତିଲାଭ ଚେଷ୍ଟା ସଫଳ ହୁଏ । ବହୁ ଲୋକ ନିୟମିତ ଭାବରେ ବ୍ୟାୟାମ କରନ୍ତି କିନ୍ତୁ ବ୍ୟାୟାମର ପରିମାଣ ଅନୁଯାୟୀ ସୁଫଳ ଲାଭ କରିପାରନ୍ତି ନାହିଁ । ସେ ସବୁ କ୍ଷେତ୍ରରେ ବ୍ୟାୟାମର ଅଭ୍ୟାସ ବେଳେ ବେଳେ ବଳ-ଲାଭ ପ୍ରତି ମନ ଉପଯୁକ୍ତ ଭାବରେ ଏକାଗ୍ର ହୋଇ ପାରିନାହିଁ ବୋଲି ବୁଝିବାକୁ ହେବ । ଅତଏବ ବ୍ୟାୟାମ ସମୟରେ ମନକୁ ଅନ୍ୟାନ୍ୟ ବିଷୟରୁ ଟାଣିଟୁଣି ଏକମାତ୍ର ଦୈହିକ ଶକ୍ତିର ଧ୍ୟାନରେ ହିଁ ମଗ୍ନ କରିବାକୁ ହେବ ।

ଜନନ ନୀରୋଧ

ସର୍ବଦା ସ୍ମରଣ ରଖିଥିବ ଯେ, ପ୍ରଥମ ସନ୍ତାନଟି ଜନ୍ମ ହେବା ପୂର୍ବ ପର୍ଯ୍ୟନ୍ତ ଦେହ ଗଠନର ଶ୍ରେଷ୍ଠ ସୁଯୋଗ । ସନ୍ତାନ ଜନ୍ମ ହେଲେ ପିତା ପକ୍ଷରେ ଅଧିକ ଅର୍ଥୋପାର୍ଜନ ଓ ମାତା ପକ୍ଷରେ ଶିଶୁର ସର୍ବତୋମୁଖ ତତ୍ତ୍ୱାବଧାନ ବାଧାକର ହୋଇଥାଏ । ଫଳତଃ ଆତ୍ମଗଠନ ଚେଷ୍ଟା ବିଶେଷ ବାଧାପ୍ରାପ୍ତ ହୁଏ । ଦୀର୍ଘକାଳ ବ୍ୟବଧାନରେ ସନ୍ତାନ ଜନ୍ମ ହେଲେ ସ୍ୱାମୀ ସ୍ତ୍ରୀ ଉଭୟଙ୍କର ସର୍ବାଙ୍ଗୀନ କୁଶଳ

ହୁଏ । ଅତଏବ ବ୍ରହ୍ମଚର୍ଯ୍ୟ, ଭଗବତ୍ ଉପସନା, ବ୍ୟାୟାମ-ସାଧନା ଇତ୍ୟାଦି ସମ୍ବନ୍ଧେ ଉପଯୁକ୍ତ ଉପଦେଶ ପାଇବା ବା ପାଳନ କରିବା ପୂର୍ବରୁ ଯେଉଁମାନଙ୍କର ସନ୍ତାନ ଭୂମିଷ୍ଠ ହୋଇଯାଇଛି, ସେମାନେ ଏହି ମୁହୂର୍ତ୍ତରୁ ବଦ୍ଧପରିକର ହୁଅ ଯେ ଦେହ ଓ ମନର ଉପଯୁକ୍ତ ଉତ୍କର୍ଷ ଲାଭ ନ ହେବା ପର୍ଯ୍ୟନ୍ତ ପରବର୍ତ୍ତୀ ସନ୍ତାନ ଯେପରି ମାତୃ ଗର୍ଭରେ ପ୍ରବେଶ ନ କରେ । ଏଥିପାଇଁ କୃତ୍ରିମ ଉପାୟ ଅବଲମ୍ବନ କରିବ ନାହିଁ । କାରଣ ଔଷଧ ଇତ୍ୟାଦି ଦ୍ୱାରା ଜନନ-ନିରୋଧ ଚେଷ୍ଟାରେ ନୈତିକ ଅଧୋଗତି ତ ଅଛି , ଅଧିକନ୍ତୁ ଏହା ଅଧିକାଂଶ କ୍ଷେତ୍ରରେ ପ୍ରସୂତିର ନାନା ବିପଜ୍ଜନକ ଓ ଦୁରାରୋଗ୍ୟ ରୋଗର କାରଣ ହୋଇଥାଏ । ବିଶେଷତଃ ଆଜି ପର୍ଯ୍ୟନ୍ତ ବିଭିନ୍ନ ଦେଶରେ ଯେତେଗୁଡ଼ିଏ ଗର୍ଭ-ନିରୋଧକ ଉପାୟ ଆବିଷ୍କୃତ ହୋଇଛି ତନ୍ମଧ୍ୟରୁ ଗୋଟିଏ ହେଲେ ନିଶ୍ଚିତ ସାଫଲ୍ୟ ଦେଇ ନାହିଁ । ଫଳତଃ ଔଷଧାଦି ପ୍ରୟୋଗ ସତ୍ତ୍ୱେ ବି ଯେଉଁ ସବୁ ସନ୍ତାନସନ୍ତତି ଔଷଧର ଗୁଣକୁ ପରାସ୍ତ କରି ଭୂମିଷ୍ଠ ହୁଅନ୍ତି ସେମାନେ ରୁଗ୍ଣ ଦେହ ଓ ମନ ନେଇ ଜନ୍ମ ହୋଇ ସମାଜର ଦୁଃଖ ଦୁର୍ଦ୍ଦଶାର ପରିମାଣ ବୃଦ୍ଧି କରନ୍ତି । ତେଣୁ ଜନନ-ନିରୋଧର ସର୍ବାପେକ୍ଷା କଲ୍ୟାଣପ୍ରଦ ଓ ନିରୁପଦ୍ରବ ଉପାୟ ହେଉଛି ସଂଯମ ସାଧନା । ତଥାକଥିତ ହଠାତ୍-ସଭ୍ୟ ବ୍ୟକ୍ତିମାନେ ଏକଥା ଶୁଣି ବ୍ୟଙ୍ଗ ବିଦ୍ରୂପ କରିପାରନ୍ତି କିନ୍ତୁ ଦାମ୍ପତ୍ୟ ଜୀବନରେ ବ୍ରହ୍ମଚର୍ଯ୍ୟ ପ୍ରତିଷ୍ଠା ବ୍ୟତୀତ ଏ ସମସ୍ୟାର ଆଉ କୌଣସି ସତ୍ୟ ମୀମାଂସା ସମ୍ଭବ ନୁହେଁ । ସନ୍ତାନ ଜନ୍ମିବା ପରେ ଯେଉଁମାନେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା ଅନୁଭବ କରିବେ, ସେମାନେ କିଛିକାଳ ଭିନ୍ନ ଭିନ୍ନ ସ୍ଥାନରେ ବିଚ୍ଛିନ୍ନ ଭାବରେ ଅବସ୍ଥାନପୂର୍ବକ ଉଭୟଙ୍କର ଦୈହିକ ମିଳନର ଆକାଂକ୍ଷା ଓ ଅଭ୍ୟାସ ମଧ୍ୟରେ ଏକ ନୈତିକ ସଂକୋଚର ସୁଦୃଢ଼ ବ୍ୟବଧାନ ସୃଷ୍ଟି କରିନେବେ। ଆଉ ଯେଉଁମାନେ ଏବେ ବି ପରସ୍ପର ଦୈହିକ ସମ୍ପର୍କକୁ ବର୍ଜନ କରି ଚଳି ପାରୁଛ, ସେ ସବୁ ଭାଗ୍ୟବାନ ଓ ଭାଗ୍ୟବତୀମାନେ ଉଭୟେ ଉପଯୁକ୍ତ ଦୈହିକ ଓ ମାନସିକ ପୂର୍ଣ୍ଣତା ଲାଭର ପୂର୍ବ ପର୍ଯ୍ୟନ୍ତ ଯତ୍ନ ସହକାରେ ସେହି ସଂକୋଚକୁ ରକ୍ଷା କରି ଚଳିବ । ତୁମ୍ଭମାନଙ୍କର ମାନସିକ ଓ ଆତ୍ମିକ ଘନିଷ୍ଠତା ବର୍ଦ୍ଧକ ହେଉ; କିନ୍ତୁ ଯେ ପର୍ଯ୍ୟନ୍ତ

ଉଭୟେ ସନ୍ତାନ ଜନନର ଗୁଢ଼ାର୍ଥ ଦାୟିତ୍ୱ ଉପଯୋଗିତା ଓ ପବିତ୍ରତା ସମ୍ୟକ୍ ଉପଲବ୍ଧି ନ କରିଛ, ସେ ପର୍ଯ୍ୟନ୍ତ ଦୈହିକ ସମ୍ବନ୍ଧକୁ ବିଷଧର ସର୍ପ ତୁଲ୍ୟ ଭୟ କରି ଚଳିବ ଏବଂ ଭଗବତସାଧନା ଦ୍ୱାରା ଆଧ୍ୟାତ୍ମିକ ଉଚ୍ଚ ଅବସ୍ଥା ଲାଭ ସଙ୍ଗେ ସଙ୍ଗେ ଜନନ ତତ୍ତ୍ୱ ସମ୍ବନ୍ଧୀୟ "ସୁରୁଚିପୂର୍ଣ୍ଣ"* ଗ୍ରନ୍ଥାଦି ଅଧ୍ୟୟନ କରି ନାରୀ ପୁରୁଷର ପାର୍ଥକ୍ୟ, ସେହି ପାର୍ଥକ୍ୟ ପରିମାଣ ଓ ଉଦ୍ଦେଶ୍ୟ ସେହି ପାର୍ଥକ୍ୟ ଜନିତ ଦାୟିତ୍ୱର ବିଭିନ୍ନତା ଇତ୍ୟାଦି ଭଲ ଭାବରେ ହୃଦୟଙ୍ଗମ କରିବାକୁ ଯତ୍ନବାନ ହେବ । ବିବାହିତ ନରନାରୀଙ୍କର ସର୍ବପ୍ରଥମେ ଏହି ବଡ଼ କଥାଟି ବୁଝିବା ଉଚିତ୍ ଯେ, ମୈଥୁନ ସାମୟିକ ଦୈହିକ ତୃପ୍ତି ମାତ୍ର ନୁହେଁ, ପରନ୍ତୁ ଏହା ଦାମ୍ପତ୍ୟ ଯୋଗର ସାଧନ- ମୈଥୁନାଭ୍ୟାସ ପ୍ରକାରାନ୍ତରେ ଦମ୍ପତିର ପାରସ୍ପରିକ ଯୋଗାଭ୍ୟାସ । ଯୋଗାଭ୍ୟାସ ବୋଲି ଏହାର ଅନୁଷ୍ଠାନ ଗୋପନରେ କରିବାକୁ ହୁଏ, ପାପ ବା ଅପରାଧ ବୋଲି ନୁହେଁ । ସମାଜର ସବୁ ଲୋକେ ଯେତେବେଳେ ଏକା ପାପ କରୁଛନ୍ତି ସେତେବେଳେ ଗୋପନତାର କି ଆବଶ୍ୟକତା ଅଛି ? ଅଥଚ ସମାଜର ସବୁ ଲୋକେ ଯେତେବେଳେ ଇଷ୍ଟନାମ ଜପନ୍ତି, ପ୍ରତ୍ୟେକେ ତାହା ଗୋପନରେ କରନ୍ତି, ନିଃଶବ୍ଦରେ କରନ୍ତି, ପ୍ରକାଶ୍ୟଭାବେ କରନ୍ତି ନାହିଁ । କାରଣ ଯୋଗାଭ୍ୟାସ କରିବାକୁ ହେଲେ ନିରବତା, ନିଃଶବ୍ଦତା ଓ ନିଃସଙ୍ଗତା ଏକାନ୍ତ ଆବଶ୍ୟକ ।

*** ଜନନ-ତତ୍ତ୍ୱ ସମ୍ବନ୍ଧୀୟ ଗ୍ରନ୍ଥାଦି ସମ୍ପୂର୍ଣ୍ଣ ରୂପେ ଅଶ୍ଳୀଳତା ମୁକ୍ତ ହୋଇ ନ ପାରେ । ତଥାପି "ସୁରୁଚିପୂର୍ଣ୍ଣ" ଶବ୍ଦଟି ବ୍ୟବହାର କରିବାର ତାତ୍ପର୍ଯ୍ୟ ହେଉଛି ଏଇଆ ଯେ ଅନେକ ସମୟରେ ଲେଖା ଦୋଷରୁ ଏହି ବିଷୟକ ଗ୍ରନ୍ଥ ଇନ୍ଦ୍ରିୟ ବୃତ୍ତିର ଚାଞ୍ଚଲ୍ୟ ବିଧାୟକ ଓ ଅଯଥା-ମିଥୁନାଦିର ପ୍ରରୋଚକ ହୁଏ ଏବଂ ସ୍ଥଳ ବିଶେଷରେ ଭଲ ଲେଖକଙ୍କ ହାତରେ ପଡ଼ିଲେ ଲେଖା ଗୁଣରୁ ଏହି ବିଷୟକ ଗ୍ରନ୍ଥ ସଂଯମରେ ଉତ୍ସାହ ବର୍ଦ୍ଧକ ଓ ମନଃଚାଞ୍ଚଲ୍ୟ ପ୍ରଶମକ ହୁଏ । ପ୍ରଥମୋକ୍ତ ଶ୍ରେଣୀୟ ପୁସ୍ତକକୁ କୁରୁଚିପୂର୍ଣ୍ଣ ଓ ଅପାଠ୍ୟ ଏବଂ ଶେଷୋକ୍ତ ଶ୍ରେଣୀୟ ପୁସ୍ତକକୁ ସୁରୁଚିପୂର୍ଣ୍ଣ ଓ ପାଠ୍ୟ ବୋଲି ଆମେ ନିର୍ଦ୍ଦେଶ କରୁ ।**

ବିବାହିତ ଦମ୍ପତିର ମୈଥୁନ ମଧ୍ୟ ସେହିଭଳି ଯୋଗ-ସାଧନା, ତାକୁ ପାପ ବୋଲି ଭାବିବା ଠିକ୍ ନୁହେଁ । ତେବେ ଏହି ଯୋଗସାଧନାର ପ୍ରକୃତି ଅତ୍ୟନ୍ତ ସ୍ଥୁଳ। ଯେଉଁମାନେ ସୂକ୍ଷ୍ମ ଯୋଗସାଧନାର ଅଧିକାରୀ ସେମାନେ ଏହି ସ୍ଥୁଳ ପ୍ରଣାଳୀ ପରିତ୍ୟାଗ କରନ୍ତି ଓ ଇନ୍ଦ୍ରିୟ-ବ୍ୟାପାର-ବିରହିତ ଉତ୍କୃଷ୍ଟତର ପ୍ରଣାଳୀରେ ଅଗ୍ରସର ହୁଅନ୍ତି । ପରନ୍ତୁ ଅଧିକାଂଶ ଗୃହୀଙ୍କ ପକ୍ଷରେ ଏହି ସ୍ଥୁଳ ସାଧନାର ଆବଶ୍ୟକତା ରହିଛି । କିନ୍ତୁ ସ୍ଥୁଳ ହେଉ ବା ସୂକ୍ଷ୍ମ ହେଉ ଯୋଗାଭ୍ୟାସ ବିଧିପୂର୍ବକ କରିବାକୁ ହେବ, ଅବିଧିପୂର୍ବକ କଲେ ଯୋଗଭ୍ରଂଶ ଘଟିବ ଓ ତଦ୍ୱାରା ପାପ ଓ ଅପରାଧ ହେବ । ଯେଉଁମାନେ ଅବୈଧ ପ୍ରଣାଳୀରେ ମୈଥୁନ ରୂପକ ଯୋଗ-ସାଧନ କରନ୍ତି, ସେମାନେ ହିଁ ପାପୀ ଓ ଅପରାଧୀ ଏବଂ ସେହିମାନଙ୍କ ପକ୍ଷରେ ମୈଥୁନ କ୍ରିୟା ଲଜ୍ଜାର କାରଣ ହୁଏ । କିନ୍ତୁ ଯେଉଁମାନେ ବୈଧ ପ୍ରଣାଳୀରେ ଏହି ସ୍ଥୁଳ ସାଧନା କରନ୍ତି, ମୈଥୁନ ସେମାନଙ୍କର ଲଜ୍ଜାର କାରଣ ହୁଏ ନାହିଁ ଯେହେତୁ ସେମାନଙ୍କର ମୈଥୁନ କ୍ରିୟା ଫଳରେ ଜଗତ୍-ପାବନ ମହାପୁରୁଷମାନେ ଆବିର୍ଭୁତ ହୁଅନ୍ତି ଏବଂ କୁଳକୁ ପବିତ୍ର ଓ ପୁଣ୍ୟମୟ କରନ୍ତି । ଏହି ବ୍ୟାପାରରେ ପୁରୁଷ କର୍ମଯୋଗୀ, ନାରୀ ଭକ୍ତିଯୋଗୀ, ପୁରୁଷର ଲୋଡ଼ା ପୁରୁଷକାର, ନାରୀର ଲୋଡ଼ା ନିର୍ଭର, ପୁରୁଷର ସାଧନା ସଞ୍ଚୟ ଓ ସଂଯମର, ନାରୀର ସାଧନା ଆନୁଗତ୍ୟ ଓ ଅପେକ୍ଷାର । ଏହି ବ୍ୟାପାରରେ ଏମାନେ ଭୋଗୀ ନୁହନ୍ତି, ଉଭୟେ ହିଁ ଯୋଗୀ ଏବଂ କହିବା ବାହୁଲ୍ୟ ମାତ୍ର ଯେ ଦେହ ଓ ମନର ସମ୍ୟକ୍ ପବିତ୍ରତା ବ୍ୟତୀତ ଯୋଗାଭ୍ୟାସ ହୁଏ ନାହିଁ ।

ମଧ୍ୟାହ୍ନିକ ଓ ସନ୍ଧ୍ୟା ଉପାସନା

ଦ୍ୱିପ୍ରହରରେ ଓ ସନ୍ଧ୍ୟାରେ ଉପାସନା କରିବ । ପାରିବାରିକ ଅଧୀନତା ହେତୁ ଏକାନ୍ତ ଅସମ୍ଭବ ନ ହେଲେ ଏହି ସମୟରେ ଶକ୍ତିସାମ୍ୟ ମଧ୍ୟ କରିବ । ଦ୍ୱିପ୍ରହରେ ଓ ସଂଧ୍ୟାରେ ପାର ବା ନ ପାର, ରାତିରେ ଶୋଇବା ପୂର୍ବରୁ ଉପାସନା କଲାବେଳେ ଶକ୍ତିସାମ୍ୟ ଅବଶ୍ୟ କରିବ । ନିଦ୍ରିତ ଅବସ୍ଥାରେ ମଧ୍ୟ ଆମର ଅଜ୍ଞାତସାରରେ ମନର ନାନା ପ୍ରକାର ଗଠନ ହୋଇଥାଏ । ସମଗ୍ର ଦିନ ମନ ଯେଉଁ ଯେଉଁ କାର୍ଯ୍ୟରେ ବ୍ୟସ୍ତ ଥାଏ, ତାର ଅନୁରୂପ ଭାବରେ ସେ ନିଜକୁ

ନିଦ୍ରିତାବସ୍ଥାରେ ହିଁ ପ୍ରସ୍ତୁତ କରେ । ଶୟନ ପୁର୍ବରୁ ଗଭୀର ଉପାସନା ଓ ଏକାଗ୍ର ଶକ୍ତିସାମ୍ୟ କଲେ ନିଦ୍ରିତାବସ୍ଥାରେ ମନ ନିଜକୁ ଜୀବନ-ଗଠନର ଅନୁକୂଳ ଭାବରେ ପ୍ରସ୍ତୁତ କରିପାରେ, ନତୁବା ସାରା ଦିନର ବୃଥା କୋଳାହଳର ନିରର୍ଥକ ସ୍ମୃତି ବହନ କରି ସେ ନିଦ୍ରାବେଳେ ନାନା ଦୁର୍ବଳତା ଅଥବା ବିଷୟାଶକ୍ତି ଓ ଉନ୍ନତି ବିରୋଧୀ ଜଞ୍ଜାଳ ସୃଷ୍ଟି କରେ ।

ସଦ୍‌ଗ୍ରନ୍ଥ ପାଠ

ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ୱାମୀ ସ୍ତ୍ରୀ ସମ୍ମିଳିତ ଭାବେ ସଦ୍‌ଗ୍ରନ୍ଥ ପାଠ କରିବା ଏକାନ୍ତ ଆବଶ୍ୟକ । ତାହା ହେଲେ ନାନା ବିଷୟର ଆଲୋଚନା ପ୍ରସଙ୍ଗରୁ ଏକ ଅପରର ମନୋଭାବ ଓ ଆଦର୍ଶ ସହିତ ପରିଚିତ ହେବାର ସୁଯୋଗ ପାଇବେ । ବିଶେଷତଃ ବାଳିକାପତ୍ନୀ ପିତୃ ଗୃହରୁ ଯେଉଁ ସବୁ ଉଚ୍ଚଶିକ୍ଷା ଲାଭ କରି ଆସି ନ ଥାଏ ସ୍ୱାମୀର ସହାୟତାରେ ତାର ସେ ଅଭାବ ଦୂର ହୁଏ । ସ୍ତ୍ରୀ-ଜାତିର ଶିକ୍ଷା ଶାସ୍ତ୍ରବିରୁଦ୍ଧ ବୋଲି ଯେଉଁ ଅନ୍ଧବିଶ୍ୱାସ ଦେଶରେ ପ୍ରଚଳିତ ଅଛି ପାଦାଘାତରେ ତାକୁ ଚୂର୍ଣ୍ଣ କରିବାକୁ ହେବ । ଶାସ୍ତ୍ର ସ୍ତ୍ରୀ ଶିକ୍ଷାର ବିରୋଧୀ ନୁହେଁ ବରଂ ଶାସ୍ତ୍ରରେ ଏଥିପାଇଁ ଅନୁମୋଦନ ଓ ନିର୍ଦ୍ଦେଶ ଅଛି । ଅପାଲା, ଶାଶ୍ୱତୀ,ଲୋପାମୁଦ୍ରା, ଅତ୍ରେୟୀ, ବିଶ୍ୱବାରା, ପୋଲମୀ ପ୍ରଭୃତି ବୈଦିକ ଯୁଗର ନାରୀମାନେ ବେଦମନ୍ତ୍ରର ରଚୟିତ୍ରୀ ଥିଲେ । ଋକ୍‌ବେଦ ଶତପଥ-ବ୍ରାହ୍ମଣରେ ଗାର୍ଗୀଙ୍କ ସମ୍ବନ୍ଧରେ ଓ ବୃହଦାରଣ୍ୟକ ଉପନିଷଦରୁ ମୈତ୍ରେୟୀଙ୍କ ସମ୍ବନ୍ଧରେ ଯେଉଁ ସମ୍ବାଦ ଆମେ ଅବଗତ ହେଉ ତହିଁରୁ ଜଣାଯାଏ ଯେ ସେମାନେ ସ୍ତ୍ରୀ ଲୋକ ହେଲେ ମଧ୍ୟ ଅତି ଉଚ୍ଚ ସ୍ତରର ବ୍ରହ୍ମବାଦିନୀ ଥିଲେ । ଋକ୍‌ବେଦ, ଯଜୁର୍ବେଦ ଓ ଅଥର୍ବ ବେଦରେ ସ୍ତ୍ରୀ ଶିକ୍ଷାକୁ ପୂର୍ଣ୍ଣ ସମର୍ଥନ କରାଯାଇଛି । ମହାନିର୍ବାଣତନ୍ତ୍ର ଓ ହେମାଦ୍ରିକୃତ ଚତୁବର୍ଗ ଚିନ୍ତାମଣି ନାମକ ଗ୍ରନ୍ଥରେ ସ୍ତ୍ରୀ ଶିକ୍ଷା ଅତ୍ୟାବଶ୍ୟକ ବୋଲି ଦୃଢ଼ତାର ସହିତ ଉପଦେଶ ଦିଆଯାଇଛି । ପାରସ୍କର-ଗୁହ୍ୟ-ସୁତ୍ର, ଗୋଭିଲ-ଗୁହ୍ୟ-ସୁତ୍ର, ଆପସ୍ତମ୍ବ-ଶ୍ରୈତ ସୁତ୍ର, ଅଶ୍ୱଳାୟନ-ଶ୍ରୌତ୍ର-ସୂତ୍ର, ଲଟାୟନ-ସୂତ୍ର, ପୁର୍ବ-ମୀମାଂସା, ଯମ-ସଂହିତା ଓ ହିରତ-ସଂହିତାରେ ସ୍ତ୍ରୀ ଲୋକର ଶିକ୍ଷାର୍ଜ୍ଜନ

ସମର୍ଥିତ ହୋଇଛି । ରାମାୟଣ ଓ ମହାଭାରତରୁ ମଧ୍ୟ ଏ ବିଷୟରେ ପ୍ରମାଣ ମିଳିବ । ଦ୍ରୌପଦୀ ବିଦୁଷୀ ଥିଲେ ବନ ପର୍ବରେ ଶିବା ନାରୀ ବେଦପାରଗା ବ୍ରାହ୍ମଣୀ କଥା ଅଛି, ଶାନ୍ତି ପର୍ବରେ ଯୋଗ ପାରାଗା ବେଦବେଲୀ, ସୁଲଭା କଥା ଅଛି । ପରବର୍ତ୍ତୀ ଯୁଗରେ କର୍ଣ୍ଣାଟକ ରାଜମହିଷୀଙ୍କ ପାଖରେ କବି କାଳିଦାସ ଓ ମଣ୍ଡନ ମିଶ୍ରଙ୍କ ପତ୍ନୀ ଉଭୟ ଭାରତୀଙ୍କ ପାଖରେ ଶଙ୍କରାଚାର୍ଯ୍ୟ ବିଦ୍ୟାରେ ବିଜୟୀ ହୋଇ ପାରି ନ ଥିଲେ । ସ୍ତ୍ରୀ ଲୋକଙ୍କର ଶିକ୍ଷାର ପ୍ରୟୋଜନ ନାହିଁ, ଏଭଳି ଯେଉଁ କୁସଂସ୍କାର ଅଧିକାଂଶ ସାମାଜିକ ମାନବର ମନ ଉପରେ ରାଜତ୍ୱ କରୁଛି, ସେ ଅନୁଶାସନ ମାନି କାପୁରୁଷ ପରି ବସି ରହିଲେ ହେବ ନାହିଁ । ବିଷମ ବିପଦକୁ ମୁକାବିଲା କରିବା ଶକ୍ତି ଯେ ନାରୀର ଅଛି ଏବଂ ସୁଶିକ୍ଷା ପାଇଲେ ସେ ଏହି ଶକ୍ତିକୁ ନିପୁଣ ଭାବରେ ବ୍ୟବହାର କରିପାରେ, ଏହି କଥାଟି ବିଶ୍ୱାସ ଉପରେ ପୂର୍ଣ୍ଣ ଆସ୍ଥା ରଖି ସ୍ୱାମୀମାନଙ୍କୁ ନିଜ ନିଜ ସ୍ତ୍ରୀର ସୁଶିକ୍ଷା ପ୍ରତି ମନୋଯୋଗୀ ହେବାକୁ ହେବ । ନାରୀ ହୃଦୟରେ ସ୍ୱାମୀ-ପ୍ରେମ ଓ ସନ୍ତାନ ସ୍ନେହ ଥିଲେ ତାହା ଯଥେଷ୍ଟ ନୁହେଁ । ପତି ପ୍ରେମ ଓ ସନ୍ତାନ ସ୍ନେହ ପ୍ରକାଶର ପ୍ରଣାଳୀଟି ଯେ ପର୍ଯ୍ୟନ୍ତ ସୁଠାମ ନ ହୋଇଛି ସେ ପର୍ଯ୍ୟନ୍ତ ନାରୀ ତାର ପରିପୂର୍ଣ୍ଣ ମହିମା ଲାଭ କରିଛି ବୋଲି ମନେ କରାଯାଇ ନ ପାରେ । ସ୍ୱାମୀକୁ ଭଲପାଇ ଯେଉଁ ନାରୀ ନିୟତ ରତିଦାନରେ ତତ୍ପର ଥାଏ, ଯେଉଁ ମାଆ ସନ୍ତାନର ହଜମ କରିବା ଶକ୍ତି ବିଚାର ନ କରି ବରାବର ତାକୁ ଗିଳେଇବାରେ ଲାଗେ, ତାର ସେ ସ୍ନେହ ଓ ପ୍ରେମ ବିଷୟରେ ଆମେ ସନ୍ଦିହାନ ନହେଲେ ମଧ୍ୟ ସେହି ସ୍ନେହ ଓ ପ୍ରେମର ପ୍ରକାଶ ରୀତିଟି ଦେଖିଲେ ତାକୁ ମହିମାମୟୀ ବୋଲି ଆମେ ମନେ କରି ନ ପାରୁ । ସୁଶିକ୍ଷା ପାଇଲେ ନାରୀ ତାର ସେହି ପ୍ରେମ ଓ ସ୍ନେହ ଉତ୍କୃଷ୍ଟତର ଭାବରେ ପ୍ରକାଶ କରିପାରିବ, ଅସଂଯତ ସ୍ୱାମୀକୁ ଅସ୍ୱାସ୍ଥ୍ୟ ଓ ନୈତିକ ଦୁର୍ଗତିରୁ ଏବଂ ପେଟୁ ପିଲାକୁ ଅତି ଭୋଜନ ଓ ତଜ୍ଜନିତ ରୋଗ କବଳରୁ ରକ୍ଷା କରିବା ପାଇଁ ସେ ତାର ପ୍ରେମକୁ ଓ ସ୍ନେହକୁ ଉତ୍କୃଷ୍ଟତର କୌଶଳରେ ପରିଚାଳନା କରିପାରିବ । ଏହି କାରଣରୁ ନାରୀ ଜାତିର ସୁଶିକ୍ଷା ଅତ୍ୟଧିକ ପ୍ରୟୋଜନ । ବଣ ମଣିଷର ସ୍ତ୍ରୀ କଣ ତାର ଚିରସାଥି ବଣ ମଣିଷକୁ ଭଲ ପାଏ

ନାହିଁ । ବାଘୁଣି କଣ ତା ଛୁଆଙ୍କୁ ଭଲ ପାଏ ନାହିଁ ? କିନ୍ତୁ ସେ ପ୍ରେମ ଓ ସେ ସ୍ନେହର ଦୌଡ଼ କେତେ ଦୂର ? ସେତିକି ସ୍ନେହ ପାଇଲେ ବା ଦେଲେ କଣ ମଣିଷର ମନ ତୃପ୍ତ ହେବ ? ସେଇଥି ପାଇଁ ସୁଶିକ୍ଷା ପ୍ରୟୋଜନ । ଯେଉଁ ସ୍ନେହ ପ୍ରେମ ନାରୀର ଅନ୍ତରରେ ପୂରି ରହିଥାଏ, ତାର ଅସ୍ତିତ୍ୱଟାକୁ ସେ ଯେପରି ଗଭୀର ଭାବେ ଅନୁଭବ କରିପାରେ ଓ ତାର ପ୍ରସାର ଯେପରି ସ୍ୱାମୀ ଓ ସନ୍ତାନ ଉପରେ ଶ୍ରେୟୋନ୍ମୁଖୀ କଲ୍ୟାଣ ବିସ୍ତାର କରିପାରେ, ସେଇଥିପାଇଁ ସୁଶିକ୍ଷା ପ୍ରୟୋଜନ । ସ୍ୱାମୀ ଯେତିକି ଜ୍ଞାନ ଓ ବିଦ୍ୟା ଅନୁଶୀଳନ କରିଥିବେ ସମ୍ଭବ ହେଲେ ସ୍ତ୍ରୀ ପକ୍ଷରେ ମଧ୍ୟ ସେହି ପରିମାଣ ଅନୁଶୀଳନ ପ୍ରୟୋଜନ । ପିତୃଗୃହରେ ବାଳିକାମାନଙ୍କର ସୁଶିକ୍ଷା ବ୍ୟବସ୍ଥା ହୁଏନାହିଁ । ତେଣୁ ସ୍ୱାମୀକୁ ସେ ଭାର ନେବାକୁ ହେବ ଏବଂ ସ୍ୱାମୀର ସର୍ବବିଧ ସାଧନାରେ, ସର୍ବବିଧ କର୍ତ୍ତବ୍ୟରେ ଓ ସର୍ବବିଧ ଅନୁଷ୍ଠାନରେ ସ୍ତ୍ରୀ ଯେପରି ସୁଯୋଗ୍ୟା ସହଯୋଗିନୀ ହୋଇପାରିବ ସେହିଭଳି ତାକୁ ଗଢ଼ି ନେବାକୁ ହେବ । ନାରୀ ଯେ ପୁରୁଷର ଇନ୍ଦ୍ରିୟ-ପରିତୃପ୍ତିମୂଳକ କୁଚିନ୍ତା ଗୁଡ଼ିକର କେନ୍ଦ୍ର ନୁହେଁ, ନାରୀ ଯେ ତାହା ଅପେକ୍ଷା ମହତ୍ତର ଚିନ୍ତାର କେନ୍ଦ୍ର ହୋଇପାରେ ତାହା ବୁଝିବା ଓ ବୁଝାଇବା ନିମିତ୍ତ ବ୍ୟାବହାରିକ ଭାବେ ଏଭଳି ସତ୍‌ଶିକ୍ଷାର ସୁବ୍ୟବସ୍ଥା ଦରକାର । ମୌଖିକ ଉପଦେଶ ଦ୍ୱାରା ଯେତିକି ଫଳ ହୁଏ, ଗ୍ରନ୍ଥ ପାଠ ସଙ୍ଗେସଙ୍ଗେ ପଠିତ ବିଷୟର ଆଲୋଚନା ଦ୍ୱାରା ତଦ୍‌ଅପେକ୍ଷା ଫଳ ଅଧିକ ହୁଏ । ଏଣୁ ମନୁଷ୍ୟତ୍ୱ-ବର୍ଦ୍ଧକ ସଦ୍‌ଗ୍ରନ୍ଥ ନିର୍ବାଚନ କରି ନିଷ୍ଠା ସହକାରେ ସ୍କୁଲର ପାଠ୍ୟପୁସ୍ତକ ଭଳି ସେଗୁଡ଼ିକୁ ପଢ଼ିବା ଉଚିତ୍ । ସମ୍ଭବତଃ ରାତ୍ରିରେ ଉପାସନା ପୂର୍ବରୁ ଗ୍ରନ୍ଥପାଠ ଅଧିକାଂଶ ଦମ୍ପତିଙ୍କ ପକ୍ଷରେ ସୁବିଧାଜନକ ହେବ ।

ଶୟନ

ନୈଶ-ଉପାସନା ପରେ ଆଉ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ବାକ୍ୟାଳାପରେ କଟାଇବ ନାହିଁ । ନିଜନିଜ ଶଯ୍ୟାରେ ବସି ପରସ୍ପର ଭଗବାନଙ୍କ ନାମ ଜପିଯିବ ଏବଂ ନିଦ୍ରାକର୍ଷଣ ନ ହେବା ପର୍ଯ୍ୟନ୍ତ ଶୋଇ ପଡ଼ିବ ନାହିଁ । ପୃଥକ୍ ଶଯ୍ୟାରେ ଶୟନ କରିବ । ମୈଥୁନ ବର୍ଜନ କରି ମଧ୍ୟ ଯେଉଁମାନେ ଏକ ଶଯ୍ୟାରେ ଶୟନ

କରନ୍ତି ସେମାନଙ୍କର ବ୍ରହ୍ମଚର୍ଯ୍ୟ ପ୍ରାୟତଃ ରକ୍ଷିତ ହୁଏ ନାହିଁ । କାରଣ ଏହାଦ୍ୱାରା ନାରୀ ଓ ପୁରୁଷ ଉଭୟଙ୍କର ସତ୍ତାଶକ୍ତି ବହୁ କ୍ଷେତ୍ରରେ ଅପ୍ରକାଶ୍ୟରେ କ୍ଷୟିତ ହୁଏ । ଜଗତର କଲ୍ୟାଣ ପାଇଁ ଦୈହିକ ମିଳନର ଅଧିକାର ସବୁବେଳେ ତୁମ୍ଭମାନଙ୍କର ଅଛି; ତଥାପି ବ୍ରହ୍ମଚର୍ଯ୍ୟ ରକ୍ଷା ଲାଗି କେବଳ ସନ୍ତାନଜନନ ସମୟଟି ବ୍ୟତୀତ ଆଉ ସବୁ ସମୟରେ ଯଥାସାଧ୍ୟ ପୃଥକ୍ ଶଯ୍ୟାର ବ୍ୟବସ୍ଥା କରିବ । ତେବେ ଏ ସମ୍ପର୍କରେ ସବୁ ଲୋକଙ୍କ ପାଇଁ ବା ସବୁ ସମୟ ପାଇଁ କୌଣସି ସ୍ଥାୟୀ ବା ନିର୍ଦ୍ଦିଷ୍ଟ ବିଧାନ ନିର୍ଦ୍ଦେଶ କରିବାକୁ ଆମେ ଚାହୁଁ ନା । ସ୍ଥଳବିଶେଷରେ ସ୍ୱାମୀ ସ୍ତ୍ରୀର ପ୍ରଣୟ-ବର୍ଦ୍ଧନ ଲାଗି ମୈଥୁନ ବର୍ଜିତ ଅବସ୍ଥାରେ ମଧ୍ୟ ଏକତ୍ର ଶୟନ ଯେ ବିହିତ ନ ହେବ ତାହାନୁହେଁ । ପାତ୍ର-ପାତ୍ରୀ ନିଜ ନିଜର ଅବସ୍ଥା ବିବେଚନା କରି ଏହାର ସଙ୍ଗତି ଅସଙ୍ଗତି ସ୍ଥିର କରିନେବେ । ଯେଉଁ ସ୍ୱାମୀ-ସ୍ତ୍ରୀ ସୁଦୀର୍ଘ କାଳ ଯାବତ୍ କାମବେଗ ଦମନ କରି ସଂଯତ-ଜୀବନ ଯାପନ କରୁଛନ୍ତି, ଶୟନ କାଳରେ ଏକତ୍ର ଅବସ୍ଥିତି କ୍ଷେତ୍ର ବିଶେଷରେ ସେମାନଙ୍କ ପକ୍ଷରେ ହିତକର ଏବଂ କ୍ଷେତ୍ର ବିଶେଷରେ ସେମାନଙ୍କ ପକ୍ଷରେ ଅହିତକର ହେବା ଦେଖାଯାଏ । ପତି-ପତ୍ନୀଙ୍କ ମାନସିକ ଗଠନ ଉପରେ ଏହା ମୁଖ୍ୟତଃ ନିର୍ଭର କରେ । ଆଦର ସୋହାଗ ମାଧ୍ୟମରେ ଯେଉଁ ସ୍ତ୍ରୀମାନଙ୍କୁ ସଂଯମ-ପଥରେ ଓ ଆଧ୍ୟାତ୍ମିକମାର୍ଗରେ ଆକର୍ଷଣ କରିବା ପ୍ରୟୋଜନ ହୁଏ, ଶୟନ କାଳରେ ସେମାନଙ୍କୁ ପୃଥକ୍ ଶଯ୍ୟାକୁ ଅପସାରିତ କରିବା କାର୍ଯ୍ୟୋଦ୍ଧାରରେ ବିଘ୍ନକର ହୋଇପାରେ । କାରଣ, ସ୍ତ୍ରୀମାନେ ସ୍ୱାମୀର ପ୍ରଣୟର ପୂର୍ଣ୍ଣ ଅଧିକାରିଣୀ ବୋଲି ନିଜକୁ ମନେ କରି ନ ପାରିଲେ କଦାପି ସେମାନେ ସ୍ୱାମୀର ସଂଯମରେ, ସାଧନାରେ, ଧର୍ମ କାର୍ଯ୍ୟରେ ବା ଲୋକହିତକର ବ୍ରତରେ ସହାୟତା କରିବାକୁ ଆଗ୍ରହୀ ହୁଅନ୍ତି ନାହିଁ । ଅତଏବ ଏ ସବୁ କଥା ଭଲ ଭାବରେ ବିଚାର ବିବେଚନା କରି ଏ ସମ୍ପର୍କରେ କର୍ତ୍ତବ୍ୟ ନିର୍ଦ୍ଧାରଣ କରିବ । ତା'ଛଡ଼ା ଯେଉଁ ସମୟରେ ପୃଥକ୍ ଶଯ୍ୟାରେ ଶୟନ କରୁଥିବ ସେ ସମୟରେ ବନ୍ଧୁବାନ୍ଧବ, ଆତ୍ମୀୟ ପରିଜନ ବା ପ୍ରତିବେଶୀମାନେ ସେ ସମ୍ପର୍କରେ କୌଣସି ଆଲୋଚନା କରିବାର ସୁଯୋଗ ଯେପରି ନ ପାଆନ୍ତି । ଦମ୍ପତିର ସମ୍ଭୋଗ ଓ

ସଂଯମ ଉଭୟ କେବଳ ଦମ୍ପତିଙ୍କର ମଧ୍ୟରେ ହିଁ ଆବଦ୍ଧ ରହିବା ଆବଶ୍ୟକ, ତା ଉପରେ ବାଜେ ଲୋକଙ୍କର ଚପଲ ରସନାର ଅଧିକାର ରହିବା ସଙ୍ଗତ ନୁହେଁ । କାରଣ ତଦ୍ଦ୍ୱାରା ହୁଏତ କାର୍ଯ୍ୟସିଦ୍ଧିରେ ବ୍ୟାଘାତ ଘଟେ ନଚେତ୍ ଚରିତ୍ର ମଧ୍ୟରେ ଭଣ୍ଡାମି ପ୍ରଶ୍ରୟ ପାଏ । ଚରିତ୍ର-ଗଠନକାମୀ ବ୍ୟକ୍ତି ପକ୍ଷରେ ଭଣ୍ଡାମି ବା ମିଥ୍ୟାଚାର ଭଳି ଶତ୍ରୁ ଆଉ କିଛି ନାହିଁ ।

ପୁତ୍ରେଷ୍ଟି ଯଜ୍ଞ

ସନ୍ତାନ ଲାଭରେ ହିଁ ତୁମ ଦୁହିଁଙ୍କର ବିବାହିତ ଜୀବନର ପ୍ରତ୍ୟକ୍ଷ ବିସ୍ତାର, ଏହି କଥାଟି ଉଭୟଙ୍କୁ ଖୁବ୍ ଭଲ ଭାବରେ ହୃଦୟଙ୍ଗମ କରିବାକୁ ହେବ । କିନ୍ତୁ ଯେଉଁ ସନ୍ତାନ ତୁମ ଦୁହିଁଙ୍କର ଜୀବନକୁ ସଙ୍କୁଚିତ ନ କରି ସନ୍ତାନିତ ଅର୍ଥାତ୍ ବିସ୍ତାରିତ କରିବ, ସେଭଳି ସନ୍ତାନ ଯେ ଏମିତି ସେମିତି ଜନ୍ମ ହୁଅନ୍ତି ନାହିଁ, ସେଥିପାଇଁ ଯେ କଠୋର ସଂକଳ୍ପ କରିବାକୁ ହୁଏ, ଏ କଥାଟି ସର୍ବଦା ମନେ ରଖିଥିବ । ଅନ୍ତତଃ ବର୍ଷେକାଳ ସଂଯମୀ ଓ ସଦାଚାରୀ ନ ହୋଇ ଏବଂ ଗୋଟିଏ ମାତ୍ର ଆଦର୍ଶକୁ ଅନୁସରଣ କରିବାକୁ ଚେଷ୍ଟା ନ କରି କଦାପି ସନ୍ତାନଜନନରେ ପ୍ରବୃତ୍ତ ହେବ ନାହିଁ । କିଭଳି ସନ୍ତାନ ତୁମ୍ଭମାନଙ୍କର ପ୍ରାର୍ଥନୀୟ ତାହା ଋତୁରକ୍ଷାର ଏକ ବର୍ଷ ପୂର୍ବରୁ ତୁମେ ଦୁହେଁ ଉଭୟଙ୍କର ସମ୍ମତିକ୍ରମେ ନିର୍ଦ୍ଧାରଣ କରି ଏବଂ କଠୋର ପ୍ରଯତ୍ନରେ ତଦନୁଯାୟୀ ଆତ୍ମପ୍ରସ୍ତୁତିରେ ବ୍ରତୀ ହୁଅ । ଏହାହିଁ ପୁତ୍ରେଷ୍ଟି ଯଜ୍ଞ । ଯଦି ତୁମ୍ଭେମାନେ ଦେଶ କଲ୍ୟାଣକାରୀ ବୀର ସନ୍ତାନ ଚାହଁ ତେବେ ସେହି ନିର୍ଦ୍ଦିଷ୍ଟ ସମୟତକ ପ୍ରାଣପଣେ ଦେଶର ସେବା କରିବାକୁ ଯତ୍ନବାନ୍ ହୁଅ ଏବଂ ଦେଶ ସେବାରେ ଜୀବନ ଉତ୍ସର୍ଗ କରି ଯେଉଁମାନେ ଜଗଦ୍‌ବରେଣ୍ୟ ହୋଇଛନ୍ତି ସେହିଭଳି ବୀରାତ୍ମା ମହାପୁରୁଷମାନଙ୍କର ଜୀବନ ପ୍ରଣାଳୀ ଅଧ୍ୟୟନ ଓ ଅନୁଶୀଳନ କର । ଅନ୍ତରରେ ଜାଗରୂକ ରଖ, ରାଣାପ୍ରତାପ କିପରି ଭାବରେ ସ୍ୱାଧୀନତାର ସମ୍ମାନ ଅକ୍ଷୁର୍ଣ୍ଣ ରଖିଥିଲେ, ଗୁରୁଗୋବିନ୍ଦ କିପରି ଭାବରେ ଏକ ଆତ୍ମଧ୍ୟାନ-ପରାୟଣ ଯୋଗୀ ସମାଜକୁ ଯୋଦ୍ଧା ଜାତିରେ ପରିଣତ କରି ମହିମାନ୍ୱିତ ସ୍ୱଧର୍ମର ଗୌରବ ରକ୍ଷା କରିଥିଲେ, ଚାନ୍ଦବିବି କିପରି ଭାବରେ ଦୁର୍ଦ୍ଧର୍ଷ ମୋଗଲ ସମ୍ରାଟ ବିରୁଦ୍ଧରେ

ଅକୁତୋଭୟ ସଂଗ୍ରାମ କରିଥିଲେ, ଯୋନ୍ ଅଫ ଆର୍କ ସାମାନ୍ୟ ପଶୁପାଳିକା ହୋଇ ମଧ୍ୟ କିପରି ଭାବରେ ପଦାନତ ଫ୍ରାନ୍ସର ସ୍ୱାଧୀନ ପତାକା ନୂଆ କରି ପ୍ରୋଥିତ କରିଥିଲେ । ଯଦି ତୁମ୍ଭେମାନେ ଜଗତ୍ କଲ୍ୟାଣକାରୀ ବୀର ସନ୍ତାନ ଚାହଁ, ତେବେ ପୂର୍ବୋକ୍ତ ନିର୍ଦ୍ଦିଷ୍ଟ ସମୟତକ ଜଗତ୍‌କଲ୍ୟାଣକାରୀ ମହାତ୍ମାମାନଙ୍କର ଜୀବନ-ପ୍ରଣାଳୀ ବା ଜୀବନୀ ଅଧ୍ୟୟନ ଓ ଅନୁଶୀଳନ କର । ଅନ୍ତର ମଧ୍ୟରେ ଖୋଦିତ କରି ରଖ, ଶାକାସିଂହ କିପରି ବିଶ୍ୱର ଦୁଃଖ ବିଦୂରଣ ଲାଗି ରାଜୈଶ୍ୱର୍ଯ୍ୟ ଓ ପ୍ରେମମୟୀ ଭାର୍ଯ୍ୟା ପରିତ୍ୟାଗ କରି ସ୍ୱେଚ୍ଛାରେ ଭିକ୍ଷୁ ସାଜିଥିଲେ। ସାମାନ୍ୟ ଏକ ଛାଗ ଶିଶୁର ଜୀବନ ରକ୍ଷା ଲାଗି ନିଜର ମହାମୂଲ୍ୟ ଜୀବନ ଦାନ କରିବାକୁ ପ୍ରସ୍ତୁତ ହୋଇଥିଲେ, ଯୀଶୁଖ୍ରୀଷ୍ଟ କିପରି କୃଶବିଦ୍ଧ ହୋଇ ପରାର୍ଥେ ପ୍ରାଣ ବିସର୍ଜନ କରିଥିଲେ, ଦଧୀଚି କିପରି ସ୍ୱର୍ଗରାଜ୍ୟକୁ ନିଷ୍କଣ୍ଟକ କରିବା ପାଇଁ, ତ୍ରିଲୋକ ଶତ୍ରୁ, ବୃତ୍ରାସୁର ସଂହାର ଲାଗି ହସି ହସି ଚିରଶତ୍ରୁ ଇନ୍ଦ୍ର ହାତକୁ ନିଜର ଅସ୍ଥି ବଢ଼ାଇ ଦେଇଥିଲେ । ତୀବ୍ର ଭାବରେ ଏହି ସବୁ ମହତ୍‌ଚିନ୍ତାକୁ ଅନୁଶୀଳନ କର ଏବଂ ନିଶ୍ଚିତ ଭାବରେ ଏ କଥା ଜାଣିରଖ ଯେ, ଇଚ୍ଛାନୁରୂପ-ପ୍ରକୃତି ବିଶିଷ୍ଟ ସନ୍ତାନସନ୍ତତିଙ୍କୁ ଜନ୍ମଦାନ କରି ତୁମ୍ଭେମାନେ କୃତାର୍ଥ ହୋଇପାରିବ । କେବଳ ସେତିକି ନୁହଁ, ତୁମ୍ଭମାନଙ୍କର ସଙ୍କଳ୍ପ ଶକ୍ତି ହିଁ ଜଠରସ୍ଥ ସନ୍ତାନକୁ ଇଚ୍ଛାନୁସାରେ ପୁତ୍ର ବା କନ୍ୟାରେ ପରିଣତ କରିବ । ଇଚ୍ଛାନୁସାରେ ପୁତ୍ର କନ୍ୟା ଜନ୍ମ କରିବା ପାଇଁ ବିଭିନ୍ନ ପନ୍ଥୀ-ଯୋଗୀମାନେ ବିଭିନ୍ନ ଉପାୟ ଆବିଷ୍କାର କରିଥିଲେ ବୋଲି କଥିତ ଅଛି । ଯଥା :-

(କ) ସ୍ତ୍ରୀ ପୁରୁଷ ଉଭୟଙ୍କର ପିଙ୍ଗଳା ନାଡ଼ୀରେ ଶ୍ୱାସ ଚଳନ ସମୟରେ ବୀର୍ଯ୍ୟାଧାନ ହେଲେ ପୁତ୍ର ଜନ୍ମ ହୁଏ ! ଋତୁରକ୍ଷା କାଳରେ ଉଭଙ୍କର ଶ୍ୱାସ ଇଡ଼ା ନାଡ଼ୀରେ ଚାଲୁଥିଲେ କନ୍ୟା ଜନ୍ମହୁଏ * ଉଭୟଙ୍କ ମଧ୍ୟରୁ ଜଣକର ଇଡ଼ାରେ ଓ ଅନ୍ୟ ଜଣକର ପିଙ୍ଗଳାରେ ଥିଲେ ସ୍ତ୍ରୀ ପୁରୁଷଙ୍କ ମଧ୍ୟରୁ ଯାହାର ଶକ୍ତି ଅଧିକ, ତଜ୍ଜାତୀୟ ସନ୍ତାନ ଅଥବା ଯମଜ ପୁତ୍ରକନ୍ୟା ଜନ୍ମ ହୁଅନ୍ତି । ଉଭୟଙ୍କର ଶକ୍ତି ସମାନ ହେଲେ ନପୁଂସକ ଜନ୍ମ ହୁଅନ୍ତି ।

*** ମତଭେଦ ଦୃଷ୍ଟି ହୁଏ ।**

(ଖ) ପୁରୁଷ ଶୁକ୍ରକୋଷର ଦକ୍ଷିଣ ଅଂଶରୁ ବୀର୍ଯ୍ୟାଧାନ ହେଲେ ପୁତ୍ର, ବାମ ଅଂଶରୁ ହେଲେ କନ୍ୟା, ଉଭୟ ଅଂଶରୁ ସମ ପରିମାଣରେ ପତିତ ହେଲେ ନପୁଂସକ ଜନ୍ମ ହୁଏ *

(ଗ) ନାରୀ ଡିମ୍ବାଧାରର ବାମ ଅଂଶରୁ ନିର୍ଗତ ଡିମ୍ବ ପୁରୁଷ ବୀର୍ଯ୍ୟ ସହ ମିଶ୍ରିତ ହେଲେ ପୁତ୍ର, ଦକ୍ଷିଣ ଅଂଶରୁ ହେଲେ କନ୍ୟା ଇତ୍ୟାଦି ।

(ଘ) ଉଭୟଙ୍କର ଶ୍ୱାସ ଓ ପ୍ରଶ୍ୱାସରେ ମେଳକ ଥିଲେ ସ୍ତ୍ରୀର ଆଭ୍ୟନ୍ତର କୁମ୍ଭକ କାଳରେ ଓ ପୁରୁଷର ବାହ୍ୟକୁମ୍ଭକ କାଳରେ ରଜୋବିର୍ଯ୍ୟର ମିଳନ ଘଟିଲେ ସନ୍ତାନ କନ୍ୟା ହୁଏ ଏବଂ ସ୍ତ୍ରୀର ବାହ୍ୟକୁମ୍ଭକ କାଳରେ ଓ ପୁରୁଷର ଆଭ୍ୟନ୍ତର କୁମ୍ଭକ କାଳରେ ରଜୋବୀର୍ଯ୍ୟର ମିଳନ ଘଟିଲେ ସନ୍ତାନ ପୁତ୍ର ହୁଏ ।

ଏହି ସବୁ ଉପାୟ ଅବଲମ୍ବନ କରିବାକୁ ହେଲେ ଦାମ୍ପତ୍ୟ ସାଧନକୁ ଏଭଳି ଯୌଗିକ ସାମର୍ଥ୍ୟ ଅର୍ଜନ କରିବାକୁ ହେବ ଯେପରିକି ଇଚ୍ଛାନୁସାରେ ଶ୍ୱାସପ୍ରଶ୍ୱାସର ଗତିକୁ ନିର୍ଦ୍ଦିଷ୍ଟ ନାଡ଼ୀରେ ପରିଚାଳନା କରିବା, ଇଚ୍ଛାନୁସାରେ ବାମ ଓ ଦକ୍ଷିଣ ଶୁକ୍ରକୋଷରୁ ଶୁକ୍ର ନିଃସାରିତ କରାଇବା, ନାରୀ-ଡିମ୍ବକୁ ବାମ ଓ ଦକ୍ଷିଣ ଡିମ୍ବାଧାରରୁ ବହିର୍ଗତ କରାଇ ଜରାୟୁକୁ ଆଣି ପୁରୁଷବୀର୍ଯ୍ୟ ସହିତ ମିଳାଇବା ଏବଂ ଏକସମୟରେ ଉଭୟଙ୍କର ବିପରୀତ କୁମ୍ଭକର ମେଳକ ରଖିବାରେ ଆଦୌ କଷ୍ଟ ନ ହୁଏ । ବିଶେଷ ଧୈର୍ଯ୍ୟ ସହକାରେ ଚେଷ୍ଟା କଲେ ଚତୁର୍ଥ ଉପାୟଟି ଅବଶ୍ୟ ସମ୍ଭବ ହୋଇପାରେ କିନ୍ତୁ ଅନ୍ୟ ଗୁଡ଼ିକ ଅତ୍ୟନ୍ତ କୃଚ୍ଛସାଧ୍ୟ ବୋଲି ମନେହୁଏ । ତେଣୁ ଆମ ମତରେ ଏସବୁ ବିଷୟରେ ବେଶି ଶକ୍ତି ସାମର୍ଥ୍ୟ ବ୍ୟୟ ନ କରି ନିୟମିତ ଭଗବତ୍ ସାଧନା ଦ୍ୱାରା ଦିନକୁଦିନ ଏଭଳି ଆଧ୍ୟାତ୍ମିକ ସାମର୍ଥ୍ୟ ସଞ୍ଚୟ ଲାଗି ଯତ୍ନବାନ ହେବା ଉଚିତ ଯହିଁରେ ସନ୍ତାନ ଜନନ କାଳରେ ମାନସିକ ପ୍ରଶାନ୍ତି କୌଣସିମତରେ ହ୍ରାସପ୍ରାପ୍ତ ନ ହୁଏ । ମନର ପ୍ରଶାନ୍ତ ଅବସ୍ଥାରେ ଶ୍ୱାସ ବାୟୁ ସୁଷୁମ୍ନାରେ ଅର୍ଥାତ ଉଭୟ ନାସାରେ ଥାଏ । ଶ୍ୱାସର ସୁଷୁମ୍ନାବସ୍ଥିତି ହିଁ ଜଗତର

---

* ବୈଜ୍ଞାନିକ ଏ ବିଷୟରେ ଦ୍ୱିଧା ପ୍ରକାଶ କରନ୍ତି ।

ସକଳ କଲ୍ୟାଣ-କର୍ମର ସୁସମୟ । ମହାମୁଦ୍ରା, କାର୍କୀମୁଦ୍ରା* , ଅଶ୍ୱିନୀ ମୁଦ୍ରା, ଯୋନିମୁଦ୍ରା ଏବଂ ସର୍ବୋପରି ପ୍ରାଣାୟାମ ଓ ନାମଜପ ଦ୍ୱାରା ସୁଷମ୍ନାର ଦ୍ୱାର ଉନ୍ମୋଚିତ ହୁଏ । ଅତଏବ ବର୍ଷବ୍ୟାପୀ ସଂକଳ୍ପ ଓ ତପଃସାଧନ ପରେ ସ୍ୱାମୀସ୍ତ୍ରୀ ପୂର୍ବୋକ୍ତ ଉପାୟରେ ସୁଷୁମ୍ନା ଦ୍ୱାର ଉନ୍ମୋଚିତ କରି ତା ପରେ ଚିତ୍ତଭାବର ମଳିନତା ନାଶକ ପ୍ରକ୍ରୀୟା ଅବଲମ୍ବନରେ କୁଳପ୍ରଥାଗତ ପବିତ୍ର ନିୟମାନୁସାରେ ଭଗବାନଙ୍କ ନାମ ଉଚ୍ଚାରଣ କରି କରି ସନ୍ତାନଜନନ କଲେ ସନ୍ତାନ ଜଗତର କଲ୍ୟାଣକାରୀ ହେବ ଏହା ନିଃସନ୍ଦେହ । ଗର୍ଭାଧାନ ଏବଂ ଗର୍ଭାଧାନର ପୂର୍ବ ପର୍ଯ୍ୟନ୍ତ ଯାବତୀୟ କର୍ତ୍ତବ୍ୟ ବିଧିମୁତାବକ ଅନୁଷ୍ଠିତ ହେଲେ, ତା ପରେ ଭ୍ରୁଣକୁ ଇଚ୍ଛାନୁଯାୟୀ ପୁତ୍ର ବା କନ୍ୟାରେ ପରିଣତ କରିବାପାଇଁ ବେଶି ଆୟାସ ସ୍ୱୀକାର କରିବାକୁ ପଡ଼େନାହିଁ । ଜନକ ଜନନୀର ସଂକଳ୍ପ ଶକ୍ତି ଏ ବିଷୟରେ ଉପେକ୍ଷଣୀୟ ନୁହେଁ ।

ଲିଙ୍ଗାନ୍ତରର ବୈଜ୍ଞାନିକ ଦୃଷ୍ଟାନ୍ତ

ଏ ବିଷୟଟି ଆଧୁନିକ ବିଜ୍ଞାନ ଦୃଷ୍ଟି କୋଣରୁ ଟିକିଏ ଆଲୋଚନା କରାଯାଉ ।

ଆମେରିକା ଅନ୍ତଃପାତି ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରଖ୍ୟାତ ଅଧ୍ୟାପକ ପ୍ରଫେସର ଚାଇଲଡ୍ ବହୁବିଧ ବୈଜ୍ଞାନିକ ପରୀକ୍ଷା ଦ୍ୱାରା ପ୍ରମାଣିତ କରିଛନ୍ତି ଯେ ବିଦ୍ୟୁତ, ଆଲୋକ, ତାପ ଓ ରାସାୟନିକ ପ୍ରକ୍ରିୟା ସାହାଯ୍ୟରେ ଭ୍ରୁଣର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ନାନା ପ୍ରକାର ପରିବର୍ତ୍ତନ କରାଯାଇ ପାରେ । ଦୃଷ୍ଟାନ୍ତ ସ୍ୱରୂପ ପାଣିରେ ଅଳ୍ପ ପରିମାଣ ମାଗ୍ନେସିଅମ କ୍ଲୋରାଇଡ ଗୋଳାଇ ସେଥିରେ ମାଛିଡିମ୍ବ ବା ମାଛମଞ୍ଜି ଫୁଟାଇଲେ ମାଛ ଜାଆଁଳ ଲଲାଟର ଦୁଇପଟେ ଦୁଇଟି ଆଖି ନ ହୋଇ ମଝିରେ ଗୋଟିଏ ଆଖି ହୁଏ । ବୈଜ୍ଞାନିକ ପ୍ରକ୍ରିୟା ପ୍ରୟୋଗ ଫଳରେ ଜୀବମାନଙ୍କର ଦୈହିକ ଉପାଦାନ ଗୁଡ଼ିକର ପରିବର୍ତ୍ତନ ଘଟୁଥିବାରୁ ଏହିପରି ଭାବରେ ଅଙ୍ଗ ବିଶେଷର ବୃଦ୍ଧି, ସଂକୋଚନ ନବୋଦ୍‌ଗମ ବା ବିଲୋପ ସମ୍ଭବ ହୁଏ । ବୈଜ୍ଞାନିକ ଆଲେନ୍ (Allen) ଓଡିୟସି (Doisy) ସାହେବଦ୍ୱୟ ମନୁଷ୍ୟ

* ସଂଯମ ସାଧନା ଗ୍ରନ୍ଥର ୧୪୩,୧୪୯,୧୫୦, ୧୫୭ ଓ ୧୭୬

ଦେହର ହରମୋନ୍ (Hermone) ନାମକ ରସର ଅପୂର୍ବ କାର୍ଯ୍ୟ ଓ ଗୁଣ ପର୍ଯ୍ୟାଲୋଚନା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ହରମୋନର ପରିମାଣର ତାରତମ୍ୟ ଅନୁସାରେ ଜୀବ ଦେହରେ ସ୍ତ୍ରୀ ଓ ପୁରୁଷର ପୃଥକ ପୃଥକ ଚିହ୍ନ ନିର୍ଦ୍ଧାରିତ ହୁଏ । ଯେଉଁ ସବୁ ପ୍ରକ୍ରିୟାରେ ଦେହର ଏହି ହରମୋନ ବସ୍ତୁଟିର ପ୍ରୟୋଜନ ଅନୁଯାୟୀ ହ୍ରାସବୃଦ୍ଧି ଘଟାଇବା ସମ୍ଭବ, ସେ ସବୁ ପ୍ରକ୍ରିୟା ଦ୍ୱାରା ଭ୍ରୂଣତ ସାମାନ୍ୟ କଥା, ପୂର୍ଣ୍ଣ ଯୌବନ ପ୍ରାପ୍ତ ପରିଣତଦେହୀ ପ୍ରାଣୀର ମଧ୍ୟ ଲିଙ୍ଗାନ୍ତର ପ୍ରାପ୍ତି ଘଟିପାରେ । ଏଡିନ୍‌ବର୍ଗ ସହରର ଡାକ୍ତର କୃ (Dr. Crew) ଏହିପରି ଭାବରେ ଗୋଟିଏ ପୂର୍ଣ୍ଣାୟତନ କୁକ୍‌କୁଟୀକୁ କୁକ୍‌କୁଟରେ ପରିଣତ କରିଛନ୍ତି । ଡାକ୍ତର ଉସ୍କାର ରିଡ୍‌ଲ (Dr. Oscar Riddle) ନାମକ ବୈଜ୍ଞାନିକ ଗୋଟିଏ ପୂର୍ଣ୍ଣ ଯୌବନା କପୋତୀକୁ ଏହିପରି ଭାବରେ ଲିଙ୍ଗାନ୍ତରିତ କରିଛନ୍ତି । ନାନା ପ୍ରକାରର ଭିଟାମିନ୍ ଓ ହରମୋନ ଜୀବ ଦେହରେ ପ୍ରବେଶ କରାଇ ସେମାନେ ଏହି ସବୁ ଅଦ୍ଭୁତ କାର୍ଯ୍ୟ କରିଛନ୍ତି । ଏହି ସବୁ ରାସାୟନିକ ଦ୍ରବ୍ୟର ଯେପରି ଜୀବ ଦେହରେ ଉପାଦାନଗତ ପରିବର୍ତ୍ତନ ଆନୟନ କରିବା ଶକ୍ତି ଅଛି, ମନୁଷ୍ୟର ଚିନ୍ତାର ମଧ୍ୟ ସେହିଭଳି ଶକ୍ତି ଅଛି । ମନେକର ଗତକାଲି ପର୍ଯ୍ୟନ୍ତ ଜଣେ ଲୋକ ଅଧସେର ଚାଉଳର ଭାତ ଖାଇ ଅନାୟସରେ ହଜମ କରି ପାରୁଥିଲା । କିନ୍ତୁ ଆଜି ପ୍ରାୟ ପାଏ ଖଣ୍ଡେ ଚାଉଳର ଭାତ ଖାଇବାର ଅବ୍ୟବହିତ ପରେ ସେ ଏକ ମର୍ମାନ୍ତିକ ଦୁଃସମ୍ବାଦ ଶୁଣିଲା । ଏ କଥା ନିଶ୍ଚିତ ଯେ ଆଜି ତାର ସେତିକ ଖାଦ୍ୟ ମଧ୍ୟ ହଜମ ହେବନାହିଁ । କାରଣ ସ୍ୱାଭାବିକ ଭାବରେ ଖାଦ୍ୟ ଜୀର୍ଣ୍ଣ କରିବା ପାଇଁ ତାର ଯେତିକି ପିତ୍ତରସ ପ୍ରୟୋଜନ ହୁଅନ୍ତା, ଦୁଶ୍ଚିନ୍ତା ଯୋଗୁଁ ତା ଦେହରେ ଆଣବିକ ପରିବର୍ତ୍ତନ ସଂଘଟିତ ହେବାରୁ ସେହି ପରିମାଣ ପିତ୍ତରସ ସୃଷ୍ଟି ହୋଇପାରେ ନାହିଁ । ସେହି ଦୁଃସମ୍ବାଦ ସେ ଯଦି ଆଜି ଭୋଜନ ପୁର୍ବରୁ ଶୁଣିଥାନ୍ତା ତାହାହେଲେ ତାର କ୍ଷୁଧା ଲୋପ ପାଇଥାନ୍ତା । ଅର୍ଥାତ୍ ଦୁଶ୍ଚିନ୍ତାର ଶକ୍ତି ତା ଦେହରେ ଏପରି ଆଣବିକ ପରିବର୍ତ୍ତନ ସଂଘଟିତ କରିଅଛି ଯେ ଯେଉଁ ପରିମାଣରେ ପିତ୍ତରସ ପାକସ୍ଥଳୀକୁ ଆସିଲେ କ୍ଷୁଧା ବୋଧ ଜନ୍ମେ ତାହା ଆସିପାରି ନାହିଁ । କିନ୍ତୁ ସେହି ଲୋକ ଯଦି

ଦୁଃଶ୍ଚିନ୍ତାର କାରଣ ଥିଲେ ବି ଦୁଃଶ୍ଚିନ୍ତାକୁ ପାସଙ୍ଗରେ ନ ପକାଇଥାନ୍ତା ତେବେ ତାର କ୍ଷୁଧାର ଏହି ତାରତମ୍ୟ ବା ହଜମ ଶକ୍ତିର ଏହି ପରିବର୍ତ୍ତନ ହୋଇ ନ ଥାନ୍ତା । ଏହାଦ୍ୱାରା ଚିନ୍ତାର କ୍ଷମତା ପ୍ରମାଣିତ ହେଉଛି । ଅତ୍ୟନ୍ତ ଭୀତ ହେଲେ ମନୁଷ୍ୟ ଥରେ, ମୁହଁ ବିବର୍ଣ୍ଣ ହୁଏ, ଆନନ୍ଦିତ ହେଲେ ଶରୀର ଉଷ୍ମ ଓ ମୁଖମଣ୍ଡଳ ପ୍ରଫୁଲ୍ଲିତ ହୁଏ, ଶୋକ-ଚିନ୍ତା ଯୋଗୁଁ ଆଖିରେ ଲୁହ ଆସେ । ଏଥିରୁ ପ୍ରମାଣିତ ହୁଏ ଯେ ମନ ଦ୍ୱାରା ଦେହ ଭିତରେ ପରିବର୍ତ୍ତନ ଆଣି ହୁଏ । ଆମେରିକାର ବହୁ ସଦ୍‌ଗ୍ରନ୍ଥ ଲେଖିକା ଡାକ୍ତର ଶ୍ରୀମତୀ ମେରୀ ଉଡ୍ ଏଲେନା (Mrs.Mary wood Allen, M.D) ସ୍ୱରଚିତ ଏକ ଗ୍ରନ୍ଥରେ ଲେଖିଛନ୍ତି ଯେ ଏକଦା ସେ ତାଙ୍କର ଏକ ବନ୍ଧୁଙ୍କର ବୈଜ୍ଞାନିକ ପରୀକ୍ଷଣାଗାରକୁ କିଛି ସମୟ ପାଇଁ ଯାଇଥିଲେ । ବନ୍ଧୁବର ତାଙ୍କୁ ଗୋଟିଏ ଯନ୍ତ୍ର ଦେଖାଇଲେ ଯଦ୍ଦ୍ୱାରା ସେ ରୋଗୀର ମନୋଭାବ ଧରି ପାରୁଥିଲେ । ରୋଗୀକୁ ସେ ଏକ କାଚନଳୀ ଭିତରେ ପ୍ରଶ୍ୱାସ ଛାଡ଼ିବାକୁ କହନ୍ତି, ତାପରେ ଶୈତ୍ୟ-ପ୍ରୟୋଗ କରି ସେହି ନିଃଶ୍ୱସିତ ବାଷ୍ପକୁ ତରଳ ଅବସ୍ଥାକୁ ଆଣି ତା ସହିତ ଏକ ରାସାୟନିକ ପଦାର୍ଥ ମିଶ୍ରିତ କରନ୍ତି । ସଙ୍ଗେ ସଙ୍ଗେ ସେହି ତରଳ ପଦାର୍ଥର ବର୍ଣ୍ଣ ପରିବର୍ତ୍ତନ ହୁଏ । ତଦ୍ଦ୍ୱାରା ସେ ନିର୍ଣ୍ଣୟ କରନ୍ତି ରୋଗୀ ମନରେ ସେ ସମୟରେ କି ପ୍ରକାର ଚିନ୍ତା ଥିଲା । ଗୋଟିଏ ରକମର ରଙ୍ଗ ହେଲେ ସେ ବୁଝନ୍ତି ଯେ ରୋଗୀର ମନରେ କ୍ରୋଧ ଥିଲା, ବର୍ଣ୍ଣ ଅନ୍ୟ ପ୍ରକାରର ହେଲେ ରୋଗୀ ମନରେ ବିଷାଦ ଥିଲା ବୋଲି ସେ ବୁଝନ୍ତି । ବର୍ଣ୍ଣ ଆଉ ଏକ ପ୍ରକାରର ହେଲେ ସେ ବୁଝନ୍ତି ଯେ ରୋଗୀ ସେତେବେଳେ ପୂର୍ବକୃତ ପାପ ଲାଗି ଅନୁତପ୍ତ ଥିଲା । ଏଥିରୁ ସ୍ପଷ୍ଟ ବୁଝାଯିବ ଯେ ଚିନ୍ତାଦ୍ୱାରା ଶରୀରରେ ବିଷ ଉତ୍ପାଦିତ ହୋଇପାରେ । ବୈଜ୍ଞାନିକ ପରୀକ୍ଷା ଦ୍ୱାରା ପ୍ରମାଣିତ ହୋଇଅଛି ଯେ କ୍ରୋଧମୂଳକ ଚିନ୍ତା ଫଳରେ ସଂପୃକ୍ତ ବ୍ୟକ୍ତିର ଝେପରେ ଏପରି ଏକ ପ୍ରକାରର ବିଷ ରହିଥିବାର ଦେଖାଯାଏ ଯାହାକି କ୍ରୋଧଉଦ୍ରେକ ପୂର୍ବରୁ ତାର ନ ଥିଲା । ଏଥିରୁ ମଧ୍ୟ ପ୍ରମାଣିତ ହେଉଛି ଚିନ୍ତାଦ୍ୱାରା ଦୈହିକ ଉପାଦାନ ଗୁଡ଼ିକର ପରିବର୍ତ୍ତନ ନିଶ୍ଚିତ ଭାବରେ ସଂଘଟିତ ହୁଏ । ଥରେ ରକ୍ତ ପରୀକ୍ଷା ପରେ ଜଣେ ସୁସ୍ଥଦେହୀ ପବିତ୍ରଚିତ୍ତ ବ୍ୟକ୍ତି ଯଦି ପ୍ରବଳ କାମ

ଚିନ୍ତାରେ ନିରତ ହୁଏ, ତେବେ ତାର ରକ୍ତ ପରୀକ୍ଷା କଲେ ଦେଖାଯିବ ଯେ ପୂର୍ବ ପରୀକ୍ଷାର ଫଳ ସହିତ ଏ ପରୀକ୍ଷାର ଫଳ ମିଳୁନାହିଁ । ଅତଏବ ପ୍ରମାଣିତ ହେଲା ଯେ ଚିନ୍ତାଦ୍ୱାରା ଦେହର ଉପାଦାନ ଗୁଡ଼ିକର ପରିବର୍ତ୍ତନ ଘଟେ । ତେନ୍ତୁଳି ଦେଖିଲେ ଜିଭ ଲାଳାଏ, ଏହା ମଧ୍ୟ ଚିନ୍ତାର କରାମତି । ଯେଉଁ ଲୋକ ତେନ୍ତୁଳି ପ୍ରତି ଦୃଷ୍ଟି ଦେଇ ମନକୁ ଅନ୍ୟ କୌଣସି ବିଷୟରେ ନିବଦ୍ଧ ରଖେ ତାର ଜିଭ ଲାଳାଏ ନାହିଁ । ସେହିପରି ଚିନ୍ତାଦ୍ୱାରା ଦେହର ହରମୋନ ଜାତୀୟ ପଦାର୍ଥର ହ୍ରାସ-ବୃଦ୍ଧି ସମ୍ପାଦନ ନିଶ୍ଚିତ ଭାବରେ ସମ୍ଭବ । ଗୋଟିଏ କିସମର ଚିନ୍ତାଦ୍ୱାରା ଯଦି ଶରୀରରେ ବିଶ ଉତ୍ପାଦିତ ହୋଇପାରେ ତେବେ ଅନ୍ୟ କିସମର ଚିନ୍ତା ଦ୍ୱାରା ଶରୀରରେ ଅମୃତ ଉତ୍ପାଦନ କାହିଁକି ହୋଇ ନ ପାରିବ ? ଲୋଭମୂଳକ ଚିନ୍ତାଦ୍ୱାରା ଯଦି ଜିହ୍ୱାରେ ଜଳସଂଚାର ସମ୍ଭବ ହୁଏ, କାମମୂଳକ ଚିନ୍ତାଦ୍ୱାରା ଯଦି ପୁରୁଷର ଉପସ୍ଥ ମୂଳସ୍ଥ କାମଗ୍ରନ୍ଥିରେ (Prostate gland) ଏବଂ ସ୍ତ୍ରୀଲୋକର ଯୋନି ଦ୍ୱାରସ୍ଥ ରତି-ଗ୍ରନ୍ଥି ସମୂହରେ (Vestibular glands) କାମ-ରସ-ସଂଚାର ହୁଏ, ଶୋକମୂଳକ ଚିନ୍ତାଦ୍ୱାରା ଯଦି ନୟନରେ ଅଶ୍ରୁ ସଞ୍ଚାର୍ ସମ୍ଭବ ହୁଏ, ତାହାହେଲେ ସୁତୀବ୍ର ଓ ଧାରାବାହିକ ଭାବରେ ପୁତ୍ର କାମନା ଫଳରେ ପୁତ୍ରୋତ୍ପାଦକ-ସହାୟକ ହରମୋନ କାହିଁକି ଉତ୍ପାଦନ ଓ ପରିବର୍ଦ୍ଧନ କରାଯାଇ ନ ପାରିବ ?

ଆଧୁନୀକ ସିଦ୍ଧାନ୍ତ

ବର୍ତ୍ତମାନ ବୈଜ୍ଞାନିକ ଗବେଷଣାର ଏକ ଆଧୁନିକ ସିଦ୍ଧାନ୍ତ କୁଆଡ଼େ ଏଇଆ ଯେ କ୍ରମୋଜୋମ୍‌ର ତାରତମ୍ୟ ଉପରେ ଭ୍ରୁଣର ସ୍ତ୍ରୀତ୍ୱ ଓ ପୁଂତ୍ୱ ନିର୍ଭର କରେ । ମେରୁଦଣ୍ଡ-ବିଶିଷ୍ଟ ଯେଉଁ ସବୁ ପ୍ରାଣି ଭ୍ରୁଣ ଆକାରରେ ମାତୃ ଗର୍ଭରେ ବଢ଼ନ୍ତି, ସେମାନେ ଭୃଣାବସ୍ଥାର ପ୍ରାରମ୍ଭରେ କେବଳ ପୁରୁଷ ବା ସ୍ତ୍ରୀ ନଥାନ୍ତି । ସେମାନେ ସେ ଅବସ୍ଥାରେ ଏକ ସଙ୍ଗରେ ସ୍ତ୍ରୀ ପୁରୁଷ ଉଭୟ ଥାନ୍ତି । ଭ୍ରୁଣର ସୁଚନା ନାରୀ ବା ପୁରୁଷ ରୂପେ ହୁଏ ନାହିଁ, ଭ୍ରୁଣ ତାର ଯାତ୍ରା ପଥରେ ଉଭୟ ଲିଙ୍ଗରୂପେ ପ୍ରଥମେ ପଦାର୍ପଣ କରେ । ଭ୍ରୁଣର ସୁଚନା ଅବସ୍ଥାରେ ତାଠାରେ ଏକାଧାରରେ ନର ଓ ନାରୀ ଏହି ଉଭୟଙ୍କର ଲିଙ୍ଗ ଥିବାରୁ କ୍ରମବିକାଶ ଫଳରେ

ସେ ଯେତେବେଳେ ସ୍ତ୍ରୀ ଦେହ ପ୍ରାପ୍ତ ହୁଏ, ସେତେବେଳେ ତା ଶରୀରର କାମାଦ୍ରି ବା (Clitoris) ପୁରୁଷାଙ୍ଗର ସ୍ପଷ୍ଟ ନିଦର୍ଶନ ରୂପେ ରହିଯାଏ ଏବଂ ସେ ଯେତେବେଳେ ପୂରାପୂରି ପୁରୁଷ ଦେହ ପ୍ରାପ୍ତ ହୁଏ ସେତେବେଳେ ତା ଦେହରେ ସ୍ତ୍ରୀ ଶରୀରର ବିଶିଷ୍ଟ ଚିହ୍ନ ସବୁ ରହିଯାଏ, ଯେମିତି ପୁରୁଷ ଦେହରେ ସ୍ତନର ଚିହ୍ନ । ପୁରୁଷ ଦେହରେ ଏହି ସ୍ତନ ଚିହ୍ନର କୌଣସି ସାର୍ଥକତା ଅଛି ବୋଲି ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ କିନ୍ତୁ ନାରୀ ଦେହରେ ଏହି ପୁରୁଷର ଚିହ୍ନର (କାମାଦ୍ରି ବା Clitoris)ର ଯୌନ ସାର୍ଥକତା ଅଛି । ସ୍ତ୍ରୀ-ଦେହସ୍ଥିତ ଡିମ୍ବାଶୟ-ଜାତ ଡିମ୍ବ ବା ସ୍ତ୍ରୀ ଜନନ ବୀଜର (Ovum) ସହିତ ପୁରୁଷ ଦେହଚ୍ୟୁତ ପୁଂ-ଜନନ ବୀଜର (sperm) ମିଳନରୁ ଭ୍ରୁଣ ସୃଷ୍ଟି ହୁଏ । Sperm ଓ Ovum ମିଳିତ ହେବା ପରେ ସେହି ସମ୍ମିଳୀତ ଅବସ୍ଥାପ୍ରାପ୍ତ Ovum ର ଅଭ୍ୟନ୍ତରରୁ ଏକ ପ୍ରକାର କ୍ରମୋଜୋମ୍ ବା ସୂକ୍ଷ୍ମାତିସୂକ୍ଷ୍ମ ଗୁଣାଣୁ, * ଗୁଣର ଅଣୁ, ଗୁଣନିର୍ଣ୍ଣାୟକ ଅଣୁ ବହିର୍ଗତ ହୁଏ ଓ ସେହି ସମ୍ମିଳିତ ଅବସ୍ଥାପ୍ରାପ୍ତ ପିତୃ ଦେହଚ୍ୟୁତ ଶୁକ୍ରକୀଟ ବା ପୁଂ-ଜନନ-ବୀଜର ଅଭ୍ୟନ୍ତରରୁ ଆଉ ଏକ ପ୍ରକାର ର କୋମୋଜୋମ ବା ଗୁଣାଣୁ ବହିର୍ଗତ ହୁଏ ଏବଂ ସେହି ଗୁଣାଣୁଦ୍ୱୟ ପରସ୍ପର ସହିତ ମିଶି ଯିବାକୁ ଲାଗନ୍ତି । ଏହି ଦ୍ୱିବିଧ ଗୁଣାଣୁ ବା କ୍ରମୋଜୋମ ମଧ୍ୟରୁ ଗୋଟିକର ସଂଖ୍ୟାଧିକ୍ୟ ହେଲେ ଭ୍ରୁଣର ମୁଷ୍କ ପରିପୁଷ୍ଟ ହେବାକୁ ଲାଗେ ଓ ଡିମ୍ବାଶୟ ଅପୁଷ୍ଟ ରହିଯାଏ ଏବଂ ଅନ୍ୟଟିର ସଂଖ୍ୟାଧିକ୍ୟ ହେଲେ ଭ୍ରୁଣର ଡିମ୍ବାଶୟ ବୃଦ୍ଧିପ୍ରାପ୍ତ ହେବାକୁ ଲାଗେ ଓ ମୁଷ୍କ ଅପୁଷ୍ଟ ରହିଯାଏ। ମୁଷ୍କ ବା ଅଣ୍ଡକୋଷ ବୃଦ୍ଧିପ୍ରାପ୍ତ ହେଲେ ଭ୍ରୁଣ ପୁରୁଷ ହୋଇଯାଏ, ଡିମ୍ବାଶୟ ବୃଦ୍ଧି ପ୍ରାପ୍ତ ହେଲେ ଭ୍ରୁଣ ସ୍ତ୍ରୀରେ ରୁପାନ୍ତରିତ ହୋଇଯାଏ । ଯେ ଏକ ସଙ୍ଗରେ ସ୍ତ୍ରୀ ଓ ପୁରୁଷ ଉଭୟ ଥାଏ, ସେ ଏହିପରି ଭାବରେ ପୁରାପୁରି ସ୍ତ୍ରୀ ବା ପୁରାପୁରି ପୁରୁଷ ହୋଇଯାଏ ।

ଏଭଳି ଏକତରଫା ଭାଗ୍ୟ ଯାହାଙ୍କୁ ଜୁଟେନା ସେମାନେ ନପୁଂସକ ହୁଅନ୍ତି । ଏଥିରୁ ଏହାହିଁ ସିଦ୍ଧାନ୍ତ ହେଲା ଯେ ଶୁକ୍ରକୋଷର କ୍ରମୋଜମ୍ ବା ଗୁଣାଣୁ

*** ଗୁଣାଣୁ-କ୍ରମୋଜୋମର ଏହି ପରିଭାଷା ଆମର ସୃଷ୍ଟି । ଆମ ବୈଜ୍ଞାନିକମାନେ ଏହାର ପରିଭାଷା କଣ କରିଛନ୍ତି ଆମକୁ ଜଣା ନାହିଁ - ଗ୍ରନ୍ଥାକାର**

ସଂଖ୍ୟା ବେଶୀ ହେଲେ ସନ୍ତାନ ପୁତ୍ର ହୁଏ ଏବଂ ଡ଼ିମ୍ବକୋଷର କ୍ରମୋଜମ୍‌ର ସଂଖ୍ୟା ବେଶୀ ହେଲେ ସନ୍ତାନ କନ୍ୟା ହୁଏ । କିଏ ଏହି କ୍ରମୋଜମ୍ ବା ଗୁଣାଣୁର ସଂଖ୍ୟାଧିକ ବିଧାନ କରେ ?

ଏକାଗ୍ର, ଉଦଗ୍ର, ଦୃଢ଼ ଓ ଏକନିଷ୍ଠ ଚିନ୍ତାଦ୍ୱାରା କ୍ରମୋଜୋମର ସଂଖ୍ୟା ନିୟନ୍ତ୍ରଣ ଯେ କରା ଯାଇପାରେ , ଏହା ବିଶ୍ୱାସ ନ କରିବାର କୌଣସି କାରଣ ନାହିଁ । ଯୋଗୀମାନେ ଯେ ଇଚ୍ଛାଶକ୍ତିରେ ଦେହର ପ୍ରତ୍ୟେକଟି ଅଣୁପରମାଣୁର ପ୍ରକୃତି ପରିବର୍ତ୍ତନ କରି ନଦୀ ଉପରେ ପାଦରେ ଯାତାୟାତ କରି ପାରନ୍ତି, ବୁଢ଼ିଆଣୀ ଜାଲକୁ ଅବଲମ୍ବନ କରି ଶୂନ୍ୟରେ ବିଚରଣ କରିପାରନ୍ତି, ସୂର୍ଯ୍ୟରଶ୍ମି ଅବଲମ୍ବନରେ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତକୁ ଗମନାଗମନ କରିପାରନ୍ତି, ବାୟୁର ହିଲ୍ଲୋଳରେ ଭାସି ଆକାଶରେ ବୁଲି ପାରନ୍ତି, ପଥର ଭିତରେ ବା ଅଗ୍ନିକୁଣ୍ଡରେ ପ୍ରବେଶ କରିପାରନ୍ତି, ଏ ସବୁ କଥା ଜଡ଼ବିଜ୍ଞାନ ଦ୍ୱାରା ପ୍ରମାଣିତ କରିବାର ଉପାୟ ଯଦିବା ନ ଥାଏ, ତଥାପି ସଂକଳ୍ପ ବଳରେ ଯେ ଇଚ୍ଛାନୁସାରେ ପୁତ୍ରକନ୍ୟା ଜନନ ସମ୍ଭବ ତାହା ଅତି ସହଜରେ ବିଶ୍ୱାସ କରାଯାଇପାରେ, ତାକୁ ଅବୈଜ୍ଞାନିକ କଥା ବୋଲି କହି ହସରେ ଉଡ଼ାଇ ନ ଦେଇ ବିଧିମତେ ସଂକଳ୍ପର ସାଧନ କରିବ ।

ସନ୍ତାନର ପୁଂତ୍ୱ ଓ ସ୍ତ୍ରୀତ୍ୱର କାରଣ ସମ୍ବନ୍ଧେ ଆଧୁନିକ ବିଜ୍ଞାନର ସିଦ୍ଧାନ୍ତ

ଅବଶ୍ୟ ଏ କଥା ସ୍ୱୀକାର୍ଯ୍ୟ ଯେ ସନ୍ତାନ ଜରାୟୁରେ ପ୍ରବେଶ କଲା ପରେ ଚେଷ୍ଟା ଉଦ୍ୟୋଗ କରିବା ଅପେକ୍ଷା ସନ୍ତାନ ଜରାୟୁରେ ପ୍ରବେଶ କରିବା ପୂର୍ବରୁ ଚେଷ୍ଟା ଉଦ୍ୟୋଗ କରିବା ଅଧିକତର ଫଳପ୍ରସୂ ଓ ବୁଦ୍ଧି ସଙ୍ଗତ । ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମଧ୍ୟରୁ କେହି କେହି କହନ୍ତି ଯେ ସନ୍ତାନର ଲିଙ୍ଗ-ନିର୍ଣ୍ଣୟ ସମ୍ପର୍କୀୟ ବ୍ୟାପାରରେ ସ୍ତ୍ରୀ ଡିମ୍ବକୋଷ ଉତ୍ପାଦିତ ସ୍ତ୍ରୀ-ବୀଜ Ovum ର ପ୍ରକୃତରେ କିଛି କରଣୀୟ ନାହିଁ । ପୁରୁଷର ଶୁକ୍ରକୋଷରୁ ଆଗତ ଶୁକ୍ର ବିନ୍ଦୁରେ ଆନୁମାନିକ ଯେଉଁ କୋଡ଼ିଏ କୋଟି (୨୦୦୦୦୦୦୦) ପୁଂବୀଜ (Spermatosoa) ଥାଆନ୍ତି ସେମାନଙ୍କ ମଧ୍ୟରୁ ମାତ୍ର ଗୋଟିଏ ପୁଂବୀଜ ବା ଶୁକ୍ରକୀଟ ସ୍ତ୍ରୀ-ବୀଜ

(Ovum) ରେ ପ୍ରବେଶ କରି ସନ୍ତାନର ଲିଙ୍ଗ ନିର୍ଦ୍ଧାରଣ କରେ । ଗୋଟିଏ ସ୍ତ୍ରୀ ବୀଜର ଯାହା ଆୟତନ, ଗୋଟିଏ ପୁଂ ବୀଜର ଆୟତନ ତାର ଏକ ଲକ୍ଷ ଭାଗରୁ ଏକ ଭାଗ ମାତ୍ର। ଏହି ପୁଂବୀଜ ବା ଶୁକ୍ରକୀଟ ମଧ୍ୟରେ କାହାର ସ୍ତ୍ରୀତ୍ୱ ଥାଏ ତ ଆଉ କାହାର ପୁଂତ୍ୱ ଥାଏ । ସ୍ତ୍ରୀ-ଜାତୀୟ ପୁଂବୀଜ ଯଦି ଜରାୟୁକୁ ଯାଇ ସ୍ତ୍ରୀବୀଜ ମଧ୍ୟରେ ପ୍ରବେଶ କରେ ତେବେ ସନ୍ତାନ ସ୍ତ୍ରୀ ହୁଏ ଏବଂ ପୁଂ-ଜାତୀୟ ପୁଂବୀଜ ଯଦି ଜରାୟୁକୁ ଯାଇ ସ୍ତ୍ରୀବୀଜ ମଧ୍ୟରେ ପ୍ରବେଶ କରେ ତେବେ ସନ୍ତାନ ପୁରୁଷ ହୁଏ । ସ୍ତ୍ରୀବୀଜର ଲିଙ୍ଗ ନିର୍ଣ୍ଣୟ କରିବା କ୍ଷମତା ଆଦୌ ନାହିଁ, ଶୁକ୍ରରୁ ଯେଉଁ ଜାତିର ପୁଂବୀଜ ଯାଇ ସ୍ତ୍ରୀବୀଜ ସହିତ ମିଳିତ ହେବ, ସନ୍ତାନ ସେହି ଲିଙ୍ଗ ହିଁ ପ୍ରାପ୍ତ ହେବ । କିନ୍ତୁ କେଉଁ କାରଣରୁ ଏକା ପିତାମାତାଙ୍କ ଦୈହିକ ମିଳନ ବେଳେ ଏବର୍ଷ ଗୋଟିଏ ପୁଂଜାତୀୟ ପୁଂବୀଜ ଗର୍ଭରେ ପ୍ରବେଶ କରି ପୁତ୍ର ଉତ୍ପାଦନ କଲା ଏବଂ ପର ବର୍ଷ ଏକ ସ୍ତ୍ରୀଜାତୀୟ ପୁଂବୀଜ ଗର୍ଭରେ ପ୍ରବେଶ କରି କନ୍ୟା ଉତ୍ପାଦନ କଲା, ସେ ବିଷୟରେ ବୈଜ୍ଞାନିକମାନେ କୌଣସି ଉତ୍ତର ଦେବାକୁ ସମର୍ଥ ନୁହନ୍ତି । ଏ ବିଷୟରେ ଭାରତୀୟ ଅଧ୍ୟାତ୍ମବାଦୀମାନେ ଏକ ଚମତ୍କାର ସିଦ୍ଧାନ୍ତ ପ୍ରଦାନ କରି ପାରିଛନ୍ତି । ଭାରତୀୟ ଚିନ୍ତାଶୀଳ ମନୀଷୀମାନେ ସ୍ୱାମୀ ସ୍ତ୍ରୀର ଇନ୍ଦ୍ରିୟ-ମିଳନକୁ ଦୈହିକ ଦିଗରୁ ବିଚାର କରନ୍ତି ନାହିଁ । ସ୍ୱାମୀ ଓ ସ୍ତ୍ରୀ ଯେତେବେଳେ ଦୈହିକ ମିଳନରେ ରତ ହୁଅନ୍ତି ସେତେବେଳେ ସଦ୍ୟ ଦେହତ୍ୟାଗୀ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସମୂହ ସେହି ଗର୍ଭରେ ପ୍ରବେଶ କରିବା ପାଇଁ ଚାରିଆଡ଼େ ରୁଣ୍ଡ ହୁଅନ୍ତି । ସିନେମା ଟିକେଟ କିଣିବା ପାଇଁ ବା ରଥଯାତ୍ରା ବେଳେ ରେଳଡବାରେ ପଶିବା ପାଇଁ ଲୋକେ ଯେପରି ଠେଲାପେଲା ହୁଅନ୍ତି, ଏ ଘଟଣାଟି କେତେକାଂଶରେ ତଦ୍ରୂପ । ପିତାର ଶୁକ୍ରକୋଷରୁ ଉତ୍କ୍ଷିପ୍ତ ହୋଇ ମାତୃ ଯୋନିରେ ପତିତ ହେବା ମାତ୍ରେ କୋଡ଼ିଏ କୋଟି ପୁଂବୀଜ ବା ଶୁକ୍ରକୀଟର ପ୍ରତ୍ୟେକଟିରେ ଗୋଟିଏ ଗୋଟିଏ ଆତ୍ମା ଆସି ଆଶ୍ରୟ ଗ୍ରହଣ କରନ୍ତି ଏବଂ ସେହି ନିର୍ଦ୍ଦିଷ୍ଟ ମାତୃଗର୍ଭର ପବିତ୍ରତା ଅନୁଯାୟୀ ପବିତ୍ରତା ଯେଉଁ ଆତ୍ମାର ଥାଏ ମାତୃ ଗର୍ଭର ସ୍ତ୍ରୀବୀଜର ଆକର୍ଷଣ ଦ୍ୱାରା ସେ ସାହାଯ୍ୟ ପ୍ରାପ୍ତ ହୋଇ ଆଉ ସବୁ ପୁଂ ବୀଜାଶ୍ରୟୀ ଆତ୍ମାଗୁଡ଼ିକୁ ପଛରେ

ପକାଇ ଦେଇ ନିଜେ ତ୍ୱରିତ୍ ଗତିରେ ମାତୃଗର୍ଭରେ ପ୍ରବେଶ କରି ସ୍ତ୍ରୀବୀଜ ମଧ୍ୟରେ ମିଳିତ ହୁଏ । ବେଳେ ବେଳେ ସମାନ ସୁକୃତି-ସମ୍ପନ୍ନ ଦୁଇଟି ଆତ୍ମା ସମ-ଆକର୍ଷଣରେ ଆକୃଷ୍ଟ ହୋଇ ଏକ ସମୟରେ ମାତୃ-ଜଠରରେ ପ୍ରବିଷ୍ଟ ହୁଅନ୍ତି । ଏହାହିଁ ଯମଜ ସନ୍ତାନର ରହସ୍ୟ । ସ୍ତ୍ରୀ ବୀଜ ମଧ୍ୟରେ ଗୋଟିଏ ବା ଦୁଇଟି ଶୁକ୍ରକୀଟ ମିଳିତ ହେବା ପରେ ଅବଶିଷ୍ଟ ଶୁକ୍ରକୀଟଗୁଡ଼ିକ ବୃଥାରେ ଭ୍ରମି ଭ୍ରମି କ୍ଷୁଧା, ତୃଷ୍ଣା ଓ କ୍ଳାନ୍ତିରେ ଅବସନ୍ନ ହୋଇ ମୃତ୍ୟୁ ମୁଖରେ ପଡ଼ନ୍ତି । ଅନ୍ଧକାରମୟ ଯୋନି ପ୍ରଦେଶରେ ଏହି ଯେଉଁ ଅଶେଷ ଭ୍ରମଣ, ଶାସ୍ତ୍ରରେ ଏହାହିଁ ରୂପକ ମାଧ୍ୟମରେ ନରକ ବୋଲି ବର୍ଣ୍ଣନା କରିବାର ଚେଷ୍ଟା ହୋଇଛି । ଗୋଟିଏ ଶୁକ୍ରକୀଟ ପ୍ରାଣପଣେ ଭ୍ରମଣ କରି ଏକ ଘଣ୍ଟାରେ ଏକ ଇଞ୍ଚର ଅତି ନଗଣ୍ୟ ଭଗ୍ନାଂଶ ମାତ୍ର ଅଗ୍ରସର ହୋଇପାରେ ଏବଂ କେବେକେବେ ଏହି ଅଗ୍ରଗମନ କାର୍ଯ୍ୟ ସାତଦିନ ବ୍ୟାପି ଚାଲେ । ଅତଏବ ଏହି ଅବସ୍ଥାକୁ ନରକବାସ ବୋଲି ବର୍ଣ୍ଣନା କରିବା ଅସ୍ୱାଭାବିକ ନୁହେଁ । ସ୍ୱାମୀ ଓ ସ୍ତ୍ରୀ ଯଦି ସମ୍ବତ୍ସର ବ୍ୟାପୀ ସାଧନାରେ ଏଭଳି ସତ୍‌ଚିନ୍ତା କରନ୍ତି, ଯାହା ଏକ ପୁରୁଷ ସୃଷ୍ଟିର ଅନୁକୂଳ, ତାହାହେଲେ ସେମାନଙ୍କର ଜନୋଦ୍ଦେଶ୍ୟମୂଳକ ସଙ୍ଗମ କାଳରେ ଏକ ପୁଂ ଶୁକ୍ରକୀଟକୁ ଆଶ୍ରୟ କରି ପତ୍ନୀ ଗର୍ଭବତୀ ହେବ, ଏହା ଆଶା କରିବା ଅନ୍ୟାୟ ନୁହେଁ । ଅବଶ୍ୟ ଏ ବିଷୟରେ ପାଶ୍ଚାତ୍ୟ ବୈଜ୍ଞାନିକ ମାନେ ଆଉ ଏକ ତଥ୍ୟ ଉଦ୍‌ଘାଟିତ କରିଛନ୍ତି । ସେମାନେ ଦେଖିଛନ୍ତି ଯେ ସନ୍ତାନର ଲିଙ୍ଗ-ନିର୍ଣ୍ଣୟରେ ସ୍ତ୍ରୀବୀଜ (Ovum) ର କରଣୀୟ କିଛି ନ ଥିଲେ ମଧ୍ୟ ଯୋନି-ଗାତ୍ରରୁ ଏକ ପ୍ରକାର ଅମ୍ଳରସ(acid) ନିର୍ଗତ ହୁଏ, ଯାହା ଶୁକ୍ରକୀଟଗୁଡ଼ିକୁ ଧ୍ୱଂସ କରିପାରେ । ବହୁ ନାରୀ ଯେ ଶାରୀରିକ କୌଣସି ବ୍ୟାଧି, ରକ୍ତର କୌଣସି ଦୋଷ, ଜନନଯନ୍ତ୍ରର କୌଣସି ଅପୂର୍ଣ୍ଣତା ବା ଜରାୟୁର କୌଣସି ବିକୃତି ନ ଥାଇ ମଧ୍ୟ ବନ୍ଧ୍ୟା ହୁଅନ୍ତି, ତାର କାରଣ ଏହି ଅମ୍ଳରସର ଆଧିକ୍ୟ । କୋନିଗସ-ବର୍ଗର (Koenigesber) ପ୍ରଫେସର୍ ଉଣ୍ଟରବର୍ଜର (Prof Unterbergr) ବନ୍ଧ୍ୟାତ୍ୱର ଏହାହିଁ କାରଣ ବୋଲି ଅନୁମାନ କରି କ୍ଷାରଜାତିର (Alkaline) ଔଷଧ ପ୍ରୟୋଗ ଦ୍ୱାରା ଏହି ଅମ୍ଳରସ ଉତ୍ପାଦନ ବନ୍ଦ କରି ବନ୍ଧ୍ୟାକୁ ସନ୍ତାନବତୀ କରିବାକୁ ସମର୍ଥ

ହୋଇଛନ୍ତି । ଏହି ଅମ୍ଳରସ ସମ୍ପୂର୍ଣ୍ଣରୂପେ ଦୂରୀଭୂତ ହୋଇଗଲେ ସ୍ତ୍ରୀଜାତୀୟ ପୁଂବୀଜ ବା ପୁଂଜାତୀୟ ପୁଂବୀଜ ମଧ୍ୟରୁ କିଏ ଆଗେ ଗର୍ଭ ମଧ୍ୟରେ ପ୍ରବେଶ କରି ସ୍ତ୍ରୀବୀଜ ସହିତ ମିଳିତ ହେବ, ତାହା ଏକମାତ୍ର ବିଧାତାଙ୍କୁ ଜଣା । ଉକ୍ତ ଅମ୍ଳରସ ଆଂଶିକ ନିବାରିତ ହେଲେ ପୁଂଜାତୀୟ ଶୁକ୍ରକୀଟ ସ୍ୱଭାବତଃ ବଳିଷ୍ଠ ହୋଇଥିବାରୁ ଆଗେ ଚାଲିଯିବ ଏବଂ ସ୍ତ୍ରୀଜାତୀୟ ଶୁକ୍ରକୀଟ ପଛରେ ପଡ଼ି ରହିବ କିମ୍ବା ସାମାନ୍ୟ ଅମ୍ଳରସରେ ବିନାଶ ପ୍ରାପ୍ତ ହେବ । ବିଜ୍ଞାନ ଏହି ପର୍ଯ୍ୟନ୍ତ କହି ନିଃଶବ୍ଦ ହୋଇଯାଇଛି । ଏପରି ଅବସ୍ଥାରେ ଦମ୍ପତି ଏଭଳି ବିଶ୍ୱାସ ଅନ୍ତରରେ ପୋଷଣ କରି ରଖିବା ସଙ୍ଗତ ଯେ, ପୁଂଜାତୀୟ ଶୁକ୍ରକୀଟର ସ୍ୱାଭାବିକ ଶକ୍ତିବର୍ଦ୍ଧନ କରି ତାକୁ ଅଗ୍ରଗାମୀ କରାଇବା ଅଥବା ଯୋନି-ଗାତ୍ର ନିସୃତ ଅମ୍ଳରସକୁ ପରିମିତ କରି ପୁଂଜାତୀୟ ଶୁକ୍ରକୀଟର ଦ୍ରୁତ ଗମନକୁ ନିରାପଦ ରଖି ମଧ୍ୟ ସ୍ତ୍ରୀଜାତୀୟ ଶୁକ୍ରକୀଟକୁ ଅଗ୍ରଗାମୀ ହେବାକୁ ନ ଦେବା ଲାଗି କୌଣସି କୃତ୍ରିମ ଉପାୟ ଅବଲମ୍ବନ ନ କରି ପାର୍ଥିବ ବସ୍ତୁ ଦିଗରେ ପ୍ରବଳ ଚିନ୍ତାଶକ୍ତିକୁ ନିୟୋଜିତ କଲେ ଈଶ୍ୱର-ଇଚ୍ଛାରେ ଯେଉଁଠି ଯେଭଳି ପରିବର୍ତ୍ତନ ଘଟି ମଙ୍ଗଳ ହେବା ସଙ୍ଗତ, ତାହାହିଁ ହେବ ।

ଡ଼ାକ୍ତର ଭୈରବ ଭଟ୍ଟାଚାର୍ଯ୍ୟଙ୍କର ନବ ଆବିଷ୍କାର

ଏ ପ୍ରସଙ୍ଗରେ କଲିକତାର ବେଲଗାଛିଆ ପଶୁଚିକିତ୍ସା ମହାବିଦ୍ୟାଳୟର ମାତ୍ର ଏଗାରଟି ନମ୍ବର ପାଇଁ ଅକୃତକାର୍ଯ୍ୟ ହୋଇଥିବା ଛାତ୍ର ଶ୍ରୀଭୈରବୀ ଭଟ୍ଟାଚାର୍ଯ୍ୟଙ୍କର ଯୁଗାନ୍ତକାରୀ ନବ ଆବିଷ୍କାର କଥାଟି ଉଲ୍ଲେଖଯୋଗ୍ୟ । ସେ ନିଜେ କହୁଥିଲେ ଯେ ଜନୈକ ଗ୍ରାମ୍ୟ ଚାଷୀ ତାର ଗାଇଟିର ଗର୍ଭାଧାନ କରାଇବା ପାଇଁ ବେଲଗାଛିଆ ଆସିଥିଲା । ସେ ଚାଷୀଟି କହିଲା-ଆଜ୍ଞା, ସୂର୍ଯ୍ୟ ଅସ୍ତ ହେବା ପୂର୍ବରୁ ଏ କାର୍ଯ୍ୟଟି କରାଇବେ ନାହିଁ କାରଣ ଅଣ୍ଡିରା ବାଛୁରି ହେବା ମୁଁ ଚାହେଁ ନାହିଁ। ଭଟ୍ଟାଚାର୍ଯ୍ୟ ମନେ ମନେ ଭାବିଲେ, ତେବେ ଇଚ୍ଛାନୁସାରେ ପୁତ୍ର ବା କନ୍ୟା ଜନ୍ମାଇବା ପାଇଁ ଚେଷ୍ଟା କରି ଦେଖିବା ଉଚିତ୍ । ତାପରେ ସେ ଗବେଷଣା ଚଳାଇଲେ କିନ୍ତୁ କର୍ତ୍ତୃପକ୍ଷଙ୍କୁ ତାଙ୍କର ଗବେଷଣା ଭଲ ଲାଗିଲା ନାହିଁ ଏବଂ ଜଣାଶୁଣା ପରୀକ୍ଷକମାନେ ଆକ୍ରୋଶ ବଶତଃ ତାଙ୍କୁ ଏଗାର ନମ୍ବର କମ୍ ଦେଇ

ସ୍ନାତକ ପରୀକ୍ଷାରେ ଫେଲ୍ କରାଇଦେଲେ । ଦୁରନ୍ତ ପ୍ରତିଭାଧର ଭୈରବ ଭଟ୍ଟାଚାର୍ଯ୍ୟ ଜର୍ମାନୀ ଚାଲିଗଲେ ଏବଂ ଜର୍ମାନୀରେ ଏହି ବିଦ୍ୟାରେ ଡକ୍ଟରେଟ୍ ପାଇ ଏହି ଲୋକବିସ୍ମୟକର ଆବିଷ୍କାର ଲାଗି ଜର୍ମାନିରେ ସମ୍ବର୍ଦ୍ଧିତ ହେଲେ ଏବଂ ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକାକୁ ଆମନ୍ତ୍ରିତ ହେଲେ । ସଂଗୃହୀତ ଶୁକ୍ରକୁ ବାହକ ତରଳ ପଦାର୍ଥ ସହିତ ମିଶାଇ ପ୍ରକ୍ରିୟା ବିଶେଷର ସହାୟତାରେ ଏପରି କରାଯାଏ ଯେ ତାର ଏକାଂଶର ଶୁକ୍ର ଦ୍ୱାରା ଗର୍ଭାଧାନ କରାଇଲେ ପୁରୁଷ ହେବ ଓ ଅପରାଂଶ ଶୁକ୍ରଦ୍ୱାରା ଗର୍ଭାଧାନ କରାଇଲେ ନାରୀ ଦେହ ହିଁ ଜନ୍ମିବ ।

କିନ୍ତୁ ଏହା ଟେଷ୍ଟ ଟିଉବ ବ୍ୟାପାର । ମନୁଷ୍ୟ ଦେହକୁ ଟେଷ୍ଟ ଟିଉବ ଆମଦାନୀ କରି ଆଣିଲେ ସ୍ୱାମୀ ସ୍ତ୍ରୀ ସମ୍ବନ୍ଧ ମଧ୍ୟରେ ଏକ ଅପୂରଣୀୟ ବ୍ୟବଧାନ ସୃଷ୍ଟି ହୋଇଯିବ ଯାହା କଦାପି ବାଞ୍ଛନୀୟ ନୁହେଁ । ଆଉ ଗୋଟିଏ ବିଷୟରେ ମଧ୍ୟ ଡାଃ ଭୈରବ ଭଟ୍ଟାଚାର୍ଯ୍ୟ ଗଭୀର ଆଶଙ୍କା ପ୍ରକାଶ କରିଛନ୍ତି । ତାହା ହେଉଛି, ସମସ୍ତେ ଯଦି କେବଳ ପୁଅ ପାଇବେ ତାହାହେଲେ ପୃଥିବୀର ନାରୀ ସଂଖ୍ୟା କମିଯିବ, ଏବଂ ଏଇଟା ତ ଜଣାଶୁଣା କଥା ଯେ ପୃଥିବୀର ଅଧିକାଂଶ ପିତାମାତା ଖାଲି ପୁଅ ଚାହାନ୍ତି, ଝିଅ ଚାହାନ୍ତି ନାହିଁ । ସ୍ୱଭାବତଃ ହିଁ ପୃଥିବୀରେ ପୁରୁଷମାନଙ୍କ ମଧ୍ୟରେ ଦୁର୍ବୃତ୍ତଙ୍କ ସଂଖ୍ୟା ନାରୀ ଅପେକ୍ଷା ଅଧିକ । ଏପରି ଅବସ୍ଥାରେ ପୃଥିବୀରେ ଯଦି ପୁରୁଷ ସଂଖ୍ୟା ଆହୁରି ବଢ଼ିଯାଏ ତେବେ ସୀତାହରଣ, ହେଲେନ୍ -ହରଣ କେବଳ ହରଣ ପର୍ଯ୍ୟାୟକୁ ଯାଇ ଥମିବ ନାହିଁ, ଆହୁରି ଗୁରୁତର ସଙ୍କଟ ମାନବ ସଭ୍ୟତା ଉପରେ ଘନେଇ ଆସିବ । ଅର୍ଥାତ୍ ଏଡ଼େ ବଡ଼ ଏକ ଆଶ୍ଚର୍ଯ୍ୟ ଆବିଷ୍କାର ଶେଷ ପର୍ଯ୍ୟାୟରେ ମଣିଷକୁ ନେଇ ପରସ୍ପର ହଣାହଣିରେ ହିଁ ପ୍ରବୃତ୍ତ କରାଇବ ।

ଅତଏବ ଆମ ଆର୍ଯ୍ୟଋଷିମାନଙ୍କର ବା ଅନ୍ୟାନ୍ୟ ଧର୍ମର ଆଦିମ ଆଚାର୍ଯ୍ୟମାନଙ୍କର ଯାହା ଧ୍ୟାନ ଥିଲା- "ସତ୍ ଜୀବନ ଯାପନ କର ଏବଂ ପୁତ୍ର କନ୍ୟା ପରମେଶ୍ୱରଙ୍କର ଇଚ୍ଛାରେ ଭୂମିଷ୍ଠ ହୁଅନ୍ତୁ" - ତାହାହିଁ ଉତ୍ତମ ପନ୍ଥା ବୋଲି ସ୍ୱୀକାର କରିବାକୁ ହେବ ।

ଗର୍ଭାଧାନ ପରେ ସ୍ୱାମୀ ସ୍ତ୍ରୀର ମନୋଭାବ

ଗର୍ଭାଧାନ ପରେ ରଜୋବନ୍ଧ ହେଲେ ସ୍ୱାମୀ ସ୍ତ୍ରୀକୁ ମାତୃବତ୍ ଦର୍ଶନ କରିବେ, ସ୍ତ୍ରୀ ସ୍ୱାମୀକୁ ସନ୍ତାନବତ୍ ବା ପିତୃବତ୍ ଜ୍ଞାନ କରିବେ କାରଣ ସ୍ୱାମୀର ଦେହ ହିଁ ପତ୍ନୀ ଗର୍ଭରେ ବାସ କରୁଅଛି ଓ ପତ୍ନୀ ହିଁ ସ୍ୱାମୀର ଦେହକୁ ଦଶମାସ ଦଶଦିନ ପରେ ପ୍ରସବ ହେବା ପାଇଁ ଅପେକ୍ଷା କରୁଅଛି । ଅତଏବ୍ ଜଠରସ୍ଥ ସନ୍ତାନ ଜନ୍ମ ହୋଇ ସ୍ୱେଚ୍ଛାରେ ମାତୃସ୍ତନ୍ୟ ପରିତ୍ୟାଗ ନ କରିବା ପର୍ଯ୍ୟନ୍ତ ପରସ୍ପର ଦୈହିକ ସମ୍ବନ୍ଧ ଚିନ୍ତାକୁ ବି ଧର୍ମବିଦ୍ରୋହ ବୋଲି ଭୟ କରି ଚଳିବେ । କେତେ ପୁରୁଷ ହେଲା ତ ପଶୁଠାରୁ ଅଧମ ହିତାହିତ ବୁଦ୍ଧି-ବର୍ଜିତ ଅପଦାର୍ଥ ଜୀବନ ଯାପନ କରା ହୋଇଆସୁଛି, ଆଜିଠାରୁ ତାର ପରିବର୍ତ୍ତନ ସାଧନ କରିବାକୁ ହେବ । ଇନ୍ଦ୍ରିୟ-ଚର୍ଚ୍ଚା ସମ୍ପର୍କରେ ଧର୍ମବୁଦ୍ଧି ଓ ସଙ୍ଗତିବୋଧକୁ ଏଣିକି ଏକାନ୍ତ ଜାଗ୍ରତ ରଖିବାକୁ ହେବ । ଅବଶ୍ୟ ଯୌନତତ୍ତ୍ୱ ସମ୍ପର୍କରେ ଇଂରାଜୀ ବହି ପଢ଼ିଲେ ଅଥବା ଆମ ଦେଶର ଯେଉଁମାନେ କିଛି ନ ବୁଝି ଶ୍ୱେତାଙ୍ଗ ସାହେବ ମାନଙ୍କର ସବୁକଥାର ଚର୍ବିତ-ଚର୍ବଣ କରିଥାନ୍ତି ସେଭଳି ଗ୍ରନ୍ଥାକାର ମାନଙ୍କର ଗ୍ରନ୍ଥ ପଢ଼ିଲେ ଅନେକ ସ୍ଥଳେ ଏ କଥା ଦେଖିବାକୁ ପାଇବ ଯେ ଗର୍ଭାବସ୍ଥାରେ ସହବାସ କଲେ କ୍ଷତିର କୌଣସି ଆଶଙ୍କା ନାହିଁ, ଯଦି ସମ୍ଭୋଗ କାର୍ଯ୍ୟ ଟିକିଏ ସତର୍କତାର ସହିତ କରାଯାଏ । କିନ୍ତୁ ପାଶ୍ଚାତ୍ୟ ଦେଶରେ ହିଁ ଏହାର ବିରୁଦ୍ଧ ମତବାଦୀ ପଣ୍ଡିତ ଥିବାରୁ ଆମେ ଦେଖୁ ଗର୍ଭବତୀ ହେବା ପରେ ଇତର ପ୍ରାଣୀମାନେ ବି ପୁରୁଷକୁ ପାଖ ମଡ଼ାଇ ଦିଅନ୍ତି ନାହିଁ । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ଗର୍ଭବତୀ ହେବା ପରେ ସହବାସ ଭଗବାନଙ୍କ ଅଭୀପ୍ରେତ ନୁହେଁ । ଫ୍ରାନସ୍ ଯୌନ ତତ୍ତ୍ୱ ବିଶାରଦ ଡଃ କସ୍ଲର (Dr.A.Costler) ଓ ଡାଃ ଉଇଲ (Dr. A.Willy) କହିଛନ୍ତି- It is a fact nevertheless that coitus (during pregnancy) may be as harmful to the mother as to the child. It is well-known that the mucous membrane of the genital organs be-comes much more delicate during gestation and there-

fore more subject to lesions, Infections and inflammations are, then, a not infrequent result of coitus...... From the women's point of view it is not indicated because of the dangers which it presents, miscarriage being one of them" ଅର୍ଥାତ୍- ଗର୍ଭାବସ୍ଥାରେ ସହବାସ ଶିଶୁ ପକ୍ଷରେ କ୍ଷତିକାରକ, ମାଆ ପକ୍ଷରେ ବି କ୍ଷତିକାରକ । ସମସ୍ତେ ଜାଣନ୍ତି ଯେ ଗର୍ଭାବସ୍ଥାରେ ଜନନ-ଯନ୍ତ୍ରର ଶ୍ଳୈଷ୍ମିକ ଝିଲ୍ଲୀ ଅତ୍ୟଧିକ କୋମଳ ହୁଏ ଏବଂ ଏହି କାରଣରୁ ତହିଁରେ ସହଜରେ କ୍ଷତ ଉତ୍ପନ୍ନ ହୋଇପାରେ । ଗର୍ଭାବସ୍ଥାରେ ସହବାସ ଦ୍ୱାରା ପ୍ରଦାହ ଏବଂ ରୋଗ ସଂକ୍ରମଣ ପ୍ରାୟଶଃ ଘଟିଥାଏ...ସ୍ତ୍ରୀର ଦୃଷ୍ଟିକୋଣରୁ ଦେଖିଲେ ଏହା ଆଦୌ ସଙ୍ଗତକାର୍ଯ୍ୟ ନୁହେଁ ଯେହେତୁ ଏହା ଫଳରେ ବହୁବିଧ ବିପଦ ଘଟିପାରେ, ତନ୍ମଧ୍ୟରେ ଅକାଳ ଗର୍ଭପାତ ଅନ୍ୟତମ ବିପଦ ।" ଅତଏବ ଗର୍ଭାବସ୍ଥାରେ ସ୍ୱାମୀ ସ୍ତ୍ରୀ ଭିତରେ ସହାବାସ ନ ହେଲେ ସେମାନଙ୍କର ସଙ୍ଗମ-ସୁଖ-ବଞ୍ଚନ ଦୁଃଖରେ କାତର ହୋଇ ଯେଉଁ ଭଦ୍ରମହୋଦୟଗଣ ଶୋକ-ଝଞ୍ଜା ପ୍ରବାହିତ କରି ମେଦିନୀ କମ୍ପାନ୍ତି ସେମାନଙ୍କର ଆପାତମଧୁର କୁବାକ୍ୟରେ ପ୍ରରୋଚିତ ହେବ ନାହିଁ । ସେମାନେ ସମାଜର ଶତ୍ରୁ ।

ଗର୍ଭାବସ୍ଥାରେ ସହବାସର ସନ୍ତାନ ଉପରେ ପ୍ରଭାବ

ଗର୍ଭାବସ୍ଥାରେ ସହବାସ କଲେ ସନ୍ତାନର ଯେଉଁ ବିଷମ କ୍ଷତି ହୁଏ ଏ ପ୍ରସଙ୍ଗରେ ସେ କଥା ମଧ୍ୟ ଉଲ୍ଲେଖ କରିବା ବାଞ୍ଛନୀୟ । ପାଶ୍ଚାତ୍ୟ ଭାବ ବା ଉଗ୍ର ଆଧୁନିକତାର ଯେଉଁମାନେ ସହଜ ଶୀକାର ହୋଇଛନ୍ତି ଏ ଗ୍ରନ୍ଥ ସେମାନଙ୍କ ପାଇଁ ଲେଖା ଯାଇନାହିଁ । ତେଣୁ ସନ୍ତାନର ଆଧ୍ୟାତ୍ମିକ କୁଶଳ ଦୃଷ୍ଟିରୁ ଗୋଟିଏ କଥା କହିବାକୁ ଆମେ କୁଣ୍ଠାବୋଧ କରୁନାହୁଁ । ଭାରତୀୟ ଧର୍ମ ବିଶ୍ୱାସ ତୁମ୍ଭମାନଙ୍କ ମନରେ ଏକ ବଦ୍ଧମୂଳ ସଂସ୍କାର ରଖିଯାଇଛି ଯେ, ସନ୍ତାନର ଆତ୍ମା ମାତୃଗର୍ଭରେ ବସି ମାତାର ବକ୍ଷସ୍ପନ୍ଦନ ସଙ୍ଗେ ସଙ୍ଗେ ଭ୍ରୂଣ ବକ୍ଷରେ ସ୍ପନ୍ଦନ ଅନୁଭବ କରି ତାରି ସଙ୍ଗେସଙ୍ଗେ ଏକାକ୍ଷର ପବିତ୍ର ପ୍ରଣବ ମନ୍ତ୍ର ଜପ କରେ । ଏହି କାରଣରୁ ପ୍ରଣବକୁ

ଆଦି ପାରମହଂସ୍ୟ ମନ୍ତ୍ର କୁହାଯାଏ । ଏହି ପ୍ରଣବ ମନ୍ତ୍ର ଜପିଜପି ସେ ତାର ଅତୀତ ଜନ୍ମରେ କୃତ ପାପ ରାଶି ପାଇଁ ବାରମ୍ବାର ଭଗବାନଙ୍କ ପାଖରେ ଅନୁତପ୍ତ-ହୃଦୟରେ କ୍ଷମା ପ୍ରାର୍ଥନା କରୁଥାଏ ଏବଂ ଭୂମିଷ୍ଠ ହେବା ପରେ ସେ ଭଗବତ୍ ପ୍ରଦତ୍ତ ପବିତ୍ର ପ୍ରଣବ-ମନ୍ତ୍ର ମୁହୂର୍ତ୍ତକ ପାଇଁ ମଧ୍ୟ ବିସ୍ମୃତ ହେବ ନାହିଁ ବୋଲି ପ୍ରତିଜ୍ଞା କରେ । ଅବିରାମ ଅବିଶ୍ରାମ ପ୍ରଣବ ଜପି ଜପି ତାର ଅନ୍ତରରେ ପ୍ରଣବର ମଧୁମୟ ସୁଖାସ୍ୱାଦ ଅନୁଭୁତି ହେବାକୁ ଲାଗେ ଏବଂ ସେହି ସୁଖାସ୍ୱାଦନର ଆନନ୍ଦରେ ଗର୍ଭାବାସର ମହାଦୁଃଖକୁ ତୁଚ୍ଛ ଜ୍ଞାନ କରି ଚାଲିଥାଏ । ଏହି ଅବସ୍ଥାରେ ସହବାସରୂପକ ଜରାୟୁ ବିକ୍ଷେପ କାର୍ଯ୍ୟ ଅନୁଷ୍ଠାନ କଲେ ଭୂମିକମ୍ପ ପ୍ରପୀଡ଼ିତ ଜନପଦବାସୀଙ୍କ ଭଳି ସେ ଅତ୍ୟନ୍ତ ଅସ୍ୱସ୍ତି ଅନୁଭବ କରେ । ତାର ମନ ଭଗବାନଙ୍କ ପରମ ପବିତ୍ର ନାମରୁ ଚ୍ୟୁତ ହୁଏ ଏବଂ ତାର ଗର୍ଭାବାସର ଦାରୁଣ ଦୁଃଖ ଶତଗୁଣ ବର୍ଦ୍ଧିତ ହୁଏ । ଭୂମିଷ୍ଠ ହେବା ପରେ ଯାହାକୁ କୋଳରେ ଧରି ସ୍ନେହ ଆଦର କରିବ, ଭୂମିଷ୍ଠ ହେବା ପୂର୍ବାବସ୍ଥାରେ ତା ପ୍ରତି ଏଭଳି ଅତ୍ୟାଚାର କରିବା କଦାପି ସହୃଦୟତାର ପରିଚାୟକ ବା ସମୀଚୀନ କାର୍ଯ୍ୟ ହୋଇନପାରେ ।

ଆଉ ଗୋଟିଏ ଦିଗରୁ ମଧ୍ୟ ଦେଖିବାର ଅଛି । ଭ୍ରୁଣର ଶରୀର କେତେକାଂଶରେ ଗଠିତ ହୋଇ ଆସିଲେ ତାର ଅନ୍ତଃସଜ୍ଞା କ୍ରମଶଃ ବିକଶିତ ହେବାକୁ ଲାଗେ ଏବଂ ସେ ଗର୍ଭରେ ବାସ କରି ମଧ୍ୟ ମାତା ଓ ପିତାର ଅଭିପ୍ରାୟ ସମ୍ପୂର୍ଣ୍ଣ ଅନୁଭବ କରିପାରେ- ଏହିଭଳି ଏକ ଦୃଢ଼ମୂଳ ସଂସ୍କାର ଭାରତୀୟ ସୌଜାତ୍ୟ ତତ୍ତ୍ୱର (Eugenics) ବିଶେଷତ୍ୱ । ଅଷ୍ଟବକ୍ର ଋଷି ମାତୃ ଗର୍ଭରେ ରହି ସମୁଦାୟ ବେଦ, ବେଦାଙ୍ଗ ଓ ଶାସ୍ତ୍ର ଆୟତ୍ତ କରିଥିଲେ । ଅଭିମନ୍ୟୁ ମାତୃ ଗର୍ଭ-ଅବସ୍ଥାନ-କାଳରେ ଚକ୍ରବ୍ୟୁହ ଭେଦର କୌଶଳ ଶିଖିଥିଲେ । ଏହିଭଳି ସଂସ୍କାର ଭାରତୀୟ ଜୀବନରେ ଅସ୍ଥିମଜ୍ଜାଗତ ବୋଲି କହିବାକୁ ହେବ । ଏଭଳି ସଂସ୍କାର ପୋଷଣ କରିବା ଫଳରେ ଆମର କୌଣସି କ୍ଷତି ହୋଇଛି ବୋଲି ବିଜ୍ଞାନ ପ୍ରମାଣ କରିପାରିବ ନାହିଁ । ଅତଏବ୍ ଗର୍ଭାବସ୍ଥାରେ ସଙ୍ଗମ କଲେ ସନ୍ତାନ ତାହା ଦେଖି ଲଜ୍ଜିତ ହେବ, ଏଇ କଥା ଭାବି ନିଜେ ନିଜେ ଲଜ୍ଜାନୁଭବ କରି ସେ କାର୍ଯ୍ୟରୁ ବିରତ ହେବା

ସଙ୍ଗତ । ବରଂ ଗର୍ଭସ୍ଥ ଶିଶୁକୁ ଗର୍ଭାବସ୍ଥାରେ ହିଁ ସ୍ନେହ ପ୍ରକାଶ ପୂର୍ବକ ଆଦର କରିବା କର୍ତ୍ତବ୍ୟ । ତା ଉଦ୍ଦେଶ୍ୟରେ ମିଷ୍ଟ ବଚନ ଓ ଶିଷ୍ଟ ଚିନ୍ତା ପରିବେଷଣ କରିବା କର୍ତ୍ତବ୍ୟ । ଏଭଳି ଚିତ୍ତ ପ୍ରସାଦବର୍ଦ୍ଧକ କାର୍ଯ୍ୟ ଦ୍ୱାରା ଗର୍ଭାବସ୍ଥାରେ ହିଁ ସନ୍ତାନର ମନରେ ପ୍ରସନ୍ନତା ଓ ପରିତୃପ୍ତି ଆସେ । ଗୋଟିଏ ଗଛକୁ ପ୍ରତିଦିନ କଟୁକଥା କହିଲେ ତଦ୍ଦ୍ୱାରା ଗଛର ମଧ୍ୟ ମ୍ରିୟମାଣତା ଜନ୍ମେ, ଏ କଥା ଯେ କେହି କିଛି ଦିନ ପରୀକ୍ଷା କଲେ ବେଶ ଜାଣି ପାରିବେ । ଗର୍ଭସ୍ଥ ଶିଶୁ ଗଛ ଅପେକ୍ଷା ଅଧିକତର ସଂଜ୍ଞାସମ୍ପନ୍ନ, ଏହା ପ୍ରତ୍ୟେକ ଲୋକ ବିଶ୍ୱାସ କରିବା ଉଚିତ୍ ।

ଗର୍ଭାଧାନ ପରଠାରୁ ସ୍ୱାମୀ ଓ ସ୍ତ୍ରୀର କରଣୀୟ

ଗର୍ଭାଧାନ ପରଠାରୁ ସ୍ୱାମୀ ପ୍ରତି ସ୍ତ୍ରୀର ଏବଂ ସ୍ତ୍ରୀ ପ୍ରତି ସ୍ୱାମୀର ସର୍ବଦା ହୃଷ୍ଟଭାବ ରକ୍ଷା କରିବା କର୍ତ୍ତବ୍ୟ । ମାନସିକ ଅସ୍ୱାଚ୍ଛନ୍ଦ୍ୟ, ଅତୃପ୍ତି, ଅସନ୍ତୋଷ ବିରକ୍ତି, ବିଦ୍ୱେଷ, ବିଷର୍ଣ୍ଣତା ସନ୍ତାନର ମାନସିକ ଅବନତି ଘଟାଏ । ଯେଉଁ ଦୃଶ୍ୟ ଦର୍ଶନ କଲେ ଚିତ୍ତ ପ୍ରଫୁଲ୍ଲିତ କମଳ ପରି ଶତଦଳ ମେଲାଇ ଦିଏ, ଯେଉଁ ବାକ୍ୟ ଶ୍ରବଣ କଲେ ମନପ୍ରାଣ ଆନନ୍ଦ ହିଲ୍ଲୋଳରେ ହିଲ୍ଲୋଳିତ ହୁଏ, ଯେଉଁ ସୁଖମୟ ସ୍ମୃତିର ଉଦ୍ଦୀପନାରେ ଚିତ୍ତ ପବିତ୍ରତାରେ ପ୍ରେମଗୋଳା ପ୍ରବାହରେ ଅବଗାହନ କରେ, ସେ ସବୁ ଗର୍ଭାବସ୍ଥାରେ ଗର୍ଭିଣୀର ନୟନ-ପଥରେ, ଶ୍ରବଣ-ପଥରେ ଓ ମନନ-ପଥରେ ସମାରୂଢ଼ ହେବା ଉଚିତ ।

ଗର୍ଭାଧାନ ଦିନଠାରୁ ସନ୍ତାନ ପ୍ରସବ ପର୍ଯ୍ୟନ୍ତ ସ୍ତ୍ରୀକୁ ନିମ୍ନଲିଖିତ ନିୟମଟି ପାଳନ କରି ଚଳିବାକୁ ହେବ । ତଦ୍ଦ୍ୱାରା ଇଚ୍ଛାନୁଯାୟୀ ପୁତ୍ର ବା କନ୍ୟା ଲାଭ ହେବାର ସମ୍ଭାବନା ବର୍ଦ୍ଧିତ ହେବ । ଏହି ନିୟମଟି ଭାରତୀୟ ଜୀବନରେ ବହୁକାଳ ହେଲା ଆଂଶିକ ସଫଳତା ସହିତ ପାଳିତ ହୋଇଆସିଛି । ଜାପାନରେ ଜନୈକ ଚିକିତ୍ସକ କୁଆଡ଼େ * ଏହାର ଅନୁରୂପ ଏକ ପ୍ରଣାଳୀ ଅବଲମ୍ବନ କରି ୧୯୪୨ ଗର୍ଭଧାରିଣୀଙ୍କ ମଧ୍ୟରୁ ୧୯୦୮ ଜଣଙ୍କ କ୍ଷେତ୍ରରେ ଇଚ୍ଛାନୁଯାୟୀ ପୁତ୍ର ବା କନ୍ୟା

*** ୧୩୨୯ ସାଲରେ କୌଣସି ଏକ ସମ୍ବାଦପତ୍ରରେ ଏ ସମ୍ବାଦ ପ୍ରକାଶିତ ହୋଇଥିଲା ।**

ଲାଭ ଚେଷ୍ଟାରେ ସଫଳକାମ ହୋଇଛନ୍ତି । ଅବଶ୍ୟ ଜାପାନୀ ଚିକିତ୍ସକ ଏହି ତତ୍ତ୍ୱଟା ଗୋଟାଏ ଖିଆଲରେ ଅକସ୍ମାତ୍ ଆବିଷ୍କାର କରିଛନ୍ତି କିନ୍ତୁ ଭାରତୀୟ ଗାର୍ହସ୍ଥ୍ୟାଶ୍ରମୀ ଯୋଗୀମାନେ ଏହି ତତ୍ତ୍ୱ ଆବିଷ୍କାର ପାଇଁ ଶିଷ୍ୟପ୍ରଶିଷ୍ୟାନୁକ୍ରମେ ଲକ୍ଷ ଲକ୍ଷ କ୍ଷେତ୍ରରେ ପରୀକ୍ଷା ଓ ଅନୁସନ୍ଧାନ ଚଳାଇ ଥିଲେ । ଏହି କାରଣରୁ ଜାପାନୀ ଚିକିତ୍ସକଙ୍କ ଉପଦେଶ ସହିତ ତୁଳନା କଲେ ନିମ୍ନଲିଖିତ ଉପାୟଟି ସର୍ବୋତୋଭାବରେ ଶ୍ରେଷ୍ଠ । ଯଥା-

ସ୍ୱାମୀ ସହିତ ସମ୍ମିଳିତ ଉପାସନା ଓ ଶକ୍ତିସାମ୍ୟ କରି ସାରି ମେରୁଦଣ୍ଡକୁ ସରଳ ରଖି ବସି ଜାଲନ୍ଧର ବନ୍ଧ * ଅର୍ଥାତ୍ କଣ୍ଠ ସଙ୍କୋଚନ ପୂର୍ବକ ହୃଦୟରେ ଚିବୁକ ସଂନ୍ୟସ୍ତ କରିବ ଏବଂ ଚକ୍ଷୁ ମୁଦ୍ରିତ କରି ଭ୍ରୂମଧ୍ୟ ସହିତ ନାଭିମୂଳର ଏକ ଜ୍ୟୋତିର୍ମ୍ମୟ ରଶ୍ମି-ସଂଯୋଗ ରହିଅଛି ବୋଲି ଭାବନା କରିବ । ତା ପରେ ଜରାୟୁ ମଧ୍ୟରେ ମନଃସଂଯୋଗ ରହିଅଛି ବୋଲି ଭାବନା କରିବ । ତା ପରେ ଜରାୟୁ ମଧ୍ୟରେ ମନଃସଂଯୋଗ କରି ବାରମ୍ବାର ସଂକଳ୍ପ କରିବାକୁ ଲାଗିବ - ମୋ ଗର୍ଭରେ ବିର୍ଯ୍ୟବାନ୍, ତେଜସ୍ୱୀ ପରମକର୍ମ୍ମା ପୁତ୍ର ଉତ୍ପାଦିତ ହେଉ" , ଅଥବା, କନ୍ୟା ପ୍ରାର୍ଥନା ଥିଲେ- ବୀର୍ଯ୍ୟବତୀ, ତେଜସ୍ୱିନୀ, ପରମ କଲ୍ୟାଣମୟୀ କନ୍ୟା ମୋ ଗର୍ଭରେ ଉତ୍ପାଦିତ ହେଉ ।" ଯେ ପର୍ଯ୍ୟନ୍ତ ନିଦ୍ରିତ ନ ହୋଇଛ ସେ ପର୍ଯ୍ୟନ୍ତ ଦୃଢ ପ୍ରତିଜ୍ଞା ସହକାରେ ବାରମ୍ବାର ଏକମାତ୍ର ଏହି ସଂକଳ୍ପ କରିବାକୁ ଲାଗ। ଗୋଟିଏ ଦିନ ଯେପରି ବାଦ ନ ପଡ଼େ, ଗୋଟିଏ ଦିନ ଯେପରି ଭୁଲ ନ ହୁଏ, ଗୋଟିଏ ଦିନ ଯେପରି ମନଯୋଗ ନ କମେ । ଦିନ ପରେ ଦିନ ଏହିପରି ସଂକଳ୍ପ ସାଧନ କରି ଚାଲିଲେ ତୁମର ଇଚ୍ଛା ଦୁର୍ଜୟ ଶକ୍ତି ଲାଭ କରିବ । ବିଶ୍ୱାସ କର, ତୁମର ସାଫଲ୍ୟ ଅବଶ୍ୟମ୍ଭାବୀ । ତୁମେ ଯେତେ ସାମାନ୍ୟ ନାରୀ ହୁଅ ପଛକେ, ଅବିଚଳିତ ଅଧ୍ୟବସାୟ, ନିୟମିତ ଅଭ୍ୟାସ, ନିରନ୍ତର ଉତ୍ସାହ ଏବଂ ଆତ୍ମବିଶ୍ୱାସ ବଳରେ ନିଶ୍ଚୟ ତୁମର ଅଭୀଷ୍ଟ ପୂର୍ଣ୍ଣ ହେବ ।

*** ସଂଯମ ସାଧନା ଗ୍ରନ୍ଥର ୧୩୫ ପୃଷ୍ଠା ଦ୍ରଷ୍ଟବ୍ୟ.।**

ଗୋପନୀୟତାର ପ୍ରୟୋଜନୀୟତା

ଆଉ ଏକ ବିଶେଷ ପ୍ରୟୋଜନୀୟ କଥା କହି ରଖେ । **ଏହି ବ୍ୟାପାର ସମ୍ପର୍କୀୟ କଥା ବାହାରେ ସମ୍ପୂର୍ଣ୍ଣ ଗୋପନ ରଖି ଚଳିବାକୁ ହେବ ।** ଖାଲି ଏ ବିଷୟରେ ନୁହେଁ, ଦାମ୍ପତ୍ୟଜୀବନରେ ଆତ୍ମ-ଗଠନ-ପ୍ରଯତ୍ନ ସମ୍ପର୍କରେ ଗୋପନୀୟତା ସର୍ବଦା ପ୍ରୟୋଜନ । ସତ୍‌ସଂକଳ୍ପ କଥା ଅନ୍ତରର ନିଭୃତ ପ୍ରଦେଶରେ ଯେଉଁମାନେ ଗୋପନ କରି ରଖି ନ ପାରନ୍ତି କ୍ରମଶଃ ବାହ୍ୟ ଆଲୋଚନାର ସୁଯୋଗରେ ସେମାନଙ୍କର ସଂକଳ୍ପର ମୂଳଦେଶ ଶିଥିଳ ହୁଏ, ଦୃଢ଼ତା କମିଯାଏ । ଦାମ୍ପତ୍ୟ ଘନିଷ୍ଠତା ମଧ୍ୟ ଦେଇ ବି ବ୍ରହ୍ମଚର୍ଯ୍ୟକୁ, ଇନ୍ଦ୍ରିୟ ସଂଯମକୁ, ନିଷ୍କଳଙ୍କ ନିଷ୍କାମତାକୁ ଅତୁଟ ରଖିବା ଭଳି ବ୍ରତ ଗ୍ରହଣ କରି ଯେଉଁମାନେ ସଫଳତା ସହିତ ବ୍ରତ ପାଳନ ପଥରେ ଅଗ୍ରସର ହୋଇଛନ୍ତି ସେଭଳି ବହୁ ଦମ୍ପତି ମନ୍ତ୍ରଗୁପ୍ତିର ଅଭାବ ହେତୁ ସଂକଳ୍ପଚ୍ୟୁତ ଓ ବ୍ରତଭ୍ରଷ୍ଟ ହୋଇଛନ୍ତି । ମନ୍ତ୍ରଗୁପ୍ତି ଜୀବନର ଅଧିକାଂଶ ସାଧନାରେ ସିଦ୍ଧି ପଥର ପରମା ବାନ୍ଧବୀ ବୋଲି ମନେ ରଖିଥିବ ।

-୦-

ଉପସଂହାର

ଯେତେ କଥା କହିବାକୁ ଥିଲା ସବୁ କଥା କହି ପାରିନାହିଁ । ଯାହା ଅକୁହା ରହିଲା, ତାହା ବିବାହିତ ଦମ୍ପତିମାନେ ନିଜ ନିଜ ସାଧନ-ଜୀବନର ପୂର୍ଣ୍ଣତା ମଧ୍ୟ ଦେଇ ଉପଲବ୍‌ଧି କରିବେ । ଭଗବାନଙ୍କୁ ଜୀବନ-ସିଂହାସନରେ ଯେ ଯେତିକି ସ୍ଥାନ ଦାନ କରିବେ, ଦାମ୍ପତ୍ୟ-ସାଧନର ପ୍ରକୃତ ଅର୍ଥ ବ୍ୟାପ୍ତି ଓ ପ୍ରଭାବର ପରିଚୟ ସେମାନଙ୍କର ଆଚରଣରେ ସେତିକି ପରିସ୍ଫୁଟ ହୋଇ ଉଠିବ । ଭଗବାନଙ୍କୁ ସେମାନେ ଯେତିକି ଭୁଲି ରହିବେ ସେତିକି ସେମାନେ ଅନ୍ଧକାରରେ ଡୁବିବେ, କଲ୍ୟାଣ ବଞ୍ଚିତ ହେବେ ଓ ଦୁଃଖର ହାହାକାରରେ ଗଗନ ପବନ ପ୍ରପୂରିତ କରିବେ । ଇହମୁଖ ସ୍ଥୁଳସତ୍ତ୍ୱ ପାଶ୍ଚାତ୍ୟବାସୀମାନେ ବିବାହିତ ଜୀବନ ମଧ୍ୟରେ ଭଗବାନଙ୍କୁ ପ୍ରତିଷ୍ଠିତ କରି ନ ପାରି ମୃତ୍ୟୁ ସଙ୍କୁଳ ସ୍ୱାଧୀନ ପ୍ରେମର ମାୟାମରିଚିକା ପଛରେ ଭ୍ରମି ମରୁଛନ୍ତି, କିନ୍ତୁ ଭାରତବର୍ଷ ଇହକାଳକୁ ଅସ୍ୱୀକାର ନ କରି ମଧ୍ୟ ଦାମ୍ପତ୍ୟଜୀବନ ମଧ୍ୟରେ ପରକାଳର କଲ୍ୟାଣକୁ ପ୍ରତିଷ୍ଠିତ କରିବ । ଦେହଜ୍ଞାନୀ ପାଶ୍ଚାତ୍ୟ ଜଗତ ନାରୀ ଓ ପୁରୁଷର ଆକର୍ଷଣ ଭିତରେ ଭଗବାନଙ୍କୁ ଖୋଜି ନପାଇ ମଦିର ପିପାସା ପଙ୍କରେ ଡୁବି କେବଳ ବିଭ୍ରାଟ ହିଁ ସୃଷ୍ଟି କରିଛି, ଖାଲି ବିପଦକୁ ଆମନ୍ତ୍ରଣ କରିଛି କିନ୍ତୁ ଭାରତବର୍ଷ ଦେହର ଅସ୍ତିତ୍ୱ ଓ ପ୍ରୟୋଜନକୁ ତାଚ୍ଛଲ୍ୟ ନ କରି ମଧ୍ୟ ଦେହର ମଧ୍ୟ ଦେଇ ଆତ୍ମାର ଉଦ୍ଧାର ଏବଂ ଆତ୍ମାର ମଧ୍ୟ ଦେଇ ଦେହର ଉଦ୍ଧାର ସାଧନ କରିବ ।

ଭାରତର ଭବିଷ୍ୟତ

ନାରୀ ପୁରୁଷ ଲାଗି ଯେ ବ୍ୟାକୁଳ ହୁଏ, ଏହା କଣ ଏକମାତ୍ର ନାରୀର ହିଁ ବ୍ୟାକୁଳତା ? ପୁରୁଷ ନାରୀ ପାଇଁ ଯେ ଅଧିର ଅସ୍ଥିର ହୁଏ, ଏହା କଣ

ଏକମାତ୍ର ପୁରୁଷର ହିଁ ଅଧିରତା ? ନାରୀ ଓ ପୁରୁଷର ଦେହରେ ଯେଉଁ କୋଟି କୋଟି ଅଣୁପରମାଣୁ ସେମାନଙ୍କର ପ୍ରାଣସତ୍ତା ଘେନୀ ଜୀବନ୍ତ ଚଞ୍ଚଳତାରେ ବିଦ୍ୟମାନ, ଏହି ପିପାସା, ଏହି କ୍ଷୁଧା, ଏହି ବ୍ୟାକୁଳତା ଓ ଏହି ଅଧୀରତା କଣ ସେମାନଙ୍କର ନୁହେଁ ? ନାରୀ ପୁରୁଷର ମିଳନ ମଧ୍ୟ ଦେଇ କଣ ସେହି ଜୀବନ୍ତ ଅଣୁପରମାଣୁ ଗୁଡ଼ିକର ପୂର୍ଣ୍ଣତୃପ୍ତି, ପୂର୍ଣ୍ଣତୁଷ୍ଟି ଓ ସକଳସ୍ପୃହାର ପରିପୂର୍ଣ୍ଣ ଆସ୍ୱାଦନ ପ୍ରୟୋଜନ ନୁହେଁ ? ସ୍ୱାମୀ ଓ ସ୍ତ୍ରୀର ଦୈହିକ ମିଳନ କଣ କେବଳ ସେହି ଦୁଇଟି ପ୍ରାଣୀଙ୍କର ପିପାସା ମେଣ୍ଟାଇବାର ଚେଷ୍ଟା ମାତ୍ର ? ସେହି ଉଭୟ ଦେହକୁ ଯେଉଁ କୋଟି କୋଟି ଅଣୁପରମାଣୁ ଧାରଣ କରି ରଖିଛନ୍ତି ସେମାନଙ୍କର ପିପାସା ମେଣ୍ଟାଇବାର ଦାବୀ କଣ ଏହାରି ଭିତର ଦେଇ ପୂରଣ କରିବାକୁ ହେବନାହିଁ ? ତୃଷ୍ଣାର ମରୁମରିଚିକା ପଛରେ ଭ୍ରମି ଭ୍ରମି ଭାରତବର୍ଷ ହଠାତ୍ ନିଜର ସାଧନ ବଳରେ ଏହି କଠିନ ପ୍ରଶ୍ନର ମୀମାଂସା କରିପାରିବ ଏବଂ ପୂର୍ଣ୍ଣଜ୍ଞାନର ଅମୋଘ ଆଲୋକରେ ସେହି ମୀମାଂସାକୁ ଦର୍ଶନ କରି ନିଜର କର୍ମମୟ ଜୀବନର ପ୍ରତି ପଦକ୍ଷେପରେ ତାକୁ ଜୀବନର ଅଙ୍ଗାଙ୍ଗୀଅଂଶରେ ରୁପାୟିତ କରିବ । ଏହାହିଁ ଭାରତବର୍ଷର ଭବିଷ୍ୟତ ଏବଂ ସେହି ଭବିଷ୍ୟତକୁ ମୁଁ ଦିବ୍ୟଦୃଷ୍ଟିରେ ଦେଖିଅଛି ।

ଆହେ ଭାରତର ନବୀନ ତାପସ ତାପସୀବୃନ୍ଦ ହେ ଭାବୀ ଭାରତୀୟ ମହାମାନବ-ଜାତିର ଜନକ ଜନନୀବୃନ୍ଦ, ତୁମ୍ଭେମାନେ ଆଜି ଭୁଲିଯାଅ ନାହିଁ ଯେ ତୁମ୍ଭେମାନଙ୍କର ଜୀବନର ସଂଯମ ବା ଅସଂଯମ ଏ ଜାତିର ଭବିଷ୍ୟତକୁ ଗୌରବୋଜ୍ଜ୍ୱଳ ବା ମସୀକୃଷ୍ଣ କରି ଦେଇପାରେ । ଆମର ଏହି ଦେହ ପରିତ୍ୟାଗ ବେଳ ଆସିଲେ ଆମେ ପୁନର୍ବାର ତୁମ୍ଭମାନଙ୍କ ଔରସ ଓ ଜଠରରେ ନବ ଜନ୍ମ ଗ୍ରହଣ କରି ସର୍ବତୀର୍ଥମୟୀ ଏହି ଭାରତ ଭୂମିର ପୂଣ୍ୟପୀଠରେ ଭୂମିଷ୍ଠ ହେବାକୁ ଚାହୁଁ। ଯେଉଁ ଔରସ ସଂଯମ ସୁରଭିତ ଓ ଯେଉଁ ଜଠର ତପସ୍ୟାପୂତ ସେହିଭଳି ଜଠରରେ ସ୍ଥାନ ନ ପାଇଲେ ଆମେ ଯେ ଆମର ବିଶ୍ୱବ୍ୟାପୀ କଲ୍ୟାଣାକାଂକ୍ଷାର ପରିତୃପ୍ତି ବିଧାନ କରିପାରିବୁ ନାହିଁ । ସମଗ୍ର ଜୀବନର ଆପ୍ରାଣ ପ୍ରୟାସ ଦ୍ୱାରା ଯଦି ସାମାନ୍ୟ କିଛି ସୁକୃତି ସଂଚୟ କରିବାର ସୌଭାଗ୍ୟ ଲାଭ କରେ, ଔରସର

ଦୋଷରୁ ଓ ଜଠରର ଦୁର୍ବଳତାରୁ, ପିଲାଏ ତାହା ଯେ ମ୍ଲାନ ହୋଇଯିବ । ତେଣୁ ମୁଁ କହେ, କୃତାଞ୍ଜଳିପୁଟରେ କହେ, ସାନୁନୟ ବିନୟ ସହକାରେ କହେ, ଏକାନ୍ତ କାତରତା ସହିତ କହେ, - ହେ ବିବାହିତ ଭାରତ, ହେ ଦାମ୍ପତ୍ୟ ଭାରତ, ନିତ୍ୟମୁକ୍ତିକାମୀ ମହାପୁରୁଷମାନଙ୍କ ଅବତରଣ ଲାଗି ନ ହେଉ ପଛକେ, ଆମ ଭଳି ଯେଉଁମାନେ ମୁକ୍ତି ପ୍ରାର୍ଥନାରେ ପରାଂମୁଖ, ଆମ ଭଳି ଲକ୍ଷ କୋଟିବାର ଜନ୍ମ-ମରଣର ଅସହନୀୟ ଦୁଃଖ କଷ୍ଟକୁ ଯେଉଁମାନେ ସ୍ୱେଚ୍ଛାରେ ବରଣ କରିବାକୁ ଚାହାନ୍ତି, ଅନ୍ତତଃପକ୍ଷେ ସେହି ସବୁ ମାନବାତ୍ମାଙ୍କର ନବତନୁରେ ନବ ସଂଗ୍ରାମଲୀଳାର ଜୟିଷ୍ଣୁତା ବର୍ଦ୍ଧନ ଲାଗି ତୁମ୍ଭେମାନେ ସଂଯତ ହୁଅ, ଆତ୍ମସ୍ଥ ହୁଅ, ମଣିଷ ହୁଅ । ଆମ ଭଳି ସାମାନ୍ୟ ମାନବମାନେ ନୂତନ ଶରୀରରେ ଜଗତ କଲ୍ୟାଣର ଅଶେଷ ପ୍ରାର୍ଥନାଶକ୍ତି ଘେନି ତୁମ୍ଭମାନଙ୍କ କୋଳରେ ଯେଉଁଦିନ ଠାବ ପାଇବେ ସେଦିନ ତୁମ୍ଭମାନଙ୍କର ଅଙ୍ଗନ ନିତ୍ୟ-କିଶୋରଙ୍କର ନୟନାନନ୍ଦ ନୃତ୍ୟଲୀଳାରେ ଲାଞ୍ଛିତ ହେବ । ସେଦିନ ସେମାନଙ୍କର ଅନ୍ତର ଯେପରି ଉଲ୍ଲସିତ ହେବ, ତୁମ୍ଭମାନଙ୍କର ଦଗ୍ଧ ହୃଦୟ ସେହିପରି ଶୀତଳ ହେବ, ହେ ଗୃହୀ ଭାରତ, ଆଜି ସେଇଥି ପାଇଁ ପ୍ରସ୍ତୁତ ହୁଅ ।

ପରିଶିଷ୍ଟ

["ବିବାହିତ ବ୍ରହ୍ମଚର୍ଯ୍ୟ" ଗ୍ରନ୍ଥ ପ୍ରକାଶିତ ହେବା ଫଳରେ ବହୁ ସଂଖ୍ୟକ କୌତୂହଳୀ ପାଠକଙ୍କ ମଧ୍ୟରେ ନାନା ନିଗୂଢ଼ ବିଷୟ ଜାଣିବା ଲାଗି ଔତ୍ସୁକ୍ୟ ଦେଖାଯାଇଛି । ଇତ୍ୟବସରରେ ଜନୈକ ପ୍ରଶ୍ନକର୍ତ୍ତା ଗ୍ରନ୍ଥାକାରଙ୍କୁ ଯେଉଁ ସବୁ ପ୍ରଶ୍ନ କରିଥିଲେ ସେ ସଙ୍କ୍ରାନ୍ତ କଥୋପକଥନର କିୟଦଂଶ ପ୍ରାସଙ୍ଗିକ ବିବେଚନାକରି ସଂକ୍ଷିପ୍ତ ଆକାରରେ ତଳେ ଦିଆଗଲା ।]

କାମ ଛଡ଼ା ଯେ ଜୀବ ସୃଷ୍ଟି ହୋଇ ନ ପାରେ, ଏ କଥା ସତ୍ୟ ନୁହେଁ । ଅନ୍ୟାନ୍ୟ ଜୀବଙ୍କ କଥା ଯାହା ହେଉ ପଛକେ, ମନୁଷ୍ୟ କଥା (ସେ ସମସ୍ତଙ୍କ ଠାରୁ) ସ୍ୱତନ୍ତ୍ର । ସେ ତାର ଇଚ୍ଛାଶକ୍ତି ବଳରେ ସବୁ କରିପାରେ । ବାପ,

ମା'ମାନେ ଇଚ୍ଛାକଲେ କାମ ଗନ୍ଧହୀନ ଭାବରେ ସନ୍ତାନ ସନ୍ତତି ଜନ୍ମ କରିପାରନ୍ତି । ଏଠାରେ ଦୈବର କୌଣସି ସ୍ଥାନ ନାହିଁ, ଅସଲ କଥା ହେଲା ଇଚ୍ଛା ।

ବିନା ସହବାସରେ କଦାପି ସନ୍ତାନ ଜନ୍ମି ନପାରେ, ଏ କଥା ଠିକ୍ । କିନ୍ତୁ କାମଗନ୍ଧହୀନ ଭାବରେ ସହବାସ କରାଯାଇପାରେ । ସେ ସହବାସରେ ଭୋଗଲିପ୍ସା ନ ଥାଏ, କେବଳ କର୍ତ୍ତବ୍ୟ ଜ୍ଞାନ ହିଁ ଥାଏ । ସେ ସହବାସରେ ମତ୍ତତା ନ ଥାଏ କେବଳ ମନର ଗଭୀର ସ୍ଥିରତା ଓ ହୃଦୟଭରା ପ୍ରାଣପୂର୍ଣ୍ଣ କଲ୍ୟାଣ ପ୍ରେରଣା ଥାଏ; ଆତ୍ମ-ବିଶ୍ୱାସ ଥାଏ, ଈଶ୍ୱର ବିଶ୍ୱାସ ଓ ଦେହାତୀତ ତତ୍ତ୍ୱରେ ମନକୁ ମଜାଇ ରଖିବାର ଅପାର ଯୋଗ୍ୟତା ଥାଏ ।

ଏ କଥାଟି ଅସମ୍ଭବ ବୋଲି ମନେ ହେବାର କଥା । ଅଧିକାଂଶ ମାନବଙ୍କର ଜନ୍ମ ତ କାମରୁ ହିଁ ହେଉଛି । କାମସଂସ୍ପର୍ଶଲେଶ ହୋଇ ଯେ ଜଣେ ଦୁଇଜଣ ମଝିରେ ଅବତୀର୍ଣ୍ଣ ହେଉଛନ୍ତି ସେମାନଙ୍କର ପିତାମାତାଙ୍କର ମନର ଇତିହାସ କଣ ଥିଲା ତାହା ଏ ଦୁନିଆ କଣ ଜାଣିପାରିଛି ? ସାଧାରଣ ଲୋକେ ନିଜ ନିଜର ମନଦ୍ୱାରା ହିଁ ଆଉ ସମସ୍ତଙ୍କର ମନକୁ ବିଚାର କରୁଛନ୍ତି ତେଣୁ ସେମାନେ ଦେଖି ପାରୁଛନ୍ତି ଯେ କାମ ଛଡ଼ା ଜନ୍ମ ଅସମ୍ଭବ । କିନ୍ତୁ ଯେଉଁମାନେ ନିଜ ମନକୁ ନେଇ ବହୁତ କସରତ କରିଛନ୍ତି ବହୁତ ପରିଶ୍ରମ କରିଛନ୍ତି, ସେମାନେ ଅନାୟାସରେ ବୁଝିପାରିବେ ଯେ ସାଧକ ଗୃହୀମାନେ ଇଚ୍ଛାକଲେ ଦେହକୁ ଗୋଟିଏ କାର୍ଯ୍ୟରେ ଗୋଟିଏ ସ୍ଥାନରେ ଲଗାଇ ରଖି ମନକୁ ଆଉ ଏକ ସ୍ଥାନରେ ଅନ୍ୟ ଏକ କାର୍ଯ୍ୟରେ ଲଗାଇ ରଖି ପାରନ୍ତି ।

ଯାହାର ମନ ଅଭ୍ୟାସ ବଳରେ ନିୟମିତ ନ ହୋଇଛି, ଚେଷ୍ଟାଦ୍ୱାରା ସଂଯମିତ ନ ହୋଇଛି, ଉପାସନା ବେଳେ ତାର ମନ ଫୁଟପାଥରେ ଚଟି ଯୋତା କିଣିବାକୁ ଧାଏଁ, ଖାଇ ବସିଲା ବେଳେ ଖେଳ ପଡ଼ିଆରେ ଧାଁ ଧପଡ଼ କରେ, ଏ ଧରଣର ଅବ୍ୟବସ୍ଥିତ ମନର କଥା ମୁଁ କହୁ ନାହିଁ। ମୋର କହିବାର କଥା ମନୁଷ୍ୟ ଚେଷ୍ଟା ଦ୍ୱାରା ଓ ନିୟମିତ ଅନୁଶୀଳନ ଦ୍ୱାରା ନିଜ ମନକୁ ଭିନ୍ନ ପ୍ରକାରେ ଗଢ଼ି ନେଇପାରେ । ମୋର ପିତୃଦେବଙ୍କ ମୁହଁରୁ ଶୁଣିଛି, ଦଶ ବାରଜଣ ସମକକ୍ଷ

ଉସ୍ତାଦ ଯଦି ଏକ ସଙ୍ଗେ ଦଶବାରଟି ବିଭିନ୍ନ ସ୍ୱରରେ, ବିଭିନ୍ନ ତାଳରେ ବିଭିନ୍ନ ଗୀତ ବୋଲିବାକୁ ଆରମ୍ଭ କରି ଦିଅନ୍ତି, ତେବେ ସେ ସେହି ନଅ ଦଶଜଣ ଗାୟକଙ୍କର ତାଳ, ସ୍ୱର ଓ ଗୀତ ପ୍ରତି ଏକାବେଳେକେ ବଧିର ରହି ମାତ୍ର ଜଣେ ଗାୟକର ଗୀତ ଶୁଣି ପାରନ୍ତି । ସମସ୍ତଙ୍କର ତାଳ, ବାଦ୍ୟ ଓ ସୁରର ଆବାଜ କାନରେ ଆସି ଠିକ୍ ବାଜୁଥାଏ, କିନ୍ତୁ ମନ କେବଳ ଗୋଟିକୁ ଗ୍ରହଣ କରି ନେଇ ବାକି ଗୁଡ଼ିକ ତଡ଼ି ଦେଉଥାଏ । ଏଇଟା ହେଲା ଗଢ଼ା ଯାଇଥିବା ମନର କଥା । ମନୁଷ୍ୟ ତା ମନକୁ ଏପରି ଭାବରେ ଗଢ଼ି ଦେଇପାରେ ଯେ ଦେହ ଯେତେବେଳେ ନିଆଁରେ ପୋଡ଼ିଯାଉଛି ମନ ସେତେବେଳେ ସେ ଜଳାପୋଡ଼ାରେ ନ ରହି ଦେହ ଓ ମନର ଅତୀତ କୌଣସି ଏକ ମହତ୍ତର ସତ୍ତାରେ ଅବସ୍ଥାନ କରୁଛି । ଆମ ଦେଶର ଯୋଗୀ ପୁରୁଷମାନଙ୍କର ଅତ୍ୟଦ୍ଭୁତ କାହାଣୀ ତ ଊଣାଅଧିକେ ସମସ୍ତେ ଜାଣନ୍ତି । ଏପରିକି ଇଉରୋପରେ ଦେଖାଯାଇଛି ଯେ ନିର୍ଦ୍ଦିଷ୍ଟ ଧର୍ମମତ ପୋଷଣ କରୁଥିବା ବ୍ୟକ୍ତିବିଶେଷଙ୍କୁ ନିଆଁରେ ପୋଡ଼ି ମାରି ଦିଆଯାଇଛି ଅଥଚ ସେ ତିଳେ ହେଲେ କାତରତା ପ୍ରଦର୍ଶନ କରି ନାହାନ୍ତି । ଦେହର ଚରମ ଦୁରାବସ୍ଥା ବେଳେ ମଧ୍ୟ ଦେହରେ ତାଙ୍କର ମନ ନାହିଁ ସେ ଯେଉଁ ଧର୍ମର ଉପାସକ, ସେ ଯେଉଁ ଆଦର୍ଶର ଧାତା, ସେହି ଧର୍ମ ଓ ସେହି ଆଦର୍ଶର ଶ୍ରେଷ୍ଠତ୍ୱ ସହିତ ସେ ତାଙ୍କ ମନକୁ ନେଇ ଯୁକ୍ତ କରି ଦେଇଛନ୍ତି ଏବଂ ସେ ଯୋଗ ଏତେ ଗଭୀର ହୋଇଛି ଯେ ଏଣେ ଦେହଟା ଯେ ନିଆଁରେ ପୋଡ଼ିଯାଉଛି ତାର ଟେର ସୁଦ୍ଧା ସେ ପାଇ ପାରୁନାହାନ୍ତି । ଯେଉଁମାନଙ୍କ ମନର ବଳ ଏ ଧରଣର ସେମାନେ ଇଚ୍ଛାକଲେ ଯେ କୌଣସି ସମୟରେ ଏପରିକି ଇନ୍ଦ୍ରିୟ ସେବା ସମୟରେ ମଧ୍ୟ ମନକୁ ଅନ୍ୟତ୍ର ଲଗାଇ ଦେଇ ପାରନ୍ତି ।

ସାଧାରଣ ଦୃଷ୍ଟିରୁ ଯେଉଁମାନେ ଇନ୍ଦ୍ରିୟ-ତତ୍ତ୍ୱ ଆଲୋଚନା କରିଛନ୍ତି ସେମାନେ ସମସ୍ତେ ଗୋଟିଏ ବାକ୍ୟରେ କହି ଯାଇଛନ୍ତି ଯେ କାମ ହିଁ ଜୀବସୃଷ୍ଟିର ମୂଳ । କିନ୍ତୁ ଯୋଗଦୃଷ୍ଟି ଯେଉଁମାନଙ୍କର ଉନ୍ମିଳିତ ହୋଇଛି ସେମାନେ ସର୍ବତ୍ର ଏ କଥା ପ୍ରଯୁଜ୍ୟ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ସାଧାରଣ ଲୋକର

ଦୃଷ୍ଟି ସୀମାବଦ୍ଧ । ତେଣୁ ସେ ଖାଲି ଲୋକର ବହିରାଚାର ଗୁଡ଼ିକ ଦେଖେ, ଅନ୍ତରର ଖୋଜ ଖବର ସେ ରଖିପାରେ ନାହିଁ । ଯୋଗୀମାନେ ଅନ୍ତରର ହାଲ ହୈକତ ବୁଝନ୍ତି । ତେଣୁ ସେମାନେ ଯୀଶୁଙ୍କ ଜନ୍ମ କାହଣୀକୁ ଅଜବ ଗଳ୍ପ ବୋଲି ଫୁଟୁକି ମାରି ଉଡ଼ାଇ ଦିଅନ୍ତି ନାହିଁ କି ତାହା ମେରୀଙ୍କର ଗୁପ୍ତ ପ୍ରଣୟର ଫଳ ବୋଲି ବ୍ୟାଖ୍ୟା କରନ୍ତି ନାହିଁ। ମେରୀଙ୍କ ଗର୍ଭରୁ ଯୀଶୁଙ୍କର ଆବିର୍ଭାବ ଲାଗି ଭଗବତ୍ ଇଚ୍ଛା ହିଁ ଯଥେଷ୍ଟ, କୌଣସି ମନୁଷ୍ୟର ବୀର୍ଯ୍ୟଦାନ ନିଷ୍ପ୍ରୟୋଜନ ବୋଲି ମନେ କରି ଯୀଶୁଙ୍କର ବିଶ୍ୱାସୀ ଭକ୍ତମାନେ ନିଶ୍ଚିନ୍ତ କିନ୍ତୁ ବୈଜ୍ଞାନିକମାନେ ସେ କଥା କାହିଁକି ଶୁଣିବାକୁ ଯିବେ ? ସେମାନେ କହନ୍ତି ଯୀଶୁଙ୍କର ନିଶ୍ଚୟ କେହି ପିତା ଥିଲେ ଏବଂ ଅବୈଧ ପ୍ରଣୟର ଫଳ ସ୍ୱରୂପ ତାଙ୍କର ଔରସରୁ ଯୀଶୁ ଜନ୍ମ ହୋଇଥିଲେ, ତା ନ ହେଲେ ମେରୀଙ୍କର ଗର୍ଭବାସ କଥା ତାଙ୍କ ସ୍ୱାମୀ ଯୋସେଫ ଜାଣି ନ ପାରିଲେ କେମିତି ? କିନ୍ତୁ ଯୋଗୀମାନେ ନିଜ ନିଜର ଉପମା ଦ୍ୱାରା ଏହି ଦୁଇ ବିରୋଧୀ ବ୍ୟାଖ୍ୟାର ସାମଞ୍ଜସ୍ୟ ବିଧାନ କରି ପାରନ୍ତି । କାରଣ ଏକ ଦିଗରେ ସେମାନେ ଯେପରି ମନୁଷ୍ୟର ମନ ଆଡ଼କୁ ଦୃଷ୍ଟି ଦିଅନ୍ତି ଅନ୍ୟ ଦିଗରେ ସେମାନେ ସେହିପରି ବିଜ୍ଞାନର ସିଦ୍ଧାନ୍ତକୁ ମଧ୍ୟ ସ୍ୱୀକାର କରନ୍ତି । ସେମାନେ ବିଜ୍ଞାନର ସିଦ୍ଧାନ୍ତକୁ ତୁଚ୍ଛ ମନେ କରନ୍ତି ନାହିଁ। କାରଣ ଯୋଗବିଦ୍ୟା ମଧ୍ୟ ଏକ ବିଜ୍ଞାନ, ଅବଶ୍ୟ ଏହା ସ୍ଥୁଳ ବିଜ୍ଞାନ ନୁହେଁ, ସୂକ୍ଷ୍ମ ବିଜ୍ଞାନ । ତେଣୁ ସେମାନେ ଯୀଶୁଙ୍କ ଜନ୍ମ ସଂକ୍ରାନ୍ତରେ ଗର୍ଭ ବା ଔରସ ଉପରେ ଯୋର ଦିଅନ୍ତି ଯାହା ଯୀଶୁଙ୍କ ଜନନ ବେଳେ ଦେହକୁ ଦେହର କର୍ତ୍ତବ୍ୟରେ ନିୟୋଜିତ କରି ନିଜେ ନିଜେ ଅନନ୍ତ ବ୍ରହ୍ମସମୁଦ୍ର ମଧ୍ୟରେ ମଜ୍ଜି ଯାଇଥିଲେ । ଏହି କାରଣରୁ ଯେତେବେଳେ ମେରୀଙ୍କର ଗର୍ଭ ଲକ୍ଷଣ ପ୍ରକାଶ ପାଇଲା, ସେତେବେଳେ କିଏ ସେହି ଗର୍ଭର ଆଧାନକାରୀ ତାହା ସେ କହି ପାରିଲେ ନାହିଁ । ଯୋଗୀ କଦାପି ଏ କଥା ବିଶ୍ୱାସ କରି ନ ପାରନ୍ତି ଯେ ଯୀଶୁଙ୍କର ଯେ ମା, ସେ ଜାଣି ଶୁଣି ଯୀଶୁଙ୍କ ଜନ୍ମ କାରଣ ଗୋପନ ରଖିବାକୁ ଚେଷ୍ଟା କରିଥିଲେ। ଯୋଗୀର ସିଦ୍ଧାନ୍ତ ହେଉଛି ଏହା ଯେ, ଯୋଗସାଧନ ଅବସ୍ଥାରେ ଯେତେବେଳେ ମେରୀ ଓ ଯୀଶୁ-ଜନକଙ୍କର ନିଜତ୍ୱ

ବ୍ରହ୍ମଙ୍କଠାରେ ଅର୍ପିତ ହୋଇଥିଲା ସେହି ଶୁଭ ଓ ପବିତ୍ର ମୁହୂର୍ତ୍ତରେ ଯୀଶୁ ତାଙ୍କ ମାଆଙ୍କର ସ୍ୱାମୀର ଔରସରେ ମାତୃଜଠରରେ ସ୍ଥାନ ପାଇଥିଲେ । ଅତଏବ ସାମାଜିକ ଦୃଷ୍ଟିରୁ ଯେ ମେରୀଙ୍କର ସ୍ୱାମୀ ଥିଲେ ସେ ନିଜେ ଯୋଗବସ୍ଥାରେ ଯୀଶୁଙ୍କୁ ମାତୃ ଗର୍ଭରେ ଆହିତ କରି ସ୍ଥାନ ଦେଇଥିଲେ କିନ୍ତୁ ମେରୀଙ୍କ ଭଳି ତାଙ୍କର ମଧ୍ୟ ଜନନ ବିଷୟକ ସ୍ମୃତି ଆଦୌ ନଥିଲା । ଏଭଳି ବିଶ୍ୱାସ ପୋଷଣ କରିବାରେ କିଛି ବାଧା ନାହିଁ । ଏହି କାରଣରୁ ମେରୀଙ୍କର ଗର୍ଭଲକ୍ଷଣ ପ୍ରକାଶ ହେବାରେ ସେ ସନ୍ଦିଗ୍ଧ ହୋଇଥିଲେ । ଅନ୍ଧ-ବିଶ୍ୱାସୀମାନେ ଯୀଶୁଙ୍କ ଜନ୍ମ ସମ୍ବନ୍ଧୀୟ ଗାଥାକୁ ବିଶ୍ୱାସ କରି ବିଜ୍ଞାନର ବିରୋଧିତା କରନ୍ତି ଏବଂ ଜଡ଼ଦୃଷ୍ଟି ସମ୍ପନ୍ନ ବ୍ୟକ୍ତିମାନେ ଯୀଶୁଙ୍କ ଜନ୍ମ ଉପରେ ନିଜ ନିଜର ପଙ୍କିଳ ମନର ପ୍ରଲେପ ଦେଇ ଯେଚ୍ଛା ତା ବ୍ୟାଖ୍ୟା କରନ୍ତି କିନ୍ତୁ ଯୋଗୀ ସେପରି କରନ୍ତି ନାହିଁ । କାରଣ ଯୋଗୀ ଜାଣନ୍ତି ଯେ ବୀର୍ଯ୍ୟାଧାନ ଦ୍ୱାରା ଜୀବର ଉତ୍ପତ୍ତି ହୁଏ କିନ୍ତୁ ବୀର୍ଯ୍ୟାଧାନ ସମୟରେ ମଧ୍ୟ ମନୁଷ୍ୟ ତାର ମନକୁ ନେଇ ଏପରି ଏକ ଅପାର୍ଥିବ ଅବସ୍ଥାରେ ରଖି ଦେଇପାରେ ଯେ ତାର ଟେର ପାଇବାକୁ ହେଲେ ବୈଜ୍ଞାନିକମାନଙ୍କୁ ଆଉ କେତେ ଶତାବ୍ଦୀ ଖଟିବାକୁ ହେବ । ଗୃହସ୍ଥ ଯୋଗୀ ତାର ଶ୍ରଦ୍ଧିତ ଦୃଷ୍ଟି ଭଙ୍ଗୀରେ ଓ ମନୋଜଗତର ରହସ୍ୟ ସମ୍ବନ୍ଧେ ତାର ଯେଉଁ ପ୍ରତ୍ୟକ୍ଷ ଅଭିଜ୍ଞତା ଅଛି ତାରି ବଳରେ, ପୌରାଣିକ ଓ ବୈଜ୍ଞାନିକ ଏହି ଦୁଇ ବିରୋଧୀ ମତରେ ସାମଞ୍ଜସ୍ୟ ବିଧାନ କରିଦିଅନ୍ତି ।

ମନୁଷ୍ୟର ମନର ଶକ୍ତି ଯେ କେଡ଼େ ଅଦ୍ଭୁତ, ସେ ବିଷୟରେ ତୁମର କୌଣସି ପ୍ରତ୍ୟକ୍ଷ ଜ୍ଞାନ ନାହିଁ । ଯେ ଯାହା ପ୍ରତ୍ୟକ୍ଷ ନ କରିଛି, ତା ପକ୍ଷରେ ସେ କଥାକୁ ଠିକ୍ ଠିକ୍ ବିଶ୍ୱାସ କରିବା ସମ୍ଭବ ନୁହେଁ । ଅନ୍ଧବିଶ୍ୱାସ ତ ଆଉ ବିଶ୍ୱାସ ନୁହେଁ । ସବୁ ବିରୁଦ୍ଧ ଯୁକ୍ତି, ସବୁ ବିରୁଦ୍ଧ ତର୍କ ଓ ସବୁ ବିରୁଦ୍ଧ ସାକ୍ଷ୍ୟ ଯେଉଁ ବିଶ୍ୱାସକୁ ଟିକିଏ ହେଲେ ଟଳାଇ ନ ପାରେ ତାକୁ ହିଁ ଅସଲ ବିଶ୍ୱାସ କୁହାଯାଏ । କିନ୍ତୁ ଏ ବିଶ୍ୱାସ ଖାଲି ଏମିତି କଥାରେ ଆସେ ନାହିଁ, ସେଥିପାଇଁ ସଂପୂର୍ଣ୍ଣ ନ ହେଉ ପଛକେ ଅନ୍ତତଃ ଆଂଶିକ ହେଲେ ବି ପ୍ରତ୍ୟକ୍ଷ ଜ୍ଞାନ ଥିବା ଦରକାର । ସାଧନ ଭଜନ କର, ମନକୁ ଆୟତ୍ତାଧୀନ କରିବା ପାଇଁ ଅବିରଳ ଚେଷ୍ଟା କରି ଯାଅ,

ତାହାହେଲେ ଏକଦା ସବୁ ବୁଝି ପାରିବ ଓ ବିଶ୍ୱାସ ଜନ୍ମିବ । କାମାଚାର ଓ କାମୁକତା ଏକ କଥା ନୁହେଁ । କାମାଚାର ଛଡ଼ା କାମୁକତା ସମ୍ଭବ ଏବଂ କାମୁକତା ଛଡ଼ା ବି କାମାଚାର ସମ୍ଭବ । ତେବେ କାମାଚାର ଛଡ଼ା କାମୁକତାର ସମ୍ଭାବନା ଯେତେ ଅଧିକ,କାମୁକତା ଛଡ଼ା କାମାଚାରର ସମ୍ଭାବନା ସେତେ ଅଧିକ ନୁହେଁ । ଯୋଗାସନରେ ବସି ମଧ୍ୟ କାମୁକତା ସମ୍ଭବ, ଆଉ ବି କାମଚର୍ଚ୍ଚାର ମଧ୍ୟରେ ଯୋଗାଭ୍ୟାସ ସମ୍ଭବ । କିନ୍ତୁ ପ୍ରଥମଟି ଯେତେ ସହଜରେ ସମ୍ଭବ, ଦ୍ୱିତୀୟଟି ସେତେ ସହଜରେ ସମ୍ଭବପର ନୁହେଁ ଏବଂ ପ୍ରଥମଟି ଯେପରି ନିନ୍ଦନୀୟ ଦ୍ୱିତୀୟଟି ଗୃହୀ ପକ୍ଷରେ ସେହିପରି ପ୍ରଶଂସନୀୟ । ସାଧାରଣତଃ ଗୃହୀର ଜୀବନରୁ କାମାଚାରକୁ ନିର୍ବାସିତ କରିବାର ବାଟ ନାହିଁ, ନାନା ପ୍ରୟୋଜନ ବଶତଃ ଗୃହୀକୁ କାମଚାରର ଆଶ୍ରୟ ଗ୍ରହଣ କରିବାକୁ ପଡ଼ିପାରେ । କିନ୍ତୁ ଯଦ୍ଦ୍ୱାରା କାମାଚାର ଭିତରୁ କାମୁକତା ଦୂର ହୋଇଯିବ ସେଥିପାଇଁ ଯଦି କ୍ରମାଗତ ଚେଷ୍ଟା କରାଯାଏ ତାହାହେଲେ ଏପରି ଏକ ସମୟ ନିଶ୍ଚୟ ଆସିବ ଯେତେବେଳେ କି କାମଚାରଠାରୁ କାମଟା ପୃଥକ ହୋଇଯିବ । ମନ ଯଦି ଭଗବାନଙ୍କଠାରେ ଲାଗି ରହେ ତେବେ କାମ ପଳାଇବାକୁ ରାହା ପାଏ ନାହିଁ । ତଥାପି କାମାଚାର ଏପରି ପରାକ୍ରମୀ ଯେ ସଦାସର୍ବଦା ଯାହାର ମନ ଭଗବାନଙ୍କଠାରେ ଲାଗିରହିଥାଏ, ତାର ମନ ମଧ୍ୟ କାମାଚାର ବେଳେ ଭଗବାନଙ୍କ ପାଖରେ ରହିବାକୁ ଚାହେଁ ନାହିଁ,ଦେହ ସୁଖ ପ୍ରାର୍ଥନା କରିବାକୁ ଲାଗିଯାଏ । କାରଣ ଯେତେ ଯାହା ହେଲେ ବି ସେ ତ ମନ । ମନର ସ୍ୱଭାବ ହେଉଛି ଏଇଆ ଯେ ସେ ଟାଣୁଆ ଲୋକର କିଙ୍କର ଓ ନରମା ଲୋକର ଯମ । ଦୃଢ଼ ହସ୍ତରେ ତାର ତଣ୍ଟିଧରି ଯୁଆଡ଼େ ଇଚ୍ଛା ସିଆଡ଼େ ତୁମେ ନେଇ ପାରିବ । ମନ ଯଦି ଦେହ ସୁଖରେ ମଜି ନ ରହେ, ତେବେ କାମାଚାର ମଧ୍ୟରେ ଆଉ କାମ ଆସିବ କୁଆଡୁ ?

ଯେଉଁଭଳି ଭାଷା ପ୍ରୟୋଗ କଲେ ବା ଯେଉଁଭଳି ବ୍ୟବହାର ପ୍ରଦର୍ଶନ କଲେ ନିଜର ବା ଅନ୍ୟର କାମୋଦ୍ରେକ ସମ୍ଭବ, ଯେଉଁଭଳି ହସ୍ତପଦ ସଂଚାଳନ କଲେ ନିଜର ବା ଅନ୍ୟର କାମୋଦ୍ରେକ ସମ୍ଭବ, ତାକୁ ହିଁ କାମଚାର କୁହାଯାଏ ।

ମନରେ କାମ ନ ଥିଲେ ବି ଉପରୋକ୍ତ ଆଚରଣକୁ କାମାଚାର କୁହାଯାଏ । ସାଧନ ଭଜନର ଗୁଣ ହେଉଛି ଏଇଆ ଯେ ତଦ୍ୱାରା କାମାଚାର ଭିତରୁ କାମ ଦୂର ହୋଇ ଯାଇପାରେ ।

ସନ୍ତାନ-ଜନନ ରତ ଗୃହୀମାନେ ସମସ୍ତେ କାମୁକ ନୁହନ୍ତି କିନ୍ତୁ ପ୍ରତ୍ୟେକେ କାମାଚାରୀ । ମନର ଚାଞ୍ଚଲ୍ୟ ପ୍ରଶମନ ଲାଗି ସେ ଜନନ ସମୟରେ ପ୍ରାଣାୟାମ କରି ପାରନ୍ତି, ଭ୍ରୂମଧ୍ୟରେ ଦୃଷ୍ଟି ଓ ଲକ୍ଷ୍ୟ ରଖି ଦେହ ସ୍ପନ୍ଦନର ତାଳେ ତାଳେ ଇଷ୍ଟମନ୍ତ୍ର ଉଚ୍ଚାରଣ କରିପାରନ୍ତି ଏବଂ ଏହି ସବୁ କୌଶଳର ମାହାତ୍ମ୍ୟରେ ଦେହସୁଖ ପ୍ରାର୍ଥନାକୁ ଓ ଦେହସୁଖର ଅନୁଭୁତିକୁ ଦୂର କରି ଦେଇ ନିଷ୍କାମ ହୋଇପାରନ୍ତି; ତଥାପି ତାଙ୍କର ଯେଉଁ ବ୍ୟବହାର ବା ଆଚରଣ ତାକୁ କାମାଚାର କୁହାଯିବ । କାମର ତାଡ଼ନାରେ ଶତ ଶତ ଲୋକ ଯାହା କରିଥାନ୍ତି, ଯୋଗାଭ୍ୟାସୀ ଗୃହୀ କାମଲିପ୍ସାହୀନ ହୋଇ ତାହା ହିଁ କରିଥାନ୍ତି, ଏତିକି ମାତ୍ର ପାର୍ଥକ୍ୟ, ସେ କାମାଚାରୀ କିନ୍ତୁ କାମୁକ ନୁହନ୍ତି । କାମାଚାର କେବଳ କାମର ଅଭାବ ହେତୁ ତାଙ୍କର କୌଣସି ପ୍ରକାର ଦୈହିକ କାମାନୁଭୁତି ନ ଥାଏ । ଗୃହସ୍ଥ ଯୋଗୀ କହନ୍ତି, ଦେହଟାକୁ ଦେହର କାମରେ ନିୟୋଜିତ କରି ଦେଇ ସେ ଏପରି ଏକ ଅପୂର୍ବ ଅବସ୍ଥାରେ ଯାଇ ପହଞ୍ଚିଛନ୍ତି ଯେ ଦେହ ତାଙ୍କର ଅଛି କି ନାହିଁ ସେ କଥା ତାଙ୍କରି ଖିଆଲ ସୁଦ୍ଧା ନ ଥାଏ । ସେତେବେଳେ କେହି ଯଦି ତାଙ୍କ ଗୋଡ଼ର ଗୋଟାଏ ଆଙ୍ଗୁଠି ବି କାଟି ନେଇଯାଏ ସେ ତାହା ଜାଣିପାରନ୍ତି ନାହିଁ ।

ସୈନିକ ଯେତେବେଳେ ଯୁଦ୍ଧ କ୍ଷେତ୍ରରେ ଲଢ଼ାଇ କରେ ସେତେବେଳେ ତାର ମନଧ୍ୟାନ ଶତ୍ରୁର ବିନାଶରେ ଲାଗି ରହିଥାଏ, ତେଣୁ ବକ୍ଷରେ ଗୁଳି ବିଦ୍ଧ ହେଲେ ବି ସେ ତାହା ଜାଣିପାରେ ନାହିଁ । ଶିକ୍ଷାନବିଶ ସୈନିକର ହୁଏତ ପ୍ରାଣର ଭୟ ଥାଇପାରେ, କିନ୍ତୁ ପୋଖତ ସୈନିକର ଚିତ୍ତଚାଞ୍ଚଲ୍ୟ ନ ଥାଏ । ଗୃହୀ ସାଧକମାନେ ଠିକ୍ ସେହିପରି । ଅବଶ୍ୟ ସେଭଳି ଅବସ୍ଥାକୁ ଆସିବା ପାଇଁ ଗୃହୀ ସାଧକମାନଙ୍କୁ ବହୁ ବର୍ଷ ବ୍ୟାପୀ ସାଧନ କରି ବାକୁ ହୋଇଥାଏ, ବର୍ଷେ ଦୁଇବର୍ଷରେ ବିଶେଷ କିଛି ହୁଏ ନାହିଁ । ପ୍ରଥମେ ପ୍ରଥମେ କାମାଚାରରୁ କାମକୁ ପୃଥକ କରିବାରେ

ସେପରି କେହି ସମର୍ଥ ହୁଅନ୍ତି ନାହିଁ କିନ୍ତୁ ସାଧନ ଭଜନରେ କ୍ରମାଗତ ଲାଗି ରହିଲେ କ୍ରମଶଃ ସେ ଅବସ୍ଥା ଆସିଯାଏ । ସାଧନ ଭଜନର ଅସାଧ୍ୟ କିଛିନାହିଁ ।

ଯେଉଁ ସାଧନ ଇଚ୍ଛା ସେ ସାଧନ କର, ଦ୍ୱାଦଶ ବର୍ଷ ଏକାଗ୍ର ମନରେ ସାଧନ କରିବାକୁ ହେବ, ତେବେ ଯାଇଁ ସିଦ୍ଧିଲାଭ ହେବ, ଏହି କାରଣରୁ ବାରବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କଲାପରେ ଗୃହୀ ହେବାର ବ୍ୟବସ୍ଥା ରହିଛି, ତା ପୂର୍ବରୁ ନୁହେଁ । ପକ୍‌କା ଓସ୍ତାଦମାନେ କହନ୍ତି ବାରବର୍ଷ ସାରେଗାମା ନ ସାଧିଲେ ସଙ୍ଗୀତ ଶିକ୍ଷା ହୁଏନାହିଁ । ଥରେ ଜଣେ ପହେଲମାନ୍ ମୋତେ କହିଥିଲେ ଯେ ଏକାଦିକ୍ରମେ ବାରବର୍ଷ କୁସ୍ତି ନକଲେ ଦେହ ତାଗଡ଼ା ହୁଏନାହିଁ ।

ସନ୍ତାନ ପ୍ରସବ ପରେ ଯେତେଦିନ ପର୍ଯ୍ୟନ୍ତ ପ୍ରସୂତିର ଦେହ ସଂପୁର୍ଣ୍ଣ ସୁସ୍ଥ ନ ହୋଇଛି, ଯେ ପର୍ଯ୍ୟନ୍ତ ସନ୍ତାନ ମାତୃସ୍ତନ୍ୟ ନ ଛାଡ଼ିଛି, ସେ ପର୍ଯ୍ୟନ୍ତ ପୁନର୍ବାର ସନ୍ତାନଜନନ ଚେଷ୍ଟା ଅସଙ୍ଗତ । ମୋଟାମୋଟି ଭାବରେ କହିବାକୁ ଗଲେ ସନ୍ତାନକୁ ତିନିବର୍ଷ ନ ହେବା ପର୍ଯ୍ୟନ୍ତ ପୁନର୍ବାର ସନ୍ତାନ ଜନନ ଚେଷ୍ଟା କରଣୀୟ ନୁହେଁ ।

କିନ୍ତୁ ଗୃହୀମାନେ କାଳେ ସେଭଳି ସଂଯମ ରକ୍ଷାକରି ଚଳିବାକୁ ଅସମର୍ଥ ହେବେ, ସେଥିପାଇଁ ସାଧନ ଭଜନ ଦରକାର । ସାଧନ ଭଜନ ଶକ୍ତିରେ କାମାର୍ତ୍ତ ମନ ପ୍ରେମାର୍ତ୍ତ ହୁଏ ଓ ଦେହଲୋଭୀ ମନ ପରମାତ୍ମା ଲୋଭୀ ହୁଏ ।

ଗୃହୀମାନଙ୍କର ସାଧନଭଜନ ଓ ସନ୍ନ୍ୟାସୀମାନଙ୍କ ସାଧନଭଜନ ମଧ୍ୟରେ କିଞ୍ଚିତ ପାର୍ଥକ୍ୟ ରହିଛି ଏବଂ ସେ ପାର୍ଥକ୍ୟ ମୂଳଗତ ନୁହେଁ, ଶାଖାଗତ ; ଉତ୍ସଗତ ନୁହେଁ, ପ୍ରବାହଗତ । ସେ ଗୃହୀ ହୁଅନ୍ତୁ ବା ପ୍ରବ୍ରଜିତ ହୁଅନ୍ତୁ, ସ୍ତ୍ରୀ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ, କିଶୋର ହୁଅନ୍ତୁ ବା ବୃଦ୍ଧ ହୁଅନ୍ତୁ, ମୂଳ ସାଧନ ସମସ୍ତଙ୍କ ପାଇଁ ଏକ । ତେବେ ସନ୍ନ୍ୟାସୀଙ୍କ ସୁଯୋଗ ଅସୁଯୋଗ ଓ ଗୃହୀ-ସନ୍ନ୍ୟାସୀଙ୍କ ସୁଯୋଗ ଅସୁଯୋଗ ମଧ୍ୟରେ ପାର୍ଥକ୍ୟ ଅଛି । ସ୍ତ୍ରୀ ମାନଙ୍କ ସୁଯୋଗ-ଅସୁଯୋଗ ଓ ପୁରୁଷ ମାନଙ୍କର ସୁଯୋଗ-ଅସୁଯୋଗ ମଧ୍ୟରେ ପାର୍ଥକ୍ୟ ଅଛି । କିଶୋର ଓ ଯୁବକର ଶକ୍ତିସାମର୍ଥ୍ୟ ମଧ୍ୟରେ ବି ତଫାତ୍ ଅଛି । ତେଣୁ ପ୍ରଣାଳୀଗତ ପାର୍ଥକ୍ୟ ଅଛି ଓ ରହିବ । କିନ୍ତୁ ସବୁ

ପ୍ରଣାଳୀର ମୂଳଲକ୍ଷ୍ୟ ଯୋଗ ବା ଚିତ୍ତସ୍ଥୈର୍ଯ୍ୟ । ଧର୍ମ ସାଧନା ଲାଗି ସନ୍ନ୍ୟାସୀ ଅପେକ୍ଷା ଗୃହୀର ଅବସର କମ୍ । ତା ଛଡ଼ା ଇନ୍ଦ୍ରିୟ ବ୍ୟାପାରରେ ଗୃହୀର ଲିପ୍ତତା ଅବଶ୍ୟମ୍ଭାବୀ । ଏହି ଦୁଇ କାରଣରୁ ସାଧନ ଭଜନ ପ୍ରଣାଳୀରେ କିଛି ପାର୍ଥକ୍ୟ ଅଛି ।

ଜୀବର ଯେତେ ଯାହା ସାଧନ ଭଜନ, ସବୁତକର ମୂଳପୁଞ୍ଜି ହେଉଛି ମାତ୍ର ଦୁଇଟି ଶବ୍ଦ, ଗୋଟିଏ ହେଉଛି "ମୁଁ" ଆରଟି ହେଉଛି "ତୁମେ" । ତୁମେ ଅଦ୍ୱୈତବାଦୀ ହୁଅ, ଦ୍ୱୈତବାଦୀ ହୁଅ ବା ବିଶିଷ୍ଟାଦ୍ୱୈତବାଦୀ ହୁଅ, ଏହି ଦୁଇଟି ଶବ୍ଦକୁ ମୂଳଧନ କରି ତୁମର ସାଧନଭଜନର ସବୁ କାରବାର । ହୁଏତ "ତୁମେ" ଓ "ମୁଁ" ଅଭେଦ, ନାହିଁ ତ ତୁମେ ମୋର, ମୁଁ ତୁମର କିମ୍ବା ତୁମ ଭିତରେ ମୁଁ ଓ ମୋ ଭିତରେ ତୁମେ, ଅଥବା ତୁମଠାରୁ ମୁଁ ଓ ମୋ ଠାରୁ ତୁମେ ଏହିପରି ଭାବରେ 'ତୁମେ' ଓ 'ମୁଁ' କୁ ମୂଳ କରି ଆମେ ଯେ ଯାହାର ରୁଚି, ପ୍ରକୃତି ଓ ସାମର୍ଥ୍ୟ ଅନୁସାରେ ଭଗବାନଙ୍କ ସହିତ ନାନାବିଧ ସମ୍ବନ୍ଧ ଯୋଡ଼ି ଦେଇଥାଉ । ରୁଚି ପ୍ରକୃତି ଅନୁସାରେ କାହାର ଅଭେଦ ସମ୍ବନ୍ଧ, କାହାର ଭେଦ ସମ୍ବନ୍ଧ, କାହାର ଅବା ଭେଦାଭେଦ ସମ୍ବନ୍ଧ । କେବଳ ଡାକିବା କୌଶଳରେ ଏହି ସମ୍ବନ୍ଧକୁ କେଉଁଠି "ସୋଽହଂ", କେଉଁଠି "ହଂସ"- "ଅହଂସ", ଆଉ କେଉଁଠି ବା "ଓଁ"କାରରେ ପରିଣତ କରାଯାଇଛି । ଏହି ଡାକିବା କୌଶଳକୁ ଘେନି ଯେ ଯେଉଁଠି ଯେତେ ମଜ୍ଜି ଯାଇପାରିଛି ତାର ସାଧନ ପ୍ରଣାଳୀ ସେତେ ସୂକ୍ଷ୍ମସ୍ରୋତା ହୋଇ ଆସିଛି । ବିଷୟ ବ୍ୟାପାରରେ ଗୃହୀର ଲିପ୍ତତା ବେଶି, ତାର ବହିର୍ମୁଖତା ବିକ୍ଷିପ୍ତତା ଅଧିକ, ସେହି ହେତୁ ମଜ୍ଜିଯିବାର ସୁଯୋଗ ତାର କମ୍ । ଏହି କାରଣରୁ ସନ୍ୟାସୀମାନଙ୍କ ତୁଳନାରେ ଗୃହୀର ପ୍ରଣାଳୀର ସ୍ରୋତ ଅନେକ ସମୟରେ ଟିକିଏ ସ୍ଥୁଳ ହୋଇଥାଏ । କ୍ରମଶଃ ଅଗ୍ରସର ହେବାକୁ ଲାଗିଲେ ଗୃହୀ ଏହି ସ୍ଥୁଳ ସ୍ରୋତ ଅତିକ୍ରମ କରି ସୂକ୍ଷ୍ମ ସ୍ରୋତରେ ପହଞ୍ଚିପାରନ୍ତି କିନ୍ତୁ ସନ୍ନ୍ୟାସୀ ପକ୍ଷରେ ଏ କାର୍ଯ୍ୟଟି ଆଂଶିକ ଭାବରେ ସହଜ । ଏହି କାରଣରୁ ପ୍ରାୟ ଦେଖାଯାଏ ଯେ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ନିର୍ଗୁଣ ଉପାସକ, ନିରାକାର ଉପାସକ ବା ଅଦ୍ୱୈତବାଦର ସାଧକଙ୍କ ସଂଖ୍ୟା ବେଶି ।

ଜୋର ଜବରଦସ୍ତି କରି ତ ଆଉ ସାଧନ ହୁଏନାହିଁ, ନିଜ ନିଜ ଅବସ୍ଥାର ଅନୁକୂଳ ଭାବରେ ହିଁ ଯେ ଯାହାର ଧର୍ମମତ ଓ ସାଧନ ପଥ ଗଠନ କରି ନିଅନ୍ତି। ବେଦ, କୋରାନ୍ ବା ବାଇବେଲ ତ ଧର୍ମର ପ୍ରକୃତ ଉଦ୍ଭବ ସ୍ଥାନ ନୁହେଁ; ନିଜ ନିଜର ପ୍ରକୃତି ହିଁ ଧର୍ମମତ ଓ ଧର୍ମପଥର ଜନ୍ମଭୂମି। ଜଣେ ଯେ ଗୃହୀ ହେଉଛି ଓ ଆଉ ଜଣେ ଯେ ସନ୍ନ୍ୟାସୀ ହେଉଛି, ପ୍ରକୃତିଗତ ପାର୍ଥକ୍ୟ ହିଁ ତାର ମୂଳ କାରଣ। ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ ଯେ ଗୃହୀର ଇନ୍ଦ୍ରିୟ-ଜୟ ଓ ସନ୍ନ୍ୟାସିର ଇନ୍ଦ୍ରିୟ-ଜୟ ସଂପର୍କୀୟ ଧାରଣା ମଧ୍ୟରେ ପାର୍ଥକ୍ୟ ଅଛି । ଏହି କାରଣରୁ ଗୃହୀ ଓ ସନ୍ନ୍ୟାସୀର ସାଧନ ପ୍ରଣାଳୀରେ ପାର୍ଥକ୍ୟ ରହିଛି । ଭୋଗ୍ୟ ପରତନ୍ତ୍ର ହେବ ନାହିଁ, ଅଥଚ ଭୋଗ କରିବ, ଏହାହିଁ ହେଲା ଗୃହୀର ଇନ୍ଦ୍ରିୟ-ଜୟର ସଂଜ୍ଞା କିନ୍ତୁ ଭୋଗ୍ୟ ବିଷୟରେ ଅପ୍ରବୃତ୍ତି ଓ ତଜ୍ଜନିତ ଭୋଗରହିତ୍ୟ ହେଉଛି ଗୃହତ୍ୟାଗୀର ଇନ୍ଦ୍ରିୟ-ଜୟର ସଂଜ୍ଞା। ଇନ୍ଦ୍ରିୟ-ଜୟୀ ଗୃହୀ ସନ୍ତାନଜନନ କରିବେ। କିନ୍ତୁ କାହିଁକି କରିବେ ?ନା, କଲ୍ୟାଣ-ସାଧନାକୁ ପୁରୁଷାନୁକ୍ରମିକ ଭାବରେ ପ୍ରବାହିତ ରଖିବା ଲାଗି କରିବେ । କିନ୍ତୁ ସନ୍ତାନ-ଜନନ ଇନ୍ଦ୍ରିୟଭୋଗ ସାପେକ୍ଷ। ସୁସନ୍ତାନ ଜନନ ଲାଗି ଜନକ ଓ ଜନନୀଙ୍କର ସୁପୁଷ୍ଟ ଦେହ ରସନାର ଭୋଗ ସାପେକ୍ଷ । ପୁରୁଷାନୁକ୍ରମିକ ସୌନ୍ଦର୍ଯ୍ୟବୋଧ ଓ ଶାଳୀନତାବୋଧ ବଜାୟ ରଖିବା ଲାଗି ଜନକ ଜନନୀଙ୍କର ଚକ୍ଷୁର ଭୋଗ ମଧ୍ୟ ପ୍ରୟୋଜନ । ତେଣୁ ଗୃହୀର ଇନ୍ଦ୍ରିୟଜୟ ସନ୍ନ୍ୟାସୀର ଇନ୍ଦ୍ରିୟଜୟ ଠାରୁ ପୃଥକ । ଭୋଗ୍ୟ-ପରତନ୍ତ୍ର ନ ହୋଇ ଯଦି ଭୋଗ କରାଯାଏ, ସେହି ଭୋଗ ଯଦି ପବିତ୍ର-ସଂକଳ୍ପ-ମୂଳକ ହୁଏ ଏବଂ ସଂକଳ୍ପ ପୂରଣାର୍ଥେ ଯେତିକି ପ୍ରୟୋଜନ ସେହି ଅନାସକ୍ତ ଭୋଗ ଯଦି ତଦ୍‌ତିରିକ୍ତ ନ ହୁଏ-ତେବେ ଗୃହୀର ଶ୍ରେଷ୍ଠ ଇନ୍ଦ୍ରିୟ ଜୟ ହେଲା ବୋଲି କୁହାଯିବ। କିନ୍ତୁ ସନ୍ନ୍ୟାସୀ ପାଇଁ ଇନ୍ଦ୍ରିୟ ଜୟର ମାପକାଠି ଅଲଗା। ଗୃହୀ ଇନ୍ଦ୍ରିୟ ଜୟ କରି ଚଳିବାକୁ କ୍ଷମ ନ ହେଲେ ସେଥିପାଇଁ କଠୋର ଶାସନ ନାହିଁ, କିନ୍ତୁ ସନ୍ୟାସୀ ଅକ୍ଷମ ହେଲେ ତାର ପ୍ରାୟଶ୍ଚିତ୍ତ-ଅତି କଠୋର । ଇନ୍ଦ୍ରିୟ ଘଟିତ ବ୍ୟାପାରରେ ରୁଚି ହେବା ମାତ୍ରେ ସନ୍ନ୍ୟାସୀର ବ୍ରତଚ୍ୟୁତ ହୁଏ, କ୍ରିୟା-ନିଷ୍ପତ୍ତି ତ ଦୂରର କଥା, ରମଣେଚ୍ଛା ଜାଗ୍ରତ ହେବା ମାତ୍ରକେ ସେ

ପତିତ, ସାମାନ୍ୟ ଚିତ୍ତ ବିଭ୍ରଂଶରେ ସେ ହୁଏ ଅଧମ ପାପୀ । କିନ୍ତୁ ଗୃହୀର କଣ ହୁଏ ? ରମଣେଚ୍ଛା ତ ତୁଚ୍ଛ କଥା, ସେ ଇନ୍ଦ୍ରିୟ ଘଟିତ ବ୍ୟାପାରରେ ରତ ହେଲେ ମଧ୍ୟ ସବୁ ସମୟରେ ତାହା ତ୍ରୁଟୀ ବୋଲି ବିବେଚିତ ହୁଏ ନାହିଁ, ଯେଉଁଠି ତାହା ତ୍ରୁଟୀ ବୋଲି ବିବେଚିତ ହୁଏ ସେଥିପାଇଁ କ୍ଷମା ଅଛି । ଏହି ସବୁ ପାର୍ଥକ୍ୟ ଯୋଗୁଁ ଗୃହୀ ଓ ସନ୍ୟାସୀର ସାଧନ ପ୍ରଣାଳୀରେ ପାର୍ଥକ୍ୟ ଥାଏ । ଆଉ ମଧ୍ୟ ଗୋଟିଏ କାରଣ ଅଛି, ଯେଉଁଥି ପାଇଁ ଗୃହୀର ସାଧନ ଓ ସନ୍ନ୍ୟାସୀର ସାଧନ ନିଜ ନିଜ ଆଡୁ ଦୁଇ ବିଭିନ୍ନ ଦିଗରେ ଗତିଶୀଳ ହୁଏ । ଗୃହୀର ଜୀବନ ଦ୍ୱୈତ-ଜୀବନ, ସ୍ତ୍ରୀ ସ୍ୱାମୀକୁ ଘେନି ଓ ସ୍ୱାମୀ ସ୍ତ୍ରୀକୁ ଘେନି ଜୀବନ ଯାପନ କରନ୍ତି । ଜଣକ ବିନା ଅନ୍ୟ ଜଣକର ଚଳେନାହିଁ, ଜଣକ ପ୍ରତି ଅନ୍ୟ ଜଣକର ପ୍ରେମ ନଥିଲେ ଅଧର୍ମ ଓ ଅଶାନ୍ତି ସୃଷ୍ଟି ହୁଏ । ଜଣକୁ ଅବଜ୍ଞା ବା ତୁଚ୍ଛତାଚ୍ଛଲ୍ୟ କରି ଅନ୍ୟ ଜଣକ ଚଳିପାରିବ ନାହିଁ । ଜଣକ ପାଇଁ ଅନ୍ୟ ଜଣକର ଦରଦ, ବ୍ୟାକୁଳତା ଓ ଆକର୍ଷଣ ସ୍ୱାଭାବିକ । ଅତଏବ ଗୃହୀର ଗୃହରେ ଭଗବତ-ସାଧନା ଭଙ୍ଗୀଟି ଦ୍ୱୈତବାଦ ଦ୍ୱାରା ହିଁ ପ୍ରଭାବିତ ହେବା ସ୍ୱାଭାବିକ । ନିରାକାର ଉପାସକ ହେଲେ ମଧ୍ୟ ବ୍ରାହ୍ମ ସମାଜର ଅଧିକାଂଶ ଜ୍ଞାନୀ ଏହି କାରଣରୁ ଅଦ୍ୱୈତବାଦ ଦିଗରେ ଅଗ୍ରସର ହୋଇ ନାହାନ୍ତି । ସେମାନେ ଯଦି ସନ୍ନ୍ୟାସ ବିରୁଦ୍ଧରେ ବିରୁଦ୍ଧ-ଧାରଣାଗ୍ରସ୍ତ ନ ହୋଇଥାନ୍ତେ, କାଳକ୍ରମେ ବ୍ରାହ୍ମ ସମାଜରେ ଅଦ୍ୱୈତବାଦ ଆସନ ଜମାଇ ପାରିଥାନ୍ତା, ମୁଖ୍ୟ ଭାବରେ ନ ହେଉ ପଛକେ ଅନ୍ତତଃ ଗୌଣ ଭାବରେ ପାରିଥାନ୍ତା। ଆଉ ମଧ୍ୟ ଦେଖ, ଅବିବାହିତ ସନ୍ନ୍ୟାସୀ ସମାଜରେ ଅଦ୍ୱୈତବାଦର ପ୍ରଭାବ ଖୁବ୍ ବେଶି । କାରଣ ନିଃସଙ୍ଗ ଜୀବନ ଯାପନକାରୀର ଧର୍ମ ସମ୍ବନ୍ଧୀୟ ମତବାଦ କେତେକ ପରିମାଣରେ ନିଃସଙ୍ଗ ବର୍ଗର ହେବା ସ୍ୱାଭାବିକ । ଦୈନନ୍ଦିନ ଜୀବନରେ ଯେ ନିଜ ଛଡ଼ା ଆଉ କୌଣସି ଆକର୍ଷଣୀୟ ବସ୍ତୁର ସଂସ୍ପର୍ଶରେ ନ ଆସନ୍ତି, ତାଙ୍କ ପକ୍ଷରେ ଅଦ୍ୱୈତବାଦୀ ନ ହେବା ବରଂ ଆଶ୍ଚର୍ଯ୍ୟଜନକ ହେବ । ସ୍ତ୍ରୀ ପକ୍ଷରେ ସ୍ୱାମୀ ବା ସ୍ୱାମୀ ପକ୍ଷରେ ସ୍ତ୍ରୀ ଭଳି ଆକର୍ଷଣ ବସ୍ତୁ ସଂସାରରେ ଆଉ କିଛିନାହିଁ, ଏ କଥାକୁ ଯେ ସ୍ୱୀକାର ନ କରନ୍ତି, ସେ ତାଙ୍କ ଦୈନନ୍ଦିନ ଜୀବନରେ ଏକମାତ୍ର ନିଜକୁ ହିଁ ପାଆନ୍ତି, ନିଜକୁ

ଘେନି ତାଙ୍କର ସବୁ ଘରକରଣା, ନିଜପ୍ରତି ହିଁ ତାଙ୍କର ସମଗ୍ର ପ୍ରେମ, ନିଜକୁ ଘେନି ତାଙ୍କର ସବୁ ବୁଝାମଣା । ତେଣୁ ସେ କହିଥାନ୍ତି- "କୋଽହଂ ?"-ସୋଽହଂ । ମୁଁ କିଏ ? ନାଁ, ମୁଁ ହିଁ ବ୍ରହ୍ମ ।

ଗୃହୀମାନଙ୍କ ପକ୍ଷରେ ଅଦ୍ୱୈତବାଦର ବିରୋଧୀ ମୁଁ ଆଦୌ ନୁହେଁ କିନ୍ତୁ ମୁଁ ପାତ୍ର ଦେଖି ବ୍ୟବସ୍ଥା କରିବାର ପକ୍ଷପାତୀ । ଖାଣ୍ଟି ଦ୍ୱୈତବାଦ ବା ଖାଣ୍ଟି ଅଦ୍ୱୈତବାଦ ବୋଲି କିଛି ବୋଧହୁଏ ନାହିଁ। ଦ୍ୱୈତବାଦରେ ଅଦ୍ୱୈତବାଦ ଅଛି, ଅଦ୍ୱୈତବାଦରେ ଦ୍ୱୈତବାଦ ଅଛି। କାହା ପକ୍ଷରେ ଦ୍ୱୈତ ଭାବର ଆଧିକ୍ୟ ଓ କାହା ପକ୍ଷରେ ଅଦ୍ୱୈତବାଦର ଆଧିକ୍ୟ ହେବା ସ୍ୱାଭାବିକ । ଜୀବନର କର୍ମପନ୍ଥା ସହିତ ସାଧନ-ପନ୍ଥାକୁ ମିଳାଇ ନେଇ ନ ପାରିଲେ ତ ଆଉ ଧର୍ମ ହୁଏନାହିଁ । ତେଣୁ ବିଭିନ୍ନ ଆଧାରର ଯୋଗ୍ୟତାକୁ ଚାହିଁ ବିଭିନ୍ନ ଅନୁପାତରେ ଦ୍ୱୈତ ଓ ଅଦ୍ୱୈତର ମିଶ୍ରଣ ଚିରକାଳ ଏ ଜଗତରେ ଚାଲିଥିବ । କେବଳ ଅଦ୍ୱୈତବାଦ ପାଇଁ ଅଡ଼ି ବସିବା ଏକ ପ୍ରକାର ଝୁଙ୍କ । କାରଣ , ପାତ୍ର ବିଶେଷରେ ମୁଁ ହିଁ ବ୍ରହ୍ମ-ଏହି କଥାଟା ଯେତେ elevating, ଯେତେ ennobling (ଉନ୍ନତି-ବିଧାୟକ), ତା ଅପେକ୍ଷା "ମୁଁ ତାଙ୍କର ଦାସ" କଥାଟା ମଧ୍ୟ ପାତ୍ର ବିଶେଷରେ କମ elevating, ବା କମ enno-bling ନୁହେଁ । ବିଭିନ୍ନ ବ୍ୟକ୍ତିଙ୍କର ମନ ଓ ମସ୍ତିଷ୍କର ଗଠନ ଦୃଷ୍ଟିରୁ ଦ୍ୱୈତ ବା ଅଦ୍ୱୈତଭାବର ପ୍ରାବଲ୍ୟ ବା ଅ-ପ୍ରାବଲ୍ୟ ଘଟିଥାଏ । ଯୋର କରି କେବେ କାହା ମୁଣ୍ଡରେ foreign element, (ବିରୁଦ୍ଧ ଭାବ) ପୁରାଇ ଦେବା ଠିକ୍ ନୁହେଁ। ଯେଉଁମାନେ ଦ୍ୱୈତ-ମତ ଛଡ଼ା ସାଧନ-ଭଜନତତ୍ତ୍ୱ ବୁଝି ନ ପାରନ୍ତି, ସେମାନଙ୍କ ପାଖରେ ଅଦ୍ୱୈତବାଦର ବ୍ୟାଖ୍ୟା କରିବାକୁ ହେଲେ ଦ୍ୱୈତର ଅନୁକୂଳ ଭାବରେ ଅଗ୍ରସର ହେବାକୁ ହେବ । ଦ୍ୱୈତବାଦୀ ପକ୍ଷରେ ମଧ୍ୟ ଅଦ୍ୱୈତବାଦୀ ଉପରେ ଜୋରକରି କିଛି ଲଦି ଦେବାପାଇଁ ଚେଷ୍ଟା କରିବା ସଙ୍ଗତ ନୁହେଁ । କେହି କାହା ଉପରେ ଜୋର ଜବରଦସ୍ତି କିଛି ଲଦି ଦେଇ ପ୍ରକୃତରେ ଜୟ ଲାଭ କରି ନ ପାରେ। ଦ୍ୱୈତବାଦ ଓ ଅଦ୍ୱୈତବାଦ ଦୁଇଟି ମଧ୍ୟରୁ କୌଣସି ଗୋଟିଏ ନୁହେଁ, ସାଧନ-ଭଜନ ହିଁ ଅସଲ କଥା, ଏହା ଯେତେବେଳେ ଜାଣିପାରିବ ସେତେବେଳେ

ଆଉ ବିରୋଧଜନିତ କୋଳାହଳର ଅବକାଶ ରହିବ ନାହିଁ। ଭାଗବତ ପାଠର ନାମ ସାଧନଭଜନ ନୁହେଁ, ଭାଗବତପାଠ ପ୍ରଭୃତି ସାଧନରେ ନିଷ୍ଠା-ପ୍ରବର୍ତ୍ତକ ମାତ୍ର । ବୈଦାନ୍ତିକ ତର୍କ ବିଚାର ମଧ୍ୟ ସାଧନ ନୁହେଁ, ସେ ସବୁ ତର୍କବିଚାର ଦ୍ୱାରା ସାଧନରେ ଉତ୍ସାହ ବର୍ଦ୍ଧିତହୁଏ ମାତ୍ର । ଏହି କାରଣରୁ ଭାଗବତପାଠର ପ୍ରଶସ୍ତି, ଏହି କାରଣରୁ ହିଁ ବ୍ରହ୍ମ ବିଚାରର ଆଦର । ଭାଗବତ ପାଠ ଯେଉଁଠି ସାଧନର ପରିପୋଷକ ନ ହୁଏ, ସେଠାରେ ଭାଗବତ ପାଠରେ ଧର୍ମ ହୁଏନାହିଁ, ଅଧର୍ମ ହୁଏ। ବେଦାନ୍ତବିଚାର ଯେଉଁଠି ସାଧନର ପରିପୋଷକ ନ ହୁଏ ସେଠାରେ ବେଦାନ୍ତ ବିଚାର ଦ୍ୱାରା ବନ୍ଧନମୁକ୍ତି ତ ଘଟେ ନାହିଁ, ବନ୍ଧନ ବରଂ ଦୃଢ଼ତର ହୁଏ ।

ସମାପ୍ତ

ସାଧନା ହିଁ ସୌଭାଗ୍ୟର ପ୍ରସୂତି।

-ଶ୍ରୀ ଶ୍ରୀ ସ୍ୱରୂପାନନ୍ଦ-

ନାୟମାତ୍ମା ବଳହୀନେନ ଲଭ୍ୟଃ

ଅଭିପ୍ସା

ଭିକ୍ଷାୟାଂ ନୈବ ନୈବ ଚ

ଶ୍ରୀଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ

ରଚିତ ଅମୂଲ୍ୟ ଗ୍ରନ୍ଥାବଳୀ

୧. ଗୁରୁ
୨. ଜୀବନର ପ୍ରଥମ ପ୍ରଭାତ
୩. କୁମାରୀର ପବିତ୍ରତା (ପ୍ରଥମ ଖଣ୍ଡ)
୪. କୁମାରୀର ପବିତ୍ରତା (ଦ୍ୱିତୀୟ ଖଣ୍ଡ)
୫. ଅସଂଯମର ମୂଳୋଚ୍ଛେଦ
୬. ବ୍ରହ୍ମଚର୍ଯ୍ୟ କାହିଁକି
୭. ଦିନଲିପି
୮. ସଂଯମ ସାଧନା
୯. ଅଖଣ୍ଡ ସାଧନା
୧୦. ମନ୍ତ୍ରରାଜ ଓଁକାର
୧୧. ଧୃତଂ ପ୍ରେମ୍ଣା
୧୨. ଉପାସନା
୧୩. ଜପ-ଧ୍ୟାନ-କୀର୍ତ୍ତନ
୧୪. ସମବେତ ଉପାସନା
୧୫. ବିବାହିତର ବ୍ରହ୍ମଚର୍ଯ୍ୟ

ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ

ପ୍ଲଟ୍ ନଂ.୧୭୮, ରୋଡ୍ ନଂ-୮, ୟୁନିଟ୍-୯, ଭୁବନେଶ୍ୱର